# ଧରିତ୍ରୀ
DHARITRI

ଧରିତ୍ରୀ 51 Years

ଭୁବନେଶ୍ୱର, ଶୁକ୍ରବାର, ନଭେମ୍ବର ୭/୨୦୨୫ (୧୬ ପୃଷ୍ଠା) | Bhubaneswar, Friday, November 7/2025 | Page 16 | ₹ 7.00

୫୧ଶ ଭାଗ ୩୪୧ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 51 ISSUE 341 | ମୂଲ୍ୟ ₹୭/-





**ଅକ୍ଷର ପ୍ଲେୟର ଅଫ୍ ଦି ମ୍ୟାଚ**

ଅଷ୍ଟ୍ରେଲିଆ ବିପକ୍ଷ ୪ର୍ଥ ଅନ୍ତର୍ଜାତୀୟ ଟି୨୦ରେ ପ୍ଲେୟର ଅଫ୍ ଦି ମ୍ୟାଚ ହୋଇଛନ୍ତି ଭାରତୀୟ ବୋଲର ଅକ୍ଷର ପଟେଲ। **୧୪**

**୦୨** **ରାଜସ୍ଥାନରେ ହେବ ରଶ୍ମିକା-ବିଜୟଙ୍କ ବାହାଘର**

ଦକ୍ଷିଣ ଭାରତୀୟ ଚଳଚ୍ଚିତ୍ରର ଲୋକପ୍ରିୟ ଯୋଡ଼ି ରଶ୍ମିକା ମନ୍ଦାନା ଓ ବିଜୟ ଦେବରକୋଣ୍ଡା ଫେବୃଆରୀ ୨୬ରେ ରାଜସ୍ଥାନର ଉଦୟପୁରଠାରେ ବିବାହ କରିବାକୁ ଯାଉଛନ୍ତି।




# ସାଲୁର ଘାଟିରେ ଜଳିଗଲା ଓଏସ୍ଆରଟିସି ବସ୍

■ **ବସ୍‌ରୁ ଡେଇଁ ଜୀବନ ବଞ୍ଚାଇଲେ ଡ୍ରାଇଭର, କଣ୍ଡକ୍ଟର ଓ ଯାତ୍ରୀ**

ପଟାଙ୍ଗି,୬।୧୧
(ଶରତ କୁମାର ଧଳ)





କୋରାପୁଟ ଜିଲା ସୀମାନ୍ତ ଆନ୍ଧ୍ରର ସାଲୁର ଘାଟିରେ ଗୁରୁବାର ଭୋରରୁ ଏକ ଓଏସ୍ଆର୍‌ଟିସି ବସ୍‌ରେ ନିଆଁ ଲାଗି ସମ୍ପୂର୍ଣ୍ଣ ଜଳିଯାଇଛି। ବସ୍‌ଟି ବିଜୟନଗରମ୍‌ରୁ ଜୟପୁର ଅଭିମୁଖେ ଆସୁଥିଲା। ତେବେ ନିଆଁ ଲାଗିବାବେଳେ ବସ୍ ଭିତରେ ଥିବା ୫ଜଣ ଯାତ୍ରୀ, ଡ୍ରାଇଭର ଓ କଣ୍ଡକ୍ଟର ତଳକୁ ଡେଇଁପଡ଼ି ନିଜ ଜୀବନ ରକ୍ଷା କରିପାରିଛନ୍ତି। ୩ ଘଣ୍ଟା ଧରି ଉକ୍ତ ରାସ୍ତାର ଉଭୟ ପାର୍ଶ୍ୱରେ ଗାଡ଼ିସବୁ ଅଟକିରହିଥିଲା।

ସୂଚନାନୁଯାୟୀ ୨ଦିନ ହେବ ଆନ୍ଧ୍ରର ବିଜୟନଗରମ୍‌ରୁ କୋରାପୁଟ ଜିଲା ଜୟପୁରକୁ ଏହି ଇଣ୍ଟରଷ୍ଟେଟ ବସ୍ ଚଳାଚଳ ଆରମ୍ଭ ହୋଇଥିଲା। ଗୁରୁବାର ପ୍ରାତଃ ୫ଟାରେ ବିଜୟନଗରମ୍‌ରୁ ଓଏସ୍ଆର୍‌ଟିସି ବସ୍ (ଓଡି-୧୦ଏସ୍-୬୭୫୪) ଜୟପୁର ଅଭିମୁଖେ ଆସୁଥିଲା। ଉକ୍ତ ବସ୍‌ଟି ସକାଳ ୭ଟା ୨୦ରେ ସାଲୁର ଘାଟି ଚଢ଼ିବାବେଳେ ଡେକ୍ସ ବୋର୍ଡରୁ ଶର୍ଟ ସର୍କିଟ୍ ହେବା ଫଳରେ ହଠାତ୍ ନିଆଁ ଲାଗିଯାଇଥିଲା। ବସ୍‌ରେ ଥିବା ପ୍ରାୟ ୫ଜଣ ଯାତ୍ରୀ, କଣ୍ଡକ୍ଟର ଉପେନ୍ଦ୍ର ସାହୁ ☞ପୃଷ୍ଠା-୨

# ଆର୍ଆଇ, ଅମିନ ପରୀକ୍ଷାରେ ବିଭ୍ରାଟ

**ଆରଆଇ, ଏଆର୍ଇ, ଅମିନ, ଏସ୍ଏଫ୍ଏସ୍ ଓ ଆଇସିଡିଏସ୍ ସୁପରଭାଇଜର ପରୀକ୍ଷା ଚାଲିଥିବାବେଳେ ଗୁରୁବାର କେତେକ ସେଣ୍ଟରରେ ବିଭ୍ରାଟ ଦେଖାଦେଇଛି। ଏକାଧିକ ସେଣ୍ଟରରେ ସର୍ଭର ଡାଉନ ହୋଇଥିବା ଅଭିଯୋଗ ହୋଇଛି। ଫଳରେ ନିର୍ଦ୍ଧାରିତ ସମୟଠାରୁ ବହୁ ବିଳମ୍ବରେ ପରୀକ୍ଷା ଆରମ୍ଭ ହୋଇଛି। ଏହାକୁ ନେଇ ପରୀକ୍ଷାର୍ଥୀ ଓ ଅଭିଭାବକଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି।**

## ବିଭିନ୍ନ ସେଣ୍ଟରରେ ସର୍ଭର ଡାଉନ୍, ବିଳମ୍ବରେ ଆରମ୍ଭ ହେଲା ପରୀକ୍ଷା

ଭୁବନେଶ୍ୱର, ୬।୧୧(ସୁଚିସ୍ମିତା ସାହୁ)

ଗୁରୁବାର ସକାଳ ୯ଟାରେ ପ୍ରଥମ ସିଟିଂ ପରୀକ୍ଷା ଆରମ୍ଭ ହେବାର ଥିଲା। ତେଣୁ ପରୀକ୍ଷାର୍ଥୀମାନେ ୭ଟା ୩୦ରେ ପରୀକ୍ଷା କେନ୍ଦ୍ର ଭିତରକୁ ପ୍ରବେଶ କରିବାର ଥିଲା। ମାତ୍ର ସର୍ଭର ଡାଉନ ହେବା ଦ୍ୱାରା ପରୀକ୍ଷାର୍ଥୀମାନେ ପ୍ରାୟ ଏକ ଘଣ୍ଟା ବିଳମ୍ବରେ ଅର୍ଥାତ ୮ଟା ୪୫ ବେଳକୁ କେନ୍ଦ୍ର ଭିତରକୁ ଯାଇଥିଲେ। ଭୁବନେଶ୍ୱର ମଞ୍ଚେଶ୍ୱର, ଚନ୍ଦ୍ରଶେଖରପୁର, ପଟିଆ, ନୟାପଲ୍ଲୀ, ପୁରୀର କାକଟପୁର, ବ୍ରହ୍ମପୁର ଆଦି ସ୍ଥାନଗୁଡ଼ିକରେ ଏଭଳି ସମସ୍ୟା ସୃଷ୍ଟି ହୋଇଥିବା ଦେଖାଯାଇଥିଲା। ରାଜ୍ୟର ପ୍ରାୟ ଅଧିକାଂଶ ପରୀକ୍ଷା କେନ୍ଦ୍ରରେ ସର୍ଭର ଡାଉନ ଥିବା ଜଣାପଡ଼ିଛି। ପ୍ରଥମ ସିଟିଂ ବିଳମ୍ବରେ ଆରମ୍ଭ ହୋଇଥିବାରୁ ଅନ୍ୟସବୁ ସିଟିଂ ମଧ୍ୟ ଘଣ୍ଟାଏ ଲେଖାଏ ବିଳମ୍ବରେ ଆରମ୍ଭ ହୋଇଥିଲା। ବାରମ୍ବାର ପରୀକ୍ଷାରେ ଏଭଳି ବିଭ୍ରାଟ ଦେଖାଦେଇଥିବାରୁ ପରୀକ୍ଷାର୍ଥୀମାନେ ମାନସିକ ଚିନ୍ତାରେ ରହୁଛନ୍ତି।

ସୂଚନାଯୋଗ୍ୟ, ପୂର୍ବରୁ ଏହି ପରୀକ୍ଷାକୁ ରଦ୍ଦ କରାଯାଇଥିଲା। ପରୀକ୍ଷାରେ ଅନିୟମିତତା ହୋଇଥିବା ଅଭିଯୋଗ ଆଣିବା ସହ ଚାକିରି ଆଶାୟୀ ଓ ବହୁ ସଙ୍ଗଠନ ଆନ୍ଦୋଳନକୁ ଓହ୍ଲାଇଥିଲେ। କେତେଜଣ ପରୀକ୍ଷାର୍ଥୀ ଏନେଇ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ହାଇକୋର୍ଟ ସାନି ପରୀକ୍ଷା କରିବାକୁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ।

# ଖସିଥିବା ଯୁଦ୍ଧବିମାନ ସଂଖ୍ୟା ୮କୁ ବଢ଼ାଇଲେ ଟ୍ରମ୍ପ୍

## ଭାରତ-ପାକ୍ ଅସ୍ତ୍ରବିରତି କରାଇଥିବା ନେଇ ଆମେରିକା ରାଷ୍ଟ୍ରପତି ୫୮ ଥର ଦାବି କଲେଣି: କଂଗ୍ରେସ

ନୂଆଦିଲ୍ଲୀ,୬।୧୧



ଡୋନାଲ୍ଡ ଟ୍ରମ୍ପ

ଗତ ମେ'ରେ ଭାରତୀୟ ସଶସ୍ତ୍ର ବଳ ପକ୍ଷରୁ ପାକିସ୍ତାନ ଏବଂ ପାକ୍-ଅଧିକୃତ କଶ୍ମୀର (ପିଓକେ)ରେ କରାଯାଇଥିବା 'ଅପରେଶନ୍ ସିନ୍ଦୂର' ବେଳେ ୮ ଯୁଦ୍ଧବିମାନ ଖସିଥିବା ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ କହିଛନ୍ତି। ଟ୍ରମ୍ପ୍ ପ୍ରଥମେ ୬ ଫାଇଟର ଜେଟ୍ ଖସିଥିବା ଦାବି କରିଥିଲେ। ପରବର୍ତ୍ତୀ ସମୟରେ ସେ ଏହାକୁ ୭ ବୋଲି କହିଥିବାବେଳେ ଖସିଥିବା ଯୁଦ୍ଧବିମାନ ସଂଖ୍ୟାକୁ ଏବେ ୮ରେ ପହଞ୍ଚାଇଛନ୍ତି। ଏଥିସହ ଭାରତ-ପାକିସ୍ତାନ ମଧ୍ୟରେ ଯୁଦ୍ଧବିରତି କରାଇଥିବା ନେଇ ପୁଣି ଦାବି କରିଛନ୍ତି। ଟ୍ରମ୍ପ୍ ୫୮ ଥର ଏପରି ଦାବି କରିବା ସତ୍ତ୍ୱେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପ୍ରତ୍ୟକ୍ଷ ଭାବେ ଖଣ୍ଡନ କରି ନ ଥିବାରୁ କଂଗ୍ରେସ ସମାଲୋଚନା କରିଛି।

ଏପ୍ରିଲ ୨୨ରେ ଜମ୍ମୁ-କଶ୍ମୀରର ପହଲଗାମ୍ ଆତଙ୍କବାଦୀ ଆକ୍ରମଣରେ ୨୬ ଜଣ ନିହତ ହେବା ପରେ ମେ' ୭ରେ ଭାରତ ଅପରେଶନ୍ ସିନ୍ଦୂର ଆରମ୍ଭ କରିଥିଲା। ☞ପୃଷ୍ଠା-୨


DADLS - 59



ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ



ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

**ରାଷ୍ଟ୍ର ଆରାଧନା ଓ ଦେଶପ୍ରୀତିର ଐକ୍ୟତାନ**

**'ବନ୍ଦେ ମାତରମ୍'ର**

**୧୫୦ ବର୍ଷ ପୂର୍ତ୍ତି ଉତ୍ସବ ପାଳନ**

ବନ୍ଦେ ମାତରମ୍, ବନ୍ଦେ ମାତରମ୍
ସୁଜଲାଂ ସୁଫଲାଂ ମଲୟଜ ଶୀତଲାମ୍
ଶସ୍ୟ ଶ୍ୟାମଲାମ୍ ମାତରମ୍ ।।ବନ୍ଦେ...।।

ଶୁଭ୍ରଜ୍ୟୋତ୍ସ୍ନା ପୁଲକିତ ଯାମିନୀମ୍
ଫୁଲ୍ଲ କୁସୁମିତ ଦ୍ରୁମଦଲ ଶୋଭିନୀମ୍
ସୁହାସିନୀଂ ସୁମଧୁର ଭାଷିଣୀମ୍
ସୁଖଦାଂ ବରଦାଂ ମାତରମ୍ ।।ବନ୍ଦେ...।।

କୋଟି କୋଟି କଣ୍ଠ କଲ କଲ ନିନାଦ କରାଲେ
କୋଟି କୋଟି ଭୁଜୈର୍ଧୃତ ଖରକରବାଲେ
ଅବଲା କେନୋ ମାଁ ଏତୋବୋଲେ
ବହୁବଲ ଧାରିଣୀଂ ନମାମି ତାରିଣୀମ୍
ରିପୁଦଲ ବାରିଣୀଂ ମାତରମ୍ ।।ବନ୍ଦେ...।।

ତୁମି ବିଦ୍ୟା, ତୁମି ଧର୍ମ, ତୁମି ହ୍ରିଦି, ତୁମି ମର୍ମ
ତ୍ୱମ୍ ହି ପ୍ରାଣାଃ ଶରୀରେ,
ବାହୁତେ ତୁମି ମାଁ ଶକ୍ତି ହ୍ରିଦୟେ ତୁମି ମାଁ ଭକ୍ତି
ତୋମାରେଇ ପ୍ରତିମା ଗଡ଼ି ମନ୍ଦିରେ ମନ୍ଦିରେ ।।ବନ୍ଦେ...।।

ତ୍ୱଂ ହି ଦୁର୍ଗା ଦଶ-ପ୍ରହରଣଧାରିଣୀ
କମଲା କମଲଦଲ-ବିହାରିଣୀ
ବାଣୀ ବିଦ୍ୟାଦାୟିନୀ, ନମାମି ତ୍ୱାମ୍
ନମାମି କମଲାମ୍ ଅମଲାମ୍ ଅତୁଲାମ୍
ସୁଜଲାଂ ସୁଫଲାଂ ମାତରମ୍ ।।ବନ୍ଦେ...।।

ଶ୍ୟାମଲାମ୍ ସରଲାମ୍ ସୁସ୍ମିତାମ୍ ଭୂଷିତାମ୍
ଧରଣୀମ୍ ଭରଣୀମ୍ ମାତରମ୍ । ।।ବନ୍ଦେ...।।

**୧୮୭୬ ଠାରୁ ଭାରତୀୟଙ୍କ ମଧ୍ୟରେ 'ବନ୍ଦେ ମାତରମ୍' ସୃଷ୍ଟି କରି ଆସୁଛି ଦେଶପ୍ରେମ ଏବଂ ଜାତୀୟ ଚେତନା**

ସୂଚନା ଓ ଲୋକସମ୍ପର୍କ ବିଭାଗ, ଓଡ଼ିଶା ସରକାର


# ଧାୱନ, ରାଇନାଙ୍କ ୧୧.୧୪ କୋଟିର ସମ୍ପତ୍ତି ଜବତ

ନୂଆଦିଲ୍ଲୀ,୬।୧୧(ପି.ଟି.)

**ଅନ୍‌ଲାଇନ ବେଟିଂ**



ଶିଖର ଧାୱନ ଓ ସୁରେଶ ରାଇନା

ବେଆଇନ ବେଟିଂ ଆପ ସହ ଜଡ଼ିତ ଟଙ୍କା ହେରଫେର ମାମଲାକୁ ନେଇ ଭାରତର ଦୁଇ ପୂର୍ବତନ ବ୍ୟାଟର ସୁରେଶ ରାଇନା ଓ ଶିଖର ଧାୱନଙ୍କର ସମସ୍ୟା ବଢ଼ିବାରେ ଲାଗିଛି। ଏହି ମାମଲାରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ସେମାନଙ୍କର ମୋଟ ୧୧.୧୪ କୋଟି ଟଙ୍କାର ସମ୍ପତ୍ତି ଜବତ କରିଛି।

୧Xବେଟ୍ ନାମକ ଏକ ଅନ୍‌ଲାଇନ ବେଟିଂ ଆପ୍ ବିରୋଧରେ ଚାଲିଥିବା ମାମଲାରେ ପ୍ରିଭେନଶନ ଅଫ୍ ମନି ଲଣ୍ଡରିଂ ଆକ୍ଟ (ପିଏମ୍ଏଲ୍ଏ) ଅଧୀନରେ ଧାୱନଙ୍କର ୪.୫ କୋଟି ଟଙ୍କାର ଅଚଳ ସମ୍ପତ୍ତି ଓ ରାଇନାଙ୍କର ୬.୬୪ କୋଟି ଟଙ୍କାର ଏକ ମ୍ୟୁଚୁଆଲ ଫଣ୍ଡକୁ ଜବତ କରିବା ଲାଗି ଏକ ପ୍ରୋଭିଜନାଲ ନିର୍ଦ୍ଦେଶ ଜାରି କରାଯାଇଥିଲା। ଏହି ମାମଲାରେ ଉଭୟ କ୍ରିକେଟରଙ୍କୁ ପୂର୍ବରୁ ପଚରାଉଚରା କରାଯାଇଥିଲା। ସେମାନେ ସବୁକିଛି ଜାଣିଶୁଣି ୧Xବେଟ୍ ଓ ଏହାର ସହ କମ୍ପାନୀର ପ୍ରଚାର କରିବା ପାଇଁ ବିଦେଶୀ ସଂସ୍ଥା ସହ ଚୁକ୍ତି କରିଥିବା ତଦନ୍ତରୁ ଜଣାପଡ଼ିଥିଲା। ଏହି ଦୁଇ କ୍ରିକେଟରଙ୍କ ବ୍ୟତୀତ ଯୁବରାଜ ସିଂ, ରବିନ ଉଥପ୍ପା, ଅଭିନେତା ସୋନୁ ସୁଦ୍, ଉର୍ବଶୀ ରାଉତେଲା, ମିମି ଚକ୍ରବର୍ତ୍ତୀଙ୍କୁ ମଧ୍ୟ ପଚରାଉଚରା କରାଯାଇଥିଲା।

# ଯବାନଙ୍କ ଗୁଳିରେ ୩ ମାଓବାଦୀ ନିହତ

ମାଲକାନଗିରି,୬।୧୧(ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ଼ ବିଜାପୁର ଜିଲାର ଅନାରାମ ଓ ମରିଙ୍ଗମଲ ଜଙ୍ଗଲରେ ଯବାନ ଓ ମାଓବାଦୀଙ୍କ ମଧ୍ୟରେ ଗୁଳି ବିନିମୟ ଘଟିଛି। ଯବାନଙ୍କ ଗୁଳିରେ ୩ ମାଓବାଦୀ ନିହତ ହୋଇଥିବା ସୂଚନା ମିଳିଛି। ଘଟଣାସ୍ଥଳରୁ ବ୍ୟାପକ ଅସ୍ତ୍ରଶସ୍ତ୍ର ଜବତ କରାଯାଇଛି।

ସୂଚନା ଅନୁଯାୟୀ ବିଜାପୁର ଜିଲାର ତରଲାଗୁଡ଼ା ଥାନା ଅଞ୍ଚଳ ଅନାରାମ ଓ ମରିଙ୍ଗମଲ ଜଙ୍ଗଲରେ ମାଓବାଦୀ ଦମନ ନିମନ୍ତେ ଯବାନଙ୍କ ପକ୍ଷରୁ କୋମ୍ବିଂ ଅପରେଶନ କରାଯାଉଥିଲା। ଏହି ସମୟରେ ଜଙ୍ଗଲ ମଧ୍ୟରେ ଲୁଚିରହିଥିବା ମାଓବାଦୀମାନେ ପ୍ରଥମେ ଯବାନଙ୍କ ଉପରକୁ ☞ପୃଷ୍ଠା-୨


**ଆଜିର ସମ୍ପାଦକୀୟ**

**ଟ୍ରମ୍ପ୍‌ଙ୍କ ଶାସନ**


# 'ଲୋକଙ୍କୁ ଠକିବା ପାଇଁ ମୋ ଫଟୋ ବ୍ୟବହାର କରାଯାଇଛି'

ନୂଆଦିଲ୍ଲୀ,୬।୧୧(ଏଜେନ୍ସି)

■ **୨୦ ବର୍ଷ ପୁରୁଣା ଫଟୋ, ଭାରତୀୟ ନିର୍ବାଚନ ସହ ସମ୍ପର୍କ ନାହିଁ: ବ୍ରାଜିଲ ହେୟାରଡ୍ରେସର**

■ **ରାହୁଲ ଦେଖାଇଥିବା ଭୋଟର ଆଇଡିର ମହିଳା କହିଲେ, ମୁଁ ମତଦାନ କରିଥିଲି**



ଲାରିସା ନେରିଙ୍କ ୨୦ ବର୍ଷ ତଳର ଏବଂ ଏବକାର ଫଟୋ

କଂଗ୍ରେସ ନେତା ରାହୁଲ ଗାନ୍ଧୀ ହରିୟାଣାରେ ଭୋଟ ଚୋରି ଅଭିଯୋଗ ଆଣି ବୁଧବାର ଯେଉଁ ମହିଳାଙ୍କୁ ବ୍ରାଜିଲୀୟ ମଡେଲ ବୋଲି ଦାବି କରିଥିଲେ, ସେ ପ୍ରକୃତରେ ଜଣେ ହେୟାରଡ୍ରେସର। ବ୍ରାଜିଲର ମିନାସ୍ ଗେରାଇସ୍ ନିବାସୀ ଲାରିସା ନେରି ରାହୁଲଙ୍କ ଅଭିଯୋଗକୁ ଖଣ୍ଡନ କରିବା ସହ ଭାରତୀୟ ନିର୍ବାଚନ ସହ ତାଙ୍କର କୌଣସି ସମ୍ପର୍କ ନ ଥିବା ସ୍ପଷ୍ଟ କରିଛନ୍ତି। ଲୋକଙ୍କୁ ଠକିବା ପାଇଁ ତାଙ୍କ ଫଟୋକୁ ବ୍ୟବହାର କରାଯାଇଥିବା ଲାରିସା କହିଛନ୍ତି। ସେପଟେ ଭାରତରେ ଭୋଟ ଚୋରି ବିବାଦରେ ଛନ୍ଦି ହେବା ପରେ ଉକ୍ତ ଫଟୋକୁ ଉଠାଇଥିବା ବ୍ରାଜିଲ ଫଟୋଗ୍ରାଫର ମାଥ୍ୟୁସ୍ ଫେରେରୋ ନିଜ ଇନ୍‌ଷ୍ଟାଗ୍ରାମ ଆକାଉଣ୍ଟକୁ ଡିଲିଟ୍ କରିଦେଇଛନ୍ତି।

ହେୟାରଡ୍ରେସର ଲାରିସା ନେରିଙ୍କ ଏହି ଚର୍ଚ୍ଚିତ ଫଟୋକୁ ୨୦୧୭ରେ ମାଥ୍ୟୁସ୍ ତାଙ୍କ ଅନୁମତି ନେଇ ଉଠାଇଥିଲେ। ବୁଧବାର ଲୋକସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଏକ ପ୍ରେସ୍ କନ୍‌ଫରେନ୍ସରେ ଏହି ଫଟୋ ଦେଖାଇ ମହିଳାଙ୍କୁ ବ୍ରାଜିଲର ଜଣେ ମଡେଲ ବୋଲି କହିଥିଲେ। ଏଥିସହ ସେ ୨୦୨୪ ଅକ୍ଟୋବରରେ ଅନୁଷ୍ଠିତ ହରିୟାଣା ବିଧାନସଭା ନିର୍ବାଚନ ବେଳେ ୧୦ରୁ ଊର୍ଦ୍ଧ୍ୱ ବୁଥ୍‌ରେ ଭିନ୍ନ ଭିନ୍ନ ନାମରେ ୨୨ ଥର ଭୋଟ ଦେଇଥିବା ଦାବି କରିଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ନିର୍ବାଚନ କମିଶନ (ଇସି)ଙ୍କ ସଲାସୁତୁରାରେ ହରିୟାଣାରେ ନିର୍ବାଚନ ବେଳେ ୨୫ ଲକ୍ଷ ଭୋଟ ଚୋରି ହୋଇଥିବା ରାହୁଲ ସମାଲୋଚନା କରିଥିଲେ। ଏହାର ଦିନକ ପରେ ସମ୍ପୃକ୍ତ ମହିଳା ସାମ୍ନାକୁ ଆସିଛନ୍ତି। ସେ ନିଜ ନାମ ଲାରିସା ନେରି ବୋଲି କହିଛନ୍ତି। ହେୟାରଡ୍ରେସର ଲାରିସା କହିଛନ୍ତି, ସାମାଜିକ ☞ପୃଷ୍ଠା-୨

**ସ୍ତ୍ରୀ ଛାଡ଼ି ପଳାଇବାରୁ ୫ ବର୍ଷର ଝିଅଙ୍କୁ ହତ୍ୟାକରି ସ୍ୱାମୀଙ୍କ ଆତ୍ମହତ୍ୟା**

କର୍ନାଟକର କୋଲାର ଜିଲାରେ ସ୍ତ୍ରୀ ଛାଡ଼ି ପଳାଇଯିବାରୁ ବିଚଳିତ ସ୍ୱାମୀ ହିତାହିତ ଜ୍ଞାନ ହରାଇ ତାଙ୍କର ୫ ବର୍ଷର ଝିଅକୁ ହତ୍ୟା କରିବା ପରେ ନିଜେ ଗଛରେ ଝୁଲି ଆତ୍ମହତ୍ୟା କରିଛନ୍ତି। ମୃତ ଯୁବକ ଲୋକେଶ(୩୭)ଙ୍କ ଘର ମୁଲବାଗଲ ତାଲୁକ ଅନ୍ତର୍ଗତ ମଦିୟାନୁରୁ ଗ୍ରାମରେ ଓ ତାଙ୍କ ଝିଅ ନାମ ନୀହାରିକା। ପାରିବାରିକ ବିବାଦକୁ ନେଇ ଲୋକେଶଙ୍କ ସ୍ତ୍ରୀ ତାଙ୍କୁ ଛାଡ଼ି ପଳାଇଥିଲେ। ପୋଲିସ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

## ଦିଲ୍ଲୀରେ ଆଜି



ରାଷ୍ଟ୍ରପତି ଭବନରେ ଗୁରୁବାର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ସହ ବିଶ୍ୱକପ୍ ବିଜୟୀ ମହିଳା କ୍ରିକେଟ ଟିମ୍‌ର ସଦସ୍ୟମାନେ ଫଟୋ ପୋଜ୍ ଦେଉଛନ୍ତି। (ଫଟୋ: ଚମନ ଗୌତମ)

## ଅଦିତି ମିଶ୍ରା ଜେଏନ୍‌ୟୁ ଛାତ୍ରସଂସଦ ସଭାପତି

ନୂଆଦିଲ୍ଲୀ,୬।୧୧

ଦିଲ୍ଲୀର ଜବାହରଲାଲ୍ ନେହେରୁ ବିଶ୍ୱବିଦ୍ୟାଳୟ (ଜେଏନ୍‌ୟୁ) ଛାତ୍ରସଂସଦ ନିର୍ବାଚନରେ ବାମ ଏକତା ମେଣ୍ଟ ବାଜିମାତ୍ କରିଛି। ଅଲ୍ ଇଣ୍ଡିଆ ଷ୍ଟୁଡେଣ୍ଟସ୍

**ସମସ୍ତ ୪ ଆସନରେ ବାମ ମେଣ୍ଟ ବିଜୟୀ**

ଆସୋସିଏଶନ୍ (ଏଆଇଏସ୍ଏ), ଷ୍ଟୁଡେଣ୍ଟସ୍ ଫେଡେରେଶନ ଅଫ୍ ଇଣ୍ଡିଆ (ଏସ୍ଏଫ୍ଆଇ) ଏବଂ ଡେମୋକ୍ରାଟିକ୍ ଷ୍ଟୁଡେଣ୍ଟସ୍ ଫ୍ରଣ୍ଟ (ଡିଏସ୍ଏଫ୍)କୁ ନେଇ



ଅଦିତି ମିଶ୍ରା

ଗଠିତ ବାମ ଏକତା ମେଣ୍ଟ ନିର୍ବାଚନରେ ସମସ୍ତ ୪ଟି ପଦବୀରେ ବିଜୟୀ ହୋଇଛି। ଏଆଇଏସ୍ଏର ଅଦିତି ମିଶ୍ରା ଏବିଭିପିର ବିକାଶ ପଟେଲଙ୍କୁ ୪୦୦ରୁ ଊର୍ଦ୍ଧ୍ୱ ଭୋଟ ବ୍ୟବଧାନରେ ହରାଇ ଛାତ୍ରସଂସଦ ସଭାପତି ନିର୍ବାଚିତ ହୋଇଛନ୍ତି। ମିଶ୍ରାଙ୍କୁ ୧,୮୬୧ ଭୋଟ ମିଳିଥିବାବେଳେ ପଟେଲ ୧,୪୪୭ ଭୋଟ ପାଇଛନ୍ତି। ଏସ୍ଏଫ୍ଆଇର କେ. ଗୋପିକା ଏବିଭିପିର ତନ୍ୟା କୁମାରୀଙ୍କୁ ହରାଇ ଉପସଭାପତି ନିର୍ବାଚିତ ହୋଇଛନ୍ତି। ଗୋପିକାଙ୍କୁ ୨,୯୬୬ ଭୋଟ ମିଳିଥିବାବେଳେ ତନ୍ୟା ୧,୭୩୦ ଭୋଟ ପାଇଛନ୍ତି। ସାଧାରଣ ସମ୍ପାଦକ ପଦବୀ ପାଇଁ ଜୋର୍‌ଦାର ପ୍ରତିଦ୍ୱନ୍ଦ୍ୱିତା ହୋଇଥିଲାବେଳେ ଡିଏସ୍ଏଫ୍‌ର ସୁନିଲ ଯାଦବ ଏବିଭିପିର ରାଜଶ୍ୱରକାନ୍ତ ଦୁବେଙ୍କଠାରୁ ୭୪ ଭୋଟ ବ୍ୟବଧାନରେ ବିଜୟୀ ହୋଇଛନ୍ତି। ସୁନିଲଙ୍କୁ ୧,୯୧୫ ଏବଂ ଦୁବେଙ୍କୁ ୧,୮୪୧ ଭୋଟ ମିଳିଛି। ସେହିପରି ଏଆଇଏସ୍ଏର ଡାନିଶ ଅଲି ଏବିଭିପିର ଅନୁଜ ଡାମରାଙ୍କୁ ହରାଇ ଯୁଗ୍ମ ସମ୍ପାଦକ ହୋଇଛନ୍ତି। ଡାନିଶଙ୍କୁ ୧,୯୯୧ ଭୋଟ ମିଳିଥିବାବେଳେ ଅନୁଜଙ୍କୁ ୧,୭୬୨ଟି ଭୋଟ ମିଳିଛି।

# ଆହୁରି ଶକ୍ତିଶାଳୀ ହେବେ ଆସିମ୍ ମୁନିର

**ପାକିସ୍ତାନର ଦୁର୍ବଳ ଶାସକଙ୍କ ଯୋଗୁ ସେନାମୁଖ୍ୟ ଆସିମ୍ ମୁନିର ସବଳ ହୋଇଥିଲେ। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ମୁନିରଙ୍କୁ ହ୍ୱାଇଟ୍ ହାଉସ୍‌କୁ ଡକାଇ ବାରମ୍ବାର ପ୍ରଶଂସା କରିବା ପରେ ତାଙ୍କ ଡେଣାରେ ପର ଯୋଡ଼ି ହୋଇଯାଇଥିଲା। ଏବେ ଶେହବାଜ୍ ଶରିଫ୍ ସରକାର ମେଣ୍ଟ ସହଯୋଗୀଙ୍କ ସହ ବିଚାରବିମର୍ଶ କରିବା ପରେ ପାକିସ୍ତାନର ୨୭ତମ ସମ୍ବିଧାନ ସଂଶୋଧନ କରିବାକୁ ଯାଉଛନ୍ତି, ଯଦ୍ୱାରା ଫିଲ୍ଡ ମାର୍ଶଲ ମୁନିର ଆହୁରି ଶକ୍ତିଶାଳୀ ହୋଇ ଉଭା ହେବେ। ଏହି ପଦକ୍ଷେପ ଯୋଗୁ ଦେଶରେ ମୁନିରଙ୍କ ଆଧିପତ୍ୟ ବିସ୍ତାର ସହ ସରକାରରେ ହସ୍ତକ୍ଷେପ ବୃଦ୍ଧି ପାଇବ ବୋଲି ସମାଲୋଚକମାନେ ଆଶଙ୍କା କରୁଛନ୍ତି। ମୁନିରଙ୍କ ଶକ୍ତି ବୃଦ୍ଧି ଭାରତ ପାଇଁ ମଧ୍ୟ କାଳ ହୋଇପାରେ।**

## ପାକ୍ ସେନାମୁଖ୍ୟଙ୍କ ପାଇଁ ସମ୍ବିଧାନ ସଂଶୋଧନ ପ୍ରସ୍ତାବ

ଇସ୍‌ଲାମାବାଦ,୬।୧୧

ପାକିସ୍ତାନ ସରକାର ସେନାମୁଖ୍ୟ ଓ ସଶସ୍ତ୍ର ବଳର କମାଣ୍ଡ ନିଯୁକ୍ତି ସମ୍ପର୍କିତ ସମ୍ବିଧାନର ଅନୁଚ୍ଛେଦ ୨୪୩ରେ ସଂଶୋଧନ ଆଣିବାକୁ ଯାଉଛନ୍ତି। ଏହି ୨୭ତମ ସମ୍ବିଧାନ ସଂଶୋଧନ ପରେ ସେନାକୁ ଅଧିକ କ୍ଷମତା ମିଳିବ। ଏହାଦ୍ୱାରା କେବଳ ଇସ୍‌ଲାମାବାଦରେ ନୁହେଁ, ବରଂ ବିଦେଶରେ ମଧ୍ୟ ମୁନିରଙ୍କ ପ୍ରଭାବ ବଢ଼ିବ। ପ୍ରଧାନମନ୍ତ୍ରୀ ଶେହବାଜ୍ ଶରିଫ୍‌ଙ୍କ ନେତୃତ୍ୱାଧୀନ ମେଣ୍ଟ ସରକାର ପାର୍ଲାମେଣ୍ଟରେ ଏନେଇ ଖୁବ୍‌ଶୀଘ୍ର ସଂଶୋଧନ ପ୍ରସ୍ତାବ ଆଗତ କରିବାକୁ ଯାଉଛନ୍ତି ବୋଲି ବିଲାୱଲ ଭୁଟ୍ଟୋ ଜର୍ଦ୍ଦାରିଙ୍କ ନେତୃତ୍ୱାଧୀନ ପାକିସ୍ତାନ ପିପୁଲ୍ସ ପାର୍ଟି (ପିପିପି) ପକ୍ଷରୁ ଗୁରୁବାର 'X'ରେ ସୂଚନା ଦିଆଯାଇଛି। ଉପପ୍ରଧାନମନ୍ତ୍ରୀ ଇଶାକ୍ ଡାର ମଧ୍ୟ ମଙ୍ଗଳବାର ସଂସଦର ଉଚ୍ଚ ସଦନ ସିନେଟ୍‌ରେ ଏହି ବିଷୟ ସୁନିଶ୍ଚିତ କରିଥିଲେ। ୧୯୪୭ରେ ଭାରତଠାରୁ ଅଲଗା ହୋଇ ପାକିସ୍ତାନ ଗଠନ ହେବା ପରଠାରୁ ଦେଶରେ ସାମରିକ ଅଧିକାରୀଙ୍କ ଆଧିପତ୍ୟ ରହିଆସିଛି। ଏପରି କି ଯେକୌଣସି ସମୟରେ ନିର୍ବାଚିତ ସରକାରକୁ ହଟାଇ କ୍ଷମତା ମାଡ଼ିବସିବା ସେନା ପାଇଁ ଅସମ୍ଭବ ନୁହେଁ ବୋଲି ବହୁବାର ଦେଖିବାକୁ ମିଳିଛି। ଏବେ ସେନାମୁଖ୍ୟଙ୍କୁ ଆହୁରି କ୍ଷମତା



ଆସିମ୍ ମୁନିର

ପ୍ରଦାନ କରାଗଲେ ଉକ୍ତ ଦକ୍ଷିଣ ଏସୀୟ ରାଷ୍ଟ୍ରରେ ସାମରିକ ହସ୍ତକ୍ଷେପ ବଢ଼ିବା ସହ ଜାତୀୟ ନିରାପତ୍ତା ଓ ଅର୍ଥନୀତିର ନିୟନ୍ତ୍ରଣ ସେନା ହାତକୁ ଚାଲିଯିବା ଆଶଙ୍କା କରାଯାଉଛି। ପୂର୍ବତନ ସିନେଟର ମୁସ୍ତାଫା ନୱାଜ ଖୋଖର କହିଛନ୍ତି, ପାକିସ୍ତାନରେ କମାଣ୍ଡର-ଇନ୍-ଚିଫ୍ ନାମରେ ଏକ ନୂଆ ପଦବୀ ସୃଷ୍ଟି ହେବାକୁ ଯାଉଛି। ଏହାସହ ଦେଶର ନାଗରିକ-ସାମରିକ ପଦପଦବୀରେ ଢାଞ୍ଚାଗତ ପରିବର୍ତ୍ତନ ଆସିପାରେ। ଏତିକି ନୁହେଁ, ବେସାମରିକ ପ୍ରତିଷ୍ଠାନଗୁଡ଼ିକ ମଧ୍ୟ ସେନା ଅଧୀନକୁ ଚାଲିଆସିବ, ଯଦ୍ୱାରା ପାକିସ୍ତାନର ମୂଳଦୁଆ ଦୋହଲିଯିବ ବୋଲି ଖୋଖର ସମାଲୋଚନା କରିଛନ୍ତି। ପିପିପି ସିନେଟର ରଜା ରବ୍ବାନି କହିଛନ୍ତି, ଏହି ପଦକ୍ଷେପ ଯୋଗୁ ପ୍ରାଦେଶିକ ସ୍ୱାୟତ୍ତତା ନଷ୍ଟ ହୋଇଯିବ ଏବଂ ୨୦୧୦ରେ କରାଯାଇଥିବା ୧୮ତମ ସମ୍ବିଧାନ ସଂଶୋଧନରୁ ମିଳିଥିବା ସୁଫଳ ଆଗକୁ ଶୂନ ହୋଇଯିବ।

୩୬୬ ସଦସ୍ୟ ବିଶିଷ୍ଟ ନ୍ୟାଶନାଲ ଆସେମ୍ବ୍ଲିରେ ଶରିଫ୍ ସରକାରଙ୍କ ପ୍ରତି ୨୩୩ ଏମ୍‌ପିଙ୍କ ସମର୍ଥନ ରହିଛି। ସମ୍ବିଧାନ ସଂଶୋଧନ ପ୍ରସ୍ତାବ ପାରିତ କରିବାକୁ ହେଲେ ସିନେଟ ଏବଂ ନ୍ୟାଶନାଲ ଆସେମ୍ବ୍ଲିରେ ପୃଥକ୍ ଭାବେ ଦୁଇ-ତୃତୀୟାଂଶ ସଦସ୍ୟଙ୍କ ସମର୍ଥନ ଜରୁରୀ। ତେବେ ୯୬ ସଦସ୍ୟ ବିଶିଷ୍ଟ ସିନେଟରେ ସରକାରଙ୍କୁ ୬୧ ସଦସ୍ୟଙ୍କ ସମର୍ଥନ ମିଳିବାକୁ ଥିବାବେଳେ ଅନ୍ୟୁନ ୩ ବିରୋଧୀ ମେମ୍ବରଙ୍କ ସମର୍ଥନ ଆବଶ୍ୟକ ହେବ। ମୌଲାନା ଫଜ୍‌ଲୁର ରେହମାନଙ୍କ ନେତୃତ୍ୱାଧୀନ ଜମାତ୍ ଉଲେମା-ଇ-ଇସ୍‌ଲାମ ଫଜଲ ସଂଶୋଧନ ପ୍ରସ୍ତାବକୁ ସମର୍ଥନ କରିପାରେ। ତେବେ ପାକିସ୍ତାନ ତେହରିକ୍-ଏ-ଇନ୍‌ସାନ ନେତା ହମିଦ୍ ଖାନ୍ କହିଛନ୍ତି, ପ୍ରସ୍ତାବକୁ ତାଙ୍କ ଦଳ ବିରୋଧ କରିବ। ସମ୍ବିଧାନକୁ ନଷ୍ଟ କରିବା ପାଇଁ ସରକାର ଚଳାଇଥିବା ଉଦ୍ୟମକୁ ଭଣ୍ଡୁର କରାଯିବ।

ଉଲ୍ଲେଖଯୋଗ୍ୟ, ଗତ ମେ'ରେ ଭାରତର ଅପରେଶନ୍ ସିନ୍ଦୂର ପରେ ମୁନିରଙ୍କୁ ଫିଲ୍ଡ ମାର୍ଶଲ କରାଯାଇଥିଲା। ସେବେଠୁ ପାକିସ୍ତାନ ରାଜନୀତିରେ ମୁନିରଙ୍କ ଦଖଲ ବଢ଼ିଚାଲିଥିବାରୁ ତାଙ୍କୁ ଅନେକ ବୈଶ୍ୱିକ ମଞ୍ଚରେ ଦେଖିବାକୁ ମିଳିଛି। ଆମେରିକା ରାଷ୍ଟ୍ରପତି ଟ୍ରମ୍ପ ମୁନିରଙ୍କୁ ଟ୍ରେଡ୍ ଡିଲ୍ ପାଇଁ ପ୍ରଶଂସା କରିଛନ୍ତି।

## ହୋଟେଲରେ ୭ମ ଶ୍ରେଣୀ ଛାତ୍ରୀଙ୍କୁ ଗଣବଳାତ୍କାର

ଲକ୍ଷ୍ନୌ,୬।୧୧

ୟୁପିର ଲକ୍ଷ୍ନୌରେ ଜଣେ ସପ୍ତମ ଶ୍ରେଣୀ ଛାତ୍ରୀଙ୍କ ଇନ୍‌ଷ୍ଟାଗ୍ରାମ ବନ୍ଧୁତାର ବୀଭତ୍ସ ପରିଣତି ଦେଖିବାକୁ ମିଳିଛି। ଅଭିଯୁକ୍ତ ବନ୍ଧୁତା ଆଳରେ ଛାତ୍ରୀଙ୍କୁ ଭେଟିବା ପାଇଁ ହୋଟେଲକୁ ଡକାଇ ଅନ୍ୟ ୨

**ଇନ୍‌ଷ୍ଟାଗ୍ରାମ୍ ବନ୍ଧୁଙ୍କୁ ଭେଟିବାକୁ ଯାଇଥିଲେ**

ସହଯୋଗୀଙ୍କ ସହ ଗଣବଳାତ୍କାର କରିଛନ୍ତି। ୩ ଜଣଙ୍କ ବିରୋଧରେ ପୋଲିସ ମାମଲା ରୁଜୁ କରିଥିବାବେଳେ ସେମାନଙ୍କ ମଧ୍ୟରୁ ଜଣେ ଫେରାର ହୋଇଯାଇଛନ୍ତି। ପୀଡ଼ିତାଙ୍କ ମାଆ ସରୋଜିନୀନଗର ଥାନାରେ ଅଭିଯୋଗ କରିଥିଲେ ଯେ, ଝିଅ ବିମଳ ନାମରେ ଜଣେ ଯୁବକଙ୍କ ସହ ଇନ୍‌ଷ୍ଟାଗ୍ରାମରେ ବନ୍ଧୁତା କରିଥିଲେ। ଝିଅ ଉକ୍ତ ଯୁବକଙ୍କ ସହ ଫୋନ୍‌ରେ କଥା ହେଉଥିଲେ। ଅଭିଯୁକ୍ତ ଆଗ୍ରା ଏକ୍ସପ୍ରେସ୍‌ୱେ ନିକଟରେ ରହୁଥିବା ତାଙ୍କୁ କହିଥିଲେ। ବିମଳଙ୍କ ଆମନ୍ତ୍ରଣକ୍ରମେ ଛାତ୍ରୀ ଅକ୍ଟୋବର ୧୦ ରାତି ୧୦ଟାରେ ତାଙ୍କୁ ଭେଟିବାକୁ ଘରୁ ଯାଇଥିଲେ। ଶୁଭମ୍ ଏବଂ ପୀୟୁଷଙ୍କ ସହ ବିମଳ ଏକ ସ୍କର୍ପିଓରେ ଆସି ପହଞ୍ଚିବା ପରେ ଛାତ୍ରୀଙ୍କୁ ଆଇଆଇଏମ୍ ରୋଡ୍‌ରେ ଥିବା ଏକ ହୋଟେଲକୁ ନେଇ ବଳାତ୍କାର କରିବା ସହ ଭିଡିଓ ରେକର୍ଡ କରାଇଥିଲେ।

**ଧିମେଇଲା ସର୍ଭିସ୍ ସେକ୍ଟର**

## ଅକ୍ଟୋବର ଅଭିବୃଦ୍ଧି ୫ ମାସରେ ସର୍ବନିମ୍ନ

ନୂଆଦିଲ୍ଲୀ,୬।୧୧

ଭାରତର ସେବା କ୍ଷେତ୍ର ଅଭିବୃଦ୍ଧି ଅକ୍ଟୋବରରେ ଧିମେଇଯାଇଛି। ୨୦୨୫ ଅଗଷ୍ଟରେ ୧୫ ବର୍ଷର ସର୍ବାଧିକ ଅଭିବୃଦ୍ଧି ଆସିବା ପରେ ଗତ ମାସ ନୂଆ ବ୍ୟବସାୟ ଓ ଉତ୍ପାଦନ ମନ୍ଥର ହୋଇ ୫ ମାସର ସର୍ବନିମ୍ନ ସ୍ତରକୁ ଖସିଆସିଛି। ରପ୍ତାନି ଚାହିଦା ହ୍ରାସ ସାଙ୍ଗକୁ ବୈଶ୍ୱିକ ପ୍ରତିଯୋଗିତା ବୃଦ୍ଧି ଯୋଗୁ ଏପରି ହୋଇଥିବା ଏକ ଘରୋଇ ସର୍ବେକ୍ଷଣରୁ ଜଣାପଡ଼ିଛି। ଏସ୍ଆଣ୍ଡପି ଗ୍ଲୋବାଲ ଦ୍ୱାରା ପ୍ରସ୍ତୁତ ଏଚ୍ଏସ୍‌ବିସି ଇଣ୍ଡିଆ ସର୍ଭିସେସ୍ ପର୍ଚେଜିଂ ମ୍ୟାନେଜର୍ସ ଇଣ୍ଡେକ୍ସ (ପିଏମ୍ଆଇ) ଅକ୍ଟୋବରରେ ୫୮.୯କୁ ଖସିଆସିଛି। ଏହି ସୂଚକାଙ୍କ ଅଗଷ୍ଟରେ ୬୨.୯ ଥିବାବେଳେ ସେପ୍ଟେମ୍ବରରେ ୬୦.୯ ରହିଥିଲା। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଭାରତୀୟ ସାମଗ୍ରୀ ଉପରେ ଲଦିଥିବା ୫୦% ଟାରିଫ୍ ଏବଂ ଏଚ୍-୧ବି ଭିଜା ଆବେଦନ ଦେୟ ୧ ଲକ୍ଷ ଡଲାରକୁ ବୃଦ୍ଧି ଭାରତୀୟ ସର୍ଭିସ୍ ସେକ୍ଟରକୁ ପ୍ରଭାବିତ କରିଛି। ସାମ୍ପ୍ରତିକ ଆର୍ଥିକ ଅନିଶ୍ଚିତତାର ଝଡ଼ ସତ୍ତ୍ୱେ ସେବା କ୍ଷେତ୍ର ସଂଘର୍ଷ ଜାରି ରଖିଥିବା ପିଏମ୍ଆଇ ସୂଚାଉଛି।

# ବିହାର ନିର୍ବାଚନ: ପ୍ରଥମ ପର୍ଯ୍ୟାୟରେ ୬୪.୪୬% ମତଦାନ



ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ଭୋଟ ଦେବା ପରେ ଅଙ୍ଗୁଳିର କାଳିଚିହ୍ନ ଦେଖାଉଛନ୍ତି।



ଆର୍‌ଜେଡି ମୁଖ୍ୟ ଲାଲୁ ଯାଦବ, ପୂର୍ବତନ ମୁଖ୍ୟମନ୍ତ୍ରୀ ରାବ୍ରୀ ଦେବୀ ଓ ବିରୋଧୀ ଦଳ ନେତା ତେଜସ୍ୱୀ ଯାଦବ।

ପାଟ୍ନା,୬।୧୧(ପି.ଟି.)

ବିହାର ବିଧାନସଭା ନିର୍ବାଚନର ପ୍ରଥମ ପର୍ଯ୍ୟାୟ ମତଦାନ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ମତଦାନ ହାର ୬୪.୪୬ ପ୍ରତିଶତ ରହିଥିବା ମୁଖ୍ୟ ନିର୍ବାଚନ ଅଧିକାରୀ ବିନୋଦ ସିଂ ଗୁଞ୍ଜିୟାଲ କହିଛନ୍ତି। ଏହି ପର୍ଯ୍ୟାୟରେ ୧୨୧ ଆସନରେ ୧,୩୧୪ ପ୍ରାର୍ଥୀଙ୍କ ଭାଗ୍ୟ ନିର୍ଦ୍ଧାରଣ ପାଇଁ ଭୋଟଗ୍ରହଣ ହୋଇଥିଲା। ଉପମୁଖ୍ୟମନ୍ତ୍ରୀ ବିଜୟ କୁମାର ସିହ୍ନାଙ୍କ କାର୍ ଉପରେ ଆକ୍ରମଣ ସମେତ କାଁଭାଁ ହିଂସାକାଣ୍ଡ ଘଟଣାକୁ ଛାଡ଼ିଲେ ମତଦାନ ମୋଟାମୋଟି ଭାବେ ଶାନ୍ତିପୂର୍ଣ୍ଣ ଥିଲା। ଭୋଟଗ୍ରହଣ ପାଇଁ ଗ୍ରାମାଞ୍ଚଳରେ ୩୬,୭୩୩ଟି ବୁଥ୍ ସମେତ ମୋଟ ୪୫,୩୪୧ଟି ମତଦାନ କେନ୍ଦ୍ର ସ୍ଥାପନ କରାଯାଇଥିଲା। ସକାଳ ୭ରୁ ମତଦାନ ଆରମ୍ଭ ହୋଇ ସନ୍ଧ୍ୟା ୬ଟାରେ ଶେଷ ହୋଇଛି। ବକସାର, ଫତୁହା ଏବଂ ସୂର୍ଯ୍ୟଗଡ଼ର କେତେକ ବୁଥ୍‌ରେ ଲୋକେ ଭୋଟ ବର୍ଜନ କରିଥିଲେ।

ମୁଜାଫରପୁରରେ ସର୍ବାଧିକ ୭୦.୯୬ ପ୍ରତିଶତ ମତଦାନ ହୋଇଥିବାବେଳେ ସମସ୍ତିପୁରରେ ୭୦.୬୩%, ମାଧେପୁରାରେ ୬୭.୨୧% ଭୋଟ ଗ୍ରହଣ ହୋଇଛି। ପାଟନାରେ ସର୍ବନିମ୍ନ ୫୭.୯୩% ମତଦାନ ହୋଇଥିବା ଜଣାପଡ଼ିଛି। ଏହି ପର୍ଯ୍ୟାୟରେ ଆର୍‌ଜେଡି ନେତା ତେଜସ୍ୱୀ ଯାଦବ, ଉପମୁଖ୍ୟମନ୍ତ୍ରୀ ସମ୍ରାଟ ଚୌଧରୀ ଏବଂ ବିଜୟ କୁମାର ସିହ୍ନା ଏବଂ ବହୁ ମନ୍ତ୍ରୀ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ରାଜ୍ୟରେ ୨୦ ବର୍ଷ ହେଲା କ୍ଷମତାରେ ଥିବା ଏନ୍‌ଡିଏ ଏଥର କିଛିଟା ପ୍ରତିବନ୍ଧକର ସମ୍ମୁଖୀନ ହୋଇଥିବାବେଳେ ଆର୍‌ଜେଡି-କଂଗ୍ରେସ ମେଣ୍ଟର ୧୫ ବର୍ଷର ଜଙ୍ଗଲରାଜ ବିରୋଧରେ ସୁଶାସନ ଭାବମୂର୍ତ୍ତିସହ ଏହାକୁ ଅତିକ୍ରମ କରିବାକୁ ଉଦ୍ୟମ ଚଳାଇଛି। ମୁଖ୍ୟମନ୍ତ୍ରୀ ନୀତୀଶ କୁମାରଙ୍କ ରେକର୍ଡ ସହ ୧ କୋଟି ମହିଳାଙ୍କ ଆକାଉଣ୍ଟକୁ ୧୦ ହଜର ଟଙ୍କା ଲେଖାଏ ପଠାଇବା, ୧୨୫ ୟୁନିଟ୍ ପର୍ଯ୍ୟନ୍ତ ମାଗଣା ବିଜୁଳି, ସାମାଜିକ ସୁରକ୍ଷା ପେନ୍‌ସନ ବୃଦ୍ଧି ଆଦି ଯୋଜନାର ଘୋଷଣା ସତ୍ତାବିରୋଧୀ ହାୱାକୁ ପ୍ରତିହତ କରିବାରେ ସହାୟକ ହେବ ବୋଲି ଏନ୍‌ଡିଏ ଆଶାବାଦୀ ରହିଛି। ଆର୍‌ଜେଡି ମୁଖ୍ୟ ଲାଲୁ ଯାଦବ ପରିବର୍ତ୍ତନ ପାଇଁ ଭୋଟ ମାଗିଛନ୍ତି।

## ଛାତିରେ ବୁଲ୍‌ଡୋଜର ଚଢ଼ାଇଦେବୁ: ଉପମୁଖ୍ୟମନ୍ତ୍ରୀ ସିହ୍ନା

ଲକ୍ଷୀସରାଇ,୬।୧୧

ବିହାରରେ ପ୍ରଥମ ପର୍ଯ୍ୟାୟ ଭୋଟ ଦିନ ଖୋରିଆରି ଗ୍ରାମରେ ଉପମୁଖ୍ୟମନ୍ତ୍ରୀ ବିଜୟ କୁମାର ସିହ୍ନାଙ୍କ କାର୍ ଉପରେ ମୁଖ୍ୟ ବିରୋଧୀ ଦଳ ଆର୍‌ଜେଡିର କର୍ମୀମାନେ ଆକ୍ରମଣ କରିଥିବା ସେ ଅଭିଯୋଗ କରିଛନ୍ତି। ଭୋଟରଙ୍କୁ ଭୟଭୀତ କରାଇବା ପାଇଁ ଏଭଳି ଆକ୍ରମଣ କରାଯାଇଥିବା ସିହ୍ନା କହିଛନ୍ତି। ଲକ୍ଷୀସରାଇରୁ ଚତୁର୍ଥଥର ପାଇଁ ବିଧାନସଭାକୁ ନିର୍ବାଚିତ ହେବାକୁ ଚାହୁଁଥିବା ସିହ୍ନା କହିଛନ୍ତି, ଆର୍‌ଜେଡି କର୍ମୀମାନେ ତାଙ୍କ କାର୍‌କୁ ଟେକା, ଗୋବର ଓ ଚପଲ ଫିଙ୍ଗିବା ସହ ମୁର୍ଦ୍ଦାବାଦ ସ୍ଲୋଗାନ ଦେଇଥିଲେ। ସେମାନଙ୍କ ଆକ୍ରମଣରେ ସିହ୍ନାଙ୍କ ସମର୍ଥକ ବିଭୀଷଣ କେଭଟ ଆହତ ହୋଇ ହସ୍ପିଟାଲରେ ଭର୍ତ୍ତି ହୋଇଥିବା ଅଭିଯୋଗ ହୋଇଛି। ସିହ୍ନା କହିଛନ୍ତି, ଏନ୍‌ଡିଏ ପୁଣି କ୍ଷମତାକୁ ଆସିବାକୁ ଥିବାରୁ ଆର୍‌ଜେଡି ଗୁଣ୍ଡାମାନେ ବୁଲ୍‌ଡୋଜରକୁ ଡରୁଛନ୍ତି। ମୋତେ ସେମାନଙ୍କ ଗାଁରେ ପୂରାଇ ଦେଉନାହାନ୍ତି। ଆକ୍ରମଣକାରୀ ଆର୍‌ଜେଡି ଗୁଣ୍ଡାଙ୍କ ବିରୋଧରେ ବୁଲ୍‌ଡୋଜର ନ୍ୟାୟ ଲାଗୁ ହେବ।

## ମିସ୍ ୟୁନିଭର୍ସ ପିଜେଣ୍ଟରେ ମନିକା ବିଶ୍ୱକର୍ମା

ନୂଆଦିଲ୍ଲୀ,୬।୧୧

ଥାଇଲାଣ୍ଡରେ ଚାଲିଥିବା ଚଳିତବର୍ଷର ମିସ୍ ୟୁନିଭର୍ସ ପ୍ରତିଯୋଗିତା ମଞ୍ଚରେ ରାଜସ୍ଥାନ ଗଙ୍ଗାନଗରର ୨୨ ବର୍ଷୀୟା ମନିକା ବିଶ୍ୱକର୍ମା ଭାରତରୁ ପ୍ରତିନିଧିତ୍ୱ କରୁଛନ୍ତି। ଗତ ଅଗଷ୍ଟ ୧୮ରେ ଜୟପୁରରେ ଆୟୋଜିତ ମିସ୍ ୟୁନିଭର୍ସ ଇଣ୍ଡିଆ ୨୦୨୫ରେ ଏହି ସୁନ୍ଦରୀ ମଡେଲ ସଫଳତା ହାସଲ କରିଥିଲେ। ସେ ମିସ୍ ୟୁନିଭର୍ସ ଇଣ୍ଡିଆ ୨୦୨୪ ରେଆ ସିଂଘାଙ୍କଠାରୁ ଏହି ମର୍ଯ୍ୟାଦାଜନକ ଟାଇଟଲ ଗ୍ରହଣ କରିଥିଲେ। ମନିକା ସମ୍ପ୍ରତି ଦିଲ୍ଲୀରେ ରହୁଛନ୍ତି। ଦିଲ୍ଲୀ ବିଶ୍ୱବିଦ୍ୟାଳୟରେ ରାଜନୀତି ବିଜ୍ଞାନ ଓ ଅର୍ଥନୀତିର ଶେଷବର୍ଷ ଛାତ୍ରୀ ମନିକା ନଭେମ୍ବର ୨୧ରେ ଥାଇଲାଣ୍ଡର ନୋନ୍‌ଥାବୁରିସ୍ଥିତ ପାକ୍ କ୍ରେଟ୍‌ର ଇମ୍ପାକ୍ଟ ଚ୍ୟାଲେଞ୍ଜର ହଲ୍‌ରେ ଆୟୋଜିତ ହେବାକୁ ଥିବା ୭୪ତମ ମିସ୍ ୟୁନିଭର୍ସ ପିଜେଣ୍ଟରେ ସାମିଲ ହେବେ। ଏହି ଇଭେଣ୍ଟରେ ମିସ୍ ୟୁନିଭର୍ସ ୨୦୨୪ ଡେନ୍‌ମାର୍କର ଭିକ୍ଟୋରିଆ ଥେଇଲ୍‌ଭିଗ୍ ତାଙ୍କ ଉତ୍ତରାଧିକାରୀଙ୍କୁ ମୁକୁଟ ପିନ୍ଧାଇବେ।





ଏହା ପୂର୍ବରୁ ସୁସ୍ମିତା ସେନ (୧୯୯୪), ଲାରା ଦତ୍ତା (୨୦୦୦) ଏବଂ ହର୍ନାଜ ସାନ୍ଧୁ (୨୦୨୧) ମିସ୍ ୟୁନିଭର୍ସ ପ୍ରତିଯୋଗିତାରେ ଭାରତରୁ ପ୍ରତିନିଧିତ୍ୱ କରି ଦେଶ ପାଇଁ ଗୌରବ ଆଣିଥିଲେ।

## ଅଜିତ ପାୱାରଙ୍କ ପୁଅ ସମ୍ପୃକ୍ତ ଥିବା ଜମି ଦୁର୍ନୀତିର ତଦନ୍ତ ନିର୍ଦ୍ଦେଶ

ମୁମ୍ବାଇ/ନାଗପୁର,୬।୧୧

ମହାରାଷ୍ଟ୍ର ଉପମୁଖ୍ୟମନ୍ତ୍ରୀ ଅଜିତ ପାୱାରଙ୍କ ପୁଅ ପାର୍ଥ ସମ୍ପୃକ୍ତ ଥିବା ପୁଣେର ଏକ ଜମି ଦୁର୍ନୀତି ଅଭିଯୋଗର ତଦନ୍ତ ପାଇଁ ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ୍‌ନବିସ୍ ନିର୍ଦ୍ଦେଶ ଦେଇଛନ୍ତି। ପାର୍ଥଙ୍କ ମାଲିକାନାରେ ଥିବା ଆମେଡିଆ ହୋଲ୍ଡିଂସ୍ ଏଲ୍ଏଲ୍‌ପି ୧,୮୦୪ କୋଟି ଟଙ୍କା ମୂଲ୍ୟର ଜମିକୁ ୩୦୦ କୋଟିରେ କିଣିଥିବା ଅଭିଯୋଗ



ପାର୍ଥ ପାୱାର

ପରେ ରାଜନୀତିରେ କମ୍ପନ ହୋଇଛି। ଏହି ଡିଲ୍‌ର ୨ ଦିନ ପରେ ଷ୍ଟାମ୍ପ ଡ୍ୟୁଟି ଛାଡ଼ ନିର୍ଦ୍ଦେଶ ଦିଆଯିବାରୁ ୩୦୦ କୋଟି ଟଙ୍କାର କାରବାରରେ କମ୍ପାନୀ ମାତ୍ର ୫୦୦ ଟଙ୍କା ଷ୍ଟାମ୍ପ ଡ୍ୟୁଟି ପୈଠ କରିଥିଲା। ଏଥିରୁ ସେମାନେ ବିପୁଳ ରିହାତି ପାଇଥିବା ବିରୋଧୀ ଅଭିଯୋଗ କରିଛନ୍ତି। ଅନିୟମିତତାକୁ ସରକାର ବରଦାସ୍ତ କରିବେ ନାହିଁ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

## କେନ୍ଦ୍ର ଆଭିମୁଖ୍ୟକୁ ନେଇ ସୁପ୍ରିମକୋର୍ଟ କ୍ଷୁବ୍ଧ

ନୂଆଦିଲ୍ଲୀ,୬।୧୧

**ଟ୍ରିବ୍ୟୁନାଲ ସଂସ୍କାର ଆଇନର ବୈଧତାକୁ ଚ୍ୟାଲେଞ୍ଜ**

ଟ୍ରିବ୍ୟୁନାଲ ସଂସ୍କାର ଆଇନର ସାମ୍ବିଧାନିକ ବୈଧତାକୁ ଚ୍ୟାଲେଞ୍ଜ କରି ସୁପ୍ରିମକୋର୍ଟରେ ଦାଏର ପିଟିଶନର ଶୁଣାଣି ବୃହତ୍ତର ପୀଠରେ କରାଇବା ପାଇଁ କେନ୍ଦ୍ର ସରକାର ଆବେଦନ କରିଥିବାରୁ ସର୍ବୋଚ୍ଚ ଅଦାଲତ ଗଭୀର ଅସନ୍ତୋଷ ବ୍ୟକ୍ତ କରିଛନ୍ତି।

ଟ୍ରିବ୍ୟୁନାଲ ରିଫର୍ମ୍ସ (ରେଶନାଲାଇଜେଶନ ଆଣ୍ଡ କଣ୍ଡିଶନ ଅଫ୍ ସର୍ଭିସ୍) ଆକ୍ଟ, ୨୦୨୧ର ବ୍ୟବସ୍ଥାକୁ ଚ୍ୟାଲେଞ୍ଜ କରାଯାଇଥିବାବେଳେ ଚୂଡାନ୍ତ ଶୁଣାଣି ପୂର୍ବରୁ ପିଟିଶନ୍‌ଗୁଡ଼ିକୁ ୫ ଜଣିଆ ପୀଠକୁ ପଠାଇବାକୁ ସରକାର ଅବେଦନ କରିଥିଲେ। ସରକାରଙ୍କଠାରୁ ଏଭଳି ଆଶା କରାଯାଉ ନ ଥିଲା ବୋଲି ଗତ ୩ ତାରଖରେ ପ୍ରଧାନ ବିଚାରପତି ବି.ଆର୍. ଗବଇଙ୍କ ଖଣ୍ଡପୀଠ କହିଥିଲେ। ଆର୍ଟର୍ନି ଜେନେରାଲ ଆର୍. ଭେଙ୍କଟରମଣୀଙ୍କ ଜରିଆରେ କେନ୍ଦ୍ର କରିଥିବା ଆବେଦନକୁ ଖାରଜ କରିଦେବା ପାଇଁ ଖଣ୍ଡପୀଠ ଚେତାବନୀ ଦେଇଥିଲେ। ଆର୍ଟର୍ନି ଜେନେରାଲ ମାମଲାର ଗୁରୁତ୍ୱ ଉପରେ ଯୁକ୍ତି ବାଢ଼ିବା ପରେ ଶୁକ୍ରବାର ଶୁଣାଣି ପାଇଁ ଧାର୍ଯ୍ୟ ହୋଇଥିଲା। ଆର୍ଟର୍ନି ଜେନେରାଲଙ୍କ ତରଫରୁ ଅତିରିକ୍ତ ସଲିସିଟର ଜେନେରାଲ ଐଶ୍ୱର୍ଯ୍ୟା ଭଟ୍ଟି ଗୁରୁବାର ଉପସ୍ଥିତ ହୋଇ ଶୁଣାଣି ଘୁଞ୍ଚାଇବାକୁ ଆବେଦନ କରିବାରୁ ଏହା ଅଦାଲତଙ୍କ ପ୍ରତି ଠିକ୍ ନୁହେଁ ବୋଲି ସିଜେଆଇ କହିଛନ୍ତି। ଆର୍ଟର୍ନି ଜେନେରାଲଙ୍କର ଶୁକ୍ରବାର ଅନ୍ତର୍ଜାତୀୟ ମଧ୍ୟସ୍ଥତା ଥିବାରୁ ଶୁଣାଣି ତାରିଖ ବଦଳାଇବାକୁ ଭଟ୍ଟି କହିଥିଲେ। ପୂର୍ବରୁ ୨ ଥର ଶୁଣାଣି ଘୁଞ୍ଚାଇଛୁ। ଶୁଣାଣି ତାରିଖ ନଭେମ୍ବର ୨୪ ପରେ କରିବାକୁ ଚାହୁଁଥିଲେ ସ୍ପଷ୍ଟ ଭାବେ କୁହ ବୋଲି ସିଜେଆଇ କହିଥିଲେ। ସିଜେଆଇ ଗବଇ ନଭେମ୍ବର ୨୩ରେ ଅବସର ନେବାକୁ ଯାଉଛନ୍ତି।

# ୨୦୪୭ ସୁଦ୍ଧା ୧୧ ନିୟୁତ ଟନ୍ ସୌର ବର୍ଜ୍ୟ

ନୂଆଦିଲ୍ଲୀ,୬।୧୧(ପି.ଟି.)

**ପୁନଃଚକ୍ରଣ ୩,୭୦୦ କୋଟିର ବଜାର ସୁଯୋଗ ସୃଷ୍ଟି କରିବ**

ଭାରତ ୨୦୪୭ ସୁଦ୍ଧା ପ୍ରାୟ ୧୧ ନିୟୁତ ଟନ୍ ସୌର ବର୍ଜ୍ୟ ବିଶେଷକରି କ୍ରିଷ୍ଟାଲାଇନ୍-ସିଲିକନ୍ ମଡ୍ୟୁଲ ସୃଷ୍ଟି କରିପାରେ ବୋଲି ୨ଟି ଅଧ୍ୟୟନରେ ଆକଳନ କରାଯାଇଛି। ଉକ୍ତ ବର୍ଜ୍ୟଗୁଡ଼ିକର ପରିଚାଳନା ପାଇଁ ଦେଶରେ ପାଖାପାଖି ୩୦୦ ରିସାଇକ୍ଲିଂ ପ୍ଲାଣ୍ଟ ସ୍ଥାପନର ଆବଶ୍ୟକତା ରହିଛି, ଯେଉଁଥିରେ ୪,୨୦୦ କୋଟି ଟଙ୍କା ବ୍ୟୟ କରିବାକୁ ପଡ଼ିବ ବୋଲି ଶକ୍ତି, ପରିବେଶ ଓ ଜଳ ଉପରେ ଦିଲ୍ଲୀର ଥିଙ୍କ୍ ଟ୍ୟାଙ୍କ କାଉନସିଲ୍ (ସିଇଇଡବ୍ଲ୍ୟୁ) କରିଥିବା ଅଧ୍ୟୟନରେ କୁହାଯାଇଛି। ପରିତ୍ୟକ୍ତ ସୋଲାର ପ୍ୟାନେଲଗୁଡ଼ିକରୁ ସାମଗ୍ରୀଗୁଡ଼ିକୁ ଉଦ୍ଧାର ଓ ପୁନର୍ବ୍ୟବହାର ଦ୍ୱାରା ୨୦୪୭ ବେଳକୁ ୩,୭୦୦ କୋଟି ଟଙ୍କାର ବଜାର ସୁଯୋଗ ସୃଷ୍ଟି ହୋଇପାରିବ ବୋଲି ଆକଳନ କରାଯାଇଛି। ଯଦି ଉପରୋକ୍ତ ସମ୍ଭାବନା ସତ ହୁଏ, ତେବେ ସୌର ବର୍ଜ୍ୟରୁ ଉଦ୍ଧାର ହେବାକୁ ଥିବା



ସିଲିକନ୍, ତମ୍ବା, ଆଲୁମିନିୟମ, ରୁପା ଆଦି ମୂଲ୍ୟବାନ ଧାତୁ ୨୦୪୭ ସୁଦ୍ଧା ଉକ୍ତ ସେକ୍ଟର ଉତ୍ପାଦନର ୩୮ ପ୍ରତିଶତ ଆବଶ୍ୟକତାକୁ ପୂରଣ କରିପାରିବ ଓ ନୂଆ ସମ୍ବଳ ବଦଳରେ ପୁନଃଚକ୍ରଣ ସାମଗ୍ରୀ ବ୍ୟବହାର ଦ୍ୱାରା ୩୭ ନିୟୁତ ଟନ୍ ଅଙ୍ଗାରକ ନିର୍ଗମନକୁ ରୋକାଯାଇପାରିବ ବୋଲି ଅଧ୍ୟୟନରେ କୁହାଯାଇଛି।

ସିଇଇଡବ୍ଲ୍ୟୁର ଏହି ଅଧ୍ୟୟନ ଘରୋଇ ସୋଲାର ରିସାଇକ୍ଲିଂ ଇକୋସିଷ୍ଟମ ନିର୍ମାଣ ଲାଗି ଭାରତର ପ୍ରଥମ ବିସ୍ତୃତ ରୂପରେଖ ପ୍ରଦାନ କରିଛି। ଏହା ଉଭୟ ସ୍ୱଚ୍ଛ ଶକ୍ତି ଏବଂ ଉତ୍ପାଦନରେ ଆତ୍ମନିର୍ଭର ହେବାରେ ସହାୟକ ହେବ। ଭରତର ସୌର ବିପ୍ଳବ ଏକ ନୂଆ ସ୍ୱଚ୍ଛ ଶିଳ୍ପାୟନ ସୁଯୋଗକୁ ଶକ୍ତି ଯୋଗାଇପାରିବ ବୋଲି ଅଧ୍ୟୟନରେ ସାମିଲ ହୋଇଥିବା ଋଷଭ ଜୈନ କହିଛନ୍ତି। ସ୍ୱଚ୍ଛ ଶକ୍ତି ବ୍ୟବସ୍ଥାରେ ବର୍ଜ୍ୟକୁ କମାଇବା ଓ ସମ୍ବଳର ପୁନଃବିନିଯୋଗକୁ ବଢ଼ାଇବା ଦ୍ୱାରା ଆମେ ଗୁରୁତ୍ୱପୂର୍ଣ୍ଣ ଖଣିଜଗୁଡ଼ିକୁ ଉଦ୍ଧାର କରିବା ସହ ଯୋଗାଣ ଶୃଙ୍ଖଳକୁ ମଜଭୁତ କରିବା ଓ ସ୍ୱଚ୍ଛ ନିଯୁକ୍ତି ସୃଷ୍ଟି କରିପାରିବା। ସମ୍ଭାବ୍ୟ ବର୍ଜ୍ୟକୁ ଆମେ ଦୀର୍ଘସ୍ଥାୟୀ ମୂଲ୍ୟବାନ୍ ସାମଗ୍ରୀରେ ପରିଣତ କରିପାରିବା। ଭାରତର ସ୍ଥାୟୀ ଓ ଦାୟିତ୍ୱସମ୍ପନ୍ନ ବିକାଶ ପାଇଁ ସର୍କୁଲାର ଇକୋନୋମି (ବର୍ଜ୍ୟବସ୍ତୁର ପୁନଃ ଉପଯୋଗ କରି ପରିବେଶ ସୁରକ୍ଷା ସଂକ୍ରାନ୍ତ ଅର୍ଥନୀତି) ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ସୋଲାର ରିସାଇକ୍ଲିଂ ବ୍ୟବସ୍ଥା ଏବେ ଉପଲବ୍ଧ ନ ଥିବାରୁ ପୁନଃଚକ୍ରଣକାରୀଙ୍କୁ ଟନ୍ ପ୍ରତି ୧୦ ହଜାରରୁ ୧୨ ହଜାର ଟଙ୍କା କ୍ଷତି ସହିବାକୁ ପଡୁଥିବା ଅଧ୍ୟୟନରେ କୁହାଯାଇଛି।

ଧରିତ୍ରୀ 51 Years

# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶୁକ୍ରବାର, ନଭେମ୍ବର ୭/୨୦୨୫ | Bhubaneswar, Friday, November 7/2025 | ପୃଷ୍ଠା-୧



सत्यमेव जयते
Government of India

## ରାଷ୍ଟ୍ରୀୟ ଗୀତର 150 ବର୍ଷ ପୂର୍ତ୍ତି ସମାରୋହ

# ବନ୍ଦେ ମାତରମ୍

## ରାଷ୍ଟ୍ର ଚେତନାକୁ ଜାଗ୍ରତ କରୁଥିବା ଭାବପୂର୍ଣ୍ଣ ବନ୍ଦନା

ମୁଖ୍ୟ ଅତିଥି
**ଶ୍ରୀ ନରେନ୍ଦ୍ର ମୋଦୀ**
ମାନନୀୟ ପ୍ରଧାନମନ୍ତ୍ରୀ



ତାରିଖ - 7 ନଭେମ୍ବର,2025 | ସମୟ ସକାଳ ୯ଟା 45
ସ୍ଥାନ: ଇନ୍ଦିରା ଗାନ୍ଧୀ ଇନ୍‌ଡୋର୍ ଷ୍ଟାଡିୟମ, ଦିଲ୍ଲୀ

**ମୁଖ୍ୟ କାର୍ଯ୍ୟକ୍ରମ**

ଭବ୍ୟ ସଙ୍ଗୀତ ପରିବେଷଣ - ବନ୍ଦେ ମାତରମ୍: ନାଦ ଏକମ୍, ରୂପମ୍ ଅନେକମ୍
ସ୍ୱତନ୍ତ୍ର ପ୍ରଦର୍ଶନୀ | ବନ୍ଦେ ମାତରମ୍‌ର ଇତିହାସ ଉପରେ କ୍ଷୁଦ୍ର ଚଳଚ୍ଚିତ୍ର
ସାଂସ୍କୃତିକ କାର୍ଯ୍ୟକ୍ରମ | ସ୍ମାରକ ଡାକ ଟିକଟ ଏବଂ ମୁଦ୍ରା ଉନ୍ମୋଚନ

**ଗରିମାମୟ ଉପସ୍ଥିତି**

**ଶ୍ରୀ ଗଜେନ୍ଦ୍ର ସିଂ ଶେଖାୱତ**
ମାନନୀୟ କେନ୍ଦ୍ର ସଂସ୍କୃତି ଏବଂ ପର୍ଯ୍ୟଟନ ମନ୍ତ୍ରୀ, ଭାରତ ସରକାର

**ଶ୍ରୀ ବିନୟ କୁମାର ସକ୍ସେନା**
ମାନନୀୟ ଉପରାଜ୍ୟପାଳ, ଦିଲ୍ଲୀ ଏନସିଟି ସରକାର

**ଶ୍ରୀମତୀ ରେଖା ଗୁପ୍ତା**
ମାନନୀୟ ମୁଖ୍ୟମନ୍ତ୍ରୀ, ଦିଲ୍ଲୀ, ଏନସିଟି ସରକାର

ଏହି ଐତିହାସିକ ଅବସରରେ, ଆସନ୍ତୁ ଆମେ ବହୁ ସଂଖ୍ୟାରେ ଭାଗ ନେବା
ଏବଂ ବନ୍ଦେ ମାତରମ୍‌ର ଦେଶଭକ୍ତି ଓ ରାଷ୍ଟ୍ର ଗୌରବର ଶାଶ୍ୱତ ବାର୍ତ୍ତାକୁ ପ୍ରସାର କରିବା!

7ରୁ 14 ନଭେମ୍ବର, 2025 ପର୍ଯ୍ୟନ୍ତ, ରାଷ୍ଟ୍ରଭକ୍ତିର ଉତ୍ସାହ ଓ ଉଦ୍ଦୀପନାକୁ ଆଗକୁ ବଢ଼ାଇବା ଲାଗି ଯୋଡ଼ି ହୁଅନ୍ତୁ

**ପର୍ଯ୍ୟାୟ 1**
ବନ୍ଦେ ମାତରମ୍‌କୁ ନିଜ ଶୈଳୀରେ ଗାଆନ୍ତୁ

**ପର୍ଯ୍ୟାୟ 2**
ନିଜର ଭିଡିଓ ରେକର୍ଡ କରନ୍ତୁ

**ପର୍ଯ୍ୟାୟ 3**
ନିଜର ଭିଡିଓ vandemataram150.inରେ ଅପ୍‌ଲୋଡ୍ କରନ୍ତୁ

ଡିଡି ନ୍ୟୁଜରେ ଦେଖନ୍ତୁ ସିଧାପ୍ରସାରଣ

CBC 38101/13/0031/2526

# ଆଜି କ'ଣ କେଉଁଠି

**ଭୁବନେଶ୍ୱର**
- ଏକାମ୍ର ପଦଯାତ୍ରା, ସ୍ଥାନ: ଜନତା ମଇଦାନ, ସମୟ: ସକାଳ ୯ଟା।
- 'ବନ୍ଦେ ମାତରମ୍' ୧୫୦ ବର୍ଷ ପୂର୍ତ୍ତି ଅବସରରେ ସମୂହ 'ବନ୍ଦେ ମାତରମ୍' ଗାନ, ସ୍ଥାନ: ଲୋକସେବା ଭବନ, ସମୟ: ପୂର୍ବାହ୍ନ୧୦ଟା।
- ରାଜ୍ୟ ଦକ୍ଷତା ବିକାଶ ଓ ନିଯୋଜନ କାର୍ଯ୍ୟାଳୟର ଅବସରପ୍ରାପ୍ତ କର୍ମଚାରୀ ସଂଘ ପକ୍ଷରୁ ବନ୍ଧୁମିଳନ, ସ୍ଥାନ: ଓଡ଼ିଶା ପ୍ରାଣୀ ଚିକିତ୍ସା ପରିଷଦ, ପ୍ଲଟ ଏ–୧୮, ଶହୀଦ ନଗର, ସମୟ: ପୂର୍ବାହ୍ନ ୧୦ଟା।
- ଉତ୍କଳ ମହିଳା ସମିତି ପକ୍ଷରୁ ଧାରଣା, ସ୍ଥାନ: ଲୋୟର ପିଏମ୍‌ଜି, ସମୟ: ପୂର୍ବାହ୍ନ ୧୧ଟା।
- କଳିଙ୍ଗ ସେନା ପକ୍ଷରୁ ପ୍ରତିଷ୍ଠା ଦିବସ ପାଳନ, ସ୍ଥାନ: କସ୍ତୁରବା ନାରୀ ମହଲ, ୟୁନିଟ୍ –୧, ସମୟ: ପୂର୍ବାହ୍ନ ୧୧ଟା।
- ସିଭିଲ୍ ସୋସାଇଟି ଫୋରମ୍ ଫର୍ ହ୍ୟୁମାନ ରାଇଟ୍ସ, ରାଇଟ୍ ଟୁ ଫୁଡ କ୍ୟାମ୍ପେନ୍, ଜନ ସ୍ୱାସ୍ଥ୍ୟ ଅଭିଯାନ ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ଲୋହିଆ ଭବନ, ସମୟ: ପୂର୍ବାହ୍ନ ୧୧ଟା ୩୦।
- ଏନ୍‌ସିଓଇଏର ନବମ ସର୍ବଭାରତୀୟ ସିଏମ୍‌ପିଡିଆଇ ସମ୍ମିଳନୀ, ସ୍ଥାନ: ସିଏମ୍‌ପିଡିଆଇ କଲୋନି, ଦୂରଦର୍ଶନ କେନ୍ଦ୍ର, ସମୟ: ମଧ୍ୟାହ୍ନ ୧୨ଟା ୩୦।
- ଏମ୍ସ ପକ୍ଷରୁ ତୃତୀୟ ବାର୍ଷିକ ଗବେଷଣା ଦିବସ ଏବଂ ଦ୍ୱିତୀୟ ବାର୍ଷିକ ଗବେଷଣା ସମ୍ମିଳନୀ, ସ୍ଥାନ: ଏମ୍ସ ମୁଖ୍ୟ ଅଡିଟୋରିଅମ୍, ସମୟ: ଅପରାହ୍ନ ୩ଟା।
- ଆକୃତି ପକ୍ଷରୁ ଗୀତଗୋବିନ୍ଦ, ଛାନ୍ଦ, ଚଉତିଶା ଓ ଚମ୍ପୂ ପର୍ଯ୍ୟବେକ୍ଷଣ, ଚିତ୍ର, ସଙ୍ଗୀତ, କବିତା ଓ ବିବରଣୀ ପ୍ରଦାନର ଯୁଗଳବନ୍ଦୀ ଚିତ୍ରକଳା ପ୍ରଦର୍ଶନୀ, ସ୍ଥାନ: ବୁଦ୍ଧ ପାର୍କ, ଚନ୍ଦ୍ରଶେଖରପୁର, ସମୟ: ଅପରାହ୍ନ ୪ଟା।
- ସିପିଆଇଏମ୍ ପକ୍ଷରୁ ଆଲୋଚନା ସଭା, ସ୍ଥାନ: ପାର୍ଟି ଅଫିସ୍ ପ୍ରାଙ୍ଗଣ, ୟୁନିଟ୍–୯, ସମୟ: ଅପରାହ୍ନ ୪ଟା।
- ବୃଢ଼ଙ୍ଗଗଡ଼ ବାରଙ୍ଗ ମହୋତ୍ସବ ପକ୍ଷରୁ ପାଇକ ଆଖଡ଼ାଗୀତ, ସ୍ଥାନ: ମେଡିକାଲ୍ ଛକ, ବାରଙ୍ଗ, ସମୟ: ଅପରାହ୍ନ ୫ଟା।
- ପ୍ରଦ୍ୟୁମ୍ନ ବଳଙ୍କ ୯୩ତମ ରାଜ୍ୟସ୍ତରୀୟ ଜୟନ୍ତୀ ସମାରୋହ, ସ୍ଥାନ: ପ୍ରଗତିବାଦୀ କାର୍ଯ୍ୟାଳୟ, ମଞ୍ଚେଶ୍ୱର,ସମୟ: ସନ୍ଧ୍ୟା ୫ଟା ୩୦।
- ସତ୍ୟ ନାରାୟଣ ବାଦୀ ପାଲା ମହାଯଜ୍ଞ ପକ୍ଷରୁ ବାଦୀ ପାଲା ପରିବେଷଣ, ସ୍ଥାନ: ବାଲିଅନ୍ତା ବ୍ଲକର ପ୍ରତାପରୁଦ୍ରପୁର ସ୍ଥିତ ପାଲା ମଣ୍ଡପ, ସମୟ: ସନ୍ଧ୍ୟା ୭ଟା।

**ଖୋର୍ଦ୍ଧା**
- ଜିଲାସ୍ତରୀୟ ଶିଶୁ ମହୋତ୍ସବ ସୁରଭି, ସ୍ଥାନ: ବିଜେବି ହାଇସ୍କୁଲ, ସମୟ: ପୂର୍ବାହ୍ନ ୧୦ଟା ୩୦।

**କଟକ**
- ଅନ୍ତର୍ଜାତୀୟ ଅଷ୍ଟିଓପ୍ୟାଥି ସମ୍ମିଳନୀ, ସ୍ଥାନ: ଶ୍ରୁତି ହଲ, ଶ୍ରୀଶ୍ରୀ ବିଶ୍ୱବିଦ୍ୟାଳୟ ପରିସର, ସମୟ: ସକାଳ ୯ଟା ୩୦।

**ପୁରୀ**
- ଯୋଗ ଭାରତ କାର୍ଯ୍ୟକ୍ରମର ଉଦ୍‌ଘାଟନୀ ଉତ୍ସବ, ସ୍ଥାନ: ମଙ୍ଗଳାଇ ୟୁ.ପି. ସ୍କୁଲ ପରିସର, ସମୟ: ସକାଳ ୬ଟା।

**ବାଲେଶ୍ୱର**
- ବନ୍ଦେ ମାତରମ୍ ଉତ୍ସବ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ଅଡିଟୋରିୟମ୍ ହଲ୍, ବାଲେଶ୍ୱର, ସମୟ: ସକାଳ ୯ଟା।
- ବନ୍ଦେ ମାତରମ୍ ଉତ୍ସବ, ସ୍ଥାନ: ପୋଲିସ ଲାଇନ୍ ଛକ, ବାଲେଶ୍ୱର, ସମୟ: ସକାଳ ୯ଟା ୪୫।
- ବରିଷ୍ଠ ନାଗରିକ ତୀର୍ଥ ଯାତ୍ରା ଟ୍ରେନ୍‌ର ଶୁଭାରମ୍ଭ, ସ୍ଥାନ: ରେଲଷ୍ଟେଶନ ପରିସର, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- ବ୍ଲକସ୍ତରୀୟ ମତ୍ସ୍ୟ ଓ ପ୍ରାଣୀସମ୍ପଦ କର୍ମଶାଳା, ସ୍ଥାନ: କୋଚିକୋଇଲି ପଡ଼ିଆ, ଖଇରା, ସମୟ: ପୂର୍ବାହ୍ନ ୧୦ଟା।
- ଚଉମୁଖ ଏବଂ ଡଗରା ବେଳାଭୂମିର ବିକାଶ ଦାବିରେ ସୂଚନା ଅଧିକାର ଅଭିଯାନ ବାଲିଆପାଳ ଶାଖା ପକ୍ଷରୁ ଧାରଣା, ସ୍ଥାନ: ତହସିଲ ସମ୍ମୁଖ, ବାଲିଆପାଳ, ସମୟ: ପୂର୍ବାହ୍ନ ୧୦ଟା।
- ଜିଲାସ୍ତରୀୟ ମାଣ୍ଡିଆ ଦିବସ–୨୦୨୫, ସ୍ଥାନ: ଗାନ୍ଧୀ ସ୍ମୃତି ଭବନ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା ୩୦।
- ବିଜେଡିର ପଦଯାତ୍ରା, ସ୍ଥାନ: ଗରସଙ୍ଗ, ଖଇରା, ସମୟ: ପୂର୍ବାହ୍ନ ୧୧ଟା।
- ପିପିଲି ସାହା ବନ୍ଦର ବୋଇତ ବନ୍ଦାଣ ଉତ୍ସବ ଉଦ୍‌ଯାପନ, ସ୍ଥାନ: ଆରୁହାବୃତ୍ତି–୨, ନୋଡ଼ାଲ ଉ.ପ୍ରା. ବିଦ୍ୟାଳୟ, ଭୋଗରାଇ, ସମୟ: ସନ୍ଧ୍ୟା ୬ଟା।

**ଭଦ୍ରକ**
- ଜିଲାସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା, ସ୍ଥାନ: ରେଲୱେ ପଡ଼ିଆ, ଚରମ୍ପା, ଭଦ୍ରକ, ସମୟ: ପୂର୍ବାହ୍ନ ୧୦ଟା।
- ସମୂହ ବନ୍ଦେ ମାତରମ ଗାନ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର, ଭଦ୍ରକ, ସମୟ: ପୂର୍ବାହ୍ନ ୧୦ଟା।

**କେନ୍ଦୁଝର**
- ବ୍ଲକ୍‌ସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା, ସ୍ଥାନ: ବଡ଼ବିଲ ପଞ୍ଚାୟତ ପଡ଼ିଆ , ସାହାରପଡ଼ା ବ୍ଲକ୍, ସମୟ: ପୂର୍ବାହ୍ନ ୧୦ଟା।
- ରାଷ୍ଟ୍ରୀୟ ସଙ୍ଗୀତ ବନ୍ଦେ ମାତରମର ୧୫୦ତମ ବର୍ଷର ପୂର୍ତ୍ତି ପାଳନ, ସ୍ଥାନ: ଚମ୍ପୁଆ ଏନ୍‌ଏସି, ସମୟ: ପୂର୍ବାହ୍ନ ୧୦ ଟା।
- ରାଷ୍ଟ୍ରଗାନ ବନ୍ଦେ ମାତରମ ର ୧୫୦ ବର୍ଷ ପୂର୍ତ୍ତି ଅବସରରେ ସାମୂହିକ ବନ୍ଦେ ମାତରମ ଗାନ, ସ୍ଥାନ: କେନ୍ଦୁଝର ଭାଜପା କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।

**ମୟୂରଭଞ୍ଜ**
- ଜିଲାସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି', ସ୍ଥାନ: ଶହୀଦ ସ୍ମୃତି ଭବନ, ବାରିପଦା, ସମୟ: ପୂର୍ବାହ୍ନ ୧୦ଟା।
- ମାଣ୍ଡିଆ ଦିବସ ପାଳନ, ସ୍ଥାନ:ଜିଲା ମୁଖ୍ୟ କୃଷି କାର୍ଯ୍ୟାଳୟ,ତକତପୁର ବାରିପଦା,ସମୟ: ପୂର୍ବାହ୍ନ ୧୧ଟା।
- ପଞ୍ଚାୟତ ସମିତି ଅଧିବେଶନ,ସ୍ଥାନ: ଚିତ୍ରଡ଼ାସ୍ଥିତ ବ୍ଲକ୍ କନଫରେନ୍ସ ହଲ୍, ମୋରଡ଼ା, ସମୟ: ପୂର୍ବାହ୍ନ ୧୧ଟା।
- ଚାରୁକଳା ଏକାଡେମୀ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ଜଗଧାତ୍ରୀ ମେଳା ପଡ଼ିଆ, ଭଞ୍ଜପୁର, ବାରିପଦା,ସମୟ: ସନ୍ଧ୍ୟା ୭ଟା।
- ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ:ଆଣ୍ଠୁଆ ମେଳା, ମୋରଡ଼ା,ସମୟ: ସନ୍ଧ୍ୟା ୭ଟା।

**ଢେଙ୍କାନାଳ**
- ରାଷ୍ଟ୍ରୀୟ ଗୀତ ବନ୍ଦେ ମାତରମ ସାମୂହିକ ଗାନ, ସ୍ଥାନ: ଢେଙ୍କାନାଳ ଜିଲା ପରିଷଦ ସମ୍ମିଳନୀ କକ୍ଷ, ସମୟ: ସକାଳ ୯ଟା।
- ମାଣ୍ଡିଆ ଦିବସ–୨୦୨୫, ସ୍ଥାନ: ଢେଙ୍କାନାଳ ପୁରୁଣା ଜିଲା ପରିଷଦ ହଲ୍, ସମୟ: ପୂର୍ବାହ୍ନ ୧୦ଟା।
- ଜିଲାସ୍ତରୀୟ ମଡେଲ ପାର୍ଲାମେଣ୍ଟ କାର୍ଯ୍ୟକ୍ରମ, ସ୍ଥାନ: ଢେଙ୍କାନାଳ ସଂସ୍କୃତି ଭବନ, ସମୟ: ପୂର୍ବାହ୍ନ ୧୧ଟା୩୦।

**ଅନୁଗୋଳ**
- ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର, ସ୍ଥାନ: କଣିହାଁ ପଞ୍ଚାୟତ ସମିତି କାର୍ଯ୍ୟାଳୟ, ସମୟ: ସକାଳ ୯ ଟା।
- କାର୍ତ୍ତିକେଶ୍ୱର ପୂଜା ଭସାଣି ଉତ୍ସବ, ସ୍ଥାନ: ମହୀଧରପୁର, ସମୟ: ଅପରାହ୍ନ ୪ଟା।

**ଜଗତ୍‌ସିଂହପୁର**
- କଳିଙ୍ଗ ବାଲିଯାତ୍ରା ଚତୁର୍ଥ ସନ୍ଧ୍ୟାରେ ରଙ୍ଗଶାଳା ପୁରୀ ପକ୍ଷରୁ ସାହିଯାତ ଓ ଅସୀମା ପଣ୍ଡାଙ୍କ ମ୍ୟୁଜିକାଲ ନାଇଟ୍, ସ୍ଥାନ: ବାଲିଯାତ୍ରା ମଞ୍ଚ, ନୂଆବଜାର, ପାରାଦୀପ, ସମୟ: ସନ୍ଧ୍ୟା ୬ଟା।

**କେନ୍ଦ୍ରାପଡ଼ା**
- ବାଲିଯାତ୍ରା ମହୋତ୍ସବ ଓ ରାସ ଉତ୍ସବ, ସ୍ଥାନ: ଗୋବରୀ ନଦୀ କୂଳ, ଗୁଲନଗର, କେନ୍ଦ୍ରାପଡ଼ା ସହର, ଲୁଣା ନଦୀତଟ, କଳପଡ଼ା, କେନ୍ଦ୍ରାପଡ଼ା, ମା' ମାଟିଆମଙ୍ଗଳା ପୀଠ, ବାରଗାଁ, ପଟ୍ଟାମୁଣ୍ଡାଇ, ମହାନଦୀ ଘାଟ, ବାହାକୁଦ, ମା' ରାମଚଣ୍ଡୀ ଭାଗବତ ଆଶ୍ରମ, କୋଚିଲା ଭାଗବତ ପୀଠ, ଧ୍ୟାନ ଦାସ ମଠ, ବାରଡାଙ୍ଗ, ମହାକାଳପଡ଼ା, ଶାସନୀପଡା ସେତୁ, ମାର୍ଶାଘାଇ, ଚନ୍ଦ୍ରମୌଳି ପୀଠ, ଚନ୍ଦନନଗର, ରାଜନଗର, ସମୟ: ସନ୍ଧ୍ୟା ୭ଟା।

**ଯାଜପୁର**
- ଯାଜପୁର ଜିଲାର ୧୪୧ ଜଣ ବରିଷ୍ଠ ତୀର୍ଥ ଯାତ୍ରୀଙ୍କ ଅଯୋଧ୍ୟା–ବାରଣାସୀ ଯାତ୍ରା, ସ୍ଥାନ: ବାଲେଶ୍ୱର ରେଲ୍‌ୱେ ଷ୍ଟେଶନ, ସମୟ: ପୂର୍ବାହ୍ନ ୧୧ଟା।

**ନୟାଗଡ଼**
- ବନ୍ଦେ ମାତରଂ କାର୍ଯ୍ୟକ୍ରମ, ସ୍ଥାନ: ନୟାଗଡ ମ୍ୟୁନିସିପାଲିଟି କାର୍ଯ୍ୟାଳୟ ନୂତନ ସମ୍ମିଳନୀ କକ୍ଷ, ସମୟ:ପୂର୍ବାହ୍ନ ୧୧ଟା।

**ରାୟଗଡ଼ା**
- ରାୟଗଡା ପଞ୍ଚାୟତ ସମିତି ଚତୁର୍ଦ୍ଦଶ ସମିତି ବୈଠକ, ସ୍ଥାନ: ପଞ୍ଚାୟତ ସମିତି ସଦ୍‌ଭାବନା ସଭାଗୃହ, ରାୟଗଡା, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଜିଲାସ୍ତରୀୟ ମାଣ୍ଡିଆ ଦିବସ ପାଳନ, ସ୍ଥାନ: ବିଜୁ ପଟ୍ଟନାୟକ ଅଡିଟୋରିୟମ, ରାୟଗଡା, ସମୟ: ପୂର୍ବାହ୍ନ ୧୦ଟା ୩୦।

**ନବରଙ୍ଗପୁର**
- ଜିଲାସ୍ତରୀୟ ଶିଶୁ ପ୍ରତିଭା ମହୋତ୍ସବ ସୁରଭି ଓ ଛାୟା ସଂସଦ କାର୍ଯ୍ୟକ୍ରମ, ସ୍ଥାନ: ନବରଙ୍ଗପୁର ସାଇ କଲ୍ୟାଣ ମଣ୍ଡପ, ସମୟ: ପୂର୍ବାହ୍ନ ୯ଟା ୩୦।
- ରାଷ୍ଟ୍ରୀୟ ଗୀତ ବନ୍ଦେ ମାତରମ୍‌ର ୧୫୦ ବର୍ଷ ପୂର୍ତ୍ତି ପାଳନ, ସ୍ଥାନ: ନବରଙ୍ଗପୁର ସାଇ କଲ୍ୟାଣ ମଣ୍ଡପ, ସମୟ: ପୂର୍ବାହ୍ନ ୯ଟା୩୦।
- ବ୍ଲକସ୍ତରୀୟ ମତ୍ସ୍ୟ ଓ ପ୍ରାଣସମ୍ପଦ ମେଳ, ସଚେତନତା ଓ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ନବରଙ୍ଗପୁର ପଞ୍ଚାୟତ ସାଧନା କେନ୍ଦ୍ର, ସମୟ: ପୂର୍ବାହ୍ନ ୧୦ଟା।
- ଜିଲାସ୍ତରୀୟ ମାଣ୍ଡିଆ ଦିବସ, ସ୍ଥାନ: ନବରଙ୍ଗପୁର ମିଶନ ଶକ୍ତି ସମ୍ମିଳନୀ ଗୃହ, ସମୟ:ପୂର୍ବାହ୍ନ ୧୦ଟା୩୦।
- ମା ମହାଦେଇଙ୍କ କୋଟଯାତ୍ରା, ସ୍ଥାନ: ଝରିଗାଁ ବ୍ଲକ କୁସୁମି ଗାଁ, ସମୟ: ସନ୍ଧ୍ୟା ୭ଟା।

**କୋରାପୁଟ**
- ସୁନାବେଡ଼ା ପୌରପରିଷଦ ପକ୍ଷରୁ ରାଷ୍ଟ୍ରୀୟ ଗୀତ ଗାନ କାର୍ଯ୍ୟକ୍ରମ, ସ୍ଥାନ: ସୁନାବେଡ଼ା ପୌର ପରିଷଦ ପରିସର, ସମୟ: ପୂର୍ବାହ୍ନ ୧୦ଟା।
- ଜିଲା କଳାକାର ସଂଘ ପକ୍ଷରୁ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କାର୍ଯ୍ୟକ୍ରମ, ସ୍ଥାନ: କୋରାପୁଟ ଜିଲାପାଳଙ୍କ କାର୍ଯ୍ୟାଳୟ, ସମୟ ପୂର୍ବାହ୍ନ ୧୦ଟା।
- ବ୍ଲକସ୍ତରୀୟ ପ୍ରାଣୀମେଳା, ସ୍ଥାନ: ଜୟପୁର ଶୁଭମ କଲ୍ୟାଣ ମଣ୍ଡପ, ସମୟ: ପୂର୍ବାହ୍ନ ୧୦ଟା ୩୦।

**ମାଲକାନଗିରି**
- ବ୍ଲକସ୍ତରୀୟ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର, ସ୍ଥାନ: ମାଲକାନଗିରି ବୁଟିଗୁଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ,ସମୟ: ସକାଳ ୯ଟା।
- ଦ୍ୱାଦଶ ଜିଲାସ୍ତରୀୟ ଦୌଡ଼କୁଦ ଓ କ୍ରୀଡ଼ା ପ୍ରତିଯୋଗିତା, ସ୍ଥାନ: ଏମ୍.ଭି–୭ ଜଗନ୍ନାଥପାଲ୍ଲୀ ଉଚ୍ଚ ବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ ଟା।
- ପିଏମ୍‌ଶ୍ରୀ ଯୋଜନାରେ ଷ୍ଟୁଡେଣ୍ଟ ପାର୍ଲାମେଣ୍ଟ କାର୍ଯ୍ୟକ୍ରମ, ସ୍ଥାନ: ସରକାରୀ ବାଳିକା ନୋଡାଲ ଉଚ୍ଚ ବିଦ୍ୟାଳୟ, ମାଲକାନଗିରି, ସମୟ:ପୂର୍ବାହ୍ନ ୧୦ଟା।

**ସମ୍ବଲପୁର**
- ତୃତୀୟ ସହୀଦ କୁଞ୍ଜଲ ସିଂ ସ୍ମାରକୀ ଆନ୍ତଃକ୍ଲବ ବାଳକ ଓ ପଶ୍ଚିମ ଓଡ଼ିଶାସ୍ତରୀୟ ବାଳିକା କବାଡି ଟୁର୍ନାମେଣ୍ଟର ଉଦ୍‌ଘାଟନୀ ଉତ୍ସବ, ସ୍ଥାନ : ବାଲିବନ୍ଧା ନିକଟ ବ୍ରଜମୋହନ ପାର୍କ, ସମୟ : ସକାଳ ୮ଟା।
- କାର୍ତ୍ତିକେଶ୍ୱର ପୂଜା ମହୋତ୍ସବ ଉପଲକ୍ଷେ ଆଧୁନିକ ନୃତ୍ୟ ପ୍ରତିଯୋଗିତା, ସ୍ଥାନ : ହୀରାକୁଦ ଜିଗଜାଗ କ୍ଲବ ପରିସର, ସମୟ : ପୂର୍ବାହ୍ନ ୧୦ଟାରୁ ଆରମ୍ଭ।

**ବଲାଙ୍ଗୀର**
- ଜିଲାସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି ୨୦୨୫' କାର୍ଯ୍ୟକ୍ରମ, ସ୍ଥାନ: ପୃଥ୍ୱୀରାଜ ହାଇସ୍କୁଲ, ବଲାଙ୍ଗୀର, ସମୟ: ପୂର୍ବାହ୍ନ ୧୦ଟା।

**ରାଉରକେଲା**
- ବନ୍ଦେ ମାତରମ୍ ରାଷ୍ଟ୍ରୀୟ ଗାନର ୧୫ ବର୍ଷ ପୂର୍ତ୍ତି କାର୍ଯ୍ୟକ୍ରମ, ସ୍ଥାନ: ସେକ୍ଟର–୫ ଗୁଣ୍ଡିଚା ମନ୍ଦିର, ସମୟ: ପୂର୍ବାହ୍ନ ୧୦ଟା।
- ଇନୋଭିଜନ୍ କାର୍ଯ୍ୟକ୍ରମ ଉଦ୍‌ଘାଟନୀ କାର୍ଯ୍ୟକ୍ରମ, ସ୍ଥାନ: ରାଉରକେଲା ଏନ୍‌ଆଇଟି, ସମୟ: ସନ୍ଧ୍ୟା ୬ଟା ୩୦।
- ସାଇବର କ୍ରାଇମ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ରାଉରକେଲା ଏନ୍‌ଆଇଟି ବିବିଏ ପ୍ରେକ୍ଷାଳୟ, ସମୟ: ସନ୍ଧ୍ୟା ୮ଟା।

**ସୁନ୍ଦରଗଡ଼**
- ଓଡ଼ିଶା ବାନାଞ୍ଚଳ ଉନ୍ନୟନ ପ୍ରକଳ୍ପ – ୨ୟ ପର୍ଯ୍ୟାୟର ବାର୍ଷିକ ସମୀକ୍ଷା ବୈଠକ, ସ୍ଥାନ: ବିକାଶ ଭବନ, ସମୟ: ପୂର୍ବାହ୍ନ ୧୦ଟା।
- ଜିଲାସ୍ତରୀୟ ଶିଶୁ ମହୋତ୍ସବ ସୁରଭି ଉଦ୍‌ଘାଟନୀ ସମାରୋହ, ସ୍ଥାନ:ଭବାନୀ ଶଙ୍କର ସରକାରୀ ଉଚ୍ଚ ବିଦ୍ୟାଳୟ,ସୁନ୍ଦରଗଡ,ସମୟ: ପୂର୍ବାହ୍ନ୧୦ଟା।
- ତ୍ରିଦିବସୀୟ ଖୁସି ଏବଂ ରାଜଯୋଗ ଶିବିର, ସ୍ଥାନ: ପ୍ରଭୁ ଉପହାର ରାଜଯୋଗ ଶିକ୍ଷାକେନ୍ଦ୍ର, ଏକତା ନଗର, ସମୟ: ସନ୍ଧ୍ୟା ୫ଟାରୁ ୭ଟା।

**ବରଗଡ଼**
- ଓଡ଼ିଶା ରାଜ୍ୟ ଖାଦ୍ୟ ଆୟୋଗଙ୍କ ଗସ୍ତ, ସ୍ଥାନ: ଝାରବନ୍ଧ, ସମୟ: ସକାଳ ୯ଟା।
- ବନ୍ଦେ ମାତରଂ ୧୫୦ ବର୍ଷ ପୂର୍ତ୍ତି ସମାରୋହ, ସ୍ଥାନ: ଯଦୁମଣି ପ୍ରଧାନ ଅଡିଟୋରିଅମ, ବରଗଡ଼, ସମୟ: ପୂର୍ବାହ୍ନ ୧୦ଟା।
- ପିଏମ୍‌ଶ୍ରୀ ସ୍କୁଲର ମଡେଲ ପାର୍ଲାମେଣ୍ଟ କାର୍ଯ୍ୟକ୍ରମ, ସ୍ଥାନ: ସରକାରୀ ବାଳିକା ବିଦ୍ୟାଳୟ, ବରଗଡ଼, ସମୟ: ଅପରାହ୍ନ ୨ଟା।

**କଳାହାଣ୍ଡି**
- ଜିଲା ସ୍ତରୀୟ ଶିଶୁ ସୁରଭି ଉଦ୍‌ଘାଟିତ, ସ୍ଥାନ– –ଭବାନୀପାଟଣାସ୍ଥିତ ବ୍ରଜ ମୋହନ ଉଚ୍ଚ ବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ମହାବୀର ମହୋତ୍ସବ ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: ଭବାନୀପାଟଣା ସ୍ଥିତ ମହାବୀର ସାଂସ୍କୃତିକ ଅନୁଷ୍ଠାନ, ସମୟ: ଅପରାହ୍ନ ୪ଟା।

**ବୌଦ୍ଧ**
- ବୌଦ୍ଧ ବିଜୁ ଜନତା ଦଳ ପକ୍ଷରୁ ଜନସମ୍ପର୍କ ପଦଯାତ୍ରା, ସ୍ଥାନ: ହରଭଙ୍ଗା, ସମୟ: ପୂର୍ବାହ୍ନ ୧୦ଟା।
- ଜିଲାସ୍ତରୀୟ ସୁରଭି କାର୍ଯ୍ୟକ୍ରମ, ସ୍ଥାନ: ଟାଉନ ହଲ, ବୌଦ୍ଧ, ସମୟ: ପୂର୍ବାହ୍ନ ୧୦ଟା।

**ଦେବଗଡ଼**
- ଖେଳ ମହୋତ୍ସବ, ସ୍ଥାନ: ଦେବଗଡ଼ସ୍ଥିତ ଇନ୍ଦିରା ଗାନ୍ଧୀ ଷ୍ଟାଡିୟମ, ସମୟ: ସକାଳ ୯ଟା।
- ବନ୍ଦେ ମାତରମର ୧୫୦ ବର୍ଷ ପୂର୍ତ୍ତି ପାଳନ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୦ଟା।
- ସାଇବର ଅପରାଧ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ଦେବଗଡ଼ସ୍ଥିତ ବିଜୁ ପଟ୍ଟନାୟକ ଅଡିଟୋରିୟମ୍, ସମୟ: ପୂର୍ବାହ୍ନ ୧୧ଟା ୪୦।

**ସୁବର୍ଣ୍ଣପୁର**
- ରାମଚରିତ ମାନସ ରାମାୟଣ ପରାୟଣ, ସ୍ଥାନ: ବିନିକା ଟାଉନ ହଲ, ସମୟ: ସନ୍ଧ୍ୟା ୬ଟା।

**ନୂଆପଡ଼ା**
- ସନ୍ତୋଷୀ ମନ୍ଦିର ରତ୍ନମୁଦ ଓ କଳସ ଶୋଭାଯାତ୍ରା, ସ୍ଥାନ: ଖଡିଆଳ ବ୍ଲକ ଚଚରାଭଟା ଗାଁ, ସମୟ: ସକାଳ ୭ଟା ୪୫ ଓ ଅପରାହ୍ନ ୪ଟା।
- ନୂଆପଡ଼ା ଜିଲା ବାରିକ ସମାଜ ମହାସଭା ଓ ଭବନ ଉଦଘାଟନ, ସ୍ଥାନ: ଖଡିଆଳ ବ୍ଲକ ଗଡ୍ରାମୁଣ୍ଡା ଗାଁ, ସମୟ: ସକାଳ ୮ଟା।

# ରାଜସ୍ଥାନରେ ହେବ ରଶ୍ମିକା–ବିଜୟଙ୍କ ବାହାଘର




ଦକ୍ଷିଣ ଭାରତୀୟ ଚଳଚ୍ଚିତ୍ର ଜଗତର ଲୋକପ୍ରିୟ ଯୋଡ଼ି ଅଭିନେତା ରଶ୍ମିକା ମନ୍ଦାନା ଓ ବିଜୟ ଦେବରକୋଣ୍ଡା ଖୁବ୍ ଶୀଘ୍ର ବିବାହ ବନ୍ଧନରେ ବାନ୍ଧି ହେବାକୁ ଯାଉଛନ୍ତି। ଖବର ଅନୁଯାୟୀ, ରାଜସ୍ଥାନର ଉଦୟପୁରଠାରେ ୨୦୨୬ ଫେବୃଆରୀ ୨୬ରେ ଦୁହେଁ ବିବାହ କରିବାକୁ ଯୋଜନା କରୁଛନ୍ତି। ଗତ ମାସ (ଅକ୍ଟୋବର)୩ ତାରିଖରେ ବିଜୟଙ୍କ ହାଇଦ୍ରାବାଦସ୍ଥିତ ବାସଭବନରେ କେବଳ ପରିବାର ଏବଂ ବନ୍ଧୁଙ୍କ ଉପସ୍ଥିତିରେ ଏହି ଦୁଇ ତାରକାଙ୍କ ନିର୍ବନ୍ଧ ଗୋପନରେ ହୋଇସାରିଛି। ରଶ୍ମିକା ନିକଟରେ ରିଲିଜ ହୋଇଥିବା ତାଙ୍କ ବଲିଉଡ୍ ଚଳଚ୍ଚିତ୍ର 'ଥମ୍ମା'ର ପ୍ରମୋଶନବେଳେ ତାଙ୍କ ନିର୍ବନ୍ଧ ବିଷୟରେ ପଚରାଯିବାରୁ ଉତ୍ତର ଦେଇଥିଲେ, 'ଏ ବିଷୟରେ ସମସ୍ତେ ଜାଣିଛନ୍ତି।' ତାଙ୍କର ଏହି ମନ୍ତବ୍ୟ ଉକ୍ତ ଖବରକୁ ଆହୁରି ଦୃଢ଼ କରିଛି।ବିଜୟଙ୍କ ନିକଟତମ ସୂତ୍ରରୁ ଜଣାପଡ଼ିଛି, ଆସନ୍ତା ବର୍ଷ ବିବାହ ପାଇଁ ପ୍ରସ୍ତୁତି ଆରମ୍ଭ ହୋଇସାରିଛି। ବିବାହ ସମାରୋହରେ ଉଭୟଙ୍କ ସାଂସ୍କୃତିକ ପୃଷ୍ଠଭୂମିକୁ ପ୍ରତିଫଳିତ କରିବା ପାଇଁ ଦକ୍ଷିଣ ଭାରତୀୟ ଏବଂ ରାଜସ୍ଥାନୀ ରୀତିନୀତିର ସମ୍ମିଶ୍ରଣ ଦେଖିବାକୁ ମିଳିବ।

ଉଲ୍ଲେଖଯୋଗ୍ୟ, ରଶ୍ମିକା ଓ ବିଜୟଙ୍କୁ ଏକା ପ୍ରକାର ହୀରା ମୁଦି ପିନ୍ଧିଥିବାର ଦେଖାଯିବା ପରେ ଅକ୍ଟୋବରରେ ସେମାନଙ୍କ ନିର୍ବନ୍ଧ ବିଷୟରେ ଗୁଜବ ସୃଷ୍ଟି ହୋଇଥିଲା। ୨୦୧୮ର ସୁପରହିଟ୍ ଫିଲ୍ମ 'ଗୀତା ଗୋବିନ୍ଦମ' ଏବଂ ୨୦୧୯ର 'ଡିଅର୍ କମ୍ରେଡ୍' ଚଳଚ୍ଚିତ୍ରରେ ଏକାଠି କାମ କରିବା ପରେ ଏ ଦୁହିଁ ତାରକାଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଆରମ୍ଭ ହୋଇଥିବା କୁହାଯାଉଛି।

# ଠଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା–ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଅଣ୍ଟା ଭଙ୍ଗା ହୋଇ ଯେବଣ ଦାରୁ,**
**ପୁଇଁ ହୋଇକରି ଯେଉଁ କଖାରୁ,**
**ଅଣ୍ଟାରେ ବାରୁ –ଏ ତିନିହେଁ ମାରୁ।**

ମଝିରୁ ଭାଙ୍ଗ ବା ଅଙ୍କାବଙ୍କା ହୋଇ ବଢୁଥିବା ଗଛଟି କୌଣସି କାମରେ ଲାଗିପାରି ନ ଥାଏ। ପଚି ଯାଇଥିବା ପାଣିକଖାରୁ ଅଲୋଡ଼ା ହୋଇଥାଏ। ସେହିପରି ପାଣିବୋହୁଥିବା ମହିଳାଙ୍କ ଅଣ୍ଟା କାରୁ ପରି ହେବା ନିରର୍ଥକ ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

**ଅଦୃଷ୍ଟେ ଅଛି ତୋର କୋଚିଲା ଫୁଲ;**
**ଭୁଞ୍ଜି ବସି ତୁ କିମ୍ପା ହେଉ ବିକଳ।**

ଯାହା ଭାଗ୍ୟରେ ଯାହା ଥିବ, ସେଇ ଫଳ ହିଁ ସେ ଭୋଗ କରିବ। ସେଥିପାଇଁ ବ୍ୟାକୁଳ ହେବାର କିଛି ମୂଲ୍ୟ ନାହିଁ ବୋଲି ଏଠାରେ ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ – ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ




ଗୁରୁବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

## ପ୍ରଥମ ପୃଷ୍ଠାରୁ...

### ଖସିଥିବା ଯୁଦ୍ଧବିମାନ...

ଏହି ସାମରିକ ଅଭିଯାନରେ ପାକିସ୍ତାନ ଏବଂ ପିଓକେରେ ଶତାଧିକ ଆତଙ୍କବାଦୀଙ୍କୁ ନିପାତ କରି ସେମାନଙ୍କ ଭିତ୍ତିଭୂମିକୁ ଧ୍ୱସ୍ତବିଧ୍ୱସ୍ତ କରାଯାଇଥିବା ଶାସକ ଦଳ ନେତା ଓ ସାମରିକ ଅଧିକାରୀମାନେ କହିଥିଲେ। ମେ' ୧୦ରେ ଆମେରିକା ରାଷ୍ଟ୍ରପତି ଟ୍ରମ୍ପ ତାଙ୍କ ହସ୍ତକ୍ଷେପ କ୍ରମେ ଭାରତ–ପାକିସ୍ତାନ ମଧ୍ୟରେ ଶାନ୍ତି ପାଇଁ ମଧ୍ୟସ୍ଥତା କରିଥିବା ଦାବି କରିଥିଲେ। ଏହା ପରେ ମଧ୍ୟ ସେ ଅନେକ ଥର ଅନୁରୂପ ଦାବି କରିଆସିଛନ୍ତି। ମିଆମିରେ ବୁଧବାର ଆମେରିକୀୟ ବିଜ୍‌ନେସ୍ ଫୋରମ୍‌ରେ ଯୋଗଦେଇ ଟ୍ରମ୍ପ କହିଛନ୍ତି, ସେ ଉଚ୍ଚ ଟାରିଫ୍ ସହ ଟ୍ରେଡ୍ ଡିଲ୍ ରଦ୍ଦ କରିବା ଭୟ ଦେଖାଇବା ପରେ ଯାଇ ୨ ଆଣବିକ ଶକ୍ତିସମ୍ପନ୍ନ ରାଷ୍ଟ୍ର ଶାନ୍ତି ପାଇଁ ରାଜି ହୋଇଥିଲେ। ଟ୍ରମ୍ପ ଯେଉଁ ୮ ଯୁଦ୍ଧବିରତିର ଶ୍ରେୟ ନେବାକୁ ଉଦ୍ୟମ କରୁଛନ୍ତି, ତନ୍ମଧ୍ୟରେ ଭାରତ–ପାକିସ୍ତାନ ଏପିସୋଡ୍ ଅନ୍ତର୍ଭୁକ୍ତ। ଜାନୁଆରୀ ୨୦ରେ ଟ୍ରମ୍ପ ଦ୍ୱିତୀୟ ଥର ରାଷ୍ଟ୍ରପତି ହେବା ପରଠୁ କୋସୋଭୋ–ସର୍ବିଆ, କଙ୍ଗୋ–ରୁୱାଣ୍ଡା, ଇସ୍ରାଏଲ୍–ହମାସ୍ ଓ ଭାରତ–ପାକିସ୍ତାନ ସମେତ ୮ ଯୁଦ୍ଧକୁ ବନ୍ଦ କରାଇଥିବା ସେ କହିବା ସହ ନିଜକୁ ଜଣେ ଗ୍ଲୋବାଲ ପିସ୍‌ମେକର ଭାବେ ଉପସ୍ଥାପନ ଉଦ୍ୟମ କରିଛନ୍ତି।

ଟ୍ରମ୍ପ ଆହୁରି କହିଛନ୍ତି, ସେ ଟାରିଫ୍ କଥା କହିବା ପରେ ଦିଲ୍ଲୀ ଓ ଇସ୍‌ଲାମାବାଦ ଏହି ଚେତାବନୀକୁ ବିରୋଧ କରିଥିଲେ। ସଂଘର୍ଷ ସହ ଟ୍ରେଡ୍ ଡିଲ୍‌ର କୌଣସି ସମ୍ପର୍କ ନାହିଁ ବୋଲି ଦୁଇଦେଶ କହିଥିଲେ। ତେବେ ସେ ପୁଣି ଟାରିଫ୍ ଭୟ ଦେଖାଇବା ପରେ ଭାରତ, ପାକିସ୍ତାନ ସଂଘର୍ଷ ବନ୍ଦ ପାଇଁ ସହମତି ପ୍ରକାଶ କରିଥିବା ଟ୍ରମ୍ପ ଦାବି କରିଛନ୍ତି। ଅନ୍ୟପକ୍ଷେ ପାକିସ୍ତାନୀ କମାଣ୍ଡରମାନଙ୍କ ଅନୁରୋଧକ୍ରମେ ଦୁଇଦେଶ ମଧ୍ୟରେ ଡାଇରେକ୍ଟର ଜେନେରାଲ ଅଫ୍ ମିଲିଟାରି ଅପରେଶନ୍ (ଡିଜିଏମ୍‌ଓ)ସ୍ତରୀୟ ଆଲୋଚନା ହୋଇଥିବା ଭାରତ କହିଆସୁଛି। ଟ୍ରମ୍ପ ୬୦ ଥର ଏଭଳି ଦାବି କରିଥିବା ନେଇ ଆମେରିକୀୟ ରିପୋର୍ଟଗୁଡ଼ିକରେ ପ୍ରକାଶ ପାଇଛି। ଏନେଇ କଂଗ୍ରେସ ପୁଣିଥରେ ପ୍ରଧାନମନ୍ତ୍ରୀ ମୋଦିଙ୍କୁ ଟାର୍ଗେଟ କରିଛି। କଂଗ୍ରେସ ସାଧାରଣ ସମ୍ପାଦକ ଜୟରାମ ରମେଶ କହିଛନ୍ତି, ଟ୍ରମ୍ପ ୱାଶିଂଟନ୍ ଡିସି, ରିୟାଧ, ଦୋହା, ଲଣ୍ଡନ, ହେଗ୍, ଶର୍ମ–ଅଲ୍–ଶେଖ୍, ଟୋକିଓ ଏବଂ ରାଷ୍ଟ୍ରପତିଙ୍କ ଏୟାରଫୋର୍ସ ୱାନ୍ ବିମାନରେ ଏହି ଦାବି କରିବା ପରେ ଏବେ ମିଆମିରେ ଅନୁରୂପ କଥା କହିଛନ୍ତି। ଏହାକୁ ମିଶାଇ ମେ' ୧୦ ପରଠୁ ସେ ଭାରତ–ପାକିସ୍ତାନ ଯୁଦ୍ଧ ବନ୍ଦ ନେଇ ୫୮ ଥର ଦାବି କରିସାରିଲେଣି।

### ସାଲୁର ଘାଟିରେ...

ଓ ଡ୍ରାଇଭର ସୁଧୀର ହରିଜନ ସୁରକ୍ଷିତଭାବେ ଓହ୍ଲାଇ ପଡ଼ିଥିଲେ। ବସ୍‌ରେ ଥିବା ଅଗ୍ନି ନିର୍ବାପକ ଗ୍ୟାସ୍ ସହାୟତାରେ ନିଆଁକୁ ଆୟତ୍ତ କରାଯିବା ନେଇ ଚେଷ୍ଟା କରାଯାଇଥିଲା। ଏପରିକି ଏହି ରାସ୍ତା ଦେଇ ଯାଉଥିବା ଅନ୍ୟ ଗାଡ଼ିରୁ ମଧ୍ୟ ଗ୍ୟାସ୍ ଆଣି ନିଆଁ ଲିଭାଇବା ପାଇଁ ଚେଷ୍ଟା କରାଯାଇଥିଲା। ତଥାପି ମଧ୍ୟ ନିଆଁକୁ ଲିଭାଯାଇପାରି ନ ଥିଲା। ବସ୍‌ରେ ନିଆଁ ଲାଗିଯାଇଥିବା ଖବରପାଇ ଆନ୍ଧ୍ରର ମାନ୍ୟାମ୍ ପାର୍ବତୀପୁରମ୍ ଜିଲା ଏସ୍‌ପି ମାଧବ ରେଡ୍ଡୀ, ପାଚିପେଣ୍ଟା ଏସ୍‌ଆଇ ଭେଙ୍କଟେ ଶ୍ୱର ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଥିଲେ। ଓଏସ୍‌ଆର୍‌ଟିସିର ବିଜୟନଗରମ୍ ଡିଏମ୍ ରବୀନ୍ଦ୍ର କୁମାର ବେହେରା ଘଟଣାସ୍ଥଳରେ ପହଞ୍ଚିଥିଲେ। ଜୟପୁର ଡିଏମ୍ ଈଶ୍ୱର ମହାପାତ୍ର ଦାୟିତ୍ୱରେ ରହିଥିବାରୁ ଘଟଣା ସମ୍ପର୍କରେ ତଦନ୍ତ ଆରମ୍ଭ କରିଛନ୍ତି। ସାଲୁର ଅଗ୍ନିଶମ ବିଭାଗ ପୋଲିସ ସହାୟତାରେ ନିଆଁକୁ ଆୟତ୍ତ କରିଥିଲେ। ଏହାପରେ ଅଟକି ରହିଥିବା ଯାନବାହନ ଚଳାଚଳ ସ୍ୱାଭାବିକ ହୋଇଥିଲା।

### ଯବାନଙ୍କ ଗୁଳିରେ...

ଗୁଳି ଚଳାଇଥିଲେ। ଏହାର ପ୍ରତ୍ୟୁତ୍ତରରେ ଯବାନମାନେ ଜଙ୍ଗଲକୁ ଘେରିଯାଇ ପାଲଟା ଆକ୍ରମଣ କରିଥିଲେ। ଯବାନଙ୍କ ଗୁଳିରେ ୩ ଜଣ ମାଓବାଦୀ ନିହତ ହୋଇଥିବା ଜଣାପଡ଼ିଛି। ବର୍ତ୍ତମାନ ସୁଦ୍ଧା ଉକ୍ତ ଅଞ୍ଚଳରେ କୋମ୍ବିଂ ଅପରେଶନ ଜାରି ରହିଥିବା ବେଳେ ମୃତ୍ୟୁ ସଂଖ୍ୟା ବଢ଼ିବାର ଆଶଙ୍କା ରହିଛି। ଯବାନମାନେ ଫେରିବା ପରେ ନିହତ ୩ ମାଓବାଦୀଙ୍କ ପରିଚୟ ଓ ଅସ୍ତ୍ରଶସ୍ତ୍ର ସମ୍ବନ୍ଧରେ ସମ୍ପୂର୍ଣ୍ଣ ତଥ୍ୟ ପ୍ରଦାନ କରାଯିବ ବୋଲି ବସ୍ତର ଆଇଜି ସୁନ୍ଦରରାଜ ପି ସୂଚନା ଦେଇଛନ୍ତି।

### 'ଲୋକଙ୍କୁ ଠକିବା ପାଇଁ...

ଗଣମାଧ୍ୟମରେ ଭାଇରାଲ ହେବାରେ ଲାଗିଥିବା ତାଙ୍କର ସେହି ଫଟୋ ୧୮ରୁ ୨୦ ବର୍ଷ ପୂର୍ବେ ଉଠାଯାଇଥିଲା। ତେବେ ଫଟୋକୁ ଭାରତରେ ନିର୍ବାଚନ କିମ୍ବା ଭୋଟ ପାଇଁ ବ୍ୟବହାର କରାଯାଉଥିବା ବିଷୟ ସେ ଜାଣିନାହାନ୍ତି। ସେମାନେ ଲୋକଙ୍କୁ ଠକିବା ପାଇଁ ତାଙ୍କୁ ଭାରତୀୟ ବୋଲି ଦର୍ଶାଇବା ସହ ଫଟୋକୁ ବ୍ୟବହାର କରିଥିବା ଲାରିସା ଅଭିଯୋଗ ଆଣିଛନ୍ତି। ଭାରତରେ ସେ କିପରି ବ୍ରାଜିଲୀୟ ମଡେଲ ପାଲଟିଯାଇଛନ୍ତି ସେନେଇ ଲାରିସା ନିଜ ଇନ୍‌ଷ୍ଟାଗ୍ରାମ ଷ୍ଟାଟସ୍‌ରେ ଉଲ୍ଲେଖ କରିଛନ୍ତି। ଫଟୋଗ୍ରାଫର ମାଥ୍ୟୁସ୍ ଫେରେରୋ ଲାରିସାଙ୍କ ଅନୁମତିକ୍ରମେ ଉକ୍ତ ଫଟୋକୁ ଉଠାଇ ଅନ୍‌ସ୍ପ୍ଲାଶ୍ ଏବଂ ପେକ୍ସେଲ୍ସ ୱେବ୍‌ସାଇଟ୍‌ରେ ଅପ୍‌ଲୋଡ୍ କରିଥିଲେ। ସେଥିରେ ସେ ଶୀର୍ଷକ ରଖିଥିଲେ 'ଓମେନ୍ ୱେରିଙ୍ଗ୍ ବ୍ଲୁ ଡେନିମ୍ ଜ୍ୟାକେଟ'। ୨ ୱେବ୍‌ସାଇଟ୍‌ରୁ ଏହି ଫଟୋକୁ ଅଦ୍ୟାବଧି ୪ ଲକ୍ଷରୁ ଅଧିକ ଥର ଡାଉନ୍‌ଲୋଡ୍ କରାଗଲାଣି। ଫଟୋକୁ ନେଇ ଭାରତରେ ବିବାଦ ସୃଷ୍ଟି ହେବା ପରେ ବ୍ରାଜିଲର ମିନାସ୍ ଗେରାଇସ୍‌ସ୍ଥିତ ବେଲୋ ହୋରିଜୋଣ୍ଟେ ବାସିନ୍ଦା ମାଥ୍ୟୁସ୍ ନିଜ ଇନ୍‌ଷ୍ଟାଗ୍ରାମ୍ ଆକାଉଣ୍ଟକୁ ଡିଲିଟ୍ କରିଦେଇଛନ୍ତି।

ସେହିପରି ଯେଉଁ ଭାରତୀୟ ମହିଳାମାନଙ୍କ ଭୋଟର ପରିଚୟପତ୍ରରେ ଉକ୍ତ ଫଟୋକୁ ବ୍ୟବହାର କରାଯାଇଥିବା ରାହୁଲ ଅଭିଯୋଗ ଆଣିଥିଲେ, ସେମାନଙ୍କ ମଧ୍ୟରୁ ଜଣେ ମହିଳା ମଧ୍ୟ ସାମ୍ନାକୁ ଆସିଛନ୍ତି। ସମ୍ପୃକ୍ତ ମହିଳାଙ୍କ ନାମ ମୁନେଶ, ବୟସ ୪୩ ବର୍ଷ। ତାଙ୍କ ସ୍ୱାମୀଙ୍କ ନାମ ନରେନ୍ଦ୍ର ସିଂ। ହରିୟାଣାର ସୋନେପଥ୍ ଜିଲା ରାଇ ନିର୍ବାଚନମଣ୍ଡଳୀର ଭୋଟର ମୁନେଶ କହିଛନ୍ତି, ସେ ଭୋଟ ଦେଇ ନିଜ ରାଜନୈତିକ ମତାଧିକାର ସାବ୍ୟସ୍ତ କରିଥିଲେ। ବ୍ରାଜିଲର ମହିଳାଙ୍କୁ ସେ ଜାଣନ୍ତି ନାହିଁ।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଆଜି ବିଳାସକାରକ ଶୁକ୍ର କୋଣାଧିପତି ରବିଙ୍କ ସହ ଅବସ୍ଥାନକରି ପାରିବାରିକ ଜୀବନକୁ ରସାଣିତ କରିବେ। ବସ୍ତ୍ରଭୂଷଣ ପ୍ରାପ୍ତି , ହସଖୁସିର ବାତାବରଣ ମଧ୍ୟରେ ଦିନଟି ଅତିବାହିତ ହେବ। ସ୍ୱାସ୍ଥ୍ୟରେ ଉନ୍ନତି ଦେଖାଦେବା କାରଣରୁ ଆଶ୍ୱସ୍ତି ଅନୁଭବ କରିବେ। ଶତ୍ରୁମାନେ ସୁଯୋଗ ଅପେକ୍ଷାରେ ରହିବେ ତଥାପି ସେମିତି କିଛି ଅସୁବିଧା ହେବନାହିଁ।

**ବୃଷ**
ଶନି ଦୃଷ୍ଟ ଚନ୍ଦ୍ରଜନିତ ବନ୍ଧୁଙ୍କ ସହ ମନୋମାଳିନ୍ୟ ଯୋଗୁ ମନ ଉଦାସ ରହିବ। ଭୁଲ୍ ବୁଝାମଣାବଶତଃ ସହଧର୍ମିଣୀ ମୁହଁ ଫେରାଇନେଇପାରନ୍ତି। ଯାତ୍ରା, ବାଣିଜ୍ୟ, ପରିବହନ ଓ ସାମ୍ବାଦିକତା କ୍ଷେତ୍ରରୁ ଉପକୃତ ହେବେ। ସ୍ୱାସ୍ଥ୍ୟ ସମସ୍ୟା ନେଇ ଚିନ୍ତିତ ରହିଲେ ମଧ୍ୟ କୌଣସି ଉପଚାର କରିବା ସହଜସାଧ ନ ହୋଇପାରେ।

**ମିଥୁନ**
ରବି ଓ ଶୁକ୍ରଙ୍କ ସମ୍ବନ୍ଧରୁ ଆତ୍ମୀୟସ୍ୱଜନଙ୍କ ଗହଣରେ ଦିନଟି ହସଖୁସିରେ ଅତିବାହିତ ହେବ। ଆକସ୍ମିକ ଭାବରେ ଖର୍ଚ୍ଚଭାର ବୃଦ୍ଧିପାଇବା କାରଣରୁ ଚିନ୍ତା ପ୍ରକଟ କରିପାରନ୍ତି। କ୍ରୀଡ଼ା, କଳା, ସାହିତ୍ୟ, ପ୍ରକାଶନ ଓ ପ୍ରଶାସନିକ ସ୍ତରରେ ଉଚ୍ଚ ସମ୍ମାନ ପାଇପାରନ୍ତି। ନିଜ ଗୃହ ସମସ୍ୟା ସଜାଡ଼ିବାକୁ ଯାଇ ବହୁ ହଇରାଣ ହେବାକୁ ପଡ଼ିପାରେ।

**କର୍କଟ**
ଆଜି ଏକାଦଶସ୍ଥ ଚନ୍ଦ୍ର ସମସ୍ତ ଆଶା ଓ ଆକାଂକ୍ଷା ପୂରଣ କରିବାରେ ସାହାଯ୍ୟ କରିବ। କର୍ମକ୍ଷେତ୍ରରେ ସମସ୍ୟା ଆସିଲେ ମଧ୍ୟ ତାହାକୁ ସାମ୍ନାକରି କୃତକାର୍ଯ୍ୟ ହେବେ। ଅନ୍ୟମନସ୍କତାରୁ କେତେକ ଭୁଲ୍ ପାଇଁ ସହକର୍ମୀଙ୍କ ସହ ତିକ୍ତତା ସୃଷ୍ଟିହେବ। କରଜଦାତାଙ୍କ ଚାପ କାରଣରୁ ବ୍ୟସ୍ତତା ବୃଦ୍ଧି ପାଇବା ସୂଚନା ରହିଛି।

**ସିଂହ**
ଆପଣଙ୍କ ରାଶିରେ କବନ୍ଧଗ୍ରହ ରହିଥିବାରୁ ସମ୍ପର୍କୀୟଙ୍କ କାର୍ଯ୍ୟକଳାପ ଅସନ୍ତୋଷ ସୃଷ୍ଟି କରିପାରେ। ପାରିବାରିକ କ୍ଷେତ୍ରରେ କିଛି କହିବା ଅପେକ୍ଷା ନୀରବ ରହିଲେ ଭଲ। ପ୍ରତ୍ୟୁଷ ଯାତ୍ରାରେ ସଫଳତା ମିଳିବ ତଥାପି କାମର ଚାପ ବଢ଼ିଯିବ। ସାମାଜିକ ସ୍ତରରେ ଉନ୍ନତିମୂଳକ କାମ ସକାଶେ ଗଠନମୂଳକ ପ୍ରସ୍ତାବ ଦେଇ ଖୁସି ହେବେ।

**କନ୍ୟା**
ଲାଭ ସ୍ଥାନରେ ଶୁଭଗ୍ରହ ଅର୍ଥଲାଭ କରାଇବା ସହ ସମସ୍ୟା ସମାଧାନ ପାଇଁ ରାସ୍ତା ପରିଷ୍କାର କରିଦେବେ। ଖଳଲୋକଙ୍କ କଥାରେ ପ୍ରଭାବିତ ହେଲେ ପରିବାରରେ ଗୋଳମାଳିଆ ପରିସ୍ଥିତି ସୃଷ୍ଟିହେବ। ନିଜ ପରିସରରେ ପିଲାଙ୍କ ସକାଶେ ଅନ୍ୟ ନିକଟରେ ମୁଣ୍ଡ ନୁଆଁଇବାକୁ ପଡ଼ିପାରେ। ଭ୍ରମଣ କାରଣରୁ କ୍ଳାନ୍ତି ଓ ଅବସାଦ ଦେଖାଦେବ।

**ତୁଳା**
ଉଚ୍ଚସ୍ଥ ଚନ୍ଦ୍ରଙ୍କ ଶୁଭ ପ୍ରଭାବରୁ ପ୍ରତ୍ୟେକ କ୍ଷେତ୍ରରେ ଉପସ୍ଥିତ ବୁଦ୍ଧି ପ୍ରୟୋଗକରି କାମ ହାତେଇବେ। ଅର୍ଥ କିମ୍ବା କୌଣସି ଜିନିଷପତ୍ର ପାଇବାରେ କଳହର ସମ୍ମୁଖୀନ ହେବେ। ଅଫିସରେ କିମ୍ବା କର୍ମକ୍ଷେତ୍ରରେ ଗୁଡ଼ାଏ କାମ ହାତକୁ ନେଇ ବ୍ୟଥିତ ହେବେ। ଅପ୍ରିୟ ସତ୍ୟ କହିବା ଦ୍ୱାରା ସମ୍ମାନ ବଢ଼ିବ, କିନ୍ତୁ ପରୋକ୍ଷ ଶତ୍ରୁତା ମଧ୍ୟ ସୃଷ୍ଟିହେବ।

**ବିଛା**
ବ୍ୟୟଭାବରେ ଶୁକ୍ର ଏବଂ ଚନ୍ଦ୍ର ଥିବାରୁ ମୂଲ୍ୟବାନ୍ ଜିନିଷ କିଣିବାକୁ ମନ ବଳାଇପାରନ୍ତି। ଯେକୌଣସି କ୍ଷେତ୍ରରେ ହେଉନା କାହିଁକି ଆଜି ପ୍ରତିଦ୍ୱନ୍ଦ୍ୱିତା କଲେ ଲାଭ ହେବନାହିଁ। ଏଜେନ୍ସିପ୍, ସାମ୍ବାଦିକତା, ରାଜନୀତି, କର୍ମାରମ୍ଭ, ସାହିତ୍ୟରୁ ସୁଫଳ ପାଇବେ। ତଥାପି ମୂଲ୍ୟହୀନ ବ୍ୟସ୍ତତା ଭିତରେ କାର୍ଯ୍ୟ ସାଧନ କରିବାକୁ ପଡ଼ିପାରେ।

**ଧନୁ**
ତୃତୀୟଭାବସ୍ଥ ରାହୁଙ୍କ ଶୁଭ ପ୍ରଭାବରେ ପରିସ୍ଥିତି ବଦଳିଯାଇ ସଙ୍କଟମୁକ୍ତ ହେବେ। ଦିନର ପ୍ରତ୍ୟେକ କ୍ଷେତ୍ରରେ ପରୋକ୍ଷ ଶତ୍ରୁତାର ପ୍ରଭାବ ଅନୁଭବ କରିବେ। ସହକର୍ମୀ,ଭାଇଭଉଣୀ,ଅଧସ୍ତନ କର୍ମଚାରୀଙ୍କ ଦ୍ୱାରା କାର୍ଯ୍ୟ ସାଧନ କରିବେ। ଜୋର୍‌କରି ଅନ୍ୟମାନଙ୍କଠାରୁ ଅର୍ଥ, କାମ ଆଦାୟ କରିବାରେ ସଫଳ ହୋଇପାରନ୍ତି।

**ମକର**
ଆତ୍ମୀୟଙ୍କୁ ସାହାଯ୍ୟ କରିବାକୁ ପ୍ରବର୍ତ୍ତାଇବା ଦିଗରେ ପଡ଼ୋଶୀଙ୍କ ଅବଦାନ ଅବିସ୍ମରଣୀୟ ରହିବ। ଅଷ୍ଟମାଧିପତିଙ୍କ ସମ୍ବନ୍ଧରୁ ସହକର୍ମୀଙ୍କ କାମରେ ଅସନ୍ତୁଷ୍ଟ ହେବେ। ସ୍ତ୍ରୀଙ୍କ ସହ ମତାନ୍ତର ସୃଷ୍ଟିହେବା ଆଶଙ୍କା ରହିଛି। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ, ପରିବହନ ଓ ନିର୍ମାଣ କ୍ଷେତ୍ରରେ ଉନ୍ନତମାନର ଫଳ ପାଇବେ।

**କୁମ୍ଭ**
ଭାଗ୍ୟ ସ୍ଥାନରେ ଭାଗ୍ୟାଧିପତି ଅବସ୍ଥାନ କରୁଥିବାରୁ ପାରିବାରିକ ଜୀବନ ଓ କର୍ମକ୍ଷେତ୍ରକୁ ସରଳୀକୃତ କରିବେ। ଶନିଙ୍କ ପ୍ରଭାବରୁ କେତେକ କ୍ଷେତ୍ରରେ ନୀରବ ରହିବାକୁ ବାଧହେବେ। ଆଶଙ୍କାଜନିତ ଅନ୍ୟମନସ୍କ ହେତୁ କେତେକ ବ୍ୟତିକ୍ରମ ପରିଲକ୍ଷିତ ହୋଇପାରେ। ସମ୍ପର୍କୀୟଙ୍କ ଈର୍ଷା ଓ ଅସୂୟା ଭାବ ଯୋଗୁ ବିଚଳିତ ବୋଧକରିବେ।

**ମୀନ**
ଶୁକ୍ରଙ୍କ ପ୍ରଭାବରେ କଳା,ସାହିତ୍ୟ,ସଙ୍ଗୀତ,କ୍ରୀଡ଼ା ଓ ଚଳଚ୍ଚିତ୍ର କ୍ଷେତ୍ରରେ ଆଦୃତ ହୋଇପାରନ୍ତି। ପାରିବେଶିକ ସହାୟତାରୁ ବାଣିଜ୍ୟ, ବ୍ୟବସାୟ ଓ ପରିବହନରୁ ଲାଭବାନ୍ ହୋଇପାରନ୍ତି। ସାମାଜିକ ସ୍ତରର ଆନୁଷ୍ଠାନିକ କାମରେ ସତକଥା କହି ପ୍ରଶଂସିତ ହୋଇପାରନ୍ତି।

ଆଜି ନଭେମ୍ବର ୭ ତାରିଖ, ବୈଜ୍ଞାନିକ ସି.ଭି. ରମଣଙ୍କ ଜୟନ୍ତୀ, ମାର୍ଗଶିର କୃଷ୍ଣ ଦ୍ୱିତୀୟାଯୁକ୍ତ ତୃତୀୟା ଶୁକ୍ରବାର। ରାଶିନକ୍ଷତ୍ର–ରୋହିଣୀ/ବୃଷ, ଦ୍ୱିତୀୟାର ଏକୋଦ୍ଦିଷ୍ଟ ଓ ତୃତୀୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ସକାଳ ଘ.୦୫।୫୪ ଗତେ, ଘ.୦୬।୩୯ ମଧ୍ୟେ, ଘ.୦୭।୨୪ ଗତେ, ଘ.୦୮।୪୨ ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୧୦।୦୬ ଗତେ, ଘ.୧୧।୩୦ ମଧ୍ୟେ ରାହୁ କାଳ।



**ଶ୍ରୀ ନରେନ୍ଦ୍ର ମୋଦୀ**
ପ୍ରଧାନମନ୍ତ୍ରୀ



**ଶ୍ରୀ ମୋହନ ଚରଣ ମାଝୀ**
ମୁଖ୍ୟମନ୍ତ୍ରୀ, ଓଡ଼ିଶା



**ଶ୍ରୀ ନିତିନ ଜୟରାମ ଗଡକରୀ**
କେନ୍ଦ୍ର ମନ୍ତ୍ରୀ, ସଡ଼କ ପରିବହନ ଓ ରାଜମାର୍ଗ



# 84th IRC

## ANNUAL SESSION OF INDIAN ROADS CONGRESS

**7 - 10 Nov, 2025**
**BHUBANESWAR, ODISHA**

# ଭାରତର ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ମାର୍ଗ ନିର୍ମାଣ

ଭାରତର ରାଜପଥ ଲକ୍ଷ୍ୟ ହାସଲ ଦିଗରେ ରାଷ୍ଟ୍ରୀୟ ସଂଯୋଗର ଅଭିନବ ରୂପରେଖ ପ୍ରସ୍ତୁତ କରିବା ପାଇଁ ବିଶେଷଜ୍ଞ, ଯନ୍ତ୍ରୀ ଏବଂ ନୀତି ପ୍ରଣେତାମାନଙ୍କର ମହାସମ୍ମେଳନର ପ୍ରମୁଖ କେନ୍ଦ୍ରସ୍ଥଳ ହୋଇଛି ଭୁବନେଶ୍ୱର। ଭାରତୀୟ ସଡ଼କ କଂଗ୍ରେସ ୨୦୨୫ର ୮୪ ତମ ବାର୍ଷିକ ଅଧିବେଶନ ଏକ କାର୍ଯ୍ୟକ୍ରମ ନୁହେଁ, ଅଧିକନ୍ତୁ ଉନ୍ନତତର ଜ୍ଞାନକୌଶଳ ଆଧାରିତ ନିରନ୍ତର ପ୍ରୟାସ ଏବଂ ଭବିଷ୍ୟୋନ୍ମୁଖୀ ଭିତ୍ତିଭୂମି ଦିଗରେ ବୈପ୍ଳବିକ ପଦକ୍ଷେପ।

**ଶୁଭାରମ୍ଭ କରିବେ**

## ଶ୍ରୀ ନିତିନ ଜୟରାମ ଗଡକରୀ

କେନ୍ଦ୍ର ମନ୍ତ୍ରୀ, ସଡ଼କ ପରିବହନ ଓ ରାଜମାର୍ଗ

**ଗରିମାମୟ ଉପସ୍ଥିତି**

## ଶ୍ରୀ ମୋହନ ଚରଣ ମାଝୀ

ମୁଖ୍ୟମନ୍ତ୍ରୀ

**୭ ନଭେମ୍ବର ୨୦୨୫ | ଜନତା ମଇଦାନ, ଭୁବନେଶ୍ୱର**







**ବିଶେଷ ଆକର୍ଷଣ**

- ଉଚ୍ଚ ପ୍ରଭାବଶାଳୀ ଜ୍ଞାନକୌଶଳ ଓ ନୀତି ଅଧିବେଶନ
- ପ୍ରଯୁକ୍ତିବିଜ୍ଞାନ ଉପଯୋଗରେ ଉନ୍ନତ ସଡ଼କ ନିର୍ମାଣ ସମ୍ପର୍କିତ ଉପସ୍ଥାପନା
- ରାଷ୍ଟ୍ରୀୟ ଏବଂ ଅନ୍ତଃରାଷ୍ଟ୍ରୀୟ ଏଜେନ୍ସିମାନଙ୍କ ଅଂଶଗ୍ରହଣ
- ପ୍ରଦର୍ଶନୀ, ସାଂସ୍କୃତିକ ସନ୍ଧ୍ୟା ଏବଂ ଆହୁରି ଅନେକ

**ନିର୍ମାଣ ବିଭାଗ, ଓଡ଼ିଶା ସରକାର**

ବସ୍ତୁତଃ, ଅଧିକାଂଶ ମଣିଷ ବନ୍ଦୀଶାଳାରେ ରହୁଥିବା ବନ୍ଦୀମାନଙ୍କ ପରି। ସେମାନେ ତାଙ୍କ ଘରର ସବୁ ଦ୍ୱାର ଓ ଝରକା ବନ୍ଦ କରି ତା'ଭିତରେ ରହିଥାନ୍ତି। ତେଣୁ ଏହା ସ୍ୱାଭାବିକ କଥା ଯେ, ସେମାନେ ଅଣନିଃଶ୍ୱାସୀ ବୋଧ କରନ୍ତି। ସେମାନଙ୍କ ପାଖେ ଦ୍ୱାର ଝରକାର ଚାବିଥାଏ। କିନ୍ତୁ ସେମାନେ ଖୋଲନ୍ତି ନାହିଁ। -ଶ୍ରୀମା



# ଟ୍ରମ୍ପ୍‌ଙ୍କ ଶାସନ



କାର୍ଲା ନୋରଲଫ୍

ଜନ୍ମଗତ ଅଧିକାର ଓ ଆଶୀର୍ବାଦକୁ ନେଇ ରାଜାମାନେ ଶାସନ କରିଥାଆନ୍ତି। ସେମାନେ ମଧ୍ୟ ଭୟ ପ୍ରଦର୍ଶନ କରି ଶାସନ କରନ୍ତି। ଚଳିତ ମାସରେ ଅନେକ ଲକ୍ଷ ଆନ୍ଦୋଳନକାରୀ ଯେତେବେଳେ ରାଜରାସ୍ତାକୁ ଆସି 'ନୋ କିଙ୍ଗ୍‌ସ ବା କେହି ରାଜା ନୁହନ୍ତି' ବୋଲି କହିଥିଲେ, ସେତେବେଳେ ଡୋନାଲ୍ଡ ଟ୍ରମ୍ପ୍ ନିଜ ରାଜାଭିଷେକର ଏକ ଏଆଇ ସୃଷ୍ଟ ଭିଡିଓ ପୋଷ୍ଟ କରିଥିଲେ। ତା'ପର ଦିନ ସେ ରାଜା ନୁହନ୍ତି ବୋଲି କହିଥିଲେ। ଏଣୁ ସେ ରାଜା ନା ରାଜା ନୁହନ୍ତି ? ୟୁଷ ପୋଡ୍‌କାଷ୍ଟର ବ୍ରିଲିନ ହଲିହାଣ୍ଡ ଏହି ପ୍ରଶ୍ନର ଉତ୍ତର ରଖିଥିଲେ ଯେ, ଆମେରିକାରେ କେହି ରାଜା ନାହାନ୍ତି। ସେ ମଧ୍ୟ କହିଥିଲେ, ଟ୍ରମ୍ପ୍‌ଙ୍କ ଭିଡିଓ କେବଳ ମଜାଳିଆ ଟ୍ରୋଲିଂ। କିନ୍ତୁ ପ୍ରକୃତ ପ୍ରଶ୍ନ ହେଉଛି ଅତୀତରେ ସମ୍ରାଟ୍‌ମାନଙ୍କ ପାଖରେ ଯେଉଁ ପ୍ରକାର କ୍ଷମତା ଥିଲା, ତାହା ଟ୍ରମ୍ପ୍ ପାଇବା ପାଇଁ ଚେଷ୍ଟା କରୁଛନ୍ତି କି। ଟ୍ରମ୍ପ୍ ବନାମ ଆମେରିକା ମାମଲାରେ ସୁପ୍ରିମକୋର୍ଟ ରାୟ ଦେବା ପରେ ରାଷ୍ଟ୍ରପତିମାନଙ୍କର ମୂଳ ସାମ୍ବିଧାନିକ କାର୍ଯ୍ୟଗୁଡ଼ିକ ପାଇଁ ସମ୍ପୂର୍ଣ୍ଣ ସ୍ୱାଧୀନତା ରହିଛି ଏବଂ ଅନ୍ୟ ସରକାରୀ କାର୍ଯ୍ୟ ପାଇଁ ମଧ୍ୟ ସ୍ୱାଧୀନତା ଅଛି। ଏହା କେନ୍ଦ୍ରୀକୃତ କାର୍ଯ୍ୟପାଳିକାର କାର୍ଯ୍ୟ ପ୍ରତି ଆହ୍ୱାନ ସୃଷ୍ଟି କରିବା ସହ ଏହାକୁ ଆହୁରି ଜଟିଳ କରିଦେଇଛି। ଏହି ପରିପ୍ରେକ୍ଷୀରେ ରାଜନୀତି ବିଶେଷଜ୍ଞମାନେ କହନ୍ତି, ଟ୍ରମ୍ପ୍ ଜଣେ ରାଜାଙ୍କ ଭଳି ଶାସନ କରୁଛନ୍ତି ଏବଂ ସ୍ୱାଧୀନ ସଂସ୍ଥାଗୁଡ଼ିକ ଉପରେ ନିୟନ୍ତ୍ରଣ ରଖିବାକୁ ଚାହୁଁଛନ୍ତି। ଏଥିରେ ଏବେ କାର୍ଯ୍ୟରତ କର୍ମଚାରୀଙ୍କୁ ବଦଳି କରି ସେମାନଙ୍କ ସ୍ଥାନରେ ତାଙ୍କ ବିଶ୍ୱସ୍ତ ବ୍ୟକ୍ତିଙ୍କୁ ଅବସ୍ଥାପିତ କରିବା ସହ ସାଧାରଣରେ ଭୟର ବାତାବରଣ ସୃଷ୍ଟି କରୁଛନ୍ତି।

ଟ୍ରମ୍ପ୍‌ଙ୍କ ସମର୍ଥକଙ୍କ ମତରେ, ଏହିସବୁ କାର୍ଯ୍ୟ ଏକ ଦୃଢ଼ ନିର୍ଣ୍ଣାୟକ ନେତୃତ୍ୱକୁ ପ୍ରତିପାଦିତ କରୁଛି। ଗତ ନିର୍ବାଚନରେ ପପୁଲାର ମେଜରିଟି ହାସଲ କରିବା ପରେ ସେ ଏହା କରିଛନ୍ତି। ଔପଚାରିକ ଭାବେ ଟ୍ରମ୍ପ୍ ରାଜା ନ ହେଲେ ବି ତାଙ୍କ ରଣନୀତି ଅତୀତର ରାଜାମାନଙ୍କର ବିଶେଷକରି ଟୁଡର ସାମ୍ରାଜ୍ୟ ହେନେରି ସପ୍ତମ କ୍ଷମତାକୁ ସ୍ମରଣ କରିଦେଉଛି। ସେ ଶତ୍ରୁମାନଙ୍କୁ ଦୁର୍ବଳ କରି, ବିତ୍ତୀୟ ବ୍ୟବସ୍ଥାକୁ ନିୟନ୍ତ୍ରଣରେ ରଖି ଏବଂ ସରକାରୀ ପ୍ରକ୍ରିୟାର ପୁନର୍ଗଠନ କରି ନିଜ କ୍ଷମତା ବୃଦ୍ଧି କରିଥିଲେ। ସେହିପରି ଟ୍ରମ୍ପ୍ ପ୍ରଶାସନ ବୈଦେଶିକ ସହାୟତା ପାଣ୍ଠିର ଅନେକ ବିଲିୟନ ଡଲାର ବନ୍ଦ କରି ସମ୍ଭବତଃ କଂଗ୍ରେସର କ୍ଷମତାକୁ କାର୍ଯ୍ୟକାରୀ କରିଛନ୍ତି। ଜଣେ ଫେଡେରାଲ ବିଚାରପତି ସେପ୍ଟେମ୍ବରରେ ପାଣ୍ଠି ଯୋଗାଇ ଦେବା ଲାଗି ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିଲେ ମଧ୍ୟ ସୁପ୍ରିମ୍‌କୋର୍ଟ ଅଧିକାଂଶ ପାଣ୍ଠିର ବନ୍ଦକୁ ବିତ୍ତୀୟ ବର୍ଷ ଶେଷ ପର୍ଯ୍ୟନ୍ତ ଜାରି ରଖିବାକୁ ଅନୁମତି ଦେଇଥିଲେ। ଟ୍ରମ୍ପ୍‌ଙ୍କ ସମର୍ଥକମାନେ କହନ୍ତି ଯେ, ସୁପ୍ରିମ୍‌କୋର୍ଟଙ୍କ ପଦକ୍ଷେପ ଯୁକ୍ତିଯୁକ୍ତ ଏବଂ ଅଯଥା ବ୍ୟୟ ବନ୍ଦ କରିବା ପାଇଁ ଚାହୁଁଥିବା ଏକ ପ୍ରଶାସନକୁ ବିତ୍ତୀୟ ବର୍ଷରେ ଯୋଜନା କରିବା ପାଇଁ ଏହା କରାଯାଇଛି। ଟ୍ରମ୍ପ୍‌ଙ୍କ ସମର୍ଥକମାନେ କହନ୍ତି, ପାଣ୍ଠି ବନ୍ଦ କରିବା ଟ୍ରମ୍ପ୍‌ଙ୍କର ଅନ୍ୟ ଏକ ନିର୍ଣ୍ଣାୟକ ପଦକ୍ଷେପ। ଆଇନ ବଳରେ କଂଗ୍ରେସ ଯେକୌଣସି ନିର୍ଦ୍ଦେଶକୁ ଅସ୍ୱୀକାର କରିପାରିବ। ହେଲେ ତାହା ହେଉନାହିଁ। ପ୍ରଶାସନ ମଧ୍ୟ ପ୍ରମୁଖ ଚାକିରିଗୁଡ଼ିକର ପୁନଃ ବର୍ଗୀକରଣ କରିବା ସହିତ ସିଭିଲ ସର୍ଭିସ ସୁରକ୍ଷା ହ୍ରାସ ଏବଂ କ୍ୟାରିୟର ଏକ୍ସପର୍ଟଙ୍କଠାରୁ ଆରମ୍ଭ କରି ବିଶ୍ୱସ୍ତ ସହଯୋଗୀଙ୍କ ପର୍ଯ୍ୟନ୍ତ ସମସ୍ତଙ୍କ କ୍ଷମତାରେ ପରିବର୍ତ୍ତନ କରିଛି। ଏଜେନ୍ସି ଲୟରମାନେ ମାର୍ଗଦର୍ଶିକାର ପୁନର୍ଲିଖନ କରୁଛନ୍ତି। ଯେଉଁସବୁ ବିବାଦର ସମାଧାନ ବିଚାର ମାଧ୍ୟମରେ କିମ୍ବା ଇନ୍ସପେକ୍ଟର ଜେନେରାଲଙ୍କ ଦ୍ୱାରା ହେଉଥିଲା, ଏବେ ସରକାରୀ ରିପୋର୍ଟକୁ ବାଦ୍‌ଦେଇ ତାହା ଘରୋଇ ସ୍ତରରେ ହେଉଛି।

ଏକ ଯୋଗ୍ୟ ବ୍ୟବସ୍ଥାର ସବୁଦିଗ ରାଜ ଦରବାର ଭଳି ଚାଲୁଥିବା ସରକାରକୁ ରୋକିବା ଲାଗି ଉଦ୍ଦିଷ୍ଟ। ଯେତେବେଳେ ଅଭିଜ୍ଞ ବୃତ୍ତିଧାରୀଙ୍କୁ ଛାଡ଼ି ସରକାରରେ ବିଶ୍ୱସ୍ତଙ୍କୁ ପ୍ରାଥମିକତା ଦିଆଯାଏ, ସେତେବେଳେ ବିଶେଷଜ୍ଞଙ୍କ ନିଷ୍ପତ୍ତି ବଦଳରେ ତାହା ବ୍ୟକ୍ତିଗତ ନିଷ୍ପତ୍ତି ବୋଲି ଜଣାପଡ଼େ। ଟ୍ରମ୍ପ୍‌ଙ୍କ ପ୍ରଶାସନରେ ସିନେଟ୍‌ର ସ୍ୱୀକୃତି ଆବଶ୍ୟକ ଥିବା ପଦବୀଗୁଡ଼ିକରେ କାର୍ଯ୍ୟକାରୀ ଅଧିକାରୀଙ୍କୁ ଅଧିକ ନିଯୁକ୍ତ କରାଯାଉଛି। ପୁନର୍ବାର ଟ୍ରମ୍ପ୍‌ଙ୍କ ସମର୍ଥକମାନେ କହନ୍ତି ଯେ, ଏହିସବୁ ପରିବର୍ତ୍ତନ ପ୍ରଶାସନିକ ସ୍ତରରେ ରହିଥିବା ବାଧାଗୁଡ଼ିକୁ ଦୂର କରିବା ସକାଶେ ଉଦ୍ଦିଷ୍ଟ। ଏହା ପ୍ରତିରୋଧକାରୀଙ୍କୁ ହଟାଇବ। ଫଳରେ ନେତାମାନେ ପ୍ରଚାର କରିଥିବା କାର୍ଯ୍ୟକ୍ରମଗୁଡ଼ିକୁ କାର୍ଯ୍ୟକାରୀ କରିବାକୁ ସକ୍ଷମ ହେବେ। କିନ୍ତୁ ଅନ୍ୟମାନେ ଭାବନ୍ତି ଯେ, କ୍ଷମତା ଠୁଳ କରିବାକୁ ବୈଧ କୁହାଗଲେ ମଧ୍ୟ ତାହା ରାଜତନ୍ତ୍ରଠାରୁ ଅଧିକ୍। ସଂସ୍ଥାଗୁଡ଼ିକ କାର୍ଯ୍ୟ ସମ୍ପର୍କରେ ପ୍ରସ୍ତାବ ଦେବା, ମତାମତ ଗ୍ରହଣ କରିବା ଏବଂ ସେମାନଙ୍କ ତର୍କ ସଙ୍ଗତ ଆଧାର ସମ୍ପର୍କରେ ଜଣାଇବାର ଧାରାକୁ ସଙ୍କୁଚିତ କରାଯାଉଛି, ଯେମିତିକି ସେମାନେ ସମସ୍ୟାରେ କାମ କରିବାକୁ ବାଧ୍ୟ ହେଉଛନ୍ତି।

ହେନେରି ସପ୍ତମ ଗୁରୁତ୍ୱପୂର୍ଣ୍ଣ ପଦବୀଗୁଡ଼ିରେ ତାଙ୍କ ବିଶ୍ୱସ୍ତମାନଙ୍କୁ ନିଯୁକ୍ତ କରିଥିଲେ କିମ୍ବା କାର୍ଯ୍ୟାଳୟଗୁଡ଼ିକୁ ମାନ୍ଦା କରିଦେଇଥିଲେ। ସେହିଭଳି ଏବେ ଆମେରିକାର ଇନ୍ସପେକ୍ଟର ଜେନେରାଲ ପଦବୀଗୁଡ଼ିକୁ ଦୀର୍ଘଦିନ ଧରି ପୂରଣ କରାନଯିବାରୁ ତାହା ତଦନ୍ତକୁ ଶିଥିଳ କରିଦେଇଛି। ସୂଚନା ଆଇନଗୁଡ଼ିକ ଅଛି, କିନ୍ତୁ ସୂଚନା ଦେବାରେ ବହୁ ବିଳମ୍ବ ଓ ବ୍ୟାପକ ଭାବେ ଅସ୍ୱୀକାର କରାଯିବା ହେତୁ ଆଇନଗୁଡ଼ିକର ଶକ୍ତି ହ୍ରାସ ପାଉଛି, ଯାହା ଟୁଡର ଶାସନ ସମୟରେ ନ୍ୟାୟିକ ଢାଞ୍ଚାକୁ ସୀମିତ କରାଯିବା ପରମ୍ପରାକୁ ସୂଚିତ କରୁଛି। ଯେତେବେଳେ ସରକାରୀ କାମ ଏକ ଦୁର୍ବଳ କାର୍ଯ୍ୟପାଳିକା ଉପରେ ନିର୍ଭର କରିବା ସହ ମିତ୍ରମାନଙ୍କୁ କ୍ଷମା ଦେଇ ବିରୋଧୀଙ୍କୁ ଦଣ୍ଡିତ କରିବ, ସେତେବେଳେ ଆଇନଗତ କଟକଣାଗୁଡ଼ିକ ନିଶ୍ଚିତ ଭାବେ ଦୁର୍ବଳ ହୋଇଯିବ। ଅଧିକାରଗୁଡ଼ିକର ସୁରକ୍ଷା ଏକ ନିରପେକ୍ଷ ବା ସ୍ୱଚ୍ଛ ଭାବେ ଆଇନର ପ୍ରୟୋଗ ଉପରେ ନିର୍ଭର କରେ। ଯଦି ସମାଲୋଚକଙ୍କ ତୁଳନାରେ ସହଯୋଗୀମାନଙ୍କ ପ୍ରତି ଅଧିକ ଉଦାରଭାବ ପ୍ରଦର୍ଶନ କରାଯାଏ, ତେବେ ଅଧିକାରଗୁଡ଼ିକରେ ସମାନତା ରହିବ ନାହିଁ। ଫଳରେ ବ୍ୟବସାୟ, ଅଣଲାଭକାରୀ ସଂସ୍ଥା ଏବଂ ସ୍ଥାନୀୟ ନିର୍ବାଚନ ଅଧିକାରୀମାନେ ବିରୋଧର ସମ୍ମୁଖୀନ ନ ହେବା ପାଇଁ ସେମାନେ ସ୍ଥିତି ସହ ଖାପଖୁଆଇ କାମ କରିପାରନ୍ତି। ଟ୍ରମ୍ପ୍‌ଙ୍କୁ ଅଧିକ କ୍ଷମତା ମିଳିଛି, ହେଲେ ତାଙ୍କର ରାଜାଭିଷେକ ହୋଇନାହିଁ। ଜଣେ ରାଜା ବିନା ନିର୍ବାଚନରେ ଶାସନ, ବିନା ସ୍ୱୀକୃତିରେ ବ୍ୟୟ, କୋର୍ଟଗୁଡ଼ିକୁ ଭାଙ୍ଗିଦେବା ଏବଂ ଅଧିକାରକୁ ହଟାଇଦେବା ଭଳି କାର୍ଯ୍ୟ କରିପାରିବେ, କିନ୍ତୁ ଜଣେ ରାଷ୍ଟ୍ରପତି ତାହା କରିପାରିବେ ନାହିଁ। ଯେଉଁମାନେ ଟ୍ରମ୍ପ୍‌ଙ୍କ କୌଶଳକୁ ବାଧା ହଟାଇବା ଲାଗି ବୈଧ ଉପାୟ ବୋଲି ମନେକରୁଛନ୍ତି ଏବଂ ଯେଉଁମାନେ ଏହାକୁ ସ୍ୱଚ୍ଛତା ଦୂର କରିବାର ଏକ ରଣନୀତି ବୋଲି ଭାବୁଛନ୍ତି, ସେମାନଙ୍କ ମଧ୍ୟରେ ବିତର୍କ ଜାରି ରହିବ। କିନ୍ତୁ ପ୍ରଶ୍ନ ହେଉଛି ରାଷ୍ଟ୍ରପତି କ'ଣ ଏକମାତ୍ର ପଦବୀ ହୋଇ ରହିବ, ଯେଉଁଠି ସବୁ ଜାତୀୟ ନିଷ୍ପତ୍ତି କରାଯିବ। କିନ୍ତୁ ଆମେରିକାରେ ଏହା କରାଯିବାକୁ ଚେଷ୍ଟା କରାଯାଉଛି, ଯାହା ଏବେ ବଜେଟ, ନିଯୁକ୍ତି ଏବଂ ଅନେକ ସିଭିଲ ପ୍ରଶାସନ ପ୍ରକ୍ରିୟାରେ ପ୍ରକାଶ ପାଇଛି।

**ରାଜନୀତି ବିଜ୍ଞାନ ପ୍ରାଧ୍ୟାପକ, ଟରଣ୍ଟୋ ବିଶ୍ୱବିଦ୍ୟାଳୟ**

# 'ବନ୍ଦେ ମାତରମ୍': ସାଂସ୍କୃତିକ ରାଷ୍ଟ୍ରବାଦର ପ୍ରଥମ ଉଦ୍‌ଘୋଷଣା



ଅମିତ ଶାହ
କେନ୍ଦ୍ର ସ୍ୱରାଷ୍ଟ୍ର ଏବଂ ସମବାୟ ମନ୍ତ୍ରୀ

ଆମ ଦେଶର ଇତିହାସରେ ବେଳେବେଳେ ଏଭଳି କିଛି ବିଶେଷ ଅବସର ଆସିଛି, ଯେତେବେଳେ ଗୀତ ଏବଂ କଳାତ୍ମକ କାର୍ଯ୍ୟ ଭିନ୍ନ ଭିନ୍ନ ରୂପେ ଲୋକମାନଙ୍କ ଭାବନାକୁ ପ୍ରଭାବିତ କରି ଆନ୍ଦୋଳନର ସ୍ୱରୂପ ପ୍ରଦାନ କରିବାରେ ମହତ୍ତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି। ତାହା ଛତ୍ରପତି ଶିବାଜୀ ମହାରାଜଜୀଙ୍କ ସେନାର ଯୁଦ୍ଧ ଗୀତ ହୋଇଥାଉ, ଅଥବା ସ୍ୱାଧୀନତା ଆନ୍ଦୋଳନ ସମୟରେ ସଂଗ୍ରାମୀମାନଙ୍କ ଦ୍ୱାରା ବୋଲାଯାଉଥିବା ଗୀତ ହୋଇଥାଉ କିମ୍ବା ଆପାତକାଳୀନ ସ୍ଥିତି ଜାରି ହୋଇଥିବାବେଳେ ଏହା ବିରୁଦ୍ଧରେ ଦେଶର ଯୁବଗୋଷ୍ଠୀଙ୍କ ସାମୂହିକ ଗାନ ହୋଇଥାଉ ଏହିସବୁ ଗୀତ ଭାରତୀୟ ସମାଜର ସ୍ୱାଭିମାନକୁ ପ୍ରେରଣାରେ ଭରି ଦେଇଛି ଏବଂ ସେମାନଙ୍କୁ ଏକଜୁଟ ହୋଇ ସ୍ୱର ଉତ୍ତୋଳନ କରିବାର ସୁଯୋଗ ପ୍ରଦାନ କରିଛି।

ଅନୁରୂପ ଭାବରେ ଭାରତର ରାଷ୍ଟ୍ରୀୟ ଗୀତ 'ବନ୍ଦେ ମାତରମ୍', ଯାହାର ଇତିହାସ କେବଳ ଯୁଦ୍ଧଭୂମି ନୁହେଁ, ବରଂ ଜଣେ ବିଦ୍ୱାନ୍ ବଙ୍କିମ୍‌ଚନ୍ଦ୍ର ଚଟ୍ଟୋପାଧ୍ୟାୟଙ୍କ ପ୍ରଶାନ୍ତ କିନ୍ତୁ ବଜ୍ର ସଂକଳ୍ପରୁ ହିଁ ଆରମ୍ଭ ହୋଇଥିଲା। ୧୮୭୫ ମସିହାରେ, ଜଗଦ୍ଧାତ୍ରୀ ପୂଜା (କାର୍ତ୍ତିକ ଶୁକ୍ଳ ନବମୀ ଅବା ଯାହାକୁ ଅକ୍ଷୟ ନବମୀ ବୋଲି କୁହାଯାଇଥାଏ) ଦିନ, ସେ ଏହି ସ୍ତୋତ୍ର ରଚନା କରିଥିଲେ ; ଯାହା ଭାରତୀୟ ସ୍ୱାଧୀନତାର ଶାଶ୍ୱତ ସଙ୍ଗୀତରେ ପରିଣତ ହୋଇଥିଲା। ଏହି ପବିତ୍ର ଶବ୍ଦାବଳୀକୁ ରଚନା କରିବା ଲାଗି ସେ ଭାରତର ଗଭୀରତମ ସଭ୍ୟତାଗତ ମୂଳ ଆଧାରରୁ ପ୍ରେରଣା ଲାଭ କରିଥିଲେ। ଅଥର୍ବ ବେଦର ବଜ୍ର ଉଦ୍‌ଘୋଷଣା 'ମାତା ଭୂମିଃ ପୁତ୍ରୋ ଅହଂ ପୃଥିବ୍ୟାଃ'ଠାରୁ ନେଇ ଦେବୀ ମାହାତ୍ମ୍ୟ ପର୍ଯ୍ୟନ୍ତ ସବୁଥିରେ ଥିବା ବିଶ୍ୱମାତାଙ୍କ ଆହ୍ୱାନରୁ ସେ ଏହି ପ୍ରେରଣା ଲାଭ କରିଥିଲେ।

ବଙ୍କିମ୍‌ଚନ୍ଦ୍ରଙ୍କର ଏହି ମହାନ୍ ମନ୍ତ୍ର, ପ୍ରାର୍ଥନା ମଧ୍ୟ ଥିଲା ଏବଂ ଦେଶ ତଥା ଦେଶବାସୀଙ୍କ ପାଇଁ ଭବିଷ୍ୟବାଣୀ ମଧ୍ୟ ଥିଲା। 'ବନ୍ଦେ ମାତରମ୍' କେବଳ ଭାରତର ରାଷ୍ଟ୍ରୀୟ ଗୀତ ନୁହେଁ, କେବଳ ସ୍ୱାଧୀନତା ଆନ୍ଦୋଳନର ପ୍ରାଣଶକ୍ତି ନୁହେଁ, ବରଂ ଏହା ବଙ୍କିମ୍‌ଚନ୍ଦ୍ର ଚଟ୍ଟୋପାଧ୍ୟାୟଙ୍କ ଦ୍ୱାରା 'ସାଂସ୍କୃତିକ ରାଷ୍ଟ୍ରବାଦ'ର ଥିଲା ପ୍ରଥମ ଉଦ୍‌ଘୋଷଣା, ଅର୍ଥାତ୍ ଆଦ୍ୟ ଓଁକାର। ଏହା ଆମକୁ ସ୍ମରଣ କରାଇ ଦେଇଥିଲା ଯେ, ଭାରତ କେବଳ ଏକ ଭୂଖଣ୍ଡ ନୁହେଁ, ବରଂ ଏକ ଭୂ-ସାଂସ୍କୃତିକ ରାଷ୍ଟ୍ର ମଧ୍ୟ ; ଯାହାର ଏକତା ଏହାର ସଂସ୍କୃତି ଏବଂ ସଭ୍ୟତାଠାରୁ ହିଁ ଉଦ୍ଭବ ଏବଂ ସେହି ଉତ୍ସରୁ ତାହା ଜନ୍ମ ନେଇଛି। ଏହା କେବଳ ଭୂ-ଭାଗ ନୁହେଁ, ବରଂ ଏକ ତୀର୍ଥ ଅଟେ। ସ୍ମୃତି, ତ୍ୟାଗ, ଶୌର୍ଯ୍ୟ ଏବଂ ମାତୃତ୍ୱ ସହିତ ବାନ୍ଧିହୋଇ ରହିଥିବା ଏକ ପବିତ୍ର ଭୂମି ଅଟେ।

ମହର୍ଷି ଅରବିନ୍ଦ ମଧ୍ୟ ଯେପରି ବର୍ଣ୍ଣନା କରିଥିଲେ, ବଙ୍କିମ୍‌ଚନ୍ଦ୍ର ଆଧୁନିକ ଭାରତର ଜଣେ ମହାନ୍ ଋଷି ଥିଲେ, ଯିଏ ନିଜର ଶବ୍ଦ ସାଧନା ମାଧ୍ୟମରେ ରାଷ୍ଟ୍ରର ଆତ୍ମାକୁ ପୁନର୍ଜୀବିତ କରିବାକୁ ସକ୍ଷମ ହୋଇଥିଲେ। ତାଙ୍କ ଦ୍ୱାରା ରଚିତ 'ଆନନ୍ଦମଠ' କେବଳ ଖଣ୍ଡିଏ ସାଧାରଣ ଉପନ୍ୟାସ ନ ଥିଲା ବରଂ ଗଦ୍ୟରେ ଲିଖିତ ଏକ ମହାନ୍ ମନ୍ତ୍ର ଥିଲା। ଏହା ଏଭଳି ଏକ ରାଷ୍ଟ୍ରକୁ ଜାଗ୍ରତ କରିଥିଲା, ଯାହା ମନରୁ ନିଜର ଦିବ୍ୟ ଶକ୍ତିର ବିସ୍ମରଣ ଘଟିସାରିଥିଲା। ନିଜର ଏକ ପତ୍ରରେ, ବଙ୍କିମ୍ ବାବୁ ଉଲ୍ଲେଖ କରିଥିଲେ: "ମୋର କୌଣସି ଆପତ୍ତି ନାହିଁ, ଯଦି ମୋର ସମସ୍ତ ରଚନାକୁ ଗଙ୍ଗାଜଳରେ ବିସର୍ଜନ କରିଦିଆଯାଏ। କାରଣ ଏହି ଗୋଟିଏ ଶ୍ଳୋକ ହିଁ ଅନନ୍ତକାଳ ପର୍ଯ୍ୟନ୍ତ ଜୀବିତ ରହିବ। ଏହା ଏକ ମହାନ୍ ସଙ୍ଗୀତ ହେବ ଏବଂ ଲୋକମାନଙ୍କ ହୃଦୟକୁ ଅବଶ୍ୟ ଜିଣିପାରିବ।'' ଏହି ଶବ୍ଦାବଳୀ ଭବିଷ୍ୟତର ସୂଚନା ବହନ କରୁଥିଲା। ଔପନିବେଶିକ ଭାରତର ସବୁଠାରୁ ଅନ୍ଧକାରମୟ କାଳଖଣ୍ଡରେ ଲେଖାଯାଇଥିବା 'ବନ୍ଦେ ମାତରମ୍' ଜାଗରଣର ପ୍ରଭାତୀ ସଙ୍ଗୀତରେ ପରିଣତ ହୋଇଥିଲା। ଏହା ଏପରି ଏକ ଭଜନ, ଯାହା 'ସାଂସ୍କୃତିକ ରାଷ୍ଟ୍ରବାଦ'କୁ ସଭ୍ୟତାଗତ ଗୌରବ ସହିତ ସଂଯୋଗ କରିଦେଇଥିଲା। ଏଥିରେ ଥିବା ପଂକ୍ତିମାନ କେବଳ ସେହି ବ୍ୟକ୍ତି ଲେଖିପାରିବ, ଯାହାର ପ୍ରତିଟି ଲୋମକୂପରେ ରାଷ୍ଟ୍ର ପ୍ରତି ଅଖଣ୍ଡ ଭକ୍ତିଭାବ ଭରପୂର ହୋଇ ରହିଥିବ।

୧୮୯୬ ମସିହାରେ, ରବୀନ୍ଦ୍ରନାଥ ଟାଗୋର 'ବନ୍ଦେ ମାତରମ୍'କୁ ସ୍ୱର ଦେଇ ସଜାଇଥିଲେ ଏବଂ କୋଲକାତା କଂଗ୍ରେସ ଅଧିବେଶନରେ ଏହାକୁ ଗାନ କରିଥିଲେ, ଯାହା ଫଳରେ ଏହି ବାଣୀ ଅମରତ୍ୱ ପ୍ରାପ୍ତ ହୋଇଥିଲା। ଏହି ଗୀତ ଭାଷା ଏବଂ କ୍ଷେତ୍ରର ସୀମାକୁ ଅତିକ୍ରମ କରି ଆଗକୁ ବଢ଼ିବା ସହିତ ସମଗ୍ର ଦେଶରେ ଗୁଞ୍ଜରିତ ହୋଇଉଠିଥିଲା। ତାମିଲନା ସୁବ୍ରମଣ୍ୟମ୍ ଭାରତୀଜୀ ଏହାକୁ ତାମିଲରେ ଅନୁବାଦ କରିଥିଲେ ଏବଂ ପଞ୍ଜାବରେ କ୍ରାନ୍ତିକାରୀମାନେ ଏହି ଗୀତକୁ ଗାଇ ଗାଇ ବ୍ରିଟିଶ୍ ଶାସନକୁ ଖୋଲାଖୋଲି ଭାବରେ ଚ୍ୟାଲେଞ୍ଜ କରିଥିଲେ।

୧୯୦୫ ମସିହାରେ ବଙ୍ଗ ଭଙ୍ଗ ଆନ୍ଦୋଳନ ସମୟରେ, ବଙ୍ଗଳାରେ ବିଦ୍ରୋହର ଅଗ୍ନି ଦାବାନଳ ପରି ଚାରିଆଡ଼େ ପ୍ରସାରିତ ହୋଇଥିଲା। ଇଂରେଜ ସରକାର 'ବନ୍ଦେ ମାତରମ୍' ସଙ୍ଗୀତର ସାର୍ବଜନୀନ ଗାନ ଉପରେ କଠୋର ପ୍ରତିବନ୍ଧ ଲଗାଇ ଦେଇଥିଲେ। ଏହାବ୍ୟତୀତ ୧୪ ଏପ୍ରିଲ ୧୯୦୬ ତାରିଖ ଦିନ ବରିସାଲରେ, ହଜାର ହଜାର ସଂଖ୍ୟକ ଲୋକ ସରକାରଙ୍କ ଏହି ଆଦେଶକୁ ପ୍ରତ୍ୟାଖ୍ୟାନ କରିଥିଲେ। ଯେତେବେଳେ ପୋଲିସ ସେଠାରେ ଆୟୋଜିତ ଏକ ଶାନ୍ତିପୂର୍ଣ୍ଣ ଜନସଭା ଉପରେ ଲାଠିପ୍ରହାର ଆରମ୍ଭ କରିଥିଲା, ସେଠାରେ ଉପସ୍ଥିତ ପୁରୁଷ ଏବଂ ମହିଳାମାନେ ସେଥିରେ ଲହୁଲୁହାଣ ହୋଇଥିଲେ ସତ, କିନ୍ତୁ ସେମାନଙ୍କ ତୁଣ୍ଡରୁ 'ବନ୍ଦେ ମାତରମ୍' ସ୍ୱର କଦାପି ଲିଭି ନ ଥିଲା।

ସେହିଠାରୁ 'ବନ୍ଦେ ମାତରମ୍'ର ମନ୍ତ୍ର, ଗଦର ପାର୍ଟିର କ୍ରାନ୍ତିକାରୀମାନଙ୍କ ସହିତ କାଲିଫର୍ନିଆ ପର୍ଯ୍ୟନ୍ତ ପହଞ୍ଚି ଯାଇଥିଲା। ଆଜାଦ୍ ହିନ୍ଦ୍ ଫଉଜର ସୈନିକମାନଙ୍କ ତୁଣ୍ଡରେ ଗୁଞ୍ଜରି ଉଠିଥିଲା। ଯେତେବେଳେ ନେତାଜୀଙ୍କ ଫଉଜ ସିଙ୍ଗାପୁରରେ ମାର୍ଚ୍ଚ କରୁଥିଲେ ଏବଂ ୧୯୪୬ ମସିହାରେ ରୟାଲ ଇଣ୍ଡିଆନ୍ ନେଭି ଭିତରେ ବିଦ୍ରୋହର ବହ୍ନି କୁହୁଳୁଥିଲା, ସେତେବେଳେ ଭାରତୀୟ ନାବିକମାନେ ବ୍ରିଟିଶ୍ ଯୁଦ୍ଧପୋତମାନଙ୍କରେ ତ୍ରିରଙ୍ଗା ଉଡ଼ାଇଥିଲେ। ଖୁଦିରାମ ବୋଷଙ୍କଠାରୁ ଆରମ୍ଭ କରି ଅସ୍‌ଫାକଉଲ୍ଲା ଖାନ୍‌ଙ୍କ ପର୍ଯ୍ୟନ୍ତ, ଚନ୍ଦ୍ରଶେଖର ଆଜାଦ୍‌ଙ୍କଠାରୁ ଆରମ୍ଭ କରି ତିରୁପୁର କୁମାରନ୍‌ଙ୍କ ପର୍ଯ୍ୟନ୍ତ, ସମସ୍ତଙ୍କ ତୁଣ୍ଡରେ କେବଳ ସେହି ଗୋଟିଏ ନାରା ହିଁ ଶୁଣିବାକୁ ମିଳୁଥିଲା। ଏହା ସେତେବେଳକୁ ଆଉ କେବଳ ଗୋଟିଏ ଗୀତ ହୋଇ ରହି ନ ଥିଲା, ତାହା ଭାରତର ସାମୂହିକ ଆତ୍ମାର ସ୍ୱରରେ ପରିଣତ ହୋଇ ସାରିଥିଲା। ମହାତ୍ମା ଗାନ୍ଧୀ ସ୍ୱୟଂ ଏକଥା ସ୍ପଷ୍ଟ ସ୍ୱରରେ ସ୍ୱୀକାର କରିଥିଲେ, 'ବନ୍ଦେ ମାତରମ୍' ସଙ୍ଗୀତରେ "ସବୁଠାରୁ ଶୀତଳ ରକ୍ତକୁ ମଧ୍ୟ ଉଷ୍ମ କରିବାର ଯାଦୁକରୀ ଶକ୍ତି ଭରି ରହିଥିଲା''। ଏହା ଉଦାରବାଦୀଙ୍କଠାରୁ ନେଇ କ୍ରାନ୍ତିକାରୀ ତଥା ବିଦ୍ୱାନ୍‌ମାନଙ୍କଠାରୁ ନାବିକମାନଙ୍କ ପର୍ଯ୍ୟନ୍ତ ସମସ୍ତଙ୍କୁ ଏକଜୁଟ କରିପାରିଥିଲା। ମହର୍ଷି ଅରବିନ୍ଦ ସେଥିପାଇଁ କହିଥିଲେ, ଏହା "ଭାରତର ପୁନର୍ଜନ୍ମର ମନ୍ତ୍ର ଅଟେ।''

ଅକ୍ଟୋବର ୨୬ ତାରିଖ ଦିନ 'ମନ କୀ ବାତ୍' କାର୍ଯ୍ୟକ୍ରମ ମାଧ୍ୟମରେ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ 'ବନ୍ଦେ ମାତରମ୍' ଗୀତର ଏହି ମହାନ୍ ଇତିହାସ ସମ୍ପର୍କରେ ଦେଶବାସୀମାନଙ୍କୁ ପୁଣି ଥରେ ସ୍ମରଣ କରାଇ ଦେଇଥିଲେ ଏବଂ ଏହି ରାଷ୍ଟ୍ର ସଙ୍ଗୀତ 'ବନ୍ଦେ ମାତରମ୍'ର ୧୫୦ତମ ବର୍ଷ ପୂର୍ଣ୍ଣ ହେବା ଉପଲକ୍ଷେ ୭ ନଭେମ୍ବରଠାରୁ ଭାରତ ସରକାରଙ୍କ ତରଫରୁ ଆଗାମୀ ଏକ ବର୍ଷ ପର୍ଯ୍ୟନ୍ତ ଭିନ୍ନ ଭିନ୍ନ କାର୍ଯ୍ୟକ୍ରମମାନ ଆୟୋଜନ କରାଯିବା ସକାଶେ ନିଷ୍ପତ୍ତି ନିଆଯାଇଥିବା କଥା ସୂଚାଇଥିଲେ। ଏହି ସମୟରେ ଦେଶବ୍ୟାପୀ 'ବନ୍ଦେ ମାରତମ୍'ର ସମ୍ପୂର୍ଣ୍ଣ ଗାନ କରାଯିବ, ଯାହା ଫଳରେ ଦେଶର ଯୁବ ପିଢ଼ି 'ସାଂସ୍କୃତିକ ରାଷ୍ଟ୍ରବାଦ'ର ଚିନ୍ତାଧାରାକୁ ଆତ୍ମିକ ଭାବରେ ଅନୁଭବ କରିପାରିବେ।

ଆଜି ଯେତେବେଳେ ଆମେ ଭାରତ ପର୍ବ ପାଳନ କରୁଛୁ ଏବଂ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ଜୟନ୍ତୀ ଅବସରରେ ତାଙ୍କୁ ଶ୍ରଦ୍ଧାପୂର୍ବକ ସ୍ମରଣ କରୁଛୁ, ସେତେବେଳେ ଏକଥା ମଧ୍ୟ ସ୍ମରଣକରୁଛୁ ଯେ ସର୍ଦ୍ଦାର ସାହେବ କିପରି 'ଏକ ଭାରତ'ର ନିର୍ମାଣ କରି 'ବନ୍ଦେ ମାତରମ୍'ର ଭାବନାକୁ ହିଁ ଶାଶ୍ୱତ ରୂପ ପ୍ରଦାନ କରିଥିଲେ। ଏହି ସଙ୍ଗୀତ କେବଳ ଅତୀତର ସ୍ମରଣମାତ୍ର ନୁହେଁ, ବରଂ ଭବିଷ୍ୟତ ନିମନ୍ତେ ଏକ ବଜ୍ର ଆହ୍ୱାନ ମଧ୍ୟ। 'ବନ୍ଦେ ମାତରମ୍' ଆଜି ମଧ୍ୟ ବିକଶିତ ଭାରତ ୨୦୪୭ର ଆମର ସଂକଳ୍ପକୁ ପ୍ରେରଣା ଯୋଗାଉଛି। ଏହା ଭାରତର ସଭ୍ୟତାଗତର ଆତ୍ମବିଶ୍ୱାସର ପ୍ରତୀକ ମଧ୍ୟ। ଆଜି ଏହି ଭାବନାକୁ ଆତ୍ମନିର୍ଭର ଏବଂ ଶ୍ରେଷ୍ଠ ଭାରତରେ ପରିବର୍ତ୍ତନ କରିବା ଆମ ସମସ୍ତଙ୍କର ପରମ କର୍ତ୍ତବ୍ୟ ଏବଂ ଦାୟିତ୍ୱ।

'ବନ୍ଦେ ମାତରମ୍' ସ୍ୱାଧୀନତା ସଂଗ୍ରାମର ଗୀତ, ଅତୁଟ ସଂକଳ୍ପର ଭାବନା ଏବଂ ଭାରତ ଜାଗରଣର ପ୍ରଥମ ମନ୍ତ୍ର ମଧ୍ୟ। ରାଷ୍ଟ୍ରର ଆତ୍ମାରୁ ଜନ୍ମିଥିବା ଶବ୍ଦ କଦାପି ଶେଷ ହୋଇ ନ ଥାଏ। ତାହା ସର୍ବଦା ଜୀବନ୍ତ ରହିଥାଏ, ପିଢ଼ି ପିଢ଼ି ପର୍ଯ୍ୟନ୍ତ ଗୁଞ୍ଜରିତ ହୋଇଥାଏ। ଏହି ଜୟଘୋଷ ଅନନ୍ତକାଳ ପର୍ଯ୍ୟନ୍ତ ପ୍ରତିଧ୍ୱନିତ ହୋଇ ଚାଲିଥିବ। ଏବେ ସମୟ ଆସିଛି, ଆମେ ନିଜର ଇତିହାସ, ନିଜର ସଂସ୍କୃତି, ନିଜର ମାନ୍ୟତାଗୁଡ଼ିକୁ ଏବଂ ନିଜର ପରମ୍ପରାକୁ ଭାରତୀୟତା ଦୃଷ୍ଟିରେ ଦେଖିବା।

**ବନ୍ଦେ ମାତରମ୍!**

# ଦେବତ୍ୱର ସନ୍ଧାନ



ମୀରା ବେଉରା

ପୃଥିବୀରେ ଯେତେ ପ୍ରାଣୀ ଅଛନ୍ତି ସବୁଠାରୁ ଅସହାୟ, ଅସନ୍ତୁଷ୍ଟ ଓ ବିଷାଦଗ୍ରସ୍ତ ପ୍ରାଣୀ ହେଉଛି ମଣିଷ, ଯିଏ ନିଜେ ପାଇଥିବା ସମସ୍ତ ଐଶ୍ୱର୍ଯ୍ୟରେ ଖୁସି ନ ହୋଇ ଆହୁରି କିଛି ପାଇବା ପାଇଁ ଲାଳାୟିତ ହୁଏ। ସେହି ମଣିଷ ନିଜର ଆରାମପ୍ରଦ ଜୀବନ ପାଇଁ ଯେତେ ଯେତେ ଯନ୍ତ୍ର ଆବିଷ୍କାର କରୁଛି ଠିକ୍ ସେତିକି ସେତିକି ଦୁଃଖ ନିମନ୍ତ୍ରଣ କରୁଛି। ଏହି ଯନ୍ତ୍ରଗୁଡ଼ିକ ତା'ର ମସ୍ତିଷ୍କକୁ ଏଭଳି ବାନ୍ଧି ଦେଉଛି ଯେ ସେ ଚେଷ୍ଟା କଲେ ବି ତା'ଠାରୁ ମୁକୁଳି ପାରୁନାହିଁ। ପ୍ରାକୃତିକ ପରିବେଶଠାରୁ ନିଜକୁ ଦୂରେଇ ନେଇ ଗୋଟିଏ କୃତ୍ରିମ ଖୁସି ପାଇବା ପାଇଁ ଯେମିତି ପ୍ରତିଶ୍ରୁତିବଦ୍ଧ ହୋଇ ଅସହ୍ୟ ଯନ୍ତ୍ରଣା ଅନୁଭବ କରୁଛି। ବେଳେବେଳେ ନିରାଶ ହୋଇ ଆତ୍ମହତ୍ୟା କରିବାକୁ ମଧ୍ୟ ପଛାଉ ନାହିଁ।

ପ୍ରାଗୈତିହାସିକ ଯୁଗ ଆଉ ଆଜିର ଯୁଗ ମଧ୍ୟରେ ଆକାଶ ପାତାଳ ଫରକ। ଆଜିର ମଣିଷ ଆଉ ପାହାଡ଼ ଗୁମ୍ଫାରେ ରହୁନି କି ପୋଡ଼ା ମାଂସ ଓ ବଣରୁ ଫଳମୂଳ ସଂଗ୍ରହ କରି ଖାଉନି। ସେ ବେଶ୍ ସଭ୍ୟ ଶିକ୍ଷିତ ହୋଇ ନିଜକୁ ରୋଗ ମୁକ୍ତ କରିବା ପାଇଁ ଅନେକ ଔଷଧ ଆବିଷ୍କାର କରିସାରିଲାଣି। ସବୁ ଖୁସି ଆଜି ତା'ହାତ ପାଆନ୍ତାରେ। ଏମିତିକି ପୃଥିବୀର ପ୍ରତିଟି କୋଣର ଖବର ଏବେ ସେଇ ହାତମୁଠାରେ ଥିବା ଛୋଟିଆ ଯନ୍ତ୍ରରେ।

ଖାଲି ସେତିକି ନୁହେଁ ଆଖିପିଛୁଳାକେ ଜୋମାଟୋରୁ ବିଭିନ୍ନ ସୁସ୍ୱାଦୁ ଖାଦ୍ୟ ମଗାଇ ଖାଇ ପାରୁଛି। ପ୍ରାକୃତିକ ପରିବେଶଭରା ନଦୀ, ସମୁଦ୍ର, ପାହାଡ଼ ଘେରା ଜଙ୍ଗଲ ତାକୁ ଭଲ ଲାଗୁନି। ଗୋଟିଏ ପ୍ରଶ୍ନ ମନକୁ ଆନ୍ଦୋଳିତ କରୁଛି, ସବୁ ଥାଇ ମଧ୍ୟ ଆଜିର ମଣିଷ ଉଦାସ ଭାବ କାହିଁକି ଅନୁଭବ କରୁଛି। ଅସୁବିଧା କେଉଁଠି ? ବେଳେବେଳେ ଏମିତି ସମୟ ଆସୁଛି ମଣିଷ ନିଃସଙ୍ଗ ଜୀବନ ଅତିବାହିତ କରିବାକୁ ବାଧ୍ୟ ହେଉଛି। ପରିବାରରେ ଏକାଠି ରହୁଥିବା ସଦସ୍ୟମାନଙ୍କ ପାଖରେ ନିଜର ସୁଖ ଦୁଃଖ ବାଣ୍ଟିବା ପାଇଁ ସମୟ ନାହିଁ।



ଥରେ ବୈଜ୍ଞାନିକ ଆଇନଷ୍ଟାଇନ କହୁଥିଲେ, ସେ ସମୟ ପୁଣି ଆସିବ ଯେଉଁଦିନ ଏଇ ମଣିଷମାନେ ଇଟା ପଥରରେ ପୁଣି ଯୁଦ୍ଧ କରିବେ। ଆଜି ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଆଇ)ଆବିଷ୍କାର ବଳରେ ମଣିଷ ଯେ କେଉଁଠି ପହଞ୍ଚିଛି ତାହା କଳ୍ପନା କରିହେବ ନାହିଁ। ଖାଲି ସେତିକି ନୁହେଁ କୃତ୍ରିମ ମାନବ ଆଲେକ୍ସା ମଧ୍ୟ ତିଆରି କରିପାରିଛି ଏ ମଣିଷ। ଏହା ଚିକିତ୍ସା କ୍ଷେତ୍ରରୁ ଆରମ୍ଭ କରି, ଶିକ୍ଷା, ଗମନାଗମନ, ଗୃହ କାର୍ଯ୍ୟ ଆଦିରେ ନିଜର ପାରଦର୍ଶିତା ଦେଖାଇ ପାରିଛି। ଆଜି ରୋବୋଟିକ ଅପରେଶନ ଆରମ୍ଭ ହେବାକୁ ଯାଉଛି। ଫରକ କେବଳ ଏତିକି ଏହି ଯନ୍ତ୍ରମଣିଷର ଜୀବନ ନାହିଁ। ନିୟନ୍ତ୍ରଣ ମଣିଷ ହାତରେ ରହିବ କିନ୍ତୁ ସବୁ ଯନ୍ତ୍ରମଣିଷ କରିବ। ପ୍ରାକୃତିକ ବିପର୍ଯ୍ୟୟ ବା ସାଇବର ସିକ୍ୟୁରିଟି, ପ୍ରତ୍ୟେକ କାର୍ଯ୍ୟ ସଫଳତାର ସହ ଏହି ଏଆଇ ଯନ୍ତ୍ର କରିପାରିବ। ଯଦି ଏହି ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ପ୍ରତ୍ୟେକ କ୍ଷେତ୍ରରେ କାର୍ଯ୍ୟ ସମ୍ପାଦନ ଆରମ୍ଭ କରିଦେବ ତେବେ ଭାରତ ଭଳି ଗଣତାନ୍ତ୍ରିକ ଜନମଙ୍ଗଳ ରାଷ୍ଟ୍ରରେ ଶିକ୍ଷକ, ଡାକ୍ତର, ପୋଲିସ ଓ ଗବେଷକଙ୍କର ଆଉ କ'ଣ ବା ଆବଶ୍ୟକତା ରହିବ। ବରଂ ନିଯୁକ୍ତି ଓ ବେରୋଜଗାର ସମସ୍ୟା ଉତ୍କଟ ହେବ। ଏହା ମଧ୍ୟ ସାମାଜିକ ଅସନ୍ତୁଳନ ସୃଷ୍ଟି କରିବ। ଏମିତି ଦିନ ନ ଆସୁ ମଣିଷ ନିଜର ଧ୍ୱଂସ ହେବାର ସମୟକୁ ଆମନ୍ତ୍ରଣ ନ କରୁ। ଯେଉଁ ପରମାଣୁ ବୋମା ମଣିଷ ନିଜର ସୁରକ୍ଷା ପାଇଁ ତିଆରି କରିଥିଲା ସେହି ପରମାଣୁ ବୋମା ଏ ସୁନ୍ଦର ପୃଥିବୀକୁ ଧ୍ୱଂସସ୍ତୂପରେ ପରିଣତ କରିଦେବ। ଏ କଥା ସତ୍ୟ ଯେ ମଣିଷର ସୂକ୍ଷ୍ମ ଚିନ୍ତା, ଚେତନା ଶକ୍ତି, ଭାବନା ଓ ସୃଜନଶୀଳତାକୁ ଏଆଇ ଟପି ଯାଇ ପାରିବ ନାହିଁ।

ଏତିକି କୁହାଯାଇପାରେ ମଣିଷ ନିଜ ମସ୍ତିଷ୍କକୁ ନୁହେଁ ବରଂ ହୃଦୟକୁ ଖଟାଇ ଅନେକ କର୍ଯ୍ୟକରିପାରେ। ମଣିଷ ଭିତରେ ଯେଉଁ ସାତ୍ତ୍ୱିକ ଦିବ୍ୟଗୁଣ ଈଶ୍ୱର ଦେଇଛନ୍ତି ତାହା ନିଶ୍ଚିତ ଦୁର୍ଲଭ। ପ୍ରଯୁକ୍ତି ବିଦ୍ୟା ଅପବିଦ୍ୟାରେ ପରିଣତ ନ ହେଉ। ପୃଥିବୀର ସବୁଠାରୁ ସରଳ, ସ୍ୱଚ୍ଛ ନିଷ୍କପଟ, ସୁନ୍ଦର ପ୍ରାଣୀ ଏ ମଣିଷ ଯଦି ଏଆଇ ମାୟାରେ ନ ପଡ଼ି ନିଜର ସୁରକ୍ଷାକୁ ନିଜ ହାତମୁଠାରେ ରଖିବ ତେବେ ସେ ସୁରକ୍ଷିତ ହେବା ସହ ଏକ ସୁସ୍ଥ ସୁନ୍ଦର ନିରାମୟ ପୃଥିବୀ ସୃଷ୍ଟି କରିବାକୁ ସକ୍ଷମ ହେବ। ଏଥିରେ ସନ୍ଦେହ ନାହିଁ। ଶେଷରେ ଏତିକି କୁହାଯାଇପାରେ ଯେ ପ୍ରଯୁକ୍ତି ବିଦ୍ୟା ଭସ୍ମାସୁର ନ ହୋଇ ମଣିଷ ଭିତରେ ଦେବତ୍ୱର ସନ୍ଧାନ କରୁ। ମଣିଷ ମଣିଷ ଭିତରେ ଦୂରତା ଲୋପ ପାଉ ଓ ମଣିଷ ମଣିଷକୁ ଛଳନାହୀନ ଭାବେ ଭଲପାଉ।

**ରଘୁନାଥ ଜୀଉ ମହାବିଦ୍ୟାଳୟ**
**ଦେଉଳସାହି, ତୁଳସୀପୁର, କଟକ**
**ମୋ: ୭୮୪୬୯୨୧୪୦୦**

## ଏଇ ଭାରତରେ

ରଶ୍ମି ଦୁର୍ବେଙ୍କ ପ୍ରାରମ୍ଭିକ ବିବାହିତ ଜୀବନ ଅତ୍ୟନ୍ତ ସଂଘର୍ଷପୂର୍ଣ୍ଣ ରହିଥିଲା। ତାହାକୁ ମୁକାବିଲା କରି ଏହି ମହିଳାଜଣକ ଏବେ କୃଷିରେ ସଫଳତା ପାଇବା ସହ ୨୦୦୦ କୃଷକଙ୍କୁ ମାର୍ଗଦର୍ଶନ କରୁଛନ୍ତି। ମଧ୍ୟପ୍ରଦେଶର ସେନଗୁଡା ଗାଁରେ ରହୁଛନ୍ତି ରଶ୍ମି। ୧୮ ବର୍ଷ ବୟସରେ ବିବାହ ପରେ ସେ ଏହି ଗାଁକୁ ଆସିଥିଲେ। ପରେ ସେ ପରିବାର ଚଳାଇବାରେ ବହୁ ସମସ୍ୟାର ସମ୍ମୁଖୀନ ହୋଇଥିଲେ। ଅଭାବ ଦୂର କରିବା ପାଇଁ ପ୍ରଥମେ ସେ ୨୦୧୫ରେ ଜାଗୃତି ସ୍ୱୟଂ ସହାୟକ ଗୋଷ୍ଠୀରେ ଯୋଗ ଦେଇଥିଲେ। ସେଠାରୁ ସେ ସଞ୍ଚୟ, ନାରୀ ସଶକ୍ତୀକରଣ ତଥା କୃଷି ସମ୍ବନ୍ଧୀୟ ଆଲୋଚନାରୁ ଅନେକ କିଛି ଶିକ୍ଷା କରିଥିଲେ। ୨୦୧୮ରେ ପ୍ରଫେଶନାଲ ଆସିଷ୍ଟାଣ୍ଟ ଫର ଡେଭଲପ୍‌ମେଣ୍ଟ ଆକ୍ସନରୁ ଆଧୁନିକ ଚାଷ ସମ୍ପର୍କରେ ପ୍ରଶିକ୍ଷଣ ନେଇ ତାଙ୍କ ପୈତୃକ ଜମିରେ ଚାଷ ଆରମ୍ଭ କରିଥିଲେ। ଏଥିରେ ସଫଳ ହେବା ପରେ ସେ ସ୍ୱୟଂ ସହାୟକ ଗୋଷ୍ଠୀ ମାଧ୍ୟରେ ସେନଗୁଡା ଓ ଏହାର ଆଖପାଖ ଗାଁଗୁଡ଼ିକରେ କୃଷକମାନଙ୍କୁ କୃଷି ପାଇଁ ପ୍ରୋତ୍ସାହିତ କରିଥିଲେ। ପ୍ରଥମେ ତାଙ୍କ ସହ ୧୫୦ କୃଷକ ସାମିଲ ହୋଇଥିଲେ। ଏବେ ସେ ୨୦୦୦ କୃଷକଙ୍କୁ ସଶକ୍ତ କରିପାରିଛନ୍ତି। ଏହା ବ୍ୟତୀତ ମହିଳାଙ୍କ ପାଇଁ କାର ଡ୍ରାଇଭିଂ ପ୍ରଶିକ୍ଷଣର ବ୍ୟବସ୍ଥା ମଧ୍ୟ କରିଛନ୍ତି।

## ଚିରନ୍ତନୀ

ରୂପସୀ ଖେଳ କିଏ ରୂପର ଖେଳନା
ନୟନେ ଭରି ଦେଇ ରସର ଝରଣା
ଅଧରେ ଗୋଲାପର ମରିଛି କଳିକା
ଦଶନେ ଫୁଟିଉଠେ ପ୍ରଦୋଷ ମଲ୍ଲିକା
ଶୁଭ୍ର ବାସେ ତବ ଜଡ଼ିଛି ବାସନା
ରୂପସୀ ଖେଳ କିଏ ରୂପର ଖେଳନା ।
-(ସୁଦୂର ଗାନ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## su | do | ku
Puzzles by Srikant Ghosh

## ସୁ-ଡୋ-କୁ

| | | | | | | | | |
|---|---|---|---|---|---|---|---|---|
| | 2 | | | | | | | |
| | | 5 | | | | 8 | 9 | |
| | | | | | | 3 | | 4 |
| | | | 7 | | 8 | | | |
| | | 2 | | 6 | | | 5 | 9 |
| | | 9 | 5 | | | | | 6 |
| | | 6 | | | | | | |
| 4 | | | 6 | | 3 | | | 7 |
| | 9 | 8 | | 2 | 4 | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 6 | 2 | 8 | 5 | 4 | 3 | 9 | 1 | 7 |
| 3 | 7 | 5 | 1 | 6 | 9 | 2 | 4 | 8 |
| 9 | 1 | 4 | 7 | 2 | 8 | 6 | 3 | 5 |
| 2 | 3 | 7 | 6 | 1 | 4 | 8 | 5 | 9 |
| 4 | 6 | 1 | 8 | 9 | 5 | 7 | 2 | 3 |
| 5 | 8 | 9 | 3 | 7 | 2 | 1 | 6 | 4 |
| 8 | 9 | 6 | 4 | 5 | 1 | 3 | 7 | 2 |
| 7 | 5 | 2 | 9 | 3 | 6 | 4 | 8 | 1 |
| 1 | 4 | 3 | 2 | 8 | 7 | 5 | 9 | 6 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ରେଲୱେ ମାର୍କେଟରେ ବିଦ୍ୟୁତ୍ ବାଇପାସ୍

ମହାଶୟ,

ଜଟଣୀ ରେଲୱେ ନିୟୁ ମାର୍କେଟ ବ୍ୟବସାୟୀମାନେ ବିଦ୍ୟୁତ୍ ହୁକ୍ ପକାଇ ବେପାର କରୁଥିବା ଦେଖାଯାଉଛି। ଆଉ କେତେକ ବ୍ୟବସାୟୀ ସ୍ମାର୍ଟ ମିଟରକୁ ବାଇପାସ୍ କରି ବିଦ୍ୟୁତ ବ୍ୟବହାର କରୁଛନ୍ତି। ଫଳରେ ମାସକୁ ୩ହଜାର ଟଙ୍କା ବିଲ୍ ହେବା କଥା କିନ୍ତୁ ମାସକୁ ୩୦୦ ଟଙ୍କା କିମ୍ବା ୪୦୦ ଟଙ୍କା ବିଲ୍ ଦେଇ ଚୁପ୍ ରହୁଛନ୍ତି। ଯଦି ଶର୍ଟ ସର୍କିଟ ଯୋଗୁ ମାର୍କେଟରେ ନିଆଁ ଲାଗେ ତେବେ ତାହାକୁ ଆୟତ୍ତ କରିବା କଷ୍ଟକର ହୋଇପଡ଼ିବ କିମ୍ବା ରେଲ୍‌ୱେ ମାର୍କେଟ ଧ୍ୱଂସ ପାଇଯିବ। ସଚ୍ଚୋଟ ବ୍ୟବସାୟୀମାନେ ଇଲେକ୍ଟ୍ରି ବିଭାଗ ଜେଇଙ୍କୁ ବିଦ୍ୟୁତ ବାଇପାସ୍ ସମ୍ପର୍କରେ ଅଭିଯୋଗ ଦେଇଥିଲେ। ବିଭାଗୀୟ କର୍ତ୍ତୃପକ୍ଷ ଚେକିଂ କଲେ କିନ୍ତୁ ବ୍ୟବସାୟୀମାନେ ହାତଗୁଞ୍ଜା ଦେଇ ତାହାକୁ ଚାପିଦେଲେ। ଜେଇ ଦେଖି ନ ଦେଖିଲା ଭଳି ହେଉଛନ୍ତି।

**-ସୁରେଶ ସାହୁ, ଜଟଣୀ, ଖୋର୍ଦ୍ଧା**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ବନ୍ଦେ ମାତରମ୍: ପ୍ରେରଣାର ଉତ୍ସ



ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

**ରାଷ୍ଟ୍ରୀୟ ଗୀତର ୧୫୦ବର୍ଷ**

କ'ଣ ଗୋଟିଏ ଗୀତର ଏତେ ଶକ୍ତି ଅଛି? ଜଣେ ସଂଗ୍ରାମୀ ଏହି ଗୀତକୁ ଖୁସିରେ ଗାଇ ଗାଇ ମୃତ୍ୟୁଦଣ୍ଡ ଭୋଗିବା ପାଇଁ ଫାଶିଖୁଣ୍ଟରେ ଝୁଲିପଡ଼ିବ? କ'ଣ ଗୋଟିଏ ଗୀତର ଏତିକି ତାକତ ଅଛି, ଯାହାର ଶବ୍ଦର ପ୍ରେରଣା ନିଜ ଜୀବନକୁ ତିଳ ତିଳ ଦଗ୍ଧ କରି ନିଜ ଦେଶମାତୃକାର ଚରଣ କମଳରେ ସମର୍ପି ଦେବ? ସ୍କୁଲ କଲେଜରେ ପଢ଼ୁଥିବାବେଳେ ଖୁଦିରାମ ବୋଷଙ୍କ ବଳିଦାନ କାହାଣୀ ମୋତେ ବେଶ୍ ଆକର୍ଷିତ କରୁଥିଲା। ଖୁଦିରାମ ବୋଷ ବନ୍ଦେ ମାତରମ୍ ଗାଇ ଗାଇ ନିଜ ଜୀବନକୁ ମା' ଭାରତୀର ପାଦପଦ୍ମରେ ସମର୍ପି ଦେବାର କଥା ଇତିହାସ କହେ। ହୁଏତ ଆମ ଦେଶର ମହାନ୍ ସ୍ୱାଧୀନତା ସଂଗ୍ରାମର ଶ୍ରେୟ କେବଳ କେତୋଟି ପରିବାରରେ ସୀମିତ କରିବା ପାଇଁ ଅପଚେଷ୍ଟା କରାଯାଇଥାଇପାରେ। ମାତ୍ର ଆମର ସ୍ୱାଧୀନତା ସଂଗ୍ରାମ ଥିଲା ବିରାଟ ଜନ ଆନ୍ଦୋଳନ। କେତୋଟି ପରିବାର ନୁହେଁ, ଆମ ଦେଶର ଲକ୍ଷ ଲକ୍ଷ ଯୁବପିଢ଼ିଙ୍କ ତ୍ୟାଗ, ତପସ୍ୟା ଓ ବଳିଦାନର ଭିତ୍ତିଭୂମି ଉପରେ ଠିଆ ହୋଇଛି ଆମର କଷ୍ଟଲବ୍ଧ ସ୍ୱାଧୀନତା।

ମୋର ମନେଅଛି ୩ ଅକ୍ଟୋବର ୨୦୧୪। ଏହି ଦିନ ଥିଲା ପବିତ୍ର ବିଜୟା ଦଶମୀ। ଆମର ଯଶସ୍ୱୀ ପ୍ରଧାନମନ୍ତ୍ରୀ ଆରମ୍ଭ କଲେ ତାଙ୍କର ରେଡିଓଭିତ୍ତିକ ଜନ ସମ୍ବାଦର କାର୍ଯ୍ୟକ୍ରମ 'ମନ୍ କୀ ବାତ୍'। ପ୍ରଥମ ଅଧ୍ୟାୟକୁ ସଦ୍ୟତମ ୧୨୭ତମ ଅଧ୍ୟାୟ ଅକ୍ଟୋବର ୨୬ ତାରିଖ ପର୍ଯ୍ୟନ୍ତ ଏମିତି କୌଣସି 'ମନ୍ କୀ ବାତ୍' ନାହିଁ, ଯାହାକୁ ମୁଁ ମନଧ୍ୟାନ ଦେଇ ଶୁଣିନାହିଁ। ମୋଦୀଜୀ ତାଙ୍କ 'ମନ୍ କୀ ବାତ୍'ରେ ଉଠାଉଥିବା ଅନେକ ପ୍ରସଙ୍ଗ ମୋ ଭଳି ଦେଶର କୋଟି କୋଟି ସାଧାରଣ ଜନତାଙ୍କୁ ବେଶ୍ ପ୍ରଭାବିତ କରିଛି। ମାତ୍ର ତାଙ୍କର ସଦ୍ୟତମ 'ମନ୍ କୀ ବାତ୍'ରେ ଆମର ରାଷ୍ଟ୍ର ଗୀତ 'ବନ୍ଦେ ମାତରମ୍'ର ୧୫୦ ବର୍ଷ ପୂର୍ତ୍ତି ନଭେମ୍ବର ୭ ତାରିଖ ଦିନ ପାଳନ କରାଯିବ ବୋଲି କହିଥିଲେ। ଏହା ସହ 'ବନ୍ଦେ ମାତରମ୍'ର ବିଶେଷତା, ଭାରତୀୟ ସଭ୍ୟତା, ସଂସ୍କୃତି ଏବଂ ଦେଶ ପାଇଁ ନିଜକୁ ସମର୍ପି ଦେବାର ପ୍ରେରଣା ପ୍ରସଙ୍ଗରେ କହିଥିଲେ। ଏହି ସମୟରେ ମୋ ମନ ଭିତରେ ପିଲାଦିନୁ ରାଷ୍ଟ୍ରୀୟ ସ୍ୱୟଂସେବକ ସଙ୍ଘ କାମରୁ ଶିଶୁ ମନ୍ଦିରରେ ଗୁରୁଜୀରୁ ରାଜନୀତିର ସାର୍ବଜନୀନ ଜୀବନରେ, ବ୍ୟକ୍ତି-ସମାଜ ଓ ରାଷ୍ଟ୍ର ପାଇଁ କାର୍ଯ୍ୟକର୍ତ୍ତାମାନଙ୍କ ମନରେ ଭାବନା ଜାଗରଣ କରିବା ଲାଗି ଆମେ କରୁଥିବା ଉଦ୍ୟମ ସବୁ ମୋ ମନରେ ନାଚି ଉଠୁଥିଲା।

ମୋଦୀଜୀଙ୍କ ସଦ୍ୟତମ ମନ୍ କୀ ବାତ୍‌ର କିଛି ଦିନ ପରେ ଆମ ଦେଶର ମହିଳା କ୍ରିକେଟ୍ ଦଳ ପ୍ରଥମ ଥର ପାଇଁ ବିଶ୍ୱ କପ୍ ଜିତି ରେକର୍ଡ କଲା। ଦିନ ଥିଲା, ୨ ନଭେମ୍ବର ୨୦୨୫, ଡିୱାଇ ପାଟିଲ ଷ୍ଟାଡିୟମ୍। ଠିକ୍ ମଧ୍ୟରାତ୍ରରେ ଆମ ଝିଅମାନେ ମ୍ୟାଚ୍ ଜିତି ଆମ ଛାତିକୁ କୁଣ୍ଢେମୋଟ କରିଥିଲେ। ଏହି ସମୟରେ ସାରା ଷ୍ଟାଡିୟମରେ ସମବେତ ହଜାର ହଜାର ଜନତା ଏକ ସ୍ୱରରେ ବନ୍ଦେ ମାତରମ୍ ସଙ୍ଗୀତ ଗାନ କରୁଥିଲେ। ମୋ ଭଳି ଆପଣମାନେ ବି ସେଇ ମୁହୂର୍ତ୍ତର ଗୌରବ ମନେମନେ ଅନୁଭବ କରିଥିବେ। ମୋର ମନେଅଛି, ୨୦୧୧ ମସିହାରେ ୱାଙ୍ଖେଡେ ଷ୍ଟାଡିୟମ୍‌ରେ ଭାରତ ଶ୍ରୀଲଙ୍କାକୁ ହରାଇ ବିଶ୍ୱ କପ୍ କ୍ରିକେଟ୍ ଜିତିଥିଲା। କ୍ରିକେଟ୍‌ପ୍ରେମୀ ଭାବରେ ଉତ୍କଣ୍ଠାର ସହ ଏହି ଖେଳକୁ ଉପଭୋଗ କରୁଥିଲି। ପୂରା ଷ୍ଟାଡିୟମ୍ ହଜାର ହଜାର ଦର୍ଶକଙ୍କ ବନ୍ଦେ ମାତରମ୍ ସଙ୍ଗୀତ ସ୍ୱରରେ କମ୍ପି ଉଠୁଥିଲା। ଅନୁଭବ ହେବା ସ୍ୱାଭାବିକ ଏ ଗୀତ ଗୀତ ନୁହେଁ, ଏହା ଭାରତର ହୃଦୟର ସ୍ପନ୍ଦନ। ଆପଣମାନେ ୟୁଟ୍ୟୁବ୍‌କୁ ଯାଆନ୍ତୁ ସଦ୍ୟ ମହିଳା ଦଳର ବିଜୟ ଓ ଭାରତର ବିଶ୍ୱ କପ୍ ବିଜୟର ଅବ୍ୟବହିତ ପୂର୍ବରୁ ବନ୍ଦେ ମାତରମ୍ ହଜାର ହଜାର ଭାରତୀୟଙ୍କ ସଙ୍ଗୀତ ଗାନକୁ ପୁଣି ଥରେ ଶୁଣନ୍ତୁ। ଦେଖନ୍ତୁ ଭାରତୀୟ ଭାବରେ ଆପଣମାନଙ୍କ ମନରେ କିପରି ଭାବନା ସୃଷ୍ଟି ହେଉଛି।

ମୋଦୀଜୀଙ୍କ ୨୬ ଅକ୍ଟୋବର 'ମନ୍ କୀ ବାତ୍'ରେ 'ବନ୍ଦେ ମାତରମ୍'ର ଅବତାରଣା ଓ ପରେ ୨ ନଭେମ୍ବରରେ ଆମ ମହିଳା କ୍ରିକେଟ୍ ଟିମ୍‌ରେ ମଧ୍ୟରାତ୍ରିରେ ବିଜୟ ଅବସରରେ ହଜାର ହଜାର ଦର୍ଶକଙ୍କ ମିଳିତ ବନ୍ଦେ ମାତରମ୍ ଗାନ ମୋତେ ବନ୍ଦେ ମାତରମ୍‌ର ମହନୀୟତାକୁ ନେଇ ମୋର ଭାବନାକୁ ବ୍ୟକ୍ତ କରିବାକୁ ପ୍ରେରଣା ଯୋଗାଇଲା।

ମୋଦୀଜୀ ତାଙ୍କ ମନ୍ କୀ ବାତ୍‌ରେ କହିଥିଲେ, ବନ୍ଦେ ମାତରମ୍ ଆମ ଦେଶ ଭକ୍ତି ଓ ରାଷ୍ଟ୍ରୀୟ ଗୌରବର ଚିରନ୍ତନ ପ୍ରତୀକ। ଦେଶ ପାଇଁ କଠିନ ସମୟରେ ବନ୍ଦେ ମାତରମ୍‌ରେ ଉଦ୍‌ଘୋଷ ୧୪୦ କୋଟି ଭାରତୀୟଙ୍କୁ ଏକତାର ସୂତ୍ରରେ ବାନ୍ଧି ରଖିଥାଏ। ହୁଏତ ମହାନ୍ ଦେଶଭକ୍ତ, ସାରସ୍ୱତ ସାଧକ ବଙ୍କିମ୍‌ଚନ୍ଦ୍ର ଚଟ୍ଟୋପାଧ୍ୟାୟ ଊନବିଂଶ ଶତାବ୍ଦୀରେ ବନ୍ଦେ ମାତରମ୍ ରଚନା କରିଯାଇଛନ୍ତି। ମାତ୍ର ଏହି ଗୀତ ହଜାର ହଜାର ବର୍ଷର ଆମର ସଭ୍ୟତା, ସଂସ୍କୃତି ଓ ପରମ୍ପରାର ପ୍ରତିନିଧିତ୍ୱ କରେ। ବେଦରେ ଲିଖିତ 'ମାତା ଭୂମିଃ ପୁତ୍ରୋହମ୍ ପୃଥିବ୍ୟାଃ' ଅର୍ଥାତ୍ ଏହି ଭୂମି ଆମର ମାତା ଏବଂ ଆମେ ସମସ୍ତେ ତାଙ୍କର ସନ୍ତାନ। ଏହା ଭାରତର ମୂଳ ବିଚାର ଏବଂ ଏହି ବିଚାର ବଙ୍କିମ୍‌ଚନ୍ଦ୍ର ଚଟ୍ଟୋପାଧ୍ୟାୟ ତାଙ୍କର ବନ୍ଦେ ମାତରମ୍ ସଙ୍ଗୀତରେ ପ୍ରତିଫଳନ ବୋଲି ମୋଦୀ ବ୍ୟାଖ୍ୟା କରିଥିଲେ। ତଥ୍ୟ କହୁଛି, ନଭେମ୍ବର ୭ ତାରିଖ ୧୮୭୫ ମସିହା, ଏହା ଥିଲା ଦୁର୍ଗାପୂଜାର ମହାସପ୍ତମୀ ତିଥି। ଏହି ଦିନ ଏହି ମହାନ୍ ସଙ୍ଗୀତକୁ ରଚନା କରିଥିଲେ ବଙ୍କିମ୍‌ଚନ୍ଦ୍ର। ୧୯୦୫ରେ ବ୍ରିଟିଶ୍ ଡିଭାଇଡ୍ ଆଣ୍ଡ୍ ରୁଲ୍ ନୀତିରେ ବଙ୍ଗ ଭାଷାଭାଷୀ ଅଞ୍ଚଳକୁ ବିଭାଜନ କଲେ। ବଙ୍ଗ ଭଙ୍ଗ ବିରୋଧରେ ଆରମ୍ଭ ହୋଇଥିବା ବ୍ରିଟିଶ୍ ବିରୋଧୀ ଜନ ଆନ୍ଦୋଳନର ସୂତ୍ରଧର ସାଜିଥିଲା ବଙ୍କିମ୍‌ଚନ୍ଦ୍ରଙ୍କ ବନ୍ଦେ ମାତରମ୍ ସଙ୍ଗୀତ। ଏହି ଆନ୍ଦୋଳନ ଜାତି, ବର୍ଣ୍ଣ, ଧର୍ମ, ଭାଷା, ଅଞ୍ଚଳ ଭିତ୍ତିରୁ ଉପରକୁ ଉଠି ସମସ୍ତଙ୍କୁ ଏକ କରିବାରେ ଉତ୍‌ପ୍ରେରକର ଭୂମିକା ନେଲା, ଇତିହାସ ଏହାର ସାକ୍ଷୀ।

ଆଜି ଯେତେବେଳେ ଆମେ ଏହି ସଙ୍ଗୀତର ୧୫୦ ବର୍ଷ ପୂର୍ତ୍ତି ପାଳନ କରିବାକୁ ଯାଉଛେ, ନୂଆ ଭାରତର ନୂଆ ପିଢ଼ି ପାଖରେ ଏହି ସଙ୍ଗୀତର ମହାନୀୟତାକୁ ପହଞ୍ଚାଇବା ଏକ ରାଷ୍ଟ୍ରୀୟ ଦାୟିତ୍ୱ। ଖୋଦ୍ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ 'ମନ୍ କୀ ବାତ୍'ରେ କରିଥିବା ବ୍ୟାଖ୍ୟାକୁ ନେଇ ସାରା ଦେଶ ତଥା ଆମ ରାଜ୍ୟ ଓଡ଼ିଶାରେ ମଧ୍ୟ ବନ୍ଦେ ମାତରମ୍‌ର ମହିମା ମଣ୍ଡନର ଆବଶ୍ୟକତା ଅଛି। ଆମ ରାଜ୍ୟବାସୀ, ବିଶେଷ ଭାବରେ ଯୁବପିଢ଼ି ଏଥିରେ ସାମିଲ ହେବା ପାଇଁ ମୁଁ ଆହ୍ୱାନ ଜଣାଉଛି।

ବଙ୍କିମ୍‌ଚନ୍ଦ୍ରଙ୍କ ରଚିତ ବନ୍ଦେ ମାତରମ୍‌କୁ ବିଶ୍ୱକବି ରବୀନ୍ଦ୍ର ନାଥ ଟାଗୋର ୧୮୯୬ ମସିହାରେ ପ୍ରଥମଥର ପାଇଁ ଜାତୀୟ କଂଗ୍ରେସର କଲିକତା ଅଧିବେଶନରେ ଗାନ କରିଥିଲେ। ଏହା ପରଠାରୁ ଦେଶର ରାଷ୍ଟ୍ରବାଦୀ ଆନ୍ଦୋଳନର ଯୁଦ୍ଧଂ ଦେହିର ସ୍ୱର ହୋଇଥିଲା ବନ୍ଦେ ମାତରମ୍। ୧୯୦୫ ମସିହାରେ ବଙ୍ଗ ଭଙ୍ଗ ବିରୋଧରେ ସାରା ସମାଜକୁ ଏକ କରିବାର ମନ୍ତ୍ର ଏହି ସଙ୍ଗୀତ ଏହାର ପ୍ରଭାବର ପରାକାଷ୍ଠା ଦେଖାଇଥିଲା।

ବନ୍ଦେ ମାତରମ୍‌ର ଗ୍ରହଣୀୟତାର ବିବାଦ ଭିତରକୁ ଯିବା ମୋର ବିଷୟବସ୍ତୁ ନୁହେଁ। ମାତ୍ର ବନ୍ଦେ ମାତରମ୍‌କୁ ନେଇ ବିବାଦ ଅଯଥା ଏବଂ ଧର୍ମୀୟ ଭାବନା ଆହତ ହେବାର ଯୁକ୍ତିକୁ ନେଇ ଦୀର୍ଘ ଦିନ ବିବାଦର ଅନ୍ତ ହେବା ମଧ୍ୟ ଜରୁରୀ। ଆମ ଭାରତୀୟ ସମାଜ ଗଙ୍ଗା, ଗୀତା ଓ ଗୋମାତାର ପୂଜାରୀ। ଆମ ସଭ୍ୟତା ସଂସ୍କୃତି ଅନାଦି ଅନନ୍ତକାଳରୁ ରହି ଆସିଛି ଏବଂ ଦୃଢ଼ ନିଶ୍ଚିତତାର ସହ କହିପାରିବା ଯେ, ଏହା ଅନାଦି ଅନନ୍ତକାଳ ପର୍ଯ୍ୟନ୍ତ ତିଷ୍ଠି ରହିବ। ମୋର ମହାନ୍ କବି ଇକ୍‌ବାଲଙ୍କ ଗୋଟିଏ ପଂକ୍ତି ମନେପଡୁଛି। ସେ ଲେଖିଥିଲେ...

ୟୁନାନ-ଓ-ମିଶର୍-ଓ-ରୋମ୍ ସବ୍ ମିଟ ଗୟେ ଜହାଁସେ।
ଅବ୍ ତକ୍ ମଗର ହୈ ବାକୀ, ନାମ-ଓ-ନିଶାଁ ହମାରା।
କୁଛ ବାତ୍ ହେ କି ହସ୍ତି, ମିଟ୍‌ତୀ ନେହିଁ ହମାରୀ
ସଦିୟୋ ରାହାହେଁ ଦୁଶ୍‌ମନ, ଦୌର -ଏ - ଜମାଁ ହମାରା।

ଦୁନିଆର ଅନେକ ସଭ୍ୟତା ଧ୍ୱଂସ ପାଇଯାଇଛି। ଧ୍ୱଂସ ପଛରେ ମୂଳ ବିଷୟ କାଳକ୍ରମେ ସେଠାକାର ପୁତ୍ରରୂପୀ ସମାଜ ସେମାନଙ୍କ ସଭ୍ୟତା ଓ ସଂସ୍କୃତିଠାରୁ ଦୂରେଇଯିବା। ଆଜି ମିଶର ସଭ୍ୟତା ନାହିଁ। ମିଶର ହୋଇଯାଇଛି ଇଜିପ୍ଟ। ସେଠାକାର ସ୍ଫିଙ୍କ୍ସ ଓ ପିରାମିଡ୍ ଶ୍ରଦ୍ଧା, ସମ୍ମାନ ଓ ପ୍ରେରଣାର କେନ୍ଦ୍ର ନୁହେଁ, ସଂଗ୍ରହାଳୟ ବସ୍ତୁ ପାଲଟି ଯାଇଛନ୍ତି। ଅପରପକ୍ଷରେ ଆମ ଭାରତୀୟ ସଭ୍ୟତା ବଞ୍ଚିଛି, କାରଣ ଆମ ପାଇଁ ଆମ ମାତୃଭୂମି ଜୀବନ୍ତ ରାଷ୍ଟ୍ର ପୁରୁଷ। ସଂସ୍କୃତିର ପ୍ରବାହମାନ ଧାରା ପ୍ରତିରୋଧର ସାମ୍ନା କରି ଆଗକୁ ବଢ଼ିଛି। କେବେ ହୁଏତ ଗତି ଶିଥିଳ ହୋଇଛି, ମାତ୍ର ପୁଣି ଏହାର ପୁତ୍ରରୂପୀ ସମାଜ ସଂଗଠିତ ହୋଇ ସାମରିକ ଓ ସାଂସ୍କୃତିକ ଆକ୍ରମଣକୁ ପରାଜିତ କରିଛି। ପୁଣି ରାଷ୍ଟ୍ରର ଚିରନ୍ତନ ପ୍ରବାହ ଅବିରତ ଗତିରେ ଆଗକୁ ଆଗକୁ ବଢ଼ି ଚାଲିଛି।

ଆମର ଶ୍ରଦ୍ଧା କେନ୍ଦ୍ର ଗୀତା, ଗଙ୍ଗା, ଗୋମାତା ତଥା ଦୈବ ଆରାଧନା ପୀଠ ସବୁବେଳେ ପ୍ରେରଣାର କେନ୍ଦ୍ର ହୋଇ ରହିଛନ୍ତି। ଊନବିଂଶ ଶତାବ୍ଦୀରେ ହୁଏତ ବଙ୍କିମ୍‌ଚନ୍ଦ୍ର ବନ୍ଦେ ମାତରମ୍ ରଚନା କଲେ। ମାତ୍ର ଏହି ସଙ୍ଗୀତ ହଜାର ହଜାର ବର୍ଷର ଭାରତୀୟ ସଭ୍ୟତା ଓ ସଂସ୍କୃତିର ଅନ୍ତଃସ୍ୱରରେ ଏକ ଅଭିବ୍ୟକ୍ତି ମାତ୍ର। ମୋଦୀଜୀଙ୍କ ଭାଷଣରେ ବେଦର ପ୍ରତିଫଳନ ବନ୍ଦେ ମାତରମ୍।

ଯଦି ଆମ ସଭ୍ୟତାର ଧାରା ଯୁଗ ଯୁଗ ଧରି ସଶକ୍ତ ହୋଇ ପ୍ରବାହିତ ହୁଏ, ତା'ହେଲେ ବିଶ୍ୱରେ ଆହ୍ୱାନର ସମ୍ମୁଖୀନ ହେଉଥିବା ସବୁ ମତ, ପନ୍ଥ ଓ ବିଚାର ବଞ୍ଚି ରହିପାରିବ। ଆମ ଦଳର ଜଣେ ତଥ୍ୟ ଆଧାରିତ ତର୍କର ପ୍ରବକ୍ତା ଓ ସାଂସଦ ସୁଧାଂଶୁ ତ୍ରିବେଦୀ। ତାଙ୍କର ଏକ ଟିଭି ଆଲୋଚନାରେ ମତ ରଖିଥିବା କିଛି କଥାକୁ ମୁଁ ଉଦ୍ଧୃତ କରୁଛି। 'ଭାରତ ଧର୍ମନିରପେକ୍ଷ', କାରଣ ଭାରତ ହିନ୍ଦୁବହୁଳ ଦେଶ। ହିନ୍ଦୁସଂଖ୍ୟା ଯଦି କମିଯିବ, ତା'ହେଲେ ଭାରତର ଧର୍ମନିରପେକ୍ଷତା କବର ନେବ। ସାରା ବିଶ୍ୱରୁ ବିଲୁପ୍ତ ହୋଇଥିବା ପାରସୀ ଧର୍ମ ଭାରତ ଭଳିଆ ଦେଶରେ ସୁଖ ଶାନ୍ତିରେ ପ୍ରସ୍ଫୁଟିତ। ଇହୁଦୀମାନେ ସମଗ୍ର ବିଶ୍ୱରେ ଯାଯାବର ଜୀବନ ବଞ୍ଚୁଥିବା ବେଳେ ଲାଞ୍ଛନା ଓ ଅପମାନର ଶିକାର ହୋଇଥିଲେ। ମାତ୍ର ଇସ୍ରାଏଲ ସୃଷ୍ଟି ହେବା ପରେ ତାଙ୍କର ସ୍ମୃତି ପୁସ୍ତକ କହୁଛି ଭାରତ ଏକମାତ୍ର ଦେଶ, ଯେଉଁଠି ଇହୁଦୀ କୌଣସି ପାତରଅନ୍ତରର ଶିକାର ହୋଇ ନ ଥିଲା। ପୃଥିବୀରେ ୫୬ଟି ମୁସ୍‌ଲିମ୍ ରାଷ୍ଟ୍ର ଅଛି। ମାତ୍ର ଭାରତ ହେଉଛି ପୃଥିବୀର ଏକମାତ୍ର ରାଷ୍ଟ୍ର, ଯେଉଁଠି ଇସ୍‌ଲାମର ୭୦ରୁ ଊର୍ଦ୍ଧ୍ୱ ପ୍ରକାରର ସମ୍ପ୍ରଦାୟ ସୁଖ ଓ ସ୍ୱାଚ୍ଛନ୍ଦ୍ୟରେ ନିଜର ବିଶ୍ୱାସକୁ ପାଳନ କରିଆସୁଛନ୍ତି।

ଏହା କହିବାର ଉଦ୍ଦେଶ୍ୟ, ମୋଦୀଜୀଙ୍କ ମନ୍ କୀ ବାତ୍‌ର ବନ୍ଦେ ମାତରମ୍ ଗୀତର ୧୫୦ ବର୍ଷ ପୂର୍ତ୍ତିର ପାଳନ ନଭେମ୍ବର ୭, ଏହା ଚିରନ୍ତନ ଭାରତୀୟ ଭାବଧାରାକୁ ଜାଗ୍ରତ କରିବ। ଭାରତୀୟ ସଭ୍ୟତା ଓ ସଂସ୍କୃତିର ଜୟ ଜୟକାର କରିବ, ଯାହା ଭିତରେ ବିଶ୍ୱ ମଙ୍ଗଳ, ବସୁଧୈବ କୁଟୁମ୍ବକମ୍‌ର ଚିରନ୍ତନ ବାର୍ତ୍ତା ଜନ ଜନ ପର୍ଯ୍ୟନ୍ତ ପହଞ୍ଚାଇବ।

ଆସନ୍ତୁ ଆମେ ସବୁ ଭାରତବାସୀ ମା' କହି ଭାରତ ମାତା ପାଖରେ ମୁଣ୍ଡ ନୁଆଁଇବା। ଆଉ ଗର୍ବର ସହିତ କହିବା ବନ୍ଦେ ମାତରମ୍। ସଗର୍ବରେ ବଙ୍କିମ୍‌ଚନ୍ଦ୍ରଙ୍କ ଦୁର୍ଗାପୂଜାର ପବିତ୍ର ମହାସପ୍ତମୀରେ ରଚିତ ଏହି ସଙ୍ଗୀତର ପଦ- 'ତୁହି ଦୁର୍ଗା ଦଶ ପ୍ରହରଣ ଧାରିଣୀ, କମଳା କମଳଦଳ ବିହାରିଣୀ, ବାଣୀ ବିଦ୍ୟାଦାୟିନୀ, ନମାମୀ ତ୍ୱମ୍‌'କୁ ଦୋହରାଇବା।

'ବନ୍ଦେ ମାତରମ୍'- ଯୁଗ ଯୁଗ ଧରି ଭାରତୀୟ ସମାଜକୁ ପିଢ଼ି ପରେ ପିଢ଼ି ପ୍ରେରଣା ଦେଉ। ଏହା ଭିତରେ ହିଁ ସମଗ୍ର ମାନବ ଜାତିର ସୁରକ୍ଷା ଓ ସମୃଦ୍ଧିର ବାର୍ତ୍ତା ଅଛି। ମା' ଭାରତୀଙ୍କ ଆଶୀର୍ବାଦ କାମନା କରୁଛି।
ବନ୍ଦେ ମାତରମ୍
ଭାରତ ମାତା କୀ ଜୟ

## ଓପିଏସ୍‌ସି ପକ୍ଷରୁ ପିଜିଟି ପ୍ରାଣୀବିଜ୍ଞାନ ପରୀକ୍ଷା ଫଳ ପ୍ରକାଶ

କଟକ,୬।୧୧(କାର୍ତ୍ତିକ ସାହୁ)

**■ ସୁବ୍ରତ କୁମାର ପାଟଯୋଶୀ ଟପ୍ପର**

ଓଡ଼ିଶା ପବ୍ଲିକ ସର୍ଭିସ କମିଶନ (ଓପିଏସ୍‌ସି) ଦ୍ୱାରା ପରିଚାଳିତ ପ୍ରାଣୀବିଜ୍ଞାନ ପୋଷ୍ଟ ଗ୍ରାଜୁଏଟ୍ ଟିଚର୍ସ (ପିଜିଟି) ପରୀକ୍ଷାଫଳ ଗୁରୁବାର ପ୍ରକାଶ ପାଇଛି। ସୁବ୍ରତ କୁମାର ପାଟଯୋଶୀ ସର୍ବୋଚ୍ଚ ନମ୍ବର ରଖି ମେଧା ତାଲିକାରେ ଟପ୍ପର ହୋଇଛନ୍ତି। ମେଧା ତାଲିକାର ଦ୍ୱିତୀୟରେ ସୁଶ୍ରୀ ସରିତା ସାହୁ, ତୃତୀୟରେ ରଶ୍ମି ପ୍ରିୟା ଗୌଡ଼ ଏବଂ ଦେବାଶିଷ ପୃଷ୍ଟି, ଅର୍ଦ୍ଧେନ୍ଦୁ ଶେଖର ସାହୁ, ପ୍ରଜ୍ଞା ପାରମିତା ପ୍ରଧାନ, ସୁଶ୍ରୀ ରଶ୍ମିରେଖା ପୃଷ୍ଟି, ଋତୁପର୍ଣ୍ଣା ନାୟକ, ସୁପ୍ରଭା ବାରିକ ଓ ବିନିତ କୁମାର ସାହୁ ଯଥାକ୍ରମେ ୪ର୍ଥରୁ ୧୦ମ ସ୍ଥାନରେ ଅଛନ୍ତି। ପ୍ରଥମ ୧୦ଜଣଙ୍କ ମଧ୍ୟରେ ୬ଜଣ ମହିଳା ଥିବା ବେଳେ ୪ଜଣ ପୁରୁଷ ଅଛନ୍ତି। ମୋଟ ୫୦ଜଣ ପରୀକ୍ଷାର୍ଥୀ କୃତକାର୍ଯ୍ୟ ହୋଇଥିବା ବେଳେ ସେମାନଙ୍କ ମଧ୍ୟରେ ୩୪ଜଣ ମହିଳା ରହି ଗୌରବ ଅର୍ଜନ କରିଛନ୍ତି। ଏହି ପଦବୀ ନିମନ୍ତେ ୨୦୨୩-୨୪ରେ ବିଜ୍ଞପ୍ତି ନଂ. ୨୫ ପ୍ରକାଶ ପାଇଥିବା ବେଳେ ଲିଖିତ ପରୀକ୍ଷା ୨୦୨୪ ସେପ୍ଟେମ୍ବର ୧୫ ଓ ୨୯ ତାରିଖରେ ହୋଇଥିଲା। ପୁଣି ସାକ୍ଷାତକାର ପରୀକ୍ଷା ୨୦୨୫ ଅକ୍ଟୋବର ୨୨ରୁ ୨୪ ତାରିଖ ମଧ୍ୟରେ ହୋଇଥିଲା। କୃତକାର୍ଯ୍ୟ ହୋଇଥିବା ପ୍ରାର୍ଥୀମାନଙ୍କ ସାର୍ଟିଫିକେଟ ଯାଞ୍ଚ କାର୍ଯ୍ୟ ପରବର୍ତ୍ତୀ ସମୟରେ ହେବ। ସେଥିପାଇଁ ଏ ସଂକ୍ରାନ୍ତରେ ଜାଣିବା ପାଇଁ ନିୟମିତ ଓପିଏସ୍‌ସି ୱେବ୍‌ସାଇଟ୍‌କୁ ଦେଖିବା ନିମନ୍ତେ ପରାମର୍ଶ ଦିଆଯାଇଛି।

## ଶୀତ ଅଧିବେଶନ ପାଇଁ ବିଭାଗୀୟ ସମୀକ୍ଷା: ଆଜି ସବୁ ବିଭାଗର ପ୍ରସ୍ତାବ ଯାଞ୍ଚ

ଭୁବନେଶ୍ୱର,୬।୧୧ (ରବିନାରାୟଣ ଜେନା)

ଶୀତକାଳୀନ ଅଧିବେଶନ ପାଇଁ ଆସନ୍ତାକାଲି ଅର୍ଥ ବିଭାଗ ପକ୍ଷରୁ ସମସ୍ତ ବିଭାଗର ଅତିରିକ୍ତ ବଜେଟ ପ୍ରସ୍ତାବ ସମୀକ୍ଷା କରାଯିବ। ଅର୍ଥ ବିଭାଗ ପ୍ରମୁଖ ସଚିବ ସଞ୍ଜୀବ କୁମାର ମିଶ୍ର ଲୋକସେବା ଭବନରେ ଅପରାହ୍ନ ୨ଟା ୩୦ ମିନିଟ୍‌ରୁ ସନ୍ଧ୍ୟା ୮ଟା ପର୍ଯ୍ୟନ୍ତ ବିଭାଗୀୟ ପ୍ରସ୍ତାବଗୁଡ଼ିକ ଯାଞ୍ଚ କରିବେ। ଏସଂକ୍ରାନ୍ତରେ ଗୁରୁବାର ଅର୍ଥ ବିଭାଗ ପକ୍ଷରୁ ସବୁ ବିଭାଗକୁ ଅବଗତ କରାଯାଇଛି। ଅର୍ଥ ବିଭାଗ ଅତିରିକ୍ତ ସଚିବ ସମସ୍ତ ବିଭାଗକୁ ସମୟ ସାରଣୀ ଦେଇ ଅବଗତ କରାଇଛନ୍ତି, ଶୁକ୍ରବାର ଅପରାହ୍ନରେ ଅତିରିକ୍ତ ବଜେଟ ସଂକ୍ରାନ୍ତରେ ବିସ୍ତୃତ ଆଲୋଚନା ହେବ। ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ବିଭାଗୀୟ ଅର୍ଥ ପରାମର୍ଶଦାତା ଓ ସହ ଅର୍ଥ ପରାମର୍ଶଦାତା ଉପସ୍ଥିତ ରହିବା ଆବଶ୍ୟକ ବୋଲି ସେ ପତ୍ରରେ ଉଲ୍ଲେଖ କରିଛନ୍ତି। ଏହି ପରିପ୍ରେକ୍ଷୀରେ ଗୁରୁବାର ମତ୍ସ୍ୟ ଓ ପଶୁସମ୍ପଦ, ପଞ୍ଚାୟତିରାଜ ଓ ପାନୀୟଜଳ, ମିଶନଶକ୍ତି, ଗ୍ରାମ୍ୟ ଉନ୍ନୟନ ଏବଂ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ଅତିରିକ୍ତ ବଜେଟ ପ୍ରସ୍ତାବକୁ ଉନ୍ନୟନ ଆୟୁକ୍ତ ଅନୁ ଗର୍ଗ ତର୍ଜମା କରିଛନ୍ତି। ଅପରାହ୍ନ ୪ଟା ୩୦ମିନିଟ୍‌ରୁ ୫ଟା ଯାଏ ଏହି ବିଭାଗର ସମୀକ୍ଷା କରାଯାଇଥିବା ଅର୍ଥ ବିଭାଗ ପକ୍ଷରୁ ଜଣାଯାଇଛି।




## ଫରେଷ୍ଟର ନିଲମ୍ବିତ

ବେତନଟୀ,୬।୧୧(ଧରଣୀଧର ମହାନ୍ତି)

ମୟୂରଭଞ୍ଜ ଜିଲ୍ଲା ବେତନଟୀ ନିକଟ ଆଗ୍ରିଆ ଲେଭଲ୍ କ୍ରସିଂ ନିକଟରେ ଶନିବାର ରାତିରେ ଶାଲିମାର-ଭଞ୍ଜପୁର ଟ୍ରେନ୍ ଧକ୍କାରେ ଦନ୍ତାହାତୀର ମୃତ୍ୟୁ ଘଟିଥିଲା। ଘଟଣାରେ ବୁଧବାର ବେତନଟୀ ଫରେଷ୍ଟର ପ୍ରଦୀପ ଦେହୁରୀଙ୍କୁ ବନ ବିଭାଗ ନିଲମ୍ବନ କରିଛି। ମଙ୍ଗଳବାର ଫରେଷ୍ଟ ଗାର୍ଡ ହୃଷୀକେଶ ବେହେରା ଓ ଜୟନ୍ତୀ ପାତ୍ରଙ୍କୁ ନିଲମ୍ବନ କରାଯାଇଥିଲା। ଘଟଣାର ତଦନ୍ତ ଜାରି ରହିଥିବା ବେଳେ ଅନ୍ୟ ଅଧିକାରୀଙ୍କୁ ମଧ୍ୟ ନିଲମ୍ବନ କରାଯାଇପାରେ ବୋଲି ଆଲୋଚନା ହେଉଛି।

**ଟ୍ରେନ୍ ଧକ୍କାରେ ଦନ୍ତାହାତୀ ମୃତ୍ୟୁ ଘଟଣା**




## ଦୁଇଦିନ ପରେ ବଢ଼ିବ ଶୀତ

ଭୁବନେଶ୍ୱର, ୬।୧୧
(ବନ୍ଦନା ସେଠୀ)

ରାଜ୍ୟରେ ଧୀରେ ଧୀରେ ପାରଦ ତଳମୁହାଁ ହେଉଥିବାବେଳେ ଶୀତ ଅନୁଭୂତ ହେବାରେ ଲାଗିଛି। ଆଉ ୨ଦିନ ପରେ ଶୀତ ଆହୁରି ବଢ଼ିବ। ଆଗାମୀ ୪୮ଘଣ୍ଟା ମଧ୍ୟରେ ତାପମାତ୍ରା ୨ରୁ ୩ ଡିଗ୍ରୀ କମିବା ସହ ଅଧିକ ଶୀତ ଅନୁଭୂତ ହେବ ବୋଲି ଗୁରୁବାର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ନିର୍ଦ୍ଦେଶିକା ଡ. ମନୋରମା ମହାନ୍ତି କହିଛନ୍ତି। ରାଜ୍ୟର ଆଭ୍ୟନ୍ତରୀଣ ଓ ପାହାଡ଼ିଆ ଅଞ୍ଚଳରେ ଶୀତର ମାତ୍ରା ବଢ଼ିବା ଆରମ୍ଭ ହୋଇଛି। ଉତ୍ତରା ବାୟୁ ସହିତ ବାୟୁମଣ୍ଡଳରେ ଜଳୀୟବାଷ୍ପର ପରିମାଣ ହ୍ରାସ ଯୋଗୁ ଆସନ୍ତା ୯ ତାରିଖ ବେଳକୁ ପାହାଡ଼ିଆ ଅଞ୍ଚଳର କିଛି ସ୍ଥାନରେ ତାପମାତ୍ରା ୧୦ ଡିଗ୍ରୀ ପର୍ଯ୍ୟନ୍ତ ଖସିପାରେ। ଭୁବନେଶ୍ୱର ଓ କଟକ ସହରରେ ମଧ୍ୟ ଆଗାମୀ ୭୨ ଘଣ୍ଟାରେ ୧୬ ଡିଗ୍ରୀ ପର୍ଯ୍ୟନ୍ତ ପାରଦ ଖସିବା ସମ୍ଭାବନା ରହିଛି। ତେବେ ପୂର୍ବବର୍ଷ ଅପେକ୍ଷା ଚଳିତ ନଭେମ୍ବରରେ ସ୍ୱଳ୍ପ ଶୀତ ଅନୁଭବ ହେବ। ଗୁରୁବାର ଉପକୂଳ ଓ ଉତ୍ତର ଓଡ଼ିଶାରେ ତାପମାତ୍ରା ସ୍ୱାଭାବିକ ରହିଥିବାବେଳେ ଦକ୍ଷିଣ ଓଡ଼ିଶାରେ ସ୍ୱାଭାବିକଠାରୁ ୩ରୁ ୪ ଡିଗ୍ରୀ ଅଧିକ ରହିଛି। ପାରଳାଖେମୁଣ୍ଡିଠାରେ ସର୍ବାଧିକ ତାପମାତ୍ରା ୩୫ ଡିଗ୍ରୀ ରହିଥିବାବେଳେ ଫୁଲବାଣୀରେ ସର୍ବନିମ୍ନ ତାପମାତ୍ରା ୧୫ ଡିଗ୍ରୀ ରହିଥିଲା। ସେହିପରି ଆଭ୍ୟନ୍ତରୀଣ ଓଡ଼ିଶାର ସୁନ୍ଦରଗଡ଼ ଏବଂ କଳାହାଣ୍ଡି ଜିଲାରେ ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ହାଲୁକା କୁହୁଡ଼ି ପଡ଼ିଛି।

# ଭୋଟ ପାଇଁ ଓଡ଼ିଶାବାସୀଙ୍କୁ ବ୍ୟବହାର କରିଛନ୍ତି ବିଜେଡି, କଂଗ୍ରେସ: ସାଏ

ନୂଆପଡ଼ା, ୬।୧୧
(ମକାରୁ ବେମାଲ)

**ନୂଆପଡ଼ାରେ ବିଜୟ ସଂକଳ୍ପ ସମାବେଶ**

ବିଜେଡି ଓ କଂଗ୍ରେସ ଭୋଟ ପାଇଁ ଓଡ଼ିଶାବାସୀଙ୍କୁ ବ୍ୟବହାର କରିଛନ୍ତି ବୋଲି ଛତିଶଗଡ଼ ମୁଖ୍ୟମନ୍ତ୍ରୀ ବିଷ୍ଣୁଦେବ ସାଏ କହିଛନ୍ତି। ନୂଆପଡ଼ା ବ୍ଲକ ପଞ୍ଚମପୁରଠାରେ ଗୁରୁବାର ଅନୁଷ୍ଠିତ ବିଜୟ ସଂକଳ୍ପ ସମାବେଶରେ ଯୋଗଦେଇ ସେ କହିଛନ୍ତି, ବିଜେଡି ୨୪ ବର୍ଷ ଓ କଂଗ୍ରେସ ୫୦ ବର୍ଷ ଶାସନ କରି ମଧ୍ୟ ଓଡ଼ିଶାବାସୀଙ୍କ ଭରସା ହରାଇଛନ୍ତି। ଶେଷ ନିଃଶ୍ୱାସ ଥିବା ଯାଏ ଦିବଂଗତ ବିଧାୟକ ରାଜେନ୍ଦ୍ର ଢୋଲକିଆ ବିଜେଡି ପାଇଁ କାର୍ଯ୍ୟ କଲେ। ହେଲେ ନିଜ ଦଳର ସହଯୋଗୀଙ୍କ ସୁଖଦୁଃଖର ସାଥୀ ହୋଇପାରିଲେ ନାହିଁ ନବୀନ ପଟ୍ଟନାୟକ। ଏପରି କି ସ୍ୱର୍ଗତ ରାଜେନ୍ଦ୍ର ଢୋଲକିଆଙ୍କ ଶେଷ ସମୟରେ ତାଙ୍କ ସ୍ୱାସ୍ଥ୍ୟ ସମ୍ପର୍କରେ ଚିନ୍ତା ମଧ୍ୟ କଲେ ନାହିଁ ବୋଲି ସାଏ କହିଛନ୍ତି।

ସାଏ ଆହୁରି କହିଛନ୍ତି, କଂଗ୍ରେସ ପରିବାରବାଦକୁ ଛାଡ଼ିପାରିନି। ଦୀର୍ଘ ୫୦ ବର୍ଷର ଶାସନ ସମୟରେ ଦଳ ଓଡ଼ିଶାକୁ ଅବହେଳା କରିଛି। ଉଭୟ ବିଜେଡି ଓ କଂଗ୍ରେସ ପାରିବାରିକ ଦଳ। ଏହି ଦୁଇଦଳ ଓଡ଼ିଶାବାସୀଙ୍କ ଦ୍ୱାରା ପ୍ରତ୍ୟାଖ୍ୟାତ ହୋଇସାରିଛନ୍ତି। 'ଭାଜପାର ଅନ୍ୟ ନାମ ବିକାଶ'କୁ ନୂଆପଡ଼ାବାସୀ ହୃଦ୍‌ବୋଧ କରିସାରିଛନ୍ତି। ଭୋଟର ଏଥର ଭାଜପାର ଯୁବ ଚେହେରା ଜୟ ଢୋଲକିଆଙ୍କୁ ବିଜୟୀ କରିବେ। ଭାଜପାର ଲୋକତନ୍ତ୍ର, ନିୟତ, ନୀତି, ସିଦ୍ଧାନ୍ତ, ବିଚାରଧାରା ରହିଛି। ଗରିବ ପରିବାରରୁ ଆସିଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶାସନକୁ ଆସିବା ପରେ 'ମୋ ସରକାର ଗରିବଙ୍କ ପାଇଁ ସମର୍ପିତ' ବୋଲି କହିଥିଲେ ଏବଂ ପ୍ରଥମ ଦିନରୁ ଗରିବଙ୍କ କଲ୍ୟାଣ ପାଇଁ ଅନେକ ଯୋଜନା କ୍ରିୟାନ୍ୱୟନ କରିଥିଲେ। ଶୌଚାଳୟ, ପକ୍କାଘର, ମାଗଣା ରାଶନ, ବିଜୁଳି ଭଳି ମୌଳିକ ସମସ୍ୟାର ସମାଧାନ କରିପାରିଛନ୍ତି। ଜୟ ଢୋଲକିଆ ଆପଣଙ୍କ ସେବା କରିବା ପାଇଁ ଆସିଛନ୍ତି। ବିଧାୟକ ହେବା ପରେ କେନ୍ଦ୍ର ଓ ରାଜ୍ୟରୁ ପଇସା ଆଣି ସେ ନୂଆପଡ଼ାବାସୀଙ୍କ ସାମଗ୍ରିକ ବିକାଶ କରିବେ ବୋଲି ସାଏ କହିଛନ୍ତି।

ଏହି ସମାବେଶରେ ପ୍ରାର୍ଥୀ ଜୟ ଢୋଲକିଆ, ସ୍ୱର୍ଗତ ରାଜୁ ଢୋଲକିଆଙ୍କ ଧର୍ମପତ୍ନୀ କଳ୍ପନା ଢୋଲକିଆ, ଉପମୁଖ୍ୟମନ୍ତ୍ରୀ କେ.ଭି. ସିଂଦେଓ, ସାଂସଦ ମାଳବିକା ଦେବୀ, ରାଜ୍ୟ ପ୍ରଭାରୀ ବିଜୟ ପାଲ ସିଂହ ତୋମାର, ସହ ପ୍ରଭାରୀ ତଥା ରାଷ୍ଟ୍ରୀୟ ଉପାଧ୍ୟକ୍ଷା ଲତା ଉସେଣ୍ଡି, ପୂର୍ବତନ ରାଜ୍ୟ ସଭାପତି ବସନ୍ତ ପଣ୍ଡା ଓ ସମୀର ମହାନ୍ତି, ରାୟପୁର ବିଧାୟକ ପୁରନ୍ଦର ମିଶ୍ର, ଚୁନିଲାଲ ସାହୁଙ୍କ ସମେତ ସ୍ଥାନୀୟ ନେତୃବୃନ୍ଦ ଉପସ୍ଥିତ ଥିଲେ।




ବିଜୟ ସଂକଳ୍ପ ସମାବେଶରେ ମଞ୍ଚାସୀନ ଦଳୀୟ ନେତୃବୃନ୍ଦ।



# ଅନୁମୋଦନ, ଅର୍ଥ ମଞ୍ଜୁର ନିମନ୍ତେ ୩ ପ୍ରସ୍ତାବ ପଠାଯିବ



## ଓଡ଼ିଶା ବନାଞ୍ଚଳ ଉନ୍ନୟନ ସମିତିର ପରିଚାଳନା ବୈଠକ

ଭୁବନେଶ୍ୱର, ୬।୧୧ (ବନ୍ଦନା ସେଠୀ)

ଓଡ଼ିଶା ବନାଞ୍ଚଳ ଉନ୍ନୟନ ସମିତିର ୩୭ତମ ପରିଚାଳନା ବୈଠକ ଗୃହ ବିଭାଗ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଜଙ୍ଗଲ, ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ବୈଠକରେ ବନାଞ୍ଚଳ ଉନ୍ନୟନ ସମିତିର ସମସ୍ତ କାର୍ଯ୍ୟା ଧାରା ଉପରେ ଆଲୋଚନା ହୋଇଛି। ଏହି ଅବସରରେ ଓଏଫ୍‌ଏସ୍‌ଡିପିର ତୃତୀୟ ପର୍ଯ୍ୟାୟ ପ୍ରସ୍ତାବ ପ୍ରସ୍ତୁତ ହୋଇଛି। ଜାଇକା ସହାୟତାରେ ଓଏଫ୍‌ଏସ୍‌ଡିପି-୩ ଦୀର୍ଘସ୍ଥାୟୀ ଜଙ୍ଗଲ ପରିଚାଳନା, ଜୈବ ବିବିଧତା ସଂରକ୍ଷଣ, ଡିଜିଟାଲ ରୂପାନ୍ତରଣ ଏବଂ କାର୍ବନ ଷ୍ଟକ୍ କାରବାର ଉପରେ ଗୁରୁତ୍ୱ ଦେଉଛି। ଏହି ପ୍ରସ୍ତାବକୁ ତୁରନ୍ତ ଅର୍ଥ ବିଭାଗର ଅନୁମୋଦନ ନିମନ୍ତେ ପଠାଯିବ। 'ଆମ ଶିମିଳିପାଳ ଯୋଜନା' ପାଇଁ ୩୦୦କୋଟି ଏବଂ 'ଆମ ବନ ଓ ଜୀବିକା' ପ୍ରକଳ୍ପ ପାଇଁ ୯୫୫କୋଟି ଟଙ୍କାର ପ୍ରସ୍ତାବ ପାରିତ ହୋଇଥିବାବେଳେ ମଞ୍ଜୁରୀ ନିମନ୍ତେ ଅର୍ଥ ବିଭାଗକୁ ପଠାଯିବ ବୋଲି ନିଷ୍ପତ୍ତି ହୋଇଛି।

ପ୍ରାରମ୍ଭରେ ପୂର୍ବ ସମସ୍ତ ବୈଠକର ନିଷ୍ପତ୍ତିଗୁଡିକୁ ସମୀକ୍ଷା କରାଯିବା ସହ ଏହାର ଅଗ୍ରଗତି ଓ ଅନୁପାଳନ ନିଶ୍ଚିତ କରାଯାଇଥିଲା। ସ୍ଥାୟୀ ଜଙ୍ଗଲ ପରିଚାଳନାରେ ଶତପ୍ରତିଶତ ସଫଳତା ହାସଲ କରିବା ସହିତ ବୃକ୍ଷରୋପଣ, ମୃତ୍ତିକା ଏବଂ ଆର୍ଦ୍ରତା ସଂରକ୍ଷଣ, ଜଙ୍ଗଲ ନିଆଁ ପ୍ରତିରୋଧକ ବ୍ୟବସ୍ଥା, ଜଙ୍ଗଲ ସୀମାରେ ଥିବା ନୂଆ ପିଲାର ନିର୍ମାଣ ଓ ପୁରାତନ ପିଲା ରକ୍ଷଣାବେକ୍ଷଣ ସହିତ ୧୨ଟି ବନଖଣ୍ଡରେ ସମସ୍ତ କାର୍ଯ୍ୟ ଶେଷ ହୋଇଛି। ଏଥିସହ କୃଷି ବନୀକରଣ ଯୋଜନା ଏବଂ ସମ୍ପ୍ରଦାୟର ଅଂଶଗ୍ରହଣ ମାଧ୍ୟମରେ ୮,୮୪୫ ହେକ୍ଟର ଭୂମିରେ ୮୮.୫% ଲକ୍ଷ୍ୟ ପୂରଣ ହୋଇଛି। ଜୀବିକା ଉନ୍ନୟନ କ୍ଷେତ୍ରରେ ଧାର୍ଯ୍ୟ ଲକ୍ଷ୍ୟଠାରୁ ଅଧିକ ୪,୪୦୬ଟି ସ୍ୱୟଂ ସହାୟକ ଗୋଷ୍ଠୀ ଗଠିତ ହୋଇଛି। ଆୟ ଏବଂ ବଜାର ସଂଯୋଗକୁ ସୁନିଶ୍ଚିତ କରିବା ପାଇଁ ବିଭିନ୍ନ ବିଭାଗରେ ୫ଟି ବହୁମୁଖୀ ଉତ୍ପାଦ କ୍ଲଷ୍ଟର କାର୍ଯ୍ୟ କରୁଛି। ଦକ୍ଷତା ବିକାଶ କ୍ଷେତ୍ରରେ ଜଙ୍ଗଲ ପରିଚାଳନା ଏବଂ ଜୀବିକା ଉପରେ ୩୪ଟି ବିଷୟଗତ କ୍ଷେତ୍ରକୁ ଅନ୍ତର୍ଭୁକ୍ତ କରାଯାଇ ୫,୦୯୩ ପ୍ରଶିକ୍ଷଣ ଆୟୋଜନ କରାଯାଇଥିବା ସୂଚନା ଦିଆଯାଇଛି।

ବୈଠକରେ ପ୍ରଧାନ ମୁଖ୍ୟ ବନ ସଂରକ୍ଷକ ତଥା ବନ ବାହିନୀ ମୁଖ୍ୟ ସୁରେଶ ପନ୍ତ, ପ୍ରମୁଖ ମୁଖ୍ୟ ବନ ସଂରକ୍ଷକ ଏବଂ ୱାଇଲ୍ଡଲାଇଫ ୱାର୍ଡେନ ପ୍ରେମ୍ କୁମାର ଝା, ଓଡ଼ିଶା ଜୀବିକା ମିଶନ ନିର୍ଦ୍ଦେଶକ ମୋନିକା ପ୍ରିୟଦର୍ଶିନୀ, ଔଷଧୀୟ ଉଦ୍ଭିଦ ବୋର୍ଡର ଓଡ଼ିଶା ମୁଖ୍ୟ କାର୍ଯ୍ୟନିର୍ବାହୀ ଭି.କାର୍ତ୍ତିକ ପ୍ରମୁଖ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ଶଟର ତାଡ଼ି ଗୋଦାମରୁ ଚୋରି

ପୁରୁଣା ଭୁବନେଶ୍ୱର,୬।୧୧ (ସୁବାସ ଚନ୍ଦ୍ର ପ୍ରଧାନ)

ଧଉଳି ଥାନାର ୧୫୦ମିଟର ଦୂରରେ ଥିବା ଏକ ଗ୍ରସେରି ଗୋଦାମର ଶଟର ତାଡ଼ି ଦୁର୍ବୃତ୍ତମାନେ ଲକ୍ଷାଧିକ ଟଙ୍କାର ସାମଗ୍ରୀ ସହ ୭ଲକ୍ଷ ଟଙ୍କା ନେଇଯାଇଥିବା ଗୁରୁବାର ଅଭିଯୋଗ ହୋଇଛି। ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲା। ଗୋଦାମ ପ୍ରୋପାଇଟର ଚିତ୍ତରଞ୍ଜନ ଶତପଥୀଙ୍କ ଅଭିଯୋଗ ମୁତାବକ, ସେ ଗୋଦାମରେ ଚାବି ପକାଇବା ପରେ ଘରକୁ ଯାଇଥିଲେ। ବିଳମ୍ବିତ ରାତିରେ କେତେଜଣ ଦୁର୍ବୃତ୍ତ ଏକ ଚାରିଚକିଆ ଯାନରେ ଗୋଦାମଠାରେ ପହଞ୍ଚିଥିଲେ। ପ୍ରଥମେ ସେମାନେ ଶଟର ତାଡ଼ି କାର୍ଯ୍ୟାଳୟରେ ଥିବା ହାର୍ଡଡିସ୍କ ନେବା ପରେ ଗଡରେଜ ତାଲା ଭାଙ୍ଗି ୭ ଲକ୍ଷ ଟଙ୍କା ନେଇଥିଲେ। ପରେ ଗୋଦାମରେ ଥିବା ଫ୍ରିଡମ ତେଲ ସହ ଅନ୍ୟ ସାମଗ୍ରୀ ନେଇଯାଇଛନ୍ତି ବୋଲି ଶତପଥୀ ଅଭିଯୋଗପତ୍ରରେ ଦର୍ଶାଇଛନ୍ତି।

# ରାଜ୍ୟପାଳଙ୍କୁ ଭେଟିଲେ ଇଣ୍ଡୋନେସିଆର ପଦ୍ମଶ୍ରୀ ଆଗୁସ ଇନ୍ଦ୍ର ଉଦୟାନା




ପଦ୍ମଶ୍ରୀ ଆଗୁସ ଇନ୍ଦ୍ର ଉଦୟାନାଙ୍କ ସହ ତାଙ୍କ ପ୍ରତିନିଧିଦଳ ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟିଙ୍କୁ ଭେଟୁଛନ୍ତି।

ଭୁବନେଶ୍ୱର, ୬।୧୧ (ସୁଚିସ୍ମିତା ସାହୁ)

ଇଣ୍ଡୋନେସିଆ ବାଲିର ପ୍ରସିଦ୍ଧ ଗାନ୍ଧିବାଦୀ ଚିନ୍ତକ ପଦ୍ମଶ୍ରୀ ଆଗୁସ ଇନ୍ଦ୍ର ଉଦୟାନା ଗୁରୁବାର ରାଜ୍ୟପାଳ ହରିବାବୁ କମ୍ଭମପାଟିଙ୍କୁ ରାଜଭବନଠାରେ ଭେଟିଛନ୍ତି। ଏହି ଅବସରରେ ରାଜ୍ୟପାଳ କହିଲେ, ପଦ୍ମଶ୍ରୀ ଉଦୟାନା ଇଣ୍ଡୋନେସିଆରେ ମହାତ୍ମା ଗାନ୍ଧୀଙ୍କ ବାର୍ତ୍ତାକୁ ତାଙ୍କ ଆଶ୍ରମ ଓ ସାମାଜିକ ପ୍ରୟାସ ମାଧ୍ୟମରେ ପ୍ରଚାର କରୁଛନ୍ତି। ଓଡ଼ିଶା ଓ ବାଲି ମଧ୍ୟରେ ସାଂସ୍କୃତିକ, ଶିକ୍ଷା ଓ ଶାସ୍ତ୍ରୀୟ ସହଯୋଗକୁ ଆଗେଇ ନେବା ପାଇଁ ସେ ସମ୍ପୂର୍ଣ୍ଣ ସହଯୋଗ ଯୋଗାଇ ଦେବେ। ଦୁଇଦେଶର ଶିକ୍ଷା ସଂସ୍ଥାନଗୁଡିକ ମଧ୍ୟରେ ଛାତ୍ର ଓ ଶିକ୍ଷକ ଆଦାନ-ପ୍ରଦାନ ଉପରେ ଗୁରୁତ୍ୱ ଦେବେ। ଏପରି ପଦକ୍ଷେପ କଳିଙ୍ଗ ଓ ବାଲିର ପ୍ରାଚୀନ ସମୁଦ୍ରୀୟ ଗୌରବକୁ ପୁନଃଜୀବିତ କରି ବିଶ୍ୱ ଶାନ୍ତି ଓ ସହଯୋଗକୁ ଉତ୍ସାହିତ କରିବ ବୋଲି ରାଜ୍ୟପାଳ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ଉଦୟାନା କହିଲେ, ପ୍ରାଚୀନ ଓଡ଼ିଶାର ଗୌରବମୟ ସାଂସ୍କୃତିକ ଓ ସମୁଦ୍ରୀୟ ଐତିହ୍ୟ ପ୍ରତି ମୋର ଗଭୀର ଶ୍ରଦ୍ଧା ଓ ସମ୍ମାନ ରହିଛି। ଏହା ବାଲି (ଇଣ୍ଡୋନେସିଆ) ସହ ଆଧ୍ୟାତ୍ମିକ ଓ ଐତିହାସିକ ସମ୍ପର୍କ ରଖେ। ପ୍ରାଚୀନ ସମୁଦ୍ର ବାଣିଜ୍ୟିକ ସମ୍ପର୍କ, ସାଂସ୍କୃତିକ ପରମ୍ପରା, ଶାନ୍ତି, ସହିଷ୍ଣୁତା ଓ ମାନବିକ ମୂଲ୍ୟବୋଧର ସାଧାରଣ ସମ୍ପଦ, ଯାହା ଦୁଇ ଅଞ୍ଚଳକୁ ଏକାତ୍ମ କରିଛି। ଏହି ଅବସରରେ ମେଜର (ଡା.) କଳ୍ପନା ଦାସ, ଚାଇଲ୍ଡ ଏଣ୍ଡ୍ ୱିମେନ ଡେଭଲପ୍‌ମେଣ୍ଟ ସୋସାଇଟିର ଅଧ୍ୟକ୍ଷ ଡା. ଚିଦାତ୍ମିକା ଖଟୁଆ, ସୁଶ୍ରୁତ ହସ୍ପିଟାଲ ଏଣ୍ଡ୍ ଟ୍ରମା କେୟାରର ସିଇଓ ରଞ୍ଜିତ କର୍ମୀ ଏବଂ ଡ. ରାଜନୀକାନ୍ତ ମିଶ୍ର ଉପସ୍ଥିତ ଥିଲେ। ପ୍ରତିନିଧିମଣ୍ଡଳୀ ରାଜ୍ୟପାଳଙ୍କ କମିଶନର ରୂପା ରୋଶନ ସାହୁଙ୍କୁ ଭେଟି ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିବା ପରେ ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ ପରିଦର୍ଶନ କରିଥିଲେ।

# କାର୍ତ୍ତିକେଶ୍ୱର ପୂଜା ଉଦ୍‌ଯାପିତ

ବାଲକାଟୀ,୬।୧୧ (ମନୋଜ ମଣ୍ଡଳ)

ବାଲିଅନ୍ତା ବ୍ଲକ ଅଧୀନ ମା'ଟଙ୍କପାଣି ଓ ଭାବକୁଣ୍ଡଲେଶ୍ୱର ମହାଦେବଙ୍କ ପୀଠରେ କାର୍ତ୍ତିକେଶ୍ୱର ଦେବଙ୍କ ୫୦ତମ ପୂଜା କାର୍ତ୍ତିକ ପୂର୍ଣ୍ଣିମୀ ଅବସରରେ ଉଦ୍‌ଯାପିତ ହୋଇଯାଇଛି। ଏହି ପୂଜା ନଭେମ୍ବର ୨ରୁ ଆରମ୍ଭ ହୋଇ ପଞ୍ଚକରୁ କଳସ ଯାତ୍ରା, ଘଟ ସ୍ଥାପନ, ବିଗ୍ରହ ପ୍ରତିଷ୍ଠା, ହୋମ ଯଜ୍ଞ କରାଯାଇ ପୂଜା କାର୍ଯ୍ୟ ସମ୍ପନ୍ନ କରାଯାଇଥିଲା। ୩ ଓ ୪ ତାରିଖରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ବାଲିଅନ୍ତା ଥାନା ଅଧିକାରୀ ଅନିଲ କୁମାର ପରିଡା ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ଶ୍ରଦ୍ଧାଳୁମାନେ ପ୍ରାତଃରୁ ପୁରୀ ମୁଖ୍ୟ କେନାଲ ଓ ନିକଟରେ ଥିବା ନଦୀରେ ଡଙ୍ଗା ଭସାଇ ମନ୍ଦିରରେ ପୂଜା ଅର୍ଚ୍ଚନା କରିଥିଲେ। ପୂଜା କମିଟିର ଉପଦେଷ୍ଟା ଗୋବିନ୍ଦ ପଣ୍ଡାଙ୍କ ନେତୃତ୍ୱରେ କମିଟିର ସଭ୍ୟମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଭାବମୟ କଲା ଜୟଦେବଙ୍କ ଗୀତଗୋବିନ୍ଦ




ସାଂସ୍କୃତିକ କାର୍ଯ୍ୟକ୍ରମରେ ବିଶ୍ୱବିଦ୍ୟାଳୟର ଶିଳ୍ପୀମାନେ ଭଜନ ପରିବେଷଣ କରୁଛନ୍ତି।

## ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ ପକ୍ଷରୁ 'ସଂସ୍କୃତି ବିଚିତ୍ରା'

ଭୁବନେଶ୍ୱର, ୬।୧୧ (ବନ୍ଦନା ସେଠୀ)

ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ 'ସଂସ୍କୃତି ବିଚିତ୍ରା' ଗୁରୁବାର ରବୀନ୍ଦ୍ର ମଣ୍ଡପଠାରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମ ଆରମ୍ଭରେ ଓଡ଼ିଶୀ କଣ୍ଠ ସଙ୍ଗୀତ ବିଭାଗର ଛାତ୍ରୀଛାତ୍ର ଜୟଦେବଙ୍କ ଗୀତଗୋବିନ୍ଦ ଓ ଭୀମଭୋଇ ତଥା ପଞ୍ଚସଖାଙ୍କ ନିର୍ଗୁଣ ସାହିତ୍ୟରୁ ଭଜନ ପରିବେଷଣ କରିଥିଲେ। ଗୁରୁ ଡ. ଧୀରଜ କୁମାର ମହାପାତ୍ରଙ୍କ ନିର୍ଦ୍ଦେଶନାରେ ପରିବେଷିତ ଏହି ଭଜନ ପରିବେଶକୁ ଭାବମୟ କରିଦେଇଥିଲା। ପରେ ଡ. ଜବାହର ମିଶ୍ର, ଡ. ଶାରଦା ପ୍ରସନ୍ନ ଦାସ ଏବଂ ଚକ୍ରଧର ଖୁଣ୍ଟିଆଙ୍କ ନିର୍ଦ୍ଦେଶିତ ସୀତାର, ବେହେଲା ଓ ବଂଶୀର ବିଭିନ୍ନ ରାଗ ଉପରେ ପର୍ଯ୍ୟବସିତ ବୃନ୍ଦବାଦ୍ୟ ଉପସ୍ଥିତ ଦର୍ଶକଙ୍କୁ ବିଭୋର କରିଥିଲା। ଶେଷରେ ଗୁରୁ ଉତ୍ତମ କୁମାର ମହନ୍ତଙ୍କ ନିର୍ଦ୍ଦେଶନାରେ ଜନଜାତିଙ୍କ ଜୀବନଶୈଳୀ ଉପରେ ଆଧାରିତ ଚିତ୍ତାକର୍ଷକ ଛଉନୃତ୍ୟ ପରିବେଷିତ ହୋଇଥିଲା। ଉତ୍ସବରେ ପଦ୍ମଶ୍ରୀ ଦୁର୍ଗା ଚରଣ ରଣବୀର ଅତିଥି ଭାବେ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମ ଛାତ୍ରୀଛାତ୍ରଙ୍କ ସାଂସ୍କୃତିକ ପ୍ରତିଭାକୁ ପ୍ରତିଫଳିତ କରିବା ସହ ସେମାନଙ୍କୁ ଓ କଳା ଓ ସଂସ୍କୃତିର ବିକାଶ ଦିଗରେ ସଂକଳ୍ପବଦ୍ଧ ହେବା ନିମନ୍ତେ ଉତ୍ସାହିତ କରିବ ବୋଲି ଅତିଥି ମତ ରଖିଥିଲେ। କଣ୍ଠଶିଳ୍ପୀ ତଥା ଶିକ୍ଷାବିତ୍ ପ୍ରଫେସର ମିତାଲି ଚିନାରା ଅନ୍ୟତମ ଅତିଥି ଭାବେ ଯୋଗଦେଇ ଛାତ୍ରୀଛାତ୍ରଙ୍କ ଅନ୍ତର୍ନିହିତ କଳାର ପ୍ରଦର୍ଶନ ନିମନ୍ତେ ଏହିଭଳି ଅଭିନବ କାର୍ଯ୍ୟକ୍ରମର ଆବଶ୍ୟକତା ସମ୍ପର୍କରେ ଆଲୋକପାତ କରିଥିଲେ। ସାହିତ୍ୟିକ ଗୋପାଳ ପ୍ରସାଦ ମହାପାତ୍ର ଓ କଳା ଓ ସଂସ୍କୃତିର ବିକାଶ ଦିଗରେ ବିଶ୍ୱବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ପ୍ରଶଂସନୀୟ ଭୂମିକା ବିଷୟରେ କହିଥିଲେ। କୁଳପତି ପ୍ରଫେସର ପ୍ରସନ୍ନ କୁମାର ସ୍ୱାଇଁ ସଭାପତିତ୍ୱରେ କରିଥିବାବେଳେ ସହକାରୀ ପ୍ରଫେସର ଡ. ଆଶିଷ ମହାପାତ୍ର ଓ ଡ. ଜ୍ଞାନରଞ୍ଜନ ପଣ୍ଡା ସଂଯୋଜନା କରିଥିଲେ।

# ବିନ୍ଦୁସାଗର ସଫେଇ କଲେ ପୂର୍ବତନ ମନ୍ତ୍ରୀ ଅଶୋକ ପଣ୍ଡା



ପୁରୁଣା ଭୁବନେଶ୍ୱର,୬।୧୧ (ସୁବାସ ଚନ୍ଦ୍ର ପ୍ରଧାନ)

କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ଶ୍ରଦ୍ଧାଳୁଙ୍କ ଦ୍ୱାରା ଭସାଯାଇଥିବା କଦଳୀପାଟୁଆ, କାଗଜ ଓ ସୋଲ ଡଙ୍ଗା, ଫୁଲ ଆଦିରେ ବିନ୍ଦୁସାଗର ପରିପୂର୍ଣ୍ଣ ହୋଇପଡ଼ିଥିଲା। ଗୁରୁବାର ସକାଳେ ଭୁବନେଶ୍ୱର ସାଂସ୍କୃତିକ ପରିଷଦ ସଭାପତି ତଥା ପୂର୍ବତନ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା, ମେୟର ସୁଲୋଚନା ଦାସ ଏବଂ ପରିଷଦ କର୍ମକର୍ତ୍ତା ବିନ୍ଦୁ ସାଗର ଘାଟ ସଫେଇ କରିଥିଲେ। ଏହି କାର୍ଯ୍ୟକ୍ରମରେ ସମ୍ପାଦକ ଦୀପକ ମହାପାତ୍ର, ଉପସଭାପତି ସମରେନ୍ଦ୍ର ସାହୁ, ମନୋଜ ବେହେରା, ସୁରେଶ ବାରିକ, କର୍ପୋରେଟର ଚନ୍ଦ୍ରଶେଖର ମଲ୍ଲିଆ, ଶିବ ନାରାୟଣ ରାୟ, ମହାମାୟା ସ୍ୱାଇଁ, ଦାଶରଥି ଗରାବଡୁ, ଜିତେନ୍ଦ୍ର ନନ୍ଦ, ଦିବ୍ୟ ରଞ୍ଜନ ବେହେରା, ଜିତେନ୍ଦ୍ର ମଲ୍ଲିଆ, ସଞ୍ଜୟ ସାହୁ, ବେଣୁଧର ସ୍ୱାଇଁ, ହେମନ୍ତ ପ୍ରଧାନ, ରାଜେନ୍ଦ୍ର ସାହୁ, ବର୍କତ ତୁଲ୍ଲା, ପୂର୍ଣ୍ଣେନ୍ଦୁ ପୂଜାପଣ୍ଡା, ନିହାର ଚମ୍ପତି, ଛବି ସ୍ୱାଇଁ, ପପୁ ନାୟକ, ନିରଞ୍ଜନ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

# ପ୍ରକୃତ ପରିପୂର୍ଣ୍ଣତା ଦାନ କରିବାରେ ଆସିଥାଏ




## ସୋ ଆମ୍ ଆଇ ଫାଉଣ୍ଡେଶନର 'ସମର୍ପଣ'

ଭୁବନେଶ୍ୱର, ୬।୧୧ (ବନ୍ଦନା ସେଠୀ)

'ସୋ ଆମ୍ ଆଇ ଫାଉଣ୍ଡେଶନ'ର ବାର୍ଷିକ ଉତ୍ସବ 'ସମର୍ପଣ' ଗୁରୁବାର ଉତ୍କଳ ମଣ୍ଡପଠାରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବରେ ଆଧ୍ୟାତ୍ମିକ ଚିନ୍ତକ ତଥା ଲେଖକ ଗୁରୁଜୀ ଚନ୍ଦ୍ରଭାନୁ ଶତପଥୀ ଯୋଗଦେଇ ନିଃସ୍ୱାର୍ଥପର ସେବାକୁ ସର୍ବୋଚ୍ଚ ଭକ୍ତି ଭାବେ ଅଭିବ୍ୟକ୍ତ କରିଥିଲେ। ପ୍ରକୃତ ପରିପୂର୍ଣ୍ଣତା ଗ୍ରହଣ କରିବା ଦ୍ୱାରା ନୁହେଁ, ଦାନ କରିବା ଦ୍ୱାରା ଆସିଥାଏ ବୋଲି ସେ କହିଥିଲେ। ସମ୍ମାନିତ ଅତିଥି ଭାବେ ବିଏମ୍‌ସି କମିଶନର ଚଞ୍ଚଳ ରାଣା ଯୋଗଦେଇ ଫାଉଣ୍ଡେଶନର ସାମାଜିକ କାର୍ଯ୍ୟକୁ ପ୍ରଶଂସା କରିଥିଲେ। ଏହି ଅବସରରେ ସେବା ପାଇଁ ନିଜକୁ ଉତ୍ସର୍ଗ କରିଥିବା ବ୍ୟକ୍ତି ଏବଂ ସଂଗଠନଗୁଡ଼ିକୁ ସମ୍ମାନିତ କରାଯାଇଥିଲା। 'ଗ୍ରାମୀଣ ବିକାଶ ସଂଗଠନ'ର ପ୍ରତିଷ୍ଠାତା ସାଇ ପ୍ରକାଶ ମହାନ୍ତିଙ୍କୁ 'ସାଇ ଶ୍ରୀ' ସମ୍ମାନ ପ୍ରଦାନ କରାଯାଇଥିଲା। ସେହିପରି ସାମାଜିକ କର୍ମୀ ଗଗନ ପାଇଟାଲଙ୍କୁ 'ସାଇ ଭୂଷଣ' ଏବଂ ଏସ୍‌ଏନ୍‌ଏମ୍ ଗ୍ରୁପ୍ ଓ ଫାଲ୍‌କନ ଗ୍ରୁପକୁ 'ସାଇ ସହାୟ' ସମ୍ମାନ ପ୍ରଦାନ କରାଯାଇଥିଲା। ସଭା ପରେ ସଙ୍ଗୀତ ନିର୍ଦ୍ଦେଶକ ପ୍ରେମ୍ ଆନନ୍ଦଙ୍କ ନେତୃତ୍ୱରେ ସାଂସ୍କୃତିକ କାର୍ଯ୍ୟକ୍ରମ 'ହାର୍ମୋନି ଫର୍ ହ୍ୟୁମାନିଟି' ପରିବେଷଣ କରାଯାଇଥିଲା। କଣ୍ଠଶିଳ୍ପୀ ଦୀପ୍ତିରେଖା ପାଢୀ, ଶଶାଙ୍କ ଶେଖର, ସୌରଭ ଭରଦ୍ୱାଜ, ପାୟଲ ପ୍ରମୁଖ ସଙ୍ଗୀତ ପରିବେଷଣ କରିଥିଲେ। ସେହିପରି ସିଜଲର୍ସ ଡ୍ୟାନ୍ସ ଗ୍ରୁପ୍ ପକ୍ଷରୁ ନୃତ୍ୟ କାର୍ଯ୍ୟକ୍ରମ ପ୍ରଦର୍ଶିତ ହୋଇଥିଲା। ଫାଉଣ୍ଡେଶନର ପ୍ରତିଷ୍ଠାତା ପିନାକୀ ମହାନ୍ତି, ଅଧ୍ୟକ୍ଷ ଦେବୀ ପ୍ରସନ୍ନ ପଟ୍ଟନାୟକ, କାର୍ଯ୍ୟକାରୀ ଅଧ୍ୟକ୍ଷା ସୋନାଲି ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

# ଲକ୍ଷ୍ମୀ-ନୃସିଂହ ମନ୍ଦିରରେ କାର୍ତ୍ତିକ ବ୍ରତ

ବାଲିଅନ୍ତା, ୬।୧୧ (ନୀଳମାଧବ ସାହୁ)

ବାଲିଅନ୍ତା ବ୍ଲକ ଅଧୀନ ଭୁବନପୁର ଗ୍ରାମର ପ୍ରାଚୀନ ଲକ୍ଷ୍ମୀ-ନୃସିଂହ ମନ୍ଦିରରେ ଏକ ମାସ ଧରି ଚାଲିଥିବା ବ୍ରତଧାରୀ ମହିଳାମାନଙ୍କ କାର୍ତ୍ତିକ ବ୍ରତ ବୁଧବାର ପବିତ୍ର ପୂର୍ଣ୍ଣିମାରେ ଶେଷ ହୋଇଯାଇଛି। ଗ୍ରାମର ୪୦ରୁ ଊର୍ଦ୍ଧ୍ୱ ବ୍ରତଧାରୀ ମହିଳା କାର୍ତ୍ତିକ ମାସର ପ୍ରତିଦିନ ସକାଳ ୬ଟାରୁ ଏକତ୍ରିତ ହୋଇ ମନ୍ଦିର ପରିସର ସଫେଇ କରିଥାନ୍ତି। ପରେ ମନ୍ଦିର ସମ୍ମୁଖସ୍ଥ ମା' ବୃନ୍ଦାବତୀଙ୍କ ପାଖରେ ରଙ୍ଗବେରଙ୍ଗ ମୁରୁଜ ପକାଇ ଶ୍ରୀ ଜଗନ୍ନାଥଙ୍କ ପ୍ରତିମା ଆଙ୍କି ନଡ଼ିଆ ଓ ଗୁଆ ସ୍ଥାପନ କରିବା ସହ ରାଧାଦାମୋଦରଙ୍କୁ ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା କରି ଭୋଗ ନୈବେଦ୍ୟ ଅର୍ପଣ କରିଥାନ୍ତି। ଏଥିସହ ବାଲୁକା ପୂଜା, ସୂର୍ଯ୍ୟ ପୂଜା, ଆଳତି, ଭଜନ କୀର୍ତ୍ତନ କରିଥାନ୍ତି। ବୃନ୍ଦାବତୀଙ୍କ ଚଉଁରା ମୂଳରେ ରାଈ ଦାମୋଦରଙ୍କ ସ୍ତୋତ୍ର, କାର୍ତ୍ତିକଙ୍କ ମହାତ୍ମ୍ୟ, ବିଷ୍ଣୁ ସହସ୍ରନାମ ପାଠ କରିଥିଲେ। ପଞ୍ଚକ ୪ ଦିନ ଠାକୁରଙ୍କ ବିବାହ, କଉଡ଼ି ଖେଳ ଓ ଦହି ଗୋଳା ସହ ସମବେତ ତୁଳସୀ ଓ ଶ୍ରୀକୃଷ୍ଣଙ୍କ ଭଜନ ଗାନ କରୁଥିଲେ। ଏହି ବ୍ରତଧାରୀ ମହିଳାମାନଙ୍କ ପାଇଁ ଗ୍ରାମର କିଛି ବଦାନ୍ୟ ବ୍ୟକ୍ତିଙ୍କ ଦ୍ୱାରା ମନ୍ଦିରରେ ପ୍ରସାଦର ବ୍ୟବସ୍ଥା କରାଯାଇଥିଲା।

# ମନ, ଶରୀରକୁ ନିୟନ୍ତ୍ରଣ କରିପାରିଲେ ହିଁ ଆଗକୁ ବଢ଼ିପାରିବା




ଓୟୁଏଟି ପକ୍ଷରୁ ଆୟୋଜିତ କର୍ମଶାଳାରେ ଯୋଗଦେଇଥିବା ଅତିଥି।

## ଓୟୁଏଟିରେ କର୍ମଶାଳା

ଭୁବନେଶ୍ୱର, ୬।୧୧ (ସୁଚିସ୍ମିତା ସାହୁ)

ଓଡିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ (ଓୟୁଏଟି) ପକ୍ଷରୁ 'ମୂଲ୍ୟବୋଧ ଆଧାରିତ ଶିକ୍ଷା ଜରିଆରେ ଯୁବକଙ୍କୁ ସଶକ୍ତ କରିବା' ଉପରେ ଏକ କର୍ମଶାଳା ଗୁରୁବାର କୃଷି ଶିକ୍ଷା ସଦନଠାରେ ଅନୁଷ୍ଠିତ ହୋଇଯାଇଛି। ପୋଲିସ କମିଶନର ସୁରେଶ ଦେବଦତ୍ତ ସିଂ ଓ ଡେପୁଟି କମିଶନର ଜଗମୋହନ ମୀନା ଯୋଗଦେଇ ସାମାଜିକ ଗଣମାଧ୍ୟମରେ ହେଉଥିବା ସାଇବର ଫ୍ରଡ୍ ଉପରେ ଆଲୋକପାତ କରିଥିଲେ। ଫିଲ ଆଲାଇଭ୍ କ୍ଲିନିକାଲ ଟ୍ରଷ୍ଟି ଏବଂ ପରିଚାଳନା ନିର୍ଦ୍ଦେଶକ ନିବେଦିତା ମହାନ୍ତି ଯୋଗଦେଇ ମନ ଓ ଶରୀରକୁ ନିୟନ୍ତ୍ରଣ କରିପାରିଲେ ହିଁ ଆମେ ଆଗକୁ ବଢ଼ିପାରିବ ବୋଲି କହିଛନ୍ତି । ଶିକ୍ଷା ଓ ଅନୁସନ୍ଧାନ ବିଶ୍ୱବିଦ୍ୟାଳୟର ଛାତ୍ର କଲ୍ୟାଣ ଅଧ୍ୟକ୍ଷ ପ୍ରଫେସର ଜ୍ୟୋତି ରଞ୍ଜନ ଦାସ ଯୋଗଦେଇ ଉଚ୍ଚଶିକ୍ଷାରେ ମାନବୀୟ ମୂଲ୍ୟବୋଧକୁ ପ୍ରୋତ୍ସାହିତ କରିବା ସହିତ ବର୍ତ୍ତମାନ ସମାଜରେ ଛାତ୍ରୀଛାତ୍ର ସାମାଜିକ ମୂଲ୍ୟବୋଧ ସହ ଭାବପ୍ରବଣତା, ମାନସିକ ନିୟନ୍ତ୍ରତା, ପରିବେଶ ପ୍ରତି କର୍ତ୍ତବ୍ୟବୋଧ, ନମ୍ରତା ଆଦିକୁ ଆପଣେଇବାକୁ ପରାମର୍ଶ ଦେଇଥିଲେ। ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ପ୍ରଭାତ କୁମାର ରାଉଳ ଛାତ୍ରୀଛାତ୍ରଙ୍କୁ ସାଇବେର ଫ୍ରଡ୍ ଉପରେ ସତର୍କ ରହିବା ସହ ସାମାଜିକ ମୂଲ୍ୟବୋଧ ଆହରଣ ଉପରେ କହିଥିଲେ। କାର୍ଯ୍ୟକ୍ରମରେ ଓୟୁଏଟି ଭୁବନେଶ୍ୱରସ୍ଥିତ ସମସ୍ତ ମହାବିଦ୍ୟାଳୟ, ଭବାନୀପାଟଣା, ଚିପିଲିମାର କୃଷି, ଉଦ୍ୟାନ କୃଷି ଓ ରଙ୍ଗେଇଲୁଣ୍ଡାର ଫିସେରି ମହାବିଦ୍ୟାଳୟର ଶିକ୍ଷକ ଓ ଛାତ୍ରୀଛାତ୍ର ଅନଲାଇନ ମାଧ୍ୟମରେ ଯୋଗଦେଇଥିଲେ। ବିଶ୍ୱବିଦ୍ୟାଳୟର ଛାତ୍ର କଲ୍ୟାଣ ଅଧ୍ୟକ୍ଷ ପ୍ରଫେସର ସୁଶେନ କୁମାର ପଣ୍ଡା ସ୍ୱାଗତ ଭାଷଣ ଦେଇଥିବା ବେଳେ ଡିନ୍ ପିଜିଏଫ୍ କମ ଡିଆର୍‌ଇ ପ୍ରଫେସର ଚନ୍ଦ୍ରମଣି ଖଣ୍ଡା ଧନ୍ୟବାଦ ଦେଇଥିଲେ । ଡ. ଚକ୍ରଧର ପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ରେଳପଥ, ଉପକୂଳ ସୁରକ୍ଷାକୁ ଅଧିକ ଶକ୍ତିଶାଳୀ କରିବାକୁ ଡିଜିପିଙ୍କ ଆହ୍ୱାନ

## ଥାନା ଅଧିକାରୀଙ୍କ ଦକ୍ଷତା ବୃଦ୍ଧି କର୍ମଶାଳା

ଭୁବନେଶ୍ୱର,୬।୧୧ (ସତ୍ୟଜିତ ରାଉତ)




କର୍ମଶାଳାରେ ଡିଜିପି ୱାଇ ବି ଖୁରାନିଆଙ୍କ ସହ ବରିଷ୍ଠ ପୋଲିସ ଅଧିକାରୀମାନେ।

ଓଡ଼ିଶା ପୋଲିସ ପକ୍ଷରୁ 'ସୁରକ୍ଷା, ଅପରାଧ ନିୟନ୍ତ୍ରଣ ଓ ତଦନ୍ତ ଏବଂ ଉପକୂଳ ସୁରକ୍ଷାକୁ ସୁଦୃଢ଼' କରିବା ଲାଗି ପୋଲିସ ଅଧିକାରୀଙ୍କ ପାଇଁ ଗୁରୁବାର ଏକ ଦକ୍ଷତା ବୃଦ୍ଧି କର୍ମଶାଳା ଭୁବନେଶ୍ୱରସ୍ଥିତ ପୋଲିସ ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସରକାରୀ ରେଳପଥ ଥାନା ଓ ସାମୁଦ୍ରିକ ଥାନାର ଅଧିକାରୀମାନେ ଯୋଗଦେଇଥିଲେ। ଅଧିକାରୀଙ୍କ ବୃତ୍ତିଗତ ଦକ୍ଷତା ଓ କାର୍ଯ୍ୟକୁଶଳତା ବୃଦ୍ଧି, ରେଳପଥ ଓ ଉପକୂଳ ସୁରକ୍ଷା ବିଷୟରେ ସଚେତନତା ସୃଷ୍ଟି ଏବଂ ଅପରାଧ ତଦନ୍ତରେ ବୈଷୟିକ ଜ୍ଞାନର ଭୂମିକା, ସାଇବର କ୍ରାଇମ, ଆଧୁନିକ ପ୍ରଣାଳୀରେ ତଦନ୍ତ, ଜାତୀୟ ଓ ଅନ୍ତର୍ଜାତୀୟ ସାମୁଦ୍ରିକ ଆଇନ ଭଳି ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରାଯାଇଥିଲା। ଡିଜିପି ୱାଇ.ବି. ଖୁରାନିଆ କର୍ମଶାଳାକୁ ଉଦ୍‌ଘାଟନ କରି କହିଲେ, ରେଳପଥ ଓ ଉପକୂଳ ସୁରକ୍ଷାକୁ ମଜଭୁତ ତଥା ଆଧୁନିକୀକରଣ କରିବା ଆମର ମୂଳ ଲକ୍ଷ୍ୟ। ମାନବ ସମ୍ବଳ ବୃଦ୍ଧି, ଅତ୍ୟାଧୁନିକ ପ୍ରଯୁକ୍ତି ବିଦ୍ୟା ଓ କାର୍ଯ୍ୟଶୈଳୀରେ ଉନ୍ନତି ଆଣିବାକୁ ଓଡ଼ିଶା ପୋଲିସ ସର୍ବାଧିକ ଗୁରୁତ୍ୱ ଦେଉଛି। ଓଡ଼ିଶା ପୋଲିସକୁ ଦେଶର ସବୁଠୁ ଆଧୁନିକ ତଥା ସୁଦୃଢ଼ କରିବାକୁ ରାଜ୍ୟ ସରକାର ସମସ୍ତ ସହଯୋଗ ଯୋଗାଇ ଦେଉଛନ୍ତି। ଲୋକମାନଙ୍କୁ ଫଳପ୍ରଦ ପୋଲିସ ସେବା ଯୋଗାଇଦେବା ପାଇଁ କର୍ମଚାରୀଙ୍କ ମଧ୍ୟରେ ବୃତ୍ତିଗତ ଦକ୍ଷତା, ସମୟୋପଯୁକ୍ତ ପ୍ରସ୍ତୁତି ଓ ସମନ୍ୱୟ ରହିବା ହେଉଛି ମୁଖ୍ୟଚାବି। ଏହି କର୍ମଶାଳାରେ ଶିକ୍ଷଣୀୟ ତତ୍ତ୍ୱଗୁଡିକୁ ନେଇ କାର୍ଯ୍ୟକ୍ଷେତ୍ରରେ ବିନିଯୋଗ କରି ରେଳପଥ ଓ ଉପକୂଳ ସୁରକ୍ଷାକୁ ଅଧିକ ଶକ୍ତିଶାଳୀ କରିବାକୁ ସେ ଆହ୍ୱାନ ଦେଇଥିଲେ।

ଗୁଜରାଟର ଅବସରପ୍ରାପ୍ତ ଡିଜିପି ତଥା ଆସାମ ସରକାରର ଫୋରେନ୍‌ସିକ୍ ଉପଦେଷ୍ଟା କେଶବ କୁମାର ଯୋଗ ଦେଇ ଅପରାଧ ତଦନ୍ତରେ ବୈଷୟିକ ଜ୍ଞାନ କୌଶଳର ବ୍ୟବହାର ବିଷୟରେ ଅଭିଜ୍ଞତା ଉତ୍‌ଥାପନ କରିଥିଲେ। ଭାରତୀୟ କୋଷ୍ଟ ଗାର୍ଡ ଅଧିକାରୀ କମାଣ୍ଡାଣ୍ଟ ରବୀନ୍ଦ୍ର କୁମାର ଯୋଗଦେଇ ଅନ୍ତର୍ଜାତୀୟ ଓ ଜାତୀୟ ସମୁଦ୍ର ସୁରକ୍ଷା ଆଇନ ସହିତ ସାମୁଦ୍ରିକ ସୁରକ୍ଷା ସମସ୍ୟା ସଂକ୍ରାନ୍ତରେ କହିଥିଲେ। ରେଳପଥ ଓ ଉପକୂଳ ସୁରକ୍ଷା ଏଡିଜି ଅରୁଣ ବୋଥ୍ରା ସ୍ୱାଗତ ଭାଷଣ ଦେଇ ବୃତ୍ତିଗତ ଦକ୍ଷତା ଓ ଉପକୂଳ ସୁରକ୍ଷା ସୁନିଶ୍ଚିତ କରିବା ସଂକ୍ରାନ୍ତରେ ଆଲୋକପାତ କରିଥିଲେ। ଆର୍‌ପିଏଫ୍ ଆଇଜି ଆଲୋକ ବେହେରା ବିଭିନ୍ନ ଏଜେନ୍ସିଗୁଡିକ ମଧ୍ୟରେ ଉପଯୁକ୍ତ ସମନ୍ୱୟ ଓ ସହଯୋଗର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ରେଳପଥ ଓ ଉପକୂଳ ସୁରକ୍ଷା ଏଆଇଜି ସତ୍ୟଜିତ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ସାଇକ୍ଲୋଥନ୍‌ରେ ସାଇବର ସୁରକ୍ଷା ସଚେତନତା

**ଖୋର୍ଦ୍ଧା,୬।୧୧(ପ୍ରଭାତ ପାଣିଗ୍ରାହୀ)**

ସାଇବର ସୁରକ୍ଷା ସଚେତନତା ଅଭିଯାନ ଅବସରରେ ଖୋର୍ଦ୍ଧା ଜିଲା ପୋଲିସ ପକ୍ଷରୁ ଗୁରୁବାର ସୁରକ୍ଷିତ ସାଇବର ପରିବେଶ ଗଠନ ଲକ୍ଷ୍ୟ ନେଇ ସଚେତନତା ଉଦ୍ଦେଶ୍ୟରେ ଏକ ବିଶାଳ ସାଇକ୍ଲୋଥନ୍ (ସାଇକଲ ଯାତ୍ରା) ଅନୁଷ୍ଠିତ ହୋଇଯାଇଛି। ଜିଲା ପୋଲିସ ମୁଖ୍ୟାଳୟଠାରେ ଏସ୍‌ପି ବିବେକାନନ୍ଦ ଶର୍ମା ପତାକା ଦେଖାଇ ଏହାକୁ ଉଦ୍‌ଘାଟନ କରିଥିଲେ। ଏହି ସାଇକଲ ଯାତ୍ରା ଏସ୍‌ପି ଅଫିସଠାରୁ ବାହାରି ଖୋର୍ଦ୍ଧା ଆଦର୍ଶ ଥାନା ଏବଂ ଶିଳ୍ପାଞ୍ଚଳ ଥାନା ଅଞ୍ଚଳ ଯଥା ନୂଆ ବସଷ୍ଟାଣ୍ଡ, ଟିଏଲ୍‌ସି ରୋଡ, ଚଣ୍ଡିତୁଆ ଛକ, ନୟାଗଡ ରୋଡ, ଟ୍ରାଫିକ ଛକ, ମାରୱାଡି ପଟି, ମୁକୁନ୍ଦପ୍ରାସଦ, ସାମନ୍ତରାପୁର, ନବୀନାବାଗ ଦେଇ ଏସ୍‌ପି ଅଫିସଠାରେ ଶେଷ



ସାଇବର ସୁରକ୍ଷା ସଚେତନତା ଅବସରରେ ଅନୁଷ୍ଠିତ ସାଇକେଲ ଶୋଭାଯାତ୍ରାରେ ଏସ୍‌ପି ବିବେକାନନ୍ଦ ଶର୍ମା, ଅଧିକାରୀ ଏବଂ ଛାତ୍ରୀଛାତ୍ର।

ହୋଇଥିଲା। ପିଲାମାନେ ପ୍ଲାକାର୍ଡ ଧରି ସାଇବର ସୁରକ୍ଷା ସଂକ୍ରାନ୍ତରେ ସ୍ଲୋଗାନ ଦେବା ସହ ଲୋକଙ୍କୁ ସଜାଗ, ସତର୍କତା ସହ ଅନଲାଇନ ବ୍ୟବହାର, ଦାୟିତ୍ୱପୂର୍ଣ୍ଣ ଭାବେ କାର୍ଯ୍ୟ କରିବାକୁ ସଚେତନ କରିଥିଲେ। ଏହି ଅବସର ଏସ୍‌ପି ଶର୍ମା କହିଥିଲେ ଯେ, ଅନଲାଇନରେ କୌଣସି ସାମଗ୍ରୀ ଅର୍ଡର କରିବା ପୂର୍ବରୁ ଏବଂ ଅନଲାଇନ ଚାଟିଂ କରିବା ସମୟରେ ସତର୍କତା ଅବଲମ୍ବନ କରନ୍ତୁ। ସଜାଗ ରହିଲେ ସୁରକ୍ଷିତ ରହିବେ। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଏସ୍‌ପି ଶ୍ରୀନିବାସ ମହାନ୍ତି, ଡିଏସ୍‌ପି (ଡିଆଇବି) ଅନାଦି ଚରଣ ସେଠୀ, ଡିଏସ୍‌ପି (ହେଡକ୍ୱାର୍ଟର) ଯୁଗଳ କିଶୋର ମଲ୍ଲିକ, ଅନିଲ ମହାନ୍ତି, ସଦର ଡିଏସ୍‌ପି ନିହାର ରଞ୍ଜନ ପ୍ରଧାନ, ସାଇବର ସେଲ ଇନ୍‌ସ୍ପେକ୍ଟର ସୁଚିତ୍ରା ନାୟକ, ଟାଉନ ଥାନାଧିକାରୀ ସଞ୍ଜୟ ନାୟକ, ଶିଳ୍ପାଞ୍ଚଳ ଥାନାଧିକାରୀ ଉମେଶ ସାହୁଙ୍କ ସମେତ ଏକାଧିକ ପୋଲିସ ଅଧିକାରୀ କର୍ମଚାରୀ, ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ର, ଶିକ୍ଷକ ଏଥିରେ ଅଂଶଗ୍ରହଣ କରି ସାଇବର ସୁରକ୍ଷା ସଚେତନତାର ବାର୍ତ୍ତା ଦେଇଥିଲେ।

# ୧୮ରେ ବୋଲଗଡ଼ ବ୍ଲକସ୍ତରୀୟ ବିଜ୍ଞାନମେଳା



ପ୍ରସ୍ତୁତି ବୈଠକରେ ଉପସ୍ଥିତ ଅତିଥିମାନେ।

**ବୋଲଗଡ଼,୬।୧୧(ଦେବବ୍ରତ ହୋତା)**

ବୋଲଗଡ଼ ବ୍ଲକସ୍ତରୀୟ ବିଜ୍ଞାନ ମେଳା-୨୦୨୫ ପାଇଁ ଏକ ପ୍ରସ୍ତୁତି ବୈଠକ ସ୍ଥାନୀୟ ବାମନ ସରକାର ଉଚ୍ଚ ବିଦ୍ୟାଳୟ ନିକଟ ମିନି ଷ୍ଟାଡିୟମ ସଭାଗୃହରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଗୋଷ୍ଠୀ ଶିକ୍ଷା ଅଧିକାରୀ ପ୍ରମୋଦ କୁମାର ସ୍ୱାଇଁଙ୍କ ଆବାହକତ୍ୱ ଏବଂ ସହଗୋଷ୍ଠୀ ଶିକ୍ଷା ଅଧିକାରୀ କୈଳାସ ନାଥ ସ୍ୱାଇଁ ଏବଂ ଅମିତା ମିଶ୍ରଙ୍କ ସହଯୋଗରେ ଆୟୋଜିତ ଏହି ବୈଠକରେ ୫୫ଟି ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ, ୪୨ଟି ଉଚ୍ଚ ପ୍ରାଥମିକ, ୨୮ଟି ମାଧ୍ୟମିକ ବିଦ୍ୟାଳୟ ପ୍ରଧାନଶିକ୍ଷୟିତ୍ରୀଶିକ୍ଷକ ଏବଂ ବିଜ୍ଞାନ ଶିକ୍ଷକଙ୍କ ସମେତ ସାଧନକେନ୍ଦ୍ର ସଂଯୋଜକମାନେ ଉପସ୍ଥିତ ଥିଲେ। ଶିକ୍ଷା ବିଭାଗର ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନ ଓ ବାଲ ବୈଜ୍ଞାନିକ କାର୍ଯ୍ୟକ୍ରମ ଅନ୍ତର୍ଭୁକ୍ତ ଏହି ବିଜ୍ଞାନମେଳା ସାଗରଗୁଆଁ ସରକାରୀ ଉଚ୍ଚ ବିଦ୍ୟାଳୟଠାରେ ଆସନ୍ତା ୧୮ ତାରିଖରେ ଆୟୋଜନ ହେବ। ମାଧ୍ୟମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରୁ ଦୁଇଟି ଏବଂ ପ୍ରାଥମିକ ବିଦ୍ୟାଳୟରୁ ଗୋଟିଏ ଲେଖାଏ ପ୍ରକଳ୍ପ ସ୍ଥାନିତ ହେବା ପାଇଁ ସ୍ଥିର ହୋଇଛି। ଏହି ଅବସରରେ ବିଜ୍ଞାନମେଳା ପରିଚାଳନା କମିଟିର କୋଷାଧ୍ୟକ୍ଷ ପ୍ରଫୁଲ୍ଲ ସିଂହ ଗତବର୍ଷ ମେଳା ଆୟବ୍ୟୟ ହିସାବ ପ୍ରଦାନ କରିଥିବା ବେଳେ ସ୍ଥାୟୀ ସଭାପତି ବିଇଓ ସ୍ୱାଇଁ, ସମ୍ପାଦକ ପୀତବାସ ଲେଙ୍କା, କାର୍ଯ୍ୟକାରୀ ସମ୍ପାଦକ ରବୀନ୍ଦ୍ର ବେହେରାଙ୍କ ଅନୁମତିକ୍ରମେ ବୋଲଗଡ଼, ବାଙ୍କୋଇ ଓ ପିତୁକୁଳି ଜୋନରୁ ୬ଜଣ ଲେଖାଏ ମୋଟ ୧୮ଜଣ ନୂତନ କର୍ମକର୍ତ୍ତା ଓ ସୁକାନ୍ତ ଜେନାଙ୍କୁ ନୂତନ କୋଷାଧ୍ୟକ୍ଷ ଭାବେ ସର୍ବସମ୍ମତିକ୍ରମେ ମନୋନୀତ କରାଯାଇଛି। ଶେଷରେ ସୀତାକାନ୍ତ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ସାପ କାମୁଡ଼ାରେ ଛାତ୍ରଙ୍କ ମୃତ୍ୟୁ

**ବୋଲଗଡ଼,୬।୧୧(ଦେବବ୍ରତ ହୋତା)**

ବୋଲଗଡ଼ ବ୍ଲକ ଆରିକମା ପଞ୍ଚାୟତ ଶଙ୍କରପୁର ଗ୍ରାମରେ ସାପ କାମୁଡ଼ାରେ ଜଣେ ଛାତ୍ରଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଏହି ଗ୍ରାମର ରୁଦ୍ର ନାରାୟଣ ପଲେଇ। ସେ ସ୍ଥାନୀୟ ବିଦ୍ୟାଳୟର ୬ଷ୍ଠ ଶ୍ରେଣୀର ଛାତ୍ର ଥିଲେ। ସୂଚନା ମୁତାବକ, ବୁଧବାର କାର୍ତ୍ତିକ ପୂର୍ଣ୍ଣମୀ ପାଇଁ ଛୁଟି ଥିବାରୁ ରୁଦ୍ର ନାରାୟଣ ସମ୍ପର୍କୀୟଙ୍କ ସହ ମଧ୍ୟାହ୍ନରେ ଜମିକୁ ବୁଲିବାକୁ ଯାଇଥିଲେ। ସେଠାରେ ତାଙ୍କୁ ଏକ ସାପ କାମୁଡ଼ି ଦେଇଥିଲା। ଏହା ପରେ ପରିବାର ଲୋକେ ତାଙ୍କୁ ତୁରନ୍ତ ମେଡିକାଲ ନେବା ପରିବର୍ତ୍ତେ ଆରିକମା ଗ୍ରାମର ଜଣେ ଗୁଣିଆଙ୍କ ନିକଟରେ ଝଡ଼ାଫୁଙ୍କା ବ୍ୟବସ୍ଥା କରିଥିଲେ। ତେବେ ବିଳମ୍ବିତ ରାତିରେ ରୁଦ୍ର ନାରାୟଣଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ତାଙ୍କୁ ପ୍ରଥମେ ବାଙ୍କୋଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରେ ଖୋର୍ଦ୍ଧା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ୍ୟୁ ଘୋଷଣା କରିଥିଲେ। ବ୍ୟବଚ୍ଛେଦ ପରେ ତାଙ୍କ ମୃତଶରୀର ଗୁରୁବାର ଅପରାହ୍ନ ୩ଟାରେ ବିଦ୍ୟାଳୟଠାରେ ପହଞ୍ଚିବା ପରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା। ଶିକ୍ଷକ ଅଞ୍ଜନ ଜୟସିଂ ଏବଂ ଗ୍ରାମବାସୀ ଦୁଃଖ ପ୍ରକାଶ କରିବା ସହ ତାଙ୍କ ପରିବାରକୁ ସମବେଦନା ଜଣାଇଛନ୍ତି।

# ଶିଶୁ କଳାକାରଙ୍କ ନୃତ୍ୟରେ ଦର୍ଶକ ବିଭୋର



ଶିଶୁ କଳାକାରମାନେ ନୃତ୍ୟ ପରିବେଷଣ କରୁଛନ୍ତି।

**ଖୋର୍ଦ୍ଧା,୬।୧୧(ପ୍ରଭାତ ପାଣିଗ୍ରାହୀ)**

କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ଖୋର୍ଦ୍ଧା ପୌର ପରିଷଦ ଅନ୍ତର୍ଗତ ପଲଟଣ ପଡିଆସ୍ଥିତ ଚନ୍ଦ୍ର ଶେଖର ଦେବଙ୍କ ପୀଠରେ ୫ଦିନ ବ୍ୟାପୀ ବଡ଼ ଓଷା ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ପ୍ରତିଦିନ ବହୁ ଭକ୍ତଙ୍କ ସମାଗମ ହୋଇଥିଲା। ପିଲାଙ୍କ ମନୋରଞ୍ଜନ ପାଇଁ ମିନାବଜାର, ରାମ ଦୋଳି, ଜମ୍ପିଂ, ମିକି ମାଉସ କିଡ୍ସ କାର୍ ହେଲିକ୍ୟାପ୍ଟର ଦୋଳି ସହ ବିଭିନ୍ନ ପ୍ରକାର ଖାଦ୍ୟ ଷ୍ଟଲ, ଖେଳନା ଷ୍ଟଲ, ମୁରୁଜ ଷ୍ଟଲ, ଆଧ୍ୟାତ୍ମିକ ବହି ଷ୍ଟଲ ଆଦି ପଡ଼ିଥିଲା। ପ୍ରତିଦିନ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା। ଉଦ୍‌ଯାପନୀ ଦିବସ ସନ୍ଧ୍ୟାରେ ପୂର୍ବତନ ପୌରାଧ୍ୟକ୍ଷା ସଂଯୁକ୍ତା ସାହୁ, ସ୍ଥାନୀୟ କାଉନ୍‌ସିଲର ପ୍ରବିଣା ଜଗଦ୍ଦେବ ରାୟ, ଖୋର୍ଦ୍ଧା କୋ-ଅପେରେଟିଭ ବ୍ୟାଙ୍କ ସଭାପତି ଅଭିଷେକ ସିଂ ସାମନ୍ତ, ସାମାଜିକ କର୍ମୀ ସରୋଜ ଦାଶ ପ୍ରମୁଖ ସମ୍ମାନିତ ଅତିଥିଭାବେ ଉପସ୍ଥିତି ଥିଲେ। ଶିଶୁ କଳାକାରଙ୍କ ଦ୍ୱାରା ପରିବେଷିତ ସାଂସ୍କୃତିକ କାର୍ଯ୍ୟକ୍ରମ ଉପସ୍ଥିତ ଦର୍ଶକଙ୍କୁ ବିଭୋର କରିଥିଲା। ଖୋର୍ଦ୍ଧାର କ୍ରିଏଟିଭ ଡ୍ୟାନ୍ସ ଗ୍ରୁପ, ଡିଭାଇନ ଡ୍ୟାନ୍ସ ଗ୍ରୁପ, ମନିପାଲ ଡ୍ୟାନ୍ସ ଷ୍ଟୁଡିଓ, ଶିକ୍ଷା ପ୍ଲେ ସ୍କୁଲ ଗୁରୁଜଙ୍ଗ ଏବଂ ବଗିଂଦା ହାଇସ୍କୁଲର ଛାତ୍ରୀମାନେ ଓଡ଼ିଶୀ, ସମ୍ବଲପୁରୀ ନୃତ୍ୟ ପରିବେଷଣ କରିଥିଲେ। କୁନି କଳାକାର ସୁଶ୍ରୀ ସିନ୍ଧୁଜା ନନ୍ଦ, ସୁଲଗ୍ନା ଶୁଭଦର୍ଶୀ, ଗାୟତ୍ରୀ ଭଞ୍ଜ, ଅରୁପାନନ୍ଦ ସାହୁ, ଲକ୍ଷ୍ମୀପ୍ରିୟା ଭଞ୍ଜ, ଅଂଶୁମାନ ବେହେରା, ଆୟୁଷ ପଟ୍ଟନାୟକ, ଅମ୍ରିତା ଛୋଟରାୟ ବିଶ୍ୱାମିତ୍ର ଜେନା ପ୍ରମୁଖ ବିଭିନ୍ନ ନୃତ୍ୟ ପରିବେଷଣ କରିଥିଲେ।

# ବିଦେଶାଗତ ପକ୍ଷୀଙ୍କ ସୁରକ୍ଷା ପାଇଁ ବନ ବିଭାଗ କର୍ମଚାରୀଙ୍କ ପଇଁତରା

**କୃଷ୍ଣପ୍ରସାଦ,୬।୧୧ (କୈଳାସ ଚନ୍ଦ୍ର ପଟ୍ଟନାୟକ)**

ଶୀତର ପ୍ରଭାବ ଧୀରେ ଧୀରେ ବୃଦ୍ଧି ପାଉଥିବାରୁ ଚିଲିକାର ପରିବେଶ ବିଦେଶାଗତ ପକ୍ଷୀଙ୍କ କଳରବରେ ମୁଖରିତ ହୋଇଉଠିଛି। ସେମାନଙ୍କ ସୁରକ୍ଷା ଦିଗରେ ବନ ବିଭାଗର ତତ୍ପରତା ପ୍ରକାଶ ପାଇଛି। ଚିଲିକା ବନ୍ୟପ୍ରାଣୀ ବିଭାଗ ଅଧିକାରୀ ଅମ୍ଲାନ ନାୟକ ଏଦିଗରେ କଡ଼ା ନଜର ରଖିଛନ୍ତି। ବାଲୁଗାଁ ବନାଞ୍ଚଳ ଅଧିକାରିଣୀ ରଶ୍ମିତା ଜେନାଙ୍କ ନିର୍ଦ୍ଦେଶକ୍ରମେ ପାରିକୁଦ ବନପାଳ ଜିତେନ୍ଦ୍ରୀୟ ଜେନା, ବନରକ୍ଷୀ ତ୍ରିଲୋଚନ ମହାରଣା ସମେତ ସୁରକ୍ଷା କର୍ମୀ ପଞ୍ଚକୁଦି, ପାଣ୍ଡା, ଚିଖିଲି, ଚିତ୍ରକୁଟ, ବନମାଳ, ସୋଲାକୁଦି, ତିଛିଣି ଆଦି ଚିଲିକା କୂଳ ଏବଂ ଚାଷଜମି ଅଞ୍ଚଳରେ ବିଦେଶାଗତ ପକ୍ଷୀଙ୍କ ସୁରକ୍ଷା ଉପରେ ନଜର ରଖିଛନ୍ତି।

# ଆଳୁ ଚାଷ ସଚେତନତା କାର୍ଯ୍ୟକ୍ରମ

**ବେଗୁନିଆ,୬।୧୧(ସନ୍ଧ୍ୟାରାଣୀ ମିଶ୍ର)**

ବେଗୁନିଆ ବ୍ଲକ ବଡ଼ବେରଣା ପଞ୍ଚାୟତ ଅନ୍ତର୍ଗତ କୋଲୁହା ପାଟଣା ଗ୍ରାମର ଶୁଭଶ୍ରୀ କ୍ଲବ ପରିସରରେ ଉଦ୍ୟାନ କୃଷି ବିଭାଗ ପକ୍ଷରୁ ଆଳୁ ଚାଷ ପାଇଁ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସହକାରୀ ଉଦ୍ୟାନ କୃଷି ଅଧିକାରୀଙ୍କ କାର୍ଯ୍ୟାଳୟର ଗ୍ରାମ୍ୟ କୃଷି ସମ୍ପ୍ରସାରଣ କର୍ମଚାରୀ ଆଶିଷ କୁମାର ଦଳବେହେରା ଉପସ୍ଥିତ ରହି ଆଳୁ ବିହନର କିସମ, ଲଗାଇବାର ବିଭିନ୍ନ ପ୍ରଣାଳୀ, ସରକାରୀ ପ୍ରୋତ୍ସାହନ ଓ ରୋଗ ପୋକ ନିବାରଣ ସମ୍ପର୍କରେ ଉପସ୍ଥିତ ଚାଷୀଙ୍କୁ ଅବଗତ କରାଇଥିଲେ।

# ୭୪ତମ ବାର୍ଷିକ ଅଷ୍ଟପ୍ରହର ନାମଯଜ୍ଞ



ନାମସଂକୀର୍ତ୍ତନ କରାଯାଉଛି।

**ଜଟଣୀ,୬।୧୧(ରବୀନ୍ଦ୍ରନାଥ ମହାକୁଡ଼)**

ଜଟଣୀ ବ୍ଲକ ଗଙ୍ଗପଡ଼ା ପଞ୍ଚାୟତ ଅନ୍ତର୍ଗତ ଗମେଇ ଗ୍ରାମଡିହଠାରେ ୭୪ତମ ବାର୍ଷିକ ଅଷ୍ଟପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଗ୍ରାମର ଭାଗବତ ବାସୁଦେବଙ୍କ ମନ୍ଦିର ପରିସରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ତରତୁଆ ସଂକୀର୍ତ୍ତନ ମଣ୍ଡଳୀ, ପଳାସପୁର, ପଳାସପୁର ବାଣକୁମାରୀ, ପାଣିଓରା, ପୋଡ଼ାସାହି, ଗଙ୍ଗପଡ଼ା, ସାହେବ ନୂଆଗାଁ, ଓଗାଳପଡ଼ା, ପଦନପୁର ଆଦି ଗ୍ରାମର ସଂକୀର୍ତ୍ତନ ମଣ୍ଡଳୀ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଦୁର୍ଜୟ ମହାନ୍ତି, କପିଳ ସିଂହ, ବୀରେନ୍ଦ୍ର ବେହେରା, ଲିଙ୍ଗରାଜ ବେହେରା, କିଶନ ଚାନ୍ଦ ସାହୁ ପ୍ରମୁଖ ସହଯୋଗ କରିଥିଲେ।

# ସଚେତନତା ଦ୍ୱାରା ସାଇବର ଠକେଇ ରୋକିହେବ

**ଖୋର୍ଦ୍ଧା,୬।୧୧(ପ୍ରଭାତ ପାଣିଗ୍ରାହୀ)**

ସାଇବର ସୁରକ୍ଷା ଅଭିଯାନ ଅବସରରେ ଖୋର୍ଦ୍ଧା ପୋଲିସ ପକ୍ଷରୁ ସଚେତନତା ଅଭିଯାନ ଚାଲିଛି। ଗତ ବୁଧବାର ବସ୍‌ଷ୍ଟାଣ୍ଡ, ଫୁଟପାଥ୍, ପରିବା ହାଟ, ନୂଆ ବସ୍‌ଷ୍ଟାଣ୍ଡ ଟ୍ରାଫିକ ଛକରେ ମାସ୍କଟ ସାଇରା ଏବଂ ସାଇବର ସେଲ୍ ଟିମ୍ ଲୋକଙ୍କୁ ସଚେତନ କରିଥିଲେ। ସାଇବର ସେଲ୍ ଇନ୍‌ସ୍ପେକ୍ଟର ସୁଚିତ୍ରା ନାୟକଙ୍କ ନେତୃତ୍ୱରେ ଏକ ଟିମ୍ ମାସ୍କଟ ସାଇରା ସହ ପ୍ରଥମେ ନୂଆ ବସ୍‌ଷ୍ଟାଣ୍ଡ ଟ୍ରାଫିକ ଛକରେ ପହଞ୍ଚିଥିଲେ। ସାଇବର ଠକାମିରୁ କିପରି ସୁରକ୍ଷିତ ରହିବେ, ସେନେଇ ସଚେତନ କରାଯାଇଥିଲା। ସୋସିଆଲ ମିଡିଆରେ ଅପରିଚିତ ଲୋକଙ୍କ ସହ ବନ୍ଧୁତା, ଚାଟିଂ କରନ୍ତୁ ନାହିଁ। ସନ୍ଦିଗ୍ଧ ବ୍ୟକ୍ତିଙ୍କଠାରୁ ଦୂରେଇ ରହିବା ସହ ଏସ୍‌ଏମ୍‌ଏସ୍‌ରେ ଆସିଥିବା ଅପରିଚିତ ସାଇଟରୁ ଉତ୍ତର ଦିଅନ୍ତୁ ନାହିଁ। ଏଥିସହ ଓଟିପି ସେୟାର ନ କରିବାକୁ ପରାମର୍ଶ ଦେଇଥିଲା ମାସ୍କଟ ସାଇରା। ନୂଆ ବସଷ୍ଟାଣ୍ଡରେ ବସ୍‌କୁ ଅପେକ୍ଷାରତ ଯାତ୍ରୀଙ୍କୁ ସାଇବର ସେଲ ଟିମ୍ ସାଇବର ଅପରାଧ, ଅନଲାଇନ ଠକାମି ସମ୍ପର୍କରେ ସଚେତନ କରିଥିଲା। ଭାଲିଆବାଡ଼ି କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ପହଞ୍ଚିଥିଲା ସାଇବର ଟିମ୍। ଉଭୟ ପକ୍ଷର ଖେଳାଳି, ଟୁର୍ଣ୍ଣାମେଣ୍ଟ ଆୟୋଜକ, ଉପସ୍ଥିତ ଦର୍ଶକଙ୍କୁ ସାଇବର ଠକାମିରୁ କିପରି ଦୂରେଇ ରହିବେ, ଠକାମିର ଶିକାର ହେଲେ କଣ କରିବେ, କେଉଁଠିକି ଯିବେ, କିପରି ଅଭିଯୋଗ କରିବେ ସେ ସମ୍ପର୍କରେ ସଚେତନ କରିଥିଲେ। ବିଶେଷକରି ଯୁବପିଢ଼ି ଏବଂ ବିଦ୍ୟାର୍ଥୀ ଅନଲାଇନ ଗେମ୍ସ, ଚାଟିଂ, ଅନଲାଇନ ଶପିଂ ସମୟରେ ଠକାମିରେ ପଡୁଛନ୍ତି। ଏଥିଲାଗି ସର୍ତ୍ତକତା ଜରୁରୀ। ସଚେତନ ରହିଲେ ସୁରକ୍ଷିତ ରହିବେ ବୋଲି ମାସ୍କଟ ସାଇରା ପରାମର୍ଶ ଦେଇଥିଲା। ଏହା ପରେ ମାସ୍କଟ ସାଇରା ଟିଏଲ୍‌ସି ରୋଡ୍‌ସ୍ଥିତ ପରିବା ମଣ୍ଡିରେ ପହଞ୍ଚିଥିଲା। ସେଠାରେ ପରିବା କିଣିବା ପାଇଁ ଆସିଥିବା ଗ୍ରାହକ, ବେପାରୀଙ୍କୁ ସଚେତନ କରିଥିଲା। ସାଇବର ସୁରକ୍ଷାଜନିତ ଲିଫ୍‌ଲେଟ ବଣ୍ଟନ କରାଯାଇଥିଲା। ଠକାମିର ଶିକାର ହେଲେ ତୁରନ୍ତ ୧୯୩୦କୁ କଲ୍ କରନ୍ତୁ। ଏଥିସହିତ ନିକଟ ଥାନା, ସାଇବର ଥାନା, ସାଇବର ୱେବ୍‌ସାଇଟରେ ଅଭିଯୋଗ କରିପାରିବେ। ତୁରନ୍ତ ଅଭିଯୋଗ କଲେ ହରାଇଥିବା ଟଙ୍କା ଫେରିପାଇବା ସମ୍ଭାବନା ରହିଛି ବୋଲି ମାସ୍କଟ ସାଇରା ସଚେତନତାର ବାର୍ତ୍ତା ଦେଇଥିଲା। ସାଇବର ସେଲ୍ ଇନ୍‌ସ୍ପେକ୍ଟର ନାୟକ କହିଥିଲେ, ସୁରକ୍ଷିତ ସାଇବର ପରିବେଶ ଗଠନ ଏହାର ଲକ୍ଷ୍ୟ ରହିଛି। ଅଜଣା ବ୍ୟକ୍ତିଙ୍କୁ ଓଟିପି, ଆକାଉଣ୍ଟ ନମ୍ବର, କ୍ରେଡିଟ୍ କାର୍ଡ, ଡେବିଟ କାର୍ଡ କମ୍ବା ୟୁପିଆଇ ବିବରଣୀ ଦିଅନ୍ତୁ ନାହିଁ ବୋଲି ପରାମର୍ଶ ଦେଇଥିଲେ।

# 'ଲୁଲୁଙ୍କ ସାଙ୍ଗଠନିକ ଦକ୍ଷତା ଉଚ୍ଚକୋଟୀର ଥିଲା'



ବୈଠକରେ ଉପସ୍ଥିତ ଅତିଥି।

**କୃଷ୍ଣପ୍ରସାଦ,୬।୧୧ (କୈଳାସ ଚନ୍ଦ୍ର ପଟ୍ଟନାୟକ)**

ପୁରୀ ଜିଲା ବ୍ରହ୍ମଗିରି ନିର୍ବାଚନମଣ୍ଡଳୀର ପୂର୍ବତନ ବିଧାୟକ ଲଲାଟେନ୍ଦୁ ବିଦ୍ୟାଧର ମହାପାତ୍ର(ଲୁଲୁ)ଙ୍କ ୯ମ ଶ୍ରାଦ୍ଧବାର୍ଷିକୀ ଅବସରରେ ଗୁରୁବାର ଶ୍ରଦ୍ଧାଞ୍ଜଳି ଓ ସର୍ବଧର୍ମ ପାର୍ଥନା ସଭା ଅନୁଷ୍ଠିତ ହୋଇଯାଇଛି। ଲୁଲୁଙ୍କ ଝିଅ ତଥା ବିଧାୟିକା ଉପାସନା ମହାପାତ୍ରଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ କୃଷ୍ଣପ୍ରସାଦ ମଣ୍ଡଳ ଭାଜପା ସଭାପତି ସଂଗ୍ରାମ କେଶରୀ ଜେନା, ବିଧାୟିକାଙ୍କ ପ୍ରତିନିଧି ଉତ୍ତମ କୁମାର ତରେଇ, ସାତପଡ଼ା ମଣ୍ଡଳ ଭାଜପା ସଭାପତି ପ୍ରଦୀପ୍ତ କୁମାର ବେହେରା, ପିରିଜିପୁର ସରପଞ୍ଚ ଇଂ. ମଳୟ କୁମାର ଜେନା, ଗମ୍ଭାରୀ ସରପଞ୍ଚ ସୁଶାନ୍ତ କୁମାର ପରିଡ଼ା, ଗୋପୀନାଥପୁର ସରପଞ୍ଚ ସରୋଜ କୁମାର ଲେଙ୍କା, ସାତପଡ଼ା ସରପଞ୍ଚ ରଶ୍ମିତା ସାମନ୍ତରାୟ, ବରିଷ୍ଠ ନେତା ନବ କିଶୋର ଜେନା ପ୍ରମୁଖ ଅତିଥିଭାବେ ଯୋଗଦେଇ ଲୁଲୁଙ୍କ ସାଙ୍ଗଠନିକ ଦକ୍ଷତା ଓ ନେତୃତ୍ୱ ଉଚ୍ଚକୋଟୀର ଥିଲା ବୋଲି ମତବ୍ୟକ୍ତ କରିଥିଲେ। ସେହିଭଳି କୃଷ୍ଣପ୍ରସାଦ ମଣ୍ଡଳ ଭାଜପା ପକ୍ଷରୁ ଯୁବ ମୋର୍ଚ୍ଚା ସଭାପତି ବିଶ୍ୱଜିତ ବିଶ୍ୱାଳଙ୍କ ନେତୃତ୍ୱରେ ତିଛିଣିସ୍ଥିତ ବୀଣାପାଣି ୟୁଥ କ୍ଲବ ପରିସରରେ ହରିହର ଦାଶଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଦୀନବନ୍ଧୁ ଜେନା, ଅଲଣ୍ଡା ପଞ୍ଚାୟତ ଭାଜପା ସଭାପତି ଶରତ ଚନ୍ଦ୍ର ଜେନା, ବ୍ଲକ ଆତ୍ମା କମିଟି ଅଧ୍ୟକ୍ଷ ସଞ୍ଜୟ କୁମାର ସେଠୀ, ଅଲଣ୍ଡା ସରପଞ୍ଚ ବିଷ୍ଣୁପ୍ରିୟା ବିଶ୍ୱାଳ, ବଡଅଁଳ ସରପଞ୍ଚ ବୀଣାପାଣି ପ୍ରଧାନ, ଗୋମୁଣ୍ଡିଆ ସରପଞ୍ଚ ଦୁଷ୍ମନ୍ତ କୁମାର ସେଠୀ, ଯୁବନେତା ସୁରେନ୍ଦ୍ର କୁମାର ବିଶ୍ୱାଳ, ଦେବାଶିଷ ଜଗଦ୍ଦେବ ନାୟକ, ରଶ୍ମି ରଞ୍ଜନ ବିଶ୍ୱାଳ, ବିଛନ୍ଦ ଜେନା, ନାଲୁ ପ୍ରଧାନ, କ୍ଷେତ୍ରବାସୀ ପଲେଇ, ଚନ୍ଦନ ଦଣ୍ଡସେଣା ପ୍ରମୁଖ ଯୋଗଦେଇ ଲୁଲୁଙ୍କ ସ୍ମୃତିଚାରଣ କରିଥିଲେ । ଏହି ଅବସରରେ ଚାରାରୋପଣ ଏବଂ ଫଳ ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପାରିକୁଦଗଡ଼ ଗୁଣ୍ଡିଚା ମନ୍ଦିର ପ୍ରାଙ୍ଗଣରେ ବରିଷ୍ଠ ଭାଜପା ନେତା ବାଉରିବନ୍ଧୁ ଦଳେଇଙ୍କ ନେତୃତ୍ୱରେ ଲୁଲୁଙ୍କ ଶ୍ରାଦ୍ଧବାର୍ଷିକୀ ପାଳିତ ହୋଇଯାଇଛି। ରାଘବ କୁମାର ଗୁରୁ, ପ୍ରମୋଦ ଜେନା, ସୁଶାନ୍ତ ଭାରିମଲ୍ଲ, ଭିକାରି ପାତ୍ର ପ୍ରମୁଖ ଯୋଗଦେଇ ଲୁଲୁଙ୍କ ସ୍ମୃତିଚାରଣ କରିଥିଲେ। ଏହି ଅବସରରେ ସଫେଇ ଏବଂ ମିଷ୍ଟାନ ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ରାସ୍ତା ବନ୍ଦକୁ ସ୍ଥାନୀୟ ଲୋକଙ୍କ ବିରୋଧ



**ଜଟଣୀ,୬।୧୧(ରବୀନ୍ଦ୍ରନାଥ ମହାକୁଡ଼)**

ଖୋର୍ଦ୍ଧାରୋଡ୍ ରେଲୱେ ପ୍ରଶାସନ ପକ୍ଷରୁ ଗୁରୁବାର ୱାର୍ଡ ନମ୍ବର-୧୬ ଅନ୍ତର୍ଗତ ରେଳ ମଣ୍ଡଳ ପ୍ରବନ୍ଧକଙ୍କ ସରକାରୀ ବାସଭବନ ପଛପଟେ ରହିଥିବା ଏକ ସର୍ବସାଧାରଣ ରାସ୍ତା ବନ୍ଦ କରାଯାଇଥିଲା। ଖବରପାଇ ସ୍ଥାନୀୟ ଜନସାଧାରଣ ପହଞ୍ଚି ଉକ୍ତ ରାସ୍ତା ବନ୍ଦ ନ କରିବା ପାଇଁ ଅନୁରୋଧ କରିଥିଲେ। ତେବେ ଉପସ୍ଥିତ ରେଲୱେ ଅଧିକାରୀ ନ ଶୁଣିବା ଫଳରେ ସ୍ଥାନୀୟ ଲୋକେ ଏବଂ ରେଲୱେ ଅଧିକାରୀଙ୍କ ମଧ୍ୟରେ କଥା କଟାକଟି ହୋଇଥିଲା। ସ୍ଥାନୀୟ ଜନପ୍ରତିନିଧି ବିଷ୍ଣୁ ସାହୁ, ପୂର୍ବତନ କାଉନ୍‌ସିଲର ମହମ୍ମଦ ନୌସର ଅଲ୍ଲୀ ଏବଂ ରେଲୱେ ସୁରକ୍ଷାବଳ ଅଧିକାରୀ ଏସ୍. କୁମାର ପହଞ୍ଚି ବୁଝାଶୁଝା କରିବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା। ଆସନ୍ତା ସୋମବାର ରେଲୱେର ଉଚ୍ଚପଦସ୍ଥ ଅଧିକାରୀ ଏବଂ ସ୍ଥାନୀୟ ଜନପ୍ରତିନିଧିଙ୍କ ଆଲୋଚନା ପରେ ସମସ୍ୟାର ସମାଧାନ କରାଯିବ ବୋଲି ନିଷ୍ପତ୍ତି ହୋଇଥିବା ଜଣାପଡିଛି।

# ସନ୍ତୋଷ ମେମୋରିଆଲ ଟ୍ରଫି ଜିତିଲା ଯଦୁପୁର

**ଖୋର୍ଦ୍ଧା,୬।୧୧(ପ୍ରଭାତ ପାଣିଗ୍ରାହୀ)**

ପ୍ରାଣନାଥ ମହାବିଦ୍ୟାଳୟ ପଡ଼ିଆରେ ମୁକୁନ୍ଦପ୍ରସାଦ କ୍ରିକେଟ କ୍ଲବ ଆନୁକୂଲ୍ୟରେ ଚାଲିଥିବା ସନ୍ତୋଷ ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟରେ ଯଦୁପୁର ଟିମ୍ ଚାମ୍ପିୟନ ହୋଇଛି। ଫାଇନାଲ ମ୍ୟାଚ୍ ମୁକୁନ୍ଦପ୍ରସାଦ ଏବଂ ଯଦୁପୁର କ୍ରିକେଟ ଟିମ୍ ମଧ୍ୟରେ ହୋଇଥିଲା। ଟସ୍ ଜିତି ମୁକୁନ୍ଦପ୍ରସାଦ ଟିମ୍ ବୋଲିଂ ନିଷ୍ପତ୍ତି ନେଇଥିଲା। ପ୍ରଥମେ ବ୍ୟାଟିଂ କରି ଯଦୁପୁର ଟିମ୍ ନିର୍ଦ୍ଧାରିତ ୨୦ ଓଭରରେ ୮ଉଇକେଟ ବିନିମୟରେ ୨୨୨ରନ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ଏସ୍. କେ. ସଲମାନ ୨୯ ବଲରୁ ୫୦ ରନ କରିଥିଲେ। ଜବାବରେ ମୁକୁନ୍ଦପ୍ରସାଦ ଟିମ୍ ୨୦୨ରନ ସଂଗ୍ରହ କରି ପରାଜିତ ହୋଇଥିଲା। ଫଳରେ




ଅତିଥିଙ୍କ ଗହଣରେ ଟ୍ରଫି ସହ ଚାମ୍ପିୟନ ଦଳର ଖେଳାଳିମାନେ।

ଯଦୁପୁର ଟିମ୍ ବିଜୟୀ ହେବା ସହ ଚାମ୍ପିୟନ ହୋଇଥିଲା। ସଲମାନଙ୍କୁ ମ୍ୟାନ ଅଫ ଦି ମ୍ୟାଚ ଏବଂ ମ୍ୟାନ ଅଫ ଦି ସିରିଜ୍ ଟ୍ରଫି ପ୍ରଦାନ କରାଯାଇଥିଲା। ସୌମ୍ୟରଞ୍ଜନଙ୍କୁ ବେଷ୍ଟ କ୍ୟାଚ, ତସିଫ ବେଷ୍ଟ ଫିଲ୍ଡର, ନିଖିଲଙ୍କୁ ବେଷ୍ଟ ଉଇକେଟ କିପର, ବଡ଼ ସିକ୍ସର୍ସ ପାଇଁ ସୂର୍ଯ୍ୟକାନ୍ତଙ୍କୁ ପୁରସ୍କୃତ କରାଯାଇଥିଲା। ସାନୁଜ ବିଶ୍ୱାଳ ଏବଂ ଅମନ ଖାଁ ମ୍ୟାଚ୍ ପରିଚାଳନା କରିଥିଲେ। ଆୟନ ଖାଁ ସ୍କୋରର ଦାୟିତ୍ୱ ତୁଲାଇଥିଲେ। ମୁଖ୍ୟ ଅତିଥିଭାବେ ମୁକୁନ୍ଦପ୍ରସାଦ କ୍ରିକେଟ କ୍ଲବର ସଭାପତି ଅଲତାଫ ମହମ୍ମଦ ଚାମ୍ପିୟନ ଟିମ୍‌କୁ ଟ୍ରଫି ସହ ୧୫ହଜାର ଟଙ୍କା ଏବଂ ରନର୍ସଅପ୍ ଟିମ୍‌କୁ ୧୦ ହଜାର ଟଙ୍କା ପ୍ରଦାନ କରିଥିଲେ। ଆୟୋଜକ କ୍ଲବର ସମସ୍ତ ସଭ୍ୟ ଉପସ୍ଥିତ ଥିଲେ।



## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ

୬।୧୧।୨୦୨୫

| | |
|---|---|
| | ୫,୬୫,୮୮୦ ଟଙ୍କା |
| ସୁନା | ୪୮.୩୦୦ ଗ୍ରାମ୍ |
| ରୁପା | ୭୭.୫୦୦ ଗ୍ରାମ୍ |

## ସଂକ୍ଷେପରେ

### ଖବରଦାତାଙ୍କୁ ଖଣ୍ଡାରେ ଆକ୍ରମଣ କରି ଲୁଟ୍

ଗୋପ,୬।୧୧(ଭାରତୀ ଭୂଷଣ ଉପାଧ୍ୟାୟ)

ଗୋପ– ଚାରିଛକ ରାସ୍ତାର ଖଡ଼ିଶଛକ ନିକଟରେ ବୁଧବାର ରାତିରେ ଖବରଦାତା ଶତ୍ରୁଘ୍ନ ସେନାପତିଙ୍କୁ ଦୁଇଜଣ ଦୁର୍ବୃତ୍ତ ଖଣ୍ଡାରେ ଆକ୍ରମଣ କରି ସୁନାଚେନ୍, ମୁଦି ଓ ଟଙ୍କା ଲୁଟି ନେଇଥିବା ଅଭିଯୋଗ ହୋଇଛି । ପୋଲିସ ଏନେଇ ଏକ ମାମଲା (ନଂ. ୩୭୯/୨୫) ରୁଜୁ କରି ତଦନ୍ତ ଚଳାଇଛି । ଅଭିଯୋଗ ଅନୁଯାୟୀ, ବୁଧବାର ରାତ୍ର ୧୧ଟା ୪୫ରେ ଖବରଦାତା ସେନାପତି ତାଙ୍କ ଗାଡ଼ି ନମ୍ବର ଓଆର୍ ୨୫ ବି–୪୧୩୧ରେ ନିକଟସ୍ଥ ଏକ ମଠରୁ ଘରକୁ ଫେରୁଥିଲେ । ଖଡ଼ିଶଛକ ନିକଟରେ ଦୁଇଜଣ ଯୁବକ ଗୋଟିଏ ପଲସର ମୋଟର ସାଇକେଲରେ ଆସି ଗୋପ ରାସ୍ତା ପଚାରିବାରୁ ସେନାପତି ଗାଡ଼ି ଅଟକାଇଥିଲେ । ଏହି ସମୟରେ ହଠାତ ଜଣେ ଯୁବକ ଖଣ୍ଡା ଦେଖାଇ ତାଙ୍କୁ ଭୟଭୀତ କରିବା ସହ ନଗଦ ୧୫ ହଜାର ଟଙ୍କା, ଗୋଟିଏ ୧୭ ଗ୍ରାମ୍‌ର ସୁନାଚେନ୍, ମୁଦି ଓ ମୋବାଇଲ୍ ଫୋନ୍ ଛଡ଼ାଇ ନେଇ ଚମ୍ପଟ ମାରିଥିଲେ । ଅଭିଯୁକ୍ତ ଦ୍ୱୟ ସେନାପତିଙ୍କ ବେକରେ ଖଣ୍ଡା ଲଗାଇ ଲୁଟ୍ କରିବା ବେଳେ ସେ ପଡ଼ିଯିବାରୁ ଆହତ ହୋଇଥିବା ଜଣାପଡ଼ିଛି । ତଦନ୍ତକାରୀ ଅଧିକାରୀ ବୁଲୁ ସେଠୀ ବିଭିନ୍ନ ସ୍ଥାନରେ ଚଢ଼ାଉ କରୁଥିବା ବେଳେ ଲୁଟ୍ ଟେଲିଫୋନ ନମ୍ବରକୁ ଟ୍ରାକିଂ କରୁଛନ୍ତି । ଏ ନେଇ ଥାନା ଅଧିକାରୀ ପ୍ରଶାନ୍ତ କୁମାର ପଢ଼ିହାରୀ କହିଛନ୍ତି, ତଦନ୍ତ ଚାଲିଛି । ଖୁବଶୀଘ୍ର ଅଭିଯୁକ୍ତଙ୍କୁ ଗିରଫ କରାଯିବାକୁ ଉଦ୍ୟମ ଜାରି ରହିଛି ।

### ୮ ଦଫା ଦାବି ନେଇ କଳାବ୍ୟାଜ୍ ପିନ୍ଧିଲେ ଆୟୁଷ ଛାତ୍ରୀଛାତ୍ର

ପୁରୀ,୬।୧୧(ଅଜିତ୍ କୁମାର ମହାନ୍ତି)

ଅଲ୍ ଓଡ଼ିଶା ଆୟୁଷ ଷ୍ଟୁଡେଣ୍ଟ ଆସୋସିଏଶନ୍‌ର ନିଷ୍ପତ୍ତିକ୍ରମେ ପୁରୀସ୍ଥିତ ସରକାରୀ ଆୟୁଷ ମହାବିଦ୍ୟାଳୟର ଛାତ୍ରୀଛାତ୍ରମାନେ ୮ ଦଫା ଦାବି ନେଇ କଳାବ୍ୟାଜ୍ ପିନ୍ଧି ଗୁରୁବାରଠାରୁ ପ୍ରତିବାଦ ଆରମ୍ଭ କରିଛନ୍ତି । ଛାତ୍ରୀଛାତ୍ରମାନେ କହିଛନ୍ତି, ଦାବି ପୂରଣ ନେଇ ସରକାରଙ୍କ ପ୍ରତିଶ୍ରୁତି ସତ୍ତ୍ୱେ ନିରାଶ ହେବାକୁ ପଡ଼ିଛି । ନୂଆ ଆୟୁଷ ମେଡିକାଲ ଅଫିସର ପଦବୀ ସୃଷ୍ଟି, ଉଚ୍ଚଶିକ୍ଷା ସୁବିଧା, ପିଜି ଏବଂ ପିଏଚ୍‌ଡି ସିଟ୍ ବଢ଼ାଇବା, ଡାଇନାମିକ ଷ୍ଟାଇପେଣ୍ଡ ବୃଦ୍ଧି, ଗୋପବନ୍ଧୁ ଜନଆରୋଗ୍ୟରେ ଆୟୁଷକୁ ସାମିଲ କରିବା, ସ୍ୱତନ୍ତ୍ର ଆୟୁଷ ବିଭାଗ ଖୋଲିବା ଆଦି ଦାବି ରହିଛି । ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ପ୍ରତିବାଦ ଜାରି ରହିବ ବୋଲି ଆନ୍ଦୋଳନକାରୀମାନେ କହିଛନ୍ତି ।

# ପାର୍ଲାମେଣ୍ଟ ପରିଚାଳନା ସମ୍ପର୍କରେ ଜାଣିଲେ ଛାତ୍ରୀଛାତ୍ର




ପୁରୀ ଟାଉନହଲରେ ଆୟୋଜିତ ଜିଲାସ୍ତରୀୟ 'ମକ୍ ପାର୍ଲାମେଣ୍ଟ' କାର୍ଯ୍ୟକ୍ରମରେ ଭାଗ ନେଇଥିବା ଛାତ୍ରୀଛାତ୍ର । (ଫଟୋ– ଯଜ୍ଞେଶ୍ୱର ମହାନ୍ତି)

ପୁରୀ,୬।୧୧(ଅଜିତ୍ କୁମାର ମହାନ୍ତି)

**ରାଜ୍ୟସ୍ତରକୁ ୨ ମନୋନୀତ**

ପୁରୀ ଜିଲାସ୍ତରୀୟ ପିଏମ୍ ଶ୍ରୀ ବିଦ୍ୟାଳୟ ସମୂହର 'ମକ୍ ପାର୍ଲାମେଣ୍ଟ' କାର୍ଯ୍ୟକ୍ରମ ଗୁରୁବାର ଟାଉନ ହଲ୍‌ରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଜିଲାର ପିଏମ୍ ଶ୍ରୀ ବିଦ୍ୟାଳୟ ଯୋଜନାରେ ଅନ୍ତର୍ଭୁକ୍ତ ହୋଇଥିବା ୧୭ଟି ବିଭିନ୍ନ ବିଦ୍ୟାଳୟରୁ ମୋଟ ୬୮ଜଣ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ । ଅତିରିକ୍ତ ଜିଲାପାଳ ଶରତ ଚନ୍ଦ୍ର ବେହେରା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ସାଧୁବାଦ ଜଣାଇବା ସହ ଏପରି କାର୍ଯ୍ୟକ୍ରମ ବିଦ୍ୟାଳୟରେ ଆୟୋଜିତ ହେଲେ ପିଲାମାନେ ପାର୍ଲାମେଣ୍ଟର ଆୟୋଜନ, ପରିଚାଳନା, କାର୍ଯ୍ୟକାରିତା ତଥା ସାଂସଦ ଓ ବିଭାଗୀୟ ମନ୍ତ୍ରୀମାନଙ୍କ ଦେଶପାଇଁ ଅବଦାନ ସମ୍ପର୍କରେ ଉପଯୁକ୍ତ ଧାରଣା ପାଇ ଭବିଷ୍ୟତରେ ଦେଶ ଓ ଜାତି ପାଇଁ ନିଜକୁ ପ୍ରସ୍ତୁତ କରିପାରିବେ ବୋଲି କହିଥିଲେ । ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲା ଶିକ୍ଷାଧିକାରୀ ବିଦ୍ୟୁତ୍‌କାନ୍ତ ପ୍ରଧାନ ପିଲାମାନଙ୍କ ଅଭିନୟ ଓ କାର୍ଯ୍ୟକଳାପର ଭୂୟସୀ ପ୍ରଶଂସା କରିଥିଲେ । ଅନ୍ୟତମ ସମ୍ମାନିତ ଅତିଥି ଭାବେ ଜିଲା ଶିକ୍ଷକ ପ୍ରଶିକ୍ଷଣ କେନ୍ଦ୍ରର ଅଧ୍ୟକ୍ଷ ସନ୍ତୋଷ କୁମାର ପରିଡ଼ା ଯୋଗଦେଇ ଏପରି କାର୍ଯ୍ୟକ୍ରମ ଦ୍ୱାରା ଛାତ୍ରୀଛାତ୍ର ନିଜକୁ ସଂଯତ ଓ ଶୃଙ୍ଖଳିତ କରିବା ସହ ସଂସଦୀୟ କାର୍ଯ୍ୟକ୍ରମ ସମ୍ପର୍କରେ ଜ୍ଞାନ ଆହରଣ କରି ଦେଶ ପାଇଁ ନିଜକୁ ନିୟୋଜିତ କରିପାରିବେ ବୋଲି ମତପୋଷଣ କରିଥିଲେ । ଛାତ୍ରୀଛାତ୍ରମାନେ ପାର୍ଲାମେଣ୍ଟର ୩ଟି ଅଧିବେଶନ ଯଥା– ପ୍ରଶ୍ନକାଳ, ଶୂନ୍ୟକାଳ ଏବଂ ବିଲ୍ ଆଗତ ସମ୍ପର୍କରେ ପ୍ରଶ୍ନୋତ୍ତର ଓ ତର୍ଜମା ମାଧ୍ୟମରେ ଅଭିନୟ ପ୍ରଦର୍ଶନ କରିଥିଲେ, ଯାହା ଅତ୍ୟନ୍ତ ପ୍ରଶଂସନୀୟ ଥିଲା । ବିଚାରପତି ରୂପେ ସେବା ନିବୃତ୍ତ ପ୍ରଧାନ ଶିକ୍ଷକ ରମେଶ ଚନ୍ଦ୍ର ପଣ୍ଡା, କଳାକାର ଭରତ କୁମାର ନାୟକ, ଆଇନଜୀବୀ ଶରତ ଚନ୍ଦ୍ର ରାୟଗୁରୁ ଏବଂ ଅବସରପ୍ରାପ୍ତ ପ୍ରାଧ୍ୟାପକ ନୀହାର ରଞ୍ଜନ ପଟ୍ଟନାୟକ ଯୋଗଦେଇ ୬୮ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ୨ଜଣଙ୍କୁ ରାଜ୍ୟସ୍ତର ପାଇଁ ମନୋନୀତ କରିଥିଲେ ।




'ବନ୍ଦେ ମାତରମ୍'ର ୧୫୦ ବର୍ଷ ପୂର୍ତ୍ତି ଉପଲକ୍ଷେ ବାଲୁକା ଶିଳ୍ପୀ ମାନସ କୁମାର ସାହୁଙ୍କ ବାଲୁକା ଆନିମେଶନ୍ । ଏହା ୨ ମିନିଟ୍ ୩୦ ସେକେଣ୍ଡର ହୋଇଥିବାବେଳେ ତିଆରି କରିବାକୁ ଦୁଇ ଦିନ ଲାଗିଥିଲା ।

## ବୋଇତ ବନ୍ଦାଣ ଉତ୍ସବ ଉଦ୍‌ଯାପିତ

ବଳଙ୍ଗା,୬।୧୧(କେଦାରେଶ୍ୱର ନନ୍ଦ)

ବଳଙ୍ଗା ନିକଟସ୍ଥ ନାହମଙ୍ଗ ପାଟଣା ଗ୍ରାମର ଭାର୍ଗବୀ ୟୁଥ୍ କ୍ଲବ୍ ପକ୍ଷରୁ ଚାଲିଥିବା ଦୁଇଦିନିଆ ୧୧ତମ ବୋଇତ ବନ୍ଦାଣ ଉତ୍ସବ ଗୁରୁବାର ରାତିରେ ଉଦ୍‌ଯାପିତ ହୋଇଯାଇଛି । ୟୁଥ୍ କ୍ଲବ୍ ସଭାପତି ଧନେଶ୍ୱର ବେହେରାଙ୍କ ସଭାପତିତ୍ୱରେ ଆୟୋଜିତ ଉଦ୍‌ଯାପନୀ ଉତ୍ସବରେ ଓଡ଼ିଶା ଖାଦ୍ୟ ଆୟୋଗ ସଦସ୍ୟ ପ୍ରିୟବ୍ରତ ସାମନ୍ତରାୟ ମୁଖ୍ୟ ଅତିଥି, ବଳଙ୍ଗା ଗ୍ରାମ ପଞ୍ଚାୟତ ସମିତି ସଭ୍ୟ ପ୍ରକାଶ କୁମାର ସାହୁ, ସମାଜସେବୀ ଗଙ୍ଗାଧର ଜେନା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଉତ୍କଳୀୟ ନୌବାଣିଜ୍ୟ ପରମ୍ପରା ଉପରେ ଆଲୋକପାତ କରିଥିଲେ । ଅତିଥିମାନଙ୍କୁ ସାଧବ ବେଶରେ ସଜ୍ଜିତ କରାଯାଇ ବନ୍ଦାପନା କରାଯାଇଥିଲା । ଶେଷରେ ଲାଇଭ ବ୍ୟାଣ୍ଡ କଟକ ପକ୍ଷରୁ ମେଲୋଡ଼ି ପରିବେଷଣ କରାଯାଇଥିଲା ବେଳେ କଣ୍ଠଶିଳ୍ପୀ ଇରା ମହାନ୍ତି ଓ ପ୍ରଦୀପ ପଲ୍ଲେଇଙ୍କ ସଙ୍ଗୀତ ଦର୍ଶକଙ୍କୁ ମତୁଆଲା କରିଥିଲା ।

## ବୋଇତ ବନ୍ଦାଣ ଉତ୍ସବ

କାକଟପୁର/ଅସ୍ତରଙ୍ଗ, ୬।୧୧
(ଶୁଭଦର୍ଶନ ମିଶ୍ର/ପ୍ରଦୀପ୍ତ କୁମାର ଦୀକ୍ଷିତ)

ଅସ୍ତରଙ୍ଗ ବ୍ଲକ ଉଦୟପୁର ଘାଟରୁ କଣମଣ ଘାଟ ପର୍ଯ୍ୟନ୍ତ ବୋଇତ ବନ୍ଦାଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ବିଭିନ୍ନ କାର୍ଯ୍ୟକ୍ରମ ସହ ସମୁଦ୍ର ଆଳତି କରାଯାଇଥିଲା ବୋଲି ସାଂସ୍କୃତିକ ସମ୍ପାଦକ ସୁଦର୍ଶନ ସ୍ୱାଇଁ ସୂଚନା ଦେଇଛନ୍ତି । ଶ୍ରୀ ଶ୍ରୀ ଗଙ୍ଗେଶ୍ୱର ମହାଦେବଙ୍କ ପୀଠରେ ଅଷ୍ଟମ ବାର୍ଷିକ ଯଜ୍ଞ ମହୋତ୍ସବରେ କର୍ତ୍ତା ଭାବେ ପ୍ରକାଶ ନାୟକ ଓ ସହଧର୍ମିଣୀ ଦାୟିତ୍ୱ ତୁଲାଇଥିଲେ । ବାଲୁକାଶିଳ୍ପୀ ସରିତା ବାଲୁକାରେ ସୁନ୍ଦର କଳାକୃତି କରିଥିଲେ । କାର୍ଯ୍ୟକ୍ରମରେ ବିଡିଓ ସସ୍ମିତା ବେହେରା, ଜଗତ୍‌ସିଂହପୁର ଏମ୍‌ପିଙ୍କ ଅସ୍ତରଙ୍ଗ ବ୍ଲକ ପ୍ରତିନିଧି ଦିବାକର ଛାଟୋଇ ପ୍ରମୁଖ ଉପସ୍ଥିତ ଥିଲେ । ବେଳାଭୂମି ଯଜ୍ଞ ମହୋତ୍ସବ ସଭାପତି ଅକ୍ଷୟ କୁମାର ପରିଡ଼ା, ସମ୍ପାଦକ ଚିନ୍ମୟ କୁମାର ଦାଶ, ଉପସଭାପତି ପ୍ରକାଶ କୁମାର ପରିଡ଼ା, ସହ ସମ୍ପାଦକ ମଙ୍ଗଳା ପ୍ରସାଦ ପରିଡ଼ା, ସାଂସ୍କୃତିକ ସମ୍ପାଦକ ସୁଦର୍ଶନ ସ୍ୱାଇଁ, କୋଷାଧ୍ୟକ୍ଷ ସୁଶାନ୍ତ କୁମାର ପରିଡ଼ା, ଅଶୋକ କୁମାର ଜେନା, ଶଙ୍କର ପ୍ରସାଦ ଜେନା, ଉଲ୍ଲାସ ସ୍ୱାଇଁ, ଦେବାଶିଷ ବିଶ୍ୱାଳ, ସନ୍ତୋଷ ଜେନା ଓ ବସନ୍ତ ଜେନା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

# ଓଡ଼ିଶା ଧାନ ମହାଯଜ୍ଞ ଉଦ୍‌ଯାପିତ

ପୁରୀ,୬।୧୧(ଅଜିତ୍ କୁମାର ମହାନ୍ତି)

ଧାନଯୋଗ ଟ୍ରଷ୍ଟ ପକ୍ଷରୁ ପୌର ସଦନରେ ଆୟୋଜିତ ତ୍ରିଦିବସୀୟ ଓଡ଼ିଶା ଧାନ ମହାଯଜ୍ଞ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି । କାର୍ଯ୍ୟକ୍ରମରେ ସିଦ୍ଧ ମହାବୀର ସଙ୍ଗୀତ ପରିଷଦ ପକ୍ଷରୁ ଶ୍ରୀ ଶ୍ରୀ ଆଦି ଶଙ୍କରାଚାର୍ଯ୍ୟଙ୍କ ରଚନାରୁ ଗୁରୁ ସତ୍ୟପ୍ରିୟ ମହାପାତ୍ରଙ୍କ ନିର୍ଦ୍ଦେଶନାରେ 'ଶ୍ରୀ ଶ୍ରୀ ଜଗନ୍ନାଥାଷ୍ଟକମ୍' ସମବେତ କଣ୍ଠରେ ପରିବେଷଣ କରାଯାଇଥିଲା । ଏଥିସହ ଲିଙ୍ଗରାଜ କଳା ନିକେତନ ପକ୍ଷରୁ ନୃତ୍ୟାଚାର୍ଯ୍ୟ ଗୁରୁ ଦୁର୍ଗାଚରଣ ରଣବୀରଙ୍କ ମାର୍ଗଦର୍ଶନରେ 'ଓଡ଼ିଶୀ ଦଶାବତାର' ଗୁରୁ ମନୋଜ କୁମାର ପ୍ରଧାନ ଏବଂ ଗୁରୁ ଜଗନ୍ନାଥ ମିଶ୍ରଙ୍କ ନିର୍ଦ୍ଦେଶନାରେ ପରିବେଷିତ ହୋଇଥିଲା । କାର୍ଯ୍ୟକ୍ରମକୁ ସାଂସ୍କୃତିକ ସଂଗଠକ ଶ୍ୟାମପ୍ରକାଶ ସେନାପତି ସଞ୍ଚାଳନ କରିଥିଲେ । ଏହି ଆଧ୍ୟାତ୍ମିକ ସମାରୋହରେ ଧ୍ୟାନୀ ତଥା ପରିବେଶବିତ୍ ପରିଣିତା ପତ୍ରି, ବ୍ରହ୍ମଶ୍ରୀ ପ୍ରେମ୍‌ନାଥ ଜୀ, ଶ୍ରୀଜଗନ୍ନାଥ ସଂସ୍କୃତି ଗବେଷକ ଡ. ଭାସ୍କର ମିଶ୍ର, ମାଧବୀ ଧାତ୍ରିକା, ଦେବଯାନୀ ଗିରି, ଅଭିପ୍ସା ଦାଶ, ଅନିନ୍ଦିତା ପୂଜାରୀ ଏବଂ ତାପସ ଦାସ ମହାପାତ୍ର ଅତିଥି ଭାବେ ଯୋଗଦେବା ସହ କାର୍ଯ୍ୟକ୍ରମ ସଂଚାଳକ ଓ ଗୁରୁମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ବିରଞ୍ଚି ନାରାୟଣ ସାମଲଙ୍କ ଦ୍ୱାରା ସମ୍ପାଦିତ ଆଧ୍ୟାତ୍ମିକ ପତ୍ରିକା 'ଧାନଯୋଗ' ଅତିଥିମାନଙ୍କ ଦ୍ୱାରା ଲୋକାର୍ପିତ ହୋଇଥିଲା । ଧାନଯୋଗ ଟ୍ରଷ୍ଟର ମ୍ୟାନେଜିଂ ଟ୍ରଷ୍ଟି ଈପ୍‌ସିତା ପୂଜାରୀ କାର୍ଯ୍ୟକ୍ରମ ପରିଚାଳନା କରିବା ସହ ଧନ୍ୟବାଦ ଦେଇଥିଲେ ।




ଧାନଯୋଗ ଟ୍ରଷ୍ଟ ପକ୍ଷରୁ ପୌର ସଦନରେ ଆୟୋଜିତ ଓଡ଼ିଶା ଧାନ ମହାଯଜ୍ଞ ଉଦ୍‌ଯାପନ କାର୍ଯ୍ୟକ୍ରମରେ ଅତିଥିଙ୍କ ସହ କର୍ମକର୍ତ୍ତା ।

# ସତ୍ୟବାଦୀ ସୃଜନିକାର ତୃତୀୟ ସଙ୍କଳନ ଉନ୍ମୋଚିତ

ସାକ୍ଷୀଗୋପାଳ,୬।୧୧(ଭରତ ରାଉତ)

ବକୁଳବନ ପଞ୍ଚସଖା ସମାଧିପୀଠରେ ଏକ ଆଲୋଚନା ଚକ୍ର ଓ ସତ୍ୟବାଦୀ ସୃଜନିକା ପତ୍ରିକାର ତୃତୀୟ ସଂକଳନ ଉନ୍ମୋଚିତ ହୋଇଯାଇଛି । ପତ୍ରିକାର ମୁଖ୍ୟ ସମ୍ପାଦକ ପ୍ରାଧ୍ୟାପକ ଡ. ବସନ୍ତ କୁମାର ରଥଙ୍କ ସ୍ୱାଗତ ଭାଷଣ ପରେ ସୁଜାତା ଦେବୀ ଏବଂ ଅଭୟ ପ୍ରଧାନଙ୍କ ତତ୍ତ୍ୱାବଧାନରେ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା । ଆଇନଜୀବୀ ଉମାବଲ୍ଲଭ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ସତ୍ୟବାଦୀ ସୃଜନିକା ସମ୍ପର୍କରେ ସମ୍ପାଦକ ଡ. ରଥ ଆଲୋକପାତ କରିଥିଲେ । ସୀତାବଲ୍ଲଭ ମିଶ୍ର, ଦେବତିକ୍ତ ମିଶ୍ର, ରାମ ନାରାୟଣ ମିଶ୍ର, ଆରତି କର, ବାସନ୍ତୀ ଦେବୀ, ସୁଧାଂଶୁ ଦାସ, ଲୋକନାଥ ସେଠୀ, ଅନାମ ମଲ୍ଲିକ, ଧରଣୀଧର ପ୍ରଧାନ, ଦେବପ୍ରସାଦ ଦାସ, ବୃନ୍ଦାବନ ରଥ, ଦିଗମ୍ବର ରଥ, ବିଭୂତି ହୋତା ଏବଂ ରବୀନ୍ଦ୍ରନାଥ ଷଡଙ୍ଗୀ ପ୍ରମୁଖ ସମାଧିପୀଠରେ ଦୁରବସ୍ଥା, ସିଦ୍ଧବଳରାମ ଓ ବନବିଦ୍ୟାଳୟର ପୁନରୁଦ୍ଧାର, ସାକ୍ଷୀଗୋପୀନାଥ ମନ୍ଦିରର ସୌନ୍ଦର୍ଯ୍ୟକରଣ ପ୍ରସଙ୍ଗ ଉପରେ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବାକୁ କହିଥିଲେ । ସୁଜାତା ଦେବୀଙ୍କ ପୁସ୍ତକ ସମେତ ସତ୍ୟବାଦୀ ସୃଜନିକା ଉନ୍ମୋଚନ ପରେ ବିତରଣ କରାଯାଇଥିଲା । ରାଜକିଶୋର ପତି ଧନ୍ୟବାଦ ଦେଇଥିଲେ ।

# ଆର୍‌ଆଇ ପରୀକ୍ଷାରେ ବିଭ୍ରାଟ

କାକଟପୁର/ଅସ୍ତରଙ୍ଗ,୬।୧୧
(ଶୁଭଦର୍ଶନ ମିଶ୍ର/ପ୍ରଦୀପ୍ତ ଦୀକ୍ଷିତ)

- ଆରମ୍ଭରୁ ସର୍ଭର ଡାଉନ୍
- ୪୫ ମିନିଟ ବିଳମ୍ବରେ ହେଲା ପରୀକ୍ଷା

ଓଡ଼ିଶା ଅଧସ୍ତନ କର୍ମଚାରୀ ଆୟୋଗ (ଓଏସ୍‌ଏସ୍‌ଏସ୍‌ସି) ଦ୍ୱାରା ପରିଚାଳିତ ଆର୍‌ଆଇ ପରୀକ୍ଷାରେ ବିଭ୍ରାଟ ଦେଖିବାକୁ ମିଳିଛି । ଗୁରୁବାର ପୁରୀ ଜିଲା କାକଟପୁର କଲେଜ ଛକ ନିକଟରେ ଥିବା ଘରୋଇ ସଂସ୍ଥା ମା' ମଙ୍ଗଳା ଆଇଟିସିର ବିଲ୍ଡିଂରେ ଆର୍‌ଆଇ ପରୀକ୍ଷା ଅନୁଷ୍ଠିତ ହୋଇଥିଲା । ତେବେ ପରୀକ୍ଷା ଆରମ୍ଭ ହେବା ପୂର୍ବରୁ ସର୍ଭର ଡାଉନ ହୋଇଯାଇଥିଲା । ଫଳରେ ୪୫ ମିନିଟ ବିଳମ୍ବରେ ପରୀକ୍ଷା ଆରମ୍ଭ ହୋଇଥିଲା । ଏହାକୁ ନେଇ ପରୀକ୍ଷାର୍ଥୀ ଓ ସେମାନଙ୍କ ଅଭିଭାବକମାନେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି । ସ୍ଥାନୀୟ ଅଞ୍ଚଳର ଅଭିଭାବକ ଛବିଳ କାଣ୍ଡି କହିଛନ୍ତି, ପିଲାଙ୍କ ଭାଗ୍ୟ ଓ ଭବିଷ୍ୟତ ସହ ଖେଳାଯାଉଛି । ମାନଦଣ୍ଡ ପୂରଣ କରୁ ନ ଥିବା ସଂସ୍ଥାକୁ କାହିଁକି ସରକାରୀ ପରୀକ୍ଷା ଆୟୋଜନ ପାଇଁ ଦାୟିତ୍ୱ ଦିଆଯାଇଛି । ଏହା ଏକ ସୁବ୍ୟବସ୍ଥିତ ସ୍କାମ୍ ବୋଲି ସେ ଅଭିଯୋଗ ଆଣିବା ସହିତ ତୁରନ୍ତ ଏହି ସଂସ୍ଥା ବିରୋଧରେ ତଦନ୍ତ କରିବାକୁ ଦାବି କରିଛନ୍ତି । ଅନ୍ୟପକ୍ଷରେ ମା' ମଙ୍ଗଳା ଆଇଟିସିର ଅଧ୍ୟକ୍ଷ ଅଶୋକ ବରାଳ କହିଛନ୍ତି, ସର୍ଭର ଡାଉନ ପାଇଁ ଏଭଳି ସମସ୍ୟା ଉପୁଜିଥିଲା । ସର୍ଭର ସମସ୍ୟା ଦୂର ହେବା ପରେ ପରୀକ୍ଷାର୍ଥୀମାନେ ପରୀକ୍ଷା ଦେଇଥିଲେ ।

# ୪୦ ବର୍ଷ ହେଲା ପଲିଥିନ୍ ତଳେ ଅକ୍ଷୟ

**ପ୍ରଶାସନର ଦୃଷ୍ଟି ପଡୁନି**

ଯୋଗେଶ୍ୱରପୁର, ୬।୧୧(ରଶ୍ମିରଞ୍ଜନ ସାହୁ)



ରାଜ୍ୟ ସରକାର ଗରିବ ଲୋକଙ୍କୁ ଆବାସ ଘର ଯୋଗାଇ ଦେଉଥିବାବେଳେ ସେମାନଙ୍କୁ କିନ୍ତୁ ପ୍ରଶାସନ ଅଣଦେଖା କରୁଛି । ୪୦ ବର୍ଷ ହେଲା ପଲିଥିନ୍ ତଳେ ଅକ୍ଷୟ କାଣ୍ଡି ନାମକ ଦିନମଜୁରିଆ ଜୀବନ ବିତାଉଥିବା ବେଳେ ତାଙ୍କୁ ଆବାସ ଯୋଜନାରେ ସାମିଲ କରାଯାଇ ନାହିଁ । ଫଳରେ ସେ ଆବାସ ନ ପାଇ ପଲିଥିନ୍ ତଳେ ମୁଣ୍ଡ ଗୁଞ୍ଜୁଛନ୍ତି । ପ୍ରକାଶ ଯେ, ଗୋପ ବ୍ଲକ ନୟାହାଟ ଫାଣ୍ଡି ଅନ୍ତର୍ଗତ ବଉଳାଙ୍ଗ ପଞ୍ଚାୟତ ପାଞ୍ଚେଣା ସାହିରେ ଅକ୍ଷୟ ଅତି ଦୟନୀୟ ଅବସ୍ଥାରେ ରହୁଛନ୍ତି । କୁଡ଼ିଆ ଘରର ମାଟି କାନ୍ଥ ଫାଟି ଗଲାଣି । କାନ୍ଥ ପଡ଼ିଯିବ ବୋଲି ବାଉଁଶ ଢେରା ଦିଆଯାଇଛି ଓ ଉପରେ ପଲିଥିନ୍ ପଡ଼ିଛି । ଏଭଳି ଅବସ୍ଥାରେ ସେ ଖରା, ବର୍ଷା, ଶୀତକାକର ସହି କଷ୍ଟେମଷ୍ଟେ ରହୁଛନ୍ତି । ଏସମ୍ପର୍କରେ ସେ ସ୍ଥାନୀୟ ସରପଞ୍ଚ ଓ ୱାର୍ଡସଭ୍ୟଙ୍କୁ ଜଣାଇଥିଲେ ମଧ୍ୟ ତାଙ୍କ କଥା କେହି ଶୁଣୁନାହାନ୍ତି ବୋଲି ଅକ୍ଷୟ କହିଛନ୍ତି । ଏସମ୍ପର୍କରେ ଗୋପ ବିଡିଓ ଛବିରାଣୀ ସାହୁଙ୍କୁ ପଚାରିବାରେ କହିଛନ୍ତି, ତଦନ୍ତ କରାଯିବ । ମାଟିଘରେ ପଲିଥିନ୍ ତଳେ ଅକ୍ଷୟ ବାସ କରୁଥିଲେ ତାଙ୍କୁ ଆବାସ ଘର ଯୋଗାଇ ଦିଆଯିବ ।

# ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ଅସଦାଚରଣ, ସ୍ୱାମୀଙ୍କୁ ଆକ୍ରମଣ

ଗୋପ,୬।୧୧(ଭାରତୀ ଭୂଷଣ ଉପାଧ୍ୟାୟ)

**ଅଭିଯୁକ୍ତ ସ୍କୁଲ ଛାତ୍ର ସଂସଦ ସଭାପତି ଫେରାର**

ଗୋପ ଥାନା ଅନ୍ତର୍ଗତ ଦିହୁଡ଼ାସ୍ଥିତ ଏକ ହାଇସ୍କୁଲରେ ଗୁରୁବାର ଭାରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀଙ୍କୁ ସ୍କୁଲ ଛାତ୍ର ସଂସଦ ସଭାପତି ଗଗନ ବିହାରୀ ସ୍ୱାଇଁ (୪୦) ଅସଦାଚରଣ କରିଥିବା ଥାନାରେ ଅଭିଯୋଗ ହୋଇଛି । ଏପରିକି ପ୍ରଧାନ ଶିକ୍ଷୟିତ୍ରୀଙ୍କ ସ୍ୱାମୀ ପ୍ରତିବାଦ କରିବାରୁ ତାଙ୍କୁ ଗଗନ ମରଣାନ୍ତକ ଆକ୍ରମଣ କରିଥିବା ଅଭିଯୋଗରେ ଦର୍ଶାଯାଇଛି । ପ୍ରଧାନ ଶିକ୍ଷୟିତ୍ରୀଙ୍କ ସ୍ୱାମୀଙ୍କ କାନମୁଣ୍ଡାରେ ଆଘାତ ଲାଗିଥିବାରୁ ତାଙ୍କୁ ଗୋପ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି । ଅଭିଯୋଗ ଭିତ୍ତିରେ ପୋଲିସ ଏକ କେସ୍ (ନଂ. ୩୮୦/୨୫) ରୁଜୁ କରିଥିବାବେଳେ ଅଭିଯୁକ୍ତ ଫେରାର ହୋଇଯାଇଛନ୍ତି । ଅଭିଯୋଗ ଅନୁଯାୟୀ, ଅପରାହ୍ନରେ ସ୍କୁଲ ପରିସରରେ କ'ଣ କରୁଛନ୍ତି ବୋଲି ଗଗନଙ୍କୁ ପ୍ରଧାନ ଶିକ୍ଷୟିତ୍ରୀ ପଚାରିଥିଲେ । ଏଥିରେ ଗଗନ ଉତ୍କ୍ଷିପ୍ତ ହୋଇ ହଠାତ ତାଙ୍କୁ ଗାଳିଗୁଲଜ କରିବା ସହିତ ଟଣାଓଟରା କରିଥିଲେ । ଏହି ସମୟରେ ତାଙ୍କ ସ୍ୱାମୀ ପହଞ୍ଚି ଘଟଣା ସମ୍ପର୍କରେ ଜାଣିବାକୁ ପାଇଥିଲେ । ସେ ତାଙ୍କ ସ୍ତ୍ରୀଙ୍କୁ ଉଦ୍ଧାର କରିବା ବେଳେ ଅଭିଯୁକ୍ତ ଗଗନ ଗୋଟିଏ ଲୁହାରଡରେ ତାଙ୍କ କାନମୁଣ୍ଡାକୁ ଆକ୍ରମଣ କରି ଫେରାର ହୋଇଯାଇଥିଲେ । ଏ ସମ୍ପର୍କରେ ଥାନା ଅଧିକାରୀ ପ୍ରଶାନ୍ତ କୁମାର ପଢ଼ିହାରୀ କହିଛନ୍ତି, ତଦନ୍ତ ଚାଲିଛି । ଖୁବ୍‌ଶୀଘ୍ର ଅଭିଯୁକ୍ତଙ୍କୁ ଗିରଫ କରାଯିବ ।

# ଆଇନଜୀବୀଙ୍କୁ ଆକ୍ରମଣ ଘଟଣା: ରିକ୍ସାଚାଳକ ଗିରଫ

ପୁରୀ,୬।୧୧(ଅଜିତ୍ କୁମାର ମହାନ୍ତି)

ପୁରୀ ଦୋଳମଣ୍ଡପ ସାହିରେ ଗତ ଅଗଷ୍ଟ ୨୦ରେ ଆଇନଜୀବୀ ରଘୁନାଥ ପଟ୍ଟନାୟକଙ୍କୁ ମରଣାନ୍ତକ ଆକ୍ରମଣ ଅଭିଯୋଗରେ ରିକ୍ସା ଚାଳକ ଗୋପୀନାଥପୁରର ଲିଟୁ ନାୟକଙ୍କୁ ଗୁରୁବାର ପିପିଲି ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି । ସୂଚନାଯୋଗ୍ୟ, ଲିଟୁ ନିଶାସକ୍ତ ଅବସ୍ଥାରେ ସାହି ଭିତରେ ଦ୍ରୁତ ଗତିରେ ରିକ୍ସା ଚଳାଇ ଯାଉଥିବାବେଳେ ଆଇନଜୀବୀ ପଟ୍ଟନାୟକଙ୍କୁ ଧକ୍କା ଦେଇଥିଲେ । ପଟ୍ଟନାୟକ ତାଙ୍କୁ ପଚାରିବାରୁ ସେ ରିକ୍ସାରେ ରଖିଥିବା କାଠ ଫାଳିଆ ଆଣି ତାଙ୍କୁ ଆକ୍ରମଣ କରିଥିଲେ । ପରେ ଅଗଷ୍ଟ ୨୧ରେ ଖବରଦାତା ଲକ୍ଷ୍ମୀ ନାରାୟଣ ପଟ୍ଟନାୟକଙ୍କ ଏଫ୍‌ଆଇଆର ବଳରେ ଟାଉନ ଥାନା ପୋଲିସ ଏକ କେସ୍ (ନଂ. ୫୪୨ /୨୦୨୫) ରୁଜୁ କରି ତଦନ୍ତ ଜାରି ରଖିଥିଲା ।

# 'ଭାଷା ବଞ୍ଚିଲେ ସାହିତ୍ୟ ସମୃଦ୍ଧ ହେବ'

ଅସ୍ତରଙ୍ଗ, ୬।୧୧(ପ୍ରଦୀପ୍ତ କୁମାର ଦୀକ୍ଷିତ)

ଭାଷା ବଞ୍ଚିଲେ ଜାତି ବଞ୍ଚିବ ଓ ସାହିତ୍ୟ ଚିରକାଳ ସମୃଦ୍ଧ ହେବ । ଗୁରୁବାର ଅସ୍ତରଙ୍ଗ ବ୍ଲକ ପୀରଜାହାନିଆ କଲ୍ୟାଣମଣ୍ଡପରେ ବେଳାଭୂମି ସାହିତ୍ୟ ସଂସଦ ପକ୍ଷରୁ ଆୟୋଜିତ ସାହିତ୍ୟ ଆସରରେ ଅତିଥିମାନେ ଏହା ମତବ୍ୟକ୍ତ କରିଛନ୍ତି । ଉତ୍ସବରେ ମୁଖ୍ୟ ଅତିଥି ଭାବେ ଅସ୍ତରଙ୍ଗ ତହସିଲଦାର ପ୍ରିୟଙ୍କା ପ୍ରିୟଦର୍ଶିନୀ ପତି, ମୁଖ୍ୟବକ୍ତା ଅମିୟ ପଟ୍ଟନାୟକ, ସମ୍ମାନିତ ଅତିଥି ବ୍ୟଙ୍ଗକବି ସମ୍ପଦ ରଥ, ଅଶୋକ କୁମାର ଶତପଥୀ, ଛୁରିଆନା ସରପଞ୍ଚ କ୍ଷୀରୋଦ କାଣ୍ଡି, ସମ୍ପାଦକ ଧୃଶାସନ ନାୟକ ପ୍ରମୁଖ ଯୋଗଦେଇଥିଲେ । ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତିର ପ୍ରଚାର ପ୍ରସାର ଦିଗରେ ରାଜ୍ୟ ସରକାର ଗ୍ରହଣ କରିଥିବା ପଦକ୍ଷେପ ସମ୍ପର୍କରେ ଅତିଥିମାନେ ଆଲୋଚନା କରିଥିଲେ । ବେଳାଭୂମି ସାହିତ୍ୟ ସଂସଦ ସଭାପତି ଚିତ୍ତରଞ୍ଜନ ବିଶ୍ୱାଳଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସାହିତ୍ୟ ଆସରକୁ ଛୁରିଆନା ସରପଞ୍ଚ କ୍ଷୀରୋଦ କାଣ୍ଡି ଓ ସମିତିସଭ୍ୟ ବିଦ୍ୟାଧର ବିଶ୍ୱାଳ ଉଦ୍‌ଘାଟନ କରିଥିଲେ । ସଂସଦର ସମ୍ପାଦକ ଧୃଶାସନ ନାୟକ ବିବରଣୀ ପାଠ କରିଥିଲେ । ଉତ୍ସବରେ ବିଶିଷ୍ଟ ବ୍ୟକ୍ତିବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ସାହିତ୍ୟ ସଂସଦର ସଂଯୋଜକ ଶୋଭାକର ବେହେରା ଏବଂ ଅନ୍ୟ ସଦସ୍ୟମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।




ଜଣେ ସାହିତ୍ୟିକଙ୍କୁ ସମ୍ବର୍ଦ୍ଧିତ କରାଯାଉଛି ।

# ନିମାପଡ଼ା ବୋଇତ ବନ୍ଦାଣ ଉତ୍ସବ

**ଶତାଧିକ ପ୍ରତିଭା ସମ୍ବର୍ଦ୍ଧିତ**

ନିମାପଡ଼ା,୬।୧୧(ବିଚିତ୍ରାନନ୍ଦ ସାହୁ)

ନିମାପଡ଼ା ବୋଇତ ବନ୍ଦାଣ ପରିଚାଳନା କମିଟି ଓ ସଙ୍ଗମ ପରିବାର ପକ୍ଷରୁ ଏକ ନିଆରା ଢଙ୍ଗରେ ନିମାପଡ଼ା ବୋଇତ ବନ୍ଦାଣ ଉତ୍ସବ ଦୁର୍ଗାମଣ୍ଡପ ପଡ଼ିଆରେ ପାଳିତ ହୋଇଯାଇଛି । ଉତ୍ସବ ସ୍ଥଳରେ ନିର୍ମିତ କୃତ୍ରିମ ଜଳାଶୟରେ ଶ୍ରଦ୍ଧାଳୁମାନେ ଡଙ୍ଗା ଭସାଇ ବୋଇତ ବନ୍ଦାଣ କରିଥିଲେ । ଏହି ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ, ସାହିତ୍ୟ ସଭା, କବିତା ପାଠ ଉତ୍ସବ, ଆଲୋଚନା ଚକ୍ର, ସମ୍ବର୍ଦ୍ଧନା ସମାରୋହ ଆଦି ଅନୁଷ୍ଠିତ ହୋଇଥିଲା । ଅତିଥି ଭାବେ ବିଶିଷ୍ଟ ଗୀତିକାର ଓ ଚଳଚ୍ଚିତ୍ର ସଂଳାପ ଲେଖକ ଡ. ରଜନୀ ରଞ୍ଜନ, ବ୍ୟଙ୍ଗକବି ସତ୍ୟାନନ୍ଦ, ସମ୍ପଦ ରଥ, ବାନରସେନା ସମ୍ପାଦକ ପ୍ରକାଶ ଖଟୋଇ, ଗୀତିକାର ଅଶୋକ ଶତପଥୀ, ସାମ୍ବାଦିକ ଲଳିତେନ୍ଦୁ ପଳାଉରୀ, ଶିକ୍ଷାବିତ ସୌଦାମିନୀ ଦାଶ, କବି ହୃଦାନନ୍ଦ ସାସମଲ, କବି କଳ୍ପନା ବିଶ୍ୱାଳ, ତ୍ରିଲୋଚନ ବିଶ୍ୱାଳ ପ୍ରମୁଖ ଯୋଗଦେଇଥିଲେ । ଝୋଟି ମୁରୁଜ, ଶଙ୍ଖ ବାଦନ, ହୁଳହୁଳି ପ୍ରତିଯୋଗିତା ଆଦି ଅନୁଷ୍ଠିତ ହୋଇଥିଲା । କବି ଜୟନ୍ତୀ ସ୍ୱାଇଁଙ୍କ ରଚିତ ପୁସ୍ତକ 'ବୟସର ବଗିଚାରେ ଅସରନ୍ତି ସ୍ୱପ୍ନ' ଏବଂ କବି ଗଙ୍ଗାଧର ଓଝାଙ୍କ ରଚିତ ପୁସ୍ତକ 'ହେ ଭଗବାନ' ଅତିଥିମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା । ସମ୍ବର୍ଦ୍ଧନା ସମାରୋହରେ ୬ଜଣ କୃତୀ ପ୍ରତିଭାଙ୍କୁ ନିମାପଡ଼ା ଗୌରବ ସମ୍ମାନ, ୮ଜଣ କୃତୀ ପ୍ରତିଭାଙ୍କୁ ବିଶିଷ୍ଟ ସେବା ସମ୍ମାନ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା । ସାହିତ୍ୟିକ, ଲେଖକ, କଳାକାର, ଗ୍ରନ୍ଥକାର ଓ କୃତୀ ପ୍ରତିଯୋଗୀମାନଙ୍କ ସମେତ ଏକ ଶହରୁ ଊର୍ଦ୍ଧ୍ୱ ପ୍ରତିଭାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ, ନିମାପଡ଼ା ଏନ୍‌ଏସି ଅଧ୍ୟକ୍ଷା ସସ୍ମିତା ସାହୁ, ଏମ୍‌ପି ପ୍ରତିନିଧି ମିନତି ମହାନ୍ତି ଯୋଗଦେଇଥିଲେ । ସଙ୍ଗମ ପରିବାରର ସଭାପତି କବି ଗଙ୍ଗାଧର ଓଝା, ସମ୍ପାଦକ ମନୋଜ ନାୟକ, ଉପଦେଷ୍ଟା ଶିଳ୍ପୀ ଶରତ କୁମାର ପ୍ରଧାନ, ଭରତ ଚନ୍ଦ୍ର ସାହୁ, ପ୍ରଭାକର ସାହୁ, ଭାଗୀରଥି ଓଝା, ଶିବନାରାୟଣ ଓଝା, କବିତା ନାୟକ, ଝୁନିଲତା ବେହେରା, ସରସ୍ୱତୀ ମହାରଣା ପ୍ରମୁଖ ଏହି କାର୍ଯ୍ୟକ୍ରମର ସଂଯୋଜନା ଓ ପରିଚାଳନା କରିଥିଲେ ।




ଅତିଥିମାନେ ପୁସ୍ତକ ଉନ୍ମୋଚନ କରୁଛନ୍ତି ।

# ଓଲିଉଡ୍ ନାଇଟ୍‌ରେ ଝୁମିଲେ ଦର୍ଶକ





କଣ୍ଠଶିଳ୍ପୀ ଜ୍ୟୋତି ପ୍ରକାଶ ଓଝା ସଙ୍ଗୀତ ପରିବେଷଣ କରୁଛନ୍ତି (ବାମ), କଳାକାରଙ୍କ ଦ୍ୱାରା ପରିବେଶିତ ସାଂସ୍କୃତିକ କାର୍ଯ୍ୟକ୍ରମ।

କଟକ,୬।୧୧(ଶିଳ୍ପା ପ୍ରିୟଦର୍ଶିନୀ)

ବାଲିଯାତ୍ରାର ଗୁରୁବାର ଦ୍ୱିତୀୟ ଦିନ ସନ୍ଧ୍ୟାରେ ଗଣକବି ବୈଷ୍ଣବ ପାଣି ମଞ୍ଚ ଓ ଅକ୍ଷୟ ମହାନ୍ତି ମଞ୍ଚରେ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଦେଖିବାକୁ ଦର୍ଶକଙ୍କ ଭିଡ଼ ଜମିଥିଲା। ଅକ୍ଷୟ ମହାନ୍ତି ମଞ୍ଚରେ ଓଲିଉଡ୍ କଣ୍ଠଶିଳ୍ପୀ କୁଳଦୀପ ପଟ୍ଟନାୟକ ଅନେକ ମନଛୁଆଁ ସଙ୍ଗୀତ ପରିବେଷଣ କରିଥିଲେ। ଆହେ ନୀଳ ଶୈଳ ଗୀତରୁ ସେ ଓଲିଉଡ୍ ନାଇଟ ଆରମ୍ଭ କରିଥିଲେ। ଏହାପରେ କେବେ ଆସି ତୁ କହି ଦବୁ, ଧୂଳିଆ ଜନ୍ଦା, ଢୋକ ଢୋକ, ରାତି ୧୨ଟାରେ ତୁ ଆସିବୁ ବୋଲି ଆଦି ସଙ୍ଗୀତ ପରିବେଷଣ କରିଥିଲେ। ଶୀତୁଆ ସନ୍ଧ୍ୟାରେ ମଞ୍ଚ ନିକଟରେ ଉପସ୍ଥିତ ଦର୍ଶକ ଏହି ଗୀତରେ ଝୁମିଥିଲେ। କଟକ ସୁର ସାଗର ପକ୍ଷରୁ ଭଜନ ପରିବେଷଣ

**■ କୁଳଦୀପଙ୍କ ଧୂଳିଆ ଜନ୍ଦା ଗୀତରେ କମ୍ପିଲା ମଞ୍ଚ**

**■ ରୋମାଞ୍ଚକର ଗୀତରେ ମନ ମୋହିଲେ ଅର୍ପିତା**

କରାଯାଇଥିଲା। ସେହିପରି କଟକର ଶ୍ରୀ ବିଦ୍ୟା ମ୍ୟୁଜିକ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମ୍ୟୁଜିକ ଆଣ୍ଡ ଆର୍ଟ ପକ୍ଷରୁ ଦଶମହାବିଦ୍ୟା, ପୁରୀର ମା' ବିନାକେଶ୍ୱରୀ ନୃତ୍ୟ ମଞ୍ଜରୀ ପକ୍ଷରୁ ଓଡ଼ିଆ ଗଢ ମାଳି, ସାଲେପୁର ନୃତ୍ୟଶ୍ରୀ କଳାନିକେତନ ଟ୍ରଷ୍ଟ ପକ୍ଷରୁ ଓଡ଼ିଶୀ ନୃତ୍ୟ, ଖୋର୍ଦ୍ଧା କଳିଙ୍ଗ ପାଇକ କ୍ରିଏସନ ପକ୍ଷରୁ ପାଇକ ଆଖଡ଼ା, କୋଲକାତା ସିଞ୍ଜନ ନୃତ୍ୟାଳୟ ପକ୍ଷରୁ ଦଶ ମହାବିଦ୍ୟା, ଓଡ଼ିଆ ସିନେ ଆର୍ଟିଷ୍ଟ ଆସୋସିଏଶନ ପକ୍ଷରୁ ପାରମ୍ପରିକ ନୃତ୍ୟ, ପୁରୀ ମାଲଖମ୍ଭ ୟୁନାଇଟେଡ୍ ପକ୍ଷରୁ ମାଲଖମ୍ଭ ଓ ଢେଙ୍କାନାଳ ଶତରୂପା ଅନୁଷ୍ଠାନ ପକ୍ଷରୁ ଓଡିଶୀ ନୃତ୍ୟ ପରିବେଷିତ କରାଯାଇଥିଲା। ଗଣକବି ବୈଷ୍ଣବ ପାଣି ମଞ୍ଚରେ କଣ୍ଠଶିଳ୍ପୀ ଅର୍ପିତା ଚୌଧୁରୀ ରୋମାଞ୍ଚକର ସଙ୍ଗୀତ ପରିବେଷଣ କରିଥିଲେ। ମନ ଖୋଜୁଥିଲା ଗୋଟେ ପ୍ରେମିକା, ତୋ ଗଳିର ସେ ପାଖେ, ଆଖି ପଲକେ ମୋ ତୁ, ଶାଶୁ ଘର ଚାଲିଯିବି ଆଦି ମନଛୁଆଁ ଗୀତ ଗାଇ ଦର୍ଶକଙ୍କୁ ମତୁଆଲା କରିଥିଲେ। ପରେ ଇଣ୍ଡିଆନ ଆଇଡଲର ସେମି ଫାଇନାଲିଷ୍ଟ କଣ୍ଠଶିଳ୍ପୀ ଜ୍ୟୋତି ପ୍ରକାଶ ଓଝା ପ୍ରଥମେ ମା' ତୁଝେ ସଲାମ, ବନ୍ଦେ ଉତ୍କଳ ଜନନୀ, କେସେ ହୁଆ ତୁ ଇତନା ଜରୁରୀ ଭଳି ଅନେକ ମନଛୁଆଁ ଗୀତ ପରିବେଷଣ କରିଥିଲେ। ଓଲିଉଡ୍ କଳାକାର ଭୂମିକା ଦାସ ଓ ଶୁଭାଶିଷ ଶର୍ମାଙ୍କ ଦ୍ୱାରା ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। କଟକର ରେବାଦେବୀ ଶୋଭନୀୟ ଶିକ୍ଷାଶ୍ରମ ପକ୍ଷରୁ ଦେଶାତ୍ମବୋଧକ ସଙ୍ଗୀତ, କଟକର କଟକେଶ୍ୱରୀ ସଙ୍ଗୀତ ମୂର୍ଚ୍ଛନା ପକ୍ଷରୁ ଭଜନ, ପୁରୀର ରୂପା ଆଣ୍ଡ ଗ୍ରୁପ ପକ୍ଷରୁ ଗୀତିନାଟ୍ୟ, କଟକ ମହାନଗର କୈବର୍ତ୍ତ ସଭା ପକ୍ଷରୁ ଗୀତିନାଟ୍ୟ, କଟକର ଡାଏନା ଡ୍ୟାନ୍ସ ସ୍କୁଲ ପକ୍ଷରୁ ସମ୍ବଲପୁରୀ ନୃତ୍ୟ, କଟକ ନୃତ୍ୟାଙ୍ଗନ ଫାଉଣ୍ଡେଶନ ପକ୍ଷରୁ ଲୋକନୃତ୍ୟ, ଗଞ୍ଜାମ ମା' ମଙ୍ଗଳା ଲୋକନୃତ୍ୟ କଳାକେନ୍ଦ୍ର ପକ୍ଷରୁ କଥକ ନୃତ୍ୟ, କଟକର ପ୍ରଦକ୍ଷିଣା ଅନୁଷ୍ଠାନ ପକ୍ଷରୁ ଆହେ ନୀଳ ଶୈଳ ପରିବେଷିତ କରାଯାଇଥିଲା।

## କାର୍ଯ୍ୟକ୍ରମ ସମୟରେ ଦୁଇ ମଞ୍ଚରେ ଲାଗିଲା ନିଆଁ

ବାଲିଯାତ୍ରାର ଦ୍ୱିତୀୟ ସନ୍ଧ୍ୟାର ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଗଣକବି ବୈଷ୍ଣବ ପାଣି ଓ ଅକ୍ଷୟ ମହାନ୍ତି ମଞ୍ଚରେ କରାଯାଇଥିଲା। ଉଭୟ ମଞ୍ଚରେ ସାଂସ୍କୃତିକ କାର୍ଯ୍ୟକ୍ରମ ଚାଲିଥିବାବେଳେ କାର୍ଯ୍ୟକ୍ରମ ଅଧିକ ଆକର୍ଷିତ କରିବା ପାଇଁ ମଞ୍ଚରେ ନିଆଁ ଫୁଆଁର ବା ସ୍ପାର୍କ ଓ ପେପେର ସ୍ପ୍ରେ କରାଯାଇଥିଲା। ନିଆଁ ଫୁଆଁର ବା ସ୍ପାର୍କ ସମୟରେ ନିଆଁ ପଡିବାରୁ ଉଭୟ ମଞ୍ଚରେ ନିଆଁ ଲାଗିଥିଲା। ଏପରିକି ନିଆଁର ମାତ୍ରା ଅଧିକ ଥିବାରୁ ଗଣକବି ବୈଷ୍ଣବ ପାଣି ମଞ୍ଚରେ କାର୍ଯ୍ୟକ୍ରମ କିଛି ସମୟ ପାଇଁ ବନ୍ଦ କରାଯାଇଥିଲା। ତୁରନ୍ତ ଅଗ୍ନିଶମ ବାହିନୀ ନିଆଁକୁ ଆୟତ୍ତ କରିବା ପରେ କାର୍ଯ୍ୟକ୍ରମ ଜାରି ରହିଥିଲା।




ବାଲିଯାତ୍ରାର ଦ୍ୱିତୀୟ ଦିନରେ ତଳପଡ଼ିଆରେ ଦର୍ଶକଙ୍କ ଗହଳି।

## ବାଲିଯାତ୍ରାର ଦ୍ୱିତୀୟ ଦିନରେ ଜମିଲା ବେପାର

କଟକ,୬।୧୧(ଶିଳ୍ପା ପ୍ରିୟଦର୍ଶିନୀ)

ଐତିହାସିକ ବାଲିଯାତ୍ରା କଟକର ଦ୍ୱିତୀୟ ଦିନରେ ତଳପଡ଼ିଆରେ ଗୁରୁବାର ସନ୍ଧ୍ୟାରେ ଗହଳି ଜମିଥିଲା। ଦ୍ୱିତୀୟ ଦିନ ଗୁରୁବାର ପଡିବାରୁ ଆମିଷ ବେପାର ମାନ୍ଦା ହୋଇଛି। ହେଲେ ନିରାମିଷ ଖାଦ୍ୟ ଷ୍ଟଲଗୁଡିକରେ ଲୋକ ଭିଡ଼ ଜମାଇ ଖାଦ୍ୟର ମଜା ନେବା ସହ ଦୋଳିର ମଧ ବେଶ୍ ମଜା ନେଇଥିଲେ। କେବଳ ଖାଦ୍ୟ ନୁହେଁ, ଘରୋଇ ସାମଗ୍ରୀ କିଣିବାକୁ ଲୋକଙ୍କ ମଧରେ ବେଶ୍ ଆଗ୍ରହ ରହିଥିଲା। ସେହିପରି କଟକ ଇନ୍ କଟକ ପରିସର ଏକପ୍ରକାରର ସେଲ୍ଫି ପଏଣ୍ଟ ପାଲଟିଥିଲା। ଏଠାରେ ଚଳିତଥର କରାଯାଇଥିବା ଆମ ଭାଷା ଆମ ସଂସ୍କୃତିର ପାଭିଲିୟନ ଲୋକଙ୍କୁ ବେଶ୍ ଆକର୍ଷିତ କରିଥିଲା। ସେହିପରି ବାଲିଯାତ୍ରା ଲୋକମାନେ ସାଂସ୍କୃତିକ କାର୍ଯ୍ୟକ୍ରମର ବେଶ୍ ଆନନ୍ଦ ନେଇଥିଲେ।

## ମଞ୍ଚ ନିକଟରେ ଅତିରିକ୍ତ ଜିଲାପାଳ ହଟହଟା

ଗଣକବି ବୈଷ୍ଣବ ପାଣି ମଞ୍ଚରେ ବାଲିଯାତ୍ରାର ଦ୍ୱିତୀୟ ଦିନର ସାଂସ୍କୃତିକ କାର୍ଯ୍ୟକ୍ରମ ଗୁରୁବାର ସନ୍ଧ୍ୟାରୁ ଆରମ୍ଭ ହୋଇଥିଲା। ମଞ୍ଚର ଦାୟିତ୍ୱରେ ଅତିରିକ୍ତ ଜିଲାପାଳ ଶିବ ଟପ୍ପୋ ରହିଥିବାବେଳେ ସେ ମଞ୍ଚ ନିକଟକୁ ଯିବା ସମୟରେ ସେଠାରେ ଥିବା ବାଉନ୍ସରମାନେ ତାଙ୍କୁ ଅଟକାଇ ପରିଚୟ ପଚାରି ଥିଲେ। ଏପରିକି ପ୍ରାୟ କିଛି ସମୟ ଧରି ଅତିରିକ୍ତ ଜିଲାପାଳ ଟପ୍ପୋ ମଞ୍ଚ ବାହାରେ ଛିଡା ହୋଇ ରହିଲେ ଏବଂ ଘଟଣାକୁ ନେଇ ସେଠାରେ ବଚସା ହୋଇଥିଲା। ତେବେ ଯେଉଁଠି ଅତିରିକ୍ତ ଜିଲାପାଳଙ୍କୁ ଚିହ୍ନି ନ ପାରି ଏଭଳି ବ୍ୟବହାର କରାଯାଉଛି ସେଠାରେ ସାଧାରଣ ଲୋକଙ୍କୁ କିଭଳି ବ୍ୟବହାର କରାଯାଉଥିବ ତାହା ଅନୁମାନ କରାଯାଉଛି।

## ରାଜ୍ୟସ୍ତରୀୟ ହସ୍ତଶିଳ୍ପ ପ୍ରଦର୍ଶନୀ, ରୁପା ତାରକସି ପାଭିଲିୟନ ଉଦ୍‌ଘାଟିତ

ବାଲିଯାତ୍ରାରେ ରାଜ୍ୟସ୍ତରୀୟ ହସ୍ତଶିଳ୍ପ ପ୍ରଦର୍ଶନୀ ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ ସଚିବ ତଥା କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ ଗୁହା ପୁନମ ତାପସ କୁମାର ଯୋଗଦେଇ ଏହା ଉଦ୍‌ଘାଟନ କରିଛନ୍ତି। ପ୍ରଦର୍ଶନୀରେ ମୋଟ ୧୦୨ଟି ଷ୍ଟଲ୍ ଖୋଲିଥିବା ବେଳେ ରାଜ୍ୟ ସରକାରଙ୍କ ମାନ୍ୟତାପ୍ରାପ୍ତ ଅଧିକାଂଶ ହସ୍ତଶିଳ୍ପ ଉପକରଣ ଉପଲବ୍ଧ ରହିଛି। ସେହିପରି ବାଲିଯାତ୍ରାରେ କଟକ ରୁପା ତାରକସି ପାଭିଲିଅନ ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟ ଅତିଥି ଗୁହା ପୁନମ ତାପସ କୁମାର ଯୋଗଦେଇ ଏହାର ଉଦ୍‌ଘାଟନ କରିଛନ୍ତି। ଏହି ପାରମ୍ପରିକ ସୂକ୍ଷ୍ମ କାରୁକାର୍ଯ୍ୟ ବିଷୟରେ ଯୁବପିଢ଼ିଙ୍କୁ ଆକୃଷ୍ଟ ଓ ଅବଗତ କରାଇବା ନିମନ୍ତେ ଲାଇଭ ଡେମୋନଷ୍ଟ୍ରେଶନ ବ୍ୟବସ୍ଥା କରାଯାଇଛି। ରୁପା ତାରକସି ପାଭିଲିୟନରେ ମୋଟ ୧୦ଟି ଷ୍ଟଲ୍ ରହିଛି। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ହସ୍ତଶିଳ୍ପ ନିର୍ଦ୍ଦେଶକ ତଥା ଅତିରିକ୍ତ ଶାସନ ସଚିବ ପ୍ରତାପ ଚନ୍ଦ୍ର ହୋତା, ହସ୍ତଶିଳ୍ପ ଉପନିର୍ଦ୍ଦେଶକ ମାନଗୋବିନ୍ଦ ଜେନା, ଉପନିର୍ଦ୍ଦେଶକ ସୌମ୍ୟା ସୁରଭିତା ସିଂ ପ୍ରମୁଖ ଉପସ୍ଥିତ ଥିଲେ।

# ବାଲିଯାତ୍ରା ପରିସରରେ ସେବା, ସୁଶାସନ ଓ ଗରିବ କଲ୍ୟାଣ ପ୍ରଦର୍ଶନୀ

ଭୁବନେଶ୍ୱର, ୬।୧୧ (ପିଆଇବି)

ଐତିହାସିକ ବାଲିଯାତ୍ରା କଟକରେ ଭାରତ ସରକାରଙ୍କ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ଅଧୀନ କେନ୍ଦ୍ରୀୟ ସଞ୍ଚାର ବ୍ୟୁରୋ (ସିବିସି) ପକ୍ଷରୁ ସେବା, ସୁଶାସନ ଓ ଗରିବ କଲ୍ୟାଣ ପ୍ରଦର୍ଶନୀ ଉଦ୍‌ଘାଟିତ ହୋଇଯାଇଛି। ଏହାକୁ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟର କ୍ଷେତ୍ର ଅତିରିକ୍ତ ମହାନିର୍ଦ୍ଦେଶକ (ଏଡିଜି) ଅଖିଳ କୁମାର ମିଶ୍ର ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଉତ୍କଳ ବିଶ୍ୱବିଦ୍ୟାଳୟର ସାମାଜିକ ବିଜ୍ଞାନ ବିଭାଗ ମୁଖ୍ୟ ପ୍ରଫେସର ରବୀନ୍ଦ୍ର ଗରଡ଼ ଯୋଗ ଦେଇଥିଲେ।

ଉଦ୍‌ଘାଟନୀ ଅଧିବେଶନରେ ବହୁସଂଖ୍ୟାରେ ପରିଦର୍ଶକ ଏହି ପ୍ରଦର୍ଶନୀକୁ ବୁଲି ଦେଖିବା ସହିତ କେନ୍ଦ୍ର ସରକାରଙ୍କ ଜନକଲ୍ୟାଣକାରୀ ଯୋଜନା ଓ ପ୍ରମୁଖ କାର୍ଯ୍ୟକ୍ରମ ବିଷୟରେ ଅବଗତ ହୋଇଥିଲେ। ବିଭିନ୍ନ ପ୍ରକାର ସାଂସ୍କୃତିକ କାର୍ଯ୍ୟକ୍ରମ ମାଧ୍ୟମରେ ସେମାନଙ୍କୁ କେନ୍ଦ୍ରୀୟ ଯୋଜନା ବିଷୟରେ ସଚେତନ କରାଯାଇଥିଲା। ଏହି ପ୍ରଦର୍ଶନୀ ଆସନ୍ତା ୧୨ ତାରିଖ ପର୍ଯ୍ୟନ୍ତ ଚାଲିବ। କାର୍ଯ୍ୟକ୍ରମରେ ପତ୍ର ସୂଚନା କାର୍ଯ୍ୟାଳୟ (ପିଆଇବି), ଭୁବନେଶ୍ୱରର ଉପନିର୍ଦ୍ଦେଶକ ମନୋଜ କୁମାର ଜାଲି, ସହାୟକ ନିର୍ଦ୍ଦେଶକ ମହେନ୍ଦ୍ର ପ୍ରସାଦ ଜେନା, ସିବିସି, ଭୁବନେଶ୍ୱରର ସହାୟକ ନିର୍ଦ୍ଦେଶକ ପ୍ରଦୀପ କୁମାର ଚୌଧୁରୀ, ପାର୍ଥସାରଥି ମଲ୍ଲିକ, କ୍ଷେତ୍ର ପ୍ରଚାର ଅଧିକାରୀ ସସ୍ମିତା ପାଇକରାୟ ପ୍ରମୁଖ ଯୋଗ ଦେଇଥିଲେ।



ସିବିସି ପକ୍ଷରୁ ସେବା, ସୁଶାସନ ଓ ଗରିବ କଲ୍ୟାଣ ପ୍ରଦର୍ଶନୀ ଉଦ୍‌ଘାଟନ ଅବସରରେ ଅଧିକାରୀମାନେ।

# ବାଲିଯାତ୍ରାରେ ଭାରତ ମସଲା ଷ୍ଟଲ ଉଦ୍‌ଘାଟିତ




ଅତିଥିଙ୍କ ଦ୍ୱାରା ଭାରତ ମସଲା ଷ୍ଟଲ ଉଦ୍‌ଘାଟନ କରାଯାଉଛି।

କଟକ,୬।୧୧(କାର୍ତ୍ତିକ ସାହୁ)

ଐତିହାସିକ ବାଲିଯାତ୍ରା କଟକରେ ଭାରତ ମସଲା କମ୍ପାନୀର ଷ୍ଟଲ ଉଦ୍‌ଘାଟିତ ହୋଇଛି। ଏମ୍‌ପି ଭର୍ତ୍ତୃହରି ମହତାବ ଷ୍ଟଲ ଉଦ୍‌ଘାଟନ କରିବା ସହ ବାଲିଯାତ୍ରାକୁ ସମୃଦ୍ଧ କରିବାରେ ଭାରତ ମସଲା ମୁଖ୍ୟ ପୃଷ୍ଠପୋଷକ ସାଜିଥିବା କହିଥିଲେ। ତଳ ପଡ଼ିଆରେ ଭାରତ ମସଲାର ୪ଟି ଷ୍ଟଲ ଖୋଲିଛି। ମୁଖ୍ୟ ଷ୍ଟଲ ବୈଷ୍ଣବ ପାଣି ମଞ୍ଚ ପାଖରେ ରହିଥିବା ବେଳେ ପାଭିଲିୟନ ପାର୍ଶ୍ୱରେ, ଡିସିପି ଗଡ଼ା ଓ କଟକ ଇନ କଟକ ପାଖକୁ ଲାଗି ଗୋଟିଏ ଲେଖାଏ ଷ୍ଟଲ ରହିଛି। ବିଗତ ବର୍ଷଗୁଡ଼ିକ ଭଳି ଏଥର ମଧ ବାଲିଯାତ୍ରାକୁ କିଛି ଆକର୍ଷଣ ଅଫର ଧରି ଆସିଛି ଭାରତ ମସଲା। ଗ୍ରାହକଙ୍କୁ ସନ୍ତୁଷ୍ଟ କରିବା ଭଳି ସୁଯୋଗ ପୁନର୍ବାର ଯୋଗାଇ ଦେଇଛି। ସବୁଥର ଭଳି ଏଥର ମଧ ଗୋଟିଏ ମସଲା କିଣିଲେ ଆଉ ଗୋଟିଏ ମାଗଣାରେ ଉପଲବ୍ଧ ହେଉଛି। ଏତଦବ୍ୟତୀତ ଷ୍ଟଲରେ ପ୍ରତିଦିନ ଲକି ଡ୍ର ହେବ। ମସଲା କିଣିବା ସହ ଗ୍ରାହକମାନେ କୁପନଟିଏ ପାଇବେ। ଭାଗ୍ୟଶାଳୀ ବିଜେତାଙ୍କୁ ଉପହାର ସ୍ୱରୂପ ଅନେକ ଦାମୀ ସାମଗ୍ରୀ ଦିଆଯିବ। ସବୁଠାରୁ ବଡ଼ କଥା ହେଉଛି ମସଲା ଓ ହାଇଜିନିକ ଫୁଡ ପ୍ରସ୍ତୁତ କରୁଥିବା ଭାରତ ମସଲା ତାର ଉତ୍ପାଦିତ ସାମଗ୍ରୀରେ ଏଥର ଏକ ନୂଆ ପ୍ରଡକ୍ଟ ଲଞ୍ଚ କରିଛି। ମହୁ ଓ ଲେମ୍ବୁ ସ୍ୱାଦରେ ଏକ ଇନଷ୍ଟାଣ୍ଟ ଲିକ୍ୱିଡ ଚାହାର ବଜାର ପ୍ରବେଶ କରାଇଛି। ଯାହାର ବ୍ରାଣ୍ଡ ନାମ ରହିଛି ହନି ଲେମନ ଟି'। ପତ୍ର ଚା, ଲେମ୍ବୁ, ମହୁ, କଳାଲୁଣ, ଅଦା, ତୁଳସୀ, ଅଶ୍ୱଗନ୍ଧା, ଗୋଲମରିଚ, ଜିରା, ଅଁଳା, ପୁଦିନାର ସମ୍ମିଶ୍ରଣରେ ପ୍ରସ୍ତୁତ ହୋଇଥିବାରୁ ଏହା ସ୍ୱାସ୍ଥ୍ୟ ପକ୍ଷେ ହିତକର ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଏଡିଏମ ଦିବ୍ୟଲୋଚନ ମହାନ୍ତ, ଭାରତ ମସଲାର ଅଧ୍ୟକ୍ଷ ସୁରେନ୍ଦ୍ରନାଥ ପଣ୍ଡା, ପରିଚାଳନା ନିର୍ଦ୍ଦେଶକ ସୁଶାନ୍ତ କୁମାର ପଣ୍ଡା, ନିର୍ଦ୍ଦେଶକ ସୁମନ୍ତ କୁମାର ପଣ୍ଡା, ଦିଗନ୍ତ କୁମାର ପଣ୍ଡା, ଆଶୁତୋଷ ପଣ୍ଡା, ଏସଏନ ମିଲେନିୟମ, ଅରୁଣ କୁମାର ନାୟକ (ଜିଏମ ଅପରେଶନ), ନବକୃଷ୍ଣ ପ୍ରଧାନ (ଜିଏମ୍ ପ୍ରଡକ୍ସନ) ଓ ଭାରତ ମସଲା କମ୍ପାନୀର କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ।

# ଶାସ୍ତ୍ରୀୟ ପଦ୍ଧତିର ଆୟୁର୍ବେଦିକ ଔଷଧାଳୟ

କଟକ,୬।୧୧(କାର୍ତ୍ତିକ ସାହୁ)

ବାଲିଯାତ୍ରା ଓର୍ମାସ ଷ୍ଟଲ୍‌ର ୨ ନମ୍ବର ଫାଟକ ନିକଟରେ ଓଡ଼ିଶା ଆୟୁର୍ବେଦ ଭବନର ଆୟୁର୍ବେଦିକ ଷ୍ଟଲ ଖୋଲିଛି। ଡା. ବୈଲୋଚନ ଛାଟୋଇ ଓ ଡା. ସଂଗ୍ରାମ କେଶରୀ ପ୍ରଧାନ ମିଳିତ ଭାବେ ଷ୍ଟଲ୍‌କୁ ଉଦ୍‌ଘାଟନ କରିଛନ୍ତି। ଓଡ଼ିଶା ଆୟୁର୍ବେଦ ଭବନର ଅଭିଜ୍ଞ କବିରାଜଙ୍କ ଦ୍ୱାରା ଶାସ୍ତ୍ରୀୟ ପଦ୍ଧତିରେ ପ୍ରସ୍ତୁତ ଔଷଧ ଲୋକମାନଙ୍କ ପାଇଁ ଉପଲବ୍ଧ ହୋଇଛି। ଏଠାରେ ଗ୍ୟାସ୍ ଏସିଡିଟି, ବଦହଜମି ପାଇଁ ୨ଟି ପ୍ୟାକେଟ୍ ଓଡ଼ିଶା ଶିବାଷ୍ଟକ ଚୂର୍ଣ୍ଣ ଏବଂ ଆଣ୍ଠୁଗଣ୍ଠି ବାତ, ଦରଜ ପାଇଁ ରାସ୍ନାଦି ବଟୀ ଓ ରୁମାଟ୍ରି ତେଲ ମାଗଣାରେ ବିତରଣ କରାଯାଉଛି।




ବାଲିଯାତ୍ରା ଓର୍ମାସ ଷ୍ଟଲ୍ ନିକଟରେ ଖୋଲାଯାଇଥିବା ଆୟୁର୍ବେଦିକ ଷ୍ଟଲ।

# ବୈଷୟିକ ଶିକ୍ଷା, ଉତ୍ତମ ଚରିତ୍ର ଗଠନ ଉପରେ ଗୁରୁତ୍ୱ

କଣ୍ଟାପଡ଼ା,୬।୧୧(ସୁରନାରାୟଣ ସାହୁ)

**ଦଧୀଚି ଶିଳ୍ପ ତାଲିମ କେନ୍ଦ୍ରରେ ସମାବର୍ତ୍ତନ ଉତ୍ସବ-୨୦୨୫**

କଣ୍ଟାପଡ଼ା ବ୍ଲକ ଅନ୍ତର୍ଗତ (ଦେଉଳି) ସୁନ୍ଦରଗ୍ରାମସ୍ଥିତ ଦଧୀଚି ଶିଳ୍ପ ତାଲିମ କେନ୍ଦ୍ରରେ ସମାବର୍ତ୍ତନ ଉତ୍ସବ-୨୦୨୫ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଭୁବନେଶ୍ୱରସ୍ଥିତ ବିଶ୍ୱ ଦକ୍ଷତା କେନ୍ଦ୍ରର ଉପନିର୍ଦ୍ଦେଶକ ଶୁଭାଶିଷ ଦାସ ମୁଖ୍ୟଅତିଥି ଏବଂ ଓଡ଼ିଶା ଡିଜେଲ ଇଞ୍ଜିନ ପ୍ରାଇଭେଟ ଲିମିଟେଡ୍‌ର ପରିଚାଳନା ନିର୍ଦ୍ଦେଶକ ଅଳି କିଶୋର ପଟ୍ଟନାୟକ ମୁଖ୍ୟବକ୍ତା ଭାବେ ଯୋଗଦେଇ ଆଧୁନିକ ବୈଷୟିକ ଶିକ୍ଷା ଲାଭ କରିବା ସହ ସ୍ୱାବଲମ୍ବୀ ହେବା ପାଇଁ ଉପଦେଶ ଦେଇଥିଲେ। ଦଧୀଚି ଶିକ୍ଷାସମୂହ ଅନୁଷ୍ଠାନର ଚେୟାରମ୍ୟାନ ଡକ୍ଟର ମନୋଜ କୁମାର ଦାଶ, ମ୍ୟାନେଜିଂ ଟ୍ରଷ୍ଟି ବବିତା ଦାଶ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବୈଷୟିକ ଶିକ୍ଷା ଏବଂ ଉତ୍ତମ ଚରିତ୍ର ଗଠନ ଉପରେ ଗୁରୁତ୍ୱ ଦେଇଥିଲେ। ମୁଖ୍ୟଅତିଥି ଓ ମୁଖ୍ୟବକ୍ତା କୃତୀ ଛାତ୍ରୀଛାତ୍ରମାନଙ୍କୁ ପ୍ରମାଣପତ୍ର ଓ ଟ୍ରଫି ପ୍ରଦାନ କରିଥିଲେ। ଅନୁଷ୍ଠାନ ଅଧକ୍ଷା ନିବେଦିତା ମହାନ୍ତି ଅତିଥି ପରିଚୟ ପ୍ରଦାନ କରିଥିଲେ। ଅନୁଷ୍ଠାନର ନିର୍ଦ୍ଦେଶକମାନେ ଛାତ୍ରଛାତ୍ରୀମାନଙ୍କୁ ଉତ୍ତମ ଭବିଷ୍ୟତ ଗଠନ, ସମୟାନୁବର୍ତ୍ତୀ ଏବଂ କର୍ତ୍ତବ୍ୟନିଷ୍ଠ ହେବା ପାଇଁ ପରାମର୍ଶ ଦେଇଥିଲେ। ଏଥିରେ ଅନୁଷ୍ଠାନର ପ୍ରଶିକ୍ଷଣ ଏବଂ ନିଯୁକ୍ତି ଅଧିକାରୀ ହରେକୃଷ୍ଣ ପଟ୍ଟନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବିକାଶ କୁମାର ରାଉତ ଧନ୍ୟବାଦ ଦେଇଥିଲେ।



ପୁରସ୍କୃତ ହୋଇଥିବା ଛାତ୍ରମାନେ ଅତିଥିଙ୍କ ଗହଣରେ ଉପସ୍ଥିତ।

# ନ୍ୟାୟ ଓଡ଼ିଶା ଷ୍ଟଲ୍ ଉଦ୍‌ଘାଟନ କଲେ ମୁଖ୍ୟ ବିଚାରପତି

କଟକ,୬।୧୧(କାର୍ତ୍ତିକ ସାହୁ)

ଓଡ଼ିଶା ରାଜ୍ୟ ଆଇନସେବା ପ୍ରାଧିକରଣ ପକ୍ଷରୁ ବାଲିଯାତ୍ରା ପଡ଼ିଆରେ ଆଇନ ସହାୟତା କେନ୍ଦ୍ର 'ନ୍ୟାୟ ଓଡ଼ିଶା' ଷ୍ଟଲ୍ ଖୋଲାଯାଇଛି। ଓଡ଼ିଶା ରାଜ୍ୟ ଆଇନସେବା ପ୍ରାଧିକରଣର ପ୍ରମୁଖ ପୃଷ୍ଠପୋଷକ ତଥା ହାଇକୋର୍ଟ ମୁଖ୍ୟ ବିଚାରପତି ହରିଶ ଟଣ୍ଡନ ଗୁରୁବାର ସନ୍ଧ୍ୟାରେ ନ୍ୟାୟ ଓଡ଼ିଶା ଷ୍ଟଲ୍‌କୁ ଉଦ୍‌ଘାଟନ କରିଛନ୍ତି। ପ୍ରାଧିକରଣର କାର୍ଯ୍ୟନିର୍ବାହୀ ଅଧ୍ୟକ୍ଷ ତଥା ହାଇକୋର୍ଟ ବିଚାରପତି ମାନସ ପାଠକ, ହାଇକୋର୍ଟ ଆଇନ ସେବା କମିଟି ଅଧ୍ୟକ୍ଷ ତଥା ହାଇକୋର୍ଟ ବିଚାରପତି ସଙ୍ଗମ ସାହୁଙ୍କ ସମେତ ଅନ୍ୟ ବିଚାରପତି ଉପସ୍ଥିତ ଥିଲେ। ଦ୍ୱାର ଦେଶରେ ନ୍ୟାୟ, ନ୍ୟାୟ ସମସ୍ତଙ୍କ ପାଇଁ। ପ୍ରତ୍ୟେକ ବର୍ଗର ବ୍ୟକ୍ତିଙ୍କୁ ଆଇନ ସହାୟତା ପ୍ରଦାନ ପାଇଁ ଓଡ଼ିଶା ରାଜ୍ୟ ଆଇନ ସେବା ପ୍ରାଧିକରଣ ଅହରହ ଉଦ୍ୟମ ଜାରି ରଖିଛି। ସେଥିପାଇଁ ପ୍ରାଧିକରଣର କାର୍ଯ୍ୟକାରୀ ଅଧ୍ୟକ୍ଷଙ୍କ ନିର୍ଦ୍ଦେଶକ୍ରମେ ବାଲିଯାତ୍ରା ପଡ଼ିଆରେ ଏହି କେନ୍ଦ୍ର ଖୋଲାଯାଇଛି। ଏତତ୍ ବ୍ୟତୀତ ଏହି ଷ୍ଟଲ୍‌ରେ ଓକିଲ ଓ ପାରା ଲିଗାଲ ସହାୟକମାନଙ୍କୁ ନିୟୋଜିତ କରାଯାଇ ଆଗନ୍ତୁକମାନଙ୍କୁ ଆବଶ୍ୟକସ୍ଥଳେ ଆଇନ ସେବା ସହାୟତା ଯୋଗାଇଦେବା ସହ ଆଇନ ସେବା ଓ ସରକାରୀ ଯୋଜନା ତଥ୍ୟ ସଂକ୍ରାନ୍ତୀୟ ପ୍ରଚାରପତ୍ର ବିତରଣ କରାଯାଇ ସଚେତନତା ସୃଷ୍ଟି କରାଯାଉଛି। ୬ରୁ ୧୨ ତାରିଖ ପର୍ଯ୍ୟନ୍ତ ସଚେତନତା ଧର୍ମୀ ନାଟକ ପରିବେଷଣ କରାଯିବା କାର୍ଯ୍ୟକ୍ରମ ରହିଛି। ପ୍ରାଧିକରଣର ସଦସ୍ୟ ସଚିବ, ଉପସଚିବ ଓ ସହସଚିବଙ୍କ ପରିକଳ୍ପନାରେ ନାଟକ କାହାକୁ କହିବି ପ୍ରାଧିକରଣ କର୍ମଚାରୀଙ୍କ ଦ୍ୱାରା ପରିବେଷଣ କରାଯାଉଛି। ସେହିପରି ହାଇକୋର୍ଟ ବାର ଆସୋସିଏଶନ ପ୍ରାୟୋଜିତ ନାଟକ ଭରସା ୧୯୩୦ ବାର୍ ସଦସ୍ୟମାନଙ୍କ ଦ୍ୱାରା ପରିବେଷଣ କରାଯାଉଛି। ହାଇକୋର୍ଟ ରେଜିଷ୍ଟ୍ରିରବୃନ୍ଦ, ଜିଲା ଆଇନସେବା ପ୍ରାଧିକରଣର ଅଧ୍ୟକ୍ଷ ତଥା ଜିଲା ଜଜ୍, ଜୁଡ଼ିସିଆଲ ଏକାଡେମୀ ନିର୍ଦ୍ଦେଶକ ପ୍ରମୁଖ ଉପସ୍ଥିତ ଥିଲେ।



ନ୍ୟାୟ ଓଡ଼ିଶା ଷ୍ଟଲ୍ ଉଦ୍‌ଘାଟନ ଅବସରରେ ମୁଖ୍ୟ ବିଚାରପତି ହରିଶ ଟଣ୍ଡନଙ୍କ ସହ ବିଚାରପତିବୃନ୍ଦ ଏବଂ ଅନ୍ୟମାନେ।

# ଅନୁମୋଦନ, ଅର୍ଥ ମଞ୍ଜୁର ନିମନ୍ତେ ୩ ପ୍ରସ୍ତାବ ପଠାଯିବ

## ଓଡ଼ିଶା ବନାଞ୍ଚଳ ଉନ୍ନୟନ ସମିତିର ପରିଚାଳନା ବୈଠକ

ଭୁବନେଶ୍ୱର, ୬।୧୧ (ବନ୍ଦନା ସେଠୀ)



ଓଡିଶା ବନାଞ୍ଚଳ ଉନ୍ନୟନ ସମିତିର ୩୭ତମ ପରିଚାଳନା ବୈଠକ ଗୃହ ବିଭାଗ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଜଙ୍ଗଲ, ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ବୈଠକରେ ବନାଞ୍ଚଳ ଉନ୍ନୟନ ସମିତିର ସମସ୍ତ କାର୍ଯ୍ୟାଧାରା ଉପରେ ଆଲୋଚନା ହୋଇଛି। ଏହି ଅବସରରେ ଓଏଫ୍ଏସ୍‌ଡିପିର ତୃତୀୟ ପର୍ଯ୍ୟାୟ ପ୍ରସ୍ତାବ ପ୍ରସ୍ତୁତ ହୋଇଛି। ଜାଇକା ସହାୟତାରେ ଓଏଫ୍ଏସ୍‌ଡିପି-୩ ଦୀର୍ଘସ୍ଥାୟୀ ଜଙ୍ଗଲ ପରିଚାଳନା, ଜୈବ ବିବିଧତା ସଂରକ୍ଷଣ, ଡିଜିଟାଲ ରୂପାନ୍ତରଣ ଏବଂ କାର୍ବନ ଷ୍ଟକ୍ କାରବାର ଉପରେ ଗୁରୁତ୍ୱ ଦେଉଛି। ଏହି ପ୍ରସ୍ତାବକୁ ତୁରନ୍ତ ଅର୍ଥ ବିଭାଗର ଅନୁମୋଦନ ନିମନ୍ତେ ପଠାଯିବ। 'ଆମ ଶିମିଳିପାଳ ଯୋଜନା' ପାଇଁ ୩୦୦କୋଟି ଏବଂ 'ଆମ ବନ ଓ ଜିବିକା' ପ୍ରକଳ୍ପ ପାଇଁ ୯୫୫କୋଟି ଟଙ୍କାର ପ୍ରସ୍ତାବ ପାରିତ ହୋଇଥିବାବେଳେ ମଞ୍ଜୁରୀ ନିମନ୍ତେ ଅର୍ଥ ବିଭାଗକୁ ପଠାଯିବ ବୋଲି ନିଷ୍ପତ୍ତି ହୋଇଛି। ପ୍ରାରମ୍ଭରେ ପୂର୍ବ ସମସ୍ତ ବୈଠକର ନିଷ୍ପତ୍ତିଗୁଡିକୁ ସମୀକ୍ଷା କରାଯିବା ସହ ଏହାର ଅଗ୍ରଗତି ଓ ଅନୁପାଳନ ନିଶ୍ଚିତ କରାଯାଇଥିଲା। ସ୍ଥାୟୀ ଜଙ୍ଗଲ ପରିଚାଳନାରେ ଶତପ୍ରତିଶତ ସଫଳତା ହାସଲ କରିବା ସହିତ ବୃକ୍ଷରୋପଣ, ମୃତ୍ତିକା ଏବଂ ଆର୍ଦ୍ରତା ସଂରକ୍ଷଣ, ଜଙ୍ଗଲ ନିଆଁ ପ୍ରତିରୋଧକ ବ୍ୟବସ୍ଥା, ଜଙ୍ଗଲ ସୀମାରେ ଥିବା ନୂଆ ପିଲାର ନିର୍ମାଣ ଓ ପୁରାତନ ପିଲାର ରକ୍ଷଣାବେକ୍ଷଣ ସହିତ ୧୨ଟି ବନଖଣ୍ଡରେ ସମସ୍ତ କାର୍ଯ୍ୟ ଶେଷ ହୋଇଛି। ଏଥିସହ କୃଷି ବନୀକରଣ ଯୋଜନା ଏବଂ ସମ୍ପ୍ରଦାୟର ଅଂଶଗ୍ରହଣ ମାଧ୍ୟମରେ ୮,୮୮୫ ହେକ୍ଟର ଭୂମିରେ ୮୮.୫% ଲକ୍ଷ୍ୟ ପୂରଣ ହୋଇଛି। ଜୀବିକା ଉନ୍ନୟନ କ୍ଷେତ୍ରରେ ଧାର୍ଯ୍ୟ ଲକ୍ଷ୍ୟଠାରୁ ଅଧିକ ୪,୪୦୬ଟି ସ୍ୱୟଂ ସହାୟକ ଗୋଷ୍ଠୀ ଗଠିତ ହୋଇଛି। ଆୟ ଏବଂ ବଜାର ସଂଯୋଗକୁ ସୁନିଶ୍ଚିତ କରିବା ପାଇଁ ବିଭିନ୍ନ ବିଭାଗରେ ୫ଟି ବହୁମୁଖୀ ଉତ୍ପାଦ କ୍ଲଷ୍ଟର କାର୍ଯ୍ୟ କରୁଛି। ଦକ୍ଷତା ବିକାଶ କ୍ଷେତ୍ରରେ ଜଙ୍ଗଲ ପରିଚାଳନା ଏବଂ ଜୀବିକା ଉପରେ ୩୪ଟି ବିଷୟଗତ କ୍ଷେତ୍ରକୁ ଅନ୍ତର୍ଭୁକ୍ତ କରାଯାଇ ୫,୦୯୩ ପ୍ରଶିକ୍ଷଣ ଆୟୋଜନ କରାଯାଇଥିବା ସୂଚନା ଦିଆଯାଇଛି। ବୈଠକରେ ପ୍ରଧାନ ମୁଖ୍ୟ ବନ ସଂରକ୍ଷକ ତଥା ବନ ବାହିନୀ ମୁଖ୍ୟ ସୁରେଶ ପନ୍ତ, ପ୍ରମୁଖ ମୁଖ୍ୟ ବନ ସଂରକ୍ଷକ ଏବଂ ୱାଇଲ୍ଡଲାଇଫ ୱାର୍ଡେନ ପ୍ରେମ୍ କୁମାର ଝା, ଓଡ଼ିଶା ଜୀବିକା ମିଶନ ନିର୍ଦ୍ଦେଶକ ମୋନିକା ପ୍ରିୟଦର୍ଶନୀ, ଔଷଧୀୟ ଉଦ୍ଭିଦ ବୋର୍ଡର ଓଡ଼ିଶାର ମୁଖ୍ୟ କାର୍ଯ୍ୟନିର୍ବାହୀ ଭି.କାର୍ତ୍ତିକ ପ୍ରମୁଖ ଉପସ୍ଥିତ ଥିଲେ।

## ରାଜନୀତି ବିଭାଗ ପକ୍ଷରୁ ଆଲୋଚନାଚକ୍ର



**ଖୋର୍ଦ୍ଧା,୬।୧୧(ପ୍ରଭାତ ପାଣିଗ୍ରାହୀ):** ପ୍ରାଣନାଥ ସ୍ୱୟଂଶାସିତ ମହାବିଦ୍ୟାଳୟର ରାଜନୀତି ବିଜ୍ଞାନ ବିଭାଗ ପକ୍ଷରୁ 'ଦ ଫିଲୋସଫି ଅଫ୍ ଡେମୋକ୍ରାସି ଆଣ୍ଡ ଇଟ୍ସ ପ୍ରୋବ୍ଲେମ୍ସ' ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷା ଡ.ବିନ୍ଦୁଶ୍ରୀ ମିଶ୍ର ଏହାକୁ ଉଦ୍‌ଘାଟନ କରି ଗଣତନ୍ତ୍ରର ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋକପାତ କରିଥିଲେ। ଭାରତ ବିଶ୍ୱର ସର୍ବବୃହତ ଗଣତାନ୍ତ୍ରିକ ରାଷ୍ଟ୍ର। ଏହାର ସୁରକ୍ଷା ଦିଗରେ ଛାତ୍ରୀଛାତ୍ରଙ୍କ ଭୂମିକା ସମ୍ପର୍କରେ କହିଥିଲେ। ବିଭାଗୀୟ ମୁଖ୍ୟ ଡ.ଶିବାନୀ ବରାଳ ଅତିଥିଙ୍କ ପରିଚୟ ପ୍ରଦାନ କରିବା ସହିତ ସ୍ୱାଗତ ଭାଷଣରେ ଏହି ଆଲୋଚନାଚକ୍ରର ଆଭିମୁଖ୍ୟ ସମ୍ପର୍କରେ କହିଥିଲେ। ଅଧ୍ୟାପକ ବିଶ୍ୱରଞ୍ଜନ ବିଭିନ୍ନ ଉଦାହରଣ ଦେଇ ଏହି ଆଲୋଚନାଚକ୍ରର ପ୍ରାସଙ୍ଗିକତା ଉପରେ କହିଥିଲେ। ରତ୍ନପର୍ଣ୍ଣା ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ୧୨ଜଣ ଛାତ୍ରୀଛାତ୍ର ସେମାନଙ୍କ ପ୍ରବନ୍ଧ ପାଠ କରିଥିଲେ। ପୂର୍ବତନ କୁଳପତି ମେଜର କ୍ଷୀରୋଦ ପ୍ରସାଦ ମହାନ୍ତି ଉପସ୍ଥିତ ଥିଲେ। ଡ.ସୁନିତା ତ୍ରିପାଠୀ, ଡ.ପ୍ରତାପ ପଟ୍ଟନାୟକ, ଡ.ପ୍ରଦୀପ୍ତ କୁମାର ମହାପାତ୍ର, ଡ.ଗଦାଧର ସାହୁ, ଡ.ସଞ୍ଜିତ କୁମାର ରାଉତ, ଡ.ପ୍ରାଚୀପ୍ରଭା ନାୟକ, ମାନିନୀ ଜେନା, ଡ.ମନୋଜା ମଞ୍ଜରୀ ସାହୁ, ଅଧ୍ୟାପକ ସୁବୋଧ ପଟ୍ଟନାୟକ, ଡ. ନନ୍ଦିତା ଛୋଟରାୟଙ୍କ ସମେତ ଏକାଧିକ ଅଧ୍ୟାପିକା, ଅଧ୍ୟାପକ ଏବଂ ବିଭାଗୀୟ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।


**ROURKELA DEVELOPMENT AUTHORITY**
**UDITNAGAR, ROURKELA-769012**
**No.2588/RDA., dated 31.10.2025**
**PROCLAMATION**

**No.CAD-2176 :** It is hereby informed to the General public that Barsharani Sahoo, W/o - Deepak Kumar Sahoo has applied for permission for transfer of House No.E-73, under Chhend Housing Project, Stage-I, Chhend Rourkela-15 in favour of Rambabu Sharma, S/o - Munilal Sharma. Anybody has got objection to the proposed transfer, he/she may file objection petition before the undersigned within 15 (fifteen) days from the date of publication of this proclamation. Objection petition shall not be entertained after expiry of the stipulated Period.

OIPR-
Sd./- Secretary
Rourkela Development Authority


## ସଂକ୍ଷେପରେ

### ମା' ଜାଗୁଳାଇଙ୍କ ନୂତନ ଗୃହ ପ୍ରତିଷ୍ଠା ଉତ୍ସବ

ଯାଁଳା,୬।୧୧(ବୁଲା ବାରିକ): ଜଟଣୀ ବ୍ଲକ ପଞ୍ଚପଲ୍ଲୀ ପଞ୍ଚାୟତ ଅନ୍ତର୍ଗତ ବ୍ରହ୍ମକୁଣ୍ଡଳ ଗ୍ରାମର ଗ୍ରାମଦେବତୀ ମା' ଜାଗୁଳାଇଙ୍କ ନୂତନ ଗୃହ ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ରବୀନ୍ଦ୍ର କୁମାର ଜେନା ଏବଂ ତାଙ୍କ ସ୍ତ୍ରୀ କର୍ତ୍ତାକର୍ତ୍ତୀ ଭାବେ ଯୋଗଦେଇଥିଲେ। ଘଣ୍ଟ, ଘଣ୍ଟି, ହରିବୋଲ, ହୁଳହୁଳି ଏବଂ ବ୍ରାହ୍ମଣଙ୍କ ମନ୍ତ୍ରୋଚାରଣରେ ଗ୍ରାମରେ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା। ବିଧାୟକ ବିଭୂତି ଭୂଷଣ ବଳବନ୍ତରାୟ, ବିଧାୟକଙ୍କ ପ୍ରତିନିଧି ଦିପକ ଜେନା, ସରପଞ୍ଚ ବନଜା ଜେନା ପ୍ରମୁଖ ଏହି ଉତ୍ସବରେ ସାମିଲ ହୋଇଥିଲେ। ତୁଷାରକାନ୍ତ ଜେନା, ନିହାର ରଞ୍ଜନ ବସ୍ତୀ, ଧିରେନ୍ଦ୍ର ରଣସିଂହ, ଶ୍ରୀମନ୍ତ ଜେନା, ସତ୍ୟ ରଞ୍ଜନ ଜେନା, ଦେବେନ୍ଦ୍ର ସାମନ୍ତରାୟ, ଜ୍ୟୋତିରଞ୍ଜନ ଜେନା, ଅଶ୍ୱିନୀ ରାଉତରାୟ, ମାନସ ପ୍ରଧାନ, ପ୍ରଭାକର ରାଉତରାୟ ପ୍ରମୁଖ ସହଯୋଗ କରିଥିଲେ।

### ବାବା ବାଙ୍କନିଧି ଯୁବକ ସଂଘ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ

**ବେଗୁନିଆ,୬।୧୧(ସନ୍ଧ୍ୟାରାଣୀ ମିଶ୍ର):** ବେଗୁନିଆ ବ୍ଲକ୍ ଅନ୍ତର୍ଗତ ସିକୋ ତିନିଟି ମୁଣ୍ଡା ଛକରେ ବାବା ବାଙ୍କନିଧି ଯୁବକ ସଂଘର ୧୩ବର୍ଷ ପୂର୍ତ୍ତି ଉପଲକ୍ଷେ ଯଜ୍ଞ ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଯଜ୍ଞ କାର୍ଯ୍ୟରେ ବାପି ଚହଟରାୟ କର୍ତ୍ତା ଭାବେ ଉପବେଶନ କରିଥିବାବେଳେ ପଣ୍ଡିତ ଜଗନ୍ନାଥ ମିଶ୍ର ଏବଂ ଲକ୍ଷ୍ମୀ ନାରାୟଣ ଆଚାର୍ଯ୍ୟ ବେଦପାଠ କରିଥିଲେ । ବିଭିନ୍ନ ବିଦ୍ୟାଳୟର ଛୋଟ ଛୋଟ ବାଳିକାମାନଙ୍କୁ ନେଇ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଡ୍ୟାନ୍ସ ଡ୍ୟାନ୍ସ ଅନୁଷ୍ଠିତ ହୋଇଥିଲା । କାର୍ଯ୍ୟକ୍ରମରେ ସାମାଜିକ କର୍ମୀ ଅରବିନ୍ଦ ରାୟ, ସୁପ୍ରଭା ନାୟକ ଏବଂ ସାଧୁଚରଣ ଚମ୍ପତି ଅତିଥି ଭାବେ ଯୋଗଦେଇଥିଲେ। ସଞ୍ଜୟ କୁମାର ବାହୁବଳେନ୍ଦ୍ର ମଞ୍ଚ ପରିଚାଳନା କରିଥିଲେ। ଅକ୍ଷୟ ରାଉଳ, ଚନ୍ଦ୍ରଶେଖର ରାୟ ଏବଂ ଅରୁଣ ରାଉଳ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ରାମଚରିତ ମାନସ ପାରାୟଣ

**କଳାପଥର, ୬।୧୧ (ଗଙ୍ଗାଧର ସାହୁ):** ଠଣାପଲ୍ଲୀ ଗ୍ରାମର ରଘୁନାଥ ଦେବଙ୍କ ପୀଠରେ ପଞ୍ଚଦିବସୀୟ ରାମଚରିତ ମାନସ ପାରାୟଣ ଉଦ୍‌ଯାପିତ ହୋଇଯାଇଛି। ପ୍ରତ୍ୟହ ରାମଚରିତ ପାଠ ସହ ସନ୍ଧ୍ୟାରେ ପ୍ରବଚନ ଦିଆଯାଇଥିଲା। ବିଭିନ୍ନ ଦିବସରେ ସନ୍ଥ ଅଯୋଧ୍ୟା ଦାଶ ମହାରାଜ, ସାତଶଙ୍ଖ, ଡ. ପ୍ରଫୁଲ୍ଲ କୁମାର ମିଶ୍ର, ଭୁବନେଶ୍ୱର ଓ ସନ୍ଥ ଅନ୍ତର୍ଯାମୀ ଦାଶ ମହାରାଜ, ରେଙ୍ଗାଲି ପ୍ରମୁଖ ରାମ କଥା ସମ୍ପର୍କରେ କହିଥିଲେ। ବ୍ୟାସ ଶରତ ଦାଶ ହନୁମାନ ଚାଳିଶା ପାଠ କରିବା ସହ ସନ୍ଧ୍ୟା ଆଳତି, ଭଜନ ପରିବେଷଣ କରିଥିଲେ। ଦୁର୍ଯ୍ୟୋଧନ ସାହୁ, ନିମାଇଁ ଚରଣ ସାହୁ, ରାଜକିଶୋର ସାହୁ, ଧ୍ରୁବଚରଣ ମହାପାତ୍ର, ଦାଶରଥି ସାହୁ, ବ୍ରଜବନ୍ଧୁ ଦାଶ, ସୋମନାଥ ମହାପାତ୍ର କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

### ପୋଖରୀ ସଫେଇ ଅଭିଯାନ

**ଖୋର୍ଦ୍ଧା,୬।୧୧(ପ୍ରଭାତ ପାଣିଗ୍ରାହୀ):** ଏବିଭିପି ଖୋର୍ଦ୍ଧା ନଗର ପକ୍ଷରୁ ଗୁରୁଜଙ୍ଗସ୍ଥିତ ଧବଳେଶ୍ୱର ମହାଦେବ ମନ୍ଦିର ପୋଖରୀରେ ବୋଇତ ବନ୍ଦାଣ ଉତ୍ସବ ପରେ ସଫେଇ ଅଭିଯାନ ହୋଇଥିଲା। ଏବିଭିପିର କର୍ମକର୍ତ୍ତାମାନେ ପୋଖରୀରୁ ଆବର୍ଜନା ସଫା କରିଥିଲେ। କାର୍ଯ୍ୟକ୍ରମରେ ସମ୍ପାଦକ ସୋହେଲ କୁମାର, ନଗର ସମ୍ପାଦକ ସୁଜଳ ପୁଣ୍ୟଶ୍ଳୋକ, ରାଜ୍ୟ ସହସମ୍ପାଦକ ଉଜ୍ଜ୍ୱଳ ପ୍ରଦୀପ ସାମଲ, ପ୍ରୀତିପଲ୍ଲବୀ, ଡି.ନନ୍ଦିନୀ, ଅନୁରାଗ କୁମାର ପ୍ରମୁଖ ସାମିଲ ଥିଲେ।



ପାତ୍ରପଡ଼ା କାର୍ତ୍ତିକେଶ୍ୱର ମହୋତ୍ସବରେ ଗୁରୁବାର ସନ୍ଧ୍ୟାରେ କପିଳେଶ୍ୱର ଦିବ୍ୟାଙ୍ଗ ଭଜନ ଗ୍ରୁପ ଦ୍ୱାରା ଭଜନ ପରିବେଷଣ କରାଯାଉଛି। **(ଫଟୋ: ବୁଲା ବାରିକ)**

## ଶ୍ରୀକୃଷ୍ଣଲୀଳା ଉତ୍ସବ ଉଦ୍‌ଯାପିତ

**ବେଗୁନିଆ,୬।୧୧(ସନ୍ଧ୍ୟାରାଣୀ ମିଶ୍ର):** ବେଗୁନିଆ ବ୍ଲକ ସିମୋର ପଞ୍ଚାୟତ ଅନ୍ତର୍ଗତ ଗଁପୁର ଗ୍ରାମସ୍ଥିତ ସୋମନାଥ ଦେବଙ୍କ ପୀଠରେ ଜୟ ଦୁର୍ଗା କଲଚରାଲ ଟ୍ରଷ୍ଟ ପକ୍ଷରୁ ପଞ୍ଚକ ଅବସରରେ ଚାରିଦିନ ଧରି ଚାଲିଥିବା ଶ୍ରୀକୃଷ୍ଣଲୀଳା ଉତ୍ସବ ଉଦ୍‌ଯାପିତ ହୋଇଯାଇଛି। ଏଥିରେ କଳାକାରମାନେ ଡିଙ୍ଗର ପଞ୍ଚାୟତ ଲେହେଙ୍ଗ ଗ୍ରାମର କବି ଗୌର ଚରଣ ଅଧିକାରୀଙ୍କ ରଚିତ 'କୃଷ୍ଣଲୀଳା' ପୌରାଣିକ କାବ୍ୟର ଶ୍ରୀକୃଷ୍ଣ ଜନ୍ମଠାରୁ କାଳୀୟ ଦଳନ ପର୍ଯ୍ୟନ୍ତ ପରିବେଷଣ କରିଥିଲେ।

## ଶ୍ରୀଅନନ୍ତେଶ୍ୱରଙ୍କ ପୀଠରେ କାର୍ତ୍ତିକ ପୂର୍ଣ୍ଣିମା ଉତ୍ସବ

ନିରାକାରପୁର,୬।୧୧(ମାନସ ଚନ୍ଦ୍ର ପଟ୍ଟନାୟକ)

ସରପାରୀ ପଞ୍ଚାୟତ ବଘେଇପୁଟ ଗ୍ରାମରେ ଥିବା ଶ୍ରୀ ଅନନ୍ତେଶ୍ୱର ଦେବଙ୍କ ପୀଠରେ କାର୍ତ୍ତିକ ପୂର୍ଣ୍ଣିମା ଉତ୍ସବ ବୁଧବାର ପାଳିତ ହୋଇଯାଇଛି। ସକାଳୁ ସନ୍ଧ୍ୟା ପର୍ଯ୍ୟନ୍ତ ଶ୍ରଦ୍ଧାଳୁଙ୍କ ଭିଡ଼ ଦେଖିବାକୁ ମିଳିଥିଲା। ହରିବୋଲ, ହୁଳହୁଳି ଓ ନାମ ସଂକୀର୍ତ୍ତନରେ ମନ୍ଦିର ପରିବେଶ କମ୍ପି ଉଠିଥିଲା। ପୂର୍ଣ୍ଣିମୀ ଉପଲକ୍ଷେ ପାରମ୍ପରିକ ପାଲା ମଧ୍ୟ ପରିବେଷଣ କରାଯାଇଥିଲା। ପାଲାଗାୟକ ଗଗନ ବିହାରୀ ମହାପାତ୍ର ଓ ସାଥୀ ପାଲା ପରିବେଷଣ କରିଥିଲେ। ଶତାଧିକ ଶ୍ରଦ୍ଧାଳୁ ଉପସ୍ଥିତ ରହି ପ୍ରଭୁ କୃପା ଲାଭ କରିଥିଲେ। କାର୍ଯ୍ୟକ୍ରମକୁ ରମେଶ ମଙ୍ଗରାଜ, ଶଙ୍କର ବେହେରା, ଲିଙ୍ଗରାଜ ମାର୍ଥା, ରଙ୍କନାଥ ମଙ୍ଗରାଜ, ରମେଶ ସ୍ୱାଇଁ, ଗୋପୀନାଥ ବଳିୟାରସିଂହ ପୂର୍ବତନ ଜିଲା ପରିଷଦ ସଭ୍ୟ ସୁକାନ୍ତ ମଙ୍ଗରାଜଙ୍କ ସହିତ ଠାକୁରଙ୍କ କମିଟି ସଦସ୍ୟ ଓ ଗ୍ରାମବାସୀ ସହଯୋଗ କରିଥିଲେ। ସେହିପରି ଡିଆ ପଞ୍ଚାୟତରେ ଥିବା କପିଳେଶ୍ୱର ଦେବଙ୍କ ପୀଠରେ ମଧ୍ୟ ଠାକୁରଙ୍କ ପୋଖରୀରେ ଶହ ଶହ ମହିଳା ପୁରୁଷ ଡଙ୍ଗା ଭସାଇବା ସହିତ ଧାଡ଼ିରେ ରହି ଶୃଙ୍ଗାର ସହ ସହିତ ଠାକୁରଙ୍କୁ ଦର୍ଶନ କରିଥିଲେ।

## ସାଇବର ସୁରକ୍ଷା ସଚେତନତା ଅଭିଯାନ



**ବୋଲଗଡ଼,୬।୧୧(ଦେବବ୍ରତ ହୋତା)**

ଖୋର୍ଦ୍ଧା ଜିଲା ପୋଲିସ ସୌଜନ୍ୟରେ ଏବଂ ବୋଲଗଡ଼ ଥାନା ଆମ ପୋଲିସ ସମିତି ପକ୍ଷରୁ ସ୍ଥାନୀୟ ନନ୍ଦିଘୋଷ ଭବନ ପ୍ରେକ୍ଷାଳୟରେ ସାଇବର ସୁରକ୍ଷା ସଚେତନତା ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବୋଲଗଡ଼ ଥାନା ଅଧିକାରିଣୀ ସ୍ନିଗ୍ଧାମୟୀ ବରାଳଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବରିଷ୍ଠ ନାଗରିକ ମଞ୍ଚ ସଭାପତି ଗୋପୀନାଥ ଖାଡଙ୍ଗା ସଭାପତିତ୍ୱ କରିଥିଲେ। ଖୋର୍ଦ୍ଧା ସାଇବର ଥାନା ଅଧିକାରୀ ସୁନିଲ କୁମାର ମୁର୍ମୁ ଯୋଗଦେଇ ସାଇବର ଠକେଇର ବିଭିନ୍ନ ଦିଗ ଏବଂ ଏଥିରୁ ବର୍ତ୍ତିବା ଉପାୟ ସମ୍ପର୍କରେ ଆଲୋଚନା କରିଥିଲେ। ସତର୍କତା ସହ ଇଣ୍ଟରନେଟ ବ୍ୟବହାର କରିବାକୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ଦୃଶ୍ୟଶ୍ରାବ୍ୟ ଯନ୍ତ୍ର ମାଧ୍ୟମରେ ଅନେକ ସାଇବର ଠକେଇର ଡେମୋ ପ୍ରଦର୍ଶିତ ହୋଇଥିବା ବେଳେ ଏହି ଅଭିଯାନର ମାସ୍କଟ ଉପସ୍ଥିତ ଲୋକଙ୍କୁ ସଚେତନତା ପ୍ରଚାରପତ୍ର ବଣ୍ଟନ କରିଥିଲା। ଅନ୍ୟମାନଙ୍କ ମଧ୍ୟରେ ଏଏସ୍‌ଆଇ ଯଶୋଦା ଦେବୀ, ସାମାଜିକ କର୍ମୀ ଲଲାଟେନ୍ଦୁ କେଶରୀ ସିଂହ, ବଣିକ ମହାସଂଘ ସଭାପତି ପାଣ୍ଡବ କୁମାର ସାହୁ, ଦିବାକର ପରମଗୁରୁ, ପୂର୍ଣ୍ଣେନ୍ଦୁ ବେହେରା, ଲୁଣ୍ଡୁ ତ୍ରିପାଠୀ, ରବୀନ୍ଦ୍ର ମହାପାତ୍ର, ଭିକାରୀ ସାହୁ, ରାଧାଶ୍ୟାମ ମହାପାତ୍ର, ହରିହର ସାହୁ, ଡ.ଅଚ୍ୟୁତ ସାହୁ, ସନାତନ ସାହୁ, ଚଇ ପଟ୍ଟନାୟକ, ଶୁଭେନ୍ଦ୍ର ସାହୁ, ବିଭୂତି ସାମନ୍ତରାୟ ପ୍ରମୁଖ ଯୋଗଦେଇଥିଲେ। ଏସ୍‌ଆଇ ହାଡୁବନ୍ଧୁ ଦାସ କାର୍ଯ୍ୟକ୍ରମ ପରିଚାଳନା ସହ ଧନ୍ୟବାଦ ଅର୍ପଣ କରିଥିଲେ।

## ମନ, ଶରୀରକୁ ନିୟନ୍ତ୍ରଣ କରିପାରିଲେ ହିଁ ଆଗକୁ ବଢ଼ିପାରିବା

### ଓୟୁଏଟିରେ କର୍ମଶାଳା

ଭୁବନେଶ୍ୱର, ୬।୧୧(ସୁଚିସ୍ମିତା ସାହୁ)

ଓଡିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ (ଓୟୁଏଟି) ପକ୍ଷରୁ 'ମୂଲ୍ୟବୋଧ ଆଧାରିତ ଶିକ୍ଷା ଜରିଆରେ ଯୁବକଙ୍କୁ ସଶକ୍ତ କରିବା' ଉପରେ ଏକ କର୍ମଶାଳା ଗୁରୁବାର କୃଷି ଶିକ୍ଷା ସଦନଠାରେ ଅନୁଷ୍ଠିତ ହୋଇଯାଇଛି। ପୋଲିସ କମିଶନର ସୁରେଶ ଦେବଦତ୍ତ ସିଂ ଓ ଡେପୁଟି କମିଶନର ଜଗମୋହନ ମୀନା ଯୋଗଦେଇ ସାମାଜିକ ଗଣମାଧ୍ୟମରେ ହେଉଥିବା ସାଇବେର ଫ୍ରଡ୍ ଉପରେ ଆଲୋକପାତ କରିଥିଲେ। ଫିଲ ଆଲାଇଭ୍ କ୍ଲିନିକାଲ ଟ୍ରଷ୍ଟି ଏବଂ ପରିଚାଳନା ନିର୍ଦ୍ଦେଶକ ନିବେଦିତା ମହାନ୍ତି ଯୋଗଦେଇ ମନ ଓ ଶରୀରକୁ ନିୟନ୍ତ୍ରଣ କରିପାରିଲେ ହିଁ ଆମେ ଆଗକୁ ବଢ଼ିପାରିବ ବୋଲି କହିଛନ୍ତି । ଶିକ୍ଷା ଓ ଅନୁସନ୍ଧାନ ବିଶ୍ୱବିଦ୍ୟାଳୟର ଛାତ୍ର କଲ୍ୟାଣ ଅଧ୍ୟକ୍ଷ ପ୍ରଫେସର ଜ୍ୟୋତି ରଞ୍ଜନ ଦାସ ଯୋଗଦେଇ ଉଚ୍ଚଶିକ୍ଷାରେ ମାନବୀୟ ମୂଲ୍ୟବୋଧକୁ ପ୍ରୋତ୍ସାହିତ କରିବା ସହିତ ବର୍ତ୍ତମାନ ସମାଜରେ ଛାତ୍ରୀଛାତ୍ର ସାମାଜିକ ମୂଲ୍ୟବୋଧ ସହ ଭାବପ୍ରବଣତା, ମାନସିକ ନିୟନ୍ତ୍ରତା, ପରିବେଶ ପ୍ରତି କର୍ତ୍ତବ୍ୟବୋଧ, ନମ୍ରତା ଆଦିକୁ ଆପଣେଇବାକୁ ପରାମର୍ଶ ଦେଇଥିଲେ। ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ପ୍ରଭାତ କୁମାର ରାଉଳ ଛାତ୍ରୀଛାତ୍ରଙ୍କୁ ସାଇବେର ଫ୍ରଡ୍ ଉପରେ ସତର୍କ ରହିବା ସହ ସାମାଜିକ ମୂଲ୍ୟବୋଧ ଆହରଣ ଉପରେ କହିଥିଲେ। କାର୍ଯ୍ୟକ୍ରମରେ ଓୟୁଏଟି ଭୁବନେଶ୍ୱରସ୍ଥିତ ସମସ୍ତ ମହାବିଦ୍ୟାଳୟ, ଭବାନୀପାଟଣା, ଚିପିଲିମାର କୃଷି , ଉଦ୍ୟାନ କୃଷି ଓ ରଙ୍ଗେଇଲୁଣ୍ଡାର ଫିସେରି ମହାବିଦ୍ୟାଳୟର ଶିକ୍ଷକ ଓ ଛାତ୍ରୀଛାତ୍ର ଅନଲାଇନ ମାଧ୍ୟମରେ ଯୋଗଦେଇଥିଲେ। ବିଶ୍ୱବିଦ୍ୟାଳୟର ଛାତ୍ର କଲ୍ୟାଣ ଅଧ୍ୟକ୍ଷ ପ୍ରଫେସର ସୁଶେନ କୁମାର ପଣ୍ଡା ସ୍ୱାଗତ ଭାଷଣ ଦେଇଥିବା ବେଳେ ଡିନ୍ ପିଜିଏଫ୍ କମ ଡିଆର୍‌ଇ ପ୍ରଫେସର ଚନ୍ଦ୍ରମଣି ଖଣ୍ଡା ଧନ୍ୟବାଦ ଦେଇଥିଲେ । ଡ. ଚକ୍ରଧର ପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।


ବ୍ୟାଙ୍କ ଅଫ୍ ଇଣ୍ଡିଆ Bank of India BOI

**ବ୍ୟାଙ୍କ ଅଫ୍ ଇଣ୍ଡିଆ**
ଆଞ୍ଚଳିକ କାର୍ଯ୍ୟାଳୟ: କେନ୍ଦୁଝର ଅଞ୍ଚଳ, ସା.: କାଶୀପୁର, ପୋ.: ମାଣ୍ଡୁଆ, କେନ୍ଦୁଝର-୭୫୮୦୧୪

**ଇ-ନିଲାମ ବିକ୍ରୟ ବିଜ୍ଞପ୍ତି**
ସରଫେଶୀ ଆକ୍ଟ ୨୦୦୨ ଅନୁସାରେ ଇ-ନିଲାମ ବିକ୍ରୟ ବିଜ୍ଞପ୍ତି

ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍ସିଆଲ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨(ସରଫେଶୀ ଆକ୍ଟ) ସହିତ ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ନିୟମ ୮(୬) ବ୍ୟବସ୍ଥା ଅନୁଯାୟୀ ସ୍ଥାବର ସମ୍ପତ୍ତିର ଇ-ନିଲାମ ବିକ୍ରୟ ତା.୨୫.୧୧.୨୦୨୫ରିଖ ପୂର୍ବାହ୍ନ ୧୦.୦୦ ଘଟିକା ଠାରୁ ଅପରାହ୍ନ ୦୫.୦୦ ଘଟିକା ଘଟିକା ପର୍ଯ୍ୟନ୍ତ ଅନୁଷ୍ଠିତ ହେବ।

ବ୍ୟାଙ୍କ ଅଫ୍ ଇଣ୍ଡିଆର କ୍ଷମତାପ୍ରାପ୍ତ ଅଧିକାରୀ ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍ସିଆଲ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ଏବଂ ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ଧାରା ୧୩(୧୨) ସହିତ ନିୟମ ୮ ଓ ୯ ରେ ଦିଆଯାଇଥିବା କ୍ଷମତା ପ୍ରୟୋଗ କରି ଋଣଗ୍ରହୀତାମାନଙ୍କୁ ଡିମାଣ୍ଡ ନୋଟିସ୍ ଜାରି କରିଥିଲେ ଏବଂ କ୍ଷମତାପ୍ରାପ୍ତ ଅଧିକାରୀ ନିମ୍ନ ଦର୍ଶିତ ସମ୍ପତ୍ତିଗୁଡିକୁ ଦଖଲକୁ ନେଇଛନ୍ତି। କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା କଥିତ ରୁଲ୍ ୮ର ସବ୍-ରୁଲ୍ ୫ ଏବଂ ୬ ଅନୁଯାୟୀ **"ଯେଉଁଠାରେ ଯେପରି ଅଛି", "ଯାହା ଯେପରି ଅଛି" ଏବଂ "ସେଠାରେ ଯାହା ଅଛି" ଭିତ୍ତିରେ ତା.୨୫.୧୧.୨୦୨୫ରିଖ ପୂର୍ବାହ୍ନ ୧୦.୦୦ଘଟିକା ରୁ ଅପରାହ୍ନ ୦୫.୦୦ ଘଟିକା** ମଧ୍ୟରେ ଇ-ନିଲାମ ବିକ୍ରୟ ନିମନ୍ତେ ପ୍ରସ୍ତାବମାନ ଆହ୍ୱାନ କରାଯାଉଅଛି। ଏତଦ୍‌ଦ୍ୱାରା ସମୂହଭାବେ ସର୍ବସାଧାରଣ ଓ ଋଣଗ୍ରହୀତା, ବନ୍ଧକଦାତା ଏବଂ ଗ୍ୟାରେଣ୍ଟିଦାତାମାନଙ୍କୁ ଜଣାଇ ଦିଆଯାଉଅଛି କି ସରଫେଶୀ ଆକ୍ଟ, ୨୦୦୨ ର ନିୟମ ଏବଂ ସର୍ତ୍ତାବଳୀ ଅନୁଯାୟୀ ବ୍ୟାଙ୍କର ଋଣ ଆଦାୟକରଣ ନିମନ୍ତେ ନିମ୍ନଲିଖିତ ସମ୍ପତ୍ତିକୁ ଇ-ନିଲାମ ମାଧ୍ୟମରେ ବିକ୍ରୟ କରାଯିବ।

**ଇ-ନିଲାମ ତାରିଖ ଓ ସମୟ: ୨୫.୧୧.୨୦୨୫** ପୂର୍ବାହ୍ନ ୧୦.୦୦ ଘ. ଠାରୁ ଅପରାହ୍ନ ୫.୦୦ ଘ. ପ୍ରତ୍ୟେକଙ୍କ ପାଇଁ ୧୦ମି. ଅସୀମିତ ବର୍ଦ୍ଧିତ ସମୟ ସହିତ

**ଅମାନତ ଜମା ଏବଂ କାଗଜାତ୍ ଦାଖଲର ଅନ୍ତିମ ତାରିଖ: ୧୭.୧୧.୨୦୨୫ ରୁ ୨୫.୧୧.୨୦୨୫** ପୂର୍ବାହ୍ନ ୧୦.୦୦ ଘଟିକା ଠାରୁ ଅପରାହ୍ନ ୨.୦୦ ଘଟିକା

ସମ୍ପତ୍ତି ତନଖି କରିବାର ସମୟ : ୧୭.୧୧.୨୦୨୫ ରୁ ୨୪.୧୧.୨୦୨୫ ପୂର୍ବାହ୍ନ ୧୦.୦୦ ଘଟିକାରୁ ଅପରାହ୍ନ ୪.୦୦ ଘଟିକା ମଧ୍ୟରେ
**ସମ୍ପତ୍ତି ତନଖି ପାଇଁ ସମ୍ପୃକ୍ତ ଶାଖା ମୁଖ୍ୟ କିମ୍ବା ରିକଭରୀ ଡିପାର୍ଟମେଣ୍ଟ, ଆଞ୍ଚଳିକ କାର୍ଯ୍ୟାଳୟ, କେନ୍ଦୁଝର (ଡୁବୁରି ଶାଖା ପ୍ରବନ୍ଧକ: ୮୦୧୮୫୩୦୦୨୩, କ୍ଷମତାପ୍ରାପ୍ତ ଅଧିକାରୀ ମୋ.: ୯୪୩୮୯୧୨୭୨୬, ଆଞ୍ଚଳିକ କାର୍ଯ୍ୟାଳୟ, କେନ୍ଦୁଝର, ରିକଭରୀ ଡିପାର୍ଟମେଣ୍ଟ, ମୋ.: ୯୧୦୧୫୦୮୦୧୯) ସହ ଯୋଗାଯୋଗ କରନ୍ତୁ**

| କ୍ର. ନଂ. | ଡୁବୁରି ଶାଖା / ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାଙ୍କ ନାମ ଓ ଠିକଣା / ମୋଟ ବକେୟା ରାଶି | ସମ୍ପତ୍ତିର ବିବରଣୀ | ସଂରକ୍ଷିତ ମୂଲ୍ୟ / ଅମାନତ ରାଶି / ଦଖଲ ପ୍ରକାର |
|---|---|---|---|
| ୧. | **ଋଣଗ୍ରହୀତା: ଶ୍ରୀ ଶ୍ରୀକାନ୍ତ ସେଠୀ,** ପିତା: ଶ୍ରୀ କୁଳମଣି ସେଠୀ, ସା.: ଆମ୍ଭୋର, ପୋ.:ଜଳସୁଆଁ ପାଟଣା, ଭାୟା: କୁଶଳେଶ୍ୱର, ଜିଲ୍ଲା: ଯାଜପୁର-୭୫୫୦୨୫ / **ଗ୍ୟାରେଣ୍ଟିଦାତା: ଶ୍ରୀ ରତ୍ନାକର ମହାରଣା,** ପିତା: ଶ୍ରୀ ଚୈତନ୍ୟ ମହାରଣା, ସା.: ଟୋଲକାନୀ, ପୋ.:ଚିତାରି, ଭାୟା: ଜେ.କେ. ରୋଡ୍, ଜିଲ୍ଲା: ଯାଜପୁର-୭୫୫୦୨୫ / **ମୋଟ ବକେୟାରାଶି: ତା.୨୦.୦୯.୨୦୧୬ରିଖ ସୁଦ୍ଧା ଟ.୩,୨୪,୩୫୮/-** + ପରବର୍ତ୍ତୀ ସୁଧ, ଆଇନ୍‌ଗତ ଦେୟ ଏବଂ ଆନୁସଙ୍ଗିକ ଖର୍ଚ୍ଚ | **ଶ୍ରୀ ଶ୍ରୀକାନ୍ତ ସେଠୀ**ଙ୍କ ନାମରେ ଥିବା ଜମି ଏବଂ ଗୃହର ସମସ୍ତ ଅଂଶବିଶେଷ ଯାହାର ଖାତା ନଂ.: ୪୭୭/୨୨, ପ୍ଲଟ୍ ନଂ.:୬୭୦, କ୍ଷେତ୍ର: ଏକର ୦.୦୫ ଡିସିମିଲି, କିସମ: ଘରବାରୀ,ମୌଜା: ଆମ୍ଭୋର, ଥାନା: ଟମକା, ଏସ୍‌ଆରଓ: ସୁକିନ୍ଦା,ତହସିଲ: ସୁକିନ୍ଦା, ଜିଲ୍ଲା: ଯାଜପୁର, ଏହାର ଚରିପାର୍ଶ୍ୱ ରେଉତ୍ତର: କୀର୍ତ୍ତନ ମହାପାତ୍ର, ଦକ୍ଷିଣ: ପାଣ୍ଡୁ ସେଠୀ, ପୂର୍ବ: କୀର୍ତ୍ତନମହାପାତ୍ର, ପଶ୍ଚିମ: ପାଣ୍ଡୁ ସେଠୀ | ଟ.୬,୮୧,୨୧୦/- / ଟ.୬୮,୧୨୧/- / ସାଙ୍କେତିକ |

**ଇ-ନିଲାମର ନିୟମ ଓ ସର୍ତ୍ତାବଳୀ :**
ବିକ୍ରୟ ନୋଟିସ୍‌ରେ ବିକ୍ରୟର ସାଧାରଣ ନିୟମ ଏବଂ ସର୍ତ୍ତାବଳୀ ୱେବ୍‌ସାଇଟ୍: **https://baanknet.com / https://ebkray.in** ରେ ଉପଲବ୍ଧ ଏବଂ ପ୍ରକାଶିତ। ଇ-ନିଲାମ ସମୟରେ କିମ୍ବା ପୂର୍ବରୁ କୌଣସି ଅସୁବିଧା କିମ୍ବା ସହାୟତା ନିମନ୍ତେ ଇ-ନିଲାମ ସେବାପ୍ରଦାନକାରୀ **(https://baanknet.com / https://ebkray.in)** ଙ୍କ କ୍ଷମତାପ୍ରାପ୍ତ ପ୍ରତିନିଧିଙ୍କ ସହ ଯୋଗାଯୋଗ କରିପାରିବେ। ଯାହାର ସବିଶେଷ ବିବରଣୀ ଇ-ନିଲାମ ପୋର୍ଟାଲରେ ଉପଲବ୍ଧ।

**ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା/ବନ୍ଧକଦାତା(ମାନ)ଙ୍କୁ ୧୫ ଦିନିଆ ଇ-ନିଲାମ ବିକ୍ରୟ ନୋଟିସ୍**
ଉପରୋକ୍ତ ଋଣ ଆକାଉଣ୍ଟର ଋଣଗ୍ରହୀତା / ଗ୍ୟାରେଣ୍ଟିଦାତା/ବନ୍ଧକଦାତାମାନଙ୍କୁ ଏହା ଏକ **୧୫ ଦିନିଆ ନୋଟିସ୍** କି ସେମାନେ ସେମାନଙ୍କର ଉପରଦର୍ଶିତ ଋଣ ଆକାଉଣ୍ଟକୁ ଫଏସଲା କରନ୍ତୁ ଅନ୍ୟଥା ସେମାନଙ୍କର ସମ୍ପତ୍ତି ଉପରଦର୍ଶିତ ତାରିଖରେ ବିକ୍ରୟ କରାଯାଇ ବ୍ୟାଙ୍କ ଦେୟ ଆଦାୟ କରାଯିବ ।

**ସ୍ଥାନ : କେନ୍ଦୁଝର, ତାରିଖ : ୦୬.୧୧.୨୦୨୫** — **କ୍ଷମତାପ୍ରାପ୍ତ ଅଧିକାରୀ, ବ୍ୟାଙ୍କ ଅଫ୍ ଇଣ୍ଡିଆ**



इंडियन बैंक Indian Bank इलाहाबाद ALLAHABAD

**ଆଞ୍ଚଳିକ କାର୍ଯ୍ୟାଳୟ, କଟକ**
ସା: ପ୍ଲଟ୍ ନଂ.: ସି/୯, ସେକ୍ଟର - ୬, ସିଡ଼ିଏ, ପୋ.: ମର୍କତ ନଗର, କଟକ - ୭୫୩୦୧୪
ଇ-ମେଲ: zocuttack@indianbank.co.in

**ଇ-ନିଲାମ ବିକ୍ରୟ ବିଜ୍ଞପ୍ତି**
{ସମ୍ପତ୍ତିଗୁଡିକର ବିକ୍ରୟ ନିମନ୍ତେ ସରଫେଶୀ ଆକ୍ଟ , ୨୦୦୨ର ରୁଲ୍ ୬(୨) ଏବଂ ୮(୬) ବ୍ୟବସ୍ଥା ଅନୁଯାୟୀ ବିକ୍ରୟ ନୋଟିସ୍}

ସିକ୍ୟୁରିଟାଇଜେସନ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍ସିଆଲ ଆସେଟ୍‌ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ (ସରଫେଶୀ) ଆକ୍ଟ, ୨୦୦୨ (୨୦୦୨ର ନଂ.୫୪) ଅନୁଯାୟୀ ବ୍ୟାଙ୍କକୁ ବନ୍ଧକ ଦିଆଯାଇଥିବା ସ୍ଥାବର ସମ୍ପତ୍ତିଗୁଡିକର ବିକ୍ରୟ

**ଇଣ୍ଡିଆନ୍ ବ୍ୟାଙ୍କ**ର କ୍ଷମତାପ୍ରାପ୍ତ ଅଧିକାରୀ ସିକ୍ୟୁରିଟାଇଜେସନ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍ସିଆଲ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ୍ ଆକ୍ଟ, ୨୦୦୨ ଏବଂ ଧାରା ୧୩(୨) ଅନୁସାରେ ଜାରି କରାଯାଇଥିବା ନୋଟିସ୍ ଅନୁଯାୟୀ ନିମ୍ନରେ ଦର୍ଶିତ ଋଣ ଆକାଉଣ୍ଟଗୁଡ଼ିକର ନିମ୍ନଦର୍ଶିତ ସମ୍ପତ୍ତିଗୁଡିକୁ ଦଖଲକୁ ନେଇ ନିମ୍ନରେ ଦର୍ଶାଯାଇଥିବା ବ୍ୟାଙ୍କର ଦେୟ ସହିତସୁଧ ଆଦାୟକରଣ ପାଇଁ "ଯେଉଁଠାରେ ଯେପରି ଅଛି, ଯାହା ଯେପରି ଅଛି" ଭିତ୍ତିରେ ବିକ୍ରୟ କରିବାର ଅଧିକାର ରଖିଛନ୍ତି ଏବଂ ଯେହେତୁ ଋଣଗ୍ରହୀତାମାନେ ବ୍ୟାଙ୍କର ଦେୟ ପୈଠ କରିବାରେ ବିଫଳ ହୋଇଛନ୍ତି ନିମ୍ନସ୍ୱାକ୍ଷରକାରୀ କଥିତ ଆକ୍ଟର ଧାରା ୧୩(୪) ପ୍ରୟୋଗ କରି ବ୍ୟାଙ୍କର ଦେୟ ଆଦାୟ କରିବା ପାଇଁ ବିକ୍ରୟ ପ୍ରସ୍ତାବ ରଖିଛନ୍ତି। **ନିମ୍ନ ସ୍ୱାକ୍ଷରକାରୀଙ୍କ ଦ୍ୱାରା ବିକ୍ରୟ ହେବାକୁ ଥିବାସମ୍ପତ୍ତିର ଇ-ନିଲାମ ପ୍ଲାଟଫର୍ମ ୱେବସାଇଟ୍ : https://www.ebkray.in/baanknet.com**

| କ୍ର. ନଂ. | ଶାଖା / ଋଣଗ୍ରହୀତା/ ଗ୍ୟାରେଣ୍ଟିଦାତା/ ବନ୍ଧକଦାତାମାନଙ୍କ ନାମ ଏବଂ ଠିକଣା | ସ୍ଥାବର ସମ୍ପତ୍ତିଗୁଡ଼ିକର ବିବରଣୀ | ଡିମାଣ୍ଡ ନୋଟିସ୍ ତାରିଖ / ଦଖଲ ତାରିଖ /ବକେୟା ପରିମାଣ /ଦଖଲର ପ୍ରକାର | ସଂରକ୍ଷିତ ମୂଲ୍ୟ / ଅମାନତ ରାଶି / ବିଡ୍ ବୃଦ୍ଧି ପରିମାଣ |
|---|---|---|---|---|
| ୧. | **କଟକ ନୟାସଡକ ଶାଖା/** **ଋଣଗ୍ରହୀତା: ମେସର୍ସ ଭାରତ ଟ୍ରାନ୍ସପୋର୍ଟ ଆଣ୍ଡ ମିନେରାଲ୍ସ, ସ୍ୱତ୍ୱାଧିକାରୀ: ମିର୍ଜା ଆକୁବ ଅଲ୍ଲି ବେଗ୍, ପଞ୍ଜିକୃତ କାର୍ଯ୍ୟାଳୟ:** ସା: ଯୋବ୍ରା ମେନ୍ ରୋଡ୍, ଦାସ ସାହି, ଗୀତା ମେମୋରିଆଲ ହସ୍ପିଟାଲ ସମ୍ମୁଖ, ପୋ.: କଲେଜ ସ୍କୋୟାର, କଟକ-୭୫୩୦୦୩ / **ଋଣଗ୍ରହୀତା ଏବଂ ବନ୍ଧକଦାତା: ମିର୍ଜା ଆକୁବ ଅଲ୍ଲି ବେଗ୍,** ପିତା: ମିର୍ଜା ଅଫସର ଅଲ୍ଲି ବେଗ୍ / **ଗ୍ୟାରେଣ୍ଟିଦାତା: ମିର୍ଜା ଅଫସର ଅଲ୍ଲି ବେଗ୍,** ପିତା: ୰ ମିର୍ଜା ଅହମ୍ମଦ ଅଲ୍ଲି ବେଗ୍, ଉଭୟଙ୍କ ଠିକଣା- ସା: ଯୋବ୍ରା ମେନ୍ ରୋଡ୍, ଦାସ ସାହି, ଗୀତା ମେମୋରିଆଲ ହସ୍ପିଟାଲ ସମ୍ମୁଖ, ପୋ.: କଲେଜ ସ୍କୋୟାର, କଟକ-୭୫୩୦୦୩ | **ମିର୍ଜା ଅଫସର ଅଲ୍ଲି ବେଗ୍,** ପିତା: ୰ ମିର୍ଜା ଅହମ୍ମଦ ଅଲ୍ଲି ବେଗ୍‌ଙ୍କ ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ୍ ନଂ.: ୮୨୪/୧୪୪୪, ଖାତା ନଂ.: ୧୪, କ୍ଷେତ୍ର: ଏକର୦.୦୪୦ ଡିସିମିଲି, ମୌଜା: କଟକ ଟାଉନ ୟୁନିଟ୍ ନଂ.: ୨୫, ସା: ଯୋବ୍ରା-୧, ଚୁନାଭାଟି ରୋଡ୍, ଥାନା: ମାଲଗୋଦାମ ନଂ.: ୨, ତହସିଲ: କଟକ ନଂ.: ୨୩୮, ଜିଲ୍ଲା: କଟକ, ଓଡ଼ିଶା, ଏହାର ଚାରିପାର୍ଶ୍ୱରେ ଉତ୍ତର: ପୂର୍ଣ୍ଣ ଚନ୍ଦ୍ର ସାହୁ ଏବଂ ରାସ୍ତା, ଦକ୍ଷିଣ: ମିର୍ଜା ଅଖତାର ଅଲ୍ଲି, ପୂର୍ବ: ମନସୁର ଖାନ୍, ପଶ୍ଚିମ: ପୂର୍ଣ୍ଣ ଚନ୍ଦ୍ର ସାହୁ / **ସମ୍ପତ୍ତି ଆଇଡି: ALLA200008931858** | ୨୯.୦୭.୨୦୧୭ / ୧୨.୧୦.୨୦୧୭ / **୦୬.୧୧.୨୦୨୫ ସୁଦ୍ଧା ଟ.୨,୫୦,୪୧,୫୮୫/-** ପରିଶୋଧ ତାରିଖ ପର୍ଯ୍ୟନ୍ତ ପ୍ରଜୁର୍ଯ୍ୟ ହାରରେ ପରବର୍ତ୍ତୀ ସୁଧ, ଆନୁସଙ୍ଗିକ ଖର୍ଚ୍ଚ ଏବଂ ଅନ୍ୟାନ୍ୟ ଦେୟ / ଗଠନ୍ମାତକ (ସାଙ୍କେତିକ) | ଟ.୬୫,୧୬,୦୦୦/- / ଟ.୬,୫୧,୬୦୦/- / ଟ.୫୦,୦୦୦/- |

**ଇ-ନିଲାମ ତାରିଖ ଏବଂ ସମୟ: ୨୫.୧୧.୨୦୨୫ (ମଙ୍ଗଳବାର), ପୂର୍ବାହ୍ନ ୧୧.୦୦ ଘଟିକାରୁ ଅପରାହ୍ନ ୫.୦୦ ଘଟିକା**

**ଅମାନତ ରାଶି ଓ କାଗଜାତ୍ ଦାଖଲର ଅନ୍ତିମ ତାରିଖ ଏବଂ ସମୟ : ତା.୨୪.୧୧.୨୦୨୫ରିଖ ରାତ୍ର ୧୧.୫୫ ଘଟିକା ପର୍ଯ୍ୟନ୍ତ (ଅନ୍‌ଲାଇନ୍‌ରେ) ଅର୍ଥାତ ପୋର୍ଟାଲରେ ଦର୍ଶିତ ନିଲାମ ତାରିଖ ଓ ସମୟ ପୂର୍ବରୁ**

**ସମ୍ପତ୍ତିଗୁଡିକୁ ତନଖି କରିବାର ତାରିଖ ଏବଂ ସମୟ: ତା.୧୦.୧୧.୨୦୨୫ରିଖ ଠାରୁ ତା.୧୮.୧୧.୨୦୨୫ରିଖ ପୂର୍ବାହ୍ନ ୧୧.୦୦ଘଟିକା ରୁ ଅପରାହ୍ନ ୪.୦୦ଘଟିକା ମଧ୍ୟରେ (ବ୍ୟାଙ୍କର ପୂର୍ବ ଅନୁମତି ସହିତ) ନିଜ ଖର୍ଚ୍ଚରେ**

**ନିୟମ ଓ ସର୍ତ୍ତାବଳୀ :** ୧) ବିକ୍ରୟର ସବିଶେଷ ନିୟମ ଏବଂ ସର୍ତ୍ତାବଳୀ ନିମନ୍ତେ ଲିଙ୍କ୍: **https://www.ebkray.in/baanknet.com** ଦେଖନ୍ତୁ। ସମ୍ଭାବ୍ୟ ନିଲାମଧାରୀମାନେ କ୍ଷମତାପ୍ରାପ୍ତ ଅଧିକାରୀ/ଶାଖାରେ ଯୋଗାଯୋଗ କରିପାରିବେ। ୨) ଉପରୋକ୍ତ ଋଣ ଆକାଉଣ୍ଟର ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା/ବନ୍ଧକଦାତାମାନଙ୍କୁ ଉପର ଦର୍ଶିତ ତାରିଖରେ ଇ-ନିଲାମ ବିକ୍ରୟ ଅନୁଷ୍ଠିତ ହେବା ପାଇଁ **୧୫ଦିନିଆ** ନୋଟିସ୍ ଅଟେ। ୩) ସଫଳ ନିଲାମଧାରୀ ସମସ୍ତ ଖର୍ଚ୍ଚ ଯଥା- ଷ୍ଟାମ୍ପ ଡ୍ୟୁଟି, ବିକ୍ରୟ ସାର୍ଟିଫିକେଟ୍ ରେଜିଷ୍ଟ୍ରେସନ୍ ଯଦି ଥାଏ ତାହା ବହନ କରିବେ। ୪) କ୍ଷମତାପ୍ରାପ୍ତ ଅଧିକାରୀ ବିକ୍ରୟ କରାଯିବାକୁ ଥିବା ସମ୍ପତ୍ତି ସମ୍ବନ୍ଧୀୟ କୌଣସି ଦେୟ, ଲିୟନ, ଏନ୍‌କମ୍ବ୍ରାନ୍ସ, ସମ୍ପତ୍ତି ଟିକସ, ସରକାର କିମ୍ବା ଅନ୍ୟ କୌଣସି ସଂସ୍ଥାକୁ ଥିବା ଦେୟ ନିମନ୍ତେ ଦାୟୀ ରହିବେ ନାହିଁ। ୫) କ୍ଷମତାପ୍ରାପ୍ତ ଅଧିକାରୀ କୌଣସି କାରଣ ନଦର୍ଶାଇ କୌଣସି ବିଡ୍‌କୁ ଗ୍ରହଣ କିମ୍ବା ବାତିଲ କିମ୍ବା ବିକ୍ରୟ ସ୍ଥଗିତ/ବାତିଲ କରିବାର ସମ୍ପୂର୍ଣ୍ଣ ଅଧିକାରୀ ରହିଛି। ଦ୍ରଷ୍ଟବ୍ୟ ଏହିକି ଏହି ନୋଟିସ୍ ଉପରୋକ୍ତ ସମ୍ପତ୍ତି ବିକ୍ରୟ କରିବାକୁ ବ୍ୟାଙ୍କ ଦ୍ୱାରା କୌଣସି ପ୍ରତିଶ୍ରୁତି କିମ୍ବା ପ୍ରତିନିଧିତ୍ୱ ପ୍ରଦାନ କରାଯାଉନାହିଁ।

**ଉପରୋକ୍ତ ନୋଟିସ୍‌କୁ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ ର ରୁଲ ୯(୧) ଅନୁଯାୟୀ ୧୫ ଦିନିଆ ବୈଧାନିକ ନୋଟିସ୍ ବୋଲି ବିବେଚନା କରାଯିବ।**
ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା/ବନ୍ଧକଦାତାମାନଙ୍କୁ ଏତଦ୍‌ଦ୍ୱାରା ଜଣାଇଦିଆଯାଉଛି କି ସେମାନେ ଇ-ନିଲାମ ପୂର୍ବରୁ ବର୍ତ୍ତମାନ ସୁଦ୍ଧା ସୁଧ ଓ ଖର୍ଚ୍ଚ ସହିତ ମୋଟ୍ ଦେୟ ପୈଠ କରନ୍ତୁ ଅନ୍ୟଥା ସମ୍ପତ୍ତିନିଲାମ ବିକ୍ରୟ କରାଯିବ ଏବଂ ଯଦି କିଛି ବକେୟା ରହିଯାଏ ତେବେ ସୁଧ ଓ ଖର୍ଚ୍ଚ ସହିତ ଆଦାୟ କରାଯିବ।

**ସ୍ଥାନ: କଟକ, ତାରିଖ: ୦୬.୧୧.୨୦୨୫** — **ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, ଇଣ୍ଡିଆନ୍ ବ୍ୟାଙ୍କ**

# ରଘୁନାଥପୁରରେ କାର୍ତ୍ତିକେଶ୍ୱର ପୂଜା

ବାରଙ୍ଗ,୬।୧୧(ଲିଙ୍ଗରାଜ ରାଉତ)

ରାଜଧାନୀ ଉପକଣ୍ଠ ରଘୁନାଥପୁର ଗ୍ରାମରେ ୩୪ତମ କାର୍ତ୍ତିକେଶ୍ୱର ପୂଜା ଅନୁଷ୍ଠିତ ହୋଇଯାଇଛି, ଯାହାକୁ ନେଇ ଗ୍ରାମର ପରିବେଶ ଚଳଚଞ୍ଚଳ ହୋଇଉଠିଛି। ପୂଜାରେ ରଙ୍ଗ ବେରଙ୍ଗର ଆଲୋକମାଳା ସହ ମନଲୋଭା ତୋରଣ ଲୋକଙ୍କ ମନମୋହୁଛି। ପ୍ରତ୍ୟେକ ସନ୍ଧ୍ୟାରେ ପୂଜାମଣ୍ଡପ ପାଖରେ ହେଉଥିବା ସଙ୍କୀର୍ତ୍ତନ, ଘୋଡ଼ାନାଚ ଓ ଭଜନ ସମାରୋହ ଆଦି ସାଂସ୍କୃତିକ କାର୍ଯ୍ୟକ୍ରମ ଦର୍ଶକମାନଙ୍କୁ ବିମୋହିତ କରିଛି। ଏହି ପୂଜୋତ୍ସବ ଆସନ୍ତା ୯ ତାରିଖ ପର୍ଯ୍ୟନ୍ତ ମହାସମାରୋହରେ ଚାଲିବ। ପୂଜ୍ୟପୂଜାକୁ ସମ୍ମାନ ଦେବା ଓ ଭାଇଚାରା ସମ୍ପର୍କକୁ ମଜଭୁତ କରିବା ଉଦ୍ଦେଶ୍ୟରେ ପ୍ରତିଦିନ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଲାଭ କରିଥିବା ବ୍ୟକ୍ତିବିଶେଷଙ୍କୁ ସମ୍ମାନିତ କରାଯାଇଛି। ଏଥିସହ ନଭେମ୍ବର ୧୦ରେ ଭସାଣି ଉତ୍ସବ ଅନୁଷ୍ଠିତ ହେବ ବୋଲି ଆୟୋଜକଙ୍କ ପକ୍ଷରୁ କୁହାଯାଇଛି।

# କଳାବ୍ୟାଜ୍ ପିନ୍ଧି ଆୟୁଷ ଛାତ୍ରୀଛାତ୍ରଙ୍କ ଆନ୍ଦୋଳନ

## ୮ଦଫା ଦାବି, ସରକାରୀ ନିଷ୍କ୍ରିୟତା ବିରୋଧରେ ପ୍ରତିବାଦ

ଭୁବନେଶ୍ୱର, ୬।୧୧ (ବନ୍ଦନା ସେଠୀ)




ଭୁବନେଶ୍ୱରସ୍ଥିତ ଅଭିନ୍ନ ଚନ୍ଦ୍ର ହୋମିଓପାଥି ମେଡିକାଲ କଲେଜରେ ଛାତ୍ରୀଛାତ୍ରମାନେ କଳାବ୍ୟାଚ୍ ପିନ୍ଧି ଦାବି ରଖିବା ସହ ସରକାରୀ ନିଷ୍କ୍ରିୟତା ବିରୋଧରେ ପ୍ରତିବାଦ କରୁଛନ୍ତି।

ରାଜ୍ୟରେ ନୂତନ ସ୍ଥାୟୀ ଆୟୁଷ ମେଡିକାଲ ଅଫିସର ପୋଷ୍ଟ ସୃଷ୍ଟି କରିବା ସହ ୮ ଦାବି ନେଇ ହାତରେ କଳାବ୍ୟାଜ ପିନ୍ଧି ଆନ୍ଦୋଳନକୁ ଓହ୍ଲାଇଛନ୍ତି ଆୟୁଷ ଛାତ୍ରୀଛାତ୍ର। ଅଲ୍ ଓଡ଼ିଶା ଆୟୁଷ ଷ୍ଟୁଡେଣ୍ଟସ୍ ଆସୋସିଏଶନ ପକ୍ଷରୁ ଦୀର୍ଘଦିନ ଧରି ଦାବି କରାଯାଉଥିଲେ ହେଁ ରାଜ୍ୟ ସରକାର କର୍ଣ୍ଣପାତ କରୁନାହାନ୍ତି। ସ୍ୱାସ୍ଥ୍ୟମନ୍ତ୍ରୀ କାମ ହୋଇଯିବ ବୋଲି କହୁଥିବାବେଳେ ସରକାର ଯାହା କିଛି ନିଷ୍ପତ୍ତି ନେବେ ବୋଲି ସଚିବ କହୁଛନ୍ତି। ତେଣୁ ବାରମ୍ବାର ଦାବି ଜଣାଇ ବିଫଳ ହେବା ପରେ ଏବେ ଭୁବନେଶ୍ୱର, ପୁରୀ, ବ୍ରହ୍ମପୁର, ରାଉରକେଲା, ସମ୍ବଲପୁର, ଆଙ୍କୁଶପୁର ଆଦି ସମସ୍ତ ସରକାରୀ ଆୟୁଷ ମହାବିଦ୍ୟାଳୟର ଛାତ୍ରୀଛାତ୍ର ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ କଳାବ୍ୟାଜ ପରିଧାନ କରି ସରକାରଙ୍କ ନିଷ୍କ୍ରିୟତା ବିରୋଧରେ ପ୍ରତିବାଦ କରିବେ ବୋଲି ଆସୋସିଏଶନ୍‌ର ଉପଦେଷ୍ଟା ତ୍ରୈଲୋକ୍ୟ ନାଥ ମହାରଣା କହିଛନ୍ତି। ଏଥିସହ ସ୍ଥାନୀୟ ଜିଲାପାଳ ଓ ଏସ୍‌ପିଙ୍କୁ ଚିଠି ଲେଖି ଅବଗତ କରାଯାଇଛି। ଆୟୁଷ ହାଉସ୍ ସର୍ଜନମାନଙ୍କ ପାଇଁ ଡାଇନାମିକ୍ ଷ୍ଟାଇପେଣ୍ଡ ବୃଦ୍ଧି, ଆୟୁଷ କଲେଜର ଶାସକ ମଣ୍ଡଳୀର ପୁନର୍ଗଠନ, ଉଭୟ ଶିକ୍ଷା ଓ ଭିତ୍ତିଭୂମି କ୍ଷେତ୍ରରେ ଆୟୁଷ ମନ୍ତ୍ରଣାଳୟର ଗେଜେଟ୍‌ର ପୂର୍ଣ୍ଣ ପ୍ରୟୋଗ, ଗୋପବନ୍ଧୁ ଜନ ଆରୋଗ୍ୟ ଆଦିରେ ଆୟୁଷକୁ ସମ୍ମିଳିତ କରିବା, ଆୟୁଷ ବିଭାଗକୁ ସ୍ୱତନ୍ତ୍ର ଭାବେ ସ୍ଥାପନା କରିବା ଆଦି ୮ଦଫା ଦାବିରେ ଏହି ଆନ୍ଦୋଳନ ଓ ପ୍ରତିବାଦ କରାଯାଇଥିବା ସେ ସୂଚନା ଦେଇଛନ୍ତି।

# ନୟାପଲ୍ଲୀ ରାସ୍ତା ପାର୍ଶ୍ୱରୁ ହଟିଲା ଜବରଦଖଲ

ଭୁବନେଶ୍ୱର, ୬।୧୧ (ବନ୍ଦନା ସେଠୀ)



ନୟାପଲ୍ଲୀ ମୌଜା ଅନ୍ତର୍ଗତ ରାସ୍ତାପାର୍ଶ୍ୱ ସରକାରୀ ଜମିରୁ ବିଡିଏ ପକ୍ଷରୁ ଜବରଦଖଲ ଉଚ୍ଛେଦ କରାଯାଇଛି। ସାଧାରଣ ପ୍ରଶାସନ ବିଭାଗ (ଜିଏ) ପ୍ଲଟ୍ ନଂ. ୧୭୫୦, ୧୭୮୦, ୧୭୮୦/୨୮୦୯, ୧୭୮୦/୨୩୪୮, ୧୭୬୩, ୨୦୪୩ ଏବଂ ୧୮୭୫/୪୪୧୫ ଅଧୀନରେ ମୋଟ ୧ ଏକର ୨୪୭ ଡିସିମିଲ ଜମି ରହିଛି। ଏହି ସରକାରୀ ଜମିକୁ କିଛି ବ୍ୟକ୍ତି ଜୋରଜବରଦସ୍ତ ଦଖଲ କରି ଘର କରିବା ସହ ଦୋକାନ ଓ ହୋଟେଲ ନିର୍ମାଣ କରି ବ୍ୟବସାୟ କରୁଥିଲେ। ଉଚ୍ଛେଦ ସମୟରେ ୩ଟି ଟିଣ ଶେଡ୍ ସମ୍ପ୍ରସାରଣ ଅଂଶ, ଗୋଟିଏ ଗାଡ଼ି ସର୍ଭିସିଂ କେନ୍ଦ୍ର, ୨ଟି ଆଜ୍‌ବେଷ୍ଟସ୍ ଦୋକାନ, ଗୋଟିଏ କାଠ କ୍ୟାବିନ, ଗୋଟିଏ ମୋବାଇଲ ଦୋକାନ, ୨ଟି ଫାଷ୍ଟଫୁଡ ଦୋକାନ, ୭ଟି ହୋଟେଲ, ୪ଟି ଆଜବେଷ୍ଟସ୍ ଘର, ୨ଟି ଶୌଚାଳୟ ଏବଂ ୩ଟି ବିଜ୍ଞାପନ ବୋର୍ଡ ଭଙ୍ଗାଯାଇଥିଲା। ସମୟ ଅଭାବରୁ ପ୍ରାୟ ୦.୫୦୦ ଡିସିମିଲ ସରକାରୀ ଜମି ଜବରଦଖଲମୁକ୍ତ କରାଯାଇଥିଲା। ଆଇନଶୃଙ୍ଖଳା ପରିସ୍ଥିତି ପାଇଁ ଗୋଟିଏ ସେକ୍ସନ ରିଜର୍ଭ ପୋଲିସ ଏବଂ ଗୋଟିଏ ସେକ୍ସନ ମହିଳା ପୋଲିସ ମୁତୟନ କରାଯାଇଥିଲା। ବିଡିଏ ଏନ୍‌ଫୋର୍ସମେଣ୍ଟ ଅଫିସର (ଓଏସଡି) ଦେବରାଜ ସେଠୀ, ବିଡିଏ ଲିଆସନ ଅଫିସର ଶୁଭ୍ରାଂଶୁ ଶେଖର ମହାନ୍ତି ଓ ସାଧାରଣ ପ୍ରଶାସନ ବିଭାଗର ଉପନିର୍ଦ୍ଦେଶକ (ସର୍ଭେ ଓ ଏନ୍‌ଫୋର୍ସମେଣ୍ଟ) ଅମୀୟ କୁମାର ଦାସ, ନୂଆପଲ୍ଲୀ ଥାନା ଏସ୍‌ଆଇ ପ୍ରଦୀପ୍ତ କୁମାର ରାଉତ ଉପସ୍ଥିତ ଥିଲେ। ବିଡିଏ ଏନ୍‌ଫୋର୍ସମେଣ୍ଟ ସ୍କ୍ୱାଡ୍ ୧, ୨, ୩, ୪, ୫ ଏବଂ ୬ ଉଚ୍ଛେଦ କରିଥିଲେ ଏବଂ ବାକି ଜବରଦଖଲ ଶୁକ୍ରବାର ହଟାଯିବ ବୋଲି ବିଡିଏ ପକ୍ଷରୁ ସୂଚନା ଦିଆଯାଇଛି।

# ବାଲିଯାତ୍ରା ପରିସରରେ ସେବା, ସୁଶାସନ ଓ ଗରିବ କଲ୍ୟାଣ ପ୍ରଦର୍ଶନୀ ଉଦ୍‌ଘାଟିତ



ସିବିସି ପକ୍ଷରୁ ସେବା, ସୁଶାସନ ଓ ଗରିବ କଲ୍ୟାଣ ପ୍ରଦର୍ଶନୀ ଉଦ୍‌ଘାଟନ ଅବସରରେ ଅଧିକାରୀମାନେ।

ଭୁବନେଶ୍ୱର, ୬।୧୧ (ପିଆଇବି)

ଐତିହାସିକ ବାଲିଯାତ୍ରା କଟକରେ ଭାରତ ସରକାରଙ୍କ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ଅଧୀନ କେନ୍ଦ୍ରୀୟ ସଞ୍ଚାର ବ୍ୟୁରୋ (ସିବିସି) ପକ୍ଷରୁ ସେବା, ସୁଶାସନ ଓ ଗରିବ କଲ୍ୟାଣ ପ୍ରଦର୍ଶନୀ ଉଦ୍‌ଘାଟିତ ହୋଇଯାଇଛି। ଏହାକୁ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟର କ୍ଷେତ୍ର ଅତିରିକ୍ତ ମହାନିର୍ଦ୍ଦେଶକ (ଏଡିଜି) ଅଖିଳ କୁମାର ମିଶ୍ର ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଉତ୍କଳ ବିଶ୍ୱବିଦ୍ୟାଳୟର ସାମାଜିକ ବିଜ୍ଞାନ ବିଭାଗ ମୁଖ୍ୟ ପ୍ରଫେସର ରବୀନ୍ଦ୍ର ଗରଡ଼ ଯୋଗ ଦେଇଥିଲେ। ଉଦ୍‌ଘାଟନୀ ଅଧିବେଶନରେ ବହୁସଂଖ୍ୟାରେ ପରିଦର୍ଶକ ଏହି ପ୍ରଦର୍ଶନୀକୁ ବୁଲି ଦେଖିବା ସହିତ କେନ୍ଦ୍ର ସରକାରଙ୍କ ଜନକଲ୍ୟାଣକାରୀ ଯୋଜନା ଓ ପ୍ରମୁଖ କାର୍ଯ୍ୟକ୍ରମ ବିଷୟରେ ଅବଗତ ହୋଇଥିଲେ। ବିଭିନ୍ନ ପ୍ରକାର ସାଂସ୍କୃତିକ କାର୍ଯ୍ୟକ୍ରମ ମାଧ୍ୟମରେ ସେମାନଙ୍କୁ କେନ୍ଦ୍ରୀୟ ଯୋଜନା ବିଷୟରେ ସଚେତନ କରାଯାଇଥିଲା। ଏହି ପ୍ରଦର୍ଶନୀ ଆସନ୍ତା ୧୨ ତାରିଖ ପର୍ଯ୍ୟନ୍ତ ଚାଲିବ। କାର୍ଯ୍ୟକ୍ରମରେ ପତ୍ର ସୂଚନା କାର୍ଯ୍ୟାଳୟ (ପିଆଇବି), ଭୁବନେଶ୍ୱରର ଉପନିର୍ଦ୍ଦେଶକ ମନୋଜ କୁମାର ଜାଲି, ସହାୟକ ନିର୍ଦ୍ଦେଶକ ମହେନ୍ଦ୍ର ପ୍ରସାଦ ଜେନା, ସିବିସି, ଭୁବନେଶ୍ୱରର ସହାୟକ ନିର୍ଦ୍ଦେଶକ ପ୍ରଦୀପ କୁମାର ଚୌଧୁରୀ, ପାର୍ଥସାରଥି ମଲ୍ଲିକ, କ୍ଷେତ୍ର ପ୍ରଚାର ଅଧିକାରୀ ସସ୍ମିତା ପାଇକରାୟ ପ୍ରମୁଖ ଯୋଗ ଦେଇଥିଲେ।

# ସମ୍ପର୍କ ପକ୍ଷରୁ କୁଶଭଦ୍ରା ବୋଇତ ବନ୍ଦାଣ ଉତ୍ସବ

ବାଲିଅନ୍ତା, ୬।୧୧ (ନୀଳମାଧବ ସାହୁ)



ପବିତ୍ର କାର୍ତ୍ତିକ ଅବସରରେ ବାଲିଅନ୍ତା ଆରାଧ୍ୟ ଦେବତା ଶ୍ରୀ ନିକୁଞ୍ଜ ବିହାରୀ ଦେବଙ୍କ ମନ୍ଦିର ପାର୍ଶ୍ୱରେ ପ୍ରବାହିତ କୁଶଭଦ୍ରା ନଦୀରେ ୭ମ ବାର୍ଷିକ ବୋଇତ ବନ୍ଦାଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ଅଞ୍ଚଳର ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନ 'ସମ୍ପର୍କ' ପକ୍ଷରୁ ଆୟୋଜିତ ଏହି ଉତ୍ସବରେ ବାଲିଅନ୍ତା ପଞ୍ଚାୟତ ସରପଞ୍ଚ କୃଷ୍ଣ କେଶବ ଆପଟ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ଏହି ଅବସରରେ ନଦୀ କୂଳରେ ପାରମ୍ପରିକ ପୂଜାର୍ଚ୍ଚନା ପରେ ଅତିଥି ଓ ଅନୁଷ୍ଠାନର କର୍ମକର୍ତ୍ତାଙ୍କ ଦ୍ୱାରା ଏକ ସୁସଜ୍ଜିତ ବୋଇତ ବନ୍ଦାଣ କରାଯାଇଥିଲା। ପରେ ଅନୁଷ୍ଠାନର ବରିଷ୍ଠ କର୍ମକର୍ତ୍ତା ଓ ଅତିଥିଙ୍କୁ ସମ୍ମାନିତ କରାଯାଇଥିଲା। ଏହି ଅବସରରେ ମୁଖ୍ୟ ଅତିଥି ଆପଟ ନଦୀରେ ବୋଇତ ବନ୍ଦାଣ ଉତ୍ସବର ଇତିହାସ ଉପରେ ଆଲୋକପାତ କରିଥିଲେ। ଏଥିସହ ଯୁବପିଢ଼ି ଏହି ପରମ୍ପରାଙ୍କୁ ବଞ୍ଚାଇ ରଖିବା ଦିଗରେ ଆଗ୍ରହ ପ୍ରକାଶ କରିବାକୁ ସେ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମକୁ ଶିକ୍ଷାବିତ୍ ସୁରେନ୍ଦ୍ର କୁମାର ଖୁଣ୍ଟିଆ, ଦିଲୀପ କୁମାର ନାୟକ, ପ୍ରଶାନ୍ତ କୁମାର ନାୟକ, ଅଭିରାମ ଭୋଇ, ଦୁଃଶାସନ ପାତ୍ର, ରାଜେନ୍ଦ୍ର ସାହୁ, ଶରତ କୁମାର ବେହେରା ଓ ଦୀପକ କୁମାର ସାହୁଙ୍କ ଦ୍ୱାରା ସମ୍ପାଦନ କରାଯାଇଥିଲା।


**ROURKELA DEVELOPMENT AUTHORITY**
**UDITNAGAR, ROURKELA-769012**
**No.2588/RDA., dated 31.10.2025**
**PROCLAMATION**

**No.CAD-2176** : It is hereby informed to the General public that Barsharani Sahoo, W/o - Deepak Kumar Sahoo has applied for permission for transfer of House No.E-73, under Chhend Housing Project, Stage-I, Chhend Rourkela-15 in favour of Rambabu Sharma, S/o - Munilal Sharma. Anybody has got objection to the proposed transfer, he/she may file objection petition before the undersigned within 15 (fifteen) days from the date of publication of this proclamation. Objection petition shall not be entertained after expiry of the stipulated Period.

OIPR-
Sd./- Secretary
Rourkela Development Authority


# ଗୁରୁଦ୍ୱାରରେ ଗୁରୁ ନାନକ ଜୟନ୍ତୀ

ଭୁବନେଶ୍ୱର,୫।୧୧ (ସୌମ୍ୟରଞ୍ଜନ ରାଉତ)

କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ଶିଖ୍‌ମାନଙ୍କ ପ୍ରଥମ ଗୁରୁ ନାନକ ଦେବଙ୍କ ୫୫୬ତମ ଜୟନ୍ତୀ ଉତ୍ସବ ଖାରବେଳ ନଗରସ୍ଥିତ ଗୁରୁଦ୍ୱାରଠାରେ ବୁଧବାର ଅନୁଷ୍ଠିତ ହୋଇଯାଇଛଇ। ଶିଖ୍ ସମ୍ପ୍ରଦାୟର ଲୋକେ ଏହି ଦିନ ପ୍ରକାଶ ଉତ୍ସବ ବା ଗୁରୁ ପରବ ଭାବେ ପାଳନ କରିଥିଲେ। ଗୁରୁ ଗ୍ରନ୍ଥ ସାହେବରେ ଉଲ୍ଲିଖିତ ନାନକ ଦେବଙ୍କ ବାଣୀ ପାଠ କରାଯାଇଥିଲା। ଏଥିସହ ଦୀପ ଆଲୋକ ଉଜ୍ଜଳରେ ଗୁରୁଦ୍ୱାରରେ ଆଲୋକିତ ହୋଇ ଉଠିଥିଲା।


ବ୍ୟାଙ୍କ ଅଫ୍ ଇଣ୍ଡିଆ Bank of India BOI

**ବ୍ୟାଙ୍କ ଅଫ୍ ଇଣ୍ଡିଆ**
ଆଞ୍ଚଳିକ କାର୍ଯ୍ୟାଳୟ: କେନ୍ଦୁଝର ଅଞ୍ଚଳ, ସା.: କାଶୀପୁର, ପୋ.: ମାଣ୍ଡୁଆ, କେନ୍ଦୁଝର-୭୫୮୦୧୪

**ଇ-ନିଲାମ ବିକ୍ରୟ ବିଜ୍ଞପ୍ତି**
ସରଫେଶୀ ଆକ୍ଟ ୨୦୦୨ ଅନୁସାରେ ଇ-ନିଲାମ ବିକ୍ରୟ ବିଜ୍ଞପ୍ତି

ସିକ୍ୟୁରିଟାଇଜେସନ୍ ଆଣ୍ଡ୍ ରିକନଷ୍ଟ୍ରକସନ୍ ଅଫ୍ ଫାଇନାନ୍ସିଆଲ ଆସେଟ୍ସ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨(ସରଫେଶୀ ଆକ୍ଟ) ସହିତ ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ନିୟମ ୮(୬) ବ୍ୟବସ୍ଥା ଅନୁଯାୟୀ ସ୍ଥାବର ସମ୍ପତ୍ତିର ଇ-ନିଲାମ ବିକ୍ରୟ ତା.୨୫.୧୧.୨୦୨୫ରିଖ ପୂର୍ବାହ୍ନ ୧୦.୦୦ ଘଟିକା ଠାରୁ ଅପରାହ୍ନ ୦୫.୦୦ ଘଟିକା ଘଟିକା ପର୍ଯ୍ୟନ୍ତ ଅନୁଷ୍ଠିତ ହେବ।

**ବ୍ୟାଙ୍କ ଅଫ୍ ଇଣ୍ଡିଆର** କ୍ଷମତାପ୍ରାପ୍ତ ଅଧିକାରୀ ସିକ୍ୟୁରିଟାଇଜେସନ୍ ଆଣ୍ଡ୍ ରିକନଷ୍ଟ୍ରକସନ୍ ଅଫ୍ ଫାଇନାନ୍ସିଆଲ ଆସେଟ୍ସ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ଏବଂ ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ଧାରା ୧୩(୧୨) ସହିତ ନିୟମ ୮ ଓ ୯ ରେ ଦିଆଯାଇଥିବା କ୍ଷମତା ପ୍ରୟୋଗ କରି ଋଣଗ୍ରହୀତାମାନଙ୍କୁ ଡିମାଣ୍ଡ ନୋଟିସ୍ ଜାରି କରିଥିଲେ ଏବଂ କ୍ଷମତାପ୍ରାପ୍ତ ଅଧିକାରୀ ନିମ୍ନ ଦର୍ଶିତ ସମ୍ପତ୍ତିଗୁଡ଼ିକୁ ଦଖଲକୁ ନେଇଛନ୍ତି। କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା କଥିତ ରୁଲ୍ ୮ର ସବ୍-ରୁଲ୍ ୫ ଏବଂ ୬ ଅନୁଯାୟୀ **"ଯେଉଁଠାରେ ଯେପରି ଅଛି", "ଯାହା ଯେପରି ଅଛି"** ଏବଂ **"ସେଠାରେ ଯାହା ଅଛି"** ଭିତ୍ତିରେ ତା.୨୫.୧୧.୨୦୨୫ରିଖ ପୂର୍ବାହ୍ନ ୧୦.୦୦ଘଟିକା ରୁ ଅପରାହ୍ନ ୦୫.୦୦ ଘଟିକା ମଧ୍ୟରେ ଇ-ନିଲାମ ବିକ୍ରୟ ନିମନ୍ତେ ପ୍ରସ୍ତାବମାନ ଆହ୍ୱାନ କରାଯାଉଅଛି। ଏତଦ୍‌ଦ୍ୱାରା ସମୂହଭାବେ ସର୍ବସାଧାରଣ ଓ ଋଣଗ୍ରହୀତା, ବନ୍ଧକଦାତା ଏବଂ ଗ୍ୟାରେଣ୍ଟିଦାତାମାନଙ୍କୁ ଜଣାଇ ଦିଆଯାଉଅଛି କି ସରଫେଶୀ ଆକ୍ଟ, ୨୦୦୨ ର ନିୟମ ଏବଂ ସର୍ତ୍ତାବଳୀ ଅନୁଯାୟୀ ବ୍ୟାଙ୍କର ଋଣ ଆଦାୟକରଣ ନିମନ୍ତେ ନିମ୍ନଲିଖିତ ସମ୍ପତ୍ତିକୁ ଇ-ନିଲାମ ମାଧ୍ୟମରେ ବିକ୍ରୟ କରାଯିବ।

**ଇ-ନିଲାମ ତାରିଖ ଓ ସମୟ: ୨୫.୧୧.୨୦୨୫** ପୂର୍ବାହ୍ନ ୧୦.୦୦ ଘ. ଠାରୁ ଅପରାହ୍ନ ୫.୦୦ ଘ. ପ୍ରତ୍ୟେକଙ୍କ ପାଇଁ ୧୦ମି. ଅସୀମିତ ବର୍ଦ୍ଧିତ ସମୟ ସହିତ

**ଅମାନତ ଜମା ଏବଂ କାଗଜାତ୍ ଦାଖଲର ଅନ୍ତିମ ତାରିଖ: ୧୭.୧୧.୨୦୨୫ ରୁ ୨୫.୧୧.୨୦୨୫** ପୂର୍ବାହ୍ନ ୧୦.୦୦ ଘଟିକା ଠାରୁ ଅପରାହ୍ନ ୨.୦୦ ଘଟିକା

ସମ୍ପତ୍ତି ତନଖି କରିବାର ସମୟ : ୧୭.୧୧.୨୦୨୫ ରୁ ୨୪.୧୧.୨୦୨୫ ପୂର୍ବାହ୍ନ ୧୦.୦୦ ଘଟିକାରୁ ଅପରାହ୍ନ ୪.୦୦ ଘଟିକା ମଧ୍ୟରେ
**ସମ୍ପତ୍ତି ତନଖି ପାଇଁ ସମ୍ପୃକ୍ତ ଶାଖା ମୁଖ୍ୟ କିମ୍ବା ରିକଭରୀ ଡିପାର୍ଟମେଣ୍ଟ, ଆଞ୍ଚଳିକ କାର୍ଯ୍ୟାଳୟ, କେନ୍ଦୁଝର (ଡୁବୁରି ଶାଖା ପ୍ରବନ୍ଧକ: ୮୦୧୮୫୩୦୦୨୩, କ୍ଷମତାପ୍ରାପ୍ତ ଅଧିକାରୀ ମୋ.: ୯୪୩୮୯୧୨୭୨୬, ଆଞ୍ଚଳିକ କାର୍ଯ୍ୟାଳୟ, କେନ୍ଦୁଝର, ରିକଭରୀ ଡିପାର୍ଟମେଣ୍ଟ, ମୋ.: ୯୧୦୧୫୦୮୦୧୯) ସହ ଯୋଗାଯୋଗ କରନ୍ତୁ**

| କ୍ର. ନଂ. | ଡୁବୁରି ଶାଖା / ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାଙ୍କ ନାମ ଓ ଠିକଣା / ମୋଟ ବକେୟା ରାଶି | ସମ୍ପତ୍ତିର ବିବରଣୀ | ସଂରକ୍ଷିତ ମୂଲ୍ୟ / ଅମାନତ ରାଶି / ଦଖଲ ପ୍ରକାର |
|---|---|---|---|
| ୧. | **ଋଣଗ୍ରହୀତା: ଶ୍ରୀ ଶ୍ରୀକାନ୍ତ ସେଠୀ,** ପିତା: ଶ୍ରୀ କୁଳମଣି ସେଠୀ, ସା.: ଆମ୍ପୋର, ପୋ.:ଜଳସୁଆଁ ପାଟଣା, ଭାୟା: କୁଶଳେଶ୍ୱର, ଜିଲ୍ଲା: ଯାଜପୁର-୭୫୫୦୨୫ / **ଗ୍ୟାରେଣ୍ଟିଦାତା: ଶ୍ରୀ ରତ୍ନାକର ମହାରଣା,** ପିତା: ଶ୍ରୀ ଚୈତନ୍ୟ ମହାରଣା, ସା.: ଟୋଲକାନୀ, ପୋ.:ଚିତାରି, ଭାୟା: ଜେ.କେ. ରୋଡ୍, ଜିଲ୍ଲା: ଯାଜପୁର-୭୫୫୦୨୫ / **ମୋଟ ବକେୟାରାଶି: ତା.୨୦.୦୯.୨୦୧୬ରିଖ ସୁଦ୍ଧା ଟ.୩,୨୪,୩୫୮/-** + ପରବର୍ତ୍ତୀ ସୁଧ, ଆଇନଗତ ଦେୟ ଏବଂ ଆନୁସଙ୍ଗିକ ଖର୍ଚ୍ଚ | **ଶ୍ରୀ ଶ୍ରୀକାନ୍ତ ସେଠୀ**ଙ୍କ ନାମରେ ଥିବା ଜମି ଏବଂ ଗୃହର ସମସ୍ତ ଅଂଶବିଶେଷ ଯାହାର ଖାତା ନଂ.: ୪୭୭/୨୨, ପ୍ଲଟ୍ ନଂ.:୬୭୦, କ୍ଷେତ୍ର: ଏକର ୦.୦୫ ଡିସିମିଲି, କିସମ: ଘରବାରୀ,ମୌଜା: ଆମ୍ପୋର, ଥାନା: ଟମକା, ଏସ୍‌ଆରଓ: ସୁକିନ୍ଦା,ତହସିଲ: ସୁକିନ୍ଦା, ଜିଲ୍ଲା: ଯାଜପୁର, ଏହାର ଚରିପାର୍ଶ୍ୱ ରେଉତ୍ତର: କୀର୍ତ୍ତନ ମହାପାତ୍ର, ଦକ୍ଷିଣ: ପାଣ୍ଡୁ ସେଠୀ, ପୂର୍ବ: କୀର୍ତ୍ତନମହାପାତ୍ର, ପଶ୍ଚିମ: ପାଣ୍ଡୁ ସେଠୀ | ଟ.୬,୮୧,୨୧୦/- / ଟ.୬୮,୧୨୧/- / ସାଙ୍କେତିକ |

**ଇ-ନିଲାମର ନିୟମ ଓ ସର୍ତ୍ତାବଳୀ :**
ବିକ୍ରୟ ନୋଟିସ୍‌ରେ ବିକ୍ରୟର ସାଧାରଣ ନିୟମ ଏବଂ ସର୍ତ୍ତାବଳୀ ୱେବ୍‌ସାଇଟ୍: **https://baanknet.com / https://ebkray.in** ରେ ଉପଲବ୍ଧ ଏବଂ ପ୍ରକାଶିତ। ଇ-ନିଲାମ ସମୟରେ କିମ୍ବା ପୂର୍ବରୁ କୌଣସି ଅସୁବିଧା କିମ୍ବା ସହାୟତା ନିମନ୍ତେ ଇ-ନିଲାମ ସେବାପ୍ରଦାନକାରୀ **(https://baanknet.com / https://ebkray.in)** ଙ୍କ କ୍ଷମତାପ୍ରାପ୍ତ ପ୍ରତିନିଧିଙ୍କ ସହ ଯୋଗାଯୋଗ କରିପାରିବେ। ଯାହାର ସବିଶେଷ ବିବରଣୀ ଇ-ନିଲାମ ପୋର୍ଟାଲରେ ଉପଲବ୍ଧ।

**ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା/ବନ୍ଧକଦାତା(ମାନ)ଙ୍କୁ ୧୫ ଦିନିଆ ଇ-ନିଲାମ ବିକ୍ରୟ ନୋଟିସ୍**
ଉପରୋକ୍ତ ଋଣ ଆକାଉଣ୍ଟର ଋଣଗ୍ରହୀତା / ଗ୍ୟାରେଣ୍ଟିଦାତା/ବନ୍ଧକଦାତାମାନଙ୍କୁ ଏହା ଏକ **୧୫ ଦିନିଆ ନୋଟିସ୍** କି ସେମାନେ ସେମାନଙ୍କର ଉପରଦର୍ଶିତ ଋଣ ଆକାଉଣ୍ଟକୁ ଫଏସଲା କରନ୍ତୁ ଅନ୍ୟଥା ସେମାନଙ୍କର ସମ୍ପତ୍ତି ଉପରଦର୍ଶିତ ତାରିଖରେ ବିକ୍ରୟ କରାଯାଇ ବ୍ୟାଙ୍କ ଦେୟ ଆଦାୟ କରାଯିବ ।

**ସ୍ଥାନ : କେନ୍ଦୁଝର, ତାରିଖ : ୦୬.୧୧.୨୦୨୫** — **କ୍ଷମତାପ୍ରାପ୍ତ ଅଧିକାରୀ, ବ୍ୟାଙ୍କ ଅଫ୍ ଇଣ୍ଡିଆ**


# 'ଲୋକକଳା, ପରମ୍ପରା ମନେପକାଇବାକୁ ବାରଙ୍ଗ ମହୋତ୍ସବ ମୁଖ୍ୟ ଆୟୁଧ'



ଚୂଡ଼ଙ୍ଗଗଡ଼ ବାରଙ୍ଗ ମହୋତ୍ସବର ଗୁରୁବାର ଦ୍ୱିତୀୟ ସନ୍ଧ୍ୟାରେ ଯୋଗଦେଇଥିବା ଅତିଥିମାନେ।

ବାରଙ୍ଗ/ତ୍ରିଶୂଳିଆ, ୬।୧୧
(ଲିଙ୍ଗରାଜ ରାଉତ/ ତୁଷାରକାନ୍ତ ବେହେରା)

## ଚୂଡ଼ଙ୍ଗଗଡ଼ ବାରଙ୍ଗ ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା

ବାରଙ୍ଗର ଐତିହ୍ୟ ଚୂଡ଼ଙ୍ଗଗଡ଼ ଅଷ୍ଟମ ବାର୍ଷିକ ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟାରେ ମୁଖ୍ୟ ଅତିଥିଭାବେ ସାମାଜିକ କର୍ମୀ ତଥା ନାରୀନେତ୍ରୀ ଶ୍ରୀମୟୀ ମିଶ୍ର ଯୋଗଦେଇ ମହୋତ୍ସବ କେବଳ ନୃତ୍ୟ ଗୀତର ଆସର ନୁହେଁ, ଅଞ୍ଚଳର ଲୋକକଳା, ପରମ୍ପରା ଓ କାହାଣୀକୁ ମନେପକାଇବା ପାଇଁ ବାରଙ୍ଗ ମହୋତ୍ସବ ମୁଖ୍ୟ ଆୟୁଧ ସାଜିଛି ବୋଲି କହିଛନ୍ତି। ମହୋତ୍ସବ କମିଟି ସଭାପତି ତୁଷାରକାନ୍ତ ଚକ୍ରବର୍ତ୍ତୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଓଡ଼ିଶା ଭାଷା ଉତ୍କର୍ଷ କେନ୍ଦ୍ର ଶିକ୍ଷା ନିର୍ଦ୍ଦେଶାଳୟର ପୂର୍ବତନ ନିର୍ଦ୍ଦେଶକ ପ୍ରଫେସର ବସନ୍ତ କୁମାର ପଣ୍ଡା, ବିଡିଓ ସ୍ୱାଗତ ଦାସ, ଅମରେନ୍ଦ୍ର ମହାପାତ୍ର, ପ୍ରଶାନ୍ତ ସାମଲ, ପ୍ରମୋଦ ବିଶୋଇ, ଜଗନ୍ନାଥ ପରିଡ଼ା, ଅରୁଣ ସାହୁ, ଦୀପକ ସ୍ୱାଇଁ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ବୀରମାଟି ବାରଙ୍ଗ ଅଞ୍ଚଳ ସାଂସ୍କୃତିକ ପ୍ରାଣକେନ୍ଦ୍ର ପ୍ରାଚୀନଦୀର ଅବବାହିକା ବାଣିଜ୍ୟ ପାଇଁ ଏଠାରୁ ଯାଉଥିଲେ। ତାକୁ ଆମେ ଭୁଲି ଯାଇଛୁ। ବାରଙ୍ଗ ଇତିହାସ ଆଜି ସେହି ପୁରୁଣା ସ୍ମୃତିକୁ ମନେପକାଇବା ପାଇଁ ମହୋତ୍ସବ କମିଟି ପକ୍ଷରୁ କରାଯାଇଥିବା ଏହି ଉଦ୍ୟମ ପ୍ରଶଂସନୀୟ ବୋଲି ଅତିଥିମାନେ ନିଜ ବକ୍ତବ୍ୟରେ କହିଛନ୍ତି। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ପ୍ରତିଭାବାନ ବ୍ୟକ୍ତିବିଶେଷଙ୍କୁ ସମ୍ମାନିତ କରାଯାଇଥିଲା। ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟାରେ ପ୍ରବଳ ଜନସମାଗମ ଦେଖିବାକୁ ମିଳିଥିଲା। କଳାକାରମାନଙ୍କ ଦ୍ୱାରା ଡାଲଖାଇ ଗୀତ, ଆଧୁନିକ ଓ ଦେଶାତ୍ମବୋଧକ ଗୀତ ଏବଂ ନୃତ୍ୟ ପରିବେଷଣ କରାଯାଇଥିଲା, ଯାହାକୁ ଦର୍ଶକମାନେ ମନଭରି ଉପଭୋଗ କରିଥିଲେ। ଶେଷରେ ଲୋକପ୍ରିୟ କଣ୍ଠଶିଳ୍ପୀ ଅସୀମା ପଣ୍ଡା ଓ ତାଙ୍କ ଗ୍ରୁପଙ୍କ ଦ୍ୱାରା ଆୟୋଜିତ ମେଲୋଡି କାର୍ଯ୍ୟକ୍ରମରେ ଦର୍ଶକମାନେ ଝୁମିଥିଲେ। ଏଥିସହ ମହୋତ୍ସବରେ ପଡ଼ିଥିବା ଚଟ୍‌ପଟା ଖାଦ୍ୟ, କିଣାବିକାର ପସରା ସାଙ୍ଗକୁ ବିଭିନ୍ନ ଦୋଳିର ମଜା ଦର୍ଶକମାନେ ଉଠାଇଥିଲେ। ପ୍ରତାପ ମଣ୍ଡଳ, ଭୂପତି ଭୂଷଣ ପାଣି, ସୁନୀଲ ସ୍ୱାଇଁ, ବାଙ୍କ ବିହାରୀ ମାଝୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।







ପଣ୍ଡିତ ନୀଳକଣ୍ଠ ଦାସଙ୍କ ଶ୍ରାଦ୍ଧ ଉତ୍ସବ ପାଳନ ଅବସରରେ ଗୁରୁବାର ରବୀନ୍ଦ୍ର ମଣ୍ଡପ ସମ୍ମୁଖରେ ଥିବା ତାଙ୍କ ପ୍ରତିମୂର୍ତ୍ତିରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଏବଂ ଉତ୍କଳ ସମ୍ମିଳନୀ ପକ୍ଷରୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଉଛି।


इंडियन बैंक Indian Bank इलाहाबाद ALLAHABAD

**ଆଞ୍ଚଳିକ କାର୍ଯ୍ୟାଳୟ, କଟକ**
ସା: ପ୍ଲଟ୍ ନଂ.: ସି/୯, ସେକ୍ଟର - ୬, ସିଡ଼ିଏ, ପୋ.: ମର୍କତ ନଗର, କଟକ - ୭୫୩୦୧୪
ଇ-ମେଲ: zocuttack@indianbank.co.in

**ଇ-ନିଲାମ ବିକ୍ରୟ ବିଜ୍ଞପ୍ତି**
{ସମ୍ପତ୍ତିଗୁଡ଼ିକର ବିକ୍ରୟ ନିମନ୍ତେ ସରଫେଶୀ ଆକ୍ଟ, ୨୦୦୨ର ରୁଲ୍ ୬(୨) ଏବଂ ୮(୬) ବ୍ୟବସ୍ଥା ଅନୁଯାୟୀ ବିକ୍ରୟ ନୋଟିସ୍}

ସିକ୍ୟୁରିଟାଇଜେସନ ଆଣ୍ଡ ରିକନଷ୍ଟ୍ରକ୍‌ସନ୍ ଅଫ୍ ଫାଇନାନ୍ସିଆଲ ଆସେଟ୍‌ସ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ (ସରଫେଶୀ) ଆକ୍ଟ, ୨୦୦୨ (୨୦୦୨ର ନଂ.୫୪) ଅନୁଯାୟୀ ବ୍ୟାଙ୍କକୁ ବନ୍ଧକ ଦିଆଯାଇଥିବା ସ୍ଥାବର ସମ୍ପତ୍ତିଗୁଡ଼ିକର ବିକ୍ରୟ

**ଇଣ୍ଡିଆନ୍ ବ୍ୟାଙ୍କ**ର କ୍ଷମତାପ୍ରାପ୍ତ ଅଧିକାରୀ ସିକ୍ୟୁରିଟାଇଜେସନ ଆଣ୍ଡ ରିକନଷ୍ଟ୍ରକ୍‌ସନ୍ ଅଫ୍ ଫାଇନାନ୍ସିଆଲ ଆସେଟ୍ସ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ଏବଂ ଧାରା ୧୩(୨) ଅନୁସାରେ ଜାରି କରାଯାଇଥିବା ନୋଟିସ୍ ଅନୁଯାୟୀ ନିମ୍ନରେ ଦର୍ଶିତ ଋଣ ଆକାଉଣ୍ଟଗୁଡ଼ିକର ନିମ୍ନଦର୍ଶିତ ସମ୍ପତ୍ତିଗୁଡ଼ିକୁ ଦଖଲକୁ ନେଇ ନିମ୍ନରେ ଦର୍ଶାଯାଇଥିବା ବ୍ୟାଙ୍କର ଦେୟ ସହିତସୁଧ ଆଦାୟକରଣ ପାଇଁ "ଯେଉଁଠାରେ ଯେପରି ଅଛି, ଯାହା ଯେପରି ଅଛି" ଭିତ୍ତିରେ ବିକ୍ରୟ କରିବାର ଅଧିକାର ରଖିଛନ୍ତି ଏବଂ ଯେହେତୁ ଋଣଗ୍ରହୀତାମାନେ ବ୍ୟାଙ୍କର ଦେୟ ପୈଠ କରିବାରେ ବିଫଳ ହୋଇଛନ୍ତି ନିମ୍ନସ୍ୱାକ୍ଷରକାରୀ କଥିତ ଆକ୍ଟର ଧାରା ୧୩(୪) ପ୍ରୟୋଗ କରି ବ୍ୟାଙ୍କର ଦେୟ ଆଦାୟ କରିବା ପାଇଁ ବିକ୍ରୟ ପ୍ରସ୍ତାବ ରଖିଛନ୍ତି। **ନିମ୍ନ ସ୍ୱାକ୍ଷରକାରୀଙ୍କ ଦ୍ୱାରା ବିକ୍ରୟ ହେବାକୁ** ଥିବାସମ୍ପତ୍ତିର ଇ-ନିଲାମ ପ୍ଲାଟଫର୍ମ ୱେବସାଇଟ୍ : **https://www.ebkray.in/baanknet.com**

| କ୍ର. ନଂ. | ଶାଖା / ଋଣଗ୍ରହୀତା/ ଗ୍ୟାରେଣ୍ଟିଦାତା/ ବନ୍ଧକଦାତାମାନଙ୍କ ନାମ ଏବଂ ଠିକଣା | ସ୍ଥାବର ସମ୍ପତ୍ତିଗୁଡ଼ିକର ବିବରଣୀ | ଡିମାଣ୍ଡ ନୋଟିସ୍ ତାରିଖ / ଦଖଲ ତାରିଖ /ବକେୟା ପରିମାଣ /ଦଖଲର ପ୍ରକାର | ସଂରକ୍ଷିତ ମୂଲ୍ୟ / ଅମାନତ ରାଶି / ବିଡ୍ ବୃଦ୍ଧି ପରିମାଣ |
|---|---|---|---|---|
| ୧. | **କଟକ ନୟାସଡକ ଶାଖା/ ଋଣଗ୍ରହୀତା: ମେସର୍ସ ଭାରତ ଟ୍ରାନ୍ସପୋର୍ଟ ଆଣ୍ଡ ମିନେରାଲ୍ସ, ସ୍ୱତ୍ୱାଧିକାରୀ: ମିର୍ଜା ଆକୁବ ଅଲ୍ଲି ବେଗ୍, ପଞ୍ଜିକୃତ କାର୍ଯ୍ୟାଳୟ:** ସା: ଯୋବ୍ରା ମେନ୍ ରୋଡ୍, ଦାସ ସାହି, ଗୀତା ମେମୋରିଆଲ ହସ୍ପିଟାଲ ସମ୍ମୁଖ, ପୋ.: କଲେଜ ସ୍କୋୟାର, କଟକ-୭୫୩୦୦୩ / **ଋଣଗ୍ରହୀତା ଏବଂ ବନ୍ଧକଦାତା: ମିର୍ଜା ଆକୁବ ଅଲ୍ଲି ବେଗ୍,** ପିତା: ମିର୍ଜା ଅଫସର ଅଲ୍ଲି ବେଗ୍ / **ଗ୍ୟାରେଣ୍ଟିଦାତା: ମିର୍ଜା ଅଫସର ଅଲ୍ଲି ବେଗ୍,** ପିତା: ୰ ମିର୍ଜା ଅହମ୍ମଦ ଅଲ୍ଲି ବେଗ୍, ଉଭୟଙ୍କ ଠିକଣା- ସା: ଯୋବ୍ରା ମେନ୍ ରୋଡ୍, ଦାସ ସାହି, ଗୀତା ମେମୋରିଆଲ ହସ୍ପିଟାଲ ସମ୍ମୁଖ, ପୋ.: କଲେଜ ସ୍କୋୟାର, କଟକ-୭୫୩୦୦୩ | **ମିର୍ଜା ଅଫସର ଅଲ୍ଲି ବେଗ୍,** ପିତା: ୰ ମିର୍ଜା ଅହମ୍ମଦ ଅଲ୍ଲି ବେଗ୍‌ଙ୍କ ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ୍ ନଂ.: ୮୨୪/୧୪୪୪, ଖାତା ନଂ.: ୧୪, କ୍ଷେତ୍ର: ଏକର୦.୦୪୦ ଡିସିମିଲି, ମୌଜା: କଟକ ଟାଉନ ୟୁନିଟ୍ ନଂ.: ୨୫, ସା: ଯୋବ୍ରା-୧, ଚୁନାଭାଟି ରୋଡ୍, ଥାନା: ମାଲଗୋଦାମ ନଂ.: ୨, ତହସିଲ: କଟକ ନଂ.: ୨୩୮, ଜିଲ୍ଲା: କଟକ, ଓଡ଼ିଶା, ଏହାର ଚାରିପାର୍ଶ୍ୱରେ ଉତ୍ତର: ପୂର୍ଣ୍ଣ ଚନ୍ଦ୍ର ସାହୁ ଏବଂ ରାସ୍ତା, ଦକ୍ଷିଣ: ମିର୍ଜା ଅଖତାର ଅଲ୍ଲି, ପୂର୍ବ: ମନସୁର ଖାନ୍, ପଶ୍ଚିମ: ପୂର୍ଣ୍ଣ ଚନ୍ଦ୍ର ସାହୁ / **ସମ୍ପତ୍ତି ଆଇଡି: ALLA200008931858** | ୨୯.୦୭.୨୦୧୭ / ୧୨.୧୦.୨୦୧୭ / ୦୬.୧୧.୨୦୨୫ ସୁଦ୍ଧା ଟ.୨,୫୦,୪୧,୫୮୫/- ପରିଶୋଧ ତାରିଖ ପର୍ଯ୍ୟନ୍ତ ପ୍ରଯୁଜ୍ୟ ହାରରେ ପରବର୍ତ୍ତୀ ସୁଧ, ଆନୁସଙ୍ଗିକ ଖର୍ଚ୍ଚ ଏବଂ ଅନ୍ୟାନ୍ୟ ଦେୟ / ଗଠନ୍ମାତକ (ସାଙ୍କେତିକ) | ଟ.୬୫,୧୬,୦୦୦/- / ଟ.୬,୫୧,୬୦୦/- / ଟ.୫୦,୦୦୦/- |

**ଇ-ନିଲାମ ତାରିଖ ଏବଂ ସମୟ: ୨୫.୧୧.୨୦୨୫ (ମଙ୍ଗଳବାର), ପୂର୍ବାହ୍ନ ୧୧.୦୦ ଘଟିକାରୁ ଅପରାହ୍ନ ୫.୦୦ ଘଟିକା**

**ଅମାନତ ରାଶି ଓ କାଗଜାତ୍ ଦାଖଲର ଅନ୍ତିମ ତାରିଖ ଏବଂ ସମୟ : ତା.୨୪.୧୧.୨୦୨୫ରିଖ ରାତ୍ର ୧୧.୫୫ ଘଟିକା ପର୍ଯ୍ୟନ୍ତ (ଅନ୍‌ଲାଇନ୍‌ରେ) ଅର୍ଥାତ ପୋର୍ଟାଲରେ ଦର୍ଶିତ ନିଲାମ ତାରିଖ ଓ ସମୟ ପୂର୍ବରୁ**

**ସମ୍ପତ୍ତିଗୁଡିକୁ ତନଖି କରିବାର ତାରିଖ ଏବଂ ସମୟ: ତା.୧୦.୧୧.୨୦୨୫ରିଖ ଠାରୁ ତା.୧୮.୧୧.୨୦୨୫ରିଖ ପୂର୍ବାହ୍ନ ୧୧.୦୦ଘଟିକା ରୁ ଅପରାହ୍ନ ୪.୦୦ଘଟିକା ମଧ୍ୟରେ (ବ୍ୟାଙ୍କର ପୂର୍ବ ଅନୁମତି ସହିତ) ନିଜ ଖର୍ଚ୍ଚରେ**

**ନିୟମ ଓ ସର୍ତ୍ତାବଳୀ :** ୧) ବିକ୍ରୟର ସବିଶେଷ ନିୟମ ଏବଂ ସର୍ତ୍ତାବଳୀ ନିମନ୍ତେ ଲିଙ୍କ: **https://www.ebkray.in/baanknet.com** ଦେଖନ୍ତୁ। ସମ୍ଭାବ୍ୟ ନିଲାମଧାରୀମାନେ କ୍ଷମତାପ୍ରାପ୍ତ ଅଧିକାରୀ/ଶାଖାରେ ଯୋଗାଯୋଗ କରିପାରିବେ। ୨) ଉପରୋକ୍ତ ଋଣ ଆକାଉଣ୍ଟର ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା/ବନ୍ଧକଦାତାମାନଙ୍କୁ ଉପର ଦର୍ଶିତ ତାରିଖରେ ଇ-ନିଲାମ ବିକ୍ରୟ ଅନୁଷ୍ଠିତ ହେବା ପାଇଁ **୧୫ଦିନିଆ** ନୋଟିସ୍ ଅଟେ। ୩) ସଫଳ ନିଲାମଧାରୀ ସମସ୍ତ ଖର୍ଚ୍ଚ ଯଥା- ଷ୍ଟାମ୍ପ ଡ୍ୟୁଟି, ବିକ୍ରୟ ସାର୍ଟିଫିକେଟ୍ ରେଜିଷ୍ଟ୍ରେସନ୍ ଯଦି ଥାଏ ତାହା ବହନ କରିବେ। ୪) କ୍ଷମତାପ୍ରାପ୍ତ ଅଧିକାରୀ ବିକ୍ରୟ କରାଯିବାକୁ ଥିବା ସମ୍ପତ୍ତି ସମ୍ବନ୍ଧୀୟ କୌଣସି ଦେୟ, ଲିୟନ, ଏନ୍‌କମ୍ବ୍ରାନ୍ସ, ସମ୍ପତ୍ତି ଟିକସ, ସରକାର କିମ୍ବା ଅନ୍ୟ କୌଣସି ସଂସ୍ଥାକୁ ଥିବା ଦେୟ ନିମନ୍ତେ ଦାୟୀ ରହିବେ ନାହିଁ। ୫) କ୍ଷମତାପ୍ରାପ୍ତ ଅଧିକାରୀ କୌଣସି କାରଣ ନଦର୍ଶାଇ କୌଣସି ବିଡ୍‌କୁ ଗ୍ରହଣ କିମ୍ବା ବାତିଲ କିମ୍ବା ବିକ୍ରୟ ସ୍ଥଗିତ/ବାତିଲ କରିବାର ସମ୍ପୂର୍ଣ୍ଣ ଅଧିକାରୀ ରହିଛି। ଦ୍ରଷ୍ଟବ୍ୟ ଏହିକି ଏହି ନୋଟିସ୍ ଉପରୋକ୍ତ ସମ୍ପତ୍ତି ବିକ୍ରୟ କରିବାକୁ ବ୍ୟାଙ୍କ ଦ୍ୱାରା କୌଣସି ପ୍ରତିଶ୍ରୁତି କିମ୍ବା ପ୍ରତିନିଧିତ୍ୱ ପ୍ରଦାନ କରାଯାଉନାହିଁ।

**ଉପରୋକ୍ତ ନୋଟିସ୍‌କୁ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ ର ରୁଲ ୯(୧) ଅନୁଯାୟୀ ୧୫ ଦିନିଆ ବୈଧାନିକ ନୋଟିସ୍ ବୋଲି ବିବେଚନା କରାଯିବ।**
ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା/ବନ୍ଧକଦାତାମାନଙ୍କୁ ଏତଦ୍‌ଦ୍ୱାରା ଜଣାଇଦିଆଯାଉଛି କି ସେମାନେ ଇ-ନିଲାମ ପୂର୍ବରୁ ବର୍ତ୍ତମାନ ସୁଦ୍ଧା ସୁଧ ଓ ଖର୍ଚ୍ଚ ସହିତ ମୋଟ୍ ଦେୟ ପୈଠ କରନ୍ତୁ ଅନ୍ୟଥା ସମ୍ପତ୍ତିନିଲାମ ବିକ୍ରୟ କରାଯିବ ଏବଂ ଯଦି କିଛି ବକେୟା ରହିଯାଏ ତେବେ ସୁଧ ଓ ଖର୍ଚ୍ଚ ସହିତ ଆଦାୟ କରାଯିବ।

**ସ୍ଥାନ: କଟକ, ତାରିଖ: ୦୬.୧୧.୨୦୨୫** — **ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, ଇଣ୍ଡିଆନ୍ ବ୍ୟାଙ୍କ**

## ୫୦ ହଜାରରୁ ଊର୍ଦ୍ଧ୍ୱ ଟଙ୍କାର ବାଣ ଜବତ

ଚୌଦ୍ୱାର,(ଆଶୁତୋଷ ଦାସ): କାର୍ତ୍ତିକ ପୂର୍ଣ୍ଣିମୀ ପାଇଁ ଡଙ୍ଗା ସହିତ ବାଣ ବିକ୍ରି କରୁଥିବା ଏକ ଦୋକାନରେ ଚୌଦ୍ୱାର ପୋଲିସ ମଙ୍ଗଳବାର ରାତିରେ ଚଢ଼ାଉ କରି ବିପୁଳ ପରିମାଣର ବାଣ ଜବତ କରିଛି । ମିଳିଥିବା ସୂଚନା ଅନୁଯାୟୀ, କଳିଙ୍ଗ ଛକ ନିକଟରେ ଡଙ୍ଗା ବିକ୍ରୟ କରିବା ବାହାନାରେ ବହୁ ଦାମୀ ବାଣ ବିକ୍ରୟ ହେଉଥିବା ପୋଲିସ କୌଣସି ସୂତ୍ରରୁ ଖବର ପାଇ ଚଢ଼ାଉ କରିଥିଲା । ଦୋକାନରୁ ପ୍ରାୟ ୫୦ ହଜାରରୁ ଊର୍ଦ୍ଧ୍ୱ ଟଙ୍କାର ବାଣ ଜବତ କରିଥିବା ଜଣାପଡିଛି ।

# ମା' ଚର୍ଚ୍ଚିକାଙ୍କ ପୀଠରେ ବିଶ୍ୱଶାନ୍ତି ମହାଯଜ୍ଞ ଉଦ୍‌ଯାପିତ



**ବାଙ୍କୀ,୬।୧୧(ଜ୍ଞାନେନ୍ଦ୍ର ମୋହନ ମିଶ୍ର):** ବାଙ୍କୀର ଇଷ୍ଟଦେବୀ ମା' ଚର୍ଚ୍ଚିକାଙ୍କ ପୀଠରେ ୫ ଦିନ ବ୍ୟାପି ଚାଲିଥିବା ବିଶ୍ୱଶାନ୍ତି ମହାଯଜ୍ଞ ବୁଧବାର ଉଦ୍‌ଯାପିତ ହୋଇଯାଇଛି । ଏହି ଅବସରରେ ପୂର୍ବତନ ବିଧାୟକ ପ୍ରଭାତ କୁମାର ତ୍ରିପାଠୀ ଯୋଗଦେଇ ପୂର୍ଣ୍ଣାହୁତି କାର୍ଯ୍ୟକ୍ରମକୁ ସମାପନ କରିଛନ୍ତି । ମନ୍ଦିର ପରିଚାଳନା କମିଟି ସଭାପତି ସନ୍ତୋଷ କୁମାର ରଣା ଓ ସମ୍ପାଦକ ନୀଳମଣି ମହାପାତ୍ରଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅତିଥିଭାବେ ପୂର୍ବତନ ବିଧାୟକ ଡ. ଦେବାଶିଷ ପଟ୍ଟନାୟକ, ଭାଜପା ବିଧାୟକ ପ୍ରାର୍ଥୀ ତୁଷାରକାନ୍ତ ଚକ୍ରବର୍ତ୍ତୀ, ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଶୁଭ୍ରାଂଶୁ ମୋହନ ପାଢୀ, ବରିଷ୍ଠ କଂଗ୍ରେସ ନେତା ମାନସ ଚୌଧୁରୀ ପ୍ରମୁଖ ଯୋଗଦେଇଥିଲେ । କାଳନ୍ଦୀ ଚରଣ ମହାପାତ୍ର, ପ୍ରତାପ ଚନ୍ଦ୍ର ମହାପାତ୍ର, ପ୍ରଶାନ୍ତ ମହାପାତ୍ର, ବେଣୁଧର ରଣା, ବିଜୟ ରଣା, ସୁଧୀର ରଣା, ବିଦ୍ୟାଧର ରଣା, ସୁଶାନ୍ତ ମହାପାତ୍ରଙ୍କ ସମେତ ମନ୍ଦିର ସାହିର ସମସ୍ତ ସେବାୟତ ଉପସ୍ଥିତ ରହି ଯଜ୍ଞ କାର୍ଯ୍ୟରେ ସହଯୋଗ କରିଥିଲେ ।

**ROURKELA DEVELOPMENT AUTHORITY**
**UDITNAGAR, ROURKELA-769012**
**No.2588/RDA., dated 31.10.2025**
**PROCLAMATION**

**No.CAD-2176** : It is hereby informed to the General public that Barsharani Sahoo, W/o - Deepak Kumar Sahoo has applied for permission for transfer of House No.E-73, under Chhend Housing Project, Stage-I, Chhend Rourkela-15 in favour of Rambabu Sharma, S/o - Munilal Sharma. Anybody has got objection to the proposed transfer, he/she may file objection petition before the undersigned within 15 (fifteen) days from the date of publication of this proclamation. Objection petition shall not be entertained after expiry of the stipulated Period.

OIPR-
Sd./- Secretary
Rourkela Development Authority

# 'ଲୋକକଳା, ପରମ୍ପରା ମନେପକାଇବାକୁ ବାରଙ୍ଗ ମହୋତ୍ସବ ମୁଖ୍ୟ ଆୟୁଧ'



ଚୂଡ଼ଙ୍ଗଗଡ଼ ମହୋତ୍ସବରେ କୃତୀ ପ୍ରତିଯୋଗୀଙ୍କୁ ମୁଖ୍ୟ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଉଛି ।

### ଚୂଡ଼ଙ୍ଗଗଡ଼ ବାରଙ୍ଗ ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା

**ବାରଙ୍ଗ/ତ୍ରିଶୂଳିଆ,୬।୧୧(ଲିଙ୍ଗରାଜ ରାଉତ/ତୁଷାରକାନ୍ତ ବେହେରା):** ବାରଙ୍ଗର ଐତିହ୍ୟ ଚୂଡ଼ଙ୍ଗଗଡ଼ ଅଷ୍ଟମ ବାର୍ଷିକ ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟାରେ ମୁଖ୍ୟ ଅତିଥିଭାବେ ସାମାଜିକ କର୍ମୀ ତଥା ନାରୀନେତ୍ରୀ ଶ୍ରୀମୟୀ ମିଶ୍ର ଯୋଗଦେଇ ମହୋତ୍ସବ କେବଳ ନୃତ୍ୟ ଗୀତର ଆସର ନୁହେଁ, ଅଞ୍ଚଳର ଲୋକକଳା, ପରମ୍ପରା ଓ କାହାଣୀକୁ ମନେପକାଇବା ପାଇଁ ବାରଙ୍ଗ ମହୋତ୍ସବ ମୁଖ୍ୟ ଆୟୁଧ ସାଜିଛି ବୋଲି କହିଛନ୍ତି । ମହୋତ୍ସବ କମିଟି ସଭାପତି ତୁଷାରକାନ୍ତ ଚକ୍ରବର୍ତ୍ତୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଓଡ଼ିଶା ଭାଷା ଉତ୍କର୍ଷ କେନ୍ଦ୍ର ଶିକ୍ଷା ନିର୍ଦ୍ଦେଶାଳୟର ପୂର୍ବତନ ନିର୍ଦ୍ଦେଶକ ପ୍ରଫେସର ବସନ୍ତ କୁମାର ପଣ୍ଡା, ବିଡିଓ ସ୍ୱାଗତ ଦାସ, ଅମରେନ୍ଦ୍ର ମହାପାତ୍ର, ପ୍ରଶାନ୍ତ ସାମଲ, ପ୍ରମୋଦ ବିଶୋଇ, ଜଗନ୍ନାଥ ପରିଡ଼ା, ଅରୁଣ ସାହୁ, ଦୀପକ ସ୍ୱାଇଁ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ । ବୀରମାଟି ବାରଙ୍ଗ ଅଞ୍ଚଳ ସାଂସ୍କୃତିକ ପ୍ରାଣକେନ୍ଦ୍ର ପ୍ରାଚୀନଦୀର ଅବବାହିକା ବାଣିଜ୍ୟ ପାଇଁ ଏଠାରୁ ଯାଉଥିଲେ । ତାକୁ ଆମେ ଭୁଲି ଯାଇଛୁ । ବାରଙ୍ଗ ଇତିହାସ ଆଜି ସେହି ପୁରୁଣା ସ୍ମୃତିକୁ ମନେପକାଇବା ପାଇଁ ମହୋତ୍ସବ କମିଟି ପକ୍ଷରୁ କରାଯାଇଥିବା ଏହି ଉଦ୍ୟମ ପ୍ରଶଂସନୀୟ ବୋଲି ଅତିଥିମାନେ ନିଜ ବକ୍ତବ୍ୟରେ କହିଛନ୍ତି । ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ପ୍ରତିଭାବାନ ବ୍ୟକ୍ତିବିଶେଷଙ୍କୁ ସାମ୍ମାନିତ କରାଯାଇଥିଲା । ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟାରେ ପ୍ରବଳ ଜନସମାଗମ ଦେଖିବାକୁ ମିଳିଥିଲା । କଳାକାରମାନଙ୍କ ଦ୍ୱାରା ଡାଲଖାଇ ଗୀତ, ଆଧୁନିକ ଓ ଦେଶାତ୍ମବୋଧକ ଗୀତ ଏବଂ ନୃତ୍ୟ ପରିବେଷଣ କରାଯାଇଥିଲା, ଯାହାକୁ ଦର୍ଶକମାନେ ମନଭରି ଉପଭୋଗ କରିଥିଲେ । ଶେଷରେ ଲୋକପ୍ରିୟ କଣ୍ଠଶିଳ୍ପୀ ଅସୀମା ପଣ୍ଡା ଓ ତାଙ୍କ ଗ୍ରୁପଙ୍କ ଦ୍ୱାରା ଆୟୋଜିତ ମେଲୋଡି କାର୍ଯ୍ୟକ୍ରମରେ ଦର୍ଶକମାନେ ଝୁମିଥିଲେ । ଏଥିସହ ମହୋତ୍ସବରେ ପଡ଼ିଥିବା ଚଟ୍‌ପଟା ଖାଦ୍ୟ, କିଣାବିକାର ପସରା ସାଙ୍ଗକୁ ବିଭିନ୍ନ ଦୋଳିର ମଜା ଦର୍ଶକମାନେ ଉଠାଇଥିଲେ । ପ୍ରତାପ ମଣ୍ଡଳ, ଭୂପତି ଭୂଷଣ ପାଣି, ସୁନୀଲ ସ୍ୱାଇଁ, ବାଙ୍କ ବିହାରୀ ମାଝୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

# ସୁମିତ୍ରା ବେହେରାଙ୍କୁ 'ଓଡ଼ିଶୀ ନୃତ୍ୟ ଗୌରବ ସମ୍ମାନ'

**ଫୁଲନଖରା,୬।୧୧(ସତ୍ୟରଞ୍ଜନ ଦାସମହାପାତ୍ର)**

କଟକ ସଦର କୁରାଙ୍ଗ ପ୍ରଧାନ ଗ୍ରାମପଞ୍ଚାୟତ ଅନ୍ତର୍ଗତ ସୂର୍ଯ୍ୟ ଗୁରୁକୁଳ, ଗୁଆଳିର ନୃତ୍ୟ ଶିଳ୍ପୀ ସୁମିତ୍ରା ବେହେରାଙ୍କୁ ସାହାରା ଜନମଞ୍ଚ ପକ୍ଷରୁ 'ଓଡ଼ିଶୀ ନୃତ୍ୟ ଗୌରବ ସମ୍ମାନ' ପ୍ରଦାନ କରାଯାଇଛି । ଗୁରୁକୁଳର ନୃତ୍ୟ ଗୁରୁ ସଙ୍ଗୀତା ଛୋଟରାୟଙ୍କ ତତ୍ତ୍ୱାବଧାନରେ ଓଡ଼ିଶୀ ନୃତ୍ୟ ଶିକ୍ଷା କରି ସୁମିତ୍ରା ରାଜ୍ୟ ଓ ରାଜ୍ୟ ବାହାରେ ପ୍ରଶଂସିତ ହୋଇଛନ୍ତି । କଟକ ସଦର ଅନ୍ତର୍ଗତ ଆମଣପଡ଼ା ମୌଜାର ବାପା ହରିହର ବେହେରା ଓ ମା' ଜେମାମଣି ବେହେରାଙ୍କ ପ୍ରୋତ୍ସାହନରେ ବାଲ୍ୟକାଳୁ ସୁମିତ୍ରା ବିଦ୍ୟା ଅଧ୍ୟୟନ ସହିତ ଓଡ଼ିଶାର ନିଜସ କଳା ଓଡ଼ିଶୀ ନୃତ୍ୟ ପ୍ରତି ରୁଚି ରଖି ଅନେକ ମାନପତ୍ର ଓ ପ୍ରଶଂସାର ଅଧିକାରିଣୀ ହୋଇ ପାରିଛନ୍ତି । ସାହାରା ଜନମଞ୍ଚ ଆନୁକୂଲ୍ୟରେ ଐତିହ୍ୟ ସମ୍ପନ୍ନ କୁଆଖାଇ ବୋଇତ ବନ୍ଦାଣ ମହୋତ୍ସବରେ ଅନୁଷ୍ଠାନ ସଭାପତି ସହଦେବ ତରାଇଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ଭାଜପାର ପୂର୍ବତନ ରାଜ୍ୟ ଉପସଭାପତି ଗୋଲକ ମହାପାତ୍ର, ବିଶିଷ୍ଟ ଅତିଥି ପୋଲିସ କମିଶନର ଡକ୍ଟର ଏସ. ଦେବଦତ୍ତ ସିଂ, ମୁଖ୍ୟବକ୍ତା ସାହିତ୍ୟିକ ବୈଷ୍ଣବ ଚରଣ ମହାନ୍ତି ଓ ସମ୍ମାନିତ ଅତିଥି ବେଦବିଦ୍ୟାର୍ଥୀ ଗାୟକ ଆହ୍ଲାଦ ସୁରେନ୍ଦ୍ର ନାଥ ଛୋଟରାୟ ସୁଶ୍ରୀ ସୁମିତ୍ରା ବେହେରାଙ୍କୁ ଉପାଧି ପତ୍ର, ଫଳକ ଓ ଅଙ୍ଗବସ୍ତ୍ର ପ୍ରଦାନ କରି ସମ୍ମାନିତ କରିଥିଲେ । କଳା ସମ୍ପାଦକ ଜ୍ଞାନାନନ୍ଦ ସାଗର କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ଜନମଞ୍ଚ କର୍ମକର୍ତ୍ତାମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

# ଓସ୍‌ମେ ପକ୍ଷରୁ ଶରତ କୁମାର ସାହୁଙ୍କ ସ୍ମୃତିସଭା

**କଟକ,୬।୧୧(କାର୍ତ୍ତିକ ସାହୁ):**

ଓଡ଼ିଶା କ୍ଷୁଦ୍ର ଓ ମଧ୍ୟମ ଶିଳ୍ପୋଦ୍ୟୋଗୀ ସଂଘ (ଓସ୍‌ମେ) ପକ୍ଷରୁ ରୁଚି ମସଲା କମ୍ପାନୀର ପରିଚାଳନା ନିର୍ଦ୍ଦେଶକ ଡ. ଶରତ କୁମାର ସାହୁଙ୍କ ବିୟୋଗରେ ଏକ ସ୍ମୃତିସଭା ଖପୁରିଆସ୍ଥିତ ସଂଘ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି । ଓସ୍‌ମେର ପ୍ରତିଷ୍ଠାତା ସଦସ୍ୟ ତଥା କାର୍ଯ୍ୟକାରୀ ଅଧ୍ୟକ୍ଷ ଭାବେ ଡ. ସାହୁଙ୍କ କାର୍ଯ୍ୟ ଉଲ୍ଲେଖନୀୟ ଥିଲା । ତାଙ୍କର ବଳିଷ୍ଠ ନେତୃତ୍ୱରେ ଶିଳ୍ପୋଦ୍ୟୋଗୀମାନେ ଆଗେଇ ଯାଉଥିଲେ । ଡ. ସାହୁଙ୍କ ନିଷ୍ଠା, ସାହସ ଓ ପରୋପକାରିତା ଗୁଣକୁ ଅନ୍ୟମାନେ ଅନୁସରଣ କରିବା ଉଚିତ ବୋଲି ସ୍ମୃତିସଭାରେ ସଂଘର ସଦସ୍ୟମାନେ କହିଛନ୍ତି । ଓସ୍‌ମେ ଅଧ୍ୟକ୍ଷ ଗୌରୀଶଙ୍କର ଦାଶ, ମହାସଚିବ ସାତ୍ତ୍ୱିକ ସ୍ୱାଇଁଙ୍କ ସମେତ ଜଗଦୀଶ ମିଶ୍ର, ବିନୋଦ ଦାଶ, ବିଜୟ କୁମାର ସାହୁ, ଅରୁଣ ଚାଟାର୍ଜୀ, ଡ. ଶିବବ୍ରତ ରାଉତ, ସୁବାସ ରାଉତରାୟ, ମହେଶ୍ୱର ପରିଡ଼ା, ସୁକାନ୍ତ ମଲ୍ଲିକ, ରାଜନାରାୟଣ ପଟ୍ଟନାୟକ ଓ ପ୍ରତ୍ୟୁଷ ମହାରଣା ପ୍ରମୁଖ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ଓସ୍‌ମେ ଅର୍ଥସଚିବ ଆଦିକନ୍ଦ ରାଉତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

# କାର୍ତ୍ତିକେଶ୍ୱର ପୂଜା: ଥୋରିଆପାଟଣା ଚଳଚଞ୍ଚଳ

**ବାଙ୍କୀ,୬।୧୧(ଜ୍ଞାନେନ୍ଦ୍ର ମୋହନ ମିଶ୍ର/ଶୁଭେନ୍ଦୁ ମହାପାତ୍ର):** ବାଙ୍କୀ ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଥୋରିଆପାଟଣା ଗ୍ରାମରେ ବୁଧବାରଠାରୁ କାର୍ତ୍ତିକେଶ୍ୱର ପୂଜା ଆରମ୍ଭ ହୋଇଛି । ଏ ନେଇ ଗ୍ରାମ ଚଳଚଞ୍ଚଳ ହୋଇଉଠିଛି । ହୋଇଯାଇଛି । ଏହି ପୂଜା ଦୀର୍ଘ ୬୦ ବର୍ଷ ହେଲା ପାଳନ କରାଯାଉଛି ବୋଲି କମିଟି ତରଫରୁ ପ୍ରକାଶ ପାଇଛି । ପୂଜାର ପ୍ରତ୍ୟେକ ସନ୍ଧ୍ୟାରେ କଳାକାରମାନଙ୍କ ଦ୍ୱାରା ଭଜନ ଓ ନୃତ୍ୟ ପରିବେଷଣ କରାଯିବା ସହ ପୂଜାମଣ୍ଡପକୁ ଆଲୋକ ଓ ଫୁଲରେ ସଜିତ କରାଯାଇଛି । ନଭେମ୍ବର ୧୧ରେ ଭସାଣି ଯାତ୍ରା ଅନୁଷ୍ଠିତ ହେବ ବୋଲି ସଭାପତି ଅରୂପ ସେଠୀ ପ୍ରକାଶ କରିଛନ୍ତି । କାର୍ଯ୍ୟକ୍ରମରେ ସମ୍ପାଦକ ସୌନିକ ରଞ୍ଜନ ରାୟ, ସିଦ୍ଧାନ୍ତ ବେହେରା, ଅନାମ ସାହୁ ଓ ଗ୍ରାମବାସୀ ସହାୟତା କରିଛନ୍ତି ।



ଥୋରିଆପାଟଣା ଗ୍ରାମରେ ପୂଜା ପାଉଥିବା କାର୍ତ୍ତିକେଶ୍ୱର ମୂର୍ତ୍ତି ।

# ରଘୁନାଥପୁରରେ ମନମୋହୁଛି କାର୍ତ୍ତିକେଶ୍ୱରଙ୍କ ତୋରଣ

**ବାରଙ୍ଗ,୬।୧୧(ଲିଙ୍ଗରାଜ ରାଉତ):** ରାଜଧାନୀ ଉପକଣ୍ଠ ରଘୁନାଥପୁର ଗ୍ରାମରେ ୩୪ତମ କାର୍ତ୍ତିକେଶ୍ୱର ପୂଜା ଅନୁଷ୍ଠିତ ହୋଇଯାଇଛି, ଯାହାକୁ ନେଇ ଗ୍ରାମର ପରିବେଶ ଚଳଚଞ୍ଚଳ ହୋଇଉଠିଛି । ପୂଜାରେ ରଙ୍ଗ ବେରଙ୍ଗର ଆଲୋକମାଳା ସହ ମନଲୋଭା ତୋରଣ ଲୋକଙ୍କ ମନମୋହୁଛି । ପ୍ରତ୍ୟେକ ସନ୍ଧ୍ୟାରେ ପୂଜାମଣ୍ଡପ ପାଖରେ ହେଉଥିବା ସଙ୍କୀର୍ତ୍ତନ, ଘୋଡ଼ାନାଚ ଓ ଭଜନ ସମାରୋହ ଆଦି ସାଂସ୍କୃତିକ କାର୍ଯ୍ୟକ୍ରମ ଦର୍ଶକମାନଙ୍କୁ ବିମୋହିତ କରିଛି । ଏହି ପୂଜୋତ୍ସବ ଆସନ୍ତା ୯ ତାରିଖ ପର୍ଯ୍ୟନ୍ତ ମହାସମାରୋହରେ ଚାଲିବ । ପୂଜ୍ୟପୂଜାକୁ ସମ୍ମାନ ଦେବା ଓ ଭାଇଚାରା ସମ୍ପର୍କକୁ ମଜଭୁତ କରିବା ଉଦ୍ଦେଶ୍ୟରେ ପ୍ରତିଦିନ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଲାଭ କରିଥିବା ବ୍ୟକ୍ତିବିଶେଷଙ୍କୁ ସମ୍ମାନିତ କରାଯାଇଛି । ଏଥିସହ ନଭେମ୍ବର ୧୦ରେ ଭସାଣି ଉତ୍ସବ ଅନୁଷ୍ଠିତ ହେବ ବୋଲି ଆୟୋଜକଙ୍କ ପକ୍ଷରୁ କୁହାଯାଇଛି ।

**ବ୍ୟାଙ୍କ ଅଫ୍ ଇଣ୍ଡିଆ** ବ୍ୟାଙ୍କ ଅଫ୍ ଇଣ୍ଡିଆ Bank of India BOI
ଆଞ୍ଚଳିକ କାର୍ଯ୍ୟାଳୟ: କେନ୍ଦୁଝର ଅଞ୍ଚଳ, ସା.: କାଶୀପୁର, ପୋ.: ମାଣ୍ଡୁଆ, କେନ୍ଦୁଝର-୭୫୮୦୧୪
**ଇ-ନିଲାମ ବିକ୍ରୟ ବିଜ୍ଞପ୍ତି**
ସରଫେଶୀ ଆକ୍ଟ ୨୦୦୨ ଅନୁସାରେ ଇ-ନିଲାମ ବିକ୍ରୟ ବିଜ୍ଞପ୍ତି

ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨(ସରଫେଶୀ ଆକ୍ଟ) ସହିତ ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ନିୟମ ୮(୬) ବ୍ୟବସ୍ଥା ଅନୁଯାୟୀ ସ୍ଥାବର ସମ୍ପତ୍ତିର ଇ-ନିଲାମ ବିକ୍ରୟ ତା.୨୫.୧୧.୨୦୨୫ରିଖ ପୂର୍ବାହ୍ନ ୧୦.୦୦ ଘଟିକା ଠାରୁ ଅପରାହ୍ନ ୦୫.୦୦ ଘଟିକା ଘଟିକା ପର୍ଯ୍ୟନ୍ତ ଅନୁଷ୍ଠିତ ହେବ ।

ବ୍ୟାଙ୍କ ଅଫ୍ ଇଣ୍ଡିଆର କ୍ଷମତାପ୍ରାପ୍ତ ଅଧିକାରୀ ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ଏବଂ ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ଧାରା ୧୩(୧୨) ସହିତ ନିୟମ ୮ ଓ ୯ ରେ ଦିଆଯାଇଥିବା କ୍ଷମତା ପ୍ରୟୋଗ କରି ଋଣଗ୍ରହୀତାମାନଙ୍କୁ ଡିମାଣ୍ଡ ନୋଟିସ୍ ଜାରି କରିଥିଲେ ଏବଂ କ୍ଷମତାପ୍ରାପ୍ତ ଅଧିକାରୀ ନିମ୍ନ ଦର୍ଶିତ ସମ୍ପତ୍ତିଗୁଡିକୁ ଦଖଲକୁ ନେଇଛନ୍ତି । କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା କଥିତ ରୁଲ୍ ୮ର ସବ୍-ରୁଲ୍ ୫ ଏବଂ ୬ ଅନୁଯାୟୀ **"ଯେଉଁଠାରେ ଯେପରି ଅଛି", "ଯାହା ଯେପରି ଅଛି" ଏବଂ "ସେଠାରେ ଯାହା ଅଛି" ଭିତ୍ତିରେ ତା.୨୫.୧୧.୨୦୨୫ରିଖ ପୂର୍ବାହ୍ନ ୧୦.୦୦ଘଟିକା ରୁ ଅପରାହ୍ନ ୦୫.୦୦ ଘଟିକା** ମଧ୍ୟରେ ଇ-ନିଲାମ ବିକ୍ରୟ ନିମନ୍ତେ ପ୍ରସ୍ତାବମାନ ଆହ୍ୱାନ କରାଯାଉଅଛି । ଏତଦ୍‌ଦ୍ୱାରା ସମୂହଭାବେ ସର୍ବସାଧାରଣ ଓ ଋଣଗ୍ରହୀତା, ବନ୍ଧକଦାତା ଏବଂ ଗ୍ୟାରେଣ୍ଟିଦାତାମାନଙ୍କୁ ଜଣାଇ ଦିଆଯାଉଅଛି କି ସରଫେଶୀ ଆକ୍ଟ, ୨୦୦୨ ର ନିୟମ ଏବଂ ସର୍ତ୍ତାବଳୀ ଅନୁଯାୟୀ ବ୍ୟାଙ୍କର ଋଣ ଆଦାୟକରଣ ନିମନ୍ତେ ନିମ୍ନଲିଖିତ ସମ୍ପତ୍ତିକୁ ଇ-ନିଲାମ ମାଧ୍ୟମରେ ବିକ୍ରୟ କରାଯିବ ।

**ଇ-ନିଲାମ ତାରିଖ ଓ ସମୟ: ୨୫.୧୧.୨୦୨୫** ପୂର୍ବାହ୍ନ ୧୦.୦୦ ଘ. ଠାରୁ ଅପରାହ୍ନ ୫.୦୦ ଘ. ପ୍ରତ୍ୟେକଙ୍କ ପାଇଁ ୧୦ମି. ଅସୀମିତ ବର୍ଦ୍ଧିତ ସମୟ ସହିତ

**ଅମାନତ ଜମା ଏବଂ କାଗଜାତ୍ ଦାଖଲର ଅନ୍ତିମ ତାରିଖ: ୧୭.୧୧.୨୦୨୫ ରୁ ୨୫.୧୧.୨୦୨୫** ପୂର୍ବାହ୍ନ ୧୦.୦୦ ଘଟିକା ଠାରୁ ଅପରାହ୍ନ ୨.୦୦ ଘଟିକା

ସମ୍ପତ୍ତି ତନଖି କରିବାର ସମୟ : **୧୭.୧୧.୨୦୨୫ ରୁ ୨୪.୧୧.୨୦୨୫** ପୂର୍ବାହ୍ନ ୧୦.୦୦ ଘଟିକାରୁ ଅପରାହ୍ନ ୪.୦୦ ଘଟିକା ମଧ୍ୟରେ
**ସମ୍ପତ୍ତି ତନଖି ପାଇଁ ସମ୍ପୃକ୍ତ ଶାଖା ମୁଖ୍ୟ କିମ୍ବା ରିକଭରୀ ଡିପାର୍ଟମେଣ୍ଟ, ଆଞ୍ଚଳିକ କାର୍ଯ୍ୟାଳୟ, କେନ୍ଦୁଝର (ଡୁବୁରି ଶାଖା ପ୍ରବନ୍ଧକ: ୮୦୧୮୫୩୦୦୨୩, କ୍ଷମତାପ୍ରାପ୍ତ ଅଧିକାରୀ ମୋ.: ୯୪୩୮୯୧୨୭୨୬, ଆଞ୍ଚଳିକ କାର୍ଯ୍ୟାଳୟ, କେନ୍ଦୁଝର, ରିକଭରୀ ଡିପାର୍ଟମେଣ୍ଟ, ମୋ.: ୯୧୦୧୫୦୮୦୧୯) ସହ ଯୋଗାଯୋଗ କରନ୍ତୁ**

| କ୍ର. ନଂ. | ଡୁବୁରି ଶାଖା / ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାଙ୍କ ନାମ ଓ ଠିକଣା / ମୋଟ ବକେୟା ରାଶି | ସମ୍ପତ୍ତିର ବିବରଣୀ | ସଂରକ୍ଷିତ ମୂଲ୍ୟ / ଅମାନତ ରାଶି / ଦଖଲ ପ୍ରକାର |
|---|---|---|---|
| ୧. | **ଋଣଗ୍ରହୀତା: ଶ୍ରୀ ଶ୍ରୀକାନ୍ତ ସେଠୀ,** ପିତା: ଶ୍ରୀ କୁଳମଣି ସେଠୀ, ସା.: ଆମ୍ପୋର, ପୋ.:ଜଳସୁଆଁ ପାଟଣା, ଭାୟା: କୁଶଳେଶ୍ୱର, ଜିଲ୍ଲା: ଯାଜପୁର-୭୫୫୦୨୫ / **ଗ୍ୟାରେଣ୍ଟିଦାତା: ଶ୍ରୀ ରତ୍ନାକର ମହାରଣା,** ପିତା: ଶ୍ରୀ ଚୈତନ୍ୟ ମହାରଣା, ସା.: ଟୋଲକାନୀ, ପୋ.:ଚିତାରି, ଭାୟା: ଜେ.କେ. ରୋଡ୍, ଜିଲ୍ଲା: ଯାଜପୁର-୭୫୫୦୨୫ / **ମୋଟ ବକେୟାରାଶି: ତା.୨୦.୦୯.୨୦୧୬ରିଖ ସୁଦ୍ଧା ଟ.୩,୨୪,୩୫୮/-** + ପରବର୍ତ୍ତୀ ସୁଧ, ଆଇନଗତ ଦେୟ ଏବଂ ଆନୁସଙ୍ଗିକ ଖର୍ଚ୍ଚ | **ଶ୍ରୀ ଶ୍ରୀକାନ୍ତ ସେଠୀଙ୍କ** ନାମରେ ଥିବା ଜମି ଏବଂ ଗୃହର ସମସ୍ତ ଅଂଶବିଶେଷ ଯାହାର ଖାତା ନଂ.: ୪୭୭/୨୨, ପ୍ଲଟ୍ ନଂ.:୬୭୦, କ୍ଷେତ୍ର: ଏକର ୦.୦୫ ଡିସିମିଲି, କିସମ: ଘରବାରୀ, ମୌଜା: ଆମ୍ପୋର, ଥାନା: ଟମକା, ଏସ୍‌ଆରଓ: ସୁକିନ୍ଦା, ତହସିଲ: ସୁକିନ୍ଦା, ଜିଲ୍ଲା: ଯାଜପୁର, ଏହାର ଚାରିପାର୍ଶ୍ୱ ରେଉତର: କୀର୍ତ୍ତନ ମହାପାତ୍ର, ଦକ୍ଷିଣ: ପାଣୁ ସେଠୀ, ପୂର୍ବ: କୀର୍ତ୍ତନମହାପାତ୍ର, ପଶ୍ଚିମ: ପାଣୁ ସେଠୀ | ଟ.୬,୮୧,୨୧୦/- / ଟ.୬୮,୧୨୧/- / ସାଙ୍କେତିକ |

**ଇ-ନିଲାମର ନିୟମ ଓ ସର୍ତ୍ତାବଳୀ :**
ବିକ୍ରୟ ନୋଟିସ୍‌ରେ ବିକ୍ରୟର ସାଧାରଣ ନିୟମ ଏବଂ ସର୍ତ୍ତାବଳୀ ୱେବ୍‌ସାଇଟ୍: **https://baanknet.com / https://ebkray.in** ରେ ଉପଲବ୍ଧ ଏବଂ ପ୍ରକାଶିତ । ଇ-ନିଲାମ ସମୟରେ କିମ୍ବା ପୂର୍ବରୁ କୌଣସି ଅସୁବିଧା କିମ୍ବା ସହାୟତା ନିମନ୍ତେ ଇ-ନିଲାମ ସେବାପ୍ରଦାନକାରୀ **(https://baanknet.com / https://ebkray.in)** ଙ୍କ କ୍ଷମତାପ୍ରାପ୍ତ ପ୍ରତିନିଧିଙ୍କ ସହ ଯୋଗାଯୋଗ କରିପାରିବେ । ଯାହାର ସବିଶେଷ ବିବରଣୀ ଇ-ନିଲାମ ପୋର୍ଟାଲରେ ଉପଲବ୍ଧ ।

**ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା/ବନ୍ଧକଦାତା(ମାନ)ଙ୍କୁ ୧୫ ଦିନିଆ ଇ-ନିଲାମ ବିକ୍ରୟ ନୋଟିସ୍**
ଉପରୋକ୍ତ ଋଣ ଆକାଉଣ୍ଟର ଋଣଗ୍ରହୀତା / ଗ୍ୟାରେଣ୍ଟିଦାତା/ବନ୍ଧକଦାତାମାନଙ୍କୁ ଏହା ଏକ **୧୫ ଦିନିଆ ନୋଟିସ୍** କି ସେମାନେ ସେମାନଙ୍କର ଉପରଦର୍ଶିତ ଋଣ ଆକାଉଣ୍ଟକୁ ଫଏସଲା କରନ୍ତୁ ଅନ୍ୟଥା ସେମାନଙ୍କର ସମ୍ପତ୍ତି ଉପରଦର୍ଶିତ ତାରିଖରେ ବିକ୍ରୟ କରାଯାଇ ବ୍ୟାଙ୍କ ଦେୟ ଆଦାୟ କରାଯିବ ।

ସ୍ଥାନ : କେନ୍ଦୁଝର, ତାରିଖ : ୦୬.୧୧.୨୦୨୫ — କ୍ଷମତାପ୍ରାପ୍ତ ଅଧିକାରୀ, ବ୍ୟାଙ୍କ ଅଫ୍ ଇଣ୍ଡିଆ

इंडियन बैंक Indian Bank इलाहाबाद ALLAHABAD
**ଆଞ୍ଚଳିକ କାର୍ଯ୍ୟାଳୟ, କଟକ**
ସା: ପ୍ଲଟ୍ ନଂ.: ସି/୯, ସେକ୍ଟର - ୬, ସିଡ଼ିଏ, ପୋ.: ମର୍କତ ନଗର, କଟକ - ୭୫୩୦୧୪
ଇ-ମେଲ: zocuttack@indianbank.co.in
**ଇ-ନିଲାମ ବିକ୍ରୟ ବିଜ୍ଞପ୍ତି**
{ସମ୍ପତ୍ତିଗୁଡିକର ବିକ୍ରୟ ନିମନ୍ତେ ସରଫେଶୀ ଆକ୍ଟ, ୨୦୦୨ର ରୁଲ୍ ୬(୨) ଏବଂ ୮(୬) ବ୍ୟବସ୍ଥା ଅନୁଯାୟୀ ବିକ୍ରୟ ନୋଟିସ୍}

ସିକ୍ୟୁରିଟାଇଜେସନ ଆଣ୍ଡ ରିକନ୍‌ଷ୍ଟ୍ରକ୍‌ସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍‌ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ (ସରଫେଶୀ) ଆକ୍ଟ, ୨୦୦୨ (୨୦୦୨ର ନଂ.୫୪) ଅନୁଯାୟୀ ବ୍ୟାଙ୍କକୁ ବନ୍ଧକ ଦିଆଯାଇଥିବା ସ୍ଥାବର ସମ୍ପତ୍ତିଗୁଡିକର ବିକ୍ରୟ

**ଇଣ୍ଡିଆନ୍ ବ୍ୟାଙ୍କର** କ୍ଷମତାପ୍ରାପ୍ତ ଅଧିକାରୀ ସିକ୍ୟୁରିଟାଇଜେସନ ଆଣ୍ଡ ରିକନ୍‌ଷ୍ଟ୍ରକ୍‌ସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ୍ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ଏବଂ ଧାରା ୧୩(୨) ଅନୁସାରେ ଜାରି କରାଯାଇଥିବା ନୋଟିସ୍ ଅନୁଯାୟୀ ନିମ୍ନରେ ଦର୍ଶିତ ଋଣ ଆକାଉଣ୍ଟଗୁଡ଼ିକର ନିମ୍ନଦର୍ଶିତ ସମ୍ପତ୍ତିଗୁଡିକୁ ଦଖଲକୁ ନେଇ ନିମ୍ନରେ ଦର୍ଶାଯାଇଥିବା ବ୍ୟାଙ୍କର ଦେୟ ସହିତସୁଧ ଆଦାୟକରଣ ପାଇଁ "ଯେଉଁଠାରେ ଯେପରି ଅଛି, ଯାହା ଯେପରି ଅଛି" ଭିତ୍ତିରେ ବିକ୍ରୟ କରିବାର ଅଧିକାର ରଖିଛନ୍ତି ଏବଂ ଯେହେତୁ ଋଣଗ୍ରହୀତାମାନେ ବ୍ୟାଙ୍କର ଦେୟ ପୈଠ କରିବାରେ ବିଫଳ ହୋଇଛନ୍ତି ନିମ୍ନସ୍ୱାକ୍ଷରକାରୀ କଥିତ ଆକ୍ଟର ଧାରା ୧୩(୪) ପ୍ରୟୋଗ କରି ବ୍ୟାଙ୍କର ଦେୟ ଆଦାୟ କରିବା ପାଇଁ ବିକ୍ରୟ ପ୍ରସ୍ତାବ ରଖିଛନ୍ତି । **ନିମ୍ନ ସ୍ୱାକ୍ଷରକାରୀଙ୍କ ଦ୍ୱାରା ବିକ୍ରୟ ହେବାକୁ** ଥିବାସମ୍ପତ୍ତିର ଇ-ନିଲାମ ପ୍ଲାଟଫର୍ମ ୱେବସାଇଟ୍ : **https://www.ebkray.in/baanknet.com**

| କ୍ର. ନଂ. | ଶାଖା / ଋଣଗ୍ରହୀତା/ ଗ୍ୟାରେଣ୍ଟିଦାତା/ ବନ୍ଧକଦାତାମାନଙ୍କ ନାମ ଏବଂ ଠିକଣା | ସ୍ଥାବର ସମ୍ପତ୍ତିଗୁଡ଼ିକର ବିବରଣୀ | ଡିମାଣ୍ଡ ନୋଟିସ୍ ତାରିଖ / ଦଖଲ ତାରିଖ /ବକେୟା ପରିମାଣ /ଦଖଲର ପ୍ରକାର | ସଂରକ୍ଷିତ ମୂଲ୍ୟ / ଅମାନତ ରାଶି / ବିଡ୍ ବୃଦ୍ଧି ପରିମାଣ |
|---|---|---|---|---|
| ୧. | **କଟକ ନୟାସଡକ ଶାଖା/** **ଋଣଗ୍ରହୀତା: ମେସର୍ସ ଭାରତ ଟ୍ରାନ୍ସପୋର୍ଟ ଆଣ୍ଡ ମିନେରାଲ୍ସ, ସ୍ୱତ୍ୱାଧିକାରୀ: ମିର୍ଜା ଆକୁବ ଅଲ୍ଲି ବେଗ୍, ପଞ୍ଜିକୃତ କାର୍ଯ୍ୟାଳୟ:** ସା: ଯୋବ୍ରା ମେନ୍ ରୋଡ୍, ଦାସ ସାହି, ଗୀତା ମେମୋରିଆଲ ହସ୍ପିଟାଲ ସମ୍ମୁଖ, ପୋ.: କଲେଜ ସ୍କୋୟାର, କଟକ-୭୫୩୦୦୩ / **ଋଣଗ୍ରହୀତା ଏବଂ ବନ୍ଧକଦାତା: ମିର୍ଜା ଆକୁବ ଅଲ୍ଲି ବେଗ୍,** ପିତା: ମିର୍ଜା ଅଫସର ଅଲ୍ଲି ବେଗ୍ / **ଗ୍ୟାରେଣ୍ଟିଦାତା: ମିର୍ଜା ଅଫସର ଅଲ୍ଲି ବେଗ୍,** ପିତା: ୰ ମିର୍ଜା ଅହମ୍ମଦ ଅଲ୍ଲି ବେଗ୍, ଉଭୟଙ୍କ ଠିକଣା- ସା: ଯୋବ୍ରା ମେନ୍ ରୋଡ୍, ଦାସ ସାହି, ଗୀତା ମେମୋରିଆଲ ହସ୍ପିଟାଲ ସମ୍ମୁଖ, ପୋ.: କଲେଜ ସ୍କୋୟାର, କଟକ-୭୫୩୦୦୩ | **ମିର୍ଜା ଅଫସର ଅଲ୍ଲି ବେଗ୍,** ପିତା: ୰ ମିର୍ଜା ଅହମ୍ମଦ ଅଲ୍ଲି ବେଗ୍‌ଙ୍କ ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ୍ ନଂ.: ୮୨୪/୧୪୪୪, ଖାତା ନଂ.: ୧୪, କ୍ଷେତ୍ର: ଏକର୦.୦୪୦ ଡିସିମିଲି, ମୌଜା: କଟକ ଟାଉନ ୟୁନିଟ୍ ନଂ.: ୨୫, ସା: ଯୋବ୍ରା-୧, ଚୁନାଭାଟି ରୋଡ୍, ଥାନା: ମାଲଗୋଦାମ ନଂ.: ୨, ତହସିଲ: କଟକ ନଂ.: ୨୩୮, ଜିଲ୍ଲା: କଟକ, ଓଡ଼ିଶା, ଏହାର ଚାରିପାର୍ଶ୍ୱରେ ଉତ୍ତର: ପୂର୍ଣ୍ଣ ଚନ୍ଦ୍ର ସାହୁ ଏବଂ ରାସ୍ତା, ଦକ୍ଷିଣ: ମିର୍ଜା ଅଖତାର ଅଲ୍ଲି, ପୂର୍ବ: ମନସୁର ଖାନ୍, ପଶ୍ଚିମ: ପୂର୍ଣ୍ଣ ଚନ୍ଦ୍ର ସାହୁ / **ସମ୍ପତ୍ତି ଆଇଡି: ALLA200008931858** | ୨୯.୦୭.୨୦୧୭ / ୧୨.୧୦.୨୦୧୭ / ୦୬.୧୧.୨୦୨୫ ସୁଦ୍ଧା ଟ.୨,୫୦,୪୧,୫୮୫/- ପରିଶୋଧ ତାରିଖ ପର୍ଯ୍ୟନ୍ତ ପ୍ରଜୁର୍ଯ୍ୟ ହାରରେ ପରବର୍ତ୍ତୀ ସୁଧ, ଆନୁସଙ୍ଗିକ ଖର୍ଚ୍ଚ ଏବଂ ଅନ୍ୟାନ୍ୟ ଦେୟ / ଗଠନ୍ମାତକ (ସାଙ୍କେତିକ) | ଟ.୬୫,୧୬,୦୦୦/- / ଟ.୬,୫୧,୬୦୦/- / ଟ.୫୦,୦୦୦/- |

**ଇ-ନିଲାମ ତାରିଖ ଏବଂ ସମୟ: ୨୫.୧୧.୨୦୨୫ (ମଙ୍ଗଳବାର), ପୂର୍ବାହ୍ନ ୧୧.୦୦ ଘଟିକାରୁ ଅପରାହ୍ନ ୫.୦୦ ଘଟିକା**

**ଅମାନତ ରାଶି ଓ କାଗଜାତ୍ ଦାଖଲର ଅନ୍ତିମ ତାରିଖ ଏବଂ ସମୟ : ତା.୨୪.୧୧.୨୦୨୫ରିଖ ରାତ୍ର ୧୧.୫୫ ଘଟିକା ପର୍ଯ୍ୟନ୍ତ (ଅନ୍‌ଲାଇନ୍‌ରେ) ଅର୍ଥାତ ପୋର୍ଟାଲରେ ଦର୍ଶିତ ନିଲାମ ତାରିଖ ଓ ସମୟ ପୂର୍ବରୁ**

**ସମ୍ପତ୍ତିଗୁଡିକୁ ତନଖି କରିବାର ତାରିଖ ଏବଂ ସମୟ: ତା.୧୦.୧୧.୨୦୨୫ରିଖ ଠାରୁ ତା.୧୮.୧୧.୨୦୨୫ରିଖ ପୂର୍ବାହ୍ନ ୧୧.୦୦ଘଟିକା ରୁ ଅପରାହ୍ନ ୪.୦୦ଘଟିକା ମଧ୍ୟରେ (ବ୍ୟାଙ୍କର ପୂର୍ବ ଅନୁମତି ସହିତ) ନିଜ ଖର୍ଚ୍ଚରେ**

**ନିୟମ ଓ ସର୍ତ୍ତାବଳୀ :** ୧) ବିକ୍ରୟର ସବିଶେଷ ନିୟମ ଏବଂ ସର୍ତ୍ତାବଳୀ ନିମନ୍ତେ ଲିଙ୍କ୍: **https://www.ebkray.in/baanknet.com** ଦେଖନ୍ତୁ । ସମ୍ଭାବ୍ୟ ନିଲାମଧାରୀମାନେ କ୍ଷମତାପ୍ରାପ୍ତ ଅଧିକାରୀ/ଶାଖାରେ ଯୋଗାଯୋଗ କରିପାରିବେ । ୨) ଉପରୋକ୍ତ ଋଣ ଆକାଉଣ୍ଟର ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା/ବନ୍ଧକଦାତାମାନଙ୍କୁ ଉପର ଦର୍ଶିତ ତାରିଖରେ ଇ-ନିଲାମ ବିକ୍ରୟ ଅନୁଷ୍ଠିତ ହେବା ପାଇଁ **୧୫ଦିନିଆ** ନୋଟିସ୍ ଅଟେ । ୩) ସଫଳ ନିଲାମଧାରୀ ସମସ୍ତ ଖର୍ଚ୍ଚ ଯଥା- ଷ୍ଟାମ୍ପ ଡ୍ୟୁଟି, ବିକ୍ରୟ ସାର୍ଟିଫିକେଟ୍ ରେଜିଷ୍ଟ୍ରେସନ୍ ଯଦି ଥାଏ ତାହା ବହନ କରିବେ । ୪) କ୍ଷମତାପ୍ରାପ୍ତ ଅଧିକାରୀ ବିକ୍ରୟ କରାଯିବାକୁ ଥିବା ସମ୍ପତ୍ତି ସମ୍ବନ୍ଧୀୟ କୌଣସି ଦେୟ, ଲିୟନ, ଏନ୍‌କମ୍ବ୍ରାନ୍ସ, ସମ୍ପତ୍ତି ଟିକସ, ସରକାର କିମ୍ବା ଅନ୍ୟ କୌଣସି ସଂସ୍ଥାକୁ ଥିବା ଦେୟ ନିମନ୍ତେ ଦାୟୀ ରହିବେ ନାହିଁ । ୫) କ୍ଷମତାପ୍ରାପ୍ତ ଅଧିକାରୀ କୌଣସି କାରଣ ନଦର୍ଶାଇ କୌଣସି ବିଡ୍‌କୁ ଗ୍ରହଣ କିମ୍ବା ବାତିଲ କିମ୍ବା ବିକ୍ରୟ ସ୍ଥଗିତ/ବାତିଲ କରିବାର ସମ୍ପୂର୍ଣ୍ଣ ଅଧିକାରୀ ରହିଛି । ଦ୍ରଷ୍ଟବ୍ୟ ଏହିକି ଏହି ନୋଟିସ୍ ଉପରୋକ୍ତ ସମ୍ପତ୍ତି ବିକ୍ରୟ କରିବାକୁ ବ୍ୟାଙ୍କ ଦ୍ୱାରା କୌଣସି ପ୍ରତିଶ୍ରୁତି କିମ୍ବା ପ୍ରତିନିଧିତ୍ୱ ପ୍ରଦାନ କରାଯାଉନାହିଁ ।

**ଉପରୋକ୍ତ ନୋଟିସ୍‌କୁ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ ର ରୁଲ ୯(୧) ଅନୁଯାୟୀ ୧୫ ଦିନିଆ ବୈଧାନିକ ନୋଟିସ୍ ବୋଲି ବିବେଚନା କରାଯିବ ।**
ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା/ବନ୍ଧକଦାତାମାନଙ୍କୁ ଏତଦ୍‌ଦ୍ୱାରା ଜଣାଇଦିଆଯାଉଛି କି ସେମାନେ ଇ-ନିଲାମ ପୂର୍ବରୁ ବର୍ତ୍ତମାନ ସୁଦ୍ଧା ସୁଧ ଓ ଖର୍ଚ୍ଚ ସହିତ ମୋଟ୍ ଦେୟ ପୈଠ କରନ୍ତୁ ଅନ୍ୟଥା ସମ୍ପତ୍ତିନିଲାମ ବିକ୍ରୟ କରାଯିବ ଏବଂ ଯଦି କିଛି ବକେୟା ରହିଯାଏ ତେବେ ସୁଧ ଓ ଖର୍ଚ୍ଚ ସହିତ ଆଦାୟ କରାଯିବ ।

ସ୍ଥାନ: କଟକ, ତାରିଖ: ୦୬.୧୧.୨୦୨୫ — ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, ଇଣ୍ଡିଆନ୍ ବ୍ୟାଙ୍କ






**ସଂକ୍ଷେପରେ**

## ବିଦ୍ୟୁତ୍ ଆଘାତରେ ଗଲା ଯୁବକଙ୍କ ଜୀବନ

ଅସ୍ତରଙ୍ଗ,୬।୧୧(ପ୍ରଦୀପ୍ତ କୁମାର ଦୀକ୍ଷିତ)



ପୁରୀ ଜିଲା ଅସ୍ତରଙ୍ଗ ତହସିଲ ଅନ୍ତର୍ଗତ ଖାଡ଼ଲିଙ୍ଗ ପଞ୍ଚାୟତ ବାହୁଡିହ ଗ୍ରାମରେ ଗୁରୁବାର ବିଦ୍ୟୁତ ତାର ସଂସ୍ପର୍ଶରେ ଆସି ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ସ୍ୱାଧୀନ ନାୟକଙ୍କ ୨୨ବର୍ଷୀୟ ପୁଅ ସନ୍ଦୀପ ନାୟକ ଓରଫ ସୋନୁ। ସୂଚନା ଅନୁଯାୟୀ, ପୂର୍ବାହ୍ନରେ ସନ୍ଦୀପ ଏକ ଚାକୁଣ୍ଡା ଗଛରୁ ଡାଳ ଭାଙ୍ଗୁଥିବାବେଳେ ଅସାବଧାନତା ହେତୁ ୧୧ କେ.ଭି ବିଦ୍ୟୁତ ତାର ସଂସ୍ପର୍ଶରେ ଆସି ଗୁରୁତର ହୋଇପଡ଼ିଥିଲେ। ପରିବାର ଲୋକେ ତାଙ୍କୁ ଅସ୍ତରଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ତେବେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ଅସ୍ତରଙ୍ଗ ମେଡିକାଲରେ ପୋଲିସ ପହଞ୍ଚିବା ପରେ ପରିବାର ଲୋକଙ୍କ ଅଭିଯୋଗକୁ ଭିତ୍ତିକରି ନୂଆଗଡ଼ ସାମୁଦ୍ରିକ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୨/୨୫) ରୁଜୁ କରି ଚାରିଛକ ସ୍ୱାସ୍ଥ୍ୟକେନ୍ଦ୍ରକୁ ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇଛି। ସନ୍ଦୀପଙ୍କ ମୃତ୍ୟୁକୁ ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ଶୋକର ଛାୟା ଖେଳିଯାଇଛି।

## ଭଜନ ସମାରୋହ

ପିପିଲି,୬।୧୧(ଦୁର୍ଗାମାଧବ ମିଶ୍ର)

ଦାଣ୍ଡମୁକୁନ୍ଦପୁରର ପଞ୍ଚମସ ଗ୍ରାମର ମା' ମଙ୍ଗଳା ମନ୍ଦିର ପରିସରରେ ବୁଧବାର ମା' ମଙ୍ଗଳା ପୂଜା କମିଟି ଆନୁକୂଲ୍ୟରେ ପଞ୍ଚମ ବାର୍ଷିକ ଭଜନ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଶିକ୍ଷକ ରମେଶ ଦାସଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଶିକ୍ଷାବିତ୍ ଅର୍ଜୁନ ଘଡେଇ, ପିପିଲି ବ୍ଲକ ଶିକ୍ଷା ଅଧିକାରୀ ପୀତବାସ ସେଠୀ, ବ୍ଲକ ଅଧ୍ୟକ୍ଷା ଦେବସ୍ୱିନୀ ନନ୍ଦ, ସରପଞ୍ଚ ପରେଶ ମିଶ୍ର, ଜିଲା ପରିଷଦ ସଭ୍ୟ ସୁଶାନ୍ତ କୁମାର ମଲିକ ପ୍ରମୁଖ ଅତିଥି ଭାବେ ଯୋଗଦେଇ ସୁସ୍ଥ ସମାଜ ଗଠନ ପାଇଁ ଆଧ୍ୟାତ୍ମିକ କାର୍ଯ୍ୟକ୍ରମର ଆବଶ୍ୟକତା ରହିଥିବା ମତବ୍ୟକ୍ତ କରିଥିଲେ। ସତ୍ୟଭାମା ମହାପାତ୍ର ଏବଂ ଅନ୍ୟ କଣ୍ଠଶିଳ୍ପୀମାନେ ଭଜନ ପରିବେଷଣ କରିଥିଲେ। ଏହି ଅବସରରେ କୃତୀ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ମନ୍ମଥ ଦାସ, ସାଧୁ ଚରଣ ସାହୁ, ଅଶୋକ ମଲିକ, ସନ୍ତୋଷ ଜେନା ପ୍ରମୁଖଙ୍କ ସହଯୋଗରେ ସମସ୍ତ କାର୍ଯ୍ୟ ସମ୍ପନ୍ନ ହୋଇଥିଲା।

# ଅଧିକାଂଶ ଖୁଣ୍ଟରେ ଜଳୁନି ବିଦ୍ୟୁତ୍ ଆଲୋକ

ନିମାପଡ଼ା,୬।୧୧(ବିଚିତ୍ରାନନ୍ଦ ସାହୁ)

**ନିମାପଡ଼ା ଏନ୍ଏସି**

- ଅନ୍ଧାରରେ ମୁଖ୍ୟ ରାସ୍ତାଘାଟ, ପୌରବାସୀ ହଟହଟା
- ଏନ୍ଏସି ଏଗ୍ରିମେଣ୍ଟକୁ ବିଦ୍ୟୁତ୍ ସଂସ୍ଥାର ବେଖାତିର

ନିମାପଡ଼ା ଏନ୍ଏସିକୁ ଏକ ବିକଶିତ, ସଶକ୍ତ, ସମୃଦ୍ଧ ଓ ରାଜ୍ୟରେ ଏକ ଅଗ୍ରଣୀ ଏନ୍ଏସିରେ ପରିଣତ କରିବା ପାଇଁ ରାଜ୍ୟ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ପ୍ରଗାଢ଼ ଉଦ୍ୟମ, ପ୍ରଚେଷ୍ଟା ଚଳାଇଛନ୍ତି। ଏପରିକି ନିମାପଡ଼ା ଏନ୍ଏସିକୁ ମ୍ୟୁନିସିପାଲିଟିରେ ପରିଣତ କରିବାକୁ ଉପମୁଖ୍ୟମନ୍ତ୍ରୀ ପରିଡ଼ା ଏକ ନିଆରା ପରିକଳ୍ପନା କରିଛନ୍ତି ଓ ଏ ଦିଗରେ ବେଶ୍ ତତ୍ପରତା ପ୍ରକାଶ କରିଥିବା ଦେଖାଯାଉଛି। ଏବେ ନିମାପଡ଼ା ଏନ୍ଏସିରେ କେବଳ ବିକାଶ ହିଁ ବିକାଶର ରଥ ଗଡ଼ିଚାଲିଛି। ହେଲେ ବଡ଼ ଦୁଃଖ ଓ ପରିତାପର ବିଷୟ, ଉକ୍ତ ଏନ୍ଏସି ଅଞ୍ଚଳରେ ମୋଟରେ ୪,୧୦୦ଟି ବିଦ୍ୟୁତ୍ ଖୁଣ୍ଟ ରହିଥିବା ବେଳେ ତନ୍ମଧ୍ୟରୁ ପ୍ରାୟ ୯୦୦ ଖୁଣ୍ଟରେ ବିଜୁଳି ଆଲୁଅ ଜଳୁ ନ ଥିବା ଏକ ସର୍ଭେରୁ ଜଣାପଡ଼ିଛି।

ଏତେ ପରିମାଣରେ ବିଦ୍ୟୁତ୍ ଖୁଣ୍ଟରେ ବିଜୁଳି ଆଲୁଅ ନ ଜଳିବା ଯୋଗୁ ଏନ୍ଏସି ଅଞ୍ଚଳରେ ଥିବା ନଦୀବନ୍ଧ ରାସ୍ତା, କେନାଲ ବନ୍ଧ ରାସ୍ତା, ବିଭିନ୍ନ ୱାର୍ଡର ମୁଖ୍ୟ ରାସ୍ତା, ଛକ ବଜାର ରାସ୍ତାଘାଟ ଅନ୍ଧକାରରେ ରହୁଛି। ରାସ୍ତାଘାଟ ଅନ୍ଧକାର ଯୋଗୁଁ ପୌରବାସୀ ସନ୍ଧ୍ୟା ପରେ ରାତିରେ ଯାତାୟାତ ପାଇଁ ନାହିଁ ନ ଥିବା ଦୁର୍ଦ୍ଦଶାର ସମ୍ମୁଖୀନ ହୋଇ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି। ଶହ ଶହ ଖୁଣ୍ଟରେ ବିଜୁଳି ଆଲୁଅ ଜଳୁ ନ ଥିବା ସମ୍ପର୍କରେ ବହୁ ପୌରବାସୀ ଏନ୍ଏସି ଅଫିସ୍‌ରେ ବାରମ୍ବାର ଅଭିଯୋଗ କରିଥିଲେ ମଧ୍ୟ ଅଦ୍ୟାବଧି କୌଣସି ପ୍ରତିକାର ବ୍ୟବସ୍ଥା ହୋଇନାହିଁ। ଏ ସମ୍ପର୍କରେ କାର୍ଯ୍ୟନିର୍ବାହୀ ଅଧିକାରୀ ଚିନ୍ମୟ ଦାସ ବିଦ୍ୟୁତ୍ ପରିଚାଳନା ସଂସ୍ଥାର କର୍ତ୍ତୃପକ୍ଷ ଓ କର୍ମଚାରୀଙ୍କୁ ବାରମ୍ବାର ଅବଗତ ଓ ତାଗିଦା କରିଛନ୍ତି। ଏମିତିକି ବିଦ୍ୟୁତ୍ ଯୋଗାଣ ଓ ପରିଚାଳନା ସମ୍ପର୍କରେ ଏନ୍ଏସି ପକ୍ଷରୁ ବିଦ୍ୟୁତ୍ ପରିଚାଳନା ସଂସ୍ଥା ନେସ୍କୋ ଷ୍ଟାର ଓ ନିବ୍ ସଂସ୍ଥାର କର୍ତ୍ତୃପକ୍ଷ ଏନ୍ଏସିର ଏଗ୍ରିମେଣ୍ଟକୁ ବେଖାତିର ଓ ଅବମାନନା କରିଚାଲିଥିବା ଏନ୍ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଚିନ୍ମୟ ଦାସ କହିଛନ୍ତି, ବିଦ୍ୟୁତ୍ ଯୋଗାଣ ଓ ପରିଚାଳନା ସଂସ୍ଥାର ଖାମଖିଆଲ ନୀତି, ବେପରୁଆ ହେୟ ମନୋଭାବ, ମନମାନି କାର୍ଯ୍ୟ ଯୋଗୁ ନିମାପଡ଼ା ଏନ୍ଏସିରେ ଶତାଧିକ ଖୁଣ୍ଟରେ ବିଜୁଳି ଆଲୁଅ ଜଳୁ ନ ଥିବା ଦେଖାଯାଉଛି। ତୁରନ୍ତ ଏ ଦିଗରେ ପ୍ରତିକାର କରା ନ ଗଲେ ବିଦ୍ୟୁତ୍ ପରିଚାଳନା ସଂସ୍ଥା ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କାର୍ଯ୍ୟନିର୍ବାହୀ ଅଧିକାରୀ ଚିନ୍ମୟ ଦାସ ଧରିତ୍ରୀକୁ ସୂଚନା ଦେଇଛନ୍ତି। ଏ ଦିଗରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ତୁରନ୍ତ ଦୃଷ୍ଟିଦେବାକୁ ପୌରବାସୀ ଦାବି କରିଛନ୍ତି।



ପିପିଲି ଦାଣ୍ଡମୁକୁନ୍ଦପୁରର ପଞ୍ଚମସ ଗ୍ରାମରେ ମା' ମଙ୍ଗଳା ପୂଜା କମିଟି ଆନୁକୂଲ୍ୟରେ ଆୟୋଜିତ ଭଜନ ସମାରୋହ ଅବସରରେ ଅତିଥିଙ୍କ ସହ ସମ୍ବର୍ଦ୍ଧିତ ଛାତ୍ରୀଛାତ୍ର।

## ଭକ୍ତ ବଳରାମ ଦାସଙ୍କ ସମାଧିପୀଠରେ ମାଣବସା



ଗୋପ,୬।୧୧(ଭାରତୀ ଭୂଷଣ ଉପାଧ୍ୟାୟ)

ମାର୍ଗଶିର ମାସର ପ୍ରଥମ ଗୁରୁବାରରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ସଖା ତଥା ପରମଭକ୍ତ ବଳରାମ ଦାସଙ୍କ ସମାଧିପୀଠ ହରିବୋଲ ଓ ହୁଳହୁଳିରେ କମ୍ପିଛି। ବିଭିନ୍ନ ଜିଲାରୁ ଆସିଥିବା ଶତାଧିକ ସଧବା ମହିଳା ଏହି ସମାଧିପୀଠରେ ମାଣ ବସାଇଥିଲେ। ଏହି ଅବସରରେ ବିଭିନ୍ନ ସ୍ଥାନରୁ ସାଧୁସନ୍ଥମାନେ ଯୋଗଦେଇଥିଲେ। ବାବା ବେଣୁଧର ଦାସ, ପ୍ରଦୀପ୍ତ କୁମାର ପାଢ଼ୀ, ଅଧ୍ୟାପକ ପ୍ରକାଶ ଚନ୍ଦ୍ର ଖଟୋଇ, ଲକ୍ଷ୍ମୀଧର ବେହେରା, ଗୋପୀନାଥ ମୁଦୁଲି, ମାନଗୋବିନ୍ଦ ପରିଡ଼ା, ଗୋବିନ୍ଦ ଚନ୍ଦ୍ର ପାଢ଼ୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସେହିପରି ଭକ୍ତ ବଳରାମ ଦାସଙ୍କ ଜନ୍ମପୀଠରେ ମାଣବସା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କିମ୍ବଦନ୍ତୀ ଓ ଲୋକକଥା ଅନୁଯାୟୀ, ଭକ୍ତ ବଳରାମ ଦାସ ଗୋପ ବ୍ଲକ ଅନ୍ତର୍ଗତ ଏରବଙ୍ଗ ଗ୍ରାମରେ ଜନ୍ମଗ୍ରହଣ କରିଥିଲେ। ସେ ଏହି ବ୍ଲକ ଅଧୀନ ବେଦପୁର ପଞ୍ଚାୟତର ବେଗୁନିଆ ନିକଟସ୍ଥ ପୁଣ୍ୟତୋୟା କୁଶଭଦ୍ରା ନଦୀତଟରେ ସମାଧି ନେଇଥିଲେ। ଭକ୍ତ ବଳରାମ ଦାସ ଶେଷ ସମୟରେ ମା' ଲକ୍ଷ୍ମୀନାରାୟଣଙ୍କୁ ଦର୍ଶନକରି ଦେହତ୍ୟାଗ କରିଥିଲେ। ସେହିଦିନଠାରୁ ଏହି ସ୍ଥାନଟି ଭକ୍ତ ବଳରାମ ଦାସଙ୍କ ସମାଧିପୀଠ ଭାବରେ ପରିଚିତ ହୋଇଛି। ଭକ୍ତ ବଳରାମ ଦାସଙ୍କ ସହିତ ମହାପ୍ରଭୁ ଜଗନ୍ନାଥ ଓ ମା' ଲକ୍ଷ୍ମୀ ଏଠାରେ ପୂଜା ପାଉଛନ୍ତି। ପ୍ରତିବର୍ଷ ଏଠାରେ ଲକ୍ଷ୍ମୀପୂଜା ମହୋତ୍ସବ କରାଯାଉଛି।

**ROURKELA DEVELOPMENT AUTHORITY**
**UDITNAGAR, ROURKELA-769012**
**No.2588/RDA., dated 31.10.2025**
**PROCLAMATION**

**No.CAD-2176** : It is hereby informed to the General public that Barsharani Sahoo, W/o - Deepak Kumar Sahoo has applied for permission for transfer of House No.E-73, under Chhend Housing Project, Stage-I, Chhend Rourkela-15 in favour of Rambabu Sharma, S/o - Munilal Sharma. Anybody has got objection to the proposed transfer, he/she may file objection petition before the undersigned within 15 (fifteen) days from the date of publication of this proclamation. Objection petition shall not be entertained after expiry of the stipulated Period.

OIPR-
Sd./- Secretary
Rourkela Development Authority

# ଅଲଗୁମ୍ କାର୍ତ୍ତିକ ମେଳା ଉଦ୍‌ଯାପିତ

ସାକ୍ଷୀଗୋପାଳ,୬।୧୧(ଭରତ ରାଉତ)

ପଶ୍ଚିମ ସତ୍ୟବାଦୀର ଅଲଗୁମସ୍ଥିତ ଶ୍ରୀଗତିଶ୍ୱର ଦେବଙ୍କ ପୀଠରେ ଚଳିତ ବର୍ଷ ଅଁଳାନବମୀଠାରୁ ଗତ ୫ଦିନ ଧରି ଚାଲିଥିବା କାର୍ତ୍ତିକ ମେଳା ପବିତ୍ର ରାସ ପୂର୍ଣ୍ଣିମାରେ ଉଦ୍‌ଯାପିତ ହୋଇଯାଇଛି। ପ୍ରଥମ ଦିବସରେ ଅଁଳା ବୃକ୍ଷ ପୂଜନ ଓ ପୁରାଣ ପାଠ କରାଯାଇଥିଲା। ଦ୍ୱିତୀୟ ଦିବସରେ କଳସ ଶୋଭାଯାତ୍ରା, ରୁଦ୍ରାଭିଷେକ ଏବଂ ତୃତୀୟ ଓ ଚତୁର୍ଥ ଦିବସରେ ଅଭିଷେକ ଯଜ୍ଞ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତା, ପୁରସ୍କାର ବିତରଣ, ଓଡ଼ିଶୀ ନୃତ୍ୟ, ମିନା ବଜାର, ସ୍ୱାସ୍ଥ୍ୟ ଶିବିର, କବିତା ପାଠ କାର୍ଯ୍ୟକ୍ରମ ହୋଇଥିଲା। ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲାପାଳ ଶରତ ବେହେରା, ସମ୍ମାନିତ ଅତିଥି ଭାବେ ତହସିଲଦାର ସନ୍ତୋଷ କୁମାର ପାଣିଗ୍ରାହୀ, ଅତିରିକ୍ତ ତସିଲଦାର ଓମ୍ ପ୍ରକାଶ ପରିଡ଼ା, ସମାଜସେବୀ ସୌମିତ୍ର ପାଣି, ପ୍ରଫେସର ଅଶୋକ ରାଉତରାୟ, ଡ. ରଶ୍ମିରଞ୍ଜନ ପାଣି ପ୍ରମୁଖ ଯୋଗଦେଇଥିଲେ। ରୁଦ୍ରାଭିଷେକ ପରିଷଦ ସଭାପତି ସନ୍ତୋଷ କୁମାର ପଣ୍ଡା, ସମ୍ପାଦକ ଉପେନ୍ଦ୍ର ପଣ୍ଡା ଓ କର୍ମକର୍ତ୍ତାଙ୍କ ସହ ଅଲଗୁମ ଗ୍ରାମବାସୀ ସହଯୋଗ କରିଥିଲେ। ମେଳାରେ ଆଖପାଖ ଅଞ୍ଚଳର ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। କର୍ତ୍ତା ଭାବେ ଲକ୍ଷ୍ମୀଧର ପଣ୍ଡା ସପତ୍ନିକ ଦାୟିତ୍ୱ ନିର୍ବାହ ତୁଲାଇଥିଲେ। ପଣ୍ଡିତ ପ୍ରସନ୍ନ କର, କାହ୍ନୁଚରଣ କର, ଧନେଶ୍ୱର ତ୍ରିପାଠୀ, ମହେନ୍ଦ୍ର ପଣ୍ଡା ଯଜ୍ଞ କାର୍ଯ୍ୟ ତୁଲାଇଥିଲେ। କାର୍ତ୍ତିକ ପୂର୍ଣ୍ଣିମାରେ ପୂର୍ଣ୍ଣାହୁତି ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପରେ ମେଳା ଉଦ୍‌ଯାପିତ ହୋଇଥିଲା।

# ହୋଟେଲରୁ ପର୍ଯ୍ୟଟକଙ୍କ ମୃତଦେହ ଜବତ

ପୁରୀ,୬।୧୧(ଅଜିତ୍ କୁମାର ମହାନ୍ତି)

**ମୃତ୍ୟୁର କାରଣ ଅସ୍ପଷ୍ଟ: ସନ୍ଦେହରେ ସାଙ୍ଗ**

ପୁରୀ ବୁଲିବାକୁ ଆସିଥିବା ଜଣେ ପର୍ଯ୍ୟଟକଙ୍କ ମୃତଦେହକୁ ପୋଲିସ ଏକ ହୋଟେଲ ରୁମ୍‌ରୁ ଜବତ କରିଛି। ମୃତକ ହେଉଛନ୍ତି ରାଉରକେଲା ନେତାଜୀ ନଗରର ଚିନ୍ମୟ ସାମଲ। ପୁରୀ ଟାଉନ ଥାନା ଅନ୍ତର୍ଗତ ଖୁଣ୍ଟିଆ ସାହିରେ ଥିବା ରାଧାରାଣୀ ନିବାସ ନାମକ ହୋଟେଲରୁ ତାଙ୍କ ମୃତଦେହ ଜବତ କରାଯାଇଛି। ତେବେ ମୃତ୍ୟୁର କାରଣ ଜଣାପଡ଼ିନାହିଁ। ଖବର ପାଇ ଟାଉନ ଥାନା ପୋଲିସ ପହଞ୍ଚି ମୃତଦେହ ଜବତ କରିବା ସହ ଏକ ଅପମୃତ୍ୟୁ ମାମଲା ରୁଜୁକରି ତଦନ୍ତ ଜାରି ରଖିଛି। ମୃତଦେହ ବ୍ୟବଚ୍ଛେଦ ନିମନ୍ତେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଛି। ବ୍ୟବଚ୍ଛେଦ ଓ ତଦନ୍ତ ପରେ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି ପୋଲିସ କହିଛି।

ସୂଚନା ଅନୁଯାୟୀ, ବୁଧବାର ରାତିରେ ଚିନ୍ମୟ ତାଙ୍କର ଜଣେ ସାଙ୍ଗଙ୍କ ସହ ପୁରୀ ଆସି ଉକ୍ତ ହୋଟେଲରେ ରହିଥିଲେ। ଗୁରୁବାର ସକାଳେ ହୋଟେଲ ସଫେଇ କର୍ମଚାରୀ ରୁମ୍ ସଫା କରିବା ପାଇଁ ଗଲାବେଳେ ଚିନ୍ମୟଙ୍କ ମୃତଦେହ ମୁହଁ ମାଡ଼ି ତଳେ ବସିଥିବା ଦେଖିବାକୁ ପାଇଥିଲେ। ଏ ନେଇ ହୋଟେଲ ପକ୍ଷରୁ ପୋଲିସକୁ ଖବର ଦିଆଯାଇଥିଲା। ଟାଉନ ଥାନା ଅଧିକାରୀ ହୋଟେଲରେ ପହଞ୍ଚି ତଦନ୍ତ ଜାରି ରଖିଛନ୍ତି। ଚିନ୍ମୟଙ୍କ ସହିତ ଆସିଥିବା ତାଙ୍କ ସାଙ୍ଗ ରୁମ୍‌ରେ ନ ଥିବାବେଳେ ତାଙ୍କୁ ପୋଲିସ ଯୋଗାଯୋଗ କରିବାକୁ ଚେଷ୍ଟା କରିଥିଲେ ମଧ୍ୟ ସମ୍ଭବ ହୋଇପାରିନାହିଁ। ତେଣୁ ସମ୍ପୃକ୍ତ ସାଙ୍ଗଙ୍କ ଉପରେ ପୋଲିସ ସନ୍ଦେହ ପ୍ରକାଶ କରିଛି।

# ଇସି ପାଇଁ ଜମି କ୍ରେତା, ବିକ୍ରେତା ବାରଦୁଆର

କଣାସ,୬।୧୧(ବିଭୂତି ଭୂଷଣ ତ୍ରିପାଠୀ)

କଣାସ ବ୍ଲକର ଲୋକେ ଜମିବାଡ଼ି ବିକ୍ରି କରିବା ପାଇଁ ୨୦୦୦ ମସିହା ପୂର୍ବରୁ ସବ୍‌ରେଜେଷ୍ଟ୍ରି କାର୍ଯ୍ୟାଳୟ ଓ ତହସିଲ କାର୍ଯ୍ୟାଳୟ ଯଥାକ୍ରମେ ସତ୍ୟବାଦୀ ଓ ପୁରୀରେ ରହିଥିଲା। ଏହି ଅଞ୍ଚଳର ଲୋକେ କଣାସରେ ଏକ ତହସିଲ ଏବଂ ସବରେଜେଷ୍ଟ୍ରି କାର୍ଯ୍ୟାଳୟ ଖୋଲିବା ପାଇଁ ବାରମ୍ବାର ଦାବି କରିବାରୁ ୨୦୦୦ ମସିହାରେ କଣାସରେ ସବରେଜେଷ୍ଟ୍ରି କାର୍ଯ୍ୟାଳୟ ଓ ତହସିଲ କାର୍ଯ୍ୟାଳୟ ଖୋଲାଯାଇଥିଲା। ବର୍ତ୍ତମାନ ଯେଉଁ ଜମି କ୍ରେତା ଓ ବିକ୍ରେତା ଜମି ବିକା କିଣା କରିବା ପାଇଁ ସବ୍‌ରେଜେଷ୍ଟ୍ରି କାର୍ଯ୍ୟାଳୟକୁ ଯାଉଛନ୍ତି, ସେମାନଙ୍କୁ ୩୩ ବର୍ଷର ଇନ୍‌କ୍ୟୁମ୍ବ୍ରାନ୍ସ ସାର୍ଟିଫିକେଟ୍ (ଇ.ସି) ଆଣିବା ପାଇଁ ବାଧ୍ୟ କରାଯାଉଛି। ଜମି କ୍ରେତା ଓ ବିକ୍ରେତା କଣାସ, ଡେଲାଙ୍ଗ, ସତ୍ୟବାଦୀ ଏବଂ ବ୍ରହ୍ମଗିରି ସବରେଜେଷ୍ଟ୍ରି କାର୍ଯ୍ୟାଳୟରୁ ଇ.ସି ଆଣିବା ପାଇଁ ପଡୁଥିବାରୁ ସେମାନେ ନାକେଦମ୍ ହେଉଛନ୍ତି। ଜମି କ୍ରେତା ଓ ବିକ୍ରେତା କଣାସଠାରେ ସବ୍‌ରେଜେଷ୍ଟ୍ରି କାର୍ଯ୍ୟାଳୟ ସ୍ଥାପନ କରିବା ଠାରୁ ଦୀର୍ଘ ୨୫ବର୍ଷର ଇ.ସି ଦାଖଲ କରାଗଲେ କ୍ରେତା ଓ ବିକ୍ରେତା ବାରଦୁଆର ହେବାକୁ ପଡ଼ନ୍ତା ନାହିଁ ବୋଲି କ୍ରେତା ଓ ବିକ୍ରେତାମାନେ ମତ ପ୍ରକାଶ କରିଛନ୍ତି। କଣାସ କାର୍ଯ୍ୟାଳୟରୁ ୫୦ବର୍ଷର ଇ.ସି କାଢି ଜମି କିଣା ବିକା କରିବା ପାଇଁ କ୍ରେତା ଓ ବିକ୍ରେତାମାନେ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି।

# ଧର୍ମୀୟ ଭାବଧାରା ସୃଷ୍ଟି କରେ ପଞ୍ଚକ ମହୋତ୍ସବ

ପୁରୀ,୬।୧୧(ଅଜିତ୍ କୁମାର ମହାନ୍ତି)

ଯୁଗଧର୍ମ ପ୍ରଚାର, ହରିନାମ ପ୍ରଚାର, ଧର୍ମୀୟ ଭାବଧାରାର ଜନଜାଗରଣ ସୃଷ୍ଟି ଉଦ୍ଦେଶ୍ୟ ନେଇ ଉତ୍କଳୀୟ ଧର୍ମଧାରା ଏବଂ ଶ୍ରୀଜଗନ୍ନାଥ ସଂସ୍କୃତିରେ ମାଉସୀ ଅର୍ଦ୍ଧାସିନୀଙ୍କ ପ୍ରାଙ୍ଗଣରେ ୧୦ମ ପଞ୍ଚକ ମହୋତ୍ସବ ଆଧ୍ୟାତ୍ମିକ ସମାରୋହ ବୁଧବାର ଉଦ୍‌ଯାପିତ ହୋଇଯାଇଛି। ପଞ୍ଚକ ମହୋତ୍ସବ ଧର୍ମୀୟ ଭାବଧାରା ସୃଷ୍ଟି କରେ ବୋଲି ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲାପାଳ ଶରତ ଚନ୍ଦ୍ର ମହାପାତ୍ର ଯୋଗଦେଇ କହିଛନ୍ତି। ମାଉସୀ ମା' ମନ୍ଦିରର ବିକାଶ, ତାଙ୍କ ମାହାତ୍ମ୍ୟ, ତାତ୍ତ୍ୱିକ ଭାବଧାରର ପ୍ରସାର କରିବା ପାଇଁ ଏକ ଜାତୀୟସ୍ତରୀୟ ଆଲୋଚନାଚକ୍ର ସହ ସାଧୁସନ୍ଥ, ଗବେଷକଙ୍କ ଗବେଷଣାତ୍ମକ ରଚିତ ଏକ ପୁସ୍ତକ ଉନ୍ମୋଚିତ କରାଯାଉ ବୋଲି ଅତିରିକ୍ତ ଜିଲାପାଳ ମହାପାତ୍ର ମତ ପ୍ରକାଶ କରିଛନ୍ତି। ମହାପ୍ରକାଶ ମଠର ମହନ୍ତ ମହାରାଜ ଶୋଭାନନ୍ଦ ପୁରୀ ଓ ନେବଳ ଦାସ ମଠ ମଠାଧୀଶ ରାମଚରଣ ଦାସ ମହାରାଜା ଶ୍ରୀକ୍ଷେତ୍ରରେ ଧାର୍ମିକ ଭାବଧାରାକୁ ଶୀର୍ଷରେ ପହଞ୍ଚାଇବା ପାଇଁ ପଞ୍ଚକ ମହୋତ୍ସବର ଭୂମିକା ଅବର୍ଣ୍ଣନୀୟ ବୋଲି କହିଥିଲେ। ଅନ୍ୟତମ ଅତିଥି ଭାବେ ପୂର୍ବତନ ଶ୍ରୀମନ୍ଦିର ପରିଚାଳନା କମିଟି ସଦସ୍ୟ ମାଧବ ଚନ୍ଦ୍ର ମହାପାତ୍ର ମାଉସୀ ମା'ଙ୍କ ସହ ଶ୍ରୀଜଗନ୍ନାଥ ସମ୍ପର୍କ ସମ୍ପର୍କରେ ଆଲୋକପାତ କରିଥିଲେ। ବରିଷ୍ଠ ଦୂଇତା ସେବକ ଡ. ଶରତ ଚନ୍ଦ୍ର ମହାନ୍ତି, ମହାସୁଆର ନିଯୋଗ ସମ୍ପାଦକ ଗଣେଶ ମହାସୁଆର, ସେବକ ବଳରାମ ଖୁଣ୍ଟିଆ ପ୍ରମୁଖ ଯୋଗଦେଇ ମାଉସୀ ମା'ଙ୍କ ମାହାତ୍ମ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଅନୁଷ୍ଠାନର ସଭାପତି ଜଗନ୍ନାଥ ଦାସ ମହାପାତ୍ର, ସମ୍ପାଦକ ରାମଚନ୍ଦ୍ର ଦୋରା, କାର୍ଯ୍ୟକାରୀ ସଭାପତି ବିରେନ୍ଦ୍ର କୁମାର ଶାସ୍ତ୍ରୀ, ମୁଖ୍ୟ ସଂଯୋଜକ ସତ୍ୟ ନାରାୟଣ ଦାଶ ଓ ମହୋତ୍ସବ କମିଟି ସମ୍ପାଦକ ମଧୁସୂଦନ ମିଶ୍ର, ଡ. ବିଶ୍ୱନାଥ ମିଶ୍ର, ଚକ୍ରଧର ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ନାଟ୍ୟକାର ଭରତ ନାୟକଙ୍କୁ ସମ୍ମାନିତ କରାଯାଇଥିଲା। ପ୍ରଶାନ୍ତି କଳା ପରିଷଦର ସାଗରିକା ମହାପାତ୍ରଙ୍କ ନିର୍ଦ୍ଦେଶନାରେ ନୃତ୍ୟଶିଳ୍ପୀମାନେ ନୃତ୍ୟ ପ୍ରଦର୍ଶନ କରିଥିଲେ। ହରିନାମ ପ୍ରବଚକ ବିପିନ ବିହାରୀ ମିଶ୍ର, ଅନିତା କଲଚରାଲ ଏକାଡେମୀ ପକ୍ଷରୁ ଗୀତିନାଟ୍ୟ ସତୀ ଅନୁସୟା ପରିବେଷଣ କରାଯାଇଥିଲା। ଫକୀର ମୋହନ ସେନାପତିଙ୍କ ରଚିତ ପେଟେଣ୍ଟ ମେଡିସିନ ମଞ୍ଚସ୍ଥ ହୋଇଥିଲା।

**ବ୍ୟାଙ୍କ ଅଫ୍ ଇଣ୍ଡିଆ** (Bank of India, BOI)
ଆଞ୍ଚଳିକ କାର୍ଯ୍ୟାଳୟ: କେନ୍ଦୁଝର ଅଞ୍ଚଳ, ସା.: କାଶୀପୁର, ପୋ.: ମାଣ୍ଡୁଆ, କେନ୍ଦୁଝର-୭୫୮୦୧୪

**ଇ-ନିଲାମ ବିକ୍ରୟ ବିଜ୍ଞପ୍ତି**
ସରଫେଶୀ ଆକ୍ଟ ୨୦୦୨ ଅନୁସାରେ ଇ-ନିଲାମ ବିକ୍ରୟ ବିଜ୍ଞପ୍ତି

ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନଷ୍ଟ୍ରକସନ୍ ଅଫ୍ ଫାଇନାନ୍ସିଆଲ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨(ସରଫେଶୀ ଆକ୍ଟ) ସହିତ ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ନିୟମ ୮(୬) ବ୍ୟବସ୍ଥା ଅନୁଯାୟୀ ସ୍ଥାବର ସମ୍ପତ୍ତିର ଇ-ନିଲାମ ବିକ୍ରୟ ତା.୨୫.୧୧.୨୦୨୫ରିଖ ପୂର୍ବାହ୍ନ ୧୦.୦୦ ଘଟିକା ଠାରୁ ଅପରାହ୍ନ ୦୫.୦୦ ଘଟିକା ଘଟିକା ପର୍ଯ୍ୟନ୍ତ ଅନୁଷ୍ଠିତ ହେବ।

ବ୍ୟାଙ୍କ ଅଫ୍ ଇଣ୍ଡିଆର କ୍ଷମତାପ୍ରାପ୍ତ ଅଧିକାରୀ ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନଷ୍ଟ୍ରକସନ୍ ଅଫ୍ ଫାଇନାନ୍ସିଆଲ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ଏବଂ ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ଧାରା ୧୩(୧୨) ସହିତ ନିୟମ ୮ ଓ ୯ ରେ ଦିଆଯାଇଥିବା କ୍ଷମତା ପ୍ରୟୋଗ କରି ଋଣଗ୍ରହୀତାମାନଙ୍କୁ ଡିମାଣ୍ଡ ନୋଟିସ୍ ଜାରି କରିଥିଲେ ଏବଂ କ୍ଷମତାପ୍ରାପ୍ତ ଅଧିକାରୀ ନିମ୍ନ ଦର୍ଶିତ ସମ୍ପତ୍ତିଗୁଡ଼ିକୁ ଦଖଲକୁ ନେଇଛନ୍ତି। କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା କଥିତ ରୁଲ୍ ୮ର ସବ୍-ରୁଲ୍ ୫ ଏବଂ ୬ ଅନୁଯାୟୀ **"ଯେଉଁଠାରେ ଯେପରି ଅଛି", "ଯାହା ଯେପରି ଅଛି" ଏବଂ "ସେଠାରେ ଯାହା ଅଛି" ଭିତ୍ତିରେ ତା.୨୫.୧୧.୨୦୨୫ରିଖ ପୂର୍ବାହ୍ନ ୧୦.୦୦ଘଟିକା ରୁ ଅପରାହ୍ନ ୦୫.୦୦ ଘଟିକା** ମଧ୍ୟରେ ଇ-ନିଲାମ ବିକ୍ରୟ ନିମନ୍ତେ ପ୍ରସ୍ତାବମାନ ଆହ୍ୱାନ କରାଯାଉଅଛି। ଏତଦ୍ୱାରା ସମୂହଭାବେ ସର୍ବସାଧାରଣ ଓ ଋଣଗ୍ରହୀତା, ବନ୍ଧକଦାତା ଏବଂ ଗ୍ୟାରେଣ୍ଟିଦାତାମାନଙ୍କୁ ଜଣାଇ ଦିଆଯାଉଅଛି କି ସରଫେଶୀ ଆକ୍ଟ, ୨୦୦୨ ର ନିୟମ ଏବଂ ସର୍ତ୍ତାବଳୀ ଅନୁଯାୟୀ ବ୍ୟାଙ୍କର ଋଣ ଆଦାୟକରଣ ନିମନ୍ତେ ନିମ୍ନଲିଖିତ ସମ୍ପତ୍ତିକୁ ଇ-ନିଲାମ ମାଧ୍ୟମରେ ବିକ୍ରୟ କରାଯିବ।

**ଇ-ନିଲାମ ତାରିଖ ଓ ସମୟ: ୨୫.୧୧.୨୦୨୫** ପୂର୍ବାହ୍ନ ୧୦.୦୦ ଘ. ଠାରୁ ଅପରାହ୍ନ ୫.୦୦ ଘ. ପ୍ରତ୍ୟେକଙ୍କ ପାଇଁ ୧୦ମି. ଅସୀମିତ ବର୍ଦ୍ଧିତ ସମୟ ସହିତ

**ଅମାନତ ଜମା ଏବଂ କାଗଜାତ୍ ଦାଖଲର ଅନ୍ତିମ ତାରିଖ: ୧୭.୧୧.୨୦୨୫ ରୁ ୨୫.୧୧.୨୦୨୫** ପୂର୍ବାହ୍ନ ୧୦.୦୦ ଘଟିକା ଠାରୁ ଅପରାହ୍ନ ୨.୦୦ ଘଟିକା

ସମ୍ପତ୍ତି ତନଖି କରିବାର ସମୟ : ୧୭.୧୧.୨୦୨୫ ରୁ ୨୪.୧୧.୨୦୨୫ ପୂର୍ବାହ୍ନ ୧୦.୦୦ ଘଟିକାରୁ ଅପରାହ୍ନ ୪.୦୦ ଘଟିକା ମଧ୍ୟରେ
**ସମ୍ପତ୍ତି ତନଖି ପାଇଁ ସମ୍ପୃକ୍ତ ଶାଖା ମୁଖ୍ୟ କିମ୍ବା ରିକଭରୀ ଡିପାର୍ଟମେଣ୍ଟ, ଆଞ୍ଚଳିକ କାର୍ଯ୍ୟାଳୟ, କେନ୍ଦୁଝର (ଡୁବୁରି ଶାଖା ପ୍ରବନ୍ଧକ: ୮୦୧୮୫୩୦୦୨୩, କ୍ଷମତାପ୍ରାପ୍ତ ଅଧିକାରୀ ମୋ.: ୯୪୩୮୯୧୨୭୨୬, ଆଞ୍ଚଳିକ କାର୍ଯ୍ୟାଳୟ, କେନ୍ଦୁଝର, ରିକଭରୀ ଡିପାର୍ଟମେଣ୍ଟ, ମୋ.: ୯୧୦୧୫୦୮୦୧୯) ସହ ଯୋଗାଯୋଗ କରନ୍ତୁ**

| କ୍ର. ନଂ. | ଡୁବୁରି ଶାଖା / ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାଙ୍କ ନାମ ଓ ଠିକଣା / ମୋଟ ବକେୟା ରାଶି | ସମ୍ପତ୍ତିର ବିବରଣୀ | ସଂରକ୍ଷିତ ମୂଲ୍ୟ / ଅମାନତ ରାଶି / ଦଖଲ ପ୍ରକାର |
|---|---|---|---|
| ୧. | **ଋଣଗ୍ରହୀତା: ଶ୍ରୀ ଶ୍ରୀକାନ୍ତ ସେଠୀ,** ପିତା: ଶ୍ରୀ କୁଳମଣି ସେଠୀ, ସା.: ଆମ୍ଭୋର, ପୋ.:ଜଳସୁଆଁ ପାଟଣା, ଭାୟା: କୁଶଳେଶ୍ୱର, ଜିଲ୍ଲା: ଯାଜପୁର-୭୫୫୦୨୫ / **ଗ୍ୟାରେଣ୍ଟିଦାତା: ଶ୍ରୀ ରତ୍ନାକର ମହାରଣା,** ପିତା: ଶ୍ରୀ ଚୈତନ୍ୟ ମହାରଣା, ସା.: ଟୋଲକାନୀ, ପୋ.:ଚିତାରି, ଭାୟା: ଜେ.କେ. ରୋଡ୍, ଜିଲ୍ଲା: ଯାଜପୁର-୭୫୫୦୨୫ / **ମୋଟ ବକେୟାରାଶି: ତା.୨୦.୦୯.୨୦୧୬ରିଖ ସୁଦ୍ଧା ଟ.୩,୨୪,୩୫୮/-** + ପରବର୍ତ୍ତୀ ସୁଧ, ଆଇନ୍‌ଗତ ଦେୟ ଏବଂ ଆନୁସଙ୍ଗିକ ଖର୍ଚ୍ଚ | **ଶ୍ରୀ ଶ୍ରୀକାନ୍ତ ସେଠୀଙ୍କ** ନାମରେ ଥିବା ଜମି ଏବଂ ଗୃହର ସମସ୍ତ ଅଂଶବିଶେଷ ଯାହାର ଖାତା ନଂ.: ୪୭୭/୨୨, ପ୍ଲଟ୍ ନଂ.:୬୭୦, କ୍ଷେତ୍ର: ଏକର ୦.୦୫ ଡିସିମିଲି, କିସମ: ଘରବାରୀ,ମୌଜା: ଆମ୍ଭୋର, ଥାନା: ଟମକା, ଏସ୍ଆରଓ: ସୁକିନ୍ଦା,ତହସିଲ: ସୁକିନ୍ଦା, ଜିଲ୍ଲା: ଯାଜପୁର, ଏହାର ଚରିପାର୍ଶ୍ୱ ରେଉତ୍ତର: କୀର୍ତ୍ତନ ମହାପାତ୍ର, ଦକ୍ଷିଣ: ପାଣୁ ସେଠୀ, ପୂର୍ବ: କୀର୍ତ୍ତନମହାପାତ୍ର, ପଶ୍ଚିମ: ପାଣୁ ସେଠୀ | ଟ.୬,୮୧,୨୧୦/- / ଟ.୬୮,୧୨୧/- / ସାଙ୍କେତିକ |

**ଇ-ନିଲାମର ନିୟମ ଓ ସର୍ତ୍ତାବଳୀ :**
ବିକ୍ରୟ ନୋଟିସ୍‌ରେ ବିକ୍ରୟର ସାଧାରଣ ନିୟମ ଏବଂ ସର୍ତ୍ତାବଳୀ ୱେବ୍‌ସାଇଟ୍: **https://baanknet.com / https://ebkray.in** ରେ ଉପଲବ୍ଧ ଏବଂ ପ୍ରକାଶିତ। ଇ-ନିଲାମ ସମୟରେ କିମ୍ବା ପୂର୍ବରୁ କୌଣସି ଅସୁବିଧା କିମ୍ବା ସହାୟତା ନିମନ୍ତେ ଇ-ନିଲାମ ସେବାପ୍ରଦାନକାରୀ **(https://baanknet.com / https://ebkray.in)** ଙ୍କ କ୍ଷମତାପ୍ରାପ୍ତ ପ୍ରତିନିଧିଙ୍କ ସହ ଯୋଗାଯୋଗ କରିପାରିବେ। ଯାହାର ସବିଶେଷ ବିବରଣୀ ଇ-ନିଲାମ ପୋର୍ଟାଲରେ ଉପଲବ୍ଧ।

ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା/ବନ୍ଧକଦାତା(ମାନ)ଙ୍କୁ ୧୫ ଦିନିଆ ଇ-ନିଲାମ ବିକ୍ରୟ ନୋଟିସ୍
ଉପରୋକ୍ତ ଋଣ ଆକାଉଣ୍ଟର ଋଣଗ୍ରହୀତା / ଗ୍ୟାରେଣ୍ଟିଦାତା/ବନ୍ଧକଦାତାମାନଙ୍କୁ ଏହା ଏକ **୧୫ ଦିନିଆ ନୋଟିସ୍** କି ସେମାନେ ସେମାନଙ୍କର ଉପରଦର୍ଶିତ ଋଣ ଆକାଉଣ୍ଟକୁ ଫଏସଲା କରନ୍ତୁ ଅନ୍ୟଥା ସେମାନଙ୍କର ସମ୍ପତ୍ତି ଉପରଦର୍ଶିତ ତାରିଖରେ ବିକ୍ରୟ କରାଯାଇ ବ୍ୟାଙ୍କ ଦେୟ ଆଦାୟ କରାଯିବ।

ସ୍ଥାନ : କେନ୍ଦୁଝର, ତାରିଖ : ୦୬.୧୧.୨୦୨୫
କ୍ଷମତାପ୍ରାପ୍ତ ଅଧିକାରୀ, ବ୍ୟାଙ୍କ ଅଫ୍ ଇଣ୍ଡିଆ

इंडियन बैंक Indian Bank / इलाहाबाद ALLAHABAD
**ଆଞ୍ଚଳିକ କାର୍ଯ୍ୟାଳୟ, କଟକ**
ସା: ପ୍ଲଟ୍ ନଂ.: ସି/୯, ସେକ୍ଟର - ୬, ସିଡ଼ିଏ, ପୋ.: ମର୍କତ ନଗର, କଟକ - ୭୫୩୦୧୪
ଇ-ମେଲ: zocuttack@indianbank.co.in

**ଇ-ନିଲାମ ବିକ୍ରୟ ବିଜ୍ଞପ୍ତି**
{ସମ୍ପତ୍ତିଗୁଡ଼ିକର ବିକ୍ରୟ ନିମନ୍ତେ ସରଫେଶୀ ଆକ୍ଟ, ୨୦୦୨ର ରୁଲ୍ ୬(୨) ଏବଂ ୮(୬) ବ୍ୟବସ୍ଥା ଅନୁଯାୟୀ ବିକ୍ରୟ ନୋଟିସ୍}

ସିକ୍ୟୁରିଟାଇଜେସନ ଆଣ୍ଡ ରିକନ୍‌ଷ୍ଟ୍ରକ୍‌ସନ୍ ଅଫ୍ ଫାଇନାନ୍ସିଆଲ ଆସେଟ୍‌ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ୍ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ୍ (ସରଫେଶୀ) ଆକ୍ଟ, ୨୦୦୨ (୨୦୦୨ର ନଂ.୫୪) ଅନୁଯାୟୀ ବ୍ୟାଙ୍କକୁ ବନ୍ଧକ ଦିଆଯାଇଥିବା ସ୍ଥାବର ସମ୍ପତ୍ତିଗୁଡ଼ିକର ବିକ୍ରୟ

**ଇଣ୍ଡିଆନ୍ ବ୍ୟାଙ୍କ**ର କ୍ଷମତାପ୍ରାପ୍ତ ଅଧିକାରୀ ସିକ୍ୟୁରିଟାଇଜେସନ ଆଣ୍ଡ ରିକନ୍‌ଷ୍ଟ୍ରକ୍‌ସନ୍ ଅଫ୍ ଫାଇନାନ୍ସିଆଲ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ୍ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ୍ ଆକ୍ଟ, ୨୦୦୨ ଏବଂ ଧାରା୧୩(୨) ଅନୁସାରେ ଜାରି କରାଯାଇଥିବା ନୋଟିସ୍ ଅନୁଯାୟୀ ନିମ୍ନରେ ଦର୍ଶିତ ଋଣ ଆକାଉଣ୍ଟଗୁଡ଼ିକର ନିମ୍ନଦର୍ଶିତ ସମ୍ପତ୍ତିଗୁଡ଼ିକୁ ଦଖଲକୁ ନେଇ ନିମ୍ନରେ ଦର୍ଶାଯାଇଥିବା ବ୍ୟାଙ୍କର ଦେୟ ସହିତସୁଧ ଆଦାୟକରଣ ପାଇଁ "ଯେଉଁଠାରେ ଯେପରି ଅଛି, ଯାହା ଯେପରି ଅଛି" ଭିତ୍ତିରେ ବିକ୍ରୟ କରିବାର ଅଧିକାର ରଖିଛନ୍ତି ଏବଂ ଯେହେତୁ ଋଣଗ୍ରହୀତାମାନେ ବ୍ୟାଙ୍କର ଦେୟ ପୈଠ କରିବାରେ ବିଫଳ ହୋଇଛନ୍ତି ନିମ୍ନସ୍ୱାକ୍ଷରକାରୀ କଥିତ ଆକ୍ଟର ଧାରା ୧୩(୪) ପ୍ରୟୋଗ କରି ବ୍ୟାଙ୍କର ଦେୟ ଆଦାୟ କରିବା ପାଇଁ ବିକ୍ରୟ ପ୍ରସ୍ତାବ ରଖିଛନ୍ତି। **ନିମ୍ନ ସ୍ୱାକ୍ଷରକାରୀଙ୍କ ଦ୍ୱାରା ବିକ୍ରୟ ହେବାକୁ ଥିବାସମ୍ପତ୍ତିର ଇ-ନିଲାମ ପ୍ଲାଟଫର୍ମ ୱେବସାଇଟ୍ : https://www.ebkray.in/baanknet.com**

| କ୍ର. ନଂ. | ଶାଖା / ଋଣଗ୍ରହୀତା/ ଗ୍ୟାରେଣ୍ଟିଦାତା/ ବନ୍ଧକଦାତାମାନଙ୍କ ନାମ ଏବଂ ଠିକଣା | ସ୍ଥାବର ସମ୍ପତ୍ତିଗୁଡ଼ିକର ବିବରଣୀ | ଡିମାଣ୍ଡ ନୋଟିସ୍ ତାରିଖ / ଦଖଲ ତାରିଖ /ବକେୟା ପରିମାଣ /ଦଖଲର ପ୍ରକାର | ସଂରକ୍ଷିତ ମୂଲ୍ୟ / ଅମାନତ ରାଶି / ବିଡ୍ ବୃଦ୍ଧି ପରିମାଣ |
|---|---|---|---|---|
| ୧. | **କଟକ ନୟାସଡକ ଶାଖା/** ଋଣଗ୍ରହୀତା: ମେସର୍ସ ଭାରତ ଟ୍ରାନ୍ସପୋର୍ଟ ଆଣ୍ଡ ମିନେରାଲ୍ସ, **ସ୍ୱତ୍ୱାଧିକାରୀ: ମିର୍ଜା ଆକୁବ ଅଲ୍ଲି ବେଗ୍, ପଞ୍ଜିକୃତ କାର୍ଯ୍ୟାଳୟ:** ସା: ଯୋବ୍ରା ମେନ୍ ରୋଡ୍, ଦାସ ସାହି, ଗୀତା ମେମୋରିଆଲ ହସ୍ପିଟାଲ ସମ୍ମୁଖ, ପୋ.: କଲେଜ ସ୍କୋୟାର, କଟକ-୭୫୩୦୦୩ / **ଋଣଗ୍ରହୀତା ଏବଂ ବନ୍ଧକଦାତା: ମିର୍ଜା ଆକୁବ ଅଲ୍ଲି ବେଗ୍,** ପିତା: ମିର୍ଜା ଅଫସର ଅଲ୍ଲି ବେଗ୍ / **ଗ୍ୟାରେଣ୍ଟିଦାତା: ମିର୍ଜା ଅଫସର ଅଲ୍ଲି ବେଗ୍,** ପିତା: ୰ ମିର୍ଜା ଅହମ୍ମଦ ଅଲ୍ଲି ବେଗ, ଉଭୟଙ୍କ ଠିକଣା- ସା: ଯୋବ୍ରା ମେନ୍ ରୋଡ୍, ଦାସ ସାହି, ଗୀତା ମେମୋରିଆଲ ହସ୍ପିଟାଲ ସମ୍ମୁଖ, ପୋ.: କଲେଜ ସ୍କୋୟାର, କଟକ-୭୫୩୦୦୩ | **ମିର୍ଜା ଅଫସର ଅଲ୍ଲି ବେଗ୍,** ପିତା: ୰ ମିର୍ଜା ଅହମ୍ମଦ ଅଲ୍ଲି ବେଗଙ୍କ ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ୍ ନଂ.: ୮୨୪/୧୪୪୪, ଖାତା ନଂ.: ୧୪, କ୍ଷେତ୍ର: ଏକର୦.୦୪୦ ଡିସିମିଲି, ମୌଜା: କଟକ ଟାଉନ ୟୁନିଟ୍ ନଂ.: ୨୫, ସା: ଯୋବ୍ରା-୧, ଚୁନାଭାଟି ରୋଡ୍, ଥାନା: ମାଲଗୋଦାମ ନଂ.: ୨, ତହସିଲ: କଟକ ନଂ.: ୨୩୮, ଜିଲ୍ଲା: କଟକ, ଓଡ଼ିଶା, ଏହାର ଚାରିପାର୍ଶ୍ୱରେ ଉତ୍ତର: ପୂର୍ଣ୍ଣ ଚନ୍ଦ୍ର ସାହୁ ଏବଂ ରାସ୍ତା, ଦକ୍ଷିଣ: ମିର୍ଜା ଅଖତାର ଅଲ୍ଲି, ପୂର୍ବ: ମନସୁର ଖାନ୍, ପଶ୍ଚିମ: ପୂର୍ଣ୍ଣ ଚନ୍ଦ୍ର ସାହୁ / **ସମ୍ପତ୍ତି ଆଇଡି: ALLA200008931858** | ୨୯.୦୭.୨୦୧୭ / ୧୨.୧୦.୨୦୧୭ / ୦୬.୧୧.୨୦୨୫ ସୁଦ୍ଧା ଟ.୨,୫୦,୪୧,୫୮୫/- ପରିଶୋଧ ତାରିଖ ପର୍ଯ୍ୟନ୍ତ ପ୍ରଚୁର୍ଯ୍ୟ ହାରରେ ପରବର୍ତ୍ତୀ ସୁଧ, ଆନୁସଙ୍ଗିକ ଖର୍ଚ୍ଚ ଏବଂ ଅନ୍ୟାନ୍ୟ ଦେୟ / ଗଠନ୍ମାତକ (ସାଙ୍କେତିକ) | ଟ.୬୫,୧୬,୦୦୦/- / ଟ.୬,୫୧,୬୦୦/- / ଟ.୫୦,୦୦୦/- |

**ଇ-ନିଲାମ ତାରିଖ ଏବଂ ସମୟ: ୨୫.୧୧.୨୦୨୫ (ମଙ୍ଗଳବାର), ପୂର୍ବାହ୍ନ ୧୧.୦୦ ଘଟିକାରୁ ଅପରାହ୍ନ ୫.୦୦ ଘଟିକା**

**ଅମାନତ ରାଶି ଓ କାଗଜାତ୍ ଦାଖଲର ଅନ୍ତିମ ତାରିଖ ଏବଂ ସମୟ : ତା.୨୪.୧୧.୨୦୨୫ରିଖ ରାତ୍ର ୧୧.୫୫ ଘଟିକା ପର୍ଯ୍ୟନ୍ତ (ଅନ୍‌ଲାଇନ୍‌ରେ) ଅର୍ଥାତ ପୋର୍ଟାଲରେ ଦର୍ଶିତ ନିଲାମ ତାରିଖ ଓ ସମୟ ପୂର୍ବରୁ**

**ସମ୍ପତ୍ତିଗୁଡିକୁ ତନଖି କରିବାର ତାରିଖ ଏବଂ ସମୟ: ତା.୧୦.୧୧.୨୦୨୫ରିଖ ଠାରୁ ତା.୧୮.୧୧.୨୦୨୫ରିଖ ପୂର୍ବାହ୍ନ ୧୧.୦୦ଘଟିକା ରୁ ଅପରାହ୍ନ ୪.୦୦ଘଟିକା ମଧ୍ୟରେ (ବ୍ୟାଙ୍କର ପୂର୍ବ ଅନୁମତି ସହିତ) ନିଜ ଖର୍ଚ୍ଚରେ**

**ନିୟମ ଓ ସର୍ତ୍ତାବଳୀ :** ୧) ବିକ୍ରୟର ସବିଶେଷ ନିୟମ ଏବଂ ସର୍ତ୍ତାବଳୀ ନିମନ୍ତେ ଲିଙ୍କ୍: **https://www.ebkray.in/baanknet.com** ଦେଖନ୍ତୁ। ସମ୍ଭାବ୍ୟ ନିଲାମଧାରୀମାନେ କ୍ଷମତାପ୍ରାପ୍ତ ଅଧିକାରୀ/ଶାଖାରେ ଯୋଗାଯୋଗ କରିପାରିବେ। ୨) ଉପରୋକ୍ତ ଋଣ ଆକାଉଣ୍ଟର ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା/ବନ୍ଧକଦାତାମାନଙ୍କୁ ଉପର ଦର୍ଶିତ ତାରିଖରେ ଇ-ନିଲାମ ବିକ୍ରୟ ଅନୁଷ୍ଠିତ ହେବା ପାଇଁ **୧୫ଦିନିଆ** ନୋଟିସ୍ ଅଟେ। ୩) ସଫଳ ନିଲାମଧାରୀ ସମସ୍ତ ଖର୍ଚ୍ଚ ଯଥା- ଷ୍ଟାମ୍ପ ଡ୍ୟୁଟି, ବିକ୍ରୟ ସାର୍ଟିଫିକେଟ୍ ରେଜିଷ୍ଟ୍ରେସନ୍ ଯଦି ଥାଏ ତାହା ବହନ କରିବେ। ୪) କ୍ଷମତାପ୍ରାପ୍ତ ଅଧିକାରୀ ବିକ୍ରୟ କରାଯିବାକୁ ଥିବା ସମ୍ପତ୍ତି ସମ୍ବନ୍ଧୀୟ କୌଣସି ଦେୟ, ଲିୟନ, ଏନ୍‌କମ୍ବ୍ରାନ୍ସ, ସମ୍ପତ୍ତି ଟିକସ, ସରକାର କିମ୍ବା ଅନ୍ୟ କୌଣସି ସଂସ୍ଥାକୁ ଥିବା ଦେୟ ନିମନ୍ତେ ଦାୟୀ ରହିବେ ନାହିଁ। ୫) କ୍ଷମତାପ୍ରାପ୍ତ ଅଧିକାରୀ କୌଣସି କାରଣ ନଦର୍ଶାଇ କୌଣସି ବିଡ୍‌କୁ ଗ୍ରହଣ କିମ୍ବା ବାତିଲ କିମ୍ବା ବିକ୍ରୟ ସ୍ଥଗିତ/ବାତିଲ କରିବାର ସମ୍ପୂର୍ଣ୍ଣ ଅଧିକାରୀ ରହିଛି। ଦ୍ରଷ୍ଟବ୍ୟ ଏହିକି ଏହି ନୋଟିସ୍ ଉପରୋକ୍ତ ସମ୍ପତ୍ତି ବିକ୍ରୟ କରିବାକୁ ବ୍ୟାଙ୍କ ଦ୍ୱାରା କୌଣସି ପ୍ରତିଶ୍ରୁତି କିମ୍ବା ପ୍ରତିନିଧିତ୍ୱ ପ୍ରଦାନ କରାଯାଉନାହିଁ।

**ଉପରୋକ୍ତ ନୋଟିସ୍‌କୁ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ ର ରୁଲ ୯(୧) ଅନୁଯାୟୀ ୧୫ ଦିନିଆ ବୈଧାନିକ ନୋଟିସ୍ ବୋଲି ବିବେଚନା କରାଯିବ।**
ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା/ବନ୍ଧକଦାତାମାନଙ୍କୁ ଏତଦ୍ୱାରା ଜଣାଇଦିଆଯାଉଛି କି ସେମାନେ ଇ-ନିଲାମ ପୂର୍ବରୁ ବର୍ତ୍ତମାନ ସୁଦ୍ଧା ସୁଧ ଓ ଖର୍ଚ୍ଚ ସହିତ ମୋଟ୍ ଦେୟ ପୈଠ କରନ୍ତୁ ଅନ୍ୟଥା ସମ୍ପତ୍ତିନିଲାମ ବିକ୍ରୟ କରାଯିବ ଏବଂ ଯଦି କିଛି ବକେୟା ରହିଯାଏ ତେବେ ସୁଧ ଓ ଖର୍ଚ୍ଚ ସହିତ ଆଦାୟ କରାଯିବ।

ସ୍ଥାନ: କଟକ, ତାରିଖ: ୦୬.୧୧.୨୦୨୫
ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, ଇଣ୍ଡିଆନ୍ ବ୍ୟାଙ୍କ

# ଆଜିଠୁ ୩ଦିନିଆ ଇଣ୍ଡିଆନ ରୋଡ୍‌ସ କଂଗ୍ରେସ

**■ଉଦ୍‌ଘାଟନ କରିବେ ନୀତିନ ଗଡ଼କରୀ**

**■ରାଜ୍ୟରେ ୫ବର୍ଷରେ ନିର୍ମାଣ ହେବ ୭୫ ହଜାର କି.ମି. ରାସ୍ତା**

ଭୁବନେଶ୍ୱର,୬।୧୧(ଅନୁରାଧା ମହାରଣା)

ଓଡ଼ିଶାରେ ଅନୁଷ୍ଠିତ ହେଉଛି ୮୪ତମ ଇଣ୍ଡିଆନ ରୋଡ୍‌ସ କଂଗ୍ରେସ (ଆଇଆର୍‌ସି) ମହାକୁମ୍ଭ। ଓଡ଼ିଶାରେ ୬ଷ୍ଠ ଥର ପାଇଁ ଅନୁଷ୍ଠିତ ହେଉଥିବା ଏହି ମହାକୁମ୍ଭକୁ କେନ୍ଦ୍ର ସଡ଼କ ପରିବହନ ଓ ରାଜପଥ ମନ୍ତ୍ରୀ ନୀତିନ ଗଡ଼କରୀ ଶୁକ୍ରବାର ଉଦ୍‌ଘାଟନ କରିବେ। ୨୦୧୫ ପରେ ପୁଣି ଏକ ଦଶନ୍ଧି ବ୍ୟବଧାନରେ ଏବଂ ନୀତିରେ ପ୍ରମୁଖ ଉନ୍ନତି' ରହିଛି। ଆଇଆର୍‌ସି ଦେଶର ସଡ଼କ ଇଞ୍ଜିନିୟର ଏବଂ ଯୋଜନାକାରୀଙ୍କ ପାଇଁ ଏକ ବୃତ୍ତିଗତ ସଂଗଠନ ଭାବେ କାର୍ଯ୍ୟ କରୁଛି। ଏନ୍‌ଏଚ୍‌ଏଆଇ, ଏମ୍‌ୟୁଡି, ବ୍ରୋ, ଏମ୍‌ଇଏସ୍,ଏନ୍‌ଆର୍‌ଆଇଡିଏ, ଏନ୍‌ଏଚ୍‌ଆଇଡିଏସ୍‌ଏଲ୍, ଏମ୍ ଓ ଆର୍‌ଡି ବ୍ୟତୀତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳ ପବ୍ଲିକ ୱାର୍କସ ବିଭାଗ, ପବ୍ଲିକ ସେକ୍ଟର ଅଣ୍ଡରଟେକିଂ, ଆଇଆଇଟି, ଇଞ୍ଜିନିୟରିଂ




ଓଡ଼ିଶାରେ ଆଇଆର୍‌ସି ଅନୁଷ୍ଠିତ ହେଉଛି। ଏହି ଅବସରରେ ଗୁରୁବାର ଜନତା ମଇଦାନରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଓଡ଼ିଶାର ଆଇନ, ପୂର୍ତ୍ତ ଓ ଅବକାରୀ ବିଭାଗ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି, ଆସନ୍ତା ୫ ବର୍ଷ ମଧ୍ୟରେ ଓଡ଼ିଶାରେ ୭୫ହଜାର କି.ମି. ରାସ୍ତା ନିର୍ମାଣ ହେବ। ସମ୍ମିଳନୀରେ ହେବାକୁ ଥିବା ଅଧିବେଶନଗୁଡ଼ିକର ବିଷୟବସ୍ତୁ 'ରାଜରାସ୍ତା ପ୍ରଯୁକ୍ତି ବିଦ୍ୟା କଲେଜ, ଗବେଷଣା ସଂଗଠନ, ଠିକାଦାର ସଂସ୍ଥା ଏହି କାର୍ଯ୍ୟରେ ନିୟୋଜିତ ଅଛନ୍ତି। ସମଗ୍ର ଦେଶରେ ସଡ଼କ, ସେତୁ ଏବଂ ସୁଡ଼ଙ୍ଗ ନିର୍ମାଣର ଯୋଜନା, ଡିଜାଇନ୍, ପରିଚାଳନା ଓ ରକ୍ଷଣାବେକ୍ଷଣରେ ନୂତନ କୌଶଳକୁ ପ୍ରୋତ୍ସାହିତ କରିବା ଏହି ସଂଗଠନର ଲକ୍ଷ୍ୟ ବୋଲି ମନ୍ତ୍ରୀ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆଇଆର୍‌ସିର ସଭାପତି ମନୋରଞ୍ଜନ ପରିଡ଼ା, ନିର୍ମାଣ



ଖବରଦାତା ସମ୍ମିଳନୀରେ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ସମ୍ମିଳନୀ ସମ୍ପର୍କରେ ସୂଚନା ଦେଉଛନ୍ତି।

## ଆକର୍ଷଣ ସାଜିବ 'ଓପନ୍ ଟୁ ସ୍କାଏ ଷ୍ଟଲ୍'

୮୪ତମ ବ୍ୟବସାୟିକ ବୈଠକରେ ଅନ୍ୟତମ ଆକର୍ଷଣ ସାଜିବ 'ଓପନ ଟୁ ସ୍କାଏ ଷ୍ଟଲ'। ଏଥିମଧ୍ୟରେ ୨୦ଟି ଷ୍ଟଲ୍‌ରେ ସଡ଼କ ଭିତ୍ତିଭୂମି ମଡେଲ ସହ ବିଭିନ୍ନ ଜ୍ଞାନକୌଶଳର ପ୍ରୟୋଗ ପ୍ରଦର୍ଶିତ ହେବ। ୩୫୦ଟି ବୈଷୟିକ ପ୍ରଦର୍ଶନୀ ଷ୍ଟଲ୍‌ରେ ମେକାନାଇଜ୍ଡ ମାଷ୍ଟିକର ଡେମୋ ପ୍ରଦର୍ଶିତ ହେବ। ଫ୍ଲାଏ ଆଶ୍, ବାଲି ପ୍ରସ୍ତୁତି, ପୋରସ କଂକ୍ରିଟ, ଏନ୍‌ଏସ୍‌ବି ଏବଂ ରାସ୍ତା ନିର୍ମାଣରେ ଆଧୁନିକ ଜ୍ଞାନ କୌଶଳର ପ୍ରୟୋଗକୁ ପ୍ରତ୍ୟକ୍ଷ କରିବାର ସୁଯୋଗ ମିଳିବ।

ବିଭାଗ ପ୍ରମୁଖ ଶାସନ ସଚିବ ସଞ୍ଜୟ କୁମାର ସିଂ, ସ୍ଥାନୀୟ ସଞ୍ଚାଳକ ମାନସ ରଞ୍ଜନ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଆଇଆର୍‌ସିର ଏହି ବାର୍ଷିକ ସମ୍ମିଳନୀରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, କେନ୍ଦ୍ର ସଡ଼କ ପରିବହନ ଓ ରାଜପଥ ରାଷ୍ଟ୍ରମନ୍ତ୍ରୀ ଅଜୟ ତମ୍‌ତା, ହର୍ଷ ମalହୋତ୍ରା, ଓଡ଼ିଶାର ଆଇନ, ପୂର୍ତ୍ତ, ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଓ ମଧ୍ୟପ୍ରଦେଶର ପୂର୍ତ୍ତମନ୍ତ୍ରୀ ରାକେଶ ସିଂହ ଅତିଥି ଭାବେ ଯୋଗଦେଇ ମାର୍ଗଦର୍ଶନ କରିବେ। ୩ ଦିନରେ ମୋଟ ୧୯ଟି ଅଧିବେଶନ ଅନୁଷ୍ଠିତ ହେବ। ୩,୫୦୦ରୁ ଉର୍ଦ୍ଧ୍ୱ ପ୍ରତିଭାଗୀ ଅଂଶଗ୍ରହଣ କରିବେ। ଏହି ଅବସରରେ ବୈଷୟିକ ଅଧିବେଶନ ମଧ୍ୟ ଅନୁଷ୍ଠିତ ହେବ। ଉଦ୍‌ଘାଟନୀ ସମାରୋହ ପରେ ଆଇଆର୍‌ସିର ୨୩୫ତମ କାଉନ୍‌ସିଲ ବୈଠକ ଅନୁଷ୍ଠିତ ହେଉଥିବାବେଳେ ଏଥିରେ ଆଇଆଇଟି, ଏନ୍‌ଆଇଟି, ଇଞ୍ଜିନିୟରିଂ ଛାତ୍ରୀଛାତ୍ର ଓ ଗବେଷକଙ୍କୁ ନେଇ ବୈଷୟିକ ଅଧିବେଶନ ଅନୁଷ୍ଠିତ ହେବ। ବୈଜ୍ଞାନିକ ଏବଂ ରିସର୍ଚ୍ଚ ଓ ଡେଭଲପ୍‌ମେଣ୍ଟ ସଂଗଠନର ଅଧିକାରୀଙ୍କୁ ନେଇ ଏକ ଅଧିବେଶନ ଅନୁଷ୍ଠିତ ହେବ। ଠିକାଦାର, ପରାମର୍ଶଦାତା ଓ ସ୍ୱେଚ୍ଛାସେବୀଙ୍କୁ ନେଇ ଅନ୍ୟ ଗୋଟିଏ ବୈଷୟିକ ଅଧିବେଶନ ଆୟୋଜିତ ହେବ।

୮ ତାରିଖରେ ରାଜପଥ ଗବେଷଣା ପରିଷଦର ୮୫ତମ ବୈଠକ ଅନୁଷ୍ଠିତ ହେବ। ଅନ୍ତର୍ଜାତୀୟ ସଂଗଠନ ଏବଂ ବହୁପାକ୍ଷିକ ଏଜେନ୍ସିକୁ ନେଇ ଅଧିବେଶନ କରାଯିବ। ଆଉ ଏକ ଅଧିବେଶନରେ ସଡ଼କ ନିର୍ମାଣରେ ବ୍ୟବହୃତ ସୃଜନ ଜ୍ଞାନ, ସ୍ଥାୟୀ ଏବଂ ସୁହାଇବା ଭଳି ମୂଲ୍ୟରେ ସଡ଼କ ନିର୍ମାଣ ଏବଂ ଏ ସମ୍ବନ୍ଧୀୟ ସଫଳ କାହାଣୀମାନ ଉପସ୍ଥାପିତ ହେବ। ରୋଡ୍ ଟନେଲ ପ୍ରସ୍ତୁତି ଏବଂ ରାଜପଥରେ ଅଣ୍ଡରଗ୍ରାଉଣ୍ଡ ନିର୍ମାଣ କୌଶଳ ସଂପର୍କରେ ଏକ ଅଧିବେଶନ ଅନୁଷ୍ଠିତ ହେବ। ୯ ତାରିଖରେ ପୂର୍ତ୍ତ ବିଭାଗର ସଚିବ ଓ ପ୍ରମୁଖ ସଚିବମାନଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହେବ। ବୈଷୟିକ ଅଧିବେଶନରେ ଭାରତରେ ସଡ଼କ ନିର୍ମାଣରେ ହୋଇଥିବା ଗବେଷଣା କାର୍ଯ୍ୟର ଉପସ୍ଥାପନା କରାଯିବ। ଗ୍ରାମୀଣ ସଡ଼କ ନିର୍ମାଣବେଳେ ସୃଷ୍ଟି ହୋଇଥିବା ଆହ୍ୱାନ ଓ ସଫଳ କାହାଣୀକୁ ନେଇ ଏକ ଅଧିବେଶନ କରାଯିବ।

## ୩୦ ହୋଟେଲରେ ୮୦୦ ରୁମ୍ ବୁକିଂ

ଏହି କାର୍ଯ୍ୟକ୍ରମରେ ଯୋଗ ଦେଉଥିବା ପ୍ରତିଭାଗୀମାନଙ୍କ ରହଣି ପାଇଁ ଭୁବନେଶ୍ୱରରେ ୩୦ଟି ହୋଟେଲରେ ୮୦୦ ରୁମ୍ ବୁକିଂ କରାଯାଇଛି। ୧୦ ତାରିଖରେ ପ୍ରତିଭାଗୀମାନଙ୍କ ପୁରୀ, କୋଣାର୍କ ଆଦି ସ୍ଥାନକୁ ପରିଭ୍ରମଣ କାର୍ଯ୍ୟକ୍ରମ ରହିଛି। ଆମନ୍ତ୍ରିତ ଅତିଥିମାନଙ୍କ ଯାତାୟାତ ପାଇଁ ୯୦୦ ଗାଡ଼ି ନିୟୋଜିତ କରାଯାଇଥିବାବେଳେ ସେମାନଙ୍କ ସୁବିଧା ପାଇଁ ସମସ୍ତ ପ୍ରକାର ପ୍ରସ୍ତୁତି କରାଯାଇଛି। ଏହାସହିତ ମନୋରଞ୍ଜନ ପାଇଁ ଓଡ଼ିଆ ଖାଦ୍ୟପେୟଠୁ ନେଇ ଓଡ଼ିଶାର ପାରମ୍ପରିକ ନୃତ୍ୟ ସଙ୍ଗୀତରେ ବ୍ୟବସ୍ଥା କରାଯାଇଛି।

# ପେଟରେ ବାଣଫୁଟି ଯୁବକ ଗୁରୁତର

ଚୌଦ୍ୱାର,୬।୧୧(ଆଶୁତୋଷ ଦାସ)

ଚୌଦ୍ୱାର ମଙ୍ଗଳା ସାହିରେ ସାଙ୍ଗମାନଙ୍କ ସାଥିରେ ମିଶି ବାଣ ଫୁଟାଉଥିବା ବେଳେ ଜଣେ ଯୁବକ ଗୁରୁତର ଆହତ ହୋଇଥିବା ଜଣାପଡ଼ିଛି। ଆହତ ଯୁବକ ଜଣକ ହେଲେ ମଙ୍ଗଳା ସାହିର ରୋହିତ ନାୟକ (୨୬)। ପ୍ରାପ୍ତ ସୂଚନା ଅନୁଯାୟୀ, ରୋହିତ ଓ ତାଙ୍କ ସାଙ୍ଗମାନେ ବୁଧବାର ସନ୍ଧ୍ୟାରେ ବାଣ ସାହି ଦାଣ୍ଡରେ ଫୁଟାଉଥିଲେ। ରୋହିତ ତାଙ୍କ ସାଙ୍ଗ ଧରିଥିବା ଗୋଟିଏ ରକେଟ ବାଣରେ ନିଆଁ ଲଗାଉଥିବା ବେଳେ ତାହା ଉପରକୁ ନ ଯାଇ ରୋହିତ ଆଡ଼କୁ ଆସି ତାଙ୍କ ପେଟରେ ଫୁଟି ଯାଇଥିଲା। ଫଳରେ ରୋହିତଙ୍କ ପେଟରେ ଗଭୀର କ୍ଷତ ସୃଷ୍ଟି ହେବା ସହ ପ୍ରବଳ ରକ୍ତସ୍ରାବ ହୋଇଥିଲା। ତାଙ୍କ ସାଙ୍ଗମାନେ ତାଙ୍କୁ ତୁରନ୍ତ ସ୍ଥାନୀୟ ଏକ ଘରୋଇ ନର୍ସିଂ ହୋମରେ ଭର୍ତ୍ତି କରିଥିଲେ। ସେଠାରେ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି।

# ବକୁଳ ଲାଇବ୍ରେରିରେ ଫେଷ୍ଟିଭାଲ ଅଫ୍ ବାଲି ଉଦ୍‌ଘାଟିତ

## ବୁଲି ଦେଖିଲେ ଭାରତରେ ଅବସ୍ଥାପିତ ଇଣ୍ଡୋନେସିଆ ଦୂତାବାସ ଅଧିକାରୀ

ଭୁବନେଶ୍ୱର,୬।୧୧(ବନ୍ଦନା ସେଠୀ)

ଭାରତରେ ଅବସ୍ଥାପିତ ଇଣ୍ଡୋନେସିଆର ରାଷ୍ଟ୍ରଦୂତ ଇନା କୃଷ୍ଣମୂର୍ତ୍ତି ଗୁରୁବାର ସତ୍ୟନଗରର ବକୁଳ ଲାଇବ୍ରେରିରେ 'ବାଲି ଅନ୍‌ଭେଲ୍‌ଡ: ଷ୍ଟୋରିଜ୍ ଆଣ୍ଡ ମୋର୍'ର ଉଦ୍‌ଘାଟନ କରିଛନ୍ତି। ସେ କଟକ ଐତିହାସିକ ବାଲିଯାତ୍ରାର ମୁଖ୍ୟ ଅତିଥି ଭାବରେ ଓଡ଼ିଶାରେ ଥିବା ସମୟରେ ବାଲି ଉପରେ ଆଧାରିତ ପୁସ୍ତକ ଓ କାହାଣୀ ଉତ୍ସବର ଉଦ୍‌ଘାଟନ କରିଛନ୍ତି। ଏହି ଉତ୍ସବ ଓଡ଼ିଶାର ପ୍ରସିଦ୍ଧ ନୃତତ୍ତ୍ୱବିତ୍ ପ୍ରଫେସର ଏଲ୍. କେ. ମହାପାତ୍ରଙ୍କ ଗବେଷଣା ଓ ଶିକ୍ଷାକାର୍ଯ୍ୟକୁ ସମ୍ମାନ ଜଣାଇବାର ଏକ ପ୍ରୟାସ ଥିଲା। ମହାପାତ୍ର ଭାରତରେ ଦକ୍ଷିଣ-ପୂର୍ବ ଏସିଆ ଓ ଇଣ୍ଡୋନେସିଆ ଉପରେ ଗବେଷଣା ଓ ଶିକ୍ଷା ଆରମ୍ଭ କରିଥିବା ପ୍ରଥମ ଶିକ୍ଷାବିତ୍ ଥିଲେ।

ସତ୍ୟନଗରସ୍ଥିତ ବକୁଳ ଫାଉଣ୍ଡେଶନ, କାଫେ-୧୬ ସତ୍ୟନଗର ଏବଂ ଏଲ.କେ. ମହାପାତ୍ରଙ୍କ ନାମରେ ସ୍ଥାପିତ ଏଲ୍‌କେଏମ୍ ସେଣ୍ଟର ଦ୍ୱାରା ଆୟୋଜିତ ଏହି ଉତ୍ସବ ନଭେମ୍ବର ୧୬ ପର୍ଯ୍ୟନ୍ତ ଚାଲିବ। ଏହି ସମୟ ମଧ୍ୟରେ ଯେକୌଣସି ଲୋକ ବକୁଳ ଲାଇବ୍ରେରି କିମ୍ବା କାଫେ-୧୬ରେ ପ୍ରଫେସର ମହାପାତ୍ରଙ୍କ ବିଶାଳ ବ୍ୟକ୍ତିଗତ ସଂଗ୍ରହରୁ ବାଲି ଓ ଇଣ୍ଡୋନେସିଆ ସଂସ୍କୃତି ଉପରେ ଥିବା ପୁସ୍ତକ ପଢ଼ିପାରିବେ। ଏଥିରେ ଶିଶୁମାନଙ୍କ ପାଇଁ ଛବି ବହି,



ବାଲିର ଲୋକକଥା ଓ ଇଣ୍ଡୋନେସିଆ ଉପରେ ଯାତ୍ରା ବିବରଣୀ ମଧ୍ୟ ଅନ୍ତର୍ଭୁକ୍ତ ଅଛି। ଏହି ଅବସରରେ କୃଷ୍ଣମୂର୍ତ୍ତି କହିଥିଲେ ଯେ, ବକୁଳ ଫାଉଣ୍ଡେଶନର କାମ ପ୍ରତି ଗଭୀର ସମ୍ମାନ ଓ ଆଦର ରଖିଥିବାରୁ ସେ ଏଠାକୁ ଆସିଛନ୍ତି। ସେ ଆହୁରି କହିଲେ ଯେ, ଇଣ୍ଡୋନେସିଆ ଓଡ଼ିଶା ପ୍ରତି ଋଣୀ, କାରଣ ବିଜୁବାବୁଙ୍କ ସାହସ ଓ ସହଯୋଗ ବିନା ଇଣ୍ଡୋନେସିଆ ସ୍ୱାଧୀନ ହୋଇପାରି ନ ଥାନ୍ତା। ବକୁଳରେ ଏହି ପ୍ରଦର୍ଶନୀ ଭାବନା, ଧାରଣା ଓ ଲୋକମାନଙ୍କ ମଧ୍ୟରେ ସହଯୋଗର ଏକ ସେତୁ ବୋଲି କୃଷ୍ଣମୂର୍ତ୍ତି କହିଥିଲେ। ବକୁଳ ଫାଉଣ୍ଡେଶନର ପ୍ରତିଷ୍ଠାତା ସୁଜିତ ମହାପାତ୍ର କହିଥିଲେ ଯେ, ତାଙ୍କ ପିତା ବାଲି ଓ ଇଣ୍ଡୋନେସିଆ ଉପରେ ବର୍ଷକାଳ ଧରି ଗବେଷଣା କରିଥିଲେ କାରଣ ଭାରତୀୟ ଆନ୍ଥ୍ରୋପୋଲଜିଷ୍ଟମାନେ ପଶ୍ଚିମ ଶିକ୍ଷାବିଦ୍ୱାନଙ୍କଠାରୁ କୌଣସି ଭାବେ କମ୍ ନୁହନ୍ତି ବୋଲି ସେ ଦେଖାଇବାକୁ ଚାହୁଁଥିଲେ। ଏହି ଅବସରରେ ପ୍ରସିଦ୍ଧ ଆନ୍ଥ୍ରୋପୋଲଜିଷ୍ଟ ପ୍ରଫେସର କେ.କେ. ମିଶ୍ର ଇଣ୍ଡୋନେସିଆ ସହ ମିତ୍ରତା ଓ ସାଂସ୍କୃତିକ ସହଯୋଗ ସଂଘ ଗଠନ ଓ ସାଉଥ ଇଷ୍ଟ ଏସିଆନ୍ ପ୍ରସ୍ପେକ୍ଟିଭ୍‌ସ ପତ୍ରିକାର ପ୍ରଥମ ସଂସ୍କରଣକୁ ରାଷ୍ଟ୍ରଦୂତ କୃଷ୍ଣମୂର୍ତ୍ତିଙ୍କୁ ଉପହାର ଦେଇଥିଲେ। ଏହି ଅବସରରେ ରାଷ୍ଟ୍ରଦୂତ ଏଲ୍‌କେଏମ୍ ସେଣ୍ଟର ଅଫ ସୋସିଆଲ ସାଇନ୍ସସର ଅନଲାଇନ କ୍ୟାଟଲଗକୁ ଉନ୍ମୋଚନ କରିଥିଲେ।

# ଓଡ଼ିଶାରେ ଆଧ୍ୟାତ୍ମିକ ଗୁରୁ ରବିଶଙ୍କର



କଟକ/ବାରଙ୍ଗ,୬।୧୧(କାର୍ତ୍ତିକ ସାହୁ/ ଲିଙ୍ଗରାଜ ରାଉତ)

ଶ୍ରୀଶ୍ରୀ ବିଶ୍ୱବିଦ୍ୟାଳୟରେ ଆଧ୍ୟାତ୍ମିକ ଗୁରୁ ଶ୍ରୀଶ୍ରୀ ରବିଶଙ୍କର ଗୁରୁବାର ରାତିରେ ଆସି ପହଞ୍ଚିଛନ୍ତି। ସେ ଭୁବନେଶ୍ୱର ବିଜୁ ପଟ୍ଟନାୟକ ବିମାନ ବନ୍ଦରରେ ପହଞ୍ଚିବା ପରେ ତାଙ୍କ ଦର୍ଶନ ପାଇବାକୁ ଜନସାଧାରଣଙ୍କ ଭିଡ଼ ଜମିଥିଲା। ସେ ଶୁକ୍ରବାର ବିଶ୍ୱବିଦ୍ୟାଳୟ ପରିସରରେ ଅନ୍ତର୍ଜାତୀୟ ଅଷ୍ଟିଓପ୍ୟାଥି କନଭେନସନକୁ ଉଦ୍‌ଘାଟନ, ଅପରାହ୍ନରେ ଭୁବନେଶ୍ୱରସ୍ଥିତ ଲୋକସେବା ଭବନ କନଭେନସନ ହଲରେ ବ୍ୟୁରୋକ୍ରାଟ ସମ୍ମିଳନୀକୁ ସମ୍ବୋଧିତ କରିବେ। ଶନିବାର ଶ୍ରୀଶ୍ରୀ ବିଶ୍ୱବିଦ୍ୟାଳୟର ସମାବର୍ତ୍ତନ ସମାରୋହରେ ଯୋଗଦେବେ। ସୂଚନାଯୋଗ୍ୟ, ଗୁରୁଦେବ ରବିଶଙ୍କରଙ୍କ ଗସ୍ତ ସମୟରେ ରାଜ୍ୟ ସରକାର ତାଙ୍କୁ ରାଜ୍ୟ ଅତିଥି ମାନ୍ୟତା ପ୍ରଦାନ କରିଛନ୍ତି।

# ନିୟମ ଅଛି, ଅଧିକାରୀ ମାନୁନାହାନ୍ତି

## ପଞ୍ଚାୟତ ସମିତି ଅଧ୍ୟକ୍ଷାଅଧ୍ୟକ୍ଷଙ୍କୁ ଦେଖାଯାଉନି ସରକାରୀ ଚିଠି

କଟକ ସଦର,୬।୧୧(ସୁଶାନ୍ତ କୁମାର ଜେନା)

ରାଜ୍ୟର ଅର୍ଥନୈତିକ ଅଭିବୃଦ୍ଧି ଓ ସାମାଜିକ କଲ୍ୟାଣ କାର୍ଯ୍ୟକ୍ରମର ସଫଳ ରୂପାୟନ ପାଇଁ ପଞ୍ଚାୟତ ସମିତିର ଏକ ସ୍ୱତନ୍ତ୍ର ଭୂମିକା ରହିଛି। ଏଥିପାଇଁ ଉଭୟ ନିର୍ବାଚିତ ପ୍ରତିନିଧି ଏବଂ ପଞ୍ଚାୟତ ସମିତିର ପଦାଧିକାରୀଙ୍କ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ମଧ୍ୟ ରହିଛି। ତେଣୁ ପଞ୍ଚାୟତ କାର୍ଯ୍ୟାଳୟରେ ହେଉଥିବା କାର୍ଯ୍ୟର ସ୍ୱଚ୍ଛତା ବଜାୟ ରଖିବା ପାଇଁ ପଞ୍ଚାୟତିରାଜ ବିଭାଗ ପକ୍ଷରୁ ୨୦୦୯ରେ ପତ୍ର ସଂଖ୍ୟା. ୩୩୯୭୯ରେ ଏକ ପତ୍ର ପ୍ରଦାନ କରାଯାଇଥିଲା। ଉକ୍ତ ପତ୍ରରେ ପଞ୍ଚାୟତ ସମିତି କାର୍ଯ୍ୟାଳୟକୁ ପଠାଯାଉଥିବା ସମସ୍ତ ଗୁରୁତ୍ୱପୂର୍ଣ୍ଣ ଚିଠି/ ସର୍କ୍ୟୁଲାର ଆଦି ଆଦେଶକୁ ଅଧ୍ୟକ୍ଷଙ୍କ ପାଖକୁ ପ୍ରତିଦିନ ପଠାଇବାର ନିର୍ଦ୍ଦେଶ ଥିଲା। ଏପରି କି ଗ୍ରାମସେବକ (ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ) ଓ ଯନ୍ତ୍ରୀମାନଙ୍କ ଦାୟିତ୍ୱ ବଦଳାଇବା ବେଳେ ଫାଇଲରେ ବ୍ଲକ ଅଧ୍ୟକ୍ଷା, ଅଧ୍ୟକ୍ଷଙ୍କ ଦ୍ୱାରା ମଞ୍ଜୁର କରିବେ। ଏଥିସହ ବିଡିଓ ଛୁଟିରେ ଗଲେ ଦରଖାସ୍ତ ଅଧ୍ୟକ୍ଷଙ୍କୁ ଜଣାଇବେ। ଏହି ନିର୍ଦ୍ଦେଶକୁ ଦୀର୍ଘ ବର୍ଷ ଧରି ଅନୁପାଳନ କରାଯାଇ ଆସୁଥିଲେ ସୁଦ୍ଧା ୨୦୨୪ ପରଠାରୁ ପଞ୍ଚାୟତ ସମିତି ଅଧ୍ୟକ୍ଷା ଓ ଅଧ୍ୟକ୍ଷଙ୍କୁ ସ୍ଥାନୀୟ ବିଡିଓମାନେ କୌଣସି ଗୁରୁତ୍ୱପୂର୍ଣ୍ଣ ଚିଠି ନ ଦେଖାଇ ଲୁକ୍କାୟିତ ରଖାଯାଉଛି। ନିୟମ ଥାଇ ଅଧିକାରୀମାନେ ଏହାକୁ ପାଳନ କରୁ ନ ଥିବାରୁ ଅନେକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ସମ୍ପର୍କରେ ପଞ୍ଚାୟତ ସମିତି ଅଧ୍ୟକ୍ଷା ଏବଂ ଅଧ୍ୟକ୍ଷମାନେ ଅଜ୍ଞ ରହୁଛନ୍ତି। ଏନେଇ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ତୁରନ୍ତ ଦୃଷ୍ଟି ଦେବାକୁ କଟକ ଜିଲାର ବିଭିନ୍ନ ପଞ୍ଚାୟତ ସମିତି ଅଧ୍ୟକ୍ଷା ଅଧ୍ୟକ୍ଷମାନେ ଦାବି କରିଛନ୍ତି। ଏ ସମ୍ପର୍କରେ କଟକ ସଦର ପୂର୍ବତନ ବିଧାୟକ ଚନ୍ଦ୍ର ସାରଥି ବେହେରା କହିଛନ୍ତି, ପ୍ରଥମେ ଏହି ନିର୍ଦ୍ଦେଶନାମା ପଞ୍ଚାୟତିରାଜ ବିଭାଗ ଶାସନ ସଚିବ ପତ୍ର ସଂଖ୍ୟା ୧୦୫୦୫/୨୩।୧୦।୨୦୦୩ (ପି.ଆର.) ଜାରି କରିଥିଲେ। ଏହାକୁ ବିଡିଓମାନେ କାର୍ଯ୍ୟକାରୀ ନ କରିବାରୁ ୨୦୦୯ରେ ତତ୍କାଳୀନ ବିଭାଗୀୟ ନିର୍ଦ୍ଦେଶକ ଆଉ ଏକ ରିମାଇଣ୍ଡର ଜାରି କରିଥିଲେ। ସେବେଠାରୁ ଏହି ନିର୍ଦ୍ଦେଶ କାର୍ଯ୍ୟକାରୀ କରାଯାଇ ଆସୁଥିବାବେଳେ ଏବେ ସେଥିରେ କାହିଁକି ବ୍ୟତିକ୍ରମ ଘଟୁଛି ତାହା ଜାଣିହେଉ ନାହିଁ ବୋଲି ବେହେରା କହିଛନ୍ତି। ଅପରପକ୍ଷରେ ଏ ସମ୍ପର୍କରେ ପଞ୍ଚାୟତିରାଜ ବିଭାଗ ସ୍ୱତନ୍ତ୍ର ସଚିବ ସୌଦାମିନୀ ସେଠୀଙ୍କୁ ପଚରାଯିବାରେ, ବିଭାଗ ପକ୍ଷରୁ ୨୦୦୯ରେ ହୋଇଥିବା ନିର୍ଦ୍ଦେଶ କାର୍ଯ୍ୟକାରୀ ହେଉଛି। ଏଥିରେ କୌଣସି ପରିବର୍ତ୍ତନ ହୋଇନାହିଁ। କେବଳ ରାଜ୍ୟ କ୍ୟାବିନେଟ ନିଷ୍ପତ୍ତି ଅନୁସାରେ ବିଡିଓଙ୍କ ଆର୍ଥିକ କ୍ଷମତାକୁ ୧୦ଲକ୍ଷ ଟଙ୍କା ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି। ଏହି ଆର୍ଥିକ କ୍ଷମତାରେ ପଞ୍ଚାୟତ ସମିତି ଅଧ୍ୟକ୍ଷା ଅଧ୍ୟକ୍ଷଙ୍କ କୌଣସି ସମ୍ପୃକ୍ତି ରହିବ ନାହିଁ। ଯେଉଁ ସ୍ଥାନରେ ବିଡିଓମାନେ ପଞ୍ଚାୟତ ସମିତି ଅଧ୍ୟକ୍ଷାଅଧ୍ୟକ୍ଷଙ୍କୁ ବିଭାଗୀୟ ଗୁରୁତ୍ୱପୂର୍ଣ୍ଣ ଚିଠି ସଂକ୍ରାନ୍ତରେ ଅବଗତ କରାଉ ନାହାନ୍ତି, ସେନେଇ ଅଭିଯୋଗ ହେଲେ ସମ୍ପୃକ୍ତ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସୌଦାମିନୀ କହିଛନ୍ତି।

## ସେଲ୍‌ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com


@ ହରନାରାୟଣ


@ ଦିଲ୍ଲୀପ


@ ସୁବେଶ


@ ପ୍ରଦୀପ


@ ସିଦ୍ଧାର୍ଥ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ରଥ ଚକ କିଣିପାରିବେ ଭକ୍ତ, ଅନୁଷ୍ଠାନ

**ନନ୍ଦିଘୋଷ ଚକ ୩ ଲକ୍ଷ**

**■୧୦ ସୁଦ୍ଧା ଦେବାକୁ ପଡ଼ିବ କୋଟେସନ୍**

**■ମୂଲ୍ୟ କମ୍ କରିବାକୁ ସେବାୟତଙ୍କ ମତ**

ପୁରୀ,୬।୧୧(ଅଜିତ୍ କୁମାର ମହାନ୍ତି)

ମହାପ୍ରଭୁଙ୍କ ବିଶ୍ୱପ୍ରସିଦ୍ଧ ଘୋଷଯାତ୍ରା ପରେ ତିନିରଥକୁ ପର୍ଯ୍ୟାୟକ୍ରମେ ଭାଙ୍ଗିଦିଆଯାଏ। ପରେ ଉକ୍ତ କାଠରେ କୋଠ ଭୋଗ ରନ୍ଧା ହୋଇଥାଏ। ତେବେ ରଥର ଅନେକ ଅଂଶ ଭଙ୍ଗାଯାଇ ନ ଥାଏ। ରଥର ଚକ, ଗୁଜ, ପ୍ରଭା ସହ ଅନେକ ଅଂଶକୁ ସଂରକ୍ଷଣ କରି ରଖାଯାଇଥାଏ। ପରବର୍ତ୍ତୀ ସମୟରେ ଉକ୍ତ ଚକକୁ ପ୍ରଶାସନ ପକ୍ଷରୁ ବିଭିନ୍ନ ମନ୍ଦିର ଆଦିକୁ ସ୍ମୃତି ଭାବେ ପ୍ରଦାନ କରାଯାଇଥାଏ। ସେହିଭଳି ଯେଉଁ ଭକ୍ତମାନେ ରଥ ଚକ ନେବାକୁ ଇଚ୍ଛା ପ୍ରକାଶ କରନ୍ତି, ସେମାନେ ଶ୍ରୀମନ୍ଦିର ପ୍ରଶାସନ ନିକଟରେ ଆବେଦନ କରିଥାନ୍ତି। ପରେ କିଛି ଅର୍ଥ ପ୍ରଦାନ କରି ଚକକୁ ନେଇ ଆଧ୍ୟାତ୍ମିକ ପରିବେଶ ମଧ୍ୟରେ ରଖିବା ସହ ପୂଜାର୍ଚ୍ଚନା କରିଥାନ୍ତି। ଚଳିତବର୍ଷ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ରଥ ଚକଗୁଡ଼ିକ ବିକ୍ରି ପାଇଁ ମୂଲ୍ୟ ନିର୍ଦ୍ଧାରଣ ସହ ଏସ୍‌ଓପି ଜାରି କରାଯାଇଥିଲା। ଏସ୍‌ଓପି ଅନୁଯାୟୀ, ପ୍ରଭୁ ବଳଭଦ୍ରଙ୍କ ତାଳଧ୍ୱଜ ରଥ ଚକର ମୂଲ୍ୟ ୨ ଲକ୍ଷ ଏବଂ ଦେବୀ ସୁଭଦ୍ରାଙ୍କ ଦେବଦଳନ ରଥର ଚକ ମୂଲ୍ୟ ଦେଢ଼ ଲକ୍ଷ ଟଙ୍କା ରହିଛି। ସେହିପରି ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନନ୍ଦିଘୋଷ ରଥର ଚକ ମୂଲ୍ୟ ୩ଲକ୍ଷ ଟଙ୍କା ଧାର୍ଯ୍ୟ ହୋଇଛି। ତେବେ ଚକ, ପ୍ରଭା, ଗୁଜ ଆଦିର ବିକ୍ରି ପାଇଁ ପ୍ରଶାସନ ପକ୍ଷରୁ ପୁଣିଥରେ ଏସ୍‌ଓପି ଜାରି କରାଯାଇଛି, ଯାହାର ଶେଷ ତାରିଖ ନଭେମ୍ବର ୧୦ ରହିଛି। ଆବେଦନ ନିମନ୍ତେ ଏକ ହଜାର ଟଙ୍କା ଧାର୍ଯ୍ୟ କରାଯାଇଛି, ଯାହା ଫେରସ୍ତ ହେବନାହିଁ। ଆବେଦନ ଲାଗି ଶ୍ରୀମନ୍ଦିର କାର୍ଯ୍ୟାଳୟରେ ଦରଖାସ୍ତ ମିଳୁଛି। ଏନେଇ ଶ୍ରୀମନ୍ଦିର ନୀତି ପ୍ରଶାସକ ଜିତେନ୍ଦ୍ର କୁମାର ସାହୁ ସୂଚନା ଦେଇ କହିଛନ୍ତି, ମହାପ୍ରଭୁଙ୍କ ଘୋଷଯାତ୍ରା ପରେ ରଥଗୁଡ଼ିକର ଚକ ବିକ୍ରୟ ତଥା ଆବଣ୍ଟନ କରାଯାଇଥାଏ। ଚଳିତବର୍ଷ ତିନିରଥର କିଛି ଅଂଶ ଓ ଚକଗୁଡ଼ିକର ବିକ୍ରୟ ତଥା ଆବଣ୍ଟନ ପ୍ରକ୍ରିୟା ପ୍ରଥମ ପର୍ଯ୍ୟାୟରେ ସରିଥିଲା। ଏବେ ଦ୍ୱିତୀୟ ପର୍ଯ୍ୟାୟରେ ବଳକା ଥିବା ଚକ ଓ ଅନ୍ୟ ଅଂଶଗୁଡ଼ିକୁ ବିକ୍ରୟ ପାଇଁ ଗତ ୩ ତାରିଖରେ ରିଭାଇଜ୍ ଏସ୍‌ଓପି ଜାରି କରାଯାଇଛି। ଶେଷ ତାରିଖ ନଭେମ୍ବର ୧୦ ରହିଛି। ଏହି ସମୟସୀମା ମଧ୍ୟରେ କୋଟେସନ ଦେବାକୁ ପଡ଼ିବ ଓ ପରେ ଚୂଡ଼ାନ୍ତ କରାଯିବ ବୋଲି ସାହୁ କହିଛନ୍ତି। ଅନ୍ୟପଟେ ବରିଷ୍ଠ ଦଇତାପତି ସେବକ ବିନାୟକ ଦାସ ମହାପାତ୍ର କହିଛନ୍ତି, ରିଭାଇଜ ଏସ୍‌ଓପି ସତ୍ତ୍ୱେ ପୂର୍ବ ରେଟ୍ ରହିଛି। ପୂର୍ବରୁ ଏହି ମୂଲ୍ୟ ରଖାଯାଇଥିଲା, ଫଳରେ କେହି ଚକ ନେଲେ ନାହିଁ। ପୁଣିଥରେ ସେହି ମୂଲ୍ୟ ରଖାଯାଇଛି, ଯାହା ସାଧାରଣ ଭକ୍ତଙ୍କ ପକ୍ଷେ ଦେବା କଷ୍ଟସାଧ୍ୟ। ତେଣୁ ମୂଲ୍ୟ କମ୍ କରାଯିବା ଆବଶ୍ୟକ। ଶ୍ରୀମନ୍ଦିର ପ୍ରଶାସନ ଏହାର ପୁନଃ ବିଚାର କରିବ ବୋଲି ଆଶା ରହିଛି।

# ବେଇମାନ ପ୍ରସଙ୍ଗରେ ନବୀନଙ୍କୁ ମୋହନଙ୍କ ଟାର୍ଗେଟ

ନୂଆପଡ଼ା,୬।୧୧ (ପୀତାମ୍ବର ସାହୁ/ମକରାନ୍ଦ ବେମାଲ)

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗୁରୁବାର ନୂଆପଡ଼ା ଜିଲ୍ଲା କୋମନା ବ୍ଲକରେ ରୋଡ୍ ଶୋ' କରି ନିର୍ବାଚନ ପ୍ରଚାର କରିଛନ୍ତି। କୋମନାରେ ଏକ ନିର୍ବାଚନୀ ସଭାରେ ମୁଖ୍ୟମନ୍ତ୍ରୀ ମାଝୀ ବିରୋଧୀଦଳ ନେତା ନବୀନ ପଟ୍ଟନାୟକଙ୍କୁ ଟାର୍ଗେଟ କରି ବେଇମାନ ପ୍ରସଙ୍ଗ ଉଠାଇଛନ୍ତି। ବେଇମାନ କିଏ ବୋଲି ମୁଖ୍ୟମନ୍ତ୍ରୀ କହିବା ସହ ବିଜେପୁର, କାଙ୍କଡ଼ପୁର ଓ ନର୍ଲାରେ ବିଜେଡି ଯାହା କରିଥିଲା ତାହା କ'ଣ ବୋଲି ପ୍ରଶ୍ନ ଉଠାଇଛନ୍ତି। ମୁଖ୍ୟମନ୍ତ୍ରୀ ହେବାପରେ ସେ ପଞ୍ଚମଥର ପାଇଁ ନୂଆପଡ଼ାକୁ ଆସିଛନ୍ତି। ବିଜେଡି ବରଗଡ଼ ଅଞ୍ଚଳରୁ ପ୍ରାର୍ଥୀ ଆଣିଛନ୍ତି ବୋଲି କହିବା ସହିତ ଏଠାରେ ବିଜେଡିର କେହି ନେତା ନ ଥିଲେ କି ବୋଲି ପ୍ରଶ୍ନ କରିଛନ୍ତି। ଭାଜପା ସରକାର ଯାହା କହେ ତାହା କାମରେ କରି ଦେଖାଏ। ନୂଆପଡ଼ାବାସୀଙ୍କ ପାଇଁ ଦ୍ୱାର ସବୁବେଳେ ଖୋଲା ରହିଛି। ନୂଆପଡ଼ା ମାଟିରେ ନିଶ୍ଚୟ ପଦ୍ମ ଫୁଟିବ ଓ ଜୟ ଢୋଲକିଆ ବିଜୟୀ ହେବେ ବୋଲି ମୋହନ କହିଛନ୍ତି। ସେ ଆହୁରି କହିଛନ୍ତି, ଏହି ଉପନିର୍ବାଚନରେ ଦ୍ୱିତୀୟ ସ୍ଥାନ ପାଇଁ କଂଗ୍ରେସ ଓ ବିଜେଡି ମଧ୍ୟରେ ଲଢ଼େଇ ଚାଲିଛି ବୋଲି ଉଲ୍ଲେଖ କରି ପରିବର୍ତ୍ତନରେ ସାମିଲ ହେଲେ ନୂଆପଡ଼ା ବିକାଶରେ ସାମିଲ ହେବେ। ଚାଷୀ ପ୍ରସଙ୍ଗରେ ବିଜେଡିକୁ ଟାର୍ଗେଟ କରି ସେ କହିଛନ୍ତି, ବିଜେଡି ସରକାର ସମୟରେ ୧୦୦ ଟଙ୍କା ସବ୍‌ସିଡି ଦେବାକୁ କହି ଦିଆଯାଇ ନ ଥିଲା। କିନ୍ତୁ ଭାଜପା ସରକାର ଆସିବା ମାତ୍ରେ ୮୦୦ ଟଙ୍କା ସବ୍‌ସିଡି ଦେଉଛି। ଏହାର ସୁବିଧା ରାଜ୍ୟର ୧୭ ଲକ୍ଷ କୃଷକଙ୍କୁ ମିଳିଛି। ନୂଆପଡ଼ାର ବିକାଶ ପାଇଁ ଆମ ସରକାର ୧୪ ଶହ କୋଟି ଟଙ୍କାର ସହାୟତା ଘୋଷଣା କରିସାରିଛି ବୋଲି ସେ କହିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ବକ୍ତବ୍ୟ ସମୟରେ ମଞ୍ଚରେ ଥିବା ଭାଜପା ପ୍ରାର୍ଥୀ ଜୟ ଢୋଲକିଆ କାନ୍ଦି ପକାଇଥିଲେ। ମୁଖ୍ୟମନ୍ତ୍ରୀ ଗୁରୁବାର ଅପରାହ୍ନ ୩ଘଣ୍ଟା ୪୦ ମିନିଟରେ ଏକ ସ୍ୱତନ୍ତ୍ର ହେଲିକପ୍ଟର ଯୋଗେ ଆସି କୋମନା ବ୍ଲକ କୁରେଶର ପଡ଼ିଆରେ ଉଦ୍ୟାନବନ୍ଧ ପଡ଼ିଆରେ ପହଞ୍ଚିଥିଲେ। ପ୍ରଥମେ ଉଦ୍ୟାନବନ୍ଧ ଛକରେ ଥିବା ବାବାସାହେବ ଆମ୍ବେଦକରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଏହାପରେ ଆରମ୍ଭ ହୋଇଥିଲା ଏକ ବିରାଟ ରୋଡ୍ ଶୋ। ଏହି ଅବସରରେ ପାରମ୍ପରିକ ଘଣ୍ଟବାଦ୍ୟ, ପୁରୁଷ ଓ ମହିଳା ସଙ୍କୀର୍ତ୍ତନ, ଦୁଲଦୁଲି, ଘୁମୁରା ଆଦି ବାଜା ବଜାଇ ତାଙ୍କୁ ସ୍ୱାଗତ କରାଯାଇଥିଲା। ଏକ ଭବ୍ୟ ଖୋଲା ଗାଡ଼ିରେ ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କ ସହିତ ଭାଜପା ପ୍ରାର୍ଥୀ ଜୟ ଢୋଲକିଆ, ରାଜ୍ୟ ଭାଜପା ସଭାପତି ମନମୋହନ ସାମଲ, ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଏବଂ କଳାହାଣ୍ଡିର ପୂର୍ବତନ ଏମ୍‌ପି ବସନ୍ତ ପଣ୍ଡା ସାମିଲ ହୋଇଥିଲେ। ଏହି ସମୟରେ ରାସ୍ତା ଲୋକାରଣ୍ୟ ହୋଇପଡ଼ିଥିଲା। ନେତାମାନେ ଉଦ୍ୟାନବନ୍ଧଠାରୁ ପ୍ରାୟ ୭ କିଲୋମିଟର ଦୂର ରୋଡ୍ ଶୋ କରି କୋମନାରେ ପହଞ୍ଚିଥିଲେ। ସେଠାରେ ଏକ ସାଧାରଣ ସଭାକୁ ମୁଖ୍ୟମନ୍ତ୍ରୀ ସମ୍ବୋଧନ କରିଥିଲେ।

## ନୂଆପଡ଼ା: ମୁଖ୍ୟମନ୍ତ୍ରୀଙ୍କ ମେଗା ରୋଡ୍ ଶୋ'



ରୋଡ୍ ଶୋ'ରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସହ ଦଳୀୟ ନେତୃବୃନ୍ଦ।

## ଭାଜପାରେ ମିଶିଲେ ବରୀ ବ୍ଲକ ଅଧ୍ୟକ୍ଷ

ବରୀ,୬।୧୧(ମହେନ୍ଦ୍ର ସ୍ୱାଇଁ)

ଯାଜପୁର ଜିଲ୍ଲା ବରୀ ବ୍ଲକ ରାଜନୀତିରେ ଗୁରୁବାର ଏକ ନୂତନ ସମୀକରଣ ଦେଖିବାକୁ ମିଳିଛି। ବ୍ଲକ ଅଧ୍ୟକ୍ଷ ଅଶୋକ କୁମାର ଗେଡ଼ି ବିଜେଡି ଛାଡ଼ି ଭାଜପାରେ ଯୋଗଦେଇଛନ୍ତି। ରାମା ପଞ୍ଚାୟତ ଜମୁଝିପଡ଼ିଆଠାରେ ବରୀ ଭାଜପାର ଏହି ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଛି। ବରୀ ଭାଜପା ନେତା ଉମେଶ ଜେନାଙ୍କ ନେତୃତ୍ୱରେ ଅନୁଷ୍ଠିତ ମିଶ୍ରଣ ପର୍ବରେ ଭାଜପା ଓବିସି ମୋର୍ଚ୍ଚା ଉପସଭାପତି ଆଶୁତୋଷ ପରିଡ଼ା ସଭାପତିତ୍ୱ କରିଥିଲେ। ଏହି ଅବସରରେ ବ୍ଲକ ଅଧ୍ୟକ୍ଷ ଗେଡ଼ି କହିଥିଲେ, ୪ ବର୍ଷ ହେଲା ସେ ଦାୟିତ୍ୱରେ ଥିଲେ ମଧ୍ୟ ବରୀର ବିକାଶ ହୋଇପାରିନାହିଁ। ଏହା ତାଙ୍କୁ ମର୍ମାହତ କରିଛି। ତେଣୁ ସେ ଭାଜପା ସରକାରଙ୍କ ଲୋକାଭିମୁଖୀ କାର୍ଯ୍ୟକ୍ରମରେ ଅନୁପ୍ରାଣୀତ ହୋଇ ଅଞ୍ଚଳର ଉନ୍ନୟନମୂଳକ କାର୍ଯ୍ୟକୁ ତ୍ୱରାନ୍ୱିତ କରିବାକୁ ଭାଜପାରେ ଯୋଗଦେଇଛନ୍ତି। ଏହି ମିଶ୍ରଣ ପର୍ବରେ ବୋଦୁଅ ସରପଞ୍ଚ ଦେବୀ ପ୍ରସାଦ ମିଶ୍ର, ବରୀ ସରପଞ୍ଚ ସୋନାଲି ସିଂ, ରତ୍ନଗିରି ସମିତିସଭ୍ୟ ସଙ୍ଗିତା ମଲ୍ଲିକ, ସାହୁପଡ଼ା ସମିତିସଭ୍ୟ ଶାନ୍ତିଲତା ଦଳାଇଙ୍କ ସମେତ ଶତାଧିକ ପଞ୍ଚାୟତସ୍ତରୀୟ ବିଜେଡି କର୍ମୀ ଦଳ ଛାଡ଼ି ଭାଜପାରେ ଯୋଗ ଦେଇଛନ୍ତି।

# କାନଧରି ଆଣ୍ଠୁମାଡି ଧାରଣା ଦେଲେ ଆଶାୟୀ ସଂସ୍କୃତ ଶିକ୍ଷକ



ଭୁବନେଶ୍ୱର,୬।୧୧ (ସୁଚିସ୍ମିତା ସାହୁ)

ରାସ୍ତାରେ ଲୋ ଲୋ ହୋଇ ଜାକିଲେ, ଆଣ୍ଠୁମାଡ଼ି କାନଧରି ଧାରଣା ଦେଲେ ଆଶାୟୀ ସଂସ୍କୃତ ଶିକ୍ଷକ। ୫ମାସ ଊର୍ଦ୍ଧ୍ୱ ହେବ ଅର୍ଥାତ୍ ମେ' ୧୭ରୁ ୭୨୯ ଏଲିଜିଅର୍ ସଂସ୍କୃତ ଶିକ୍ଷକ ପଦବୀ ପାଇଁ ୫ ହଜାର ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିଲେ। ଇତିମଧ୍ୟରେ ବହୁ ବିଳମ୍ବରେ ଡକ୍ୟୁମେଣ୍ଟ ଯାଞ୍ଚ କରାଯାଇଥିଲେ ମଧ୍ୟ ମେରିଟ ଲିଷ୍ଟ ପ୍ରକାଶ ପାଉନାହିଁ। ଫଳରେ ଗୁରୁବାର ଶହଶହ ପରୀକ୍ଷାର୍ଥୀ ଓଡ଼ିଶା ଷ୍ଟାଫ୍ ସିଲେକ୍ସନ(ଓଏସଏସସି) କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବା ସହ ଏଭଳି ଅଭିନବ ଭାବେ ଆନ୍ଦୋଳନ କରି ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ସେମାନଙ୍କ ଅଭିଯୋଗ ହେଲା, ଓଏସ୍ଏସ୍‌ସି ଦ୍ୱାରା ପରିଚାଳିତ ଟ୍ରେନ୍ଡ ଗ୍ରାଜୁଏଟ୍ ଟିଚର(ଟିଜିଟି) ଅଧୀନରେ ପିସିଏମ୍, ସିବିଜେଡ୍, ସଂସ୍କୃତ, ପିଇଟି, ଉର୍ଦ୍ଦୁ, ତେଲୁଗୁ ସମେତ ବିଭିନ୍ନ ପଦବୀ ପାଇଁ ପରୀକ୍ଷା କରାଯାଇ ଫଳ ପ୍ରକାଶ ପାଇସାରିଛି। ଏପରିକି ଅକ୍ଟୋବର ୨୨ ତାରିଖରୁ ଅନ୍ୟ ୬ଟି ପଦବୀଗୁଡ଼ିକ ପାଇଁ ଡକ୍ୟୁମେଣ୍ଟ ଯାଞ୍ଚ କାର୍ଯ୍ୟ ଶେଷ ହୋଇଛି। ନଭେମ୍ବର ୪ ସୁଦ୍ଧା ମେରିଟ ତାଲିକା ପ୍ରକାଶ ପାଇଛି। ଏପରିକି ଆସନ୍ତା ୧୫ ତାରିଖରେ ନିଯୁକ୍ତି ଦେବାକୁ ଗଣଶିକ୍ଷା ବିଭାଗ ବିଜ୍ଞପ୍ତି ଜାରି କରିଛି। ତେବେ ସଂସ୍କୃତ ଶିକ୍ଷକ ଓ ବିଜ୍ଞାନ ଶିକ୍ଷକ ପଦବୀ ପାଇଁ ଗୋଟିଏ ସମୟରେ ପରୀକ୍ଷା ହୋଇଥିଲେ ମଧ୍ୟ ମେରିଟ ଲିଷ୍ଟ ଓ ନିଯୁକ୍ତିରେ ଜାଣିଶୁଣି ବିଳମ୍ବ କରାଯାଉଛି। ଇତିମଧ୍ୟରେ ସଂସ୍କୃତ ଶିକ୍ଷକମାନଙ୍କ ପଦବୀ ପାଇଁ ଡକ୍ୟୁମେଣ୍ଟ ଭେରିଫିକେସନ ସରିଥିଲେ ବି ଏପର୍ଯ୍ୟନ୍ତ ରେଜଲ୍ଟ ବାହାରି ପାରୁନି। ଏହାକୁ ନେଇ ଆଶାୟୀମାନେ ଓଏସଏସସି କାର୍ଯ୍ୟାଳୟ ଘେରାଉ କରିଛନ୍ତି।

# ମୁଖ୍ୟମନ୍ତ୍ରୀଙ୍କ ମିଶନ 'ପାୱାର'

## ଜଳ, ବିଦ୍ୟୁତ୍ ରାସ୍ତାରେ ଆଣିବ ନୂତନତ୍ୱ

ଭୁବନେଶ୍ୱର, ୬।୧୧
(ରବିନାରାୟଣ ଜେନା)

ରାଜ୍ୟରେ ବିଜୁଳି, ପାନୀୟ ଜଳ ଏବଂ ସବୁଦିନିଆ ରାସ୍ତାର ସମସ୍ୟାକୁ ନେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଅସନ୍ତୋଷ ପ୍ରକାଶ କରିଛନ୍ତି। ଏହି ତିନୋଟି ମୌଳିକ ସମସ୍ୟାର ଯେପରି ଅନ୍ତ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ଘଟିବ ଏବଂ ରାଜ୍ୟବାସୀ ଉପକୃତ ହୋଇପାରିବେ ସେନେଇ ମୁଖ୍ୟମନ୍ତ୍ରୀ ମିଶନ ପା।ୱା।ର(ପି ଓ ଡବ୍ଲୁ ଏ ଆ।ର୍) କାର୍ଯ୍ୟକାରୀ କରିବାକୁ ସମ୍ପୃକ୍ତ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି। ମୁଖ୍ୟମନ୍ତ୍ରୀ ବ୍ୟକ୍ତିଗତ ଭାବେ ନୋଟ୍‌ଶିଟ୍ ଲେଖି ସମ୍ପୃକ୍ତ ବିଭାଗୀୟ ମୁଖ୍ୟଙ୍କୁ ଅବଗତ କରାଇଛନ୍ତି, ରାଜ୍ୟରେ କେତେକ ସ୍ଥାନରେ ଲୋକେ ଅନ୍ଧାରରେ ରହିବା ସହିତ ସ୍ୱଚ୍ଛ ପାଣି ପାଉ ନାହାନ୍ତି। ସରକାର ଏଥିପାଇଁ ଉତ୍ତରଦାୟୀ। ବିଭିନ୍ନ କାରଣରୁ ଓଡ଼ିଶାର ଅନେକ ଗ୍ରାମକୁ ଏହି ତିନିଗୋଟି ମୌଳିକ ସୁବିଧା ଯୋଗାଇ ଦିଆଯାଇ ପାରିନାହିଁ। ପୂର୍ବରୁ ଏଥିପାଇଁ ଅନେକ ସମୟ ସାରଣୀ ଦିଆଯାଇଥିଲେ ସୁଦ୍ଧା, ପ୍ରକଳ୍ପ କାର୍ଯ୍ୟକାରୀ ହୋଇପାରିନାହିଁ। ଏବେ ବି ଅନେକ ଗ୍ରାମ ଏବଂ ଲକ୍ଷ ଲକ୍ଷ ପରିବାର ବିଜୁଳି ସଂଯୋଗରୁ ବଞ୍ଚିତ ଅଛନ୍ତି। ତେଣୁ, ଲୋକଙ୍କୁ ବିଶେଷ ଭାବେ ଗ୍ରାମାଞ୍ଚଳରେ ଏହି ତିନିଗୋଟି ମୌଳିକ ସୁବିଧା ଏକ ନିର୍ଦ୍ଦିଷ୍ଟ ସମୟ ସୀମା ମଧ୍ୟରେ ପ୍ରଦାନ କରିବା ପାଇଁ 'ମିଶନ ପାୱାର' ଗଠନ କରାଯିବା ଉଚିତ ବୋଲି ମୁଖ୍ୟମନ୍ତ୍ରୀ ଦର୍ଶାଇଛନ୍ତି। ସେ କହିଛନ୍ତି, ଏହି କାର୍ଯ୍ୟକ୍ରମ ମିଶନ ମୋଡ୍‌ରେ କାର୍ଯ୍ୟକାରୀ ହେବା ଆବଶ୍ୟକ। ଯେପରି କି ଓଡ଼ିଶାର ସବୁ ଗ୍ରାମକୁ ୨୦୨୭ ଶେଷ ସୁଦ୍ଧା ବିଜୁଳି, ପାନୀୟ ଜଳ ଓ ବିଦ୍ୟୁତ୍ ସଂଯୋଗ କରାଯାଇପାରିବ। 'ମିଶନ ପାୱାର'କୁ ମିଶନ ମୋଡ୍‌ରେ କାର୍ଯ୍ୟକାରୀ କରିବା ପାଇଁ ପ୍ରଥମ ପ୍ରସ୍ତୁତି ବୈଠକ ନଭେମ୍ବର ୧୦ ତାରିଖ ସୁଦ୍ଧା କରିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଏହାକୁ ନେଇ ଶକ୍ତି ବିଭାଗ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ଶକ୍ତି ବିଭାଗ ଅତିରିକ୍ତ ସଚିବ ସାଇଦତ୍ତ ବିପ୍ଳବ କେଶରୀ ପ୍ରଧାନ ଜଳସମ୍ପଦ ବିଭାଗ ଅତିରିକ୍ତ ମୁଖ୍ୟଶାସନ ସଚିବ ତଥା ଉନ୍ନୟନ ଆୟୁକ୍ତ, ଗ୍ରାମ୍ୟ ଉନ୍ନୟନ ବିଭାଗ ସଚିବ ଏବଂ ପଞ୍ଚାୟତିରାଜ ବିଭାଗ ସଚିବଙ୍କୁ ପତ୍ର ଲେଖି ଅବଗତ କରାଇଛନ୍ତି।

ନଭେମ୍ବର ୪ରେ ସେ ପ୍ରଦାନ କରିଥିବା ପତ୍ରରେ ଦର୍ଶାଇଛନ୍ତି, ମୁଖ୍ୟମନ୍ତ୍ରୀ ଏହି ତିନୋଟି ମୌଳିକ ସେବାକୁ ଲୋକଙ୍କ ନିକଟତର କରିବା ଲାଗି ନିର୍ଦ୍ଦେଶ ଦେଇଛନ୍ତି। ପ୍ରତ୍ୟେକ ଲୋକର ଦୁଆର ମୁହଁରେ ଯେପରି ସ୍ୱଚ୍ଛ ପାନୀୟଜଳ ପହଞ୍ଚିପାରିବ ଏବଂ ସେ ଅନ୍ଧାରରେ ନ ରହିବ ତାହା ହିଁ ସରକାରଙ୍କ ମୂଳ ଆଭିମୁଖ୍ୟ। ଏହି ଲକ୍ଷ୍ୟ ହାସଲ କରିବାପାଇଁ ସମ୍ମିଳିତ ପ୍ରୟାସ ଆବଶ୍ୟକ। ଏହାକୁ ନେଇ ଉପମୁଖ୍ୟମନ୍ତ୍ରୀ ତଥା ଶକ୍ତିମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କ ଅଧ୍ୟକ୍ଷତାରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ନଭେମ୍ବର ୧୧ରେ ଲୋକସେବା ଭବନରେ ପୂର୍ବାହ୍ନ ୧୧ଟାରେ ଅନୁଷ୍ଠିତ ହେବ। ଉକ୍ତ ବୈଠକରେ ଯୋଗଦେବା ପାଇଁ ଅତିରିକ୍ତ ସଚିବ ଉପରୋକ୍ତ ତିନି ବିଭାଗୀୟ ମୁଖ୍ୟଙ୍କୁ ଅନୁରୋଧ କରିଛନ୍ତି।

# ଆଜି ନୂଆପଡ଼ା ଯାଇ ପ୍ରଚାର କରିବେ ନବୀନ

ଭୁବନେଶ୍ୱର, ୬।୧୧(ସୁନିତ୍ ମିଶ୍ର)

ବିଜେଡି ସଭାପତି ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଶୁକ୍ରବାର ଦିନିକିଆ ନୂଆପଡ଼ା ଗସ୍ତରେ ଯାଇ ଦଳୀୟ ପ୍ରାର୍ଥୀ ସ୍ନେହାଙ୍ଗିନୀ ଛୁରିଆଙ୍କ ପାଇଁ ପ୍ରଚାର କରିବେ। ଏହି ଅବସରରେ ନବୀନ ଖରିଆର୍ ରୋଡ୍ ଏନ୍ଏସି ଅଞ୍ଚଳର ଦାଗା, ବିଜୁ ପଟ୍ଟନାୟକ ଏବଂ ଲକ୍ଷ୍ମଣିଆ ପେଟ୍ରୋଲ ପମ୍ପ ଛକ ଦେଇ ରୋଡ୍ ଶୋ କରିବେ। ସେହିପରି ନୂଆପଡ଼ା ଏନ୍ଏସିର ସୂର୍ଯ୍ୟନଗର, ଗାୟତ୍ରୀ ମନ୍ଦିର ଏବଂ ଏକ୍ତା ଛକଠାରେ ରୋଡ୍ ଶୋ କରିବା କାର୍ଯ୍ୟକ୍ରମ ରହିଛି। ଏହାସହ ନୂଆପଡ଼ା ବ୍ଲକର ପରକୋଦଠାରେ ଏକ ସାଧାରଣ ସଭାକୁ ସେ ସମ୍ବୋଧିତ କରିବେ ବୋଲି ଜଣାପଡିଛି। ସୂଚନାଯୋଗ୍ୟ, ଗତ ୩ ତାରିଖରେ ନବୀନ ନୂଆପଡ଼ା ଯାଇ କୋମନା ବ୍ଲକ ଠାରେ ଆୟୋଜିତ ଏକ ସାଧାରଣ ସଭାକୁ ସମ୍ବୋଧିତ କରିଥିଲେ।


**ପୂର୍ବ ତଟ ରେଳପଥ**

ଟେଣ୍ଡର ବିଜ୍ଞପ୍ତି ସଂ. 46-SBP-TRD-OT-2025-26, ତା. 01.11.2025 ରିଖ

କାର୍ଯ୍ୟର ନାମ : "ସମ୍ବଲପୁର ମଣ୍ଡଳର ସହାୟକ ମଣ୍ଡଳ ଯନ୍ତ୍ରୀ/ ରେଢାଖୋଲଙ୍କ ଅଧିକାର କ୍ଷେତ୍ର ଅଧୀନରେ ଥିବା ଅସୁରକ୍ଷିତ ସ୍ଥାନଗୁଡ଼ିକରେ ଗଭୀର କଟିଂକୁ ସୁରକ୍ଷା ଦେବା ପାଇଁ ରିଟେନିଂ ୱାଲ, ଗଡାଣିକୁ ସୁଗମ କରିବା, କଟିଂରେ ପାର୍ଶ୍ୱ ଗଡାଣିକୁ ସୁରକ୍ଷା ଦେବା ପାଇଁ ତାର ଦଉଡ଼ି ଜାଲି ଇତ୍ୟାଦି" କାର୍ଯ୍ୟ ସହିତ ଜଡିତ TRD ସମ୍ବନ୍ଧୀୟ କାର୍ଯ୍ୟ।

ଆନୁମାନିକ ମୂଲ୍ୟ (₹): 2,25,75,776.05, EMD (₹) : 2,62,900.00, ଶେଷ ହେବା ଅବଧି : 12 ମାସ।

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.24.11.2025ରିଖ 1530 ଘଟିକା।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ / କୋରିୟର / ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ। ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ / ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 (ପନ୍ଦର) ଦିନ ପୂର୍ବରୁ ୱେବସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।

ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ (TRD), ସମ୍ବଲପୁର
PR-768/Q/25-26



**Repco Home Finance — ରେପ୍‌କୋ ହୋମ୍ ଫାଇନାନ୍ସ ଲିମିଟେଡ୍**

ଭୁବନେଶ୍ୱର ଶାଖା: [illegible]

**ଇ-ନିଲାମ ବିକ୍ରୟ ବିଜ୍ଞପ୍ତି**

[illegible]

ଇ-ନିଲାମ ତାରିଖ/ସମୟ: ୩।୧୨।୨୦୨୫, ପୂର୍ବାହ୍ନ ୧୧.୦୦ ଘଟିକାରୁ - ମଧ୍ୟାହ୍ନ ୧୨.୦୦ ଘଟିକା (୫ ମିନିଟର ଅସୀମିତ ସ୍ୱୟଂଚାଳିତ ସମ୍ପ୍ରସାରଣ ସହ)

ଇ-ଟେଣ୍ଡରର ଦାଖଲର ଶେଷ ତାରିଖ ଓ ସମୟ: ୧।୧୨।୨୦୨୫, ଅପରାହ୍ନ ୦୫.୦୦ ଘଟିକା

[illegible] ସାହୁ, ପଶ୍ଚିମ: ବିକ୍ରେତା।

| ସଂରକ୍ଷିତ ମୂଲ୍ୟ | ₹୧୬,୯୨,୦୦୦/- | ଇଏମଡି (ସଂରକ୍ଷିତ ମୂଲ୍ୟର ୧୦%) | ₹୧,୬୯,୨୦୦/- | ସର୍ବନିମ୍ନ ବିଡ୍ ବୃଦ୍ଧି ପରିମାଣ | ₹୧୦,୦୦୦/- |
|---|---|---|---|---|---|

ଇ-ନିଲାମ ପଦ୍ଧତି ପାଇଁ, ଦୟାକରି ମେସର୍ସ ସି୧ ଇଣ୍ଡିଆ ପ୍ରା. ଲିଃ, ଶ୍ରୀ ପ୍ରଭାକରନ - ୭୪୧୮୨୮୧୬୦୯ଙ୍କ ସହ ଯୋଗାଯୋଗ କରନ୍ତୁ। ସମ୍ପତ୍ତିର ନିରୀକ୍ଷଣ ପାଇଁ ଆଗ୍ରହୀ ବିଡରମାନେ ଶାଖା ମୁଖ୍ୟ, ରେପ୍‌କୋ ହୋମ୍ ଫାଇନାନ୍ସ ଲିମିଟେଡ୍, ଭୁବନେଶ୍ୱର ଶାଖା ସହ ସମସ୍ତ କାର୍ଯ୍ୟଦିବସରେ ପୂର୍ବାହ୍ନ ୧୦.୦୦ ଘଟିକାରୁ ଅପରାହ୍ନ ୫.୦୦ ଘଟିକା ମଧ୍ୟରେ ଯୋଗାଯୋଗ କରିପାରନ୍ତି। ଯୋଗାଯୋଗ ନଂ. ୦୬୭୪ - ୨୩୬୦୧୬୬ ଏବଂ ୯୪୩୭୪୯୬୯୯୮।

ତାରିଖ: ୦୩.୧୧.୨୦୨୫ — ପ୍ରାଧିକୃତ ଅଧିକାରୀ, ରେପ୍‌କୋ ହୋମ୍ ଫାଇନାନ୍ସ ଲିମିଟେଡ୍



**कार्यपालक अभियंता का कार्यालय**
**पथ निर्माण विभाग, पथ प्रमण्डल, डालटनगंज**
**(E-mail: eercdmedini-jhr@nic.in)**

**आवश्यक सूचना**

एतद द्वारा सूचित किया जाता है कि इस कार्यालय द्वारा दिनांक–24.10.2025 को विभिन्न समाचार पत्रो के माध्यम से ई–निविदा सं0–**9/RCD/Daltonganj/2025-26/971** आमंत्रित की गई है, जिसका **PR No.-364721 Road(25-26):D** है। अपरिहार्य कारण से अगले आदेश तक रद्द किया जाता है।

कार्यपालक अभियंता,
पथ निर्माण विभाग,
पथ प्रमंडल, डाल्टेनगंज।

PR 365331 (Road) 25-26 (D)



**ୟୁକୋ ବ୍ୟାଙ୍କ UCO BANK**

ଅଞ୍ଚଳ କାର୍ଯ୍ୟାଳୟ, ଭୁବନେଶ୍ୱର, ୨ୟ ମହଲା, ସି-୨, ଅଶୋକ ନଗର, ୟୁନିଟ୍-୨, ଭୁବନେଶ୍ୱର-୭୫୧୦୦୯, ଫୋନ୍: ୦୬୭୪-୨୬୨୦୪୧୭

**ଚୁକ୍ତି ଭିତ୍ତିରେ ବିତ୍ତୀୟ ସାକ୍ଷରତା ପରାମର୍ଶଦାତାମାନଙ୍କ ନିଯୁକ୍ତି**

**ୟୁକୋ ବ୍ୟାଙ୍କ,** ଭାରତ ସରକାରଙ୍କ ଏକ ଉଦ୍ୟୋଗ, **ପୂର୍ବତନ-ବ୍ୟାଙ୍କର (ଅଧିକାରୀ କ୍ୟାଡର)** / ଯେକୌଣସି ଜାତୀୟକରଣ ବ୍ୟାଙ୍କ/ଆରଆରବି/ଘରୋଇ ବ୍ୟାଙ୍କରୁ ସ୍ୱେଚ୍ଛାକୃତ ଅବସରପ୍ରାପ୍ତ ଇଚ୍ଛୁକ ପ୍ରାର୍ଥୀମାନଙ୍କ ଠାରୁ ଆମର **ଲିଡ୍ ଡିଷ୍ଟ୍ରିକ୍ଟ ଅଫିସ୍ ପୁରୀର ପୁରୀ କେନ୍ଦ୍ର** ନିମନ୍ତେ ବିତ୍ତୀୟ ସାକ୍ଷରତା ପରାମର୍ଶଦାତା ପଦବୀ ପାଇଁ ଚୁକ୍ତି ଭିତ୍ତିରେ ଆବେଦନ ପତ୍ର ଆହ୍ୱାନ କରୁଅଛି। ବିସ୍ତୃତ ବିବରଣୀ ନିମନ୍ତେ ଆମ ବ୍ୟାଙ୍କର ୱେବସାଇଟ୍: **www.ucobank.com** ଦେଖନ୍ତୁ। **ଆବେଦନ ପତ୍ର ଦାଖଲ କରିବାର ଅନ୍ତିମ ତାରିଖ : ୧୫.୧୧.୨୦୨୫। ଦରଖାସ୍ତ ଦାଖଲ କରିବାର ଠିକଣା :** ଅଞ୍ଚଳ କାର୍ଯ୍ୟାଳୟ, ଭୁବନେଶ୍ୱର, ୨ୟ ମହଲା, ସି-୨, ଅଶୋକ ନଗର, ଭୁବନେଶ୍ୱର। **ୟୁକୋ ବ୍ୟାଙ୍କ** କୌଣସି କାରଣ ନଦର୍ଶାଇ ସମଗ୍ର ନିଯୁକ୍ତି ପ୍ରକ୍ରିୟାକୁ ବାତିଲ କରିବାର ଅଧିକାର ସଂରକ୍ଷିତ ରଖିଛନ୍ତି।

ତାରିଖ: ୦୬.୧୧.୨୦୨୫ — ଅଞ୍ଚଳ ପ୍ରବନ୍ଧକ, ଭୁବନେଶ୍ୱର



**झारखण्ड सरकार**
**पुलिस अधीक्षक का कार्यालय, गुमला**
(दूरभाष–06524–223092,(मो0)9431706376,
E-mail Id- sp-gumla@jhpolice.gov.in)

**(गुमशुदा की तलाश)**



सर्व साधारण को सुचित किया जाता है कि लापता संजय उराँव उम्र करीब 26 वर्ष, पिता–अकला उराँव, सा0–बोरांग, पोस्ट–जमटी, थाना–बिशुनपुर, जिला–गुमला। हिमाचल प्रदेश काम करने गये थे, जो अब तक घर नहीं आये हैं। **जिसके संबंध में बिशुनपुर थाना सन्हा सं0–08/25 दिनांक–07.08..2025 दर्ज कर खोजबीन की जा रही है।** जिसका हुलिया निम्न प्रकार हैं। रंग :–साँवला, उँचाई :–करीब 5 फीट 2 ईच, बाल:–काला, एवं भाशा :–हिन्दी, कुडुख, एवं सादरी बोलता है। इनका खोजबीन हेतु जनता का सहयोग अपेक्षित है। उपरोक्त सूचना को सार्वजनिक किया जाना आवश्यक है।

अतः सभी जन साधारण से अनुरोध है कि उपरोक्त लापता पुरूश के बारे में कोई पहचान/जानकारी मिलने पर पुलिस अधीक्षक का कार्यालय गुमला या निम्नांकित मो0 नं0 पर संपर्क कर इसकी सूचना दे सकते है।

1. पुलिस अधीक्षक गुमला – 9431706376
2. पुलिस उपाधीक्षक (मु0) गुमला। 9471182113
3. अनुमण्डल पुलिस पदाधिकारी गुमला – 9431706202
4. थाना प्रभारी, बिशुनपुर – 9431706208

पुलिस अधीक्षक, गुमला

PR 365349 Police Wireless Headquarter(25-26)#D

POLICE HELPLINE (EMERGENCY DIAL)-112 | CHILD HELPLINE-1098
WOMEN HELPLINE-1091 | DOMESTIC ABUSE HELPLINE-181
CYBER CRIME HELPLINE-1930 | AMBULANCE SERVICE-108



**ଦ.ପୂ. ରେଳପଥ – ଟେଣ୍ଡର**

ଟେଣ୍ଡର ବିଜ୍ଞପ୍ତି ନଂ. ଏସ୍ଆର୍‌ସି-ବି ଟଏଲେଟ୍ ଆର୍-ଡିଟି-୦୭.୧୧.୨୫। ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ବରିଷ୍ଠ ସିଡିଓ, ସାନ୍ତ୍ରାଗାଛି, ଦ.ପୂ. ରେଳପଥ, ଖଡ଼ଗପୁର ମଣ୍ଡଳଙ୍କ ଦ୍ୱାରା ନିମ୍ନଦର୍ଶିତ ବିବରଣୀ ଅନୁଯାୟୀ www.ireps.gov.in ୱେବ୍‌ସାଇଟ୍‌ରେ ଇ–ଟେଣ୍ଡରିଂ ଜରିଆରେ ଖୋଲା ଟେଣ୍ଡର ଆହ୍ୱାନ କରାଯାଉଛି। ଯୋଗ୍ୟ ଟେଣ୍ଡରଦାତାମାନଙ୍କୁ ତଳେ ଦର୍ଶାଯାଇଥିବା ବିବରଣୀ ଅନୁଯାୟୀ www.ireps.gov.in ୱେବ୍‌ସାଇଟ୍‌ରେ ଅନ୍‌ଲାଇନ ଜରିଆରେ ଆବେଦନ କରିବା ଲାଗି ଅନୁରୋଧ କରାଯାଉଛି। କୌଣସି ଅଫ୍‌ଲାଇନ ଟେଣ୍ଡର ଗ୍ରହଣ କରାଯିବ ନାହିଁ। ବିବରଣୀ ପାଇଁ ଦୟାକରି ଡକ୍ୟୁମେଣ୍ଟ ସେକ୍ସନରେ ଅପ୍‌ଲୋଡ୍ ହୋଇଥିବା ଟେଣ୍ଡର ଦସ୍ତାବିଜ ପଢ଼ନ୍ତୁ। **କାର୍ଯ୍ୟର ନାମ:** ତିନିବର୍ଷ ଅବଧି ପାଇଁ କୋଚିଂ ଡିପୋ, ସାନ୍ତ୍ରାଗାଛି ଏବଂ ପଦ୍ମପୁକୁରର କୋଚ୍‌ଗୁଡ଼ିକରେ ବାୟୋ ଟଏଲେଟ୍ (ଡିଆରଡିଇ ଟାଇପ)ଗୁଡ଼ିକର ବାର୍ଷିକ ରକ୍ଷଣାବେକ୍ଷଣ ଓ ପରିଚାଳନା ଠିକା। **ଟେଣ୍ଡର ମୂଲ୍ୟ :** ₹୨୨,୫୮,୨୦,୮୮୨.୩୫। ଇଏମ୍‌ଡି: ₹୧୨,୭୯,୧୦୦/–। **ଟେଣ୍ଡର ଦସ୍ତାବିଜ ମୂଲ୍ୟ:** ₹୧୦,୦୦୦/– (ଅଣ–ଫେରସ୍ତଯୋଗ୍ୟ)। **ଟେଣ୍ଡର ସମାପ୍ତି ତାରିଖ:** ତା୦୧।୧୨।୨୦୨୫ରିଖ ୧୨.୦୦ ଘଟିକାରେ। (PR-810)



**कार्यपालक अभियंता का कार्यालय ग्रामीण विकास विशेष प्रमंडल, बोकारो**

ई–निविदा आमंत्रण सूचना
ई–पुनर्निविदा सूचना संख्या – RDD/SD/BOKARO/46/2024-25/3rd Call

1.कार्य की विस्तृत विवरणी:

| क्र०सं० | कार्य का नाम | प्राक्कलित राशि | अग्रधन की राशि | परिमाण विपत्र का मूल्य | कार्य पूर्ण करने की अवधि |
|---|---|---|---|---|---|
| 1 | बोकारो जिला के चन्द्रपुरा प्रखण्ड अंतर्गत दुग्दा फुटबॉल ग्राउण्ड में दर्शक दीर्घा, चेंजिग रूम एवं चाहरदीवारी का निर्माण। | 20602000.00 | 412500.00 | 10000.00 | 12 माह |

2.वेबसाइट में निविदा प्रकाशन की तिथि – 13.11.2025
3.ई–निविदा प्राप्ति की तिथि एवं समय – दिनांक 13.11.2025 से दिनांक 27.11.2025 को अपराह्न 5:00 बजे तक
4.ई–निविदा खोलने का स्थान – कार्यपालक अभियंता का कार्यालय, ग्रामीण विकास विशेष प्रमण्डल, बोकारो।
5.ई–निविदा खोलने की तिथि एवं समय – 29.11.2025 अपराह्न 2:00 बजे
6.ई–निविदा आमंत्रित करने वाले पदाधिकारी का नाम एवं पता :– कार्यपालक अभियंता, ग्रामीण विकास विशेष प्रमंडल, बोकारो।
7.ई–निविदा प्रकोष्ठ का दूरभाष सं० – 06542 291060 (संबंधित कार्यपालक अभियंता का दूरभाष नम्बर)
8.परिमाण विपत्र की राशि घट–बढ़ सकती है तद्नुसार अग्रधन की राशि देय होगी।
9.निविदा शुल्क एवं अग्रधन की राशि केवल Online Mode द्वारा स्वीकार्य होगी।
10.निविदा शुल्क एवं अग्रधन की राशि का ई–भुगतान जिस खाता से किया जायेगा, उसी खाते में अग्रधन की राशि वापस होगी। अगर खाता को बंद कर दिया जाता है तो उसकी सारी जवाबदेही आपकी होगी।

विस्तृत जानकारी के लिये वेबसाईट www.jharkhandtenders.gov.in एवं कार्यालय की सूचना पट्ट पर देखा जा सकता है।

कार्यपालक अभियंता
ग्रामीण विकास विशेष प्रमंडल,बोकारो

PR 365416 (Rural Development)25-26*D



See Career Appointment on every Wednesday & Saturday



**कार्यालय अधीक्षण अभियंता, लोक निर्माण विभाग, सेतु मंडल रायपुर (छत्तीसगढ़)**

**ई–प्रोक्युरमेंट निविदा सूचना** — दिनांक: 04.11.2025

निम्नांकित कार्ये हेतु ऑनलाईन निविदा ''डी'' श्रेणी एवं अधिक श्रेणी के ठेकेदारों हेतु द्वितीय निविदा आमंत्रित की जाती है। निविदा डाउनलोड करने की अंतिम तिथि दिनांक 18.11.2025 तक है।

| एन.आई.टी क्र./ निविदा क्र. | कार्य का नाम | कार्य की अनुमानित लागत (लाख में) |
|---|---|---|
| 1 | 2 | 3 |
| NIT No. 43 Tender No. 178683 | Special repair work of various Bridge Under PWD Bridges Sub Division, Dhamtari | रू. 65.00 लाख |
| NIT No. 44 Tender No. 178684 | Special repair work of various Bridge Under PWD Bridges Sub Division, Gariyaband | रू. 100.09 लाख |
| NIT No. 45 Tender No. 178687 | Special repair work of various Bridge Under PWD Bridges Sub Division, Mahasamund | रू. 39.99 लाख |
| NIT No. 46 Tender No. 178689 | Special repair work of various Bridge Under PWD Bridges Sub Division No. 01, Raipur | रू. 35.37 लाख |
| NIT No. 47 Tender No. 178691 | Special repair work of various Bridge Under PWD Bridges Sub Division No. 02, Raipur | रू. 19.50 लाख |
| NIT No. 48 Tender No. 178693 | Special repair work of various Bridge Under PWD Bridges Sub Division No. 03, Raipur | रू. 35.00 लाख |

उपरोक्त निर्माण कार्यो की निविदा की सामान्य शर्ते, धरोहर राशि, विस्तृत निविदा विज्ञाप्ति, निविदा दस्तावेज व अन्य जानकारी ई-प्राक्योरमेंट वेब पोर्टल **https://eproc.cgstate.gov.in** अथवा विभागीय वेबसाइट **https://eproc.cgstate.gov.in** से डाउनलोड की जा सकती है। (राशि रू. 100.00 के नान ज्यूडिशियल स्टाम्प पर निर्धारित प्रपत्र में शपथ-पत्र एवं न्युनतम राशि रू. 10.00 के नान ज्यूडिशियल स्टाम पर एनेकजर-3 का शपथ पत्र, बिड केपेसीटी उपलब्धत्ता बाबत् जानकारी एवं अन्य जानकारी एनआईटी के 2.10 में संलग्न संशोधित प्रपत्रानुसार प्रस्तुत करें।)
निविदा में होने वाले समस्त संशोधन का प्रकाशन केवल उपरोक्त वेबसाइट पर किया जावेगा, पृथक से समाचार पत्रों में प्रकाशन नहीं किया जावेग, एवं निविदाकारो द्वारा प्रेषित मूल अभिलेख का लिफाफा में निविदाकारो का मोबाईल नंबर एवं ई-मेल आई.डी. का उल्लेख अनिवार्य रूप से करें।

स्वा./- अधीक्षण अभियंता
लोक निर्माण विभाग, सेतु मंडल, रायपुर (छ.ग.)

G-252604559/3



**यूनियन बैंक ऑफ इंडिया Union Bank of India** — भारत सरकार का उपक्रम / A Government of India Undertaking

**ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ**
**ଶର୍ମା ଛକ ତାଳଚେର ଶାଖା**
ପ୍ଲଟ୍ ନଂ.: ୧୬୦୫, ଶର୍ମା ଛକ ମାର୍କେଟ, ତାଳଚେର-୭୫୯୧୦୦, ଇମେଲ୍ : ubin0919942@unionbankofindia.bank

**ଦଖଲ ନୋଟିସ୍** (ସ୍ଥାବର ସମ୍ପତ୍ତି ନିମନ୍ତେ)

[ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନଫୋର୍ସମେଣ୍ଟ) ରୁଲ -୨୦୦୨ ଅନ୍ତର୍ଗତ ରୁଲ ୮(୧)]

[illegible]

| ଋଣଗ୍ରହୀତାମାନଙ୍କ ନାମ ଏବଂ ଠିକଣା | ଦାବି ନୋଟିସ୍ ଅନୁଯାୟୀ ବକେୟା ରାଶି (ଟଙ୍କାରେ) | ଡିମାଣ୍ଡ ନୋଟିସ୍ ତାରିଖ/ଦଖଲ ତାରିଖ | ସ୍ଥାବର ସମ୍ପତ୍ତିର ବିବରଣୀ |
|---|---|---|---|
| ଋଣଗ୍ରହୀତାମାନେ: ୧) ଶ୍ରୀ ନବଘନ ବିଶ୍ୱାଳ, [illegible] ୨) ଶ୍ରୀ କୁଶଧ୍ୱଜ ବିଶ୍ୱାଳ, [illegible] | ୨୪.୦୫.୨୦୨୩ ସୁଦ୍ଧା ଟ.୩୬,୧୮,୨୨୨.୧୭ [illegible] | ୧୩.୦୧.୨୦୨୫ / ୦୬.୧୧.୨୦୨୫ | ଶ୍ରୀ ନବଘନ ବିଶ୍ୱାଳ ଏବଂ ଶ୍ରୀ କୁଶଧ୍ୱଜ ବିଶ୍ୱାଳଙ୍କ ନାମରେ [illegible] |

ସ୍ଥାନ: ତାଳଚେର
ତାରିଖ: ୦୬.୧୧.୨୦୨୫
ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ



**कार्यपालक अभियंता का कार्यालय,**
**पथ निर्माण विभाग, पथ प्रमंडल, राँची**

**ई–प्रोक्योरमेंट सूचना**
**नेशनल कम्पेटेटीभ बिडिंग**

टेन्डर रेफरेंस नं0–प0नि0वि0/राँची–42/2025–26 दिनांक :– 06.11.2025

| | | |
|---|---|---|
| 1. | कार्य का नाम | कुम्हरिया मोड़ (मेसरा–पिठोरिया पथ पर) से संग्रामपुर (करमटोली–ओरमाँझी पथ पर) (कुल लम्बाई–6.333 कि0मी0) (पुल निर्माण सहित) पथ का पुनर्निर्माण कार्य वर्ष 2025–26. |
| 2. | अनुमानित प्राक्कलित राशि (रू0 लाख में) | रू0 2235.57351 लाख (रूपये बाईस करोड़ पैतीस लाख संतावन हजार तीन सौ एकावन) मात्र। |
| 3. | अग्रधन की राशि (रू0 लाख में) | रू0 22.36 लाख (रूपये बाईस लाख छत्तिस हजार) मात्र। |
| 4. | कार्य पूर्ण करने की अवधि | 14 (चौदह) माह |
| 5. | वेबसाईट पर निविदा प्रकाशन की तिथि | 10.11.2025 10.30 बजे पूर्वाह्न |
| 6. | प्री–बीड मिटिंग की तिथि/समय | 24.11.2025 3.00 बजे अपराह्न |
| 7. | निविदा प्राप्ति की अंतिम तिथि/समय | 01.12.2025 12.00 बजे दोपहर तक |
| 8. | निविदा खोलने की तिथि/ समय | 02.12.2025 12.30 बजे अपराह्न। |
| 9. | निविदा प्रकाषित करने वाले कार्यालय का नाम एवं पता | कार्यपालक अभियंता पथ निर्माण विभाग,पथ प्रमंडल, मोहराबादी, राँची–834008. |
| 10. | प्रोक्योरमेंट पदाधिकारी का सम्पर्क संख्या | 0651–2361018 |
| 11. | ई–प्रोक्योरमेंट सेल का हेल्पलाईन संख्या | 0651–2401010 |

- प्राक्कलित राशि एवं अग्रधन की राशि घट–बढ़ सकती है, जिसे ***Tender Online Upload*** में देखा जा सकता है, एवं किसी भी प्रकार का बदलाव ***http://jharkhandtenders.gov.in*** पर देखा जा सकता है।
- नियम एवं शर्तों के लिए वेबसाईट ***http://jharkhandtenders.gov.in*** पर देखें।

PR 365412 Road Construction Dept Road Division Ranchi(25-26)#D — कार्यपालक अभियंता, पथ निर्माण विभाग,पथ प्रमंडल,राँची

# ଉତ୍ତରାଖଣ୍ଡରେ ରାୟଗଡ଼ା ଯୁବତୀଙ୍କୁ ହତ୍ୟା

ରାୟଗଡ଼ା,୬ା୧୧ (ଆଶିଷ ରଞ୍ଜନ ପଣ୍ଡା)

ଉତ୍ତରାଖଣ୍ଡରେ ରାୟଗଡ଼ା ଜିଲା ଚାନ୍ଦିଲି ଥାନା ଅଞ୍ଚଳର ଜଣେ ଯୁବତୀଙ୍କୁ ହତ୍ୟା କରାଯାଇ ମୃତଦେହକୁ ଏକ ନଦୀରେ ଫିଙ୍ଗି ଦିଆଯାଇଥିଲା। ଉତ୍ତରାଖଣ୍ଡ ଲାଲପୁର ଥାନା ପୋଲିସ ଗୁରୁବାର ଅପରାହ୍ନରେ ନଦୀରୁ ମୃତଦେହ ଜବତ କରିଛି। ହତ୍ୟା ଅଭିଯୋଗରେ ପୋଲିସ ମୃତ ଯୁବତୀ ରହୁଥିବା ଘର ମାଲିକଙ୍କ ପୁଅ ଅମିତ ସିଂହଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି।

ସୂଚନା ଅନୁଯାୟୀ, ଚାନ୍ଦିଲି ଥାନା ଅନ୍ତର୍ଗତ ଜେକେପୁର ସହରର ସୃଷ୍ଟି ଶର୍ମା(୨୩) ଉତ୍ତରାଖଣ୍ଡର ଲାଲ୍‌ପୁରସ୍ଥିତ ମହିନ୍ଦ୍ରା ଆଣ୍ଡ ମହିନ୍ଦ୍ରାରେ ତାଙ୍କର ଇଣ୍ଟର୍ନସିପ ଟ୍ରେନିଂ କରିବାକୁ ଯାଇଥିଲେ। ସେ ଲାଲ୍‌ପୁରର ଭାରତୀୟମ ଇଣ୍ଟରନ୍ୟାଶନାଲ ସ୍କୁଲ ପଛରେ କାମେଶ୍ୱର ସିଂହଙ୍କ ଏକ ଘରକୁ ଭଡ଼ା ନେଇ ରହୁଥିଲେ। ତେବେ


ସୃଷ୍ଟି ଶର୍ମା

ମଙ୍ଗଳବାର ଅପରାହ୍ନରୁ ସୃଷ୍ଟିଙ୍କ ଫୋନ ବନ୍ଦ ଥିବାବେଳେ ଜେକେପୁରଠାରେ ଥିବା ତାଙ୍କ ପରିବାର ଯେତେ ଚେଷ୍ଟା କରିଥିଲେ ବି ସୃଷ୍ଟିଙ୍କ ସହ ଯୋଗାଯୋଗ ହୋଇ ପାରି ନ ଥିଲା। ସୃଷ୍ଟିଙ୍କ ପରିବାର ଲୋକ ଘର ମାଲିକ କାମେଶ୍ୱର ସିଂହଙ୍କୁ ଯୋଗାଯୋଗ କରିବାରୁ ସେମାନେ ବାହାରେ ଥିବାରୁ ସୃଷ୍ଟିଙ୍କ ବିଷୟରେ ଜାଣି ନ ଥିବା କହିଥିଲେ। ପରେ ଘର ମାଲିକଙ୍କ ପୁଅ ଅମିତଙ୍କୁ ଯୋଗାଯୋଗ କରିବାରୁ ସେ କୌଣସି ଉତ୍ତର ଦେଇ ନ ଥିଲେ। ଏହାପରେ ସୃଷ୍ଟିଙ୍କ ସମ୍ପର୍କୀୟ ଭାଇ ଅମୃତ କୁମାର ତାଙ୍କ ବନ୍ଧୁ ସୁରଜ ଏବଂ ମନୀଷଙ୍କ ସହିତ ଲାଲ୍‌ପୁରରେ ପହଞ୍ଚି ଥାନାରେ ସୃଷ୍ଟିଙ୍କ ନିଖୋଜ ବିଷୟରେ ରିପୋର୍ଟ କରିଥିଲେ। ସେମାନେ ପୋଲିସର କାର୍ଯ୍ୟାନୁଷ୍ଠାନକୁ ଅପେକ୍ଷା ନ କରି ଘର ମାଲିକ କାମେଶ୍ୱର ସିଂହଙ୍କ ଘରର ବିପରୀତରେ ଥିବା ପୂର୍ବତନ ଜିଲା ପଞ୍ଚାୟତ ସଦସ୍ୟ ରଞ୍ଜିତ ସିଂହଙ୍କ ଘରେ ଥିବା ସିସିଟିଭି ଫୁଟେଜ ଯାଞ୍ଚ କରିଥିଲେ। ଏହି ସମୟରେ ଘର ମାଲିକଙ୍କ ପୁଅ ଅମିତଙ୍କୁ ସନ୍ଦେହଜନକ ଅବସ୍ଥାରେ ବୁଲୁଥିବା ଦେଖିବାକୁ ପାଇଥିଲେ। ଏନେଇ ସେମାନଙ୍କ ସନ୍ଦେହ ହେବାରୁ ପୋଲିସକୁ କହିଥିଲେ। ଏହାପରେ ପୋଲିସ ଘର ମାଲିକଙ୍କ ପୁଅକୁ ପଚରାଉଚୁରା କରିବା ପରେ ସେ ହିଁ ସୃଷ୍ଟିଙ୍କୁ ହତ୍ୟା କରିଥିବା ସ୍ୱୀକାର କରିଥିଲେ। ସେ ସୃଷ୍ଟିଙ୍କ ମୃତଦେହକୁ ଏକ ଚାଦରରେ ଗୁଡ଼ାଇ ଇଟା ଏବଂ ପଥର ବାନ୍ଧି ଲାଲପୁର ମନ୍ଦିର ପଛପଟେ ଶ୍ରୀପୁର-ମହାରାଜପୁର ରାସ୍ତା ନିକଟରେ ଥିବା ବାଡୋର ନଦୀରେ ଫିଙ୍ଗି ଦେଇଥିବା କହିଥିଲେ। ସୂଚନା ପାଇବା ପରେ ପୋଲିସ ଗୁରୁବାର ଅପରାହ୍ନରେ ନଦୀରୁ ମୃତଦେହ ଜବତ କରିଛି। ଅଭିଯୁକ୍ତ ଅମିତ ସିଂହଙ୍କୁ ଗିରଫ କରିବା ସହ ହତ୍ୟାରେ ସହାୟତା କରିଥିବା ଲୋକଙ୍କ ବିଷୟରେ ତଦନ୍ତ କରୁଛି। ତେବେ ଏହି ହତ୍ୟା ପଛର କାରଣ ଜଣାପଡ଼ି ନ ଥିବା ବେଳେ ଏବେ ସୃଷ୍ଟିଙ୍କ ମୃତଦେହ ବ୍ୟବଚ୍ଛେଦ ପାଇଁ ରୁଦ୍ରପୁର ମେଡିକାଲକୁ ପଠାଯାଇଛି।

# ଗ୍ରୀନ୍ ଇଣ୍ଡିଆ ପରିଚାଳନା ନିର୍ଦ୍ଦେଶକଙ୍କୁ ଇଡିର ଜେରା

## ବହୁ କୋଟିର ଚିଟ୍‌ଫଣ୍ଡ ଠକେଇ

### ପ୍ରଦୀପଙ୍କ ନାମରେ ପୁଣି ଏକାଧିକ ଅଭିଯୋଗ

ବ୍ରହ୍ମପୁର,(ସୁବାସ ଚନ୍ଦ୍ର ପାଢ଼ୀ)/ ଭୁବନେଶ୍ୱର,୬ା୧୧(ସତ୍ୟଜିତ ରାଉତ)

ବିଭିନ୍ନ ସ୍କିମ୍ ଜରିଆରେ ବହୁ କୋଟି ଟଙ୍କାର ଚିଟ୍‌ଫଣ୍ଡ ଠକେଇ ମାମଲାରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ପକ୍ଷରୁ ଗୁରୁବାର ବ୍ରହ୍ମପୁରରେ ଚଢ଼ାଉ କରାଯାଇଛି। ଚିଟ୍‌ଫଣ୍ଡ ସଂସ୍ଥା ଗ୍ରୀନ୍ ଇଣ୍ଡିଆର ପରିଚାଳନା ନିର୍ଦ୍ଦେଶକ ପ୍ରଦୀପ ସିଂଙ୍କ ବ୍ରହ୍ମପୁର ଅଯୋଧ୍ୟା ନଗର ଦ୍ୱିତୀୟ ଲାଇନସ୍ଥିତ ବାସଭବନରେ ଇଡିର ଏକ ୬ ଜଣିଆ ଟିମ୍ ପହଞ୍ଚି ଯାଞ୍ଚ ଆରମ୍ଭ କରିଛନ୍ତି। ବେଆଇନ ଅର୍ଥ କାରବାରକୁ ନେଇ ପ୍ରଦୀପ ଓ ତାଙ୍କ ପରିବାର ସଦସ୍ୟଙ୍କୁ ଇଡି ପକ୍ଷରୁ ପଚରାଉଚରା କରାଯାଇଛି। ଇଡି ଟିମ୍ ତାଙ୍କ ଘରୁ ମାମଲା ସମ୍ବନ୍ଧୀୟ କିଛି ଗୁରୁତ୍ୱପୂର୍ଣ୍ଣ ଦସ୍ତାବିଜ୍ ଜବତ କରିଥିବା ସୂଚନା ମିଳିଛି।

ସୂଚନା ଅନୁଯାୟୀ, ବ୍ରହ୍ମପୁର ଅଞ୍ଚଳରେ ଗ୍ରୀନ୍ ଇଣ୍ଡିଆ କମ୍ପାନୀ ବ୍ୟବସାୟ ଆରମ୍ଭ କରିଥିଲା। ପରବର୍ତ୍ତୀ ସମୟରେ ଏହା ଅଧୀନରେ ଗ୍ରୀନ୍ ଇଣ୍ଡିଆ ପ୍ରପର୍ଟିଜ୍, ଗ୍ରୀନ୍ ଇଣ୍ଡିଆ ଇନ୍‌ଫ୍ରା ପ୍ରୋଜେକ୍ଟସ, ଗ୍ରୀନ୍ ଇଣ୍ଡିଆ ରିଟେଲ୍ ଓ ଗ୍ରୀନ ଇଣ୍ଡିଆ ମଲ୍ଟି ଷ୍ଟେଟ୍ କୋ-ଅପରେଟିଭ୍ ପ୍ରାଇଭେଟ୍ ଲିଃ ଗଢ଼ି ଉଠିଥିଲା। ୨୦୧୩ ପୂର୍ବରୁ କମ୍ପାନୀ ତାହାର ବିଭିନ୍ନ ସ୍କିମ୍ ଜରିଆରେ ଠକେଇ ଆରମ୍ଭ କରିଥିଲା। କମ୍ପାନୀ ଦ୍ୱାରା ବିଶେଷ କରି ଦକ୍ଷିଣ ଓଡ଼ିଶାର ଲୋକମାନେ ଠକେଇର ଶିକାର ହୋଇଥିଲେ। ୨୦୧୩ ମସିହାରେ ଠକେଇର ଶିକାର ଲୋକମାନେ କ୍ରାଇମବ୍ରାଞ୍ଚର ଅର୍ଥନୈତିକ ଅପରାଧ ଶାଖା (ଇଓଡବ୍ଲ୍ୟୁ) ନିକଟରେ ଅଭିଯୋଗ କରି ପ୍ରଦୀପଙ୍କ ଗିରଫ ଦାବି କରିଥିଲେ। ପରବର୍ତ୍ତୀ ସମୟରେ ଇଓଡବ୍ଲ୍ୟୁ ମାମଲା ରୁଜୁ କରି ପ୍ରଦୀପଙ୍କୁ ଗିରଫ କରିଥିଲା। ଏପରିକି ବ୍ରହ୍ମପୁର ଟାଉନ ଥାନାରେ ମଧ୍ୟ ଏନେଇ ଠକେଇ ମାମଲା ରୁଜୁ ହୋଇଥିଲା। ପ୍ରଦୀପ ଗିରଫ ହୋଇ ଜେଲରେ ରହିବା ପରେ ଜାମିନରେ ମୁକୁଳିଥିଲେ। ଅପରପକ୍ଷରେ କିଛିଦିନ ତଳେ ପ୍ରଦୀପଙ୍କ ନାମରେ ବୈଦ୍ୟନାଥପୁର ଥାନାରେ ମଧ୍ୟ ଏକାଧିକ ଆର୍ଥିକ ଠକେଇ ଅଭିଯୋଗ ହୋଇଥିଲା। ଏହି ଆଧାରରେ ଇଡି ପକ୍ଷରୁ ଚଢ଼ାଉ କରାଯାଉଥିବା କୁହାଯାଉଛି। କିନ୍ତୁ ଚଢ଼ାଉ ସଂକ୍ରାନ୍ତରେ ଆସନ୍ତା ୨/୩ଦିନ ମଧ୍ୟରେ ସୂଚନା ଦିଆଯିବ ବୋଲି ସୂଚନା ଦିଆଯାଇଛି।

# ବଜାରରେ ପୁଣି ଲାଗିଲା ବିଏନ୍‌ଏସ୍‌ଏସ୍ ଧାରା ୧୬୩

## ଓସ୍ତପୁର-କୋଟପଲା ଗାଁ ମଧ୍ୟରେ ସୀମା ବିବାଦ ପ୍ରସଙ୍ଗ

- ୨ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ
- ଦୋଷୀଙ୍କ ବିରୋଧରେ ନିଆଯିବ କାର୍ଯ୍ୟାନୁଷ୍ଠାନ: ଏସ୍‌ପି

ବାଘମାରୀ,୬ା୧୧ (ମିହିର ରଞ୍ଜନ ମହାପାତ୍ର)

ବାଘମାରୀ ଥାନା ଅଧୀନ ପୋଡ଼ାଡ଼ିହ ପଞ୍ଚାୟତର ଓସ୍ତପୁର-କୋଟପଲା ଗ୍ରାମ ମଧ୍ୟରେ ସୀମା ବିବାଦ ବୁଧବାର ଉଗ୍ରରୂପ ନେଇଥିଲା। ଓସ୍ତପୁର-କୋଟପଲା ବଜାରରେ ପ୍ରଶାସନ ପକ୍ଷରୁ ଲଗାଯାଇଥିବା ନାମଫଳକକୁ କେହି ଦୁର୍ବୃତ୍ତ ନେଇଯାଇଥିବା ବେଳେ ପୂର୍ବାହ୍ନରେ ଉଭୟ ଗ୍ରାମର ବାସିନ୍ଦା ମାର୍‌ପିଟ ହେବା ସହ ଦୋକାନ ଭଙ୍ଗାରୁଜା ଓ ପୋଡ଼ାଜଳା କରିଥିଲେ। ତେବେ ପରିସ୍ଥିତିକୁ ନିୟନ୍ତ୍ରଣ କରିବା ପାଇଁ ବୁଧବାର ରାତିରେ ଜିଲା ପ୍ରଶାସନ ପକ୍ଷରୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ଓସ୍ତପୁର-କୋଟପଲା ବଜାର ସହିତ ପରବତୀ ହନୁମାନ ମନ୍ଦିରଠାରୁ ବାରିକ ପୋଖରୀ ପର୍ଯ୍ୟନ୍ତ ଅନିର୍ଦ୍ଦିଷ୍ଟକାଳ ପାଇଁ ବିଏନ୍‌ଏସ୍‌ଏସ୍ ଧାରା ୧୬୩ ଲାଗୁ କରାଯାଇଛି। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ୨ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ କରାଯାଇଛି। ଗୁରୁବାର ସକାଳେ ବେଗୁନିଆ ତହସିଲଦାର ତାପସ କୁମାର ବିଶି, ବାଘମାରୀ ଥାନା ଅଧିକାରୀ ଶମ୍ଭୁନାଥ ନାୟକ ପ୍ରମୁଖ ପହଞ୍ଚି ସ୍ଥିତି ଉପରେ ନଜର ରଖିଥିଲେ। ଅନ୍ୟପକ୍ଷରେ କ୍ଷତିଗ୍ରସ୍ତ ୧୨ଜଣ ଦୋକାନୀ ଦୀନବନ୍ଧୁ ବେହେରା, କନକ ବେହେରା, ରଶ୍ମିତା ବେହେରା, ମିନତୀ ବେହେରା, ଶାନ୍ତିଲତା ତ୍ରିପାଠୀ, ରଜନୀ ମହାରଣା, ନରସିଂହ ପଣ୍ଡା, ଗୋପୀନାଥ ପଣ୍ଡା, ନିଧି ବେହେରା, ରାଜକିଶୋର ନାୟକ, ସ୍ମୃତି ରଞ୍ଜନ ପଣ୍ଡା, ହରିହର ପଣ୍ଡା ପ୍ରମୁଖ ନ୍ୟାୟ ଦାବିରେ ଥାନାରେ ଅଭିଯୋଗ କରିଛନ୍ତି। ସେହିପରି କେତେଜଣ ବ୍ୟବସାୟୀ ସେମାନଙ୍କ ଦୋକାନର ସାମଗ୍ରୀ ଘରକୁ ନେଇଯାଉଥିବା ଦେଖିବାକୁ ମିଳିଥିଲା। କ୍ଷତିଗ୍ରସ୍ତ ଦୋକାନୀ ସ୍ମୃତି ରଞ୍ଜନ ପଣ୍ଡା କହିଛନ୍ତି ଯେ, ଦୀର୍ଘ ୪୦ବର୍ଷ ଧରି ଏଠାରେ ବ୍ୟବସାୟ କରିଆସୁଛୁ। କିଛିଦିନ ହେବ ଅସାମାଜିକ ବ୍ୟକ୍ତିଙ୍କ ଯୋଗୁ ଏଭଳି ଘଟଣା ଘଟିଲା। ୨ଲକ୍ଷ ଟଙ୍କାର ସାମଗ୍ରୀ ପୋଡ଼ିଯାଇ ନଷ୍ଟ ହୋଇଯାଇଛି। ସେହିପରି ପ୍ରଦୀପ ବେହେରା କହିଛନ୍ତି, ବ୍ୟାଙ୍କଲୋନ୍ ଏବଂ ଟଙ୍କା ଧାର ଆଣି ଦୋକାନ କରିଥିଲି। ଦୋକାନ ସମ୍ପୂର୍ଣ୍ଣ ଜଳିଯାଇଛି। ପରିବାର ଚଳାଇବା ପାଇଁ ଏହି ଦୋକାନ ଏକମାତ୍ର ସମ୍ବଳ ଥିଲା। ପରିବାର ଚଳାଇବା ଏବେ କଷ୍ଟକର ହୋଇପଡ଼ିବ। ଅନ୍ୟପକ୍ଷରେ ଏ ସମ୍ପର୍କରେ ଏସ୍‌ପି ବିବେକାନନ୍ଦ ଶର୍ମା କହିଛନ୍ତି ଯେ, ଏଠାରେ ବାରମ୍ବାର ଗଣ୍ଡଗୋଳ ଘଟୁଛି। କିଛି ଦୋକାନ ଜାଳି ଦେଇଛନ୍ତି। ଖୁବ୍‌ଶୀଘ୍ର ଦୋଷୀଙ୍କୁ ଚିହ୍ନଟ କରାଯାଇ ତାଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ। ସେହିପରି ଅତିରିକ୍ତ ଜିଲାପାଳ (ରାଜସ୍ୱ) ସାଫଲ୍ୟ ମଣ୍ଡିତ ପ୍ରଧାନ କହିଛନ୍ତି ଯେ, ସୀମା ବିବାଦକୁ ନେଇ ଏଠାରେ ଏଭଳି ଘଟଣା ଘଟୁଥିବାରୁ ପ୍ରଶାସନ ଗୁରୁତର ସହ ନେଇଛି। ଖୁବ୍‌ଶୀଘ୍ର ଏହି ବିବାଦର ସମାଧାନ ପାଇଁ ପଦକ୍ଷେପ ନିଆଯିବ। ସେହିପରି ତହସିଲଦାର ତାପସ ବିଶି କହିଛନ୍ତି ଯେ, ବର୍ତ୍ତମାନ ସ୍ଥିତି ନିୟନ୍ତ୍ରଣାଧୀନ ରହିଛି। ବଜାରରେ ଶାନ୍ତି ଏବଂ ପୂର୍ବଭଳି ସ୍ୱାଭାବିକ କରିବା ପାଇଁ ପ୍ରଶାସନ ପକ୍ଷରୁ ଚେଷ୍ଟା କରାଯାଉଛି।

# ପୂର୍ବତନ ତହସିଲଦାରଙ୍କୁ ୨ ବର୍ଷ ଜେଲ

## ଆୟବହିର୍ଭୂତ ସମ୍ପତ୍ତି ଠୁଳ ମାମଲା

- ବନ୍ଦ ହେବ ପେନ୍‌ସନ
- ୧ ଲକ୍ଷ ଜରିମାନା

ବାରିପଦା, ୬ା୧୧(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା ବାରିପଦାସ୍ଥିତ ଭିଜିଲାନ୍ସ କୋର୍ଟରେ ଗୁରୁବାର ଏକ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ମାମଲାର ରାୟ ପ୍ରକାଶ ପାଇଛି। ଜଜ୍ ପୂର୍ଣ୍ଣିମା ଜେନା ଏହାର ବିଚାର କରି ବହଳଦାର ପୂର୍ବତନ ଅବସରପ୍ରାପ୍ତ ତହସିଲଦାର ଭୀମସେନ ମଙ୍ଗରାଜଙ୍କୁ ଦୋଷୀ ସାବ୍ୟସ୍ତ କରି ୨ ବର୍ଷ କାରାଦଣ୍ଡ ଓ ୧ଲକ୍ଷ ଟଙ୍କା ଜରିମାନା ଆଦେଶ ଦେଇଛନ୍ତି। ଦୋଷୀ ସାବ୍ୟସ୍ତ ପୂର୍ବତନ ତହସିଲଦାରଙ୍କ ପେନସନ ବନ୍ଦ କରିବା ପାଇଁ ପ୍ରକ୍ରିୟା ଆରମ୍ଭ କରାଯିବ ବୋଲି ଭିଜିଲାନ୍ସ ଘୋଷଣା କରିଛି। ବାଲେଶ୍ୱର ବିଭାଗୀୟ ଭିଜିଲାନ୍ସ ବ୍ୟୁରୋର ତତ୍କାଳୀନ ଡିଏସ୍‌ପି ଶରତ କୁମାର ମହାପାତ୍ର ମଙ୍ଗରାଜଙ୍କ ବିରୋଧରେ ମାମଲାର ତଦନ୍ତ କରିଥିଲେ।

# ଜୀବନ ହାରିଲେ ମହିଳା ହୋମ୍‌ଗାର୍ଡ

## ସ୍ୱାମୀଙ୍କ ମୃତ୍ୟୁ ପରେ ଅବସାଦରେ ଦିନ କାଟୁଥିଲେ

ଭୁବନେଶ୍ୱର,୬ା୧୧ (ସତ୍ୟଜିତ ରାଉତ)

କମିଶନରେଟ ପୋଲିସରେ ନୂଆକରି ଚାକିରି କରିଥିଲେ। ହେଲେ ସ୍ୱାମୀଙ୍କ ମୃତ୍ୟୁକୁ ନେଇ ସେ ମାନସିକସ୍ତରରେ ଭାଙ୍ଗି ପଡିଥିଲେ। ଶେଷରେ ବିଷ ଖାଇ ଜୀବନ ହାରିଛନ୍ତି କମିଶନରେଟ ପୋଲିସରେ କାର୍ଯ୍ୟରତ ମହିଳା ହୋମ୍‌ଗାର୍ଡ ସୁଜାତାରାଣୀ କର। ବୁଧବାର ରାତିରେ ସେ ବିଷ ଖାଇଦେଇଥିଲେ। ଗୁରୁତର ଅବସ୍ଥାରେ ପରିବାର ଲୋକେ ତାଙ୍କୁ ବିଳମ୍ବିତ ରାତିରେ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ତେବେ ସେଠାରେ ଆଇସିୟୁ ଉପଲବ୍ଧ ନ ହେବାରୁ ସୁଜାତାଙ୍କୁ ଏମ୍‌ସ କିମ୍ବା କଟକ ଏସ୍‌ସିବିକୁ ନେବା ପାଇଁ ଡାକ୍ତର ସୁପାରିସ କରିଥିଲେ। ହେଲେ ସେସବୁ ମେଡିକାଲରେ ଆଇସିୟୁ ମିଳିବା କଷ୍ଟକର ହୋଇପଡୁଥିବାରୁ ପରିବାର ଲୋକେ ତାଙ୍କୁ ଚେତାଶୂନ୍ୟ ଅବସ୍ଥାରେ ଚନ୍ଦ୍ରଶେଖରପୁର ଥାନା ଅଞ୍ଚଳର ଏକ ଘରୋଇ ହସ୍ପିଟାଲକୁ


ମୃତା ସୁଜାତାରାଣୀ କର।

ନେଇଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଗୁରୁବାର କ୍ୟାପିଟାଲ ହସ୍ପିଟାଲରେ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ମୃତଦେହ ହସ୍ତାନ୍ତର କରାଯାଇଛି। ଏନେଇ ଚନ୍ଦ୍ରଶେଖରପୁର ଥାନା ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ କରୁଛି।

ସୁଜାତାଙ୍କ ଘର ନୟାଗଡ଼ରେ ହୋଇଥିବା ବେଳେ ସେ ପରିବାର ସହ ଚନ୍ଦ୍ରଶେଖରପୁର ମଣ୍ଡପ ବସ୍ତିର ଏକ ଆପାର୍ଟମେଣ୍ଟରେ ରହୁଥିଲେ। ସୁଜାତାଙ୍କର ଗୋଟିଏ ପୁଅ ଓ ଗୋଟିଏ କନ୍ୟାସନ୍ତାନ ଅଛନ୍ତି। ୭ ମାସ ତଳେ ତାଙ୍କ ସ୍ୱାମୀଙ୍କ ହୃଦ୍‌ଘାତରେ ମୃତ୍ୟୁ ହୋଇଥିଲା। ସେହିଦିନଠାରୁ ସେ ସମ୍ପୂର୍ଣ୍ଣ ଭାଙ୍ଗିପଡ଼ିଥିଲେ। କିଛିବର୍ଷ ପୂର୍ବରୁ ଶ୍ୱଶୁରଙ୍କ ଦେହାନ୍ତ ହୋଇଯାଇଥିବା ବେଳେ ବୃଦ୍ଧା ଶାଶୁ, ଜଣେ ଭଣଜା ଏବଂ ଦୁଇ ପିଲାଙ୍କ ସହ ରହୁଥିଲେ। ସ୍ୱାମୀଙ୍କ ଅନୁପସ୍ଥିତିରେ ପରିବାର ବୋଝକୁ ମୁଣ୍ଡେଇ ସେ ବହୁ ଚିନ୍ତାରେ ଦିନ କାଟୁଥିଲେ। ଦେଢ଼ମାସ ତଳେ ସେ ଚନ୍ଦ୍ରଶେଖରପୁର ଥାନାରେ ହୋମ୍‌ଗାର୍ଡ ଭାବେ ଯୋଗଦେଇଥିଲେ। ହେଲେ ସ୍ୱାମୀଙ୍କୁ ମନେପକାଇ ପ୍ରତି ସମୟରେ ତାଙ୍କୁ ଝୁରି ହେଉଥିଲେ। ଦୁଇଦିନ ହେବ ସୁଜାତା ଛୁଟିରେ ଥିବାବେଳେ ବୁଧବାର ରାତିରେ ସେ ଏଭଳି ନିଷ୍ଠୁର ନିଷ୍ପତ୍ତି ନେଇଥିଲେ।

## Business

# ବ୍ୟାଙ୍କ ଅଫ୍ ଇଣ୍ଡିଆ ପକ୍ଷରୁ ସତର୍କତା ସଚେତନତା କାର୍ଯ୍ୟକ୍ରମ

ଭୁବନେଶ୍ୱର,୬ା୧୧

ବ୍ୟାଙ୍କ ଅଫ୍ ଇଣ୍ଡିଆର ସମ୍ବଲପୁର ଆଞ୍ଚଳିକ କାର୍ଯ୍ୟାଳୟ ପକ୍ଷରୁ ସତର୍କତା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବ୍ୟାଙ୍କ ପକ୍ଷରୁ ଏକ ପୁରସ୍କାର ବିତରଣ କାର୍ଯ୍ୟକ୍ରମ କରାଯାଇଥିଲା। ସାଧାରଣ ଲୋକଙ୍କ ମଧ୍ୟରେ ସ୍ୱଚ୍ଛତା ଓ ସଚ୍ଚୋଟତାକୁ ପ୍ରୋତ୍ସାହିତ କରିବା ଏହି କାର୍ଯ୍ୟକ୍ରମ ମୂଳ ଲକ୍ଷ୍ୟ ଥିଲା। ସତର୍କତା ସପ୍ତାହ ଅବସରରେ 'ସତର୍କତା: ଆମର ସାମୂହିକ ଦାୟିତ୍ୱ' ବିଷୟ ସମ୍ପର୍କିତ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ ହୋଇଥିଲା। ଉପ-ଆଞ୍ଚଳିକ ପ୍ରବନ୍ଧକ ନିବେଦିତା ମିଶ୍ରଙ୍କ ଉପସ୍ଥିତିରେ ଭିଜିଲାନ୍ସ ଅଧିକାରୀ ସ୍ନେହାଶିଷ ସିଂହ ମହାପାତ୍ର କର୍ମଚାରୀମାନଙ୍କୁ ଶପଥ ପାଠ କରାଇଥିଲେ। ଆଞ୍ଚଳିକ କାର୍ଯ୍ୟାଳୟ, ଆର୍‌ବିସି, ଏସ୍‌ଏମ୍‌ଇସିସି ଏବଂ ଏସ୍‌କେଭିକେ, ସମ୍ବଲପୁରର କର୍ମଚାରୀମାନେ ଅଂଶ ଗ୍ରହଣ କରିଥିଲେ। ଏହି ଅବସରରେ କର୍ମଚାରୀମାନଙ୍କ ପାଇଁ ଏକ କୁଇଜ ଏବଂ ସ୍ଲୋଗାନ୍ ଲିଖନ ପ୍ରତିଯୋଗିତାର ଆୟୋଜନ କରାଯାଇଥିଲା ଏବଂ ବିଜେତା ପ୍ରତିଯୋଗୀ ପୁରସ୍କୃତ କରାଯାଇଥିଲା। କର୍ମଚାରୀମାନଙ୍କ ମଧ୍ୟରେ ଦୁର୍ନୀତି ମୁକ୍ତ କାର୍ଯ୍ୟ ଏବଂ ନୈତିକ ଆଚରଣକୁ ପ୍ରୋତ୍ସାହିତ କରିବା ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଥିଲା।

# ଟୟୋଟାର ହାଇଲକ୍ସର ବ୍ଲାକ୍ ଏଡିଶନ୍

ଭୁବନେଶ୍ୱର,୬ା୧୧(ଅନୁରାଧା ମହାରଣା)

ଫିଲ୍ଡ ମୋଟର ପ୍ରାଇଭେଟ୍ ଲିମିଟେଡର କଟକ ତେଲେଙ୍ଗାପେଣ୍ଠସ୍ଥିତ ଇସ୍ପିରିଟ ଟୟୋଟାଠାରେ ହାଇଲକ୍ସ ନୂଆ ବ୍ଲାକ ଏଡିଶନର ଟେଷ୍ଟ ଡ୍ରାଇଭ ଅନୁଭୂତି ପ୍ରଦାନ କରାଯାଉଛି। ଏହି କାର୍ ଗ୍ରାହକଙ୍କ ବଦଳୁଥିବା ରୁଚିକୁ ଦୃଷ୍ଟିରେ ରଖି ପ୍ରସ୍ତୁତ ହୋଇଥିବା ଶୋ'ରୁମର ମାର୍କେଟିଂ ହେଡ୍ ଆଶିଷ ସେନ୍ କହିଛନ୍ତି। ଗଣମାଧ୍ୟମକୁ ସୂଚନା ଦେଇ ସେ କହିଛନ୍ତି, ଏହି କାର୍‌ରେ ୨.୮ ଲିଟର୍ ଫୋର୍-ସିଲିଣ୍ଡର୍ ଟର୍ବୋ-ଡିଜେଲ ଇଞ୍ଜିନ ରହିଛି। ଏହା ୬-ସ୍ପିଡ ଅଟୋମାଟିକ ଟ୍ରାନ୍ସମିଶନ ସହିତ ୫୦୦ ଏନ୍‌ଏମ୍ ଟର୍କ ପ୍ରଦାନ କରେ। ୪ଏକ୍ସ୪ ଡ୍ରାଇଭେଟ୍ରେନ ସହିତ ଏହା ଅଫ-ରୋଡରେ ଅସୀମ କ୍ଷମତା ପ୍ରଦର୍ଶନ କରେ। ଏହି କାରର ସର୍ବୋତ୍ତମ ୭୦୦ ମିଲିମିଟର୍ ପାଣି ଅତିକ୍ରମଣ କ୍ଷମତା ରହିଛି। ନୂଆ ମଲ୍ଟି-ପର୍ପସ ଭେହିକଲ ପ୍ଲାଟଫର୍ମ ସହିତ କଠୋର ଫ୍ରେମ ଗଠନ ଏହାକୁ ସୁଦୃଢ଼ କରିଥାଏ। ବାହ୍ୟ ଡିଜାଇନର ସମ୍ପୂର୍ଣ୍ଣ କଳା ଥିମ ରହିଛି। ଏଥିରେ ରହିଛି କଳା ଫ୍ରଣ୍ଟ ରେଡିଏଟର୍ ଗ୍ରିଲ, ଫ୍ରଣ୍ଟ ଆନଡର୍ ରନ, କଳା ଫେଣ୍ଡର୍



ଗାର୍ନିସ, ଫ୍ୟଏଲ ଲିଡ ଗାର୍ନିସ, ୧୮-ଇଞ୍ଚ କଳା ଆଲୟ ହ୍ୱିଲ ସହିତ ଅତ୍ୟାଧୁନିକ ଜ୍ଞାନ କୌଶଳ ସହ ଡିଜାଇନ୍ କରାଯାଇଛି। ସ୍ୱେପ୍ଟ-ବ୍ୟାକ ଏଲଇଡି ହେଡଲାଇଟ ଓ ଏଲଇଡି ରିୟର୍ କମ୍ବିନେସନ ଲାମ୍ପ ଏହାକୁ ଆଧୁନିକ ଓ ଆକର୍ଷଣୀୟ କରିଛି। ସୁରକ୍ଷାରେ ରହିଛି ୭ ଏସଆର୍‌ଏସ ଏୟାରବ୍ୟାଗ୍, ଭେହିକଲ ଷ୍ଟେବିଲିଟି କଣ୍ଟ୍ରୋଲ (ଭିଏସପି), ଟ୍ରାକ୍ସନ କଣ୍ଟ୍ରୋଲ (ଟିସି), ଇଲେକ୍ଟ୍ରୋନିକ ଡିଫରେନ୍ସିଆଲ ଲକ (ଇଡିଏଲ), ଅଟୋମାଟିକ ହିଲ ଆସିଷ୍ଟ କଣ୍ଟ୍ରୋଲ (ଏଚଏସି), ଡାଉନହିଲ ଆସିଷ୍ଟ କଣ୍ଟ୍ରୋଲ (ଡିଏସି), ଅଟୋମାଟିକ ଲିମିଟେଡ ସ୍ଲିପ ଡିଫରେନ୍ସିଆଲ ଆଲଏଲଏସଡି ଓ ଫ୍ରଣ୍ଟ ପାର୍କିଂ ସେନ୍ସର ରହିଛି। ଇଣ୍ଟେରିୟରରେ ଡୁଆଲ-ଜୋନ ଫୁଲି ଅଟୋମାଟିକ ଟେମ୍ପେରେଚର୍ କଣ୍ଟ୍ରୋଲ, ସ୍ମାର୍ଟ ଏଣ୍ଟ୍ରି ସହିତ ଇଞ୍ଜିନ ପୁସ ଷ୍ଟାର୍ଟ/ଷ୍ଟପ ବଟନ, ୮-ଇଞ୍ଚ ଇନଫୋଟେନମେଣ୍ଟ ଟଚ୍‌ସ୍କ୍ରିନ୍ ସହିତ ଆଣ୍ଡ୍ରୋଇଡ୍ ଅଟୋ ଓ ଆପଲ କାରପ୍ଲେ ଆଦି ରହିଛି। ଏହାର ପ୍ରାରମ୍ଭିକ ମୂଲ୍ୟ ୩୭,୯୦,୦୦୦ଟଙ୍କା(ଏକ୍ସ ଶୋ'ରୁମ୍) ରହିଛି। ୧୩.୮କିଲୋମିଟର ପ୍ରତି ଲିଟର ଡିଜେଲ ଥିବାବେଳେ ରୋମାଞ୍ଚକାରୀ ଯାତ୍ରା ଅନୁଭୂତି ଦେବ ବୋଲି ଆଶିଷ ସୂଚନା ଦେଇଛନ୍ତି।

# ପୂର୍ବତଟ ରେଳପଥର ସର୍ବାଧିକ ମାଲ୍ ପରିବହନ ରେକର୍ଡ

ଭୁବନେଶ୍ୱର,୬ା୧୧(ଅନୁରାଧା ମହାରଣା)

ପୂର୍ବତଟ ରେଳପଥ ୨୦୨୫ ଅକ୍ଟୋବର ଏବଂ ଏପ୍ରିଲରୁ ଅକ୍ଟୋବର ମଧ୍ୟରେ ସର୍ବୋଚ୍ଚ ଲୋଡିଂ ଏବଂ ଅନ୍‌ଲୋଡିଂ କରି ମାଲ୍ ପରିବହନରେ ଏକ ନୂତନ ମାଇଲଖୁଣ୍ଟ ସ୍ଥାପନ କରିଛି। ୨୦୨୫ ଅକ୍ଟୋବରରେ ପୂର୍ବତଟ ରେଳପଥ ୨୩.୫୮ ନିୟୁତ ଟନ୍ (ଏମ୍‌ଟି) ମାଲ୍ ପରିବହନ କରିଥିଲା-ଯାହାକି ଅକ୍ଟୋବର ପାଇଁ ଯେକୌଣସି ବର୍ଷ ମଧ୍ୟରେ ସର୍ବାଧିକ, ଯାହା ୨୦୨୪ ଅକ୍ଟୋବର ଓ ୨୦୨୪ବର୍ଷରେ ହାସଲ କରାଯାଇଥିବା ପୂର୍ବ ସର୍ବୋଚ୍ଚ ୨୦.୯୦ ଏମ୍‌ଟିକୁ ଅତିକ୍ରମ କରିଛି। ଏହା ୧୩% ବୃଦ୍ଧିକୁ ପ୍ରତିଫଳିତ କରେ। ଏହା ବ୍ୟତୀତ ପୂର୍ବତଟ ରେଳପଥ ପ୍ରଥମ ଥର ପାଇଁ ଅକ୍ଟୋବରରେ ୨୩ ନିୟୁତ ଟନ୍ ଲୋଡିଂ ସୀମା ଅତିକ୍ରମ କରିଛି। ୨୦୨୫ ଏପ୍ରିଲରୁ ଅକ୍ଟୋବର ପର୍ଯ୍ୟନ୍ତ ପୂର୍ବତଟ ରେଳପଥ ୧୬୧.୧୮ ନିୟୁତ ଟନ୍‌ର କ୍ରମାଗତ ଲୋଡିଂ ହାସଲ କରିଛି, ଯାହାକି ଗତ ବର୍ଷର ସମାନ ସମୟ ମଧ୍ୟରେ ପୂର୍ବ ସର୍ବୋତ୍ତମ ୧୪୪.୪୭ ଏମଟିକୁ ଅତିକ୍ରମ କରିଛି - ଏହା ୧୬.୭୧ ନିୟୁତ ଟନ୍ ବୃଦ୍ଧିକୁ ଦର୍ଶାଉଛି, ଯାହା ୧୧.୬% ବୃଦ୍ଧି ଅଟେ। ଏଥି ସହିତ ପୂର୍ବତଟ ରେଳପଥ ଏହାର ସର୍ବୋଚ୍ଚ ଅନଲୋଡିଂ ପ୍ରଦର୍ଶନ ମଧ୍ୟ ହାସଲ କରିଛି, ଯାହା ୧୪୪.୦୨ ନିୟୁତ ଟନ୍ ପରିଚାଳନା କରିଛି, ଯାହାକି ଗତ ବର୍ଷ ୧୩୩.୮୧ ନିୟୁତ ଟନ୍ ତୁଳନାରେ ୮% ବୃଦ୍ଧି ଅଟେ। ୨୦୨୫ ମାଲ୍ ପରିବହନ ଆୟରେ ଏପ୍ରିଲ-ଅକ୍ଟୋବର ୨୦୨୫ ମଧ୍ୟରେ ସମାନ୍ତର ଭାବେ ବୃଦ୍ଧି ପାଇଛି, ଯାହା ଗତ ବର୍ଷର ସମାନ ସମୟ ମଧ୍ୟରେ ୧୪,୭୧୪.୩୧ କୋଟି ତୁଳନାରେ ୧୬,୩୫୦.୨୧ କୋଟି ଅଧିକ ଏବଂ ଏହା ୧୧% ପ୍ରଭାବଶାଳୀ ଅଭିବୃଦ୍ଧି ଦର୍ଶାଉଛି।

# ନୌକା କାରିଗରଙ୍କୁ ସମ୍ବର୍ଦ୍ଧିତ କଲା ଡାଲ୍‌ମିଆ



ଭୁବନେଶ୍ୱର,୬ା୧୧

ଡାଲମିଆ ସିମେଣ୍ଟ (ଭାରତ) ଲିମିଟେଡ (ଡିସିବିଏଲ୍) କଟକ ବାଲିଯାତ୍ରାରେ ଅଂଶଗ୍ରହଣ କରିଛି। ଏହି ଅବସରରେ ଓଡ଼ିଶାର ପାରମ୍ପରିକ ନୌକା ତିଆରି କାରିଗର ସୁକାନ୍ତ ନାୟକ ଏବଂ ବସନ୍ତ ନାୟକଙ୍କୁ ସେମାନଙ୍କର ଦକ୍ଷତା, କାରିଗରି କୁଶଳତା ଏବଂ ଓଡ଼ିଶାର ସାମୁଦ୍ରିକ ପରମ୍ପରା କ୍ଷେତ୍ରରେ ଅବଦାନ ନିମନ୍ତେ ଡିଏସ୍‌ପି ଏକ୍ସପର୍ଟ ବୋଇତ ଶିଳ୍ପକାର ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଥିଲା। ଡାଲମିଆ ସିମେଣ୍ଟର ଚିଫ୍ ମାର୍କେଟିଂ ଅଫିସର ନବୀନ ତିୱାରୀ କହିଥିଲେ, ଓଡ଼ିଶାର ପାରମ୍ପରିକ ନୌକା ତିଆରି କାରିଗରମାନଙ୍କୁ ସମ୍ବର୍ଦ୍ଧିତ କରି ସେମାନଙ୍କ ଦକ୍ଷତା, ଉତ୍ସାହ, ନିଖୁଣତା ଏବଂ ଗୌରବକୁ ପାଳନ କରୁଛୁ। ଡାଲମିଆ ସିମେଣ୍ଟର ବ୍ରାଣ୍ଡ ପାଭିଲିଅନକୁ ନବୀନ ତିୱାରୀ, କମ୍ପାନୀ ଅଧିକାରୀ, କର୍ମଚାରୀ, ଚ୍ୟାନେଲ ସହଭାଗୀ, ମିସ୍ତ୍ରି, ଠିକାଦାର ଏବଂ ସେମାନଙ୍କ ପରିବାରବର୍ଗଙ୍କ ଉପସ୍ଥିତିରେ ଉଦଘାଟନ କରିଥିଲେ। ଏହି ପାଭିଲିଅନ ଐତିହାସିକ ଯାତ୍ରାରେ ଡାଲମିଆ ସିମେଣ୍ଟର ନିରବଚ୍ଛିନ୍ନ ଏବଂ ରଣକୌଶଳାତ୍ମକ ଗୁରୁତ୍ୱପୂର୍ଣ୍ଣ ଅଂଶଗ୍ରହଣକୁ ଦର୍ଶାଇଛି। ଏହି ଅବସରରେ ଡାଲମିଆ ସିମେଣ୍ଟର କପିଳାସସ୍ଥିତ କେସିଡବ୍ଲ୍ୟୁ କାରଖାନା ସମର୍ଥିତ 'ନେସନ' ଅନାଥାଶ୍ରମର ୩୦ରୁ ଅଧିକ ସ୍ୱତନ୍ତ୍ର ଶିଶୁ ପାଭିଲିଅନର ଉଦ୍‌ଘାଟନ ଉତ୍ସବରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

# ବ୍ୟାଙ୍କ ଅଫ୍ ବରୋଦା ପକ୍ଷରୁ ବରୋଦା କିଷାନ ପଖୱାଡା

ଭୁବନେଶ୍ୱର,୬ା୧୧

ଦେଶରେ କୃଷକ ଓ ଗ୍ରାମୀଣ ସମ୍ପ୍ରଦାୟକୁ ଜଡିତ କରିବା ଉଦ୍ଦେଶ୍ୟରେ ବରୋଦା କିଷାନ୍ ପଖୱାଡା ଅଷ୍ଟମ ସଂସ୍କରଣର ଏକ ଅଂଶ ଭାବରେ ପୁରୀ ନିକଟସ୍ଥ ହରିଶପୁରଠାରେ ବରୋଦା କିଷାନ୍ ପଖୱାଡା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବ୍ୟାଙ୍କର ଏହି ଫ୍ଲାଗ୍‌ଶିପ୍ ବାର୍ଷିକ କାର୍ଯ୍ୟକ୍ରମ ସାରା ଦେଶରେ କୃଷକ ଏବଂ ଗ୍ରାମୀଣ ସମ୍ପ୍ରଦାୟ ସହିତ ଜଡିତ ହେବା ସହ ଋଣ ଉତ୍ପାଦ ଏବଂ ସରକାରୀ ଯୋଜନା ବିଷୟରେ ସୂଚନା ପ୍ରଦାନ କରି ବ୍ୟାଙ୍କ ସହ ସମ୍ପର୍କକୁ ଆହୁରି ମଜଭୁତ କରିବାକୁ ଲକ୍ଷ୍ୟ ରଖିଛି। ଆତ୍ମନିର୍ଭର ଭାରତ ଯୋଜନା ସହିତ ଜଡିତ ହେବା ଏହି ପଖୱାଡାର ଲକ୍ଷ୍ୟ ଅଟେ। ବ୍ୟାଙ୍କ ଅଫ୍ ବରୋଦାର ମୁଖ୍ୟ ମହାପ୍ରବନ୍ଧକ ମନୋଜ ଏସ୍ ଚୟନି ଏବଂ ମହାପ୍ରବନ୍ଧକ ତଥା ଭୁବନେଶ୍ୱର ଅଞ୍ଚଳର ଆଞ୍ଚଳିକ ମୁଖ୍ୟ



ସ୍ୱପ୍ନା ବନ୍ଦୋପାଧ୍ୟାୟ ହରିଶପୁରଠାରେ ଆୟୋଜିତ ଏହି ମେଗା କିଷାନ ମେଳା ଉଦଘାଟନ କରିଥିଲେ। ଓଡିଶାରେ 'ବରୋଦା କିଷାନ୍ ପଖୱାଡା -୨୦୨୫' ସମୟ ମଧ୍ୟରେ ବ୍ୟାଙ୍କ ଅନେକଗୁଡିଏ ଆଉଟ୍‌ରିଚ୍ କାର୍ଯ୍ୟକ୍ରମ ଦ୍ୱାରା ୪୦୦ରୁ ଉର୍ଦ୍ଧ୍ୱ କୃଷକଙ୍କ ସହ ସମ୍ପର୍କ ସ୍ଥାପନ କରିଥିଲା ଏବଂ ମୋଟାମୋଟି ୧୦ କୋଟି ଟଙ୍କାର ଋଣ ଅନୁମୋଦନ କରିଛି। ଭୁବନେଶ୍ୱର ଅଞ୍ଚଳର ଉପ-ମହାପ୍ରବନ୍ଧକ ଏସ୍.ପି. ନାୟକ (ବ୍ୟବସାୟ ବିକାଶ) ଏବଂ ଭୁବନେଶ୍ୱର କ୍ଷେତ୍ରର କ୍ଷେତ୍ରୀୟ ମୁଖ୍ୟ ତଥା ଉପ-ମହାପ୍ରବନ୍ଧକ ସତ୍ୟ ରଞ୍ଜନ ମହାପାତ୍ର ଉପସ୍ଥିତ ଥିଲେ। ଏହି ଅବସରରେ ମୁଖ୍ୟ ପ୍ରବନ୍ଧକ ମନୋଜ ଏସ୍ ଚୟନି କୃଷକମାନଙ୍କ ପାଇଁ ବ୍ୟାଙ୍କିଙ୍ଗକୁ ଅଧିକ ସହଜ କରିବା ପାଇଁ ପ୍ରମୁଖ ଡିଜିଟାଲ ଅଫରଗୁଡିକ ଉପରେ ଆଲୋକପାତ କରିଥିଲେ, ଯେଉଁଥିରେ ଡିଜିଟାଲ ବରୋଦା କିଷାନ କ୍ରେଡିଟ୍ କାର୍ଡ (ଡିଜିଟାଲ ବିକେସିସି), ଡିଜିଟାଲ ଜମି ରେକର୍ଡ ଏବଂ ଏଣ୍ଡ-ଟୁ-ଏଣ୍ଡ ଅନ୍‌ବୋର୍ଡିଂ ପାଇଁ ରିଜର୍ଭ ବ୍ୟାଙ୍କ ଇନୋଭେଶନ୍ ହବ୍ ସହିତ ସମନ୍ୱିତ ଏବଂ ଡିଜିଟାଲ ସ୍ୱର୍ଣ୍ଣ ଋଣ ଆଦି ଅନ୍ତର୍ଭୁକ୍ତ।

# ବାଲିଯାତ୍ରାରେ ଫ୍ରିଡମ୍ ଷ୍ଟଲ୍ ଉଦ୍‌ଘାଟିତ



କଟକ,୬ା୧୧

କଟକ ଐତିହାସିକ ବାଲିଯାତ୍ରାରେ ଗୁରୁବାର ଫ୍ରିଡମ୍ ଷ୍ଟଲ ଉଦ୍‌ଘାଟିତ ହୋଇଯାଇଛି। ଏହି ଉଦଘାଟନୀ ଉତ୍ସବରେ ବାରବାଟୀ-କଟକ ବିଧାୟିକା ସୋଫିଆ ଫିର୍ଦ୍ଦୋସ୍ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି କଟକ ମହାନଗର ନିଗମ ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ନୃପେନ୍ଦ୍ର ଶତପଥୀ, ଖାଦ୍ୟ ସୁରକ୍ଷା ଅଧିକାରୀ ରଶ୍ମିତା ବେହେରା ଏବଂ ଖାଦ୍ୟ ସ୍ୱାସ୍ଥ୍ୟ ନିରୀକ୍ଷକ ଭଗବାନ ଲେଙ୍କା ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଗ୍ରାହକଙ୍କ ପାଇଁ ସ୍ୱତନ୍ତ୍ର ଅଫର୍ ଘୋଷଣା କରାଯାଇଥିଲା। ପ୍ରତ୍ୟେକ ଗ୍ରାହକ ୫ ଲିଟର ସନଫ୍ଲାୱାର ତେଲ କିଣିଲେ ଗୋଟିଏ ବାଲଟି ମାଗଣା ମିଳୁଥିବା ବେଳେ ରାଇସ ବ୍ରାନ ୫ ଲିଟର ତେଲ କିଣିଲେ ଗୋଟିଏ ବାଲଟି ସମ୍ପୂର୍ଣ୍ଣ ଭାବେ ମାଗଣାରେ ଯୋଗାଇ ଦିଆଯାଉଛି। ଏଥିସହିତ ସନଫ୍ଲାୱାର୍ ୨ ଲିଟର ଏବଂ ସୋରିଷ ତେଲ ୧ ଲିଟର କମ୍ବୋ ଅଫର ସହ ଆକର୍ଷଣୀୟ ଦରରେ ଯୋଗାଇ ଦିଆଯାଉଥିବା ବେଳେ ୫ ଲିଟର କଚିଘନି ସୋରିଷ ତେଲ ବକେଟ ଜାରରେ ମଧ୍ୟ ଆକର୍ଷଣୀୟ ଅଫର ରହିଛି। ଷ୍ଟଲରେ ଗୃହିଣୀଙ୍କ ପ୍ରବଳ ଗହଳି ହେଉଥିବା ଫ୍ରିଡମ ଓଡ଼ିଶା ହେଡ୍ ଅମିୟ କୁମାର ଧଳ କହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ କାର୍ଯ୍ୟକ୍ରମରେ ପ୍ରକାଶ କୁମାର ପାତ୍ର, ପ୍ରମୋଦ କୁମାର ଖିଲାର, ଅମିତ କୁମାର ମହାନ୍ତି, ଆଶିଷ ଦାସ, ସମୀର କୁମାର ଜେନା, ଶରତ ପଟ୍ଟନାୟକ, ଜୀବନେଶ୍ୱର ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

# କାର୍ଯ୍ୟଚାପ କମାଇବାକୁ ୧୦ ରୋଗୀଙ୍କୁ ହତ୍ୟା: ନର୍ସଙ୍କୁ ଆଜୀବନ ଜେଲ

ବର୍ଲିନ,୬।୧୧

ରୋଗୀଙ୍କ ଯନ୍ତ୍ରଣାର ଉପଶମ କରିବା ନର୍ସଙ୍କ କାର୍ଯ୍ୟ ହୋଇଥାଏ। ତେବେ ଜର୍ମାନୀର ଜଣେ ପୁରୁଷ ନର୍ସ ତାଙ୍କ ଉପରେ ପଡୁଥିବା କାର୍ଯ୍ୟଚାପକୁ ହ୍ରାସ କରିବାକୁ ଯାଇ ୧୦ ଜଣ ରୋଗୀଙ୍କୁ ହତ୍ୟା କରିଥିଲେ। କେବଳ ସେତିକି ନୁହେଁ, ସେ ଅନ୍ୟ ୨୭ ଜଣ ରୋଗୀଙ୍କୁ ହତ୍ୟା ଉଦ୍ୟମ କରିଥିଲେ। ତାଙ୍କର ଉଦ୍ଦେଶ୍ୟ ଅର୍ଥ ହାସଲ କରିବା କିମ୍ବା କାହାର ଦୟା ପାଇବା ପାଇଁ ଉଦ୍ଦିଷ୍ଟ ନ ଥିଲା, ବରଂ ରାତି ସିଫ୍ଟ ସମୟର କାର୍ଯ୍ୟଚାପକୁ ଲାଘବ କରିବା ପାଇଁ ସେ ଏଭଳି କାର୍ଯ୍ୟ କରିଥିଲେ। ୨୦୨୩ ଡିସେମ୍ବରରୁ ୨୦୨୪ ମେ' ମଧ୍ୟରେ ଏଭଳି ହତ୍ୟାକାଣ୍ଡ ଘଟିଥିଲା। ଜର୍ମାନୀର ଏକ କୋର୍ଟ ଅଭିଯୁକ୍ତ ନର୍ସଙ୍କୁ ଦୋଷୀସାବ୍ୟସ୍ତ କରିବା ସହ ଆଜୀବନ ଜେଲ ଦଣ୍ଡାଦେଶ ଦେଇଛନ୍ତି। ନର୍ସ ଜଣକ ବରିଷ୍ଠ ରୋଗୀମାନଙ୍କୁ ମର୍ଫିନ୍ ଏବଂ ମିଡାଜୋଲାମ୍ ଇଞ୍ଜେକ୍ସନ ଦେଉଥିଲେ ବୋଲି ତଦନ୍ତରୁ ଜଣାପଡ଼ିଥିଲା। ଯେଉଁ ରୋଗୀ ଅତ୍ୟଧିକ ଯତ୍ନ ଚାହୁଁଥିଲେ, ସେମାନଙ୍କ ଉପରେ ନର୍ସ ଜଣକ ବିରକ୍ତ ହୋଇଯାଉଥିଲେ। ଏହି ଇଞ୍ଜେକ୍ସନ ସେମାନଙ୍କ ଯନ୍ତ୍ରଣା ଉପଶମ ପାଇଁ ନୁହେଁ ବରଂ ସେମାନଙ୍କୁ ସବୁଦିନ ଲାଗି ନୀରବ କରିଦେବା ଓ ନିଜ ପାଇଁ ରାତିକୁ ସହଜ ଓ ଚାପମୁକ୍ତ କରିବା ନିମନ୍ତେ ଉଦ୍ଦିଷ୍ଟ ଥିଲା।

# ବାଥରୁମ୍‌ରେ ଗୁପ୍ତ କ୍ୟାମେରା: ଓଡ଼ିଶା ଯୁବତୀ, ପୁରୁଷବନ୍ଧୁ ଗିରଫ

କ୍ରିଷ୍ଣାଗିରି,୬।୧୧

ତାମିଲନାଡୁର ହୋସୁରସ୍ଥିତ ନାଗମଙ୍ଗଲମ୍‌ର ଏକ ହଷ୍ଟେଲରେ ମହିଳାଙ୍କ ପାଇଁ ଉଦ୍ଦିଷ୍ଟ ବାଥରୁମ୍‌ରେ ଗୁପ୍ତ କ୍ୟାମେରା ଲଗାଇବା ଅଭିଯୋଗରେ ଓଡ଼ିଶାର ଜଣେ ଯୁବତୀ ଓ ତାଙ୍କ ପୁରୁଷବନ୍ଧୁ ଗିରଫ ହୋଇଛନ୍ତି। କ୍ରିଷ୍ଣାଗିରି ଜିଲା ନାଗମଙ୍ଗଲମ୍‌ରେ ଟାଟା ଇଲେକ୍ଟ୍ରୋନିକ୍ସ ପ୍ରା. ଲିଃ ପକ୍ଷରୁ ମହିଳା କର୍ମଚାରୀମାନଙ୍କ ପାଇଁ ଏହି ହଷ୍ଟେଲ ଉଦ୍ଦିଷ୍ଟ। ତେବେ ଏପରି କାରସାଦି କରି ବେଙ୍ଗାଲୁରୁ ପୋଲିସ ହାତରେ ଧରାପଡ଼ିବା ପରେ ଉଭୟଙ୍କ ବିରୋଧରେ ସଂସ୍ଥାର ଶତାଧିକ ମହିଳା କର୍ମଚାରୀ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ୨୨ ବର୍ଷୀୟା ନିଲୁ କୁମାରୀ ଗୁପ୍ତା ମଧ୍ୟ ଟାଟା ଇଲେକ୍ଟ୍ରୋନିକ୍ସରେ କାର୍ଯ୍ୟ କରନ୍ତି। ପୁରୁଷବନ୍ଧୁ ସନ୍ତୋଷ(୨୫) ମହିଳା ବାଥରୁମ୍‌ରେ ସ୍ପାଏ କ୍ୟାମେରା ଲଗାଇବା ପାଇଁ ନିଲୁଙ୍କୁ କହିଥିଲେ ବୋଲି ଜଣାପଡ଼ିଛି।

---

## ମୁଖ୍ୟ ନିର୍ମାଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ, ଗ୍ରାମ୍ୟ ନିର୍ମାଣ ମଣ୍ଡଳ, ବ୍ରହ୍ମପୁର

(ଗ୍ରାମ୍ୟ/ପୋଷ୍ଟ: ଆୟପୁଆ, ଆୟକର ଭବନ ନିକଟରେ, ବ୍ରହ୍ମପୁର – ୭୬୦୦୧୧, ଗଞ୍ଜାମ, ଓଡ଼ିଶା)

## OFFICE OF THE CHIEF CONSTRUCTION ENGINEER, RURAL WORKS CIRCLE, BERHAMPUR

(At/P.O.- Ambapua, Near Income Tax Office, Berhampur - 760011, Ganjam, Odisha)
(E-mail: serwbpr2004@yahoo.com, Tel No.: 0680-2404287)

**NATIONAL COMPETITIVE BIDDING THROUGH e-Procurement**

**No. O-1091** Bid Identification No. Online Tender / 38-2025-26/BPR

| Identification No. | Name of Work | No. of Works | Estimated Cost (in Lakh) | Class of Contractor | Period of Completion |
|---|---|---|---|---|---|
| Online Tender / 38-2025-26/ BPR | Road Works under MMSY-Improvement to Existing RD Roads for 2024-25 & 2025-26 | 02 Nos. | Rs.1020.00 Lakhs to Rs.1644.88 Lakhs | "A" Class & "Special" Class as applicable | Period of Completion as provided as per Col. No. 5 of Annexure of NIT |

| Procurement Officer | Bid Identification No. | Availability of Tender Online for Bidding | |
|---|---|---|---|
| | | From | To |
| Chief Construction Engineer, R.W. Circle, Berhampur | Online Tender / 38-2025-26/BPR | 01.11.2025 at 10.00 A.M. | 15.11.2025 upto 5.30 P.M. |

(i) EMD/Bid Security, Cost of Bid document is to be transferred through Online as per the procedure mentioned in the DTCN.
(ii) Non-submission of the information/documents through online by the bidder as per the items mentioned in the eligible criteria of the DTCN will also liable for rejection of his tender.

Further details & Corrigendum if any can be seen from the website: **www.tendersodisha.gov.in**.

OIPR- **Sd./- Chief Construction Engineer, R.W. Circle, Berhampur**

---

## OFFICE OF THE SUPERINTENDING ENGINEER, GANJAM (R&B) DIVISION NO. I, BERHAMPUR

Phone No. : / Fax No. : 0680-2233683, Email : eernb1_ganjam@yahoo.com

**GOVERNMENT OF ODISHA Quotation Notices**

No.B-671 **Short Auction sale Notice No. 31 of 2025-26**

Ltr. No. 12638/ **Dated : 01.11.2025**

1. Name of the work : i) Dismantling of different Residential Buildings in the premises of judicial colony District & Session Judge Court at Berhampur. ii) Dismantling of old settlement office (Non-residential) building in the premises of District Session Judge Court at Berhampur
2. Reserve Price/Upset Price : i) Rs. 9,36,921/- ii) Rs. 80,830/-
3. EMD to be deposited (In shape as N.S.C / Post Office savings bank account / Post office time deposit account / Kisan Vikas Patra / Bank Guarantee) : i) Rs. 2,34,500/- ii) 20,500/-
4. Period of Completion : 1 (One) Calendar Month
5. Receipt of Quotation : From 04.11.2025 to 10.11.2025 up to 4.00 P.M.
6. Date & Time of Opening of Quotation : 04.30 P.M. of 10.11.2025
7. Name and address of the Officer inviting Quotation : Superintending Engineer, Ganjam (R&B) Division No.I, Berhampur

**Sd./- Superintending Engineer**
**Ganjam (R&B) Division No.I**
OIPR-

---

## GOVERNMENT OF ODISHA
## OFFICE OF THE CHIEF CONSTRUCTION ENGINEER, CENTRAL RURAL WORKS CIRCLE, BHUBANESWAR

No.4750/Date. 17.10.2025

No.O-1084 **"e" Procurement Notice For Road Works**

| | | |
|---|---|---|
| 1. | Name of the Work | Road works under MMSY-Impvt. to Existing RD road |
| 2. | Total No. of works | 20 Nos. of Road Works for the year 2025-26 |
| 3. | Estimated Cost of the work | Varies from Rs.170.00 lakh to Rs.1133.33 lakh |
| 4. | Class of Contractor | |
| | a) Estimated cost more than Rs.20.00 lakh up to Rs.3.00 Crores | B Class (of Odisha PWD) or relevant class of other licensing authorities |
| | b) Estimated cost more than Rs.1.00 Crore up to Rs.20.00 Crores | A Class (of Odisha PWD) or relevant class of other licensing authorities |
| | c) Estimated cost more than Rs.6.00 Crore up to Rs.50.00 Crores | Special Class (of Odisha PWD) or relevant class of other licensing authorities |
| | d) Estimated cost more than Rs.20.00 Crores | Super Class (of Odisha PWD) or relevant class of other licensing authorities |
| 5. | Period of completion | As mentioned in Column-7 of Annexure |
| 6. | Offered rates by bidder | The offered rate by the contractor shall be excluding GST |
| 7. | Other details | |

| Procurement Officer | Bid Identification No. | Availability of Tender on-line for bidding | | Date & Time of opening of Tender | |
|---|---|---|---|---|---|
| | | From | To | Technical Bid | Financial Bid |
| 1 | 2 | 3 | 4 | 5 | 6 |
| Chief Construction Engineer, Central Rural Works Circle, Bhubaneswar | Tender-Online-C.C.27 of 2025 | 06.11.2025 at 11.00 A.M. | 26.11.2025 up to 5.00 P.M. | 27.11.2025 at 11.00 A.M. | To be intimated lateron |

Further details can be seen from the website **www.tendersodisha.gov.in**

OIPR- **Sd./- Chief Construction Engineer, Central Rural Works Circle, Bhubaneswar**

---

No.A-839

## GOVT. OF ODISHA
## OFFICE OF THE ENGINEER-IN-CHIEF, WATER RESOURCES, ODISHA, BHUBANESWAR

**'e' Procurement Notice No. CE MKS 12 OF 2025-26**

1. Name of the work : **Cement Concrete Lining to Gop Branch Canal from RD 4.60 km to 10.800 km.**
2. Amount put to Tender : **Rs.22,60,71,845.00**
3. Bid Document Cost : Rs.10,000.00 (Online)
4. E.M.D : Rs.22,60,720.00
5. Class of Contractor : "Super" & "Special" Class
6. Period of Completion : 24 calendar months (730 days)
7. Other details are as follows

| Procurement Officer | Bid Identification No. | Availability of Tender On-line for bidding | | date of Opening of Technical Bid (Cover-I) |
|---|---|---|---|---|
| | | From | To | |
| Chief Engineer & Basin Manager, Mahanadi Kathajodi System, Bhubaneswar | CEMKS PRD 04 of 2025-26 | 06.11.2025 10.00 hrs | 20.11.2025 17.00 hrs | 21.11.2025 11.00 hrs |

8. e-mail Id : ceimbbbsr@yahoo.co.in

Further detail conditions can be seen from the Govt. website www.tendersodisha.gov.in. The Corrigendum/cancellation of Tender, if any, will be uploaded and can be seen from the above website only.

**Sd./- Chief Engineer & Basin Manager**
**Mahanadi Kathajodi System, Bhubaneswar**
OIPR-

---

## GOVERNMENT OF ODISHA
## OFFICE OF THE CHIEF CONSTRUCTION ENGINEER SOUTHERN (R&B) CIRCLE, BERHAMPUR

No.b-650

Phone : 0680-2281582, e-mail : ccescbam@gmail.com

**INVITATIONS FOR BIDS (IFB) [e-PROCUREMENT]**

**Bid Identification No.CCE, S.C (R&B)-BAM-08/2025-26 No.3758 / Dated : 24.10.2025**

1) The Chief Construction Engineer, Southern (R&B) Circle, Berhampur on behalf of Governor of Odisha invites **percentage rate** bid in double cover system in **ONLINE MODE** from eligible contractors for construction of **Building works** as detailed in the table below.
2) Nature of work : Building Works
3) No. of work : 08 Nos.
4) Tender Cost : Rs.10,000/- (online)
5) Class of Contractor : 'B' Class / 'A' Class
6) Availability of Bid document in the Website : 04.11.2025 10.00 AM to 18.11.2025 5.30 PM
7) Date of Opening of Bid : 19.11.2025 at 11.30 A.M.
8) The Bidders have to participate in ONLINE bidding only. Further details can be seen from the website https://tendersodisha.gov.in.
9) Any addendum / corrigendum / cancellation of tender can also be seen in the said website only.

Sd./- (Damodar Kaibartta)
Chief Construction Engineer
Southern (R&B) Circle, Berhampur
OIPR-

---

## GOVERNMENT OF ODISHA
e-mail: eerw_sunabeda@yahoo.co.in

## OFFICE OF THE SUPERINTENDING ENGINEER, RURAL WORKS DIVISION, SUNABEDA

No. O-1353

**e-Procurement Notice for Road Works**
**Identification No. Online Tender/07/RWD-SBD/2025-26**

**Letter No. 4112** **Date: 01.11.25**

1. Name of the Work : Road Work, Nandapur Block
2. Total Number of Works : 01 No. Work
3. Estimated Cost : 60.00 lakhs
4. Class of Contractor : "B" Class
5. Period of Completion : 02 Months
6. Other details :

| Procurement Officer | Bid Identification No. | Availability of tender Online for Bidding | | Last date & time of seeking tender clarification | Date & time of Opening of Tender in O/o. S.E., .R.W. Division, Sunabeda | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Superintending Engineer, Rural Works Division, Sunabeda | Online Tender/07/RWD-SBD/2025-26 | Date: 03.11.2025 at 11.00 A.M. | Date: 20.11.2025 upto 5.00 P.M. | Date: 19.11.2025 upto 5.00 P.M. | Date: 21.11.2025 at 11.00 A.M. | Will be intimated later |

Further details can be seen from the website: **www.tendersorissa.gov.in**.

**Sd./- Superintending Engineer**
**Rural Works Division, Sunabeda**
OIPR-

---

## GOVT. OF ODISHA
E-Mail: eerw_anandapur@yahoo.co.in

## OFFICE OF THE SUPERINTENDING ENGINEER, RURAL WORKS DIVISION, ANANDAPUR

**NOTICE INVITING TENDER**
**NATIONAL COMPETITIVE BIDDING THROUGH e-PROCUREMENT NOTICE**
**Online - 09/EE/RW/AND/2025-26**
**Annual Maintenance Plan of Rural Roads under Administrative Expenditure**

**No. 6579** **Date: 27.10.2025**

No. O-1349: Executive Engineer, Rural Works Division, Anandapur on behalf of Government of Odisha invites PERCENTAGE (%) RATE tender for Annual Maintenance Plan of Rural Roads through e-Procurement as per annexure. The bid should be submitted Online in the website **www.tendersorissa.gov.in** by eligible class of contractors having legal competency & expertise, registered with the State Government & contractors of equivalent grades/class registered with Central Govt./MES/ Railways for execution of only Civil works. The bidders should have necessary Portal Enrollment (with his own Digital Signature Certificate). The registered bidders of outside Odisha can also participate in this process, after necessary Portal Enrollment, but shall have to subsequently undergo registration with the appropriate authority of the State Government before award of the work.

| Procurement Officer | Bid Identification No. | Availability of Tender Online for Bidding | | Last date & time of seeking tender clarification | Date & time of opening of tender in O/o. the S.E., R.W. Division, Anandapur |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| Executive Engineer, R.W. Division, Anandapur | NCB-Online 09/EE/RW/ AND/2025-26 | 04.11.2025 at 10.00 A.M. | 11.11.2025 upto 5.00 P.M. | 10.11.2025 upto 5.00 P.M. | 12.11.2025 at 11.30 A.M. |

OIPR- **Sd./- Executive Engineer, R.W. Division, Anandapur**

---

## GOVERNMENT OF ODISHA
## OFFICE OF THE CHIEF CONSTRUCTION ENGINEER RURAL WORKS CIRCLE, BOLANGIR

No.O-1254

**e-Procurement Notice**

1 Name of work : Construction of Roads and Bridges in the district of Bolangir under the Scheme of MMSY-TRIP for the year 2024-25
2 No. of work : 3 (Three) works
3 Time for completion : 18 (Eighteen) Calendar months
4 Approximate estimated cost varies from : Rs.612.34 lakhs to Rs.1290.25 lakhs
5 Mode of Submission of tender : Tender should be submitted online in www.tendersodisha.gov.in
6 **Other details are as follow**

| Procurement Officer | Bid Identification No. | Availability of Tender online for bidding | | Last date and time of seeking tender clarification | Date & time of opening of tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| Chief Construction Engineer, R.W. Circle, Bolangir | BLGR-Online-29/2025-26 | 04.11.2025 at 11.00 A.M. | 19.11.2025 upto 5.00 P.M. | 18.11.2025 upto 5.00 P.M. | 20.11.2025 at 11.00 A.M. | The date will be intimated later on |

- Further details can be seen from the website **www.tendersodisha.gov.in**
- Any Corrigendum/Addendum will be displayed in the above e tender website only.

**Sd./- Chief Construction Engineer**
**R.W.Circle, Bolangir**
OIPR-

---

## ପୌର ପରିଷଦ କାର୍ଯ୍ୟାଳୟ, ଟିଟିଲାଗଡ଼
## OFFICE OF THE MUNICIPAL COUNCIL, TITILAGARH

(Deptt. of Housing & Urban Development, Govt. of Odisha)
At/PO. PS. : Titilagarh, Dist : Balangir - 767033
e-mail : titilagarhmunicipality@gmail.com, www.titilagarhmunicipality.in

**No.3130** **Date : 03.11.2025**

**TENDER CALL NOTICE**
(Through Sealed Tender)

**No.C-1389** : Sealed tenders are invited from reputed Manpower Agencies / Service Providers having valid registration and experience in providing manpower services to Government/Semi-Government/Local Bodies/Reputed Organizations for supply of manpower under the categories Unskilled, Semiskilled, and Skilled on a contractual basis for a period of two year from the date of issue of work order. The detailed Terms and Conditions, Eligibility Criteria and other relevant documents can be viewed and downloaded from the District website https://balangir.nic.in and the official website of Titilagarh Municipality-titilagarh municipality.in

1. Name of the Work : Supply of Manpower to Titilagarh Municipality
2. Tender Start Date : 07.11.2025 10.00 A.M.
3. Last date & Time submission of Bid : 19.11.2025 up to 4.00 P.M.
4. date & Time of Opening of Tender : 21.11.2025 at 11.00 A.M.
5. Officer Inviting the Bid : Executive Officer, Titilagarh Municipality, Titilagarh-767033

**Sd./- Executive Officer,**
**Titilagarh, Municipality**
OIPR-

---

## Government of Odisha "e" Procurement Notice
**Bid Identification No : TENDER ONLINE SBPR-08 OF 2025-26**

E-mail ID : rw_sambalpur@yahoo.co.in, Ph. No.0663-2401850

**No.4741** **dated. 27.10.2025**

No.O-1255

1. Name of the work : Road & Building Works as per DTCN available in the website www.tendersodisha.gov.in
2. Total No. of Work : 03 (Three) Nos.
3. Estimated Cost : Varies from Rs.15.23 lakhs to Rs.37.15 lakhs
4. Period of Completion : 02 (Two) Calendar months
5. Period and time of availability of bid document in the portal for bidding : 04.11.2025 at 11.00 A.M. to 17.11.2025 up to 5.00 P.M.
6. Date and time of opening of Tender : 18.11.2025 at 11.00 A.M.
7. Name and address of the Officer Inviting Bid : S.E.R.W. Divn. Sambalpur

(1) Other details can be seen from detailed notice inviting tenders, available in website www.tendersodishagov.in
(2) Corrigendum if any shall only be published in the website : www.tenderodisha.gov.in

**Sd./- Superintending Engineer,**
**Rural Works Division,**
**Sambalpur**
OIPR-

---

## THE ODISHA AGRO INDUSTRIES CORPORATION LIMITED

(A Government of Odisha Undertaking)
95, Satya Nagar, Bhubaneswar - 751 007

**TENDER NOTICE**

**Bid Identification No. MD/OAIC-62 (Tech.)/2025-26**

No. CAD-2186: Online tender in conformity with technical specification, terms & condition are invited from manufacturers for "Procurement of 53641 Nos. of storage bins of 110 Kg. capacity for supply to individual farmers under NFSNM 2025-26". For details please visit website **https://tendersodisha.gov.in/ https://odishaagro.nic.in/** from Dt.05.11.2025 to Dt.25.11.2025.

OIPR- **Sd./- Managing Director, OAIC Ltd.**

---

## ROURKELA DEVELOPMENT AUTHORITY
## UDITNAGAR, ROURKELA-769012

**No.2608/RDA., dated 31.10.2025**

**PROCLAMATION**

**No.CAD-2173** : It is hereby informed to the General public that Smt.N.Padmaja Achary, W/o- N.Durga Prasad Achary, has applied for permission for transfer of House No.- M/82, Chhend Housing Project, Stage-I Chhend, Rourkela-15 in favour of Gurudatta Matagajsingh, S/o - Santosh Kumar Matagajsingh, Anybody has got objection to the proposed transfer, he/she may file objection petition before the undersigned within 15 (fifteen) days from the date of publication of this proclamation. Objection petition shall not be entertained after expiry of the stipulated Period.

**Sd./- Secretary**
**Rourkela Development Authority**
OIPR-

---

## GOVERNMENT OF ODISHA
## OFFICE OF THE ADDITIONAL CHIEF ENGINEER-CUM-SECRETARY, ELECTRICAL LICENSING BOARD, ODISHA

ଓଡ଼ିଶା ସରକାର

**3rd Floor, Heads of Department Building, Bhubaneswar, PIN - 751001**
**Tel.: 0674-2394572, Email: secyelbo@od.gov.in**

## NOTICE

**No. 1463** **Dated, Bhubaneswar the 03.11.25**

No. AA-33: It is hereby informed to all the candidates, who has been passed in the written examination of SCC (MV (General & Mining) & HT) Examination - 2025, the Oral/Viva-Voce test is to be held on 11.11.2025 (Tuesday), 12.11.2025 (Wednesday), 13.11.2025 (Thursday) & 14.11.2025 (Friday) at Standard Testing Laboratory, Plot No. GD-2/7, Maitree Vihar, Chandrasekharpur, Bhubaneswar - 751023.

For details schedule, please check our official website **http://eicelectricityodisha.nic.in**.

**Sd./- Addl. Chief Engineer-cum-Secretary, ELBO**
OIPR:

---

## WATCO
## OFFICE OF THE GENERAL MANAGER, WATCO DIVISION-I, BHUBANESWAR

Vanivihar Square, Bhubaneswar-751022, Odisha, India
Telefax : +91-674-2542821 E-mail - gmdivonewatco@gmail.com

No.C-1390

**NATIONAL COMPETITIVE BIDDING THROUGH e-PROCUREMENT**

**Invitation For Bids (IFB)**
**GMWATCO-I/65/ 2025-26 Dt.03.11.2025**

01 Name of the work : 02 Nos.
02 Estimate cost : 1) Rs.12.00 Lakhs, 2) Rs.20.43 lakh
03 Period of completion : 1) 60 Days, 2) 12 Months
04 Class of contractor : 1) C & D Class, 2) Registered **Manufacturers / Authorized Dealer / System Integrators**
05 Date & Time of availability of bid document in the portal : From 11.00 A.M. of Dt.07.11.2025 to 5.00 P.M. of 20.11.2025
06 Last date / time of receipt of bids in the portal : 5.00 P.M. of Dt.20.11.2025
07 Date & Time of opening of bids : AT 12.30 P.M. of 21.11.2025
08 Name and address of the Officer Inviting Bid : General Manager WATCO Division-I, BBSR

Further details can be seen from the e-Procurement portal "https://www.tendersorissa.gov.in"

**Sd./- GENERAL MANAGER,**
**WATCO DIVISION-I, BHUBANESWAR**
OIPR-

---

## GOVERNMENT OF ODISHA
## CO-OPERATION DEPARTMENT

No. LL-21

**Lok Seva Bhawan, Bhubaneswar, Odisha - 751001**

**RFP No. 12839/COOP.** **Dated: 04.11.2025**

### Selection of a consulting agency for Project Monitoring Unit (PMU) under PMFBY in Cooperation Department

1. Special Secretary to Govt., Cooperation Department, (The Client) invites Request for Proposal (RFP) from the eligible bidders for selection of a consulting agency for setting of a PMU under PMFBY in Cooperation Department, Govt. of Odisha.
2. The last date of receipt of Proposal (Bid) by Speed Post is 27.11.2025 (5.00 P.M.).
3. Scope of Work, eligibility requirement and other details may be seen in the website of Cooperation Department **https://coop.odisha.gov.in**. The RFP document may be downloaded from the above website.

**Sd./- Special Secretary to Government**
**Cooperation Department**
OIPR:

---

SECTION - 1 **No.C-1398**

**LETTER OF INVITATION**

## OFFICE OF THE COMMISSIONER, BRAHMAPUR MUNICIPAL CORPORATION, BERHAMPUR, PIN-760001

**RFP No. 16163 Dt.04.11.2025**

**REQUEST FOR PROPOSAL (RFP)**
For
**Providing Consultancy Services for Preparation of Detailed Project Report for Sewerage System of Brahmapur Municipal Corporation, in the District of Ganjam, Odisha.**

1. Proposals are invited to conduct the assignment and submit the deliverables from Public Sector Undertakings / Autonomous Bodies/consulting firms that have requisite experience in preparation of DPR for sewerage system and to submit their proposals (hard copy) in respect of the Project **"Preparation of Detailed Project Report for Sewerage System of Brahmapur Municipal Corporation, in the District of Ganjam, Odisha"**, in accordance with the formats, terms and conditions of the RFP and on the basis of National Competitive bidding for the work detailed in the table given below. More details on the proposed details are provided at **Section-3 : Terms of Reference (TOR)** of this RFP Document. The firm is advised to examine carefully all instructions in the RFP Document.
2. The RFP will be available for download, at https://tendersodisha.gov.in. All Bidders must submit a sum of Rs.11, 800/- (Rupees Eleven thousand Eight Hundred only) towards the cost of the RFP Document in the form of Online Remittance. This is inclusive of GST and eligible amount as Bid Security by Online Remittance along with the Proposals per the conditions out line in this RFP.
3. A bidder/consultant will be selected under **Quality & Cost Based Selection (QCBS)** procedure as prescribed in the RFP Document in accordance with the procedures prescribed herewith circulated vide Office Memorandum No.37323/F, Dated:30.11.2018 of Finance Department, Govt. of Odisha.
4. The proposal completes in all respect as specified in the RFP Document must be accompanied with the proof of remitting Bid Processing Fees & EMD failing which the bid will be rejected.
5. The complete RFP document can be viewed /downloaded from the portal https://tendersodisha.gov.in **from dt.07.11.2025, 11:00 AM to 21.11.2025 up to 05:00 PM.**
6. The last date and time for submission of proposal complete in all respects is **21.11.2025 up to 05:00 PM**, the date of Opening of the Technical Proposal is **dt. 25.11.2025 at 04:30 AM**, in the presence of the bidder's representative at the specified address as mentioned in the Bidder Data Sheet (**Sl. No.15**). Representatives of the bidders' may attend the meeting with due authorization letter on behalf of the bidder.
   This RFP includes following sections:
   a. Letter of Invitation **[Section-1]**
   b. Information to the Bidder **[Section-2]**
   c. Terms of Reference **[Section-3]**
   d. Technical Proposal Submission Forms **[Section-4]**
   e. Financial Proposal Submission Forms **[Section-5]**
   f. Annexure **[Bid Submission Checklist & Performance Bank Guarantee Format and any other relevant assignment related material needs to be provided]**
7. All information / data given in the RFP are reasonable within the consideration of scope of the proposed assignment to the best of the Client's knowledge, the Client holds no responsibility for accuracy of information and it is the responsibility of the bidder / consultant to check the validity of information / data included in this RFP. The Client reserves the right to accept / reject any / all proposals/ cancel the entire selection process at any stage without assigning any reason thereof.
   Interested bidders may download the Request for Proposal Documents (the **"RFP"** document) from the above website to see further details for participation in the online bidding.

**Sd./- Commissioner**
**Brahmapur Municipal Corporation**
OIPR-

---

## ତହସିଲ କାର୍ଯ୍ୟାଳୟ, ତିର୍ତ୍ତୋଲ, ଜଗତସିଂହପୁର

ବିଜ୍ଞାପକ ସଂଖ୍ୟା: 4137 ତା 23.10.2025

### ଜମି ନିଲାମ ବିଜ୍ଞପ୍ତି

No. F-84: ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ମାନ୍ୟବର ଜିଲ୍ଲାପାଳ ଓ ଜିଲ୍ଲା ଦଣ୍ଡାଧୀଶକାରୀ ଜଗତସିଂହପୁରଙ୍କ Execution Case No. 01/2016 (arising out of Certificate Case No.1/2015)ର ଆଦେଶ ମୁତାବକ ସୋଭାଗ୍ୟ ରଞ୍ଜନ ନାୟକ, ପି.: ନବକୃଷ୍ଣ ନାୟକ ଓ ସଞ୍ଜିବ କୁମାର ନାଥ, ପି.: ନିତ୍ୟାନନ୍ଦ ନାଥଙ୍କଠାରୁ ଦେୟ ଟ୧,୦୭,୧୬,୮୧୭.୦୦ଙ୍କା (ଏକ କୋଟି ସାତ ଲକ୍ଷ ଷୋଳ ହଜାର ଆଠଶହ ସତର ଟଙ୍କା) ମାତ୍ର ଆଦାୟ ନିମନ୍ତେ ନିମ୍ନ ଲିଖିତ ତଫସିଲ ଜମିକୁ ନିଲାମ ନିମନ୍ତେ ଜବତ କରାଯାଇଅଛି।

ଏଣୁ ସର୍ବସାଧାରଣଙ୍କର ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ ଉକ୍ତ ଜମିକୁ ନିଲାମ କରାଯିବ। ଇଚ୍ଛୁକ ବ୍ୟକ୍ତିମାନେ ତା୧୪।୧୧।୨୦୨୫ରିଖ ଦିବା ୧୧ ଘଣ୍ଟା ସମୟରେ ତହସିଲ କାର୍ଯ୍ୟାଳୟ ତିର୍ତ୍ତୋଲଠାରେ ଉପସ୍ଥିତ ହୋଇ ନିଲାମରେ ଅଂଶ ଗ୍ରହଣ କରିବା ପାଇଁ ଅନୁରୋଧ କରାଗଲା।

| ମୌଜା | ଖାତା ନଂ. | ପ୍ଲଟ ନମ୍ବର | ରକବା | କିସମ | ପ୍ରଜାଙ୍କ ନାମ |
|---|---|---|---|---|---|
| ଗୋବିନ୍ଦ ମାହାନ୍ତି | ୩୮୧ | ୫୧୯ | ୦.୯୭ | ଘରବାରି | ସୋଭାଗ୍ୟ ରଞ୍ଜନ ନାୟକ, ପି.: ନବକୃଷ୍ଣ ନାୟକ, ଜା: କ୍ଷିତି ବଂଶ, ବା: ତେରମାଣପୁର, ସଞ୍ଜିବ କୁମାର ନାଥ, ପି.: ନିତ୍ୟାନନ୍ଦ ନାଥ, ଜା: ଯୋଗୀ, ବା: କୁଜଙ୍ଗ, ଥା: କୁଜଙ୍ଗ |
| | | ୮୯୨ | ୦.୫୦ | ଘରବାରି | |

OIPR- ସ୍ୱା./– ତହସିଲଦାର, ତିର୍ତ୍ତୋଲ

---

## NOTIFIED AREA COUNCIL, DIGAPAHANDI

GANJAM, ODISHA, PIN - 761012
Tel.: 06814-295053, (E-mail): dgp_nac@yahoo.com

Letter No. 2754/DIGNAC Date: 01.11.2025

### ବିଜ୍ଞାପନ

No. C-1377: ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଦିଗପହଣ୍ଡି ବିଜ୍ଞାପିତ ଅଞ୍ଚଳ ପରିଷଦର ପାର୍କିଂ, ବଜାର ଓ ସ୍ମାର୍ଟ ପାର୍କର ଟିକସ ଆଦାୟ ନିମନ୍ତେ ମ୍ୟୁନିସିପାଲ ଆଇନ ଧାରା ଅନୁଯାୟୀ ଘରୋଇକରଣ କରିବା ନିମନ୍ତେ ବିଭିନ୍ନ ଅନୁଷ୍ଠାନ/ସ୍ୱୟଂ ସହାୟକ ଗୋଷ୍ଠୀ/ବ୍ୟକ୍ତି ବିଶେଷ ନିକଟରୁ ଜଉମୁଦ ଟେଣ୍ଡର ଆହ୍ୱାନ କରାଯାଉଅଛି। ଏଥିନିମନ୍ତେ ଇଚ୍ଛୁକ ବ୍ୟକ୍ତି ବିଶେଷ ନିମ୍ନ କାର୍ଯ୍ୟସୂଚୀ ପ୍ରକାରେ ଯେ କୌଣସି ୧ (ଏକ ଗୋଟି) ପାଇଁ ଆବେଦନ କରିପାରିବେ।

୦୧. ଆବେଦନ ପତ୍ର ଟ.୫୦୦.୦୦ଙ୍କା (ପାଞ୍ଚଶହ ଟଙ୍କା) ଟଙ୍କା ରସିଦ/ବ୍ୟାଙ୍କ ଡ୍ରାଫ୍ଟ/ଡିମାଣ୍ଡ ଡ୍ରାଫ୍ଟ ମାଧ୍ୟମରେ ଦାଖଲ କରି ପରିଷଦ କାର୍ଯ୍ୟାଳୟରୁ ଗ୍ରହଣ କରିପାରିବେ (ଏହା ଫେରସ୍ତଯୋଗ୍ୟ ନୁହେଁ)। (ବ୍ୟାଙ୍କ ଡ୍ରାଫ୍ଟ/ଡିମାଣ୍ଡ ଡ୍ରାଫ୍ଟ: In favour of Executive Officer, NAC, Digapahandi payabale at Digapahandi)। ୦୨. ଆବେଦନ ପତ୍ର ଗ୍ରହଣ ଓ ବିକ୍ରୟ ତାରିଖ ଆରମ୍ଭ ତା୦୩।୧୧।୨୦୨୫ରିଖ ପୂର୍ବାହ୍ନ ଘ୧୦.୦୦ମି. (ଛୁଟିଦିନ ବ୍ୟତୀତ)। ୦୩. ଆବେଦନ ପତ୍ର ଗ୍ରହଣ ଓ ବିକ୍ରୟ ଶେଷ ତାରିଖ ତା୧୩।୧୧।୨୦୨୫ରିଖ ଅପରାହ୍ନ ଘ୦୫.୩୦ମି. (ଛୁଟିଦିନ ବ୍ୟତୀତ)। ୦୪. ଜଉମୁଦ ଆବେଦନ ପତ୍ରଗୁଡ଼ିକ ନିମ୍ନ ସ୍ୱାକ୍ଷରକାରୀଙ୍କ ନିକଟରେ ତା୧୫।୧୧।୨୦୨୫ରିଖ ଅପରାହ୍ନ ଘ୦୫.୩୦ମି. (ଛୁଟିଦିନ ବ୍ୟତୀତ) ମଧ୍ୟରେ ଡାକ ଯୋଗେ ଆବେଦନ କରିପାରିବେ। ୦୫. ଜଉମୁଦ ଆବେଦନ ପତ୍ରଗୁଡ଼ିକକୁ ସର୍ବସମ୍ମୁଖ ତଥା ଟେଣ୍ଡର କମିଟି ଉପସ୍ଥିତିରେ ଖୋଲିବା ତାରିଖ ତା୧୭।୧୧।୨୦୨୫ରିଖ ପୂର୍ବାହ୍ନ ଘ୧୧.୦୦ମି.।

| କ୍ର.ନଂ. | ଦୋକାନ ଗୃହର ଅବସ୍ଥିତି | ଆନୁମାନିକ ସର୍ବନିମ୍ନ ଦର | ମନ୍ତବ୍ୟ |
|---|---|---|---|
| ୦୧ | ପାର୍କିଂ ଟିକସ (ଥାନା ଛକ ନିକଟ ଓ ସନ୍ଥ ଅରକ୍ଷିତ ଦାସ ବସଷ୍ଟାଣ୍ଡ) | ଟ.୧,୫୦,୦୦୦.୦୦/ ପ୍ରତି ମାସ | ଆବେଦନକାରୀ ବିଜ୍ଞାପିତ ଅଞ୍ଚଳ ପରିଷଦର ବାସିନ୍ଦା ହୋଇଥିବେ ଓ ଏଥି ନିମନ୍ତେ ଆବଶ୍ୟକ କାଗଜାତ ଆବେଦନ ପତ୍ର ସହ ସଂଲଗ୍ନ କରିବେ। |
| ୦୨ | ବଜାର ପାନୁ (ବଜାର ସାହି, ଜନତା ଲେନ, ପୁଞ୍ଜିକାୟା ଛକ) | ଟ.୩୦,୦୦୦.୦୦/ ପ୍ରତି ମାସ | |
| ୦୩ | ସ୍ମାର୍ଟ ପାର୍କ | ଟ.୧୨,୦୦୦.୦୦/ ପ୍ରତି ମାସ | |

ବି.ଦ୍ର.: ବିଭିନ୍ନ ଅନୁଷ୍ଠାନ / ସ୍ୱୟଂ ସହାୟକ ଗୋଷ୍ଠୀ / ବ୍ୟକ୍ତିବିଶେଷ ପରିଷଦ ତରଫରୁ ଧାର୍ଯ୍ୟ ହୋଇଥିବା ଦରଠାରୁ ଅଧିକ ଆଦାୟ କରିପାରିବେ ନାହିଁ।

ସ୍ୱା./– କାର୍ଯ୍ୟ ନିର୍ବାହୀ ଅଧିକାରୀ
ବିଜ୍ଞାପିତ ଅଞ୍ଚଳ ପରିଷଦ, ଦିଗପହଣ୍ଡି
OIPR-

---

Government of Odisha
Forest, Environment and Climate Change Department, Odisha

## OFFICE OF THE DIVISIONAL FOREST OFFICER, MANGROVE FOREST DIVISION (WL), RAJNAGAR

At/P.O. : Rajnagar, Dist : Kendrapara-754225, Phone - 06729-242460, Control Room-06729-242463, E-mail ID-dfo.rajnagarwl@odisha.gov.in

**Letter No.6640/1F-Accounts/336/2025**
**Dated Rajnagar the 01st November, 2025**

**TENDER CALL NOTICE FOR HIRING VEHICLE**

**No.MM-267** : Sealed tenders are invited from interested Reputed Travel Agencies / Tour Operators or private individuals to provide approximately 01 (One) No. of Vehicle (BS VI compliant Diesel driven AC) vehicles, which shall conform to the Terms and Conditions (Annexure-III) for official use at Division Office (Details of the vehicle to be engaged is in - Annexure-V) under Mangrove Forest Division (Wildlife) Rajnagar on monthly rent basis to reach in the O/o the Divisional Forest Officer, Mangrove Forest Division (Wildlife) Rajnagar, on or before **18.11.2025** up to **5.00 P.M.** through Registered / Speed Post/Courier Service and can also be dropped in the Tender Box placed in the Office of the Divisional Forest Officer, Mangrove Forest Division (Wildlife) Rajnagar. The tenders will be opened in the same office on **19.11.2025 at 11.30 A.M.** The Standard Bidding Document and Terms and Conditions can be downloaded from https://odishaforest.in and also can be obtained from the Office of the Divisional Forest Officer, Mangrove Forest Division (Wildlife) Rajnagar from 04.11.2025 to **18.11.2025** during office hours.

**Sd./-Divisional Forest Officer**
**Mangrove Forest Division (Wildlife) Rajnagar**
OIPR-

---

See Career Appointment on every Wednesday & Saturday

## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ: ..............................
ଜନ୍ମ ତାରିଖ: ..............................


ଲକ୍ଷ୍ମୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ସଚେତନ ରହିବା ମୂଳ କଥା

**ଆଜି ଜାତୀୟ କ୍ୟାନ୍‌ସର ସଚେତନତା ଦିବସ**



ଆମେ ସାମ୍ନା କରୁଥିବା ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟା ମଧ୍ୟରେ କ୍ୟାନ୍‌ସର ଅନ୍ୟତମ। ଏହା ଏପରି ଏକ ରୋଗ ଯାହାର ଠିକ୍ ସମୟରେ ନିରୂପଣ ଏବଂ ଆବଶ୍ୟକ ଚିକିତ୍ସା କରା ନ ଗଲେ ତାହା ଭବିଷ୍ୟତରେ ଗୁରୁତର ଆକାର ଧାରଣ କରିଥାଏ। ଏପରି କି ଅକାଳ ମୃତ୍ୟୁକୁ ମଧ୍ୟ ଡାକି ଆଣିଥାଏ। ତେଣୁ କ୍ୟାନ୍‌ସର ବିଷୟରେ ଅଧିକ ଜନସଚେତନତା ସୃଷ୍ଟି ଲାଗି ପ୍ରତିବର୍ଷ ନଭେମ୍ବର ୭ରେ ଆମଦେଶରେ 'ଜାତୀୟ କ୍ୟାନ୍‌ସର ସଚେତନତା ଦିବସ' ପାଳନ କରାଯାଇଥାଏ। ଏହି ଅବସରରେ ସରକାରୀ ଏବଂ ବେସରକାରୀ ସ୍ତରରେ କର୍ମଶାଳା ଆୟୋଜନ କରାଯାଇ କ୍ୟାନ୍‌ସର ବିଷୟରେ ଜନସାଧାରଣଙ୍କୁ ଅବଗତ କରାଯାଏ। କ୍ୟାନ୍‌ସରର ଦିନକୁ ଦିନ ନୂଆ ନୂଆ ଚିକିତ୍ସା ପ୍ରଣାଳୀ ଅନୁସରଣ କରାଯାଉଛି। ଏହାର କାରଣ ସମ୍ପର୍କରେ ଅବଗତ ହେବା ନିହାତି ଦରକାର। କେବଳ ସେତିକି ନୁହେଁ, ଲକ୍ଷଣ ଜାଣିବା ମାତ୍ରେ ତାହାର ଚିକିତ୍ସା କରାଇବା ଜରୁରୀ। ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ପକ୍ଷରୁ ହୋଇଥିବା ଏକ ସର୍ଭେରୁ ଜଣାପଡ଼ିଛି, ସମଗ୍ର ବିଶ୍ୱରେ କ୍ୟାନ୍‌ସର ହେଉଛି ମୃତ୍ୟୁର ପ୍ରମୁଖ ଦ୍ୱିତୀୟ କାରଣ। ସୂଚନାଯୋଗ୍ୟ ୨୦୧୪ ସେପ୍ଟେମ୍ବର ମାସରେ ତତ୍କାଳୀନ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଡ. ହର୍ଷବର୍ଦ୍ଧନ କ୍ୟାନସରର ଭୟାବହତା ସମ୍ପର୍କରେ ଆମଦେଶର ଲୋକଙ୍କୁ ଅଧିକ ଜନସଚେତନତା କରାଇବାକୁ ନେଇ ପ୍ରଥମେ 'ଜାତୀୟ କ୍ୟାନସର ସଚେତନତା ଦିବସ' ପାଳନ କରିଥିଲେ। ତେବେ ସେହି ସମୟରେ ଏକ କମିଟି ଗଠନ କରାଯାଇ ବିଭିନ୍ନ କ୍ୟାନ୍‌ସରର ଗମ୍ଭୀରତା, ଲକ୍ଷଣ ଏବଂ ଚିକିତ୍ସା ବିଷୟରେ ସଚେତନତା ସୃଷ୍ଟି ସକାଶେ ପ୍ରତିବର୍ଷ ନଭେମ୍ବର ୭ ରେ ଭାରତରେ 'ଜାତୀୟ କ୍ୟାନସର ସଚେତନତା ଦିବସ' ପାଳନ ଲାଗି ନିଷ୍ପତ୍ତି ନିଆଯାଇଥିଲା। ତେବେ କ୍ୟାନ୍‌ସରକୁ ନେଇ ଆମେ ଯେତେ ସଚେତନ ରହିବା ଏଭଳି ଗୁରୁତର ସ୍ୱାସ୍ଥ୍ୟ ସମସ୍ୟାଠାରୁ ନିଜକୁ ସେତେ ଦୂରେଇ ରଖିପାରିବା।

# 'ନବୀନଙ୍କ ସୁରକ୍ଷା ବ୍ୟବସ୍ଥା କଡାକଡି କରାଯାଉ'

**ରାଜ୍ୟ ନିର୍ବାଚନ ଅଧିକାରୀଙ୍କ ନିକଟରେ ଫେରାଦ ହେଲା ବିଜେଡି**

ଭୁବନେଶ୍ୱର, ୬।୧୧ (ସୁନିତ୍ ମିଶ୍ର)

ବିରୋଧୀ ଦଳ ନେତା ତଥା ବିଜେଡି ସଭାପତି ନବୀନ ପଟ୍ଟନାୟକ ଶୁକ୍ରବାର ଉପନିର୍ବାଚନ ପ୍ରଚାର କାର୍ଯ୍ୟକ୍ରମରେ ସାମିଲ ହେବା ଲାଗି ନୂଆପଡା ଗସ୍ତରେ ଯିବେ। ତାଙ୍କର ସୁରକ୍ଷା ୱାଇ ସିକ୍ୟୁରିଟି ବ୍ୟବସ୍ଥାରେ ଆସୁଛି। ଦଳ ପକ୍ଷରୁ ଅନୁମାନ କରାଯାଉଛି ଭାଜପା ନେତା କିମ୍ବା କର୍ମୀ ଏହି ଅବସରରେ ଅଶାନ୍ତି ସୃଷ୍ଟି କରିପାରନ୍ତି। ତାଙ୍କ ଗସ୍ତ କାଳରେ ପଥର ଫୋପାଡିବା ସହିତ କିଛି ବିଶୃଙ୍ଖଳା ପରିସ୍ଥିତି ସୃଷ୍ଟି କରିପାରନ୍ତି। ତେଣୁ ତାଙ୍କ ଗସ୍ତ ସମୟରେ ଶୃଙ୍ଖଳିତ ପ୍ରଚାର କାର୍ଯ୍ୟକ୍ରମ ଲାଗି ଉପଯୁକ୍ତ ସୁରକ୍ଷା ବ୍ୟବସ୍ଥା ଏବଂ ଠିକ୍ ଭାବେ ସୁରକ୍ଷା କର୍ମୀ ନିୟୋଜିତ କରିବା ଲାଗି ରାଜ୍ୟ ନିର୍ବାଚନ ଅଧିକାରୀଙ୍କ ନିକଟରେ ବିଜେଡିର ଏକ ପ୍ରତିନିଧି ଦଳ ଅନୁରୋଧ କରିଛି। ନବୀନ ଗୁରୁବାର ଖରିଆର୍ ରୋଡ୍ ଏନ୍‌ଏସି ଅଞ୍ଚଳର ଦାଗା ଛକ, ବିଜୁ ପଟ୍ଟନାୟକ ଛକ, ଏବଂ ଲକ୍ଷ୍ମଣିଆ ପେଟ୍ରୋଲ ପମ୍ପ ଛକରେ ରୋଡ୍ ଶୋ କରିବେ। ସେହିପରି ନୂଆପଡା ଏନ୍‌ଏସିର ସୂର୍ଯ୍ୟନଗର, ଗାୟତ୍ରୀ ମନ୍ଦିର ଏବଂ ଏକ୍ତା ଛକ ଠାରେ ରୋଡ୍ ଶୋ କରିବେ। ଏହାସହ ନୂଆପଡା ବ୍ଲକର ପରକୋଦ ଠାରେ ଏକ ସାଧାରଣ ସଭାକୁ ସମ୍ବୋଧିତ କରିବେ। ତେଣୁ ସେଠାରେ ମଧ୍ୟ କଡା ସୁରକ୍ଷା ବ୍ୟବସ୍ଥାର ଆବଶ୍ୟକତା ରହିଛି। ଏହି ଅବସରରେ ସେ ବିଜେଡି ପ୍ରାର୍ଥୀ ସ୍ନେହାଙ୍ଗିନୀ ଛୁରିଆଙ୍କ ପାଇଁ ପ୍ରଚାର କରିବା କାର୍ଯ୍ୟକ୍ରମ ରହିଛି।

# ମୋର ବିଜୟ ସୁନିଶ୍ଚିତ: ଘାସିରାମ ମାଝୀ



**ନୂଆପଡ଼ା ଉପନିର୍ବାଚନରେ ୩ ପ୍ରମୁଖ ଦଳ ଭାଜପା, ବିଜେଡି ଓ କଂଗ୍ରେସ ସମେତ ସମୁଦାୟ ୧୪ ଜଣ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। କଂଗ୍ରେସ ପ୍ରାର୍ଥୀ ଘାସିରାମ ମାଝୀ ଚଳିତ ନିର୍ବାଚନକୁ ମିଶାଇ ୬ଷ୍ଠ ଥର ପାଇଁ ନିର୍ବାଚନ ରଣାଙ୍ଗନରେ ଅବତୀର୍ଣ୍ଣ ହୋଇଛନ୍ତି। କେମିତି ରହିଛି ତାଙ୍କ ପ୍ରଚାର, ଲୋକେ ତାଙ୍କୁ କିଭଳି ଗ୍ରହଣ କରୁଛନ୍ତି ଓ ନୂଆପଡ଼ାକୁ ନେଇ କ'ଣ ରହିଛି ତାଙ୍କର ଭିଜନ ଆଦି ବିଷୟକୁ ନେଇ ଘାସିରାମଙ୍କ ସହିତ ଅଧିକ ଆଲୋଚନା କରିଛନ୍ତି ଆମ ପ୍ରତିନିଧି ପୀତାମ୍ବର ସାହୁ**

**ଆପଣଙ୍କ ନିର୍ବାଚନୀ ପ୍ରଚାର କେମିତି ଚାଲିଛି ?**

-ମୁଁ ପ୍ରତ୍ୟହ ସକାଳ ୯ଟାରେ ଘରୁ ବାହାରି ରାତି ୧୧ଟା ପର୍ଯ୍ୟନ୍ତ ପ୍ରଚାର କରୁଛି। ଆମର ନିର୍ବାଚନ ପ୍ରଚାର ଜୋର୍‌ସୋର୍‌ରେ ଚାଲିଛି। ଛତିଶଗଡ଼ର ଭାନୁପ୍ରତାପପୁର, ଧନତରୀ, କୁରୁତ, ବ୍ରଜରାଜନଗର, ଭିଲାଇଗଡ, ସରେଇପାଲି, ଖଲ୍ଲାରୀ, ଭଟାପରା ଆଦି ନିର୍ବାଚନମଣ୍ଡଳୀର ପ୍ରାୟ ୧୦ ଜଣ କଂଗ୍ରେସ ବିଧାୟକ ଆସି ପ୍ରଚାର କରୁଛନ୍ତି।

**ଆପଣ କେତେଥର ଓ କେଉଁ ଦଳରୁ ନିର୍ବାଚନ ଲଢ଼ିଛନ୍ତି ?**

-ମୁଁ ଏହି ଉପନିର୍ବାଚନକୁ ମିଶାଇ ଷଷ୍ଠଥର ବିଧାୟକ ଭାବେ ନିର୍ବାଚନ ଲଢୁଛି। ସ୍ୱାଧୀନ ଭାବେ ୨୦୦୦ ଓ ୨୦୨୪ରେ ନିର୍ବାଚନ ଲଢ଼ିଥିବା ବେଳେ ୨୦୦୯ରେ ବହୁଜନ ସମାଜବାଦୀ ପାର୍ଟି (ବିଏସ୍‌ପି)ରୁ ଲଢ଼ି ୧୯ ହଜାରରୁ ଅଧିକ ଭୋଟ ପାଇଥିଲି। ୨୦୧୪ ଓ ୨୦୧୯ରେ କଂଗ୍ରେସ ଟିକେଟରୁ ନିର୍ବାଚନ ଲଢ଼ିଥିଲି। ୨୦୨୪ରେ ସ୍ୱାଧୀନ ଭାବରେ ଲଢ଼ି ପ୍ରାୟ ୫୧ ହଜାରରୁ ଅଧିକ ଭୋଟ ପାଇ ଦ୍ୱିତୀୟ ସ୍ଥାନରେ ଥିଲି। ଏଥର ତୃତୀୟ ଥର ପାଇଁ କଂଗ୍ରେସରୁ ନୂଆପଡ଼ାରେ ନିର୍ବାଚନ ଲଢୁଛି।

**କିଏ ଆପଣଙ୍କ ପାଇଁ ପ୍ରଚାର କରୁଛନ୍ତି ଓ ଆଗକୁ ପ୍ରଚାର କରିବା କାର୍ଯ୍ୟକ୍ରମ ରହିଛି?**

-ପିସିସି ସଭାପତି ଭକ୍ତ ଚରଣ ଦାସଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ନିର୍ବାଚନ ପରିଚାଳନା ହେଉଛି। ତେଲଙ୍ଗାନା ମୁଖ୍ୟମନ୍ତ୍ରୀ ରେଭନ୍ତ ରେଡ୍ଡୀ ଶୁକ୍ରବାର ଆସୁଥିବା ବେଳେ କହ୍ନେୟା କୁମାର, ପୂର୍ବତନ ମୁଖ୍ୟମନ୍ତ୍ରୀ ଭୂପେଶ ବଘେଲ, ସଚିନ ପାଇଲଟ ଶନିବାର ଏବଂ ଅଲକା ଲାମ୍ବା ମଧ୍ୟ ଆସି କଂଗ୍ରେସ ପାଇଁ ପ୍ରଚାର କରିବେ। ଏହାସହିତ ଅନେକ ବିଧାୟକ, ସାଂସଦ ଓ ଦଳର ବରିଷ୍ଠ କର୍ମୀ ନିର୍ବାଚନ ପ୍ରଚାର କରୁଛନ୍ତି।

**ପ୍ରଚାର ବେଳେ କ'ଣ କହି ଲୋକଙ୍କୁ ଭୋଟ ମାଗୁଛନ୍ତି ?**

-ପ୍ରଚାର ବେଳେ ନୂଆପଡ଼ା ଲାଗି ଦୀର୍ଘବର୍ଷ ଧରି କାମ କରିଥିବା ବିଷୟ ମନେପକାଇ ଦେଉଛି। ଶିକ୍ଷା, ମଣ୍ଡି ବ୍ୟବସ୍ଥାରେ ସୁଧାର, ଚାଷ ଓ ଚାଷୀ, ସ୍ୱାସ୍ଥ୍ୟ, ସୁନାବେଡ଼ା ଚୁଟିଆ ଓ ଭୁଞ୍ଜିଆଙ୍କ ପାଇଁ ଅନେକ କାମ କରିଛି ବୋଲି ଲୋକଙ୍କୁ କହି ଭୋଟ ମାଗୁଛି। ଜଣେ ଆଇନଜୀବୀ ତଥା ଦରଦି ଓ କର୍ମଠ ନେତା ଭାବେ ଲୋକେ ମୋତେ ଗ୍ରହଣ କରୁଛନ୍ତି।

**ନୂଆପଡ଼ାରେ କ'ଣ ପ୍ରମୁଖ ସମସ୍ୟା ରହିଛି ବୋଲି ଅନୁଭବ କରୁଛନ୍ତି ?**

-ଶିକ୍ଷା, ସ୍ୱାସ୍ଥ୍ୟ, ଜଳସେଚନ, ମଣ୍ଡି ବ୍ୟବସ୍ଥା, ସ୍ଥାନୀୟ ଯୁବତୀଯୁବକଙ୍କୁ ନିଯୁକ୍ତି, ଶାସନ କଳ ଭୁଶୁଡ଼ିଥିବା, ଦାଦନ ଭଳି ଅନେକ ସମସ୍ୟା ନୂଆପଡ଼ାରେ ରହିଛି।

**ବିଧାୟକ ଭାବେ ନିର୍ବାଚିତ ହେଲେ ନୂଆପଡ଼ା ପାଇଁ କ'ଣ ସବୁ ଭିଜନ ରହିବ ?**

-ମୋର ପ୍ରଥମ ସ୍ୱପ୍ନ ହେଲା ଶିକ୍ଷାର ଉନ୍ନତି। ଅଞ୍ଚଳର ବେଲଟୁକୁରୀ, ସୁନାବେଡା, ମିଛାପାଲି, ଆମନଆରା ଅଞ୍ଚଳରେ ଡିଗ୍ରୀ କଲେଜ ଖୋଲି ଛାତ୍ରୀଛାତ୍ରଙ୍କ ଉଚ୍ଚ ଶିକ୍ଷାର ବ୍ୟବସ୍ଥା କରିବା ଲକ୍ଷ୍ୟ ରହିଛି। ଏହା ସହିତ ନୂଆପଡ଼ା ନ୍ୟାଶନାଲ କଲେଜକୁ ସରକାରୀ କରିବା ପାଇଁ ଚେଷ୍ଟା କରିବି। ସ୍ୱାସ୍ଥ୍ୟ ବ୍ୟବସ୍ଥାରେ ସୁଧାର ଆଣିବା ନିମନ୍ତେ ପ୍ରୟାସ କରିବି।

**ଗତ ନିର୍ବାଚନରେ ଆପଣ ଆଦିବାସୀଙ୍କ ସମର୍ଥନରେ ସ୍ୱାଧୀନ ଭାବେ ନିର୍ବାଚନ ଲଢ଼ି ଦ୍ୱିତୀୟ ସ୍ଥାନରେ ଥିଲେ। ମାତ୍ର ଏହି ଉପନିର୍ବାଚନରେ ଆଦିବାସୀଙ୍କ ଭୋଟ ଭାଗ ଭାଗ ହେଉଛି ବୋଲି ଚର୍ଚ୍ଚା ହେଉଛି। ଏହାକୁ ନେଇ କ'ଣ କହିବେ?**

-ମୋତେ ଆଦିବାସୀ ଭଉଣୀଭାଇ ଆଗରୁ ଭୋଟ ଦେଉଥିଲେ, ଏବେ ବି ଦେଉଛନ୍ତି। ଚଳିତ ଉପନିର୍ବାଚନରେ ମଧ୍ୟ ମୋ ପ୍ରତି ସେମାନଙ୍କ ସମର୍ଥନ ରହିଛି। ମୁଁ ଗଣ୍ଡ ସମାଜର ଜିଲା ସଭାପତି ରହିଥିବାବେଳେ ଅନେକ ଆଦିବାସୀ ସଂଘ ସହ ଜଡ଼ିତ ଅଛି। ମୁଁ ଆଦିବାସୀଙ୍କ ପାଇଁ ବହୁ କାମ କରିଛି। ପତୋରାରେ ବୁଢ଼ାଦେଓ ମନ୍ଦିର ନିର୍ମାଣ କରାଉଛି। ଅନ୍ୟମାନେ ଏହାକୁ ନେଇ ଅପପ୍ରଚାର କରୁଛନ୍ତି। ମୁଁ ଜଣେ ମାତ୍ର ଆଦିବାସୀ ପ୍ରାର୍ଥୀ ହୋଇଛି। ଜଣେ ଗୁଜରାଟରୁ ଆସି ପ୍ରାର୍ଥୀ ହୋଇଥିବା ବେଳେ ଅନ୍ୟ ଜଣେ ବରଗଡ଼ ଅଞ୍ଚଳରୁ ଆସି ପ୍ରାର୍ଥୀ ହୋଇଛନ୍ତି। ମୁଁ ହେଲି ମାଟିର ପୁଅ। ଲୋକେ ମଧ୍ୟ କହୁଛନ୍ତି 'ମାଟିର ପୁଅ ଉପଯୁକ୍ତ ପ୍ରାର୍ଥୀ, ସେ ଆମ ସମସ୍ତଙ୍କ ପାଇଁ କାମ କରିବ'।

**ଚଳିତ ବ୍ୟୟବହୁଳ ନିର୍ବାଚନରେ ଆପଣ ଅନ୍ୟ ଦଳ ସହିତ କେମିତି ତାଳ ଦେଇପାରିବେ ବୋଲି ଭାବୁଛନ୍ତି ?**

-ମୋ ସାଙ୍ଗରେ ରାହୁଲ ଗାନ୍ଧୀ ଓ ସୋନିଆ ଗାନ୍ଧୀ ଅଛନ୍ତି। ସେମାନେ ପ୍ରତ୍ୟହ ମୋ ସହ କଥା ହୋଇ ମୋତେ ଉତ୍ସାହିତ କରୁଛନ୍ତି। ଆମ ସହ ଲୋକବଳ, ସଂଗଠନ ବଳ ଅଛି। ମୁଁ ପରିଶ୍ରମ କରୁଛି। ନିର୍ବାଚନ ଲଢ଼ିବାର ଦକ୍ଷତା ମୋର ଅଛି। ତେଣୁ ନିର୍ବାଚନରେ ବିଜୟୀ ହେବାରେ କୌଣସି ପ୍ରତିବନ୍ଧକ ହେବ ନାହିଁ ବୋଲି ମୁଁ ଭାବୁଛି।

**ଆପଣ ବିଜୟ ପାଇଁ କେତେ ପ୍ରତିଶତ ଆଶାବାଦୀ?**

-ମୋର ବିଜୟ ସୁନିଶ୍ଚିତ। ପ୍ରାୟ ୨ ହଜାର ପ୍ରତିଶତ ମୋର ବିଜୟ ପାଇଁ ମୁଁ ଆଶାବାଦୀ।

# କଂଗ୍ରେସର ନୂଆପଡ଼ା ଉପନିର୍ବାଚନ ଇସ୍ତାହାର

**ଦାଦନ ମୁକ୍ତ ହେବ ନୂଆପଡା: ଭକ୍ତ**

ଭୁବନେଶ୍ୱର, ୬।୧୧ (ରବିନାରାୟଣ ଜେନା)

ନୂଆପଡାକୁ ବିକାଶ କେବଳ କଂଗ୍ରେସ ଦେଇଛି। ମାତ୍ର ଭାଜପା ଓ ବିଜେଡି କେବଳ ପ୍ରତାରଣା ଦେଇ ଆସିଛନ୍ତି ବୋଲି ପିସିସି ସଭାପତି ଭକ୍ତ ଚରଣ ଦାସ କହିଛନ୍ତି। ଗୁରୁବାର ନୂଆପଡା ଉପନିର୍ବାଚନ ପରିପ୍ରେକ୍ଷୀରେ କଂଗ୍ରେସର ନିର୍ବାଚନୀ ଇସ୍ତାହର ଉନ୍ମୋଚନ କରି ଭକ୍ତ କହିଥିଲେ ଯେ, ନୂଆପଡା ଦାଦନ ମୁକ୍ତ ହେବ। କୃଷିଭିତ୍ତିକ ଶିଳ୍ପ ପ୍ରତିଷ୍ଠା କରାଯିବା ସହିତ କୃଷିର ଉନ୍ନତିକରଣ କରାଯିବ। ଜିଲାରେ ଦାଦନ ଶ୍ରମିକ ସମ୍ପୂର୍ଣ୍ଣ ଭାବେ ରୋକାଯିବା ସହିତ ଶିକ୍ଷା, ସ୍ୱାସ୍ଥ୍ୟ କ୍ଷେତ୍ରରେ ବ୍ୟାପକ ଉନ୍ନତି ଅଣାଯିବ। ଏହାସହିତ ଶୀତଳଭଣ୍ଡାର ପ୍ରତିଷ୍ଠା, ପାତାରୋ ଡ୍ୟାମ୍ ଏବଂ ତିଖାଲି ପ୍ରକଳ୍ପ କାର୍ଯ୍ୟକାରୀ କରାଯିବା ଏବଂ ଆଦିବାସୀଙ୍କୁ ଜମି ଉପରେ ହକ୍ ପ୍ରଦାନ କରାଯିବ। ସବୁ ପ୍ରାଥମିକ ଓ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର ନିଯୁକ୍ତି ସୁନିଶ୍ଚିତ କରିବୁ ବୋଲି ସେ କହିଥିଲେ। କାର୍ଯ୍ୟକ୍ରମରେ କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ, ପୂର୍ବତନ ମନ୍ତ୍ରୀ ଶରତ ରାଉତ, ଶିବାନନ୍ଦ ରାୟ, ସମୀର ରାଉତରାୟ, ଜୟଶ୍ରୀ ପଟ୍ଟନାୟକ, ମନୀଷା ଦାସପଟ୍ଟନାୟକ, ସୁଜିତ୍ ପାଢ଼ୀ ପ୍ରମୁଖ ଉପସ୍ଥିତ ଥିଲେ।


# Classified Everyday

0674-2580101, 9692975378




SALE

ଭୁବନେଶ୍ୱର ନଖରାଛକ, ଉଉରାଛକ, ସୁନ୍ଦରପଦା, କଟକ ମହାନଦୀ ବିହାରରେ ଘରବାରି ପ୍ଲଟ୍, 2/3 BHK Flat/ Duplex ଅଛି- 8327785834.
D-06

Own GHARABARI Residential plot 3100sqft. with compound wall & electricity at Brahmanjharilo, 7 km. from Phulanakhara Cuttack & 12 km. from Bhubaneswar Toal Rs.41 lakhs (Including Registration charges) 7809525452.
D-208

LIG House (136, 137, 138, 139) for sale At Sector- 3, Niladri Vihar, Near- Pani Tanki, Bhubaneswar. Contact- 9437229575.
D-2473

ଭୁବନେଶ୍ୱର ଜଟଣୀଗେଟ୍‌ରୁ ଅଳ୍ପ ଦୂରତାରେ 1500 Sq.ft, 6,75,000/- ପ୍ଲଟ୍ ବିକ୍ରିହେବ- 9776974912.
D-05

Bhubaneswar Gothapatna 100ft ମେନ୍‌ରୋଡକୁ ଲାଗି ଘରବାରି ପ୍ଲଟ୍ ମିଳୁଛି। 9090963952.
D-07




The massage felt totally professional & comfortable at all times- 7978109255.
D-205

Full body massage by odia therapist in homely atmosphere. 9078618337.
D-2496

AFFIDAVIT

By virtue of an affidavit sworn before the Executive Magistrate, Sambalpur, dated- **04.10.2025**, I, **Shweta Snigdha**, Daughter of Subash Chandra Digal, Wife of Chinmaya Dalai, Resident of Plot No.- 717/1698, Dumduma, Phase-4, near Savvy Public School, Bhubaneswar, Aiginia, Khorda, Odisha, PIN- 751019, declare that I have changed my name from D. Sweta Snigdha to **Shweta Snigdha**. Henceforth, I shall be known as **Shweta Snigdha** for all purposes.
**Shweta Snigdha**
D-2499

By virtue of an affidavit sworn before the Executive Magistrate, Talcher, dated- 24.10.2025, I, Kanchan Behera, W/o.- Purna Chandra Behera, Resident of Village- Hemsurpada, P.O./P.S.- Angul, District - Angul, Odisha declare that my actual and correct name is Kanchan Behera but it has been wrongly mentioned as Kanchanbala Behera in some records instead of Kanchan Behera. So both Kanchan Behera and Kanchanbala Behera is one and the same person.
D-2498

By virtue of an affidavit sworn before the Executive Magistrate, Junagarh, No.- 491, Dtd.- 04.11.25, I, Abhiram Mangaraj, R/o. At- Karlakot, P.O.- Banijara, P.S.- Junagarh, Dist.- Kalahandi, Odisha, declare that I have changed my name and date of birth from Abhi Mangaraj, D.O.B.- 15.08.1975 to Abhiram Mangaraj, D.O.B- 18.07.1975. Henceforth, I shall be known as Abhiram Mangarj, D.O.B- 18.07.1975 for all purposes.
Abhiram Mangaraj
D-2497


# 'ନିୟମ ଭାଙ୍ଗି ରାସ୍ତା ଉପରେ ଭାଜପା କଳା କାର୍ଯ୍ୟକ୍ରମ'

**ସିଇଓଙ୍କ ନିକଟରେ ଫେରାଦ ହେଲା ବିଜେଡି**

ଭୁବନେଶ୍ୱର, ୬।୧୧ (ସୁନିତ୍ ମିଶ୍ର)

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନୂଆପଡା ଉପନିର୍ବାଚନର ପ୍ରଚାର କାର୍ଯ୍ୟକ୍ରମ ଲାଗି କୋମନା ବ୍ଲକର ମୁଖ୍ୟ ରାସ୍ତା ଉପରେ ଭାଜପା ନେତା ଓ କର୍ମୀମାନେ ମଞ୍ଚ କରି ସାଧାରଣ ଲୋକଙ୍କୁ ହଇରାଣ କରିଛନ୍ତି। ଗୋଟିଏ କାର୍ଯ୍ୟଦିବସରେ ଏଭଳି ଲୋକଙ୍କୁ ହଇରାଣ କରାଯିବା ନେଇ ପ୍ରଶ୍ନ ଉଠାଇଛି ବିଜେଡି। ବିଜେଡିର ଏକ ପ୍ରତିନିଧିମଣ୍ଡଳୀ ଗୁରୁବାର ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ(ସିଇଓ)ଙ୍କ ନିକଟରେ ଅଭିଯୋଗ କରିଛି, ଭାଜପା ନିର୍ବାଚନ ଆଚରଣବିଧିର ଉଲଘଂନ କରି ମୁଖ୍ୟ ରାସ୍ତାରେ ଭାଜପା ପ୍ରାର୍ଥୀ ଜୟ ଢୋଲକିଆଙ୍କ ପାଇଁ ପ୍ରଚାର କରାଯିବାର ଏକ ମଞ୍ଚ ପ୍ରସ୍ତୁତ କରାଯାଇଥିଲା। ଫଳରେ ସେଠାରେ ରାସ୍ତା ସମ୍ପୂର୍ଣ୍ଣ ଜାମ୍ ହୋଇଯାଇଥିଲା। ଏହାଦ୍ୱାରା ଲୋକମାନଙ୍କ ଯାତାୟତରେ ବହୁ ସମସ୍ୟା ସୃଷ୍ଟି ହୋଇଥିଲା। ଏହା ଆଦର୍ଶ ଆଚରଣ ବିଧିର ଖୋଲା ଉଲଘଂନ। ଏହାଦ୍ୱାରା ମୋଟର ଭେହିକିଲ୍ ଆକ୍ଟ ୨୦୧ର ଖୋଲା ଉଲଘଂନ ହୋଇଛି। ସ୍ଥାନୀୟ ପୋଲିସ୍ ଏବଂ ଅଧିକାରୀ ଏହାକୁ ରୋକିବା ଦିଗରେ କାର୍ଯ୍ୟ ତ କଲେ ନାହିଁ ପଲଟା ଏଥିରେ ସହଯୋଗ କରିଛନ୍ତି। ବିଜେଡି ନେତା ଓ କର୍ମୀ ଏନେଇ ଅଭିଯୋଗ କରିବା ସତ୍ତ୍ୱେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କଲେ ନାହିଁ। ତେଣୁ ଆଦର୍ଶ ଆଚରଣ ବିଧି ଉଲଘଂନ କରିଥିବା ବ୍ୟକ୍ତିମାନଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ନେବା ଲାଗି ବିଜେଡି ପକ୍ଷରୁ ଦାବି କରାଯାଇଛି।


ଦ୍ୱିତୀୟ ଜନ୍ମଦିନ ଶୁଭେଚ୍ଛା



ଧାନ୍ୟାଶ୍ରୀ (ଲକ୍ଷ୍ମୀ)

ଜଗତର ନାଥ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଏତିକି ପ୍ରାର୍ଥନା, ତୋର ଚଲାପଥ କୁସୁମିତ ଓ ଭବିଷ୍ୟତକୁ ଉଜ୍ଜ୍ୱଳମୟ କରନ୍ତୁ
ଶୁଭେଚ୍ଛା ସହ
ଜେଜେ, ମା, ଅଜା, ଆଈ, ବଡବାପା, ବ ବାବା, ମାମା, ମଉସା, ମାଉସୀ, ପରିମାଉସୀ, ପ୍ରିନ୍ସ ମାମୁ, ମେଘା ଦିଦି, କୁନୋ ଦିଦି, ଅସୀମ ଭାଇ, ସୋହମ ଭାଇ, ବନ୍ଧୁ ଓ ପରିବାରବର୍ଗ।
ଧ-୨୦୯


# 'ଛୋଟ ପିଲାଙ୍କୁ ନିର୍ବାଚନରେ ବ୍ୟବହାର କରୁଛି ବିଜେଡି'

**ନିର୍ବାଚନ ଅଧିକାରୀଙ୍କ ନିକଟରେ ଫେରାଦ ହେଲା ଭାଜପା**

ଭୁବନେଶ୍ୱର, ୬।୧୧ (ସୁନିତ୍ ମିଶ୍ର)

ଏକ ସଶକ୍ତ ଓ ସୁଦୃଢ ଗଣତାନ୍ତ୍ରିକ ରାଷ୍ଟ୍ର ପାଇଁ ନିର୍ବାଚନ ମେରୁଦଣ୍ଡ ସଦୃଶ। ନିର୍ବାଚନ ମୁକ୍ତ, ଅବାଧ ଓ ନିରପେକ୍ଷ ହେବା ଉଚିତ, ଯାହା ଗଣତନ୍ତ୍ର ପାଇଁ ଶୁଭଙ୍କର ଅଟେ। କିନ୍ତୁ ଦୁଃଖର ବିଷୟ ବିଜେଡି ୨୫ ବର୍ଷ ଓଡ଼ିଶାକୁ ଶାସନ କରିଥିଲେ ମଧ୍ୟ ନିର୍ବାଚନ ସମୟରେ ଅଗଣତାନ୍ତ୍ରିକ ପଦ୍ଧତିରେ ପାର୍ ହେବା ପାଇଁ ଅପଚେଷ୍ଟା ଚଳାଇଛି। ନିର୍ବାଚନ ହାରିବା ଭୟରେ ଶାସକ ଦଳ ନିଜର ହିତାହିତ ଜ୍ଞାନ ହରାଇ ବସିଛି। ଶେଷରେ ବିଜେଡିର ଶେଷ ଭରସା ଛୋଟ ପିଲାମାନେ ସାଜିଛନ୍ତି। ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନୂଆପଡା ନିର୍ବାଚନମଣ୍ଡଳୀରେ ପ୍ରଚାର ଅବସରରେ ନିର୍ବାଚନ ଆଚରଣ ବିଧିର ଉଲ୍ଲଂଘନ ହେବାର ଦୃଶ୍ୟ ଦେଖିବାକୁ ମିଳିଥିଲା। ନବୀନ ବାବୁଙ୍କୁ ସ୍ୱାଗତ ଜଣାଇବା ପାଇଁ କୋମନା ବ୍ଲକର ତରାବୋଡା ଗ୍ରାମରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଜେଡି ନେତାମାନେ କୋମଳମତି ପିଲାଙ୍କୁ ବ୍ୟବହାର କରିଥିଲେ ବୋଲି ଭାଜପା ଛୋଟ ପିଲାମାନେ ବିଜେଡିର ଦଳୀୟ ପତକା, ପୋଷାକ ପରିଧାନ କରି ସ୍ଲୋଗାନ ଦେଉଥିବାର ଦୃଶ୍ୟ ସାମାଜିକ ଗଣମାଧ୍ୟମରେ ପ୍ରକାଶିତ ହେଉଛି। ବିଜେଡି ଶିଶୁ ସୁରକ୍ଷା ଆଇନର ଖୋଲା ଉଲ୍ଲଂଘନ କରିଛି। ଏହା ସମ୍ପୂର୍ଣ୍ଣ ଆଦର୍ଶ ନିର୍ବାଚନ ଆଚରଣ ବିଧିର ଖୋଲାଖୋଲି ଉଲ୍ଲଂଘନ ବୋଲି ଭାଜପା ଅଭିଯୋଗ କରିଛି। ଯାହାର ଭିଡିଓ ଓ ଫଟୋକୁ ନେଇ ତଥ୍ୟ ସହିତ ରାଜ୍ୟ ନିର୍ବାଚନ ଅଧିକାରୀଙ୍କୁ ଭେଟି ଏଥିରେ ସମ୍ପୃକ୍ତ ଦୋଷୀଙ୍କ ବିରୋଧରେ ବିହୀତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଭାଜପା ପ୍ରତିନିଧିମଣ୍ଡଳ ଦାବୀ କରିଥିବା ବରିଷ୍ଠ ନେତା ଗୋଲକ ମହାପାତ୍ର କହିଛନ୍ତି। ଏହି ପ୍ରତିନିଧିମଣ୍ଡଳୀରେ ଦଳର ରାଜ୍ୟ ମୁଖପାତ୍ର ଦିଲୀପ ମଲିକ, ଲିଗାଲ ସେଲ ରାଜ୍ୟ ସଂଯୋଜକ ଜୟନ୍ତ ଜେନା, ରାଷ୍ଟ୍ରୀୟ ମହିଳା ମୋର୍ଚ୍ଚା ସାମାଜିକ ଗଣମାଧ୍ୟମ ସଂଯୋଜିକା ସୁଜାତା ପାଢୀ, ତୃପ୍ତିମୟୀ ମକଦ୍ଦମ ପ୍ରମୁଖ ଉପସ୍ଥିତ ଥିଲେ।

# ଅନାସ୍ଥାରେ ପଦ ହରାଇଲେ ରଣପୁର ସରପଞ୍ଚ

ବିଞ୍ଝାରପୁର, ୬।୧୧ (ରାମକୃଷ୍ଣ ଦାସ)


ରିୟଙ୍କା ଜେନା

ଯାଜପୁର ଜିଲା ବିଞ୍ଝାରପୁର ବ୍ଲକ ଅଧୀନ ରଣପୁର ପଞ୍ଚାୟତର ସରପଞ୍ଚ ରିୟଙ୍କା ଜେନା ଅନାସ୍ଥା ଭୋଟରେ ନିଜ ପଦ ହରାଇଛନ୍ତି। ପଞ୍ଚାୟତର ୧୫ ୱାର୍ଡ ସଭ୍ୟାସଭ୍ୟଙ୍କ ମଧ୍ୟରୁ ୧୧ଜଣ ଅନାସ୍ଥା ଭୋଟରେ ଭାଗ ନେଇଥିଲେ। ରିୟଙ୍କାଙ୍କ ବିପକ୍ଷରେ ଯାଇଛି ୧୧ଖଣ୍ଡ ଭୋଟ୍। ସରପଞ୍ଚଙ୍କ ସମେତ ତାଙ୍କ ସମର୍ଥିତ ୪ ୱାର୍ଡସଭ୍ୟାସଭ୍ୟ ଅନୁପସ୍ଥିତ ରହିଥିଲେ। ୧ ମାସର ଛକାପଞ୍ଝା ପରେ ଜିଲା ପ୍ରଶାସନ ଚିଠି ନଂ.୧୬୭୯୩/୨୫ ନିର୍ଦ୍ଦେଶକ୍ରମେ ଗୁରୁବାର ପୂର୍ବାହ୍ନରେ ପଞ୍ଚାୟତ କାର୍ଯ୍ୟାଳୟରେ ପୋଲିସ ଫୋର୍ସ ଉପସ୍ଥିତିରେ ଏହି ଅନାସ୍ଥା ଭୋଟ୍ ହୋଇଥିଲା। ସରପଞ୍ଚଙ୍କ ମନମୁଖି କାର୍ଯ୍ୟରେ ନାଏବ ସରପଞ୍ଚ ବନମାଳୀ ସାମଲଙ୍କ ସହ ଅନ୍ୟ ୧୦ ୱାର୍ଡସଭ୍ୟାସଭ୍ୟ ଅସନ୍ତୋଷ ପ୍ରକାଶ କରିଥିଲେ। ପରେ ସେମାନେ ଉପଜିଲାପାଳ ତାପସ ରଞ୍ଜନ ଦେହୁରୀଙ୍କୁ ଭେଟି ସରପଞ୍ଚଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ପାଇଁ ଲିଖିତ ଦାବି ଜଣାଇଥିଲେ। ଏହି ଦାବିକୁ ଗ୍ରହଣକରି ଉପଜିଲାପାଳ ୮।୧୦।୨୦୨୫ରେ ଅନାସ୍ଥା ଭୋଟ୍ ପାଇଁ ଦିନ ଧାର୍ଯ୍ୟ କରିଥିଲେ। ହେଲେ ତା'ପୂର୍ବରୁ ସରପଞ୍ଚଙ୍କ ସମର୍ଥକ ପଞ୍ଚାୟତର ୩ନଂ. ୱାର୍ଡସଭ୍ୟ ଧନେଶ୍ୱର ସେଠୀଙ୍କୁ ଅପହରଣ କରି ନେଇଥିଲେ। ଫଳରେ ଆଇନଶୃଙ୍ଖଳା ବ୍ୟାହତ ଆଶଙ୍କାରେ ଧାର୍ଯ୍ୟ ତାରିଖରେ ହେବାକୁ ଥିବା ଅନାସ୍ଥା ପ୍ରସ୍ତାବ ଭୋଟ୍‌କୁ ଅନିର୍ଦ୍ଦିଷ୍ଟକାଳ ପାଇଁ ସ୍ଥଗିତ ରଖାଯାଇଥିଲା।

# ଭୋଟଗଣତି ଫଳାଫଳ ଘୋଷଣା ହେବନି: ହାଇକୋର୍ଟ

**ପୌର ପରିଷଦ ଉପାଧ୍ୟକ୍ଷା ଅନାସ୍ଥା ପ୍ରସଙ୍ଗ**

ରାୟଗଡ଼ା, ୬।୧୧ (ଆଶିଷ ରଞ୍ଜନ ପଣ୍ଡା)

ରାୟଗଡ଼ା ପୌର ପରିଷଦ ଉପାଧ୍ୟକ୍ଷା ଶୁଭ୍ରା ପଣ୍ଡାଙ୍କ ବିରୋଧରେ କାଉନସିଲରମାନେ ଆଣିଥିବା ଅନାସ୍ଥା ପ୍ରସ୍ତାବ ଭୋଟିଂ ପରେ ହାଇକୋର୍ଟ ଗଣତି ପାଇଁ ଯେଉଁ ରହିତାଦେଶ ଜାରି କରିଥିଲେ ସେନେଇ ବୁଧବାର ଶୁଣାଣି ହୋଇଛି। ଭୋଟ ଗଣତି ହୋଇପାରିବ, ହେଲେ ଫଳାଫଳ ଘୋଷଣା ହେବନାହିଁ ବୋଲି ହାଇକୋର୍ଟ ଚାରପତି ରାୟ ଦେଇଥିବା ସୂଚନା ମିଳିଛି। ଏ ସମ୍ପର୍କରେ ନିର୍ବାଚନ ଅଧିକାରୀ ତଥା ରାୟଗଡ଼ା ଉପଜିଲାପାଳ ରମେଶ ଚନ୍ଦ୍ର ଜେନାଙ୍କୁ ପଚାରିବାରୁ ବର୍ତ୍ତମାନ ସୁଦ୍ଧା ହାଇକୋର୍ଟରୁ କୌଣସି ନିର୍ଦ୍ଦେଶ ଆସିନାହିଁ ବୋଲି ସେ କହିଛନ୍ତି। ଅନ୍ୟପଟେ ଏ ସମ୍ପର୍କରେ ଉପାଧ୍ୟକ୍ଷା ଶୁଭ୍ରା ପଣ୍ଡାଙ୍କୁ ପଚାରିବାରୁ ତାଙ୍କ ନିକଟରେ ଏ ନେଇ କୌଣସି ସୂଚନା ନାହିଁ ଏବଂ ଶୁଣାଣି ତାରିଖ ପରିବର୍ତ୍ତନ ହୋଇଛି ବୋଲି ସେ କହିଛନ୍ତି।

# ଓଏପିଏଫ୍ ଯବାନଙ୍କ ସନ୍ଦେହଜନକ ମୃତ୍ୟୁ

ରାୟଗଡ଼ା, ୬।୧୧ (ଆଶିଷ ରଞ୍ଜନ ପଣ୍ଡା)

ଓଡ଼ିଶା ସହାୟକ ଆରକ୍ଷୀ ବାହିନୀ (ଓଏପିଏଫ୍)ର ଜଣେ ଯବାନଙ୍କ ସନ୍ଦେହଜନକ ମୃତ୍ୟୁ ହୋଇଛି। ମୃତକ ହେଲେ ଗୌରୀ ପ୍ରସାଦ ତାଡ଼ିଙ୍ଗି (୪୫)। ରାୟଗଡ଼ା ବ୍ଲକ ପିତାମହଲ ଓ ଜେମାଦେଈପେଣ୍ଠ ରାସ୍ତା ମଝିରେ ଥିବା ଏକ କପା ବାଡ଼ ମଧ୍ୟରେ ତାଙ୍କ ମୃତଦେହ ପଡିଥିବା ଜଣାପଡିଛି। ଗୌରୀ ରାୟଗଡ଼ା ଥାନାରେ କାର୍ଯ୍ୟରତ ଥିଲେ। ଖବରପାଇ ଶେଷଖାଲ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛି। କେଉଁ କାରଣରୁ ଗୌରୀଙ୍କ ମୃତ୍ୟୁ ଘଟିଲା ତାଙ୍କ ଶବ ବ୍ୟବଚ୍ଛେଦ ପରେ ଜଣାପଡ଼ିବ ବୋଲି ପୋଲିସ ସୂଚନା ଦେଇଛି। ଛୁଟି ସରିବା ପରେ ବୁଧବାର ରାତ୍ରିରେ ମୃତ ଗୌରୀ କାର୍ଯ୍ୟରେ ଯୋଗଦେଇଥିଲେ।

# ଜେଲରେ ବିଚାରାଧୀନ କଏଦୀଙ୍କ ଆତ୍ମହତ୍ୟା ଉଦ୍ୟମ

ଝାରସୁଗୁଡ଼ା, ୬।୧୧ (ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡ଼ା ଜେଲରେ ରୋହିତ ରଜକ (୩୫) ନାମକ ଜଣେ ବିଚାରାଧୀନ କଏଦୀ ଗୁରୁବାର ବେକରେ ଗାମୁଛା ବାନ୍ଧି ଆତ୍ମହତ୍ୟା ଉଦ୍ୟମ କରିଛନ୍ତି। ତାଙ୍କୁ ଉଦ୍ଧାର କରାଯାଇ ଝାରସୁଗୁଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ତାଙ୍କୁ ବୁର୍ଲା ମେଡ଼ିକାଲକୁ ସ୍ଥାନାନ୍ତର କରାଯାଇଛି। ସୂଚନାଯୋଗ୍ୟ, ନାବାଳିକା ବଳାତ୍କାର ମାମଲାରେ ଗିରଫ ହୋଇ ରୋହିତ ଜେଲରେ ରହିଥିଲେ। ଗୁରୁବାର କୌଣସି କାରଣକୁ ନେଇ ତାଙ୍କୁ ତାଗିଦ କରାଯାଇଥିଲା। ଫଳରେ ସେ ଆତ୍ମହତ୍ୟା ଉଦ୍ୟମ କରିଥିଲେ।

# ଭାରତୀୟ ମହିଳା କ୍ରିକେଟରେ ନୂଆ ଯୁଗ



ନିର୍ମଳ କୁମାର ମିଶ୍ର

**ଭାରତୀୟ ମହିଳା କ୍ରିକେଟ ଦଳ ପ୍ରଥମ ଥର ପାଇଁ ଦିନିକିଆ ବିଶ୍ୱକପ ଚାମ୍ପିୟନ ହୋଇଛି। ଏହା ପୂର୍ବରୁ ଆଇସିସି ଦିନିକିଆ କିମ୍ବା ଟି୨୦ ବିଶ୍ୱକପ୍‌ରେ ଭାରତ କେବେ ଟ୍ରଫି ହାସଲ କରିପାରି ନ ଥିଲା। ତେଣୁ ଭାରତୀୟ ମହିଳା କ୍ରିକେଟରେ ଏକ ନୂଆ ଯୁଗର ସୂତ୍ରପାତ ହୋଇଛି କହିଲେ ଅତ୍ୟୁକ୍ତି ହେବନାହିଁ...**

୫୨ ବର୍ଷର ପ୍ରତୀକ୍ଷାର ଅନ୍ତ ଘଟିଲା। ଭାରତକୁ ପ୍ରଥମ ଏକଦିବସୀୟ ମହିଳା ବିଶ୍ୱକପ୍ ଟ୍ରଫି ମିଳିଲା। ସାକାର ହେଲା ସ୍ୱପ୍ନ। ବିଶ୍ୱକପ ଇତିହାସର ୧୩ଶ ସଂସ୍କରଣରେ ଏକ ନୂଆ ବିଜେତାର ଆବିର୍ଭାବ ହେଲା। ପ୍ରଥମଥର ପାଇଁ ଭାରତ ହେଲା ବିଶ୍ୱ ବିଜୟୀ। କଠିନ ପରିଶ୍ରମ, ଏକାଗ୍ରତା ଓ ନିରନ୍ତର ପ୍ରଚେଷ୍ଟା ମାଧ୍ୟମରେ ସ୍ୱପ୍ନ ଯେ ପୂରଣ ହୋଇପାରିବ ଏକଥା ପ୍ରମାଣ କରି ଦେଖାଇଛନ୍ତି ଭାରତୀୟ ସିନିୟର ମହିଳା ଦଳ। ଏହା ଥିଲା ଏକ ଚମତ୍କାର ବିଜୟ। ଆଇସିସି ମହିଳା ଦିନିକିଆ ବିଶ୍ୱକପ୍ ଜିତିବାରେ ଭାରତ ହେଲା ଚତୁର୍ଥ ଦେଶ। ପୂର୍ବରୁ ସଂସ୍କରଣଗୁଡ଼ିକରେ କେବଳ ଅଷ୍ଟ୍ରେଲିଆ ଏବଂ ଇଂଲଣ୍ଡର ଆଧିପତ୍ୟ ଦେଖାଯାଇଥିଲା। ଅଷ୍ଟ୍ରେଲିଆ ୭ ଏବଂ ଇଂଲଣ୍ଡ ୪ ଥର ଚାମ୍ପିୟନ ହୋଇଥିବାବେଳେ ନ୍ୟୁଜିଲାଣ୍ଡ ଥରେ ଟାଇଟଲ ହାସଲ କରିଥିଲା। ମାତ୍ର ମହିଳା କ୍ରିକେଟରେ ଆଧିପତ୍ୟ ବିସ୍ତାର କରି ଖେଳୁଥିବା ଇଂଲଣ୍ଡ ଓ ଅଷ୍ଟ୍ରେଲିଆକୁ ସେମିଫାଇନାଲରେ ହରାଇ ଦକ୍ଷିଣ ଆଫ୍ରିକା ଓ ଭାରତୀୟ ଦଳ ନୂଆ ଚାମ୍ପିୟନ ପାଇଁ କ୍ଷେତ୍ର ପ୍ରସ୍ତୁତ କରିଥିଲେ। ଏକ ରୋମାଞ୍ଚକର ଫାଇନାଲରେ ଭାରତ ୫୨ରନ୍‌ରେ ଲୌରା ୱଲଭାର୍ଡଟଙ୍କ ଦକ୍ଷିଣ ଆଫ୍ରିକା ଦଳକୁ ହରାଇ ବିଶ୍ୱକପ ବିଜୟକୁ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ କଲା। ୨୦୦୫ ଓ ୨୦୧୭ରେ ରନରଅପ୍ ଯୋଗୁ ଥିବା ଅଧୁରା ସ୍ୱପ୍ନକୁ ଭାରତ ଏଥର ସାକାର କରିବା ସହ ପ୍ରଥମ ଏସୀୟ ଦେଶ ଭାବରେ ମହିଳା ବିଶ୍ୱକପ୍ ଜିତିବାର ରେକର୍ଡ କଲା। ୧୯୮୩ ଓ ୨୦୧୧ ଏକ ଦିବସୀୟ ବିଶ୍ୱକପ୍ ଜିତିଥିବା ପୁରୁଷ ଟିମ୍ ପରେ ମହିଳା ଦଳର ଏହି ସଫଳତାରେ ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀ, ପୂର୍ବତନ ଖେଳାଳି, ବିରୋଧୀ ଦଳର ନେତା, ସମସ୍ତ ସେଲିବ୍ରିଟିମାନେ ଅଭିନନ୍ଦନ ଜଣାଇବା ସହ ଶୁଭେଚ୍ଛାର ବାର୍ତ୍ତା ଜ୍ଞାପନ କରିଛନ୍ତି। ତେଣୁ ଭାରତୀୟ ମହିଳା କ୍ରିକେଟ ଏକ ନୂଆ ସୋପାନରେ ପହଞ୍ଚିଛି ବୋଲି କହିଲେ ଅତ୍ୟୁକ୍ତି ହେବନାହିଁ।

ଭାରତୀୟ ଦଳର ଏହି ସଫଳତା ପଛରେ ଓମେନ୍ସ ପ୍ରିମିୟର ଲିଗ୍ (ଡବ୍ଲୁପିଏଲ୍)ର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଅନେକ ଯୁବ ଖେଳାଳି ସୃଷ୍ଟିକରି ବୈପ୍ଳବିକ ପରିବର୍ତ୍ତନ ଆଣିଛି ଡବ୍ଲୁପିଏଲ୍। ବିଶ୍ୱକପ ଜିତିବାପରେ ଭାରତୀୟ ଦଳ ପାଇଁ ପୁରସ୍କାରର ବର୍ଷାହେବାରେ ଲାଗିଛି। ଆଇସିସି ଚାମ୍ପିୟନ ଦଳ ଭାରତକୁ ପ୍ରାୟ ୪୦କୋଟିର ପୁରସ୍କାର ରାଶି ଘୋଷଣା କରିଥିବା ବେଳେ ବିସିସିଆଇ ୫୧କୋଟି ଦେବା ଏକ ଶୁଭ ସୂଚନା। ଏହା ବ୍ୟତୀତ ଅନ୍ୟାନ୍ୟ ଲୋଭନୀୟ ପୁରସ୍କାରମାନ ଦେବାକୁ ବିଭିନ୍ନ କମ୍ପାନୀ ଏବଂ ବ୍ୟକ୍ତିବିଶେଷ ଅପେକ୍ଷାକରି ରହିଛନ୍ତି। ଏହି ବିଜୟ ସମଗ୍ର ଦେଶରେ ମହିଳା କ୍ରିକେଟର ପ୍ରଚାର ଓ ପ୍ରସାର କରିବା ସହିତ ନୂଆ ପ୍ରତିଭାସମ୍ପନ୍ନ ଖେଳାଳି ସୃଷ୍ଟି କରିବାରେ ବେଶ୍ ସହାୟକ ହେବ। ଭାରତର ଏହି ବିଜୟ ଥିଲା ଦଳଗତ ପ୍ରଚେଷ୍ଟାର ଫଳ। ସମ୍ପୂର୍ଣ୍ଣ ଟୁର୍ନାମେଣ୍ଟରେ ୯ଟି ମ୍ୟାଚ ଖେଳିଥିବା ହରମନପ୍ରୀତଙ୍କ ଦଳ ଆରମ୍ଭରୁ ଚମତ୍କାର ପ୍ରଦର୍ଶନ କରି ପ୍ରଥମ ମ୍ୟାଚରେ ଶ୍ରୀଲଙ୍କାକୁ ୫୯ ରନ୍‌ରେ ହରାଇବା ପରେ ତାର ଚିରାଚରିତ ପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନକୁ ୮୮ ରନ୍‌ରେ ପରାସ୍ତ କରିଥିଲା। ମାତ୍ର ଲିଗ୍ ପର୍ଯ୍ୟାୟର ପରବର୍ତ୍ତୀ ୩ଟି ମ୍ୟାଚରେ ଦକ୍ଷିଣ ଆଫ୍ରିକାଠାରୁ ୩ ଉଇକେଟରେ, ୭ ଥରର ଚାମ୍ପିୟନ ଅଷ୍ଟ୍ରେଲିଆଠାରୁ ୩ ଉଇକେଟରେ ଏବଂ ୪ ଥରର ଚମ୍ପିୟନ ଇଂଲଣ୍ଡଠାରୁ ମାତ୍ର ୪ରନ୍‌ରେ ହାରିବା ଫଳରେ ଦଳ ବେଶ୍ ହତୋତ୍ସାହିତ ହୋଇପଡିଥିଲା। ମାତ୍ର ଡିଏଲ୍‌ଏସ୍ ପଦ୍ଧତିରେ ନ୍ୟୁଜିଲାଣ୍ଡକୁ ୫୩ ରନ୍‌ରେ ହରାଇବା ଏବଂ ବର୍ଷା ବାଧାପ୍ରାପ୍ତ ମ୍ୟାଚରେ ବାଂଲାଦେଶ ସହ ପଏଣ୍ଟ ଭାଗକରିବା ଦ୍ୱାରା ଭାରତ ସେମିଫାଇନାଲ ଖେଳିବା ନିଶ୍ଚିତ ହୋଇଯାଇଥିଲା। ଅଷ୍ଟ୍ରେଲିଆ ବିପକ୍ଷ ସେମିଫାଇନାଲରେ ରେକର୍ଡ ରନ୍‌ଚେଜ୍ ସହ ଭାରତ ଫାଇନାଲରେ ପ୍ରବେଶ କରିଥିଲା। ଜେମିମା ରୋଡ୍ରିଗ୍ସଙ୍କ ଶତକ ଓ ଅଧିନାୟିକା ହରମନପ୍ରୀତ କୌରଙ୍କ ସହ ତୃତୀୟ ଉଇକେଟ ପାଇଁ ୧୬୭ ରନ୍‌ର ପାର୍ଟନରଶିପ୍ ମ୍ୟାଚର ଗତିପଥ ବଦଳାଇ ଦେଇଥିଲା। ଭାରତ ୫ ଉଇକେଟରେ ଶକ୍ତିଶାଳୀ ଅଷ୍ଟ୍ରେଲିଆକୁ ପରାସ୍ତକରିବା ସହ ଏକ ଦୃଢ଼ ମନୋବଳ ନେଇ ଫାଇନାଲରେ ପ୍ରବେଶ କରିଥିଲା।

୩୩ ଦିନର ପ୍ରତୀକ୍ଷା ୩୧ ମ୍ୟାଚର ପରିସମାପ୍ତି ପରେ ଭାରତକୁ ଇତିହାସ ରଚିବାର ଅବସର ମିଳିଥିଲା। ଏହି ବିଶ୍ୱକପରେ ଅନେକ ରେକର୍ଡ ସ୍ଥାପନ ହୋଇଛି ଏବଂ ଭାଙ୍ଗିଛି ମଧ୍ୟ। ସ୍ମୃତି ମାନ୍ଧାନା ୨୦୧୭ ସଂସ୍କରଣରେ ମିତାଲି ରାଜଙ୍କ ୪୦୯ରନର ରେକର୍ଡ ଭାଙ୍ଗି ଗୋଟିଏ ବିଶ୍ୱକପ ସଂସ୍କରଣରେ ସର୍ବାଧିକ ୪୩୪ ରନ୍ ସଂଗ୍ରହ କରିଛନ୍ତି। ବିଶ୍ୱକପର ନକ୍ ଆଉଟରେ ହରମନପ୍ରୀତ କୌର ଓଭରଅଲ୍ ୪ ମ୍ୟାଚରୁ ୩୩୧ରନ୍ ସଂଗ୍ରହ କରି ଅଷ୍ଟ୍ରେଲିଆର ବେଲିଣ୍ଡା କ୍ଲାର୍କଙ୍କ ୩୩୦ ରନ୍‌ର ରେକର୍ଡ ଭଙ୍ଗ କରିଛନ୍ତି। ଅନ୍ୟ ପକ୍ଷରେ ଭାରତର ଷ୍ଟାର ଅଲରାଉଣ୍ଡର ଦୀପ୍ତି ଶର୍ମା ବିଶ୍ୱକପର ଗୋଟିଏ ସଂସ୍କରଣରେ ୯ଟି ମ୍ୟାଚରୁ ୨୧୫ ରନ୍ ସହିତ ୨୨ଟି ଉଇକେଟ୍ ନେଇଛନ୍ତି। ଫାଇନାଲରେ ୫ କିମ୍ବା ତଦୂର୍ଦ୍ଧ୍ୱ ଉଇକେଟ ନେବାରେ ସେ ବିଶ୍ୱର ଦ୍ୱିତୀୟ ଖେଳାଳି ହୋଇଛନ୍ତି। ପୂର୍ବରୁ ଇଂଲଣ୍ଡର ଆନ୍ୟା ଶ୍ରୁବସୋଲୋ ୨୦୧୭ ବିଶ୍ୱକପର ଫାଇନାଲରେ ଭାରତ ବିପକ୍ଷରେ ୪୬ ରନ ବିନିମୟରେ ୬ ଉଇକେଟ ହାସଲ କରିଥିଲେ। ତେବେ ଫାଇନାଲରେ ଅର୍ଦ୍ଧଶତକ ଶତକ ହାସଲ ସହିତ ୫ ଉଇକେଟ ଅକ୍ତିଆର କରିବାରେ ସେ ବିଶ୍ୱର ପ୍ରଥମ ଖେଳାଳି ହୋଇପାରିଛନ୍ତି। ଗତ ସଂସ୍କରଣରେ ସେ 'ପ୍ଲେୟର ଅଫ୍ ଦି ଟୁର୍ନାମେଣ୍ଟ' ମଧ୍ୟ ବିବେଚିତ ହୋଇଛନ୍ତି। ଡିଆଣ୍ଡ୍ରା ଡୋଟିନ୍‌ଙ୍କ ରେକର୍ଡର ସମକକ୍ଷ ହୋଇଛନ୍ତି ଉଇକେଟ କିପର ବ୍ୟାଟର ରିଚା ଘୋଷ। ଅନ୍ୟପକ୍ଷରେ ବିଶ୍ୱକପ ଇତିହାସର ପାଇଥିଲେ। ସେ ୭ ଓଭରରେ ୨ଟି ମେଡେନ୍ ନେବା ସହ ମାତ୍ର ୧୮ ରନ୍ ଦେଇ ୭ ଉଇକେଟ ନେଇଥିଲେ। ଭାରତ ପକ୍ଷରୁ ଦୀପ୍ତି ଶର୍ମା ୯.୩ ଓଭରରେ ୩୯ ରନ୍ ଦେଇ ୫ ଉଇକେଟ ନେବା ଫାଇନାଲରେ ଶ୍ରେଷ୍ଠ ବୋଲିଂ। ସମ୍ପୂର୍ଣ୍ଣ ଟୁର୍ନାମେଣ୍ଟରେ କିଙ୍ଗଙ୍କ ସମେତ ଦକ୍ଷିଣ ଆଫ୍ରିକାର ମାରିଜେନ କାପ୍, ଅଷ୍ଟ୍ରେଲିଆର ଆନାବେଲ ସଦରଲାଣ୍ଡ ଓ ଭାରତର ଦୀପ୍ତି ଶର୍ମା ଗୋଟିଏ ଇନିଂସରେ ୫ ବା ତାଠାରୁ ଅଧିକ ଉଇକେଟ୍ ନେଇଥିଲେ।

ସମ୍ପୂର୍ଣ୍ଣ ଟୁର୍ନାମେଣ୍ଟରେ ସର୍ବାଧିକ ଦଳଗତ ସ୍କୋର ୫ ଉଇକେଟରେ ୩୪୧ ରନ ବେଳେ ୮ଥର ବିଭିନ୍ନ ଦଳ ୩୦୦ରୁ ଅଧିକ ରନ୍ ସଂଗ୍ରହ କରିଛନ୍ତି। ଭାରତ-ଅଷ୍ଟ୍ରେଲିଆ ହାଇ ଭୋଲ୍‌ଟେଜ ସେମିଫାଇନାଲରେ ୨ ଦଳର ସ୍କୋର ସର୍ବମୋଟ ୬୭୯ ରନ୍ ରହିଥିବା ବେଳେ ପାକିସ୍ତାନ ବିପକ୍ଷରେ ଦକ୍ଷିଣ ଆଫ୍ରିକା ସର୍ବାଧିକ ୧୫୯ ରନ୍ ବ୍ୟବଧାନରେ ମ୍ୟାଚ ଜିତିଛି। ନ୍ୟୁଜିଲାଣ୍ଡ ବିପକ୍ଷରେ ବାଂଲାଦେଶ ଗୁଆହାଟୀରେ ଅତିରିକ୍ତଭାବେ ସର୍ବାଧିକ ୩୦ରନ୍ ବ୍ୟୟ କରିଥିଲା। ଭାରତ ବିପକ୍ଷରେ ଅଷ୍ଟ୍ରେଲିଆର ଅତିରିକ୍ତ ରନ୍ ୨୪ ରହିଥିଲା। ବିଶାଖାପାଟଣା ମ୍ୟାଚରେ ଦକ୍ଷିଣ ଆଫ୍ରିକାର ନାଦିନେ ଡି' କ୍ଲର୍କ ଭାରତ ବିପକ୍ଷରେ ଗୋଟିଏ ଇଂନିସରେ ସର୍ବାଧିକ ୫ଟି ଛକା ମାରିଥିଲେ।

ଫାଇନାଲରେ ଭାରତ ଦ୍ୱିତୀୟ ସର୍ବାଧିକ ୨୯୮ ରନ୍ କରିଥିଲା। ୨୦୨୨ରେ ଅଷ୍ଟ୍ରେଲିଆ କରିଥିବା ୩୫୬ ରନ ଏବେ ମଧ୍ୟ ରେକର୍ଡ ହୋଇ ରହିଛି। ଭାରତ ପକ୍ଷରୁ ଶେଫାଳି ବର୍ମା ଓ ସ୍ମୃତି ମାନ୍ଧାନା ଓପନିଂ ପାର୍ଟନରଶିପ୍ ଶତକୀୟ ଭାଗୀଦାରି ଗଢ଼ିବା ଭାରତ ପାଇଁ ରେକର୍ଡ। ଦକ୍ଷିଣ ଆଫ୍ରିକା ଅଧିନାୟକ ଲୌରା ୱଲଭର୍ଡଟ ୯ ମ୍ୟାଚରୁ ୨ଟି ଶତକ ଓ ୩ ଅର୍ଦ୍ଧଶତକ ସହ ସର୍ବାଧିକ ୫୭୧ରନ ସଂଗ୍ରହ କରିଥିବାବେଳେ ଭାରତର ଦୀପ୍ତି ଶର୍ମା ୯ ମ୍ୟାଚରୁ ସର୍ବାଧିକ ୨୨ ଉଇକେଟ ପାଇଥିଲେ। ସମ୍ପୂର୍ଣ୍ଣ ଟୁର୍ନାମେଣ୍ଟରେ ବ୍ୟାଟରମାନେ ୧୫ଟି ଶତକ ଓ ୭୫ଟି ଅର୍ଦ୍ଧ ଶତକ ହାସଲ କରିଛନ୍ତି। ସେହିପରି ୧୩୩ ଛକା ହୋଇଥିବା ବେଳେ ଦକ୍ଷିଣ ଆଫ୍ରିକା ବିପକ୍ଷରେ ଇନ୍ଦୋର ମ୍ୟାଚରେ ବେଷ୍ଟ ବୋଲିଂ ସ୍ପେଲ ପକାଇଥିଲେ ଅଷ୍ଟ୍ରେଲିଆର ଆଲାନା କିଙ୍ଗ୍।

ଭାରତ ଚାମ୍ପିୟନ ହୋଇ ନୂଆ ରେକର୍ଡ ସୃଷ୍ଟି କରିଛି। ଆଶା କରାଯାଉଥିଲା ଚଳିତ ୧୩ଶ ସଂସ୍କରଣରେ ଅନେକ ରେକର୍ଡ ପ୍ରତିଷ୍ଠା ହେବା ସହ ହାଇସ୍କୋର ମ୍ୟାଚ ଦେଖିବାକୁ ମିଳିବ। ତାହାହିଁ ହେଲା। ୧୯୮୩, ୨୦୧୧ରେ ଆଇସିସି ପୁରୁଷ ବିଶ୍ୱକପ ପରି ୨୦୨୫ରେ ମହିଳା ବିଶ୍ୱକପ୍‌ରେ ଭାରତ ଯେପରି ଦଳଗତ ପ୍ରଦର୍ଶନ ମାଧ୍ୟମରେ ଚାମ୍ପିୟନ ହେଲା, ଏଥିରୁ ଏକ ନୂଆ ଯୁଗର ଆରମ୍ଭ ହେଲା ବୋଲି କୁହାଯାଇପାରେ।



ଭାରତୀୟ ଦଳ

### ଦିନିକିଆ ମହିଳା ବିଶ୍ୱକପ୍‌ରେ ଭାରତ

* ୧୯୭୩: ଅଂଶଗ୍ରହଣ କରି ନ ଥିଲା
* ୧୯୭୮: ୪ ଦଳ ମଧ୍ୟରେ ଚତୁର୍ଥ ସ୍ଥାନ
* ୧୯୮୨: ୫ ଦଳ ମଧ୍ୟରେ ୪ର୍ଥ ସ୍ଥାନ
* ୧୯୮୮: ଅଂଶଗ୍ରହଣ କରି ନ ଥିଲା
* ୧୯୯୩: ରାଉଣ୍ଡ ରବିନ ପର୍ଯ୍ୟାୟରେ ଚତୁର୍ଥ
* ୧୯୯୭: ସେମିଫାଇନାଲିଷ୍ଟ
* ୨୦୦୦: ସେମିଫାଇନାଲିଷ୍ଟ
* ୨୦୦୫: ରନର ଅପ୍ (ଫାଇନାଲରେ ଅଷ୍ଟ୍ରେଲିଆଠାରୁ ପରାସ୍ତ)
* ୨୦୦୯: ତୃତୀୟ ସ୍ଥାନ (ତୃତୀୟ ସ୍ଥାନ ପ୍ଲେ-ଅଫ୍‌ରେ ଅଷ୍ଟ୍ରେଲିଆକୁ ହରାଇଲା)
* ୨୦୧୩: ଗ୍ରୁପ୍ ପର୍ଯ୍ୟାୟ
* ୨୦୧୭: ରନର ଅପ୍ (ଫାଇନାଲରେ ଇଂଲଣ୍ଡଠାରୁ ପରାସ୍ତ)
* ୨୦୨୨: ରାଉଣ୍ଡ ରବିନ ଲିଗ୍‌ରେ ୫ମ ସ୍ଥାନ
* ୨୦୨୫: ଚାମ୍ପିୟନ (ଫାଇନାଲରେ ଦକ୍ଷିଣ ଆଫ୍ରିକାକୁ ୫୨ ରନରେ ହରାଇଲା)



ବିଶ୍ୱକପ ଟ୍ରଫି ସହ ହରମନପ୍ରୀତ କୌର

# ଭାଗ୍ୟବାନ୍ ଶେଫାଳି

**ନିଷ୍ଠାର ସହ ପରିଶ୍ରମ କରିଚାଲିଲେ ଭାଗ୍ୟ କେତେବେଳେ କାହାକୁ ନେଇ କେଉଁଠି ପହଞ୍ଚାଏ ତାହା ଆକଳନକରି ହୁଏନାହିଁ ଏହାର ସଦ୍ୟତମ ଉଦାହରଣ ହେଲେ ଭାରତୀୟ ମହିଳା କ୍ରିକେଟ ଦଳର ଅନ୍ୟତମ ସଦସ୍ୟା ଶେଫାଳି ବର୍ମା। ଓପନର ପ୍ରତୀକା ରାୱଲ ଆହତ ହେବା ଯୋଗୁ ମଧ୍ୟ ବିଶ୍ୱକପ୍ ପରି ବଡ଼ ଟୁର୍ନାମେଣ୍ଟର ସେମିଫାଇନାଲ ପାଇଁ ଡାକରା ପାଇବା, ସିଧାସଳଖ ଚୂଡ଼ାନ୍ତ ଏକାଦଶରେ ସାମିଲହେବା ଏବଂ ଫାଇନାଲରେ ଶ୍ରେଷ୍ଠ ଖେଳାଳି ବିବେଚିତ ହେବା ଆଦି ତାଙ୍କ ଭାଗ୍ୟ ପରିବର୍ତ୍ତନର ସୂଚନା ଦିଏ...**

-ଅନାଦି କର

ଭାରତୀୟ ମହିଳା ଦଳ ଆଇସିସି ଦିନିକିଆ ବିଶ୍ୱକପ୍ ଜିତି ଇତିହାସ ରଚିଛି। ଦଳର ଏହି ଐତିହାସିକ ସଫଳତା ପଛରେ ରହିଥିଲା ଶେଫାଳି ବର୍ମାଙ୍କ ଉଲ୍ଲେଖନୀୟ ଭୂମିକା। ଏହି ଟୁର୍ନାମେଣ୍ଟରେ ତାଙ୍କ ପ୍ରଦର୍ଶନ ଏବଂ ତାଙ୍କର କ୍ରିକେଟର ହେବାର କାହାଣୀ କୌଣସି ବଲିଉଡ୍ ଫିଲ୍ମଠାରୁ କମ୍ ନୁହେଁ। କ୍ରିକେଟ ଏକାଡେମୀରେ ଭର୍ତ୍ତିହେବା ପାଇଁ ପୁଅ ଭଳି ପୋଷାକ ପିନ୍ଧିବାଠାରୁ ହେୟାର ଷ୍ଟାଇଲ ରଖୁଥିବା ଶେଫାଳି ୧୫ ବର୍ଷ ବୟସରେ ଇଣ୍ଡିଆ ଟିମ୍ କ୍ୟାପ୍ ପିନ୍ଧି ଇତିହାସ ରଚିଥିଲେ। ବିଶ୍ୱକପ୍ ଲାଗି ଦଳରେ ନ ଥାଇ ମଧ୍ୟ ଭାଗ୍ୟ ବଳରେ ସେ ସେମିଫାଇନାଲ ଓ ଫାଇନାଲ ଖେଳିବା ସହ ଦଳକୁ ଜିତାଇଥିଲେ।

୨୦୦୪ ଜାନୁଆରୀ ୨୮ରେ ହରିୟାଣାର ରୋହତକଠାରେ ଶେଫାଳିଙ୍କ ଜନ୍ମ। ତାଙ୍କର ବଡ଼ଭାଇ ସାହିଲ ଓ ସାନ ଭଉଣୀ ନାନ୍ସି। ୩ ଭାଇ ଭଉଣୀ କ୍ରିକେଟ ଖେଳନ୍ତି। ତାଙ୍କ ବାପା ସଞ୍ଜୀବ ବର୍ମା ଜଣେ କ୍ରିକେଟ ପାଗଳ। ସେ ଏକ ଛୋଟ ଗହଣା ଦୋକାନରେ ପ୍ରୋପ୍ରାଇଟର ଭାବେ କାମ କରନ୍ତି। ୨୦୧୩ରେ ଶେଫାଳି ତାଙ୍କ ବାପାଙ୍କ ସହ ପ୍ରଥମ ଥର ପାଇଁ ରୋହତକ ନିକଟସ୍ଥ ଲାହଲି ଗ୍ରାଉଣ୍ଡକୁ ଯାଇଥିଲେ। ସେଠାରେ ମୁମ୍ବାଇ ଓ ହରିୟାଣା ମଧ୍ୟରେ ରଣଜୀ ମ୍ୟାଚ୍ ଖେଳାଯାଉଥିଲା, ଯାହାକି ସଚିନ ତେନ୍ଦୁଲକରଙ୍କର ଅନ୍ତିମ ରଣଜୀ ମ୍ୟାଚ୍ ଥିଲା। ଶେଫାଳିଙ୍କୁ ୯ ବର୍ଷ ହୋଇଥିବା ବେଳେ ତାଙ୍କ ବାପା ତାଙ୍କୁ କ୍ରିକେଟ ଏକାଡେମୀରେ ଭର୍ତ୍ତିକରିବାକୁ ଚେଷ୍ଟାକରିଥିଲେ। ହେଲେ ସେ ଝିଅ ହୋଇଥିବାରୁ ତାଙ୍କୁ ରୋହତକ ଏକାଡେମୀରେ ଭର୍ତ୍ତି କରାଯାଇ ନଥିଲା। ଏଥିଯୋଗୁ ବାପାଙ୍କ ନିର୍ଦ୍ଦେଶକ୍ରମେ ଶେଫାଳି ପୁଅଙ୍କ ଭଳି ଚୁଟି କାଟିଥିଲେ। ୨ଭାଇ ଭଉଣୀ ଏକାଭଳି ଦେଖାଯାଆନ୍ତି ଏବଂ ସମାନ ହେୟାର ଷ୍ଟାଇଲ ଯୋଗୁ ସେମାନଙ୍କୁ ଚିହ୍ନିବା କଷ୍ଟକର ଥିଲା। ତାଙ୍କ ବାପା ତାଙ୍କୁ ଜଣେ ପୁଅ ଭାବେ ଶ୍ରୀ ରାମ ନାରିନ କ୍ରିକେଟ ଏକାଡେମୀରେ ନାମ ଲେଖାଇଥିଲେ। ଏ ସମ୍ପର୍କରେ ତାଙ୍କ ବାପା ଏକ ସାକ୍ଷାତ୍କାରରେ କହିଥିଲେ, ୯ ବର୍ଷ ବୟସରେ ସବୁ ଛୁଆ ସମାନ ଦେଖାଯାଆନ୍ତି।

ବର୍ମା ଟ୍ରେନିଂ ଆରମ୍ଭ କରିବାର କିଛି ମାସ ମଧ୍ୟରେ ତାଙ୍କଠାରୁ ୪ ବର୍ଷ ବଡ଼ ୧୪ ବର୍ଷରୁ କମ୍ ବାଳକ ଖେଳାଳିଙ୍କ ସହ ଖେଳିବା ଆରମ୍ଭ କରିଥିଲେ। ଏହାସତ୍ତ୍ୱେ ତାଙ୍କୁ ପଡ଼ୋଶୀ ଓ ସମ୍ପର୍କୀୟ କ୍ରିକେଟ ଖେଳିବା ପାଇଁ କଟାକ୍ଷ କରୁଥିଲେ। ଟ୍ରେନିଂରେ ସଫଳତା ପରେ ମଧ୍ୟ ତାଙ୍କୁ ଏକାଡେମୀର ପୁରୁଷ ଖେଳାଳିଙ୍କ ଟୁର୍ନାମେଣ୍ଟରେ ଖେଳାଯାଉ ନ ଥିଲା। କିନ୍ତୁ ଏକଦା ତାଙ୍କ ଭାଇ ସାହିଲ ଅସୁସ୍ଥ ଥିବାରୁ ତାଙ୍କ ବଦଳରେ ସେ ୧୨ ବର୍ଷରୁ କ୍ରିକେଟ ଟୁର୍ନାମେଣ୍ଟରେ ଖେଳିଥିଲେ।

ଏପରିକି ୧୦ ଓଭରିଆ ଟୁର୍ନାମେଣ୍ଟରେ ସେ ପ୍ଲେୟର ଅଫ୍ ଦି ଟୁର୍ନାମେଣ୍ଟ ଆୱାର୍ଡ ଜିତିଥିଲେ। ରୋହତକସ୍ଥିତ ସେଣ୍ଟ ପଲ ସ୍କୁଲରେ ପଢ଼ିବା ବେଳେ ସ୍କୁଲ ପ୍ରିନ୍ସିପାଲ କଲଭିନ୍ଦର ସିଧୁ କ୍ରିକେଟ ପ୍ରତି ତାଙ୍କ ଆବେଗ ଦେଖି ପ୍ରଭାବିତ ହୋଇଥିଲେ। ପ୍ରିନ୍ସିପାଲ ସ୍କୁଲ କୋଚ୍ ସୁନୀଲ ଭାଟ୍ସଙ୍କୁ ମହିଳାଙ୍କ ଲାଗି କ୍ରିକେଟ ଏକାଡେମୀ ପ୍ରତିଷ୍ଠା କରିବାକୁ କହିଥିଲେ, ଯେଉଁ ଏକାଡେମୀ ତାଙ୍କୁ ଉପଯୁକ୍ତ ପ୍ରଶିକ୍ଷଣ ଦେଇଥିଲା। କିନ୍ତୁ ସେ ପାଠ ପଢ଼ାରେ ଭଲ ନ ଥିଲେ। ସେ ୧୦ମ ଶ୍ରେଣୀ ପରୀକ୍ଷାରେ ଫେଲ୍ ହୋଇଥିଲେ। ସେ ୨୦୧୭-୧୮ ସିଜନରେ ହରିୟାଣା ପାଇଁ ଘରୋଇ କ୍ରିକେଟ ଖେଳିବା ଆରମ୍ଭ କରିଥିଲେ। ଆଟାକିଂ ବ୍ୟାଟିଂ ଯୋଗୁ ୨୦୧୯ରେ ତାଙ୍କୁ ଓମେନ୍ସ ଟି୨୦ ଚ୍ୟାଲେଞ୍ଜରେ ଭେଲୋସିଟି ପାଇଁ ଖେଳିବାକୁ ସୁଯୋଗ ମିଳିଥିଲା। ସେ ଏକ ମ୍ୟାଚ୍‌ରେ ସେ ୩୧ ବଲରେ ୩୪ ରନ କରିଥିଲେ। ସେହି ବର୍ଷ ସେପ୍ଟେମ୍ବରରେ ତାଙ୍କୁ ଭାରତୀୟ ଟି୨୦ ଦଳରେ ସାମିଲ କରାଯାଇଥିଲା। ସେ ୧୫ ବର୍ଷ ବୟସରେ ଦକ୍ଷିଣ ଆଫ୍ରିକାରେ ଭାରତ ପାଇଁ ପଦାର୍ପଣ ମ୍ୟାଚ୍ ଖେଳିଥିଲେ। ଅନ୍ତର୍ଜାତୀୟ ଟି୨୦ କ୍ରିକେଟରେ ଭାରତ ପାଇଁ ଖେଳିବାରେ ସେ ସର୍ବକନିଷ୍ଠ ଖେଳାଳି। ନଭେମ୍ବରରେ ସେ ୱେଷ୍ଟଇଣ୍ଡିଜ୍ ବିପକ୍ଷରେ ଅର୍ଦ୍ଧଶତକୀୟ ପାଳି ଖେଳି ସର୍ବକନିଷ୍ଠ ଭାରତୀୟ ଖେଳାଳି ଭାବେ ଅନ୍ତର୍ଜାତୀୟ କ୍ରିକେଟରେ ଅର୍ଦ୍ଧଶତକ ହାସଲ କରିବାର ରେକର୍ଡ କରିଥିଲେ। ସେହି ୫ ମ୍ୟାଚ୍ ବିଶିଷ୍ଟ ସିରିଜ୍‌ରେ ସେ ୧୫୮ ରନ କରିବା ସହ ପ୍ଲେୟର ଅଫ୍ ଦି ସିରିଜ୍ ବିବେଚିତ ହୋଇଥିଲେ। ୨୦୨୦ ଜାନୁଆରୀରେ ତାଙ୍କୁ ଆଇସିସି ମହିଳା ଟି୨୦ ବିଶ୍ୱକପ୍ ଲାଗି ଭାରତୀୟ ଦଳରେ ଓ ବିସିସିଆଇର ସେଣ୍ଟ୍ରାଲ କଣ୍ଟ୍ରାକ୍ଟରେ ସାମିଲ କରାଯାଇଥିଲା। ଏହି ବର୍ଷ ସେ ମହିଳା ଟି୨୦ କ୍ରିକେଟରେ ସେ ନଂ. ୧ ବ୍ୟାଟର ମଧ୍ୟ ରହିଥିଲେ। ସେ ୨୦୨୧ରେ ଉଭୟ ଦିନିକିଆ ଓ ଟେଷ୍ଟ ଫର୍ମାଟରେ ଇଂଲଣ୍ଡ ବିପକ୍ଷରେ ପଦାର୍ପଣ କରିଥିଲେ। ୨୦୨୨ ମହିଳା ଦିନିକିଆ ବିଶ୍ୱକପ୍ ଓ କମନୱେଲ୍‌ଥ ଗେମ୍ସ ଲାଗି ଭାରତୀୟ ଦଳରେ ସେ ସ୍ଥାନ ପାଇଥିଲେ। ୨୦୨୩ ଓମେନ୍ସ ପ୍ରିମିୟର ଲିଗ୍ ଅକ୍ସନରେ ସେ ୨ କୋଟି ଟଙ୍କା ଦିଲ୍ଲୀ କ୍ୟାପିଟାଲ୍ସରେ ସାମିଲ ହୋଇଥିଲେ। ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ବିପକ୍ଷ ପଦାର୍ପଣ ଡବ୍ଲୁପିଏଲ୍ ମ୍ୟାଚ୍‌ରେ ଅର୍ଦ୍ଧଶତକୀୟ ପାଳି ଖେଳିଥିଲେ। ଗତ ଜୁଲାଇରେ ଦକ୍ଷିଣ ଆଫ୍ରିକା ଓ ଭାରତ ମଧ୍ୟରେ ଖେଳାଯାଇଥିବା ଏକମାତ୍ର ଟେଷ୍ଟ ମ୍ୟାଚ୍‌ରେ ସେ ୧୯୭ ବଲରେ ୨୦୫ ରନ କରିଥିଲେ। ମହିଳା ଟେଷ୍ଟ କ୍ରିକେଟରେ ଏହା ଦ୍ରୁତତମ ଦ୍ୱିଶତକ। ସେ ଟେଷ୍ଟ କ୍ରିକେଟରେ ମିତାଲି ରାଜଙ୍କ ପରେ ଦ୍ୱିତୀୟ ଭାରତୀୟ ମହିଳା ବ୍ୟାଟର ଭାବେ ଦ୍ୱିଶତକ ହାସଲ କରିଥିଲେ।

ବିସ୍ଫୋରକ ବ୍ୟାଟିଂ ଯୋଗୁ ସେ ପ୍ରଦର୍ଶନରେ ସ୍ଥିରତା ରକ୍ଷା କରିପାରି ନ ଥିଲେ। ଏହି କାରଣରୁ ଭାରତୀୟ ଦିନିକିଆ ଦଳରୁ ତାଙ୍କୁ ଦୀର୍ଘଦିନ ଧରି ବାଦ୍ ଦିଆଯାଇଥିଲା। ତାଙ୍କ ବଦଳରେ ପ୍ରତୀକା ରାୱଲଙ୍କୁ ସ୍ମୃତି ମାନ୍ଧାନାଙ୍କ ସହ ଦଳର ଓପନିଂ ଭାର ଦିଆଯାଇଥିଲା। ଦୁହେଁ ବିଶ୍ୱକପ୍‌ର ଲିଗ୍ ପର୍ଯ୍ୟାୟ ଶେଷ ହେବା ପର୍ଯ୍ୟନ୍ତ ଖୁବ୍ ଭଲ ପ୍ରଦର୍ଶନ କରିଥିଲେ। ଏପରିକି ୨୦୨୪ ଡିସେମ୍ବରରେ ପଦାର୍ପଣ କରିଥିବା ପ୍ରତୀକା ବିଶ୍ୱକପ୍‌ରେ ଆହତ ହେବା ପୂର୍ବରୁ ୨୪ ମ୍ୟାଚ୍‌ରେ ପ୍ରାୟ ୫୧ ଆଭରେଜ୍‌ରେ ୨ ଶତକ ଓ ୭ ଅର୍ଦ୍ଧଶତକ ସହ ୧୧୧୦ ରନ କରିଥିଲେ। ପ୍ରତୀକାଙ୍କ ଉଲ୍ଲେଖନୀୟ ପ୍ରଦର୍ଶନ ଯୋଗୁ ଶେଫାଳିଙ୍କୁ ଘରୋଇ କ୍ରିକେଟରେ ନିଜ ସ୍କିଲ୍ ଉପରେ କାମ କରିବାକୁ ସୁଯୋଗ ମିଳିଥିଲା। ପ୍ରତୀକା ଆହତ ହୋଇ ଟୁର୍ନାମେଣ୍ଟରୁ ବାଦ୍ ପଡ଼ିବା ପରେ ଶେଫାଳିଙ୍କୁ ତାଙ୍କର ସେହି ଆଟାକିଂ ବ୍ୟାଟିଂ ଷ୍ଟାଇଲ ଯୋଗୁ ସିଧାସଳଖ ଚୂଡ଼ାନ୍ତ ଏକାଦେଶରେ ସାମିଲ କରାଯାଇଥିଲା।

ଦକ୍ଷିଣ ଆଫ୍ରିକା ବିପକ୍ଷ ଫାଇନାଲରେ ସେ ୭୮ ବଲରେ ୮୭ ରନର ମୂଲ୍ୟବାନ୍ ଇନିଂସ ଖେଳିଥିଲେ, ଯାହାକି ତାଙ୍କର ଛୋଟିଆ ଦିନିକିଆ କ୍ୟାରିୟରରେ ଥିଲା ସର୍ବାଧିକ ସ୍କୋର। ତାଙ୍କର ଏହି ଦ୍ରୁତ ଇନିଂସ ବଳରେ ଭାରତ ୫୦ ଓଭରରେ ୭ ଉଇକେଟ ହରାଇ ୨୯୮ ରନ ସ୍କୋର କରିପାରିଥିଲା। ବୋଲିଂରେ ମଧ୍ୟ ସୁନେ ଲୁସ୍ ଓ ମାରିଜେନ କାପଙ୍କ ଭଳି ଦୁଇ ଇନ୍‌ଫର୍ମ ବ୍ୟାଟରଙ୍କୁ ଆଉଟ୍ କରି ଦକ୍ଷିଣ ଆଫ୍ରିକା ଉପରେ ଚାପ ଲଦି ଦେଇଥିଲେ। ଫାଇନାଲରେ ଭାରତ ୫୨ ରନରେ ଜିତିବା ପରେ ଶେଫାଳି ପାଇଥିଲେ ପ୍ଲେୟର ଦି ମ୍ୟାଚ୍ ପୁରସ୍କାର।



ଅଧିନାୟିକା ହରମନପ୍ରୀତ କୌରଙ୍କ ସହ ଖୁସି ମୁହୂର୍ତ୍ତରେ ଶେଫାଳି ବର୍ମା।

### ଇନକ୍ରିଡେବଲ

ଲେଡି ୱାନ୍‌ଡେ କ୍ରିକେଟ ବିଶ୍ୱକପ ଜିତି
ଦେଶ କଲା ଇତିହାସ
ବିଶ୍ୱ ବିଜୟିନୀ ଟିମ୍ ଇଣ୍ଡିଆର
ଏ ଅଭୁଲା ସ୍ମୃତି ଯଶ
ଡାଉନ ଆଲିସା କଷ
ଇନକ୍ରିଡେବଲ ଟିମ୍ ପରଫର୍ମାନ୍ସ
ଦେଖି ଫ୍ୟୁଜ ଲୌରା ହସ।




ରିଚା, ଦୀପ୍ତି ଶର୍ମା, ଜେମିମା, ମାନ୍ଧାନା
ହରମନପ୍ରୀତ କୌର
ଟିମ୍ ସେନା ସହ କୋଚ୍ ଗୁରୁ ଥିଲେ
ଅମୋଲ ମଜୁମଦାର
ମାସ ଥିଲା ନଭେମ୍ବର
ଟୁ ଥାଉଜାଣ୍ଡ ଟ୍ୱେଣ୍ଟି ଫାଇଭ୍ ଇୟର
ମନେ ଥିବ ନିରନ୍ତର।

ଝିଅ ଜନ୍ମ ହେଲେ ହଜବ୍ୟାଣ୍ଡ ଏଠି
ସ୍ତ୍ରୀ'ଙ୍କୁ ମାରନ୍ତି ମାଡ଼
ପୁଅଠାରୁ ଝିଅ ଫାର ବେଟର
ଏକଜାମ୍ପଲ ଅଛି ବଡ଼
ସବୁ ମହଲରେ ପଢ଼
ୱିମେନ ପାୱାର ପାଇଁ ବଢ଼େ ଦେଶ
ନାରୀ ଶକ୍ତି ଜିଣେ ଗଡ଼।

-ସୁବାସ ଚନ୍ଦ୍ର ପ୍ରଧାନ




# ଚତୁର୍ଥ ଟି୨୦: ଭାରତର ସହଜ ବିଜୟ

**କାରାରା (କ୍ୱିନ୍ସଲାଣ୍ଡ), ୬।୧୧**

ଅକ୍ଷର ପଟେଲଙ୍କ ଅଲରାଉଣ୍ଡ ପ୍ରଦର୍ଶନ ଓ ବୋଲରଙ୍କ ଲକ୍ଷ୍ୟପୂର୍ଣ୍ଣ ବୋଲିଂ ବଳରେ ଏଠାରେ ଅଷ୍ଟ୍ରେଲିଆ ବିପକ୍ଷରେ ଖେଳାଯାଇଥିବା ଚତୁର୍ଥ ଟି୨୦ ମ୍ୟାଚ୍‌କୁ ଭାରତୀୟ ଦଳ ୪୮ ରନରେ ଜିତି ନେଇଛି। ଏହି ବିଜୟ ସହ ୫ ମ୍ୟାଚ୍ ବିଶିଷ୍ଟ ଟି୨୦ ସିରିଜ୍‌ରେ ଭାରତ ୨-୧ରେ ଆଗରେ ରହିଛି। ମ୍ୟାଚ୍‌ରେ ଭାରତ ଦ୍ୱାରା ପ୍ରଦତ୍ତ ୧୬୮ ରନର ଟାର୍ଗେଟ ଆଗରେ ଅଷ୍ଟ୍ରେଲିଆ ୧୧୯

## ୨-୧ରେ ଆଗୁଆ

ରନରେ ଅଲଆଉଟ୍ ହୋଇଯାଇଥିଲା। ଅଲରାଉଣ୍ଡ ପ୍ରଦର୍ଶନ ଯୋଗୁ ଅକ୍ଷରଙ୍କୁ ପ୍ଲେୟର ଅଫ୍ ଦି ମ୍ୟାଚ୍ ବିବେଚିତ କରାଯାଇଛି। ସିରିଜ୍‌ର ଅନ୍ତିମ ତଥା ନିର୍ଣ୍ଣାୟକ ମ୍ୟାଚ୍ ଆସନ୍ତା ୮ ତାରିଖରେ ବ୍ରିସବେନସ୍ଥିତ ଦି ଗାବାରେ ଖେଳାଯିବ।

ଆମନ୍ତ୍ରଣ ପାଇ ପ୍ରଥମେ ବ୍ୟାଟିଂ କରିଥିବା ଭାରତୀୟ ଦଳକୁ ଅଭିଷେକ ଶର୍ମା ଓ ଶୁବମନ ଗିଲ ୫୬ ରନର ଆରମ୍ଭ ଦେଇଥିଲେ। ସପ୍ତମ ଓଭରରେ ଆଡାମ ଜାମ୍ପାଙ୍କ ଏକ ବଲ୍‌କୁ ଛକା ମାରିବାକୁ ଯାଇ ଅଭିଷେକ (୨୮ ରନ, ୩ ଚୌକା ଓ ୧ ଛକା) ଆଉଟ୍ ହୋଇଥିଲେ। ନଂ-୩ରେ ଆସିଥିବା ଶିବମ୍ ଦୁବେ (୨୨ ରନ, ୧ ଲେଖାଏ ଚୌକା ଓ ଛକା) କିଛି ଖାସ କରିପାରି ନ ଥିଲେ। କ୍ରିଜ୍‌ରେ ସେଟ ହୋଇଥିବା ଗିଲ ୩୯ ବଲରେ ୪୬ (୪ ଚୌକା ଓ ୧ ଛକା) ରନ କରିଥିବା ବେଳେ ନାଥନ ଏଲିସଙ୍କ ବଲରେ କ୍ଲିନ ବୋଲ୍ଡ ହୋଇଥିଲେ। ଅଧିନାୟକ ସୂର୍ଯ୍ୟକୁମାର ଯାଦବ ୨୦ (୨ ଛକା), ତିଲକ ବର୍ମା (୫), ଜିତେଶ ଶର୍ମା (୩), ୱାଶିଂଟନ ସୁନ୍ଦର (୧୨), ଅର୍ଶଦୀପ ସିଂ (୦) କ୍ରମାଗତ ବ୍ୟବଧାନରେ ଆଉଟ୍ ହୋଇଥିଲେ। ଶେଷ ଓଭରରେ ଅକ୍ଷରଙ୍କ ଆଟାକିଂ ବ୍ୟାଟିଂ ଯୋଗୁ ଭାରତ ନିର୍ଦ୍ଧାରିତ ୨୦ ଓଭରରେ ୮ ଉଇକେଟ ହରାଇ ୧୬୭ ରନ କରିଥିଲା। ଅକ୍ଷର ୧୧ ବଲରେ ୧ ଲେଖାଏ ଚୌକା ଓ ଛକା ସହିତ ୨୧ ରନ କରି ଅପରାଜିତ ରହିଥିଲେ। ଅଷ୍ଟ୍ରେଲିଆ ପାଇଁ ଏଲିସ ଓ ଜାମ୍ପା ୩ ଲେଖାଏ ଉଇକେଟ ନେଇଥିଲେ। ଜବାବରେ ଅଷ୍ଟ୍ରେଲିଆକୁ ଅଧିନାୟକ ମିଚେଲ ମାର୍ଶ (୩୦ ରନ୍, ୪ ଚୌକା) ଓ ମାଥ୍ୟୁ ଶର୍ଟ (୨୫ ରନ୍, ୨ ଲେଖାଏ ଚୌକା ଓ ଛକା) ଭଲ ଆରମ୍ଭ ଦେଇଥିଲେ। ହେଲେ ଏହାପରେ କୌଣସି ବ୍ୟାଟର ଭାରତୀୟ ବୋଲରଙ୍କ ସାମ୍ନାରେ ଅଧିକ ସମୟ ତିଷ୍ଠି ପାରି ନ ଥିଲେ। ଏକଦା ୯୧/୩ ସ୍କୋର କରିଥିବା ଅଷ୍ଟ୍ରେଲିଆ ପରବର୍ତ୍ତୀ ୨୮ ରନ ମଧ୍ୟରେ ବଳକା ୭ ଉଇକେଟ ହରାଇଥିଲା। ଫଳରେ ଅଷ୍ଟ୍ରେଲିଆ ୧୮.୨ ଓଭରରେ ୧୧୯ ରନରେ ଅଲଆଉଟ୍ ହୋଇଯାଇଥିଲା। ଭାରତ ପକ୍ଷରୁ ୱାଶିଂଟନ ୩ ଉଇକେଟ ନେଇଥିବା ବେଳେ ଅକ୍ଷର ଓ ଶିବମ୍ ୨ ଲେଖାଏ ଏବଂ ଅର୍ଶଦୀପ, ଯଶପ୍ରୀତ ବୁମରା ଓ ବରୁନ ଚକ୍ରବର୍ତ୍ତୀ ଗୋଟିଏ ଲେଖାଏ ଉଇକେଟ ହାତେଇଥିଲେ।



ଉଇକେଟ ନେବା ପରେ ଅକ୍ଷର ପଟେଲଙ୍କୁ ବଧେଇ ଜଣାଉଛନ୍ତି ଅର୍ଶଦୀପ ସିଂ (ଡାହାଣ)।

**ସଂକ୍ଷିପ୍ତ ସ୍କୋର**

ଭାରତ: ୨୦ ଓଭରରେ ୧୬୭/୮ (ଶୁବମନ ଗିଲ-୪୬, ଅଭିଷେକ ଶର୍ମା-୨୮, ଅକ୍ଷର ପଟେଲ-୨୧*, ନାଥନ ଏଲିସ-୩/୨୧, ଆଡାମ ଜାମ୍ପା-୩/୪୫)। ଅଷ୍ଟ୍ରେଲିଆ: ୧୮.୨ ଓଭରରେ ୧୧୯/ଅଲଆଉଟ୍ (ମିଚେଲ ମାର୍ଶ-୩୦, ମାଥ୍ୟୁ ଶର୍ଟ-୨୫, ୱାଶିଂଟନ ସୁନ୍ଦର-୩/୩, ଶିବମ ଦୁବେ-୨/୨୦, ଅକ୍ଷର ପଟେଲ-୨/୨୦)।

# ରାଷ୍ଟ୍ରପତି ମୁର୍ମୁଙ୍କୁ ଟିମ୍ ଇଣ୍ଡିଆ ଜର୍ସି ଉପହାର




ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ଟିମ୍ ଇଣ୍ଡିଆ ଜର୍ସି ଦେଉଛନ୍ତି ଅଧିନାୟିକା ହରମନପ୍ରୀତ କୌର।

**ନୂଆଦିଲ୍ଲୀ, ୬।୧୧(ପି.ଟି.)**

ବିଶ୍ୱକପ୍ ବିଜୟୀ ଭାରତୀୟ ମହିଳା ଦଳ ଗୁରୁବାର ରାଷ୍ଟ୍ରପତି ଭବନରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ଭେଟିଛନ୍ତି। ଏହି ଅବସରରେ ଭାରତୀୟ ଦଳର ଅଧିନାୟିକା ହରମନପ୍ରୀତ କୌର ଦଳର ସମସ୍ତ ଖେଳାଳିଙ୍କ ସ୍ୱାକ୍ଷର ଥିବା ଜର୍ସି ରାଷ୍ଟ୍ରପତି ମୁର୍ମୁଙ୍କୁ ପ୍ରଦାନ କରିଛନ୍ତି। ଗତ ରବିବାର ଭାରତ ନଭି ମୁମ୍ବାଇଠାରେ ଅନୁଷ୍ଠିତ ଫାଇନାଲରେ ୫୨ ରନରେ ଦକ୍ଷିଣ ଆଫ୍ରିକାକୁ ପରାସ୍ତ କରି ବିଶ୍ୱକପ୍ ଟ୍ରଫି ହାସଲ କରିଥିଲା।

ଆଇସିସି ମହିଳା ବିଶ୍ୱକପ୍ ଚାମ୍ପିୟନ ଭାରତୀୟ ଦଳର ସଦସ୍ୟଙ୍କୁ ରାଷ୍ଟ୍ରପତି ଭବନକୁ ଆମନ୍ତ୍ରଣ କରାଯାଇଥିଲା। ରାଷ୍ଟ୍ରପତି ମୁର୍ମୁ ଦଳୀୟ ଖେଳାଳିଙ୍କୁ ଶୁଭେଚ୍ଛା ଦେବା ସହ କହିଛନ୍ତି, ମହିଳା କ୍ରିକେଟ ଦଳ କେବଳ ଇତିହାସ ରଚି ନାହିଁ, ବରଂ ସେମାନେ ଯୁବ ପିଢ଼ି ପାଇଁ ଜଣେ ଜଣେ ରୋଲ ମଡେଲ ପାଲଟି ଯାଇଛନ୍ତି। ଏହି ଦଳ ଭାରତକୁ ପ୍ରଦର୍ଶିତ କରୁଛି। ସେମାନେ ବିଭିନ୍ନ ଅଞ୍ଚଳ, ଭିନ୍ନ ଭିନ୍ନ ସାମାଜିକ ପୃଷ୍ଠ ଭୂମି, ଭିନ୍ନ ଭିନ୍ନ ପରିସ୍ଥିତିକୁ ପ୍ରତିନିଧିତ୍ୱ କରୁଛନ୍ତି। କିନ୍ତୁ ସେମାନେ ଗୋଟିଏ ଦଳ, ଯାହାକି ଭାରତ ବୋଲି ରାଷ୍ଟ୍ରପତି ଏକ୍ସ'ରେ ପୋଷ୍ଟ କରିଛନ୍ତି। ଏହି ଆଲୋଚନା ଅବସରରେ ଭାରତୀୟ ଦଳର ସଦସ୍ୟା ଓ ରାଷ୍ଟ୍ରପତି ମୁର୍ମୁ ବିଶ୍ୱକପ୍ ଟ୍ରଫି ସହ ଫଟୋ ଉଠାଇଥିଲେ। ଏଥିପୂର୍ବରୁ ଟିମ ଇଣ୍ଡିଆ ବୁଧବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଭେଟିଥିଲା।

# ଚାମ୍ପିୟନ ସହ ଉମେଦଙ୍କୁ ପିଜିଟିଆଇ ଟାଇଟଲ

**ଭୁବନେଶ୍ୱର, ୬।୧୧ (ତପନ ସ୍ୱାଇଁ)**

ଭୁବନେଶ୍ୱର ଗଲ୍ଫ କୋର୍ସ (ବିସିଜି)ରେ ପିଜିଟିଆଇ (ପ୍ରଫେଶନାଲ ଗଲ୍ଫ ଟୁର୍ ଅଫ୍ ଇଣ୍ଡିଆ) ନେକ୍ସଜେନ୍ସ 'ଦିଲୀପ ଟିର୍କୀ ଆମନ୍ତ୍ରଣୀୟ ଗଲ୍ଫ ଟୁର୍ନାମେଣ୍ଟ' (ଡିଟିଆଇଜିଟି) ଗୁରୁବାର ଉଦ୍‌ଯାପିତ ହୋଇଛି। ହରିୟାଣାର ଉମେଦ କୁମାର ଏହି ସମ୍ମାନଜନକ ପ୍ରତିଯୋଗିତାରେ ଚାମ୍ପିୟନ ହୋଇଛନ୍ତି। ଚଳିତ ସିଜନରେ ଏହା ହେଉଛି ଉମେଦଙ୍କର ଦ୍ୱିତୀୟ

## ଦିଲୀପ ଟିର୍କୀ ଆମନ୍ତ୍ରଣୀୟ ଗଲ୍ଫ

ନେକ୍ସଜେନ ଟାଇଟଲ। ଏଥିସହ ସେ 'ପିଜିଟିଆଇ ନେକ୍ସଜେନ ଅର୍ଡର ଅଫ୍ ମେରିଟ' ଟାଇଟଲ ହାସଲ କରିବାର ଗୌରବ ଅର୍ଜନ କରିଛନ୍ତି। ପୁରସ୍କାର ଆକାରରେ ଚାମ୍ପିୟନ ଉମେଦଙ୍କୁ ଟ୍ରଫି ସହ ୨,୫୪,୦୦୦ ଟଙ୍କାର ଚେକ୍ ପ୍ରଦାନ କରାଯାଇଛି। ଫଳରେ ଚଳିତ ସିଜନରେ ତାଙ୍କର ମୋଟ ପୁରସ୍କାର ରାଶି ୮,୬୧,୧୪୦ ଟଙ୍କାରେ ପହଞ୍ଚିଛି। ଦ୍ୱିତୀୟ ଦିବସ ଶେଷସୁଦ୍ଧା ଏକକ ଅଗ୍ରଣୀଲାଭ କରିଥିବା ୨୪ ବର୍ଷୀୟ ଉମେଦ ତୃତୀୟ ତଥା ଅନ୍ତିମ ଦିବସରେ ୱାନ-ଅଣ୍ଡର ୭୧ ପାର୍ ସ୍କୋର କରିଥିଲେ। ଫଳରେ ସେ ମୋଟ ଏଇଟ୍-ଅଣ୍ଡର ୨୦୮ (୬୭+୭୦+୭୧) ସ୍କୋର ସହ ପ୍ରତିଯୋଗିତା ଶେଷ କରିଛନ୍ତି। ପ୍ରତିଯୋଗିତା ସମ୍ପୂର୍ଣ୍ଣ ନାଟକୀୟ ଭାବେ ଶେଷ ହୋଇଥିଲା। କାରଣ ପୂର୍ବଦିନ ସୁଦ୍ଧା ଯୁଗ୍ମଭାବେ ୭ମ ସ୍ଥାନରେ ରହିଥିବା ଗୁରୁଗ୍ରାମର କୁଶାଲ ସିଂ ଅନ୍ତିମ ଦିବସରେ ସେଭେନ-ଅଣ୍ଡର ୬୫ ପାର୍ ସ୍କୋର କରିବାରୁ ଗେମ୍ ଟାଇବ୍ରେକରକୁ ଯାଇଥିଲା। କାରଣ କୁଶାଲ (୭୦+୭୩+୬୫) ମଧ୍ୟ ଏଇଟ୍-ଅଣ୍ଡର ୨୦୮ ପାର୍ ସହ ଅଭିଯାନ ଶେଷ କରିଥିଲେ। ମାତ୍ର ଟାଇବ୍ରେକରରେ ଉମେଦ ବାଜି ମାରିଥିଲେ। ଚନ୍ଦ୍ରଜିତ ଯାଦବ ସେଭେନ-ଅଣ୍ଡର ୨୦୯ ପାର୍ ସହ ତୃତୀୟ ସ୍ଥାନ ଅଧିକାର କରିଥିଲେ। ସଞ୍ଜୀବ କୁମାର ଓ ଦିଭେଶ ରାଣା ଫାଇଭ-ଅଣ୍ଡର ୨୧୧ ପାର୍ ପଏଣ୍ଟ ସହ ଯୁଗ୍ମଭାବେ ୪ର୍ଥ ସ୍ଥାନରେ ରହିଥିଲେ। ସ୍ଥାନୀୟ ପେସାଦାର ଖେଳାଳିଙ୍କ ମଧ୍ୟରେ ଅଜୟ କୁମାର ସାହୁ ସିକ୍ସ-ଓଭର ୨୨୨ ପାର୍ ସହ ୨୭ତମ ସ୍ଥାନରେ ରହିଥିଲେ। ପ୍ରକାଶ ଯୋଗ୍ୟ ଯେ, ପ୍ରଫେଶନାଲ ଗଲ୍ଫ ଟୁର୍ ଅଫ୍ ଇଣ୍ଡିଆ (ପିଜିଟିଆଇ) ଅନୁମୋଦିତ ଏହି ପ୍ରତିଯୋଗିତା ଓଡ଼ିଶାର ପ୍ରଥମ ପେସାଦାର ଗଲ୍ଫ ଟୁର୍ନାମେଣ୍ଟର ମାନ୍ୟତା ଲାଭ କରିଥିଲା। ଉଦ୍‌ଯାପନୀ ଉତ୍ସବରେ ପିଜିଟିଆଇ ସିଇଓ ଅମନଦୀପ ଜୋଲ ଓ ହକି ଇଣ୍ଡିଆ ସଭାପତି ତଥା ଏହି ପ୍ରତିଯୋଗିତାର ଉଦ୍ୟୋକ୍ତା ଦିଲୀପ ଟିର୍କୀ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ।




ପିଜିଟିଆଇ ସିଇଓ ଅମନଦୀପ ଜୋଲ ଓ ଦିଲୀପ ଟିର୍କୀ ଚାମ୍ପିୟନ ଉମେଦ କୁମାରଙ୍କୁ ପିଜିଟିଆଇ ନେକ୍ସଜେନ ଅର୍ଡର ଅଫ୍ ମେରିଟ ଟ୍ରଫି ପ୍ରଦାନ କରୁଛନ୍ତି।



ରୌପ୍ୟ ପଦକ ସହ ଅନୁପମା ସ୍ୱାଇଁ।

# ୱାର୍ଲ୍ଡ ଜୁ ଜିତ୍‌ସୁ: ଅନୁପମାଙ୍କୁ ରୌପ୍ୟ

**ଭୁବନେଶ୍ୱର, ୬।୧୧(ଅନାଦି କର)**

ଓଡ଼ିଶାର ଅନୁପମା ସ୍ୱାଇଁ ଥାଇଲାଣ୍ଡରେ ଚାଲିଥିବା ୱାର୍ଲ୍ଡ ଜୁ ଜିତ୍‌ସୁ ଚାମ୍ପିୟନଶିପ୍‌ରେ ରୌପ୍ୟ ପଦକ ଜିତି ରାଜ୍ୟ ତଥା ଦେଶକୁ ଗୌରବାନ୍ୱିତ କରିଛନ୍ତି। ସେ ୫୨ କେଜିରୁ କମ୍ ଓଜନ ବର୍ଗର କଣ୍ଟାକ୍ଟରେ ଏହି ସଫଳତା ପାଇଛନ୍ତି।

# ଭାରତୀୟ ଦଳରେ ପାରା ତୀରନ୍ଦାଜ

**ନୂଆଦିଲ୍ଲୀ, ୬।୧୧(ପି.ଟି.):** ଜେଦ୍ଦାଠାରେ ହେବାକୁ ଥିବା ଏସିଆ କପ୍ ଷ୍ଟେଜ-୩ ଲାଗି ଭାରତୀୟ ଜୁନିୟର ତୀରନ୍ଦାଜ ଦଳ ଘୋଷଣା କରାଯାଇଛି। ଜନ୍ମରୁ ହାତ ନ ଥିବା ପାରା ତୀରନ୍ଦାଜ ଶିତଲ ଦେବୀ ଏଥିରେ ସ୍ଥାନ ପାଇଛନ୍ତି। ସାଧାରଣ ଖେଳାଳିଙ୍କ ଦଳରେ ସ୍ଥାନ ପାଇବାରେ ଶିତଲ ପ୍ରଥମ ଭାରତୀୟ ପାରା ଆଥଲେଟ୍।

୨୦୨୪ ପାରାଲିମ୍ପିକ୍ସର ମିକ୍ସଡ୍ ଟିମ କମ୍ପାଉଣ୍ଡ ଇଭେଣ୍ଟରେ ବ୍ରୋଞ୍ଜ ଜିତିଥିବା ଶିତଲ ଜାତୀୟ ଚୟନ ଶିବିରରେ ଦେଶର ବିଭିନ୍ନ ରାଜ୍ୟର ୬୦ ସାଧାରଣ ଆର୍ଚ୍ଚରଙ୍କ ସହ ପ୍ରତିଦ୍ୱନ୍ଦ୍ୱିତା କରି ୩ୟ ସ୍ଥାନରେ ରହିଥିଲେ। କ୍ୱାଲିଫିକେଶନ ରାଉଣ୍ଡରେ ଶିତଲ ୭୦୩ ପଏଣ୍ଟ ସ୍କୋର କରିଥିବା ବେଳେ ଫାଇନାଲରେ ତେଜଲ (୧୫.୭୫ ପଏଣ୍ଟ) ଓ ବୈଦେହି ଯାଦବ (୧୫ ପଏଣ୍ଟ)ଙ୍କ ପଛକୁ ଶିତଲ (୧୧.୭୫) ୩ୟ ସ୍ଥାନରେ ରହିଥିଲେ।

# ଡିସକସ୍ କୁଇନ୍ ପାର୍ବତୀଙ୍କୁ ସ୍ୱର୍ଣ୍ଣ ପଦକ

**ଭୁବନେଶ୍ୱର, ୬।୧୧ (ତପନ ସ୍ୱାଇଁ)**

ଚେନ୍ନାଇରେ ଚାଲିଥିବା ଏସିଆନ ମାଷ୍ଟର୍ସ ଆଥ୍‌ଲେଟିକ୍ସ ଚାମ୍ପିୟନଶିପର ପ୍ରଥମ ଦିବସରେ ଭାରତ ପାଇଁ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି ଓଡ଼ିଶାର ଅନ୍ତର୍ଜାତୀୟ ଆଥ୍‌ଲେଟ ପାର୍ବତୀ ସେଠୀ। ଓଡ଼ିଶାର ଡିସ୍‌କସ୍ କୁଇନ୍‌ଭାବେ ପରିଚିତ ପାର୍ବତୀ ୪୧.୬୫ ମିଟର ଦୂରକୁ ଡିସ୍‌କସ୍ ଥ୍ରୋ

## ଏସିଆନ ମାଷ୍ଟର୍ସ ଆଥ୍‌ଲେଟିକ୍ସ

କରି ଏହି ସଫଳତା ଅର୍ଜନ କରିଛନ୍ତି। ପାଖାପାଖି ତିନି ଦଶନ୍ଧିଧରି ଜାତୀୟ ଓ ଅନ୍ତର୍ଜାତୀୟ ଆଥ୍‌ଲେଟିକ୍ସ ଦୃଶ୍ୟପଟରେ ତିଷ୍ଠି ରହିଥିବା ପାର୍ବତୀ ସମ୍ପ୍ରତି ଇଣ୍ଡିଆନ ରେଲୱେରେ ଡେପୁଟି ସିଟିଆଇ ଭାବେ ଭୁବନେଶ୍ୱରରେ କାର୍ଯ୍ୟରତ । ଆସନ୍ତା ୮ ତାରିଖରେ ପାର୍ବତୀ ଆଉ ଏକ ଇଭେଣ୍ଟ ଶଟ୍‌ପୁଟ୍‌ରେ ଅଂଶଗ୍ରହଣ କରିବେ। ସେଥିରେ ମଧ୍ୟ ସେ ପୋଡିୟମ ମଣ୍ଡନ କରିବେ ବୋଲି ଆଶାବାଦୀ ଅଛନ୍ତି।




ପାର୍ବତୀ ସେଠୀ

# ଖେଳାଳି ନିଲାମରେ ଭାଗନେଲେ ୧୨ ଫ୍ରାଞ୍ଚାଇଜ୍

**ଭୁବନେଶ୍ୱର, ୬।୧୧ (ତପନ ସ୍ୱାଇଁ)**

ଆଇକନିକ୍ ଓଡ଼ିଶା ଚେସ୍ ପ୍ରିମିୟର ଲିଗ୍ (ଆଇଓସିପିଏଲ୍)-୨୦୨୫ର ଅକ୍ସନ (ଖେଳାଳି ନିଲାମ) ପ୍ରକ୍ରିୟା ଗୁରୁବାର ଏଠାରେ ଅନୁଷ୍ଠିତ ହୋଇଯାଇଛି। ଅଲ୍ ଓଡ଼ିଶା ଚେସ୍ ଆସୋସିଏଶନ (ଏଓସିଏ) ଏବଂ ଆଇକନିକ୍ ସ୍ପୋର୍ଟ୍ସ ଫାଉଣ୍ଡେଶନ

## ଆଇକନିକ ଓଡ଼ିଶା ଚେସ୍ ପ୍ରିମିୟର ଲିଗ୍

(ଆଇଏସ୍ଏଫ୍)ର ଯୁଗ୍ମ ଆୟୋଜନରେ ଏହି ସମ୍ମାନଜନକ ଲିଗ୍ ଚଳିତ ମାସ ୧୪ରୁ ୧୬ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍) ଫ୍ରାଞ୍ଚାଇଜ୍ ଫର୍ମାଟରେ ଅକ୍ସନ ପ୍ରକ୍ରିୟା ଅନୁଷ୍ଠିତ ହୋଇଥିଲା। ଚଳିତବର୍ଷ ପ୍ରତିଯୋଗିତାରେ ମୋଟ ୧୨ଟି ଫ୍ରାଞ୍ଚାଇଜ୍ ଦଳ ଅଂଶଗ୍ରହଣ କରିଛନ୍ତି। ଅକ୍ସନ ସମୟରେ ଖେଳାଳି, ପ୍ରାୟୋଜକ ଏବଂ ଆୟୋଜକମାନେ ଉପସ୍ଥିତ ରହିଥିଲେ।




ଆଇକନିକ୍ ଓଡ଼ିଶା ଚେସ୍ ପ୍ରିମିୟର ଲିଗ୍‌ର ଖେଳାଳି ନିଲାମ ପ୍ରକ୍ରିୟା ଅବସରରେ ଅତିଥି ଓ କର୍ମକର୍ତ୍ତା।

ଅକ୍ସନ ପୂର୍ବରୁ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପଦ୍ମଶ୍ରୀ ଇଡ଼ା ଆର୍‌ଏସ୍ଆଇ ପୁତ୍ର ମୁନାବା ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ସର୍ବଭାରତୀୟ ଚେସ୍ ଫେଡେରେଶନର ପରିଚାଳନା ମୁଖ୍ୟ ଅଜିତ କୁମାର ବର୍ମା, ଯୁଗ୍ମ ସମ୍ପାଦକ ମନୀଷ କୁମାର ଏବଂ ନିଲାମକାରୀ ଅଙ୍କିତ କୁମାର ଦଲାଲ ପ୍ରମୁଖ ଅନ୍ୟତମ ଅତିଥିଭାବେ ଉପସ୍ଥିତ ଥିଲେ। ଗ୍ରାଣ୍ଡମାଷ୍ଟର, ଅନ୍ତର୍ଜାତୀୟ ମାଷ୍ଟର ଏବଂ ଅନ୍ୟ ଟାଇଟଲଧାରୀଙ୍କ ସମେତ ଏପର୍ଯ୍ୟନ୍ତ ୨୩ ରାଜ୍ୟରୁ ୧୯୦ ଚେସ୍ ଖେଳାଳି ନାମ ପଞ୍ଜୀକୃତ କରି ସାରିଛନ୍ତି। ଏହା ମଧ୍ୟରେ ୯୦ ଜଣ ଓଡ଼ିଶା ଖେଳାଳି ସାମିଲ। ୧୨ଟି ଫ୍ରାଞ୍ଚାଇଜ୍ ଦଳରେ ୮ ଜଣ ଲେଖାଏ ଖେଳାଳି ରହିବେ। ପ୍ରତି ମ୍ୟାଚରେ ୬ ଜଣ ଖେଳାଳି ଖେଳିବେ ଏବଂ ଅବଶିଷ୍ଟ ୨ ଜଣ ଷ୍ଟାଣ୍ଡବାଇ ରହିବେ ବୋଲି ଦେବବ୍ରତ ସୂଚନା ଦେଇଛନ୍ତି। ଏହି କାର୍ଯ୍ୟକ୍ରମରେ ଆଇଏସ୍ଏଫ୍ ଟିମ୍‌ର ନିର୍ଦ୍ଦେଶକ ସଞ୍ଜୟ ଚୌଧୁରୀ, ନିର୍ଦ୍ଦେଶିକା ଚିଦାମ୍ବିକା ଖଟୁଆ ଏବଂ ଶେଖ ଅବଦୁଲ ସମିମ୍, ଜାତୀୟ ସଭାପତି ପ୍ରଦୀପ୍ତ ମହାନ୍ତି, ରାଜ୍ୟ ସଭାପତି ବିଭୁ ପ୍ରସାଦ ମିଶ୍ର, ରାଜ୍ୟ ସଚିବ ସଞ୍ଜୟ ଦାସ, ରାଜ୍ୟ ଆବାହକ ରାଶି ଅଗ୍ରୱାଲ୍, ଆଞ୍ଚଳିକ ପରିଚାଳକ ଦର୍ଶନ କୁମାର ବେହେରା ଏବଂ ଇଭେଣ୍ଟ ନିର୍ଦ୍ଦେଶକ ତଥା ଏଓସିଏ ସମ୍ପାଦକ ଦେବବ୍ରତ ଭଞ୍ଜ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରତିଯୋଗିତାରେ ଭାଗ ନେବାକୁ ଯାଉଥିବା ୧୨ ଦଳ ହେଲେ କୋଣାର୍କ କିଙ୍ଗ୍ସ, ତାଜ ଟାଇଟନ୍ସ, ଅମ୍ବର ଆଭେଞ୍ଜର୍ସ, ଫତେପୁର ଫାଲକନ୍ସ, ବାରବାଟୀ ବ୍ୟାଟଲର୍ସ, ଗୋଲକୋଣ୍ଡା ଗାର୍ଡିଆନ୍ସ, ଭିକ୍ଟୋରିଆ ଭିକ୍ଟର୍ସ, ଚାର୍ମିନାର ଚ୍ୟାଲେଞ୍ଜର୍ସ, ଏଲୋରା ଏଲିଟ୍ସ, ତୋଳ ଚାମ୍ପିୟନ୍ସ, ନାଳନ୍ଦା ନାଇଟ୍ସ ଓ ସାଞ୍ଚି ଷ୍ଟ୍ରାଟେଜିଷ୍ଟସ।

4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ